
# ପ୍ରସଙ୍ଗ



UTKAL PRASANGA

Vol. XLIV No. 2 Regd. No. O-05/88

Licence No. C. R. N. P. 5—Licensed to post without Pre-Payment

THE ORISSA STATE CO-OPERATIVE MARKETING FEDERATION LIMITED
STATION ROAD, BHUBANESWAR - 751006

* ଚାଷୀମାନଙ୍କୁ ସୁବିଧାରେ ସାର ଓ ପୋକମରା ଔଷଧ ଆଦି ଯୋଗାଇ ଦେବାପାଇଁ ରାଜ୍ୟ ସମବାୟ ବାଣିଜ୍ୟ ମ ସ ତରଫରୁ ସମଗ୍ର ରାଜ୍ୟରେ ୧ଶ ଶହରୁ ଊର୍ଦ୍ଧ୍ୱ ବିକ୍ରୟ କେନ୍ଦ୍ର ଖୋଲା ଯାଇଅଛି ।

* ସ୍ୱତନ୍ତ୍ର ଧାନ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହୋଇଥିବା ବ୍ଲକରେ ଜଣେ ଚାଷୀ ଶତକଡ଼ା ୫୦ ଭାଗ ରିହାତିରେ ସାର ଓ ଔଷଧ କିଣି ପାରିବେ । ଜଣେ ଚାଷୀ ସର୍ବୋଚ୍ଚ ଟ୧୦୦.୦୦ ପର୍ଯ୍ୟନ୍ତ ରିହାତି ପାଇ ପାରିବେ । ଏଥିପାଇଁ ସେ ଅତି କମ୍‌ରେ ଏକ ହେକ୍‌ଟର ଜମି ଚାଷ କରିଥିବା ଦରକାର ।

* କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁର ଜିଲ୍ଲାରେ ସ୍ୱତନ୍ତ୍ର ଖାଦ୍ୟ ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଜିଲ୍ଲାଗୁଡ଼ିକର ୧୧୬ଟି ବ୍ଲକରେ ଜଣେ ଚାଷୀ ୫୦ କେ. ଜି. ସି. ଏ. ଏନ୍. ଓ ୨ କେ. ଜି. ଅଣୁସାର କିଣିଲେ ଶତକଡ଼ା ୫୦ ଭାଗ ରିହାତି ପାଇବେ । ଏହି ରିହାତି ଜଣେ ଚାଷୀକୁ ଟ୧୦୦.୦୦ ପର୍ଯ୍ୟନ୍ତ ଦିଆଯାଇ ପାରିବ । ଏହି ବ୍ଲକରେ ଜଣେ ଚାଷୀ ହେକ୍‌ଟର ପ୍ରତି ୨୦୦ କେ. ଜି. ସୁପର ଓ ୧୦୦ କେ. ଜି. ସି. ଏ. ଏନ୍. ସାର କିଣିଲେ ସର୍ବୋଚ୍ଚ ୧୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ ।

* ସାର ଛଡ଼ା ଘାସମରା ଔଷଧ, ପୋକମରା ଔଷଧ, ସ୍ପ୍ରେୟାର ଓ ଡଷ୍ଟର ଇତ୍ୟାଦି କିଣିବାରେ ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ରିହାତି ଦିଆଯାଉଅଛି ।

* ଚାଷୀମାନେ ବାଣିଜ୍ୟ ମହାସଂଘର ଯେ କୌଣସି ବିକ୍ରୟ କେନ୍ଦ୍ରରୁ ସାର, ପୋକମରା ଔଷଧ, ଘାସମରା ଔଷଧ, ସ୍ପ୍ରେୟର ଓ ଡଷ୍ଟର ଇତ୍ୟାଦି କିଣିବାକୁ ପାଇବେ ।

* କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଆଦିବାସୀ ଓ ହରିଜନ ଚାଷୀମାନଙ୍କୁ ବିକ୍ରୟ କେନ୍ଦ୍ରମାନଙ୍କରୁ ଉପରୋକ୍ତ କୃଷି ସାମଗ୍ରୀ କିଣିବାପାଇଁ ଅଗ୍ରାଧିକାର ଦିଆଯାଉଛି ।

ଆପଣଙ୍କ ନିକଟସ୍ଥ ବିକ୍ରୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ରାଜ୍ୟ ସମବାୟ ବାଣିଜ୍ୟ
ମହାସଂଘ, ଓଡ଼ିଶା

PRINTED AT ORISSA GOVERNMENT PRESS, MADHUPATNA, CUTTACK-10





# ଉତ୍କଳ ପ୍ରସଙ୍ଗ

ଆଶ୍ୱିନ ୧୯୦୯ ଶକାବ୍ଦ ୪୪ ଭାଗ ତୃତୀୟ ସଂଖ୍ୟା ଅକ୍‌ଟୋବର ୧୯୮୮

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ସମର ବିକାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● **ପ୍ରଚ୍ଛଦପଟ**

ଶ୍ରୀ ଉଦୟ ନାରାୟଣ ଦେବ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦

ପ୍ରତି ଖଣ୍ଡ : ଟ ୨.୦୦


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଇଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଓଡ଼ିଶାର ବନ୍ୟଜନ୍ତୁ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଆମର ଅରଣ୍ୟ ସମ୍ପଦ | ଶ୍ରୀ ପ୍ରଦୀପ କୁମାର ମହାନ୍ତି | ୪ |
| ବନଦୁର୍ଗାଙ୍କ ଆବିର୍ଭାବ | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୭ |
| ସାମାଜିକ ବନୀକରଣ ଓ ଆମର କର୍ତ୍ତବ୍ୟ | ଶ୍ରୀ ଲକ୍ଷ୍ମୀକାନ୍ତ ପଟ୍ଟନାୟକ | ୯ |
| ଏକ ସାର୍ଥକ ସ୍ୱପ୍ନର କାହାଣୀ | ଚୌଧୁରୀ ଗୌରହରି ମିଶ୍ର | ୧୨ |
| ବିଚିତ୍ର ବିହଙ୍ଗ ବିଭବ ଚିଲିକା | ଶ୍ରୀ ଉଦୟ ନାରାୟଣ ଦେବ | ୧୫ |
| ଓଡ଼ିଶାରେ ପ୍ରୋଜେକ୍ଟ ବ୍ୟାଘ୍ର | ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ | ୧୯ |
| ପ୍ରାକୃତିକ ପରିବେଶ ଓ ଜଙ୍ଗଲ | ଶ୍ରୀ ବ୍ରହ୍ମାନନ୍ଦ ନାୟକ | ୨୨ |
| ଭିତର କନିକାର ଲୁଣାଜଙ୍ଗଲ ଓ ବନ୍ୟପ୍ରାଣୀ | ଶ୍ରୀ ନିମାଇଁ ଚରଣ ମହାନ୍ତି | ୨୫ |
| ବନ୍ୟପ୍ରାଣୀ ଦୃଷ୍ଟିର ସହାୟକ | ଶ୍ରୀ ବଳଭଦ୍ର ପ୍ରସାଦ ଦାସ | ୨୯ |
| ଅରଣ୍ୟ ସଂସ୍କୃତି | ଡକ୍ଟର କୃଷ୍ଣ ନନ୍ଦ | ୩୧ |
| ଓଡ଼ିଆ ଲୋକଗୀତରେ ଜୀବଜନ୍ତୁ | ଶ୍ରୀ ବିଜୟ କେତନ ପଟ୍ଟନାୟକ | ୩୪ |
| ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ | ଶ୍ରୀ ଦୁଃଖୀଶ୍ୟାମ ମହାପାତ୍ର | ୩୬ |
| ବାଘ ହାତୀଙ୍କର ଅଭିଭାବକ | ଡକ୍ଟର ଜଲ ଅଶ୍ୱିନୀ କୁମାର ସିଂହ | ୩୯ |
| ଓଡ଼ିଶାର ଘଡ଼ିଆଳ କୁମ୍ଭୀର | ଜେନାମଣି ଲକ୍ଷ୍ମୀକାନ୍ତ | ୪୩ |
| ପରିବେଶ ଓ ସାମାଜିକ ବନୀକରଣ | ଶ୍ରୀ ରମେଶ ନନ୍ଦ | ୪୫ |
| ବୈଷ୍ଣବ ପାଣି ଓ ଓଡ଼ିଆ ଯାତ୍ରା | ଶ୍ରୀ ବିଶ୍ୱେଶ୍ୱର ମହାନ୍ତି | ୪୭ |
| ସମୁଦ୍ର କଇଁଛ | ଡକ୍ଟର ସୁଧାକର କର | ୫୦ |
| ବନୀକରଣ ଓ ଗଣ ଆନ୍ଦୋଳନ | ଶ୍ରୀ ଭଗୀରଥୀ ବେହେରା | ୫୩ |
| ସାର୍ଥକ ସ୍ୱପ୍ନ | | ୫୫ |
| ସମ୍ବାଦ ପରିକ୍ରମା | | ୬୩ |
| ଓଡ଼ିଶାର ବିପନ୍ନ ସ୍ତନ୍ୟପାୟୀ ପ୍ରାଣୀ | ଶ୍ରୀ ବସନ୍ତ କୁମାର ବେହୁରା | ୬୩ |
| ବୃକ୍ଷ ମିତ୍ର ବୃନ୍ଦ ଗ୍ରାମ | ଡକ୍ଟର ନାରାୟଣ ହଜାରୀ | ୬୭ |
| | ଡକ୍ଟର ସୁବାସ ଚନ୍ଦ୍ର ହଜାରୀ | |
| ଖନନକାରୀ ପ୍ରାଣୀ | ଶ୍ରୀ ଭୁବନେଶ୍ୱର ସାମଲ | ୮୩ |
| ନନ୍ଦନକାନନ ଓ ପ୍ରାଣୀ ସଂରକ୍ଷଣ | ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି | ୮୬ |
| ପ୍ରତ୍ୟାହୃତ ମାନହାନି ବିଧାନ ଓ ଗଣମାଧ୍ୟମ | ଶ୍ରୀମତୀ ସ୍ମିତା ମିଶ୍ର | ୮୮ |
| ସଂସ୍କୃତ ସାହିତ୍ୟରେ ବୃକ୍ଷ | ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା | ୯୩ |
| ଆମ ମୌଖିକ ପ୍ରବଚନରେ ପଶୁପକ୍ଷୀ | ଡକ୍ଟର ଅଜୟ କୁମାର ମିଶ୍ର | ୯୬ |
| ବନ ଶ୍ରମିକ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ | ଶ୍ରୀ ଗୌରୀଶଙ୍କର ପାଢ଼ୀ | ୯୯ |
| ଓଡ଼ିଶାର ଲୁଣା ଜଙ୍ଗଲ | ଶ୍ରୀ ରାଜୀବଲୋଚନ ରଥ | ୧୦୬ |

# ମୋ ଦୃଷ୍ଟିରେ ....

ଶାରଦୀୟା' ଦୁର୍ଗା ପୂଜାରେ ଅଶେଷ ଅଭିନନ୍ଦନ ଜଣାଇ ଉତ୍କଳ ପ୍ରସଙ୍ଗ ଆତ୍ମପ୍ରକାଶ କରୁଅଛି ।

ଏହି ସଂଖ୍ୟାଟି ବନ ବିଶେଷାଙ୍କ ରୂପରେ ଓଡ଼ିଶାରେ ବନ୍ୟ ସଂରକ୍ଷଣ ତଥା ବନ୍ୟ ଜନ୍ତୁଙ୍କ ସମ୍ବନ୍ଧରେ ବିଶେଷ ପ୍ରବନ୍ଧ ଓ ଲେଖାରେ ସମୃଦ୍ଧ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କର "ଓଡ଼ିଶାର ବନ୍ୟଜନ୍ତୁ" ପ୍ରବନ୍ଧ ଏହି ସଂଖ୍ୟାର ମୁଖ୍ୟ ଆକର୍ଷଣ । ଓଡ଼ିଶା ଦିନେ ବନ୍ୟଜନ୍ତୁଙ୍କ ନିମନ୍ତେ ଖ୍ୟାତି ଲଭ କରିଥିଲା । କିନ୍ତୁ ମନୁଷ୍ୟର ଲାଳସାର ଫଳରେ ଆଜି ଓଡ଼ିଶାରେ ବନ୍ୟଜନ୍ତୁ ପ୍ରାୟ ନାହାନ୍ତି । ତେଣୁ ବନ୍ୟଜନ୍ତୁ-ମାନଙ୍କର ସଂରକ୍ଷଣ ତଥା ବୃଦ୍ଧି କିପରି ହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀଙ୍କର ଚିନ୍ତାଧାରା ସହିତ ପାଠକମାନେ ପରିଚିତ ହେବା ଉଚିତ ।

ଜଙ୍ଗଲ ଏବଂ ବୃକ୍ଷ ମନୁଷ୍ୟର ସ୍ଥିତି ଏବଂ କ୍ରମ ବିକାଶ ନିମନ୍ତେ ଏକାନ୍ତ ଆବଶ୍ୟକ । ଜଙ୍ଗଲର ପରିମାଣ ଉପରେ ସଭ୍ୟତା ନିର୍ଭର କରେ । ବୈଜ୍ଞାନିକମାନଙ୍କର କଳନାରୁ ଜଣାପଡ଼େ ଯେ ଜଙ୍ଗଲ ସହିତ ବୃଷ୍ଟିପାତ ଏବଂ ତଦ୍‌ଜନିତ ବନ୍ୟା ଓ ମରୁଡ଼ିର ନିଗୂଢ଼ ସଂପର୍କ ରହିଅଛି । ବିଗତ ତିରିଶ ବର୍ଷ ଭିତରେ ଜଙ୍ଗଲର କ୍ରମ କ୍ଷୟ ଯୋଗୁଁ ଓଡ଼ିଶାର ହାରାହାରି ବୃଷ୍ଟିପାତ ୧୪୮୨ ମି. ମି. ରୁ କମିକମି ୧୨୬୨ ମି. ମି. ହୋଇ ଯାଇଛି ଏବଂ ୧୯୫୧ରୁ ୧୯୮୫ ଭିତରେ ଓଡ଼ିଶାରେ ସତର ଥର ବନ୍ୟା ଆସିଛି । ଏହି ବୃଷ୍ଟିପାତ କ୍ରମେ କମି ଯାଉଥିବାରୁ ଓଡ଼ିଶାରେ ମରୁଡ଼ିର ପ୍ରକୋପ ବୃଦ୍ଧି ପାଇଅଛି ।

ତେଣୁ ଏହି ଦୁର୍ଗାପୂଜା ଉତ୍ସବରେ ଓଡ଼ିଆମାନେ ବନଦୁର୍ଗାଙ୍କୁ ପୂଜାକରି ତାଙ୍କଠାରୁ ଆଶୀଷ ଲଭ କରନ୍ତୁ ଏବଂ ସୁଖ ସମୃଦ୍ଧିର ଅଧିକାରୀ ହୁଅନ୍ତୁ—ଏହାହିଁ ଆମର କାମନା ।

ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ ॥


# ଓଡ଼ିଶାର ବନ୍ୟଜନ୍ତୁ



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ବିନ୍ୟଜନ୍ତୁମାନଙ୍କର ସୁରକ୍ଷା ପାଇଁ ବନ୍ୟପ୍ରାଣୀ ସପ୍ତାହ ପାଳନ କରାଯାଉଛି । ମନୁଷ୍ୟ ପାଇଁ ଜଙ୍ଗଲ ଯେପରି ଦରକାର, ସେହିପରି ବନ୍ୟଜନ୍ତୁ । ମନୁଷ୍ୟ, ବନ୍ୟଜନ୍ତୁ, ଜଙ୍ଗଲ, ସମସ୍ତଙ୍କୁ ଘେନି ଜୀବମଣ୍ଡଳର କଳ୍ପନା । ମନୁଷ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଲେ ମଧ୍ୟ ଏହା ପୃଥିବୀର ଏକ ଅନ୍ୟତମ ଜୀବ । ସମସ୍ତଙ୍କୁ ଧ୍ୱଂସ କରି ମନୁଷ୍ୟ ରହିବ, ଯଦି ଏପରି ଚିନ୍ତା କରାଯାଏ ତାହାହେଲେ ମନୁଷ୍ୟ ମଧ୍ୟ ନିଜେ ଦିନେ ଧ୍ୱଂସ ହୋଇଯିବ । ସମୁଦ୍ରର କୁର୍ମଠାରୁ ଆରମ୍ଭ କରି ଆକାଶର ବିହଙ୍ଗମ ପର୍ଯ୍ୟନ୍ତ ସମସ୍ତ ଜୀବ ଏହି ଜଗତର ପରିବେଶକୁ ଋଦ୍ଧିମନ୍ତ କରିଛନ୍ତି । କିନ୍ତୁ ପ୍ରାଣୀ ଜଗତର ଏହି ମୂଲ୍ୟବାନ୍ ସହାବସ୍ଥାନ ମନ୍ତ୍ରକୁ ଆଜି ମନୁଷ୍ୟ ଭୁଲିଯିବା ପାଇଁ ବସିଛି ।

ସଭ୍ୟତାର ବିସ୍ତାର ନାମରେ ଏହି ଗୋଟିଏ ଶତାବ୍ଦୀ ମଧ୍ୟରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ଯେତେ କ୍ଷୟ କରାଯାଇଛି ତାହା ପୂର୍ବରୁ ସୁଦୀର୍ଘ କାଳ ମଧ୍ୟରେ କେବେ ହୋଇ ନଥିଲା । ଖଣି, ଖଦାନ, କଳ କାରଖାନା, ସହର ବଜାର ବହୁ ମୂଲ୍ୟବାନ ଜଙ୍ଗଲକୁ ଗ୍ରାସ କରାଯାଉଛି । ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଜଙ୍ଗଲକୁ କାଟି ଆବାଦ କରାଯାଉଛି । ବହୁ ପାହାଡ ପର୍ବତ, ଯାହା ଦିନେ ବୃକ୍ଷ ଲତା ଗୁଳ୍ମରେ ପରିପୂର୍ଣ୍ଣ ଥିଲା, ତାହା ଟାଙ୍ଗର ଭୂମିରେ ପରିଣତ ହୋଇଛି । ଜଙ୍ଗଲ କ୍ଷୟ ସଙ୍ଗେ ସଙ୍ଗେ ସେହି ସବୁ ଜଙ୍ଗଲରୁ ବନ୍ୟଜନ୍ତୁ ଲୋପ ପାଇଯାଇଛନ୍ତି । ଆଧୁନିକ ମାରଣାସ୍ତ୍ର ସାହାଯ୍ୟରେ ତଥାକଥିତ ସଭ୍ୟ ଶିକାରୀ ଦଳ, ଯେଉଁ ସବୁ ବନ୍ୟଜନ୍ତୁ ଅଳ୍ପ କେତେକ ଜଙ୍ଗଲରେ ବାକୀ ଥିଲେ, ତାକୁ ପ୍ରାୟ ଶେଷ କରିବା ପାଇଁ ସଙ୍କଳ୍ପ ନେଇଛନ୍ତି । ଦାନ୍ତ ପାଇଁ ହାତୀ, ମୂଲ୍ୟବାନ ଚମଡ଼ା ପାଇଁ ବାଘ, ଶିଙ୍ଗ ଓ ଚମଡ଼ା ପାଇଁ ଗଣ୍ଡାର, ଶିଙ୍ଗ, ଚମଡ଼ା ଓ ମାଂସ ପାଇଁ ହରିଣ, ଖୋଳ ଓ ମାଂସ ପାଇଁ ସମୁଦ୍ର କଇଁଚ, ଉତ୍କୃଷ୍ଟ ଛାଲ ପାଇଁ କୁମ୍ଭୀର, ବିଭିନ୍ନ ପର ଓ ମାଂସ ପାଇଁ ପକ୍ଷୀମାନଙ୍କୁ ଅତି ବ୍ୟାପକ ଓ ନିଷ୍ଠୁର ଭାବରେ ଶିକାର କରାଯାଉଛି 'ଏବଂ' ଯେଉଁ ସବୁ ପଶୁ ପକ୍ଷୀ ଦିନେ ଗ୍ରାମ୍ୟ ଜଙ୍ଗଲରେ ମଧ୍ୟ ଦେଖାଯାଉଥିଲେ, ବର୍ତ୍ତମାନ ଅଭୟାରଣ୍ୟରେ ମଧ୍ୟ ସେମାନଙ୍କୁ ଦେଖିବାକୁ ମିଳୁନାହିଁ । ଦିନେ ସିଂହ ଭାରତର ସବୁ ଜଙ୍ଗଲରେ ଥିଲେ, ହାତୀ ଥିଲେ, ଚିତା ଥିଲେ, ଅରଣା ମଇଁଷି ଓ ଗଣ୍ଡାର ଥିଲେ, ସମ୍ବର, ମିରିଗ, ବାହୁଟିଆ ବହୁ ସଂଖ୍ୟାରେ ବୁଲୁଥିଲେ, ବର୍ତ୍ତମାନ ସେମାନଙ୍କ ସଂଖ୍ୟା ଲୋପ ହେବାକୁ ବସିଲାଣି । ଭାରତର ସବୁଆଡୁ ସିଂହ ଲୋପ ପାଇ କେବଳ ଗୁଜୁରାଟର ଗିର ଜଙ୍ଗଲର ଅଭୟାରଣ୍ୟରେ ରହିଛନ୍ତି । ଚିତା ଭାରତରୁ ସମ୍ପୂର୍ଣ୍ଣ ଭାବରେ ଲୁପ୍ତ । କେତେକ ରାଜ୍ୟରୁ ହାତୀ ଲୋପ ପାଇ ଯାଉଛନ୍ତି ଓ କେତେକ ରାଜ୍ୟରୁ ବାଘ । ଭାରତର ସବୁଠାରୁ ଅଧିକ ଜଙ୍ଗଲପୂର୍ଣ୍ଣ ରାଜ୍ୟ ମଧ୍ୟପ୍ରଦେଶ । ମାତ୍ର ସେଠାରେ ହାତୀ ନାହାନ୍ତି । ସେହିପରି ହାତୀ ନାହାନ୍ତି ମହାରାଷ୍ଟ୍ର, ଆନ୍ଧ୍ର, ହରିଆନା, ପଞ୍ଜାବ ପ୍ରଭୃତି ରାଜ୍ୟରେ । ଓଡ଼ିଶାରେ ଅରଣା ମଇଁଷି କେବଳ କୋରାପୁଟର ମାଲ୍‌କାନ୍‌ଗିରି ଅଞ୍ଚଳର ଜଙ୍ଗଲରେ ଅଛନ୍ତି, ଅନ୍ୟତ୍ର ଲୁପ୍ତ । ସେହିପରି ଗୋଟିଏ ପକ୍ଷୀ ଗ୍ରେଟ୍ ଇଣ୍ଡିଆନ୍ ବଷ୍ଟାର୍ଡ୍ । ଦିନେ ଓଡ଼ିଶା ଜଙ୍ଗଲରେ ମଧ୍ୟ ବହୁ ସଂଖ୍ୟାରେ ଥିଲେ । ବର୍ତ୍ତମାନ ଓଡ଼ିଶା ବା ଭାରତରେ କେଉଁଠି ନାହାନ୍ତି, କେବଳ ରାଜସ୍ଥାନ ମରୁଭୂମିର ଯଶଲ୍ମୀର୍




ଅଞ୍ଚଳରେ । ଗଣ୍ଡାର ପୂର୍ବେ ଓଡ଼ିଶାରେ ଥିଲେ । ବର୍ତ୍ତମାନ କେବଳ ଆସାମ ଓ ବଙ୍ଗଳାର ଦୁଇଟି ଅଭୟାରଣ୍ୟ ମଧ୍ୟରେ ସୀମାବଦ୍ଧ । ଏହି ଶତାବ୍ଦୀ ଆରମ୍ଭରେ ଭାରତରେ ବାଘଙ୍କର ସଂଖ୍ୟା ଥିଲା ୪୦ ହଜାର । ବର୍ତ୍ତମାନ ସେମାନଙ୍କ ସଂଖ୍ୟା ମାତ୍ର ଦୁଇ ହଜାରରୁ ଅଳ୍ପ ବେଶୀ । କେବଳ

ଅଭୟାରଣ୍ୟ ଘୋଷିତ ହୋଇଥିବା ଯୋଗୁଁ ସେମାନେ ବଞ୍ଚିଛନ୍ତି । ମୃଗ ଜାତୀୟ ପଶୁମାନଙ୍କ ସଂଖ୍ୟା ଅତି ଦ୍ରୁତ ଗତିରେ କମିବାରେ ଲାଗିଛି । ବାଲିହରିଣ ବା କୃଷ୍ଣସାର ଦୁଇ ତିନୋଟି ସ୍ଥାନରେ ମାତ୍ର ଅଳ୍ପ ସଂଖ୍ୟାରେ ଅଛନ୍ତି । ଚିଲିକାରେ ଯେତେ ପକ୍ଷୀ ଆସୁଥିଲେ, ବ୍ୟାପକ ଶିକାର ଯୋଗୁଁ ଆଉ ଆସୁନାହାନ୍ତି ।

ବିଚିତ୍ର ବର୍ଣ୍ଣର ବିଭା, ସ୍ୱରର ଝଙ୍କାର, ବେଗ ଓ ଗତିର ବୈଶିଷ୍ଟ୍ୟ ପାଇଁ ପଶୁ, ପକ୍ଷୀ ଓ ସରୀସୃପମାନଙ୍କର ପ୍ରସିଦ୍ଧି । ଆମର କାବ୍ୟ, ସଙ୍ଗୀତ, ନାଟକ, ଗଳ୍ପ ସାହିତ୍ୟରେ ପଶୁପକ୍ଷୀମାନଙ୍କୁ ମନୁଷ୍ୟ ପରି ଚିତ୍ରଣ କରାଯାଇଛି ଓ ମନୁଷ୍ୟୋଚିତ ଗୁଣରେ ସେମାନଙ୍କୁ ଭୂଷିତ କରାଯାଉଛି । ସଙ୍ଗୀତର ସପ୍ତସ୍ୱର ପଶୁପକ୍ଷୀମାନଙ୍କ ଠାରୁ ଆସିଛି । ଯଥା: ମୟୂର ଠାରୁ ଷଡ଼ଜ ଓ କୋକିଳ ଠାରୁ ପଞ୍ଚମ । ବିଭିନ୍ନ ରାଗ—ଯଥା ଶାର୍ଦ୍ଦୁଳ ବିକ୍ରୀଡ଼ିତ, ରାଜହଂସ କେଦାର । ଗଜ ଏବଂ ହଂସର ଗତି, ସିଂହର ଠାଣି, ବକର ଏକାଗ୍ରତା, କୁରଙ୍ଗର ଦୃଷ୍ଟି, ଆମର ଛନ୍ଦୋମୟ କାବ୍ୟ କବିତାରେ ଉପମାର ବସ୍ତୁ ହୋଇ ରହିଛି । ବିଷ୍ଣୁ ସହସ୍ରନାମରେ ଭଗବାନଙ୍କୁ ପଶୁ ଓ ପକ୍ଷୀ ରୂପେ ଚିତ୍ରଣ କରାଯାଇଛି । ଯଥା: ହଂସ ଓ ସିଂହ । 'ମରୀଚିର୍ଦ୍ଦମନହଂସଃ' ଏବଂ 'ସିଂହଭୂତୋ ମହେଶ୍ୱରଃ' । ବିଷ୍ଣୁଶର୍ମାକୃତ ହିତୋପଦେଶ ଓ ପଞ୍ଚତନ୍ତ୍ରରେ ପଶୁ ପକ୍ଷୀମାନେ ମନୁଷ୍ୟ ପରି କଥାଭାଷା କରୁଛନ୍ତି ଓ ସେମାନଙ୍କର ସ୍ନେହ, ମୈତ୍ରୀ, ଅନୁକମ୍ପା ଆଦି ଗୁଣ, ଆତ୍ମରକ୍ଷା ପାଇଁ ଏକତା ଓ ରଣ କୌଶଳ ଜରିଆରେ ମନୁଷ୍ୟ ସମାଜକୁ ଧର୍ମନୀତି ଓ ରାଜନୀତିର ଶିକ୍ଷା ଦିଆଯାଉଛି । ଦମୟନ୍ତୀ ଓ ନଳଙ୍କ ମଧ୍ୟରେ ହଂସ ହେଉଛି ପ୍ରେମ ଓ ପ୍ରଣୟର ଦୂତ । ପଶୁ, ପକ୍ଷୀ, ସରୀସୃପ ନରହିଲେ ଆମର କୌଣସି ଲୋକଗୀତ ସଜାଡ ହୁଏ ନାହିଁ । ପଣାର ମଣିରେ ଜଳୁଥିବା ସାପ, ଗଛର କୋଡ଼ରେ ନିଜର ଛୁଆମାନଙ୍କ ସାଙ୍ଗରେ ଥିବା ଶଙ୍ଖଚିଲ, ଭଦଭଦଳିଆ ପକ୍ଷୀ ଏମାନେ ଏକ ସରସ ଲୋକଗୀତରେ ନିଶ୍ଚୟ ଥିବା ଦରକାର । ସେହିପରି ଚିତ୍ର ଓ ଭାସ୍କର୍ଯ୍ୟରେ ଶୁଆ, ହଂସ, ହାତୀ, ବାଘ, ସିଂହ, ହରିଣ—ଏପରିକି ଓଟ ଓ ଜିରାଫ୍ ।

ଯେଉଁ ବନ୍ୟଜନ୍ତୁମାନଙ୍କୁ ମନୁଷ୍ୟ ସମାଜର ପ୍ରିୟ କରିବା ପାଇଁ ସଭ୍ୟତାର ସମସ୍ତ ସୃଷ୍ଟିରେ ଏପରି ଉଦ୍ୟମ କରାଯାଉଛି, ଆଜି ସଭ୍ୟ ମନୁଷ୍ୟର ହାତରେ ସେ ବନ୍ୟଜନ୍ତୁମାନେ ଲୁପ୍ତ ହେବା ପାଇଁ ବସିଛନ୍ତି । ପ୍ରାଚୀନ କାଳରେ ଋଷିମାନଙ୍କର ଆଶ୍ରମ ଥିଲା ଅଭୟ ଅରଣ୍ୟ । ବର୍ତ୍ତମାନ ଆଇନ କରି ଅଭୟ ଅରଣ୍ୟ ସୃଷ୍ଟି କରାଯାଉଛି । କେତେକ ଜାତୀୟ ପଶୁ ପକ୍ଷୀଙ୍କୁ କେହି ମାରି ପାରିବେ ନାହିଁ ବୋଲି ଆଇନ କରାଯାଉଛି । ଚିଲିକାରେ ପକ୍ଷୀ ଶିକାର ମନା, ରାଜନଗରର ସମୁଦ୍ର କୂଳକୁ ହଜାର ହଜାର ସଂଖ୍ୟାରେ ଆସୁଥିବା ସମୁଦ୍ର କଇଁଚ ଶିକାର ମନା, ଭିତିର ଜଙ୍ଗଲରେ ହାତୀ, ବାଘ, ହରିଣ ଆଦିଙ୍କୁ ଶିକାର କରିବାକୁ ମନା କରାଯାଇଥିଲେ ମଧ୍ୟ ତଥାକଥିତ ଭଦ୍ର ଶିକାରୀ ଓ ଶିକାରକୁ ଅଭ୍ୟାସରେ ପରିଣତ କରିଥିବା ଲୋକଙ୍କର ସଂଖ୍ୟା କମ୍ ନୁହେଁ । ଏହି ଶ୍ରେଣୀର ବ୍ୟକ୍ତିମାନେ କେବଳ ବନ୍ୟଜନ୍ତୁଙ୍କର ଶତ୍ରୁ ନୁହନ୍ତି, ସମଗ୍ର ମାନବ ସମାଜର ଶତ୍ରୁ । ଜନସାଧାରଣଙ୍କ ମଧ୍ୟରେ ଚେତନା ଓ ଜାଗରଣ ନହେଲେ ବନ ବା ବନ୍ୟଜନ୍ତୁଙ୍କର ଧ୍ୱଂସ ବନ୍ଦ କରାଯାଇ ପାରିବ ନାହିଁ । ତେଣୁ ଓଡ଼ିଶାର ଅଦ୍ୱିତୀୟ ଓ ଅମୂଲ୍ୟ ବନ୍ୟଜନ୍ତୁ ସମ୍ପଦ, ଯାହାକି ଏବେ ମଧ୍ୟ ଅଛି, ତାହାର ସୁରକ୍ଷା କରିବା ଓ ସୁରକ୍ଷା କାର୍ଯ୍ୟରେ ସରକାରଙ୍କ ସହିତ ସହଯୋଗ କରିବା ସମସ୍ତଙ୍କର କର୍ତ୍ତବ୍ୟ ।





# ଓଡ଼ିଶା ଆଜି ଭାରତର ଏକ ପଛୁଆ, ଅଭିଶପ୍ତ ରାଜ୍ୟ ନୁହେଁ । ଏହା ନୂତନ ଶକ୍ତି, ନୂତନ ତେଜ, ନୂତନ ବେଗରେ ଏକ ଆଗୁଆନ ରାଜ୍ୟ ।




● ଯେଉଁ କେତୋଟି ମହତ୍ତ୍ୱପୂର୍ଣ୍ଣ ସୋପାନ ଅତିକ୍ରମ କରାଯାଇଛି ତାହାର କିଛି ଝଲକ :

- ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଲୋକସଂଖ୍ୟା ଶତକଡ଼ା ୬୬ ଭାଗରୁ ଶତକଡ଼ା 42 ଭାଗକୁ କମିଛି ।
- ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଜରିଆରେ 17ଲକ୍ଷରୁ ଅଧିକ ଆଦିବାସୀ ଓ ହରିଜନ ଏବଂ ଅନ୍ୟାନ୍ୟ 1୬ ଲକ୍ଷ ପରିବାରଙ୍କର ଭାଗ୍ୟ ପରିବର୍ତ୍ତନ ହୋଇପାରିଛି ।
- ଖାଦ୍ୟଶସ୍ୟ ଉତ୍ପାଦନ 57 ଲକ୍ଷ ଟନ୍‌ରୁ 70 ଲକ୍ଷ ଟନ୍‌କୁ ବୃଦ୍ଧି ପାଇଛି ।
- 1୨ ଲକ୍ଷ ହେକ୍ଟର ଜମିରେ ଜଳସେଚନର ବ୍ୟବସ୍ଥା କରାଯାଇଛି ।
- ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ କାରଖାନାର ସଂଖ୍ୟା 57ରୁ 18୨କୁ ଏବଂ କ୍ଷୁଦ୍ରଶିଳ୍ପର ସଂଖ୍ୟା ମାତ୍ର ୨ ହଜାରରୁ 32 ହଜାରକୁ ବୃଦ୍ଧି ପାଇଛି ।
- ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କ୍ଷମତା 1,3୨4 ମେଗାୱାଟକୁ ବୃଦ୍ଧି ପାଇଛି ।
- ପ୍ରାୟ ସମସ୍ତ ଜଳକ୍ଳିଷ୍ଟ ଗ୍ରାମକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇଛି ।
- ରାସ୍ତାଘାଟ, ପୋଲ, ସ୍କୁଲଗୃହ, ଆଦିବାସୀ, ହରିଜନ ଓ ଗରିବ ଲୋକଙ୍କ ପାଇଁ ବାସଗୃହ ନିର୍ମାଣ କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ସାଧିତ ହୋଇଛି ।
- ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଓଡ଼ିଶାର ଜାତୀୟ ସ୍ୱାଭିମାନ ପ୍ରତିଷ୍ଠା କରାଯାଇଛି ।
- ଶିକ୍ଷା, କ୍ରୀଡ଼ା କସରତ୍ ଓ ପର୍ଯ୍ୟଟନର ବିକାଶ ପାଇଁ ଏକ ନୂତନ ଦିଗର ଉନ୍ମୋଚିତ ହୋଇଛି ।

## ବୈପ୍ଳବିକ ପରିବର୍ତ୍ତନ ବାର୍ତ୍ତାବହ





ଓଡ଼ିଶା
ଭାରତର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ । ଏହି ସ୍ୱପ୍ନକୁ ସାର୍ଥକ କରିବା ଆମେ, ଓଡ଼ିଶାବାସୀ ।

# ଆମର ଅରଣ୍ୟ ସମ୍ପଦ

**ଶ୍ରୀ ପ୍ରଦୀପ କୁମାର ମହାନ୍ତ**

ଜୀବ ବିନା ପ୍ରାଣୀ ଜଗତର ସ୍ଥିତି ଅସମ୍ଭବ, ଏହା ବୁଝାଇବା ଅନାବଶ୍ୟକ । ବନ ହିଁ ମାନବ ଜୀବନର ନିରାପତ୍ତାର ଅନପୂରକ । ଜଙ୍ଗଲ କ୍ଷୟ-ବୃଦ୍ଧି ଉପରେ ଆମର ଜୀବନର ସ୍ୱାଚ୍ଛନ୍ଦ୍ୟ ଓ ନିରାପତ୍ତା ନିର୍ଭର କରେ । ଯେଉଁ ଦେଶରେ ଅଧିକ ଜଙ୍ଗଲ ଅଛି, ସେ ଦେଶର ଲୋକମାନଙ୍କର ଦୈନନ୍ଦିନ ଜୀବନ ପ୍ରଣାଳୀ ସ୍ୱାଭାବିକ, ଅଧିକ ସରସ, ସୁନ୍ଦର ଓ ସହଜସାଧ୍ୟ ହୋଇଥାଏ । ଜଙ୍ଗଲ କମିଗଲେ ମଣିଷର ଜୀବନ ବିପନ୍ନ ହୁଏ । ଜଙ୍ଗଲ ସଂପୂର୍ଣ୍ଣ ଧ୍ୱଂସ ପାଇବାରୁ ମରୁଭୂମିରେ ପରିଣତ ଦକ୍ଷିଣ ଆଫ୍ରିକାର ଇଥିଓପିଆ ଅଞ୍ଚଳ ଏହାର ଜ୍ୱଳନ୍ତ ଉଦାହରଣ । ଜଙ୍ଗଲକ୍ଷୟରୁ ହିଁ ଏହା ମରୁଭୂମିରେ ପରିଣତ ହୋଇଛି ଓ ହଜାର ହଜାର ମଣିଷ, ଗୋରୁଗାଈ ଓ ଅନ୍ୟାନ୍ୟ ପ୍ରାଣୀ ମୃତ୍ୟୁ ମୁଖରେ ପଡ଼ୁଛନ୍ତି ।

ଜଙ୍ଗଲ ଉପରେ ଆମେ କିପରି ନିର୍ଭର କରୁ, ତାହାର ଏକ ସମ୍ୟକ ଉଦାହରଣ ଦିଆଯାଇ ପାରେ । ଆମ ଦେଶରେ ବର୍ଷକୁ ୧୩୩୦ ଲକ୍ଷ ଟନ୍ ଜାଳେଣି କାଠର ଆବଶ୍ୟକତା ଥିଲା ବେଳେ, ଜଙ୍ଗଲରୁ କେବଳ ୩୯୦ ଲକ୍ଷ ଟନ୍ ପାଇ ପାରୁଛେଁ । ସେହିପରି ଗୋଖାଦ୍ୟ ପାଇଁ ୭୦୦୦ ଲକ୍ଷ ଟନ୍ ଘାସପତ୍ରର ଆବଶ୍ୟକତା ସ୍ଥଳେ ଆମେ ୫୪୦୦ ଲକ୍ଷ ଟନ୍ ପାଉଛେଁ । ଆମ ରାଜ୍ୟରେ ବର୍ଷକୁ ୭୦ ଲକ୍ଷ ଟନ୍ ଜାଳେଣି କାଠର ଆବଶ୍ୟକତା ସ୍ଥଳେ ଆମେ ଆମର ଜଙ୍ଗଲରୁ ମାତ୍ର ୬'୫ ଲକ୍ଷ ଟନ୍ ଜାଳେଣି କାଠ ମିଳୁଛି ।

୧୯୭୭ ମସିହାରେ ସମଗ୍ର ପୃଥିବୀରେ ୪୦,୭୭୦ ଲକ୍ଷ ହେକ୍ଟର ଜଙ୍ଗଲ ଥିଲା ଓ ଏହା ଜଣପ୍ରତି ଏକ ହେକ୍ଟର । କାନାଡ଼ା, ଅଷ୍ଟ୍ରେଲିଆ, ଋଷିଆ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଯଥାକ୍ରମେ ୩୨୬୦, ୧୦୭୦, ୯୨୦୦ ଓ ୨୯୦୦ ଲକ୍ଷ ହେକ୍ଟର ଜଙ୍ଗଲ ଥିଲା ଏବଂ ତାହା ଜଣପ୍ରତି ଯଥାକ୍ରମେ ୧୪'୨, ୭'୬, ୩'୬ ଓ ୧'୩ ହେକ୍ଟର । ଏ ତୁଳନାରେ ଭାରତରେ ୭୫୦ ଲକ୍ଷ ହେକ୍ଟର ଜଙ୍ଗଲ ଥିଲା ଏବଂ ଏହା ଜଣପ୍ରତି ଏକ ହେକ୍ଟରର ଏକାଦଶମାଂଶ ।

(ଆମ ଦେଶର ସମଗ୍ର ଭୌଗଳିକ ଅଞ୍ଚଳର ଶତକଡ଼ା ୪୬ କୃଷି ଜମି, ଶତକଡ଼ା ୨୨'୮ ଜଙ୍ଗଲ ଜମି ଓ ଶତକଡ଼ା ୧୧'୬ ଋଷ ଅନୁପଯୋଗୀ ଜମି । )

ଉପରୋକ୍ତ ବିବରଣୀରୁ ଜଣାପଡ଼ୁଛି କି ଆମ ଦେଶରେ ଜଙ୍ଗଲର ପରିମାଣ ଅନ୍ୟାନ୍ୟ ଦେଶ ତୁଳନାରେ ଆଶାତୀତ ଭାବରେ କମ୍ ନ ହେଲେ ହେଁ ବ୍ୟକ୍ତିପିଛା ଜଙ୍ଗଲ ପରିମାଣ ସର୍ବନିମ୍ନ । ଆମ ରାଜ୍ୟରେ ଏହି ସମୟରେ ୬୭.୯୩ ଲକ୍ଷ ହେକ୍ଟର ଜଙ୍ଗଲ ଥିଲା ଏବଂ ଜଣପ୍ରତି ଜଙ୍ଗଲର ପରିମାଣ ଥିଲା ୦'୨୮ ହେକ୍ଟର ।

ପ୍ରତିବର୍ଷ କେତେ ପରିମାଣର ଜଙ୍ଗଲ ନଷ୍ଟ ହେଉଛି ତାହା ସର୍ବସାଧାରଣଙ୍କୁ ଅଜଣା ନାହିଁ । ସରକାରୀ ହିସାବରୁ ଯାହା ଜଣାପଡ଼ୁଛି, ୧୯୭୬-୭୭ ମସିହା ପରେ ୪/୫ ବର୍ଷ ମଧ୍ୟରେ ଅର୍ଥାତ୍ ୧୯୮୦-୮୧ ବେଳକୁ ଆମ ରାଜ୍ୟର ଜଙ୍ଗଲ ୬୮ ଲକ୍ଷ ହେକ୍ଟରରୁ ୬୦ ଲକ୍ଷ ହେକ୍ଟରକୁ ଖସି ଆସିଥିଲା । ଏ ଭିତରେ ଜଙ୍ଗଲର ଆୟତନ ଆହୁରି କମ୍ ହୋଇ ଗଲଣି । ୧୯୮୦-୮୧ ମସିହାରେ ଜିଲ୍ଲାୱାରୀ ଜଙ୍ଗଲ ନିମ୍ନ ପ୍ରକାରେ ଥିଲା ।

### ଜିଲ୍ଲାୱାରୀ ଜଙ୍ଗଲ ଆୟତନ

| କ୍ର. ସଂ. | ଜିଲ୍ଲାର ନାମ | ମୋଟ ଜଙ୍ଗଲ ଆୟତନ (ହେକ୍ଟର) | ଜଣପ୍ରତି ଜଙ୍ଗଲ ଆୟତନ (ହେକ୍ଟର) |
|---|---|---|---|
| ୧. | ବାଲେଶ୍ୱର | 40240 | 0·01 |
| ୨. | ବଲାଙ୍ଗୀର | 217515 | 0·14 |
| ୩. | କଟକ | 147425 | 0·03 |
| ୪. | ଢେଙ୍କାନାଳ | 495474 | 0·31 |
| ୫. | ଗଞ୍ଜାମ | 701167 | 0·26 |
| ୬. | କଳାହାଣ୍ଡି | 581673 | 0·43 |

| | | | |
|---|---|---|---|
| ୭. | କେନ୍ଦୁଝର | 249701 | 0·22 |
| ୮. | କୋରାପୁଟ | 1221945 | 0·49 |
| ୯. | ମୟୂରଭଞ୍ଜ | 474945 | 0·30 |
| ୧୦. | ଫୁଲବାଣୀ | 585606 | 0·82 |
| ୧୧. | ପୁରୀ | 326879 | 0·11 |
| ୧୨. | ସମ୍ବଲପୁର | 600268 | 0·26 |
| ୧୩. | ସୁନ୍ଦରଗଡ଼ | 353492 | 0·26 |
| | ସମୁଦାୟ ରାଜ୍ୟ | 5996330 | 0·22 |

କ୍ଷୟପ୍ରାପ୍ତ ଜଙ୍ଗଲ ବ୍ୟତୀତ ବାଲି, ପଥୁରିଆ ଜମି, ସମୁଦ୍ରକୂଳିଆ ତଥା ଅନ୍ୟାନ୍ୟ ଅଞ୍ଚଳରେ ଜଳ ଓ କର୍ଦ୍ଦମାସିକ୍ତ ପତିତ-ଜମି ବହୁତ ଅଛି ଯେଉଁଥିରେକି କୃଷି ଫସଲ କରିହେବ ନାହିଁ..। ଏଥିରେ ଉପଯୁକ୍ତ କିସମର ଜଙ୍ଗଲ ସୃଷ୍ଟି କରାଯାଇ ପାରେ ।

କେଉଁ ପ୍ରଦେଶରେ କେତେ ପରିମାଣର ଏପରି ପତିତ ଜମି ଅଛି, ତାହା ନିମ୍ନ ବିବରଣୀରୁ ଜଣାପଡ଼ିବ ।

| ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନାମ | ମୋଟ ପତିତ ଜମିର ଆୟତନ (ଲକ୍ଷ ହେକ୍ଟର) |
|---|---|
| ଆନ୍ଧ୍ର ପ୍ରଦେଶ .. | 114·11 |
| ଆସାମ .. | 17·30 |
| ବିହାର .. | 54·58 |
| ଗୁଜୁରାଟ .. | 78·36 |
| ହରିଆନା . | 24·78 |
| ହିମାଚଳ ପ୍ରଦେଶ .. | 19·58 |
| ଜାମ୍ମୁ ଓ କାଶ୍ମୀର .. | 15·65 |
| କର୍ଣାଟକ .. | 91·65 |
| କେରଳ .. | 12·79 |
| ମଧ୍ୟ ପ୍ରଦେଶ .. | 201·42 |
| ମହାରାଷ୍ଟ୍ର .. | 144·01 |
| ମଣିପୁର .. | 14·38 |
| ମେଘାଳୟ .. | 19·18 |
| ନାଗାଲାଣ୍ଡ .. | 13·86 |
| ଓଡ଼ିଶା .. | 63·84 |
| ପଞ୍ଜାବ .. | 12·30 |
| ରାଜସ୍ଥାନ .. | 199·34 |
| ସିକିମ୍ .. | 2·81 |
| ତାମିଲନାଡୁ .. | 44·01 |
| ତ୍ରିପୁରା .. | 9·73 |
| ଉତ୍ତର ପ୍ରଦେଶ .. | 80·61 |
| ପଶ୍ଚିମବଙ୍ଗ .. | 25·36 |
| କେନ୍ଦ୍ରଶାସିତ ଅଞ୍ଚଳ .. | 35·04 |
| ମୋଟ୍ .. | 12,95·80 |

ଆମ ରାଜ୍ୟରେ ପତିତ ଜଙ୍ଗଲରେ ବୃକ୍ଷରୋପଣ ତଥା କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର ଆଦି ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସର୍ବସାଧାରଣ ନିଜ ଉଦ୍ୟମରେ ଜଙ୍ଗଲ ସୃଷ୍ଟି କରିବାକୁ ସରକାର ମାଗଣାରେ ଚାରା ବଣ୍ଟନ କରୁଛନ୍ତି । ନିମ୍ନଲିଖିତ ବିବରଣୀରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ବିଷୟରେ ସମ୍ୟକ୍ ଧାରଣା କରିହେବ ।

| ଯୋଜନା ସମୟ | ବୃକ୍ଷରୋପଣ (ହେକ୍ଟର) | କ୍ଷୟପ୍ରାପ୍ତ ଜଙ୍ଗଲର ପୁନରୁଦ୍ଧାର (ହେକ୍ଟର) | ମାଗଣାରେ ଚାରା ବଣ୍ଟନ (ଲକ୍ଷ ଚାରା) |
|---|---|---|---|
| ପ୍ରଥମ ୫ଟି ଯୋଜନା ସମୟ : | .. 2,03·788 | 8981 | 27·60 |
| ଷଷ୍ଠ ଯୋଜନା : | 1.59·925 | 50909 | 469·28 |
| ସପ୍ତମ ଯୋଜନା: | | | |
| 1985-86 | .. 38,455·5 | 37775 | 140·35 |
| 1986-87 | .. 47,351 | 40822 | 188·27 |
| 1987-88 | .. 50,357·5 | 28245 | 177·15 |
| 1988-89 (ପ୍ରସ୍ତାବିତ) | .. 61,596 | 61650 | 155·00 |

ଏତଦ୍‌ବ୍ୟତୀତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ବୃକ୍ଷରୋପଣ ନିଗମ ସୃଷ୍ଟି କରାଯାଇଅଛି । ସ୍ୱିଡେନ୍ ସରକାରଙ୍କ ସହାୟତାରେ ସାମାଜିକ ବନ ପ୍ରକଳ୍ପ ଜରିଆରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସଂପାଦନ କରାଯାଇଅଛି । ଏହି ଯୋଜନାର ପ୍ରଥମ ପାଞ୍ଚ ବର୍ଷରେ (୧୯୮୩—୮୮) ୨୨.୧୬ କୋଟି ଟଙ୍କା ଖର୍ଚ୍ଚ

କରାଯାଇଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ (୧୯୮୮—୯୩-) ୭୮୩୪୫ କୋଟି ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି । ଚଳିତ ବର୍ଷଠାରୁ ବୃକ୍ଷରୋପଣ ନିଗମ, ବନ ନିଗମ ଓ ସିମିଳିପାଳ ବନ ଉନ୍ନୟନ ନିଗମ ବ୍ୟବସାୟିକ ଭିତ୍ତିରେ ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ଜଙ୍ଗଲ ସଂପଦର କ୍ଷୟ ରୋକିବାର ଆବଶ୍ୟକତା ସର୍ବସାଧାରଣ ଜାଣୁଛନ୍ତି, ଉପଲବ୍ଧି କରୁଛନ୍ତି, ମାତ୍ର ଜଙ୍ଗଲ ନଷ୍ଟ କରୁଥିବା ବ୍ୟକ୍ତିଙ୍କୁ ଧରାଇ ଦେବା ଦିଗରେ ବିଶେଷ ତତ୍ପରତା ଦେଖାଇ ନାହାନ୍ତି । ତେବେ, ବହୁ ସ୍ଥାନରେ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲର ସୁରକ୍ଷା ଦିଗରେ ଗ୍ରାମବାସୀମାନେ ଆଗ୍ରହ ପ୍ରକାଶ କଲେଣି । ଲୋକମାନଙ୍କୁ ଏ ଦିଗରେ ଉତ୍ସାହିତ କରିବାକୁ ଏବଂ ପ୍ରେରଣା ଯୋଗାଇବା ପାଇଁ ସରକାର ନିମ୍ନଲିଖିତ ଜନହିତକର ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

## ବନବନ୍ଧୁ ପୁରସ୍କାର

ଜଙ୍ଗଲର ସୁରକ୍ଷା ଦିଗରେ ସର୍ବସାଧାରଣଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସରକାର 'ବନବନ୍ଧୁ' ପୁରସ୍କାର ପ୍ରଦାନ ନିମିତ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ପୁରସ୍କାର ଟେରିଟୋରିଆଲ ସର୍କଲ ସ୍ତରରେ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ତଥା ସଂଗଠନମାନଙ୍କର ଜଙ୍ଗଲ ସୁରକ୍ଷା ଦିଗରେ କୃତିତ୍ୱକୁ ଲକ୍ଷ୍ୟ ରଖି ତିନୋଟି ପୁରସ୍କାର ପ୍ରଦାନ କରାଯିବ । ପ୍ରଥମ ପୁରସ୍କାରର ପରିମାଣ ୫୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୩୦୦୦ ଟଙ୍କା ଓ ତୃତୀୟ ପୁରସ୍କାର ୨୦୦୦ ଟଙ୍କା ଅଟେ । ପ୍ରତିବର୍ଷ ବନ ମହୋତ୍ସବ ଦିବସରେ ଏହି ପୁରସ୍କାର ବିତରଣ କରାଯିବ ।

## ପଥପାର୍ଶ୍ୱ ବୃକ୍ଷରୋପଣଗୁଡ଼ିକର ଜନସାଧାରଣଙ୍କ ଦ୍ୱାରା ରକ୍ଷଣାବେକ୍ଷଣ:—

ପଥପାର୍ଶ୍ୱ ବୃକ୍ଷରୋପଣ ଗୁଡ଼ିକର ସୁରକ୍ଷା ଦାୟିତ୍ୱ ନିକଟବର୍ତ୍ତୀ ଗ୍ରାମବାସୀମାନେ ଗ୍ରହଣ କରି ସଂପୃକ୍ତ ବୃକ୍ଷ ରୋପଣରୁ ଜାଳେଣି କାଠ, ଗୃହୋପକରଣ ଓ କୃଷୋପଯୋଗୀ କାଠ ଇତ୍ୟାଦି ସୁବିଧାରେ ପାଇବା ନିମିତ୍ତ ସରକାର ଏକ ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ରାଜ୍ୟର ବିଭିନ୍ନ ବିଭାଗ ଜରିଆରେ କରାଯାଇଥିବା ପଥପାର୍ଶ୍ୱ ବୃକ୍ଷରୋପଣଗୁଡ଼ିକ ସଂପୃକ୍ତ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯିବ । ଗ୍ରାମପଞ୍ଚାୟତମାନଙ୍କ ଜରିଆରେ ଗ୍ରାମସଭାମାନ ଆହ୍ୱାନ କରି ଏ ସଂପର୍କରେ ଲୋକମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯିବ । ରାଜ୍ୟ ସରକାର କରୁଥିବା ପଥପାର୍ଶ୍ୱ ବୃକ୍ଷରୋପଣଗୁଡ଼ିକ ତିନି ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ ଏବଂ ତା'ପରେ ହିଁ ଏହା ସଂପୃକ୍ତ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯିବ । ଗ୍ରାମପଞ୍ଚାୟତମାନେ ଏହି ବୃକ୍ଷରୋପଣଗୁଡ଼ିକୁ ଜବର ଦଖଲରୁ ମୁକ୍ତ ରଖିବେ ଓ ଏହାର ସାଧାରଣ ପାରିପାର୍ଶ୍ୱିକ ଅବସ୍ଥାରେ ଅବନତି ହେବାକୁ ଦେବେନାହିଁ । ବୃକ୍ଷରୋପଣଗୁଡ଼ିକର ଯଥୋଚିତ ରକ୍ଷଣାବେକ୍ଷଣରେ ଗ୍ରାମପଞ୍ଚାୟତ ଯଦି ଅବହେଳା କରନ୍ତି ତେବେ ସଂପୃକ୍ତ ବୃକ୍ଷରୋପଣ ଗ୍ରାମପଞ୍ଚାୟତରୁ ଫେରସ୍ତ ନିଆଯିବ ।

ସ୍ଥାନୀୟ ଗ୍ରାମବାସୀମାନଙ୍କର ଜାଳେଣି କାଠ ଓ ଅନ୍ୟାନ୍ୟ କାଠର ଚାହିଦା ମେଣ୍ଟାଇବା ପାଇଁ କର୍ତ୍ତନଯୋଗ୍ୟ ବୃକ୍ଷ କଟାଯିବ ଏବଂ କୌଣସି ବୃକ୍ଷ କାଟିବା ପୂର୍ବରୁ ସଂପୃକ୍ତ ଟେରିଟୋରିଆଲ ବନଖଣ୍ଡ ଅଧିକାରୀଙ୍କ ଅନୁମତି ନେବା ଦରକାର । ଜାଳେଣି କାଠ ଓ ଅନ୍ୟାନ୍ୟ କାଠ ଆଦିର ସ୍ଥଗଣ ପାଇଁ ଟି. ଟି. ପରମିଟ୍ ଲାଗୁ ହେବ । ଫଳନ୍ତି ବୃକ୍ଷ କଟାଯିବ ନାହିଁ ।

## ଗ୍ରାମ ନିକଟବର୍ତ୍ତୀ ରିଜର୍ଭ ଜଙ୍ଗଲ ଅଞ୍ଚଳର ଗ୍ରାମବାସୀମାନଙ୍କ ଦ୍ୱାରା ସୁରକ୍ଷା :—

ଜଙ୍ଗଲ ସଂପଦର ସୁରକ୍ଷା ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ । ଉକ୍ତ ଦୃଷ୍ଟିଭଙ୍ଗୀରୁ ଗ୍ରାମ ନିକଟବର୍ତ୍ତୀ ରିଜର୍ଭ ଜଙ୍ଗଲର ସୁରକ୍ଷା କରିବା ଦାୟିତ୍ୱ ସଂପୃକ୍ତ ଗ୍ରାମବାସୀମାନଙ୍କୁ ଦେବାପାଇଁ ସରକାର ନିଷ୍ପତ୍ତି କରିଛନ୍ତି । ଏହା ସଙ୍ଗେ ସଙ୍ଗେ ସେମାନଙ୍କୁ ଉକ୍ତ ଜଙ୍ଗଲରୁ ସେମାନଙ୍କର ଦରକାରୀ ଜାଳେଣି କାଠ, ଗୃହୋପକରଣ ତଥା କୃଷୋପଯୋଗୀ କାଠ ଦେବାପାଇଁ ମଧ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ସଂପୃକ୍ତ ବନଖଣ୍ଡ ଅଧିକାରୀ ବିଭିନ୍ନ ଗ୍ରାମ ପାଇଁ ରିଜର୍ଭ ଜଙ୍ଗଲ ଚିହ୍ନଟ କରିବେ ଏବଂ ଏହି ଜଙ୍ଗଲର ସୁରକ୍ଷା ପାଇଁ ଏକ ଗ୍ରାମ ସୁରକ୍ଷା କମିଟି ଗଠନ କରିବେ । ଏ ପ୍ରକାର ରିଜର୍ଭ ଜଙ୍ଗଲର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପରିଚାଳନା କରିବା ପାଇଁ ଉକ୍ତ କମିଟି ଜରିଆରେ ଗ୍ରାମବାସୀ ସଂପୃକ୍ତ ବନଖଣ୍ଡ ଅଧିକାରୀଙ୍କୁ ଏକ ସ୍ୱୀକୃତିପତ୍ର ଲେଖି ଦେବେ । ଗ୍ରାମବାସୀମାନେ ଉକ୍ତ ଜଙ୍ଗଲକୁ ଅଗ୍ନିକାଣ୍ଡରୁ ରକ୍ଷା କରିବେ ଏବଂ ବେଆଇନ୍ ଗଛକଟା, ଜଙ୍ଗଲଜାତ ଦ୍ରବ୍ୟର ଚୋରା କାରବାର ତଥା ଜଙ୍ଗଲ ଜମିରେ ବେଆଇନ୍ ଦଖଲ ରୋକିବେ । ଗ୍ରାମବାସୀମାନଙ୍କ ଜରିଆରେ ଏହିସବୁ ସୁରକ୍ଷାଜନିତ କାର୍ଯ୍ୟ ସଂପାଦନ କରାଇବା ପାଇଁ ଉକ୍ତ କମିଟି ଦାୟିତ୍ୱ ବହନ କରିବେ ।

ଗ୍ରାମବାସୀମାନେ ଉକ୍ତ ରିଜର୍ଭ ଜଙ୍ଗଲରୁ ଆବଶ୍ୟକୀୟ ଜାଳେଣି କାଠ ଓ ଅନ୍ୟାନ୍ୟ କାଠ କେବଳ ନିଜର ବ୍ୟବହାର ପାଇଁ ପାଇପାରିବେ ମାତ୍ର ଏହା ବିକ୍ରି କିମ୍ବା ବଦଳ ସୂତ୍ରରେ ହସ୍ତାନ୍ତର କରିପାରିବେ ନାହିଁ । ଜଙ୍ଗଲ ସୁରକ୍ଷା କମିଟି ଗ୍ରାମବାସୀଙ୍କର ପ୍ରକୃତ ଚାହିଦାକୁ ଲକ୍ଷ୍ୟ ରଖି ଜଙ୍ଗଲଜାତ ଦ୍ରବ୍ୟର ସୁଷମ ବଣ୍ଟନ ଦାୟିତ୍ୱ ଗ୍ରହଣ କରିବେ ।

ଉପରୋକ୍ତ ରିଜର୍ଭ ଜଙ୍ଗଲଜାତ ଦ୍ରବ୍ୟ ବଣ୍ଟନ ପାଇଁ ଜଙ୍ଗଲ ସୁରକ୍ଷା କମିଟି ଦ୍ୱାରା ମଞ୍ଜୁରୀପ୍ରାପ୍ତ ବୃକ୍ଷରଣ ସଦସ୍ୟ କେବଳ ସଂପୃକ୍ତ ଗ୍ରାମ ଭିତରେ ବ୍ୟବହାର ପାଇଁ ଟି.ଟି. ପରମିଟ ଦେବେ । ଏହି ଟି.ଟି. ପରମିଟିର ବୈଧତା କେବଳ ଉକ୍ତ ଗ୍ରାମର ପରିସୀମା ମଧ୍ୟରେ ଆବଦ୍ଧ ରହିବ ।

ଆମେ ଜଙ୍ଗଲର ସୁରକ୍ଷା କରିବା ନଚେତ୍ ଆମର ସ୍ଥିତି ଓ ନିରାପତ୍ତା ବିପନ୍ନ ହେବ । ଜନସାଧାରଣଙ୍କ ସହଯୋଗ ବିନା କେବଳ ସରକାରଙ୍କ ଦ୍ୱାରା ଏହି ଗୁରୁଦାୟିତ୍ୱ ସୁଷ୍ଠୁରୂପେ ସଂପାଦନ କରିବା କଷ୍ଟକର । ଜନସାଧାରଣ ଜଙ୍ଗଲ ରକ୍ଷା କରିବା ପାଇଁ ସଂକଳ୍ପବଦ୍ଧ ହୁଅନ୍ତୁ । ସରକାର ଓ ଜନସାଧାରଣ ମିଶି ଜଙ୍ଗଲକୁ ରକ୍ଷା କରିବା ଏକାନ୍ତ ଆବଶ୍ୟକ ।

କମିଶନର ଓ ଶାସନ ସଚିବ, ଜଙ୍ଗଲ ବିଭାଗ, ଭୁବନେଶ୍ୱର,

# ବନଦୁର୍ଗାଙ୍କ ଆବିର୍ଭାବ

ଡଃ. ସତ୍ୟନାରାୟଣ ରାଜଗୁରୁ

ବନଦୁର୍ଗାଙ୍କ ନାମକରଣରୁ ସୂଚିତ ହେଉଛି ଯେ, ସେ ଆମ ରାଜ୍ୟର କୌଣସି ଅରଣ୍ୟବାସୀଙ୍କ ପୂଜିତ ଦେବୀ । ଓଡ଼ିଶାର କେତେକ ଗ୍ରାମ ଓ ନଗରରେ ମଧ୍ୟ ଏବେ ତାଙ୍କୁ ପ୍ରତିଷ୍ଠା କରାଯାଇଛି ଓ ତାନ୍ତ୍ରିକ ବିଧିରେ ପୂଜା କରାଯାଉଛି ।

ଅତି ପ୍ରାଚୀନ କାଳରୁ ଆରମ୍ଭ କରି ଓଡ଼ିଶାର ଘନ ଅରଣ୍ୟ ସଙ୍କୁଳ ପାର୍ବତ୍ୟ ଅଞ୍ଚଳରେ ଶବର, କନ୍ଧ, କିରାତ ପ୍ରଭୃତି ଆଦିବାସୀମାନେ ବାସ କରୁଅଛନ୍ତି । ପ୍ରକୃତି କୋଳରେ ସେମାନଙ୍କ ଜୀବନ ବନ୍ୟ ପଶୁ ପକ୍ଷୀଙ୍କ ସଙ୍ଗେ ଅତିବାହିତ ହୁଏ । ଶିକ୍ଷାର ଅଭାବ ହେତୁ କେତେକ ଅଜ୍ଞାତ ଘଟଣାକୁ ଭିତ୍ତିକରି ସେମାନେ ଦେବଦେବୀଙ୍କ କଳ୍ପନା କରିଥିବା ସମ୍ଭବ ବୋଲି ଜଣାଯାଏ ।ଉଦାହରଣ ସ୍ୱରୂପ ପର୍ବତ-ଗୁହାରେ ବ୍ୟାଘ୍ର ଗର୍ଜନରୁ ଯେଉଁ ପ୍ରତିଧ୍ୱନି ଜାତ ହୁଏ, ତାହା ଅଜ୍ଞାତ ଦେବତାଙ୍କ ଗର୍ଜନ ବୋଲି ସେମାନେ କଳ୍ପନା କରୁଥିଲେ । ତେଣୁ 'ବ୍ୟାଘ୍ର ଦେବୀ' ନାମକ ଦେବୀଙ୍କୁ ପର୍ବତରେ ପ୍ରତିଷ୍ଠା କରି ଆରାଧନା କରୁଥିଲେ । ଘୁମୁସର—କୁଲାଡ ନିକଟସ୍ଥ ଏକ ପର୍ବତରେ ଅଦ୍ୟାପି ବ୍ୟାଘ୍ର ଦେବୀ ନାମକ ଦେବୀ ପ୍ରତିଷ୍ଠିତ । ଏବେ ସଭ୍ୟ-ଶିକ୍ଷିତ-ସମ୍ପ୍ରଦାୟ ମଧ୍ୟ ତାଙ୍କୁ ଶକ୍ତି ସ୍ୱରୂପିଣୀ ଦୁର୍ଗା ରୂପେ ଆରାଧନା କରନ୍ତି ।

ଆଦିବାସୀମାନଙ୍କ ମୁଖ୍ୟ ଖାଦ୍ୟ ହେଉଛି ମାଂସ ଓ କନ୍ଦମୂଳ । ମଦ୍ୟପାନ କରିବା ସେମାନଙ୍କର ଦୈନନ୍ଦିନ କର୍ମ । ତେଣୁ ତାଙ୍କ ଦେବ ଦେବୀଙ୍କୁ ମଧ୍ୟ ତାହା ସେମାନେ ସମର୍ପଣ କରୁଥିଲେ । ବନ୍ୟଜନ୍ତୁ ଶିକାରକୁ ଯାଇ ଘୋର ଜଙ୍ଗଲରେ ଯଦି ସେମାନେ ପରିଦୃଷ୍ଟ ବରାହକୁ ଖୋଜି ନପାରି ଫେରିଯାନ୍ତି, ସେତେବେଳେ ହୁଏତ ସେମାନେ ଭାବନ୍ତି ଯେ, କୌଣସି ଦେବତା ବରାହ ରୂପରେ ଦେଖାଦେଇ ତାଙ୍କୁ ଛଳନା କରିଥିବେ । ତେଣୁ ସେ ତାଙ୍କ ଲକ୍ଷ୍ୟ ସ୍ଥଳରୁ ଜଙ୍ଗଲରେ ଅଦୃଶ୍ୟ ହୋଇଗଲେ ।ଏପରି ଯେତେସବୁ ପରିକଳ୍ପିତ ଦେବତା କାଷ୍ଠ ବା ପାଷାଣ ରୂପେ ସ୍ଥାପନ କରି ମଦ୍ୟ ମାଂସରେ ତାଙ୍କୁ ସନ୍ତୁଷ୍ଟ କରିଥାନ୍ତି । କାରଣ ଦେବତା ସନ୍ତୁଷ୍ଟ ହେଲେ ସେମାନେ ନିରାପଦ ହେବେ ।

ପରବର୍ତ୍ତୀ ଯୁଗରେ ଯେତେବେଳେ ସଭ୍ୟ-ଶିକ୍ଷିତ ଆର୍ଯ୍ୟ ସମ୍ପ୍ରଦାୟ ସେ ଅଞ୍ଚଳ ଗୁଡ଼ିକ ଅଧିକାର କରନ୍ତି, ସେମାନେ ମଧ୍ୟ ସେହି ଆଦିବାସୀଙ୍କ ଦେବଦେବୀଙ୍କୁ ସେତେବେଳେ ବୈଦିକ ମନ୍ତ୍ରରେ ଆରାଧନା କରିବାକୁ ଲାଗିଲେ । ଏହା ଫଳରେ ଆଦିବାସୀଙ୍କ ବିଶ୍ୱାସ ଓ ଆନୁଗତ୍ୟ ସେମାନେ ଲାଭ କରିଥିବା ଅନୁମିତ ହୁଏ । ଅରଣ୍ୟବାସୀମାନେ ଯେପରି ମଦ-ମାଂସରେ [illegible]ବଦେବୀଙ୍କୁ ସନ୍ତୁଷ୍ଟ କରିବା ପଦ୍ଧତି ଅନୁସରଣ କରୁଥିଲେ, ସେପରି ଆର୍ଯ୍ୟ ବ୍ରାହ୍ମଣମାନେ ମଧ୍ୟ ସେ ପ୍ରଥା ଗ୍ରହଣ କରି ତାନ୍ତ୍ରିକ ବିଧିରେ ବନଦୁର୍ଗାଙ୍କ ପୂଜା ସାମିଲ କଲେ । ସମ୍ଭବତଃ ଏହାହିଁ 'ବନଦୁର୍ଗା'ଙ୍କ ଆବିର୍ଭାବର ମୌଳିକ ଘଟଣା ।

ଗଞ୍ଜାମରେ ପ୍ରବାହିତ ନଦୀ ଋଷିକୁଲ୍ୟାର ଅବବାହିକା ଅଞ୍ଚଳ ଆର୍ଯ୍ୟ ଆଗମନ ପୂର୍ବରୁ ଘୋର ଅରଣ୍ୟ ସଙ୍କୁଳ ହୋଇଥିଲା । ସେଠାରେ ଆଦିବାସୀ ଶବରମାନଙ୍କ ପ୍ରତିଷ୍ଠିତ ବରାହ ରୂପିଣୀ ଦେବୀ ପୂଜିତ ହେଉଥିଲେ । ଆସିକା ନିକଟବର୍ତ୍ତୀ ସୋରଡ଼ା ରାଜବଂଶର ଇତିହାସରେ ପ୍ରଚଳିତ ଗୋଟିଏ କିମ୍ବଦନ୍ତୀମୂଳକ କାହାଣୀରୁ ଏଥିର ସତ୍ୟତା ପ୍ରମାଣିତ ହୁଏ

୧୮୭୫ ମସିହାରେ ଗଞ୍ଜାମରେ ସର୍ବପ୍ରଥମ ସର୍ଭେ ସେଟେଲ୍‌ମେଣ୍ଟ୍ କାମ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ହାତକୁ ନେଇଥିଲେ । ସେତେବେଳେ ପ୍ରତ୍ୟେକ ତାଲୁକାରୁ ପ୍ରାଚୀନ ରାଜପରିବାରଙ୍କ ଇତିହାସ ସଂଗ୍ରହ କରିବା କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଥିଲା । ସେଟେଲ୍‌ମେଣ୍ଟ୍-ପାର୍ଟି ଆସିକାରୁ ସୋରଡ଼ା ଯାଇ ସେଠା ରାଜ-ପରିବାରର ବିବରଣୀ ସଂଗ୍ରହ କରନ୍ତି । ସେତେବେଳେ ସୋରଡ଼ା ତାଲୁକାର ରାଣୀ ରାଧାମଣି ପାଟମହାଦେଈଙ୍କ ଠାରୁ ରାଜ ପରିବାରର ପ୍ରାଚୀନ ଇତିହାସରୁ ନିମ୍ନୋକ୍ତ କାହାଣୀ ସଂଗୃହୀତ ହୋଇଥିବା ପ୍ରସଙ୍ଗ ମାଡ୍ରାଜରେ ସଂରକ୍ଷିତ ଏକ ତେଲୁଗୁ ପାଣ୍ଡୁଲିପିରେ ନିମ୍ନ ପ୍ରକାରରେ ବର୍ଣ୍ଣିତ ହୋଇଅଛି:—

ପ୍ରାଚୀନ କାଳରେ ଏ ଅଞ୍ଚଳଟି ଘୋର ଜଙ୍ଗଲରେ ପୂର୍ଣ୍ଣ ଥିଲା । ସେଥିରେ ସଭ୍ୟ-ମାନବର ଚିହ୍ନ ବର୍ଣ୍ଣ ନଥିଲା । କେବଳ ଅସଭ୍ୟ ଶବର ଓ କିରାତମାନେହିଁ ସେଠାର ଅଧିବାସୀ ହୋଇଥିଲେ । ସେମାନଙ୍କ ମଧ୍ୟରେ ମୋଢ଼ିକା (ମେଢ଼ିକ) ନାମକ ଜଣେ ଆଦିବାସୀ ଶବର ରାଜତ୍ୱ କରୁଥିଲେ । ସେ ବନଦେବୀଙ୍କୁ ଭକ୍ତି ସହକାରେ ଆରାଧନା କରୁଥାଏ । ତାର ଭକ୍ତିରେ ବନଦେବୀ ସନ୍ତୁଷ୍ଟ ହୋଇଥାନ୍ତି । ତେଣୁ ତାର ରାଜତ୍ୱ ନିରାପଦ ଓ ସୁଖପ୍ରଦ ହୋଇଥାଏ ।

ଏକଦା ମୋଢ଼ିକା ଚିନ୍ତାକଲା ଯେ, ତାର ସେହି ଆଦିବାସୀ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ, ଯଦି ସେଠାରେ କୌଣସି ସଭ୍ୟ-ଶିକ୍ଷିତ-କ୍ଷତ୍ରିୟ ରାଜା ସିଂହାସନରେ ବସି ରାଜତ୍ୱ କରନ୍ତି । ଏପରି ଚିନ୍ତା କରି ମୋଢ଼ିକା ତାର ଆରାଧ୍ୟା ଦେବୀଙ୍କୁ ଜଣାଇଲା, ତାର ସେହି ଅଭିଳାଷ ପୂର୍ଣ୍ଣ କରିବାକୁ ।

ଏ ଘଟଣାର କିଛି କାଳ ପରେ, ଉତ୍ତର ଭାରତରୁ ଜୟସିଂହ ନାମକ ଜଣେ ରାଜା, ଯେକି ଗୋକୁଳ ବୃନ୍ଦାବନ ନିକଟବର୍ତ୍ତୀ ଅଞ୍ଚଳରେ ଶାସନ ବିସ୍ତାର କରିଥିଲେ । ସେ ବହୁ ସୈନ୍ୟ ସଙ୍ଗେ ଏ ଅଞ୍ଚଳକୁ ଦିଗ୍‌ବିଜୟ ଯାତ୍ରାରେ ଆସି ଏଠାରେ କିଛି କାଳ ପାଇଁ ସ୍କନ୍ଧାଭାର ସ୍ଥାପନ କଲେ । ସେତେବେଳେ ଜୟସିଂହଙ୍କ କ୍ଷତ୍ରିୟ ପରିବାରରେ ଜଣେ ସୁସ୍ଥ ସବଳ ସବାସିଂହ* ନାମକ ଯୁବକ ସେହି ସ୍କନ୍ଧାଭାରରେ ରହିଥାନ୍ତି । ଦିନେ ସେ ଯୁବକ ପାରିଧି କରିବାକୁ ଅଶ୍ୱ ପୃଷ୍ଠରେ ଦୁର୍ଭେଦ୍ୟ ଅରଣ୍ୟରେ ପ୍ରବେଶ କରି ସୋରଡ଼ା ନିକଟରେ ପହଞ୍ଚିଲେ—ଯେଉଁଠାରେ ବନ ଦେବୀଙ୍କ ପ୍ରତିମା ପୂଜିତ ହୁଅନ୍ତି । ସେଠାରେ ସବାସିଂହ ଗୋଟିଏ ବନ୍ୟ ବରାହ ଦେଖିବାକୁ ପାଇଲେ । ସେ କିନ୍ତୁ ପ୍ରକୃତରେ ବରାହ ନୁହେଁ—ନିଜେ ବନଦୁର୍ଗା ବାରାହୀ । ଯୁବକ ସବାସିଂହ ସେହି ବରାହକୁ ମାରିବାକୁ ତା' ପଛେ ପଛେ ଗୋଡ଼ାଇଲେ । କିନ୍ତୁ ବରାହ ସେଠାରୁ ଅଦୃଶ୍ୟ ହୋଇ ଆଉ ଖଣ୍ଡେ ଦୂରରେ ଦେଖାଦେଲା । ଏପରି ଦୃଶ୍ୟ-ଅଦୃଶ୍ୟ-କ୍ରିଡ଼ାରେ ଯୁବକ ଶିକାରୀଙ୍କୁ ବରାହଟି ବହୁ ଦୂରକୁ ନେଇ ମାଟୁ ମଣ୍ଡଳା ନାମକ ସ୍ଥାନରେ ପହଞ୍ଚାଇ ଦେଲା । ରାଜା ଜୟସିଂହଙ୍କ ସୈନ୍ୟ ଛାଉଣୀ ପଶ୍ଚିମକୁ ତାହା ୧୨ କୋଶ (ପ୍ରାୟ ୨୪ ମାଇଲ୍) ଦୂରରେ ଅବସ୍ଥିତ । ବନଦେବୀଙ୍କ ମାୟା ଓ ଛଳନାରେ ଯୁବକ ନିର୍ବିଘ୍ନରେ ସେହି ଆଦିବାସୀ କିରାତଙ୍କ ବାସଭୂମିରେ ଯାଇ ପହଞ୍ଚିଲେ ସହସା । ମାୟା-ବରାହଟି ସେଠାରୁ ଅଦୃଶ୍ୟ ହୋଇଗଲା ।

ସେଠାରେ ଆଦିବାସୀ ରାଜା ମୋଲିକା ଯୁବକଙ୍କୁ ଏକାକୀ ଅଶ୍ୱ ପୃଷ୍ଠରେ ଆସିବା ଦେଖି, ସେ ଆଶ୍ରୟ ନେଇଥିବା ବୃକ୍ଷ ନିକଟକୁ ଯାଇ ସମ୍ମାନ ପ୍ରଦର୍ଶନ କରି ପଚାରିଲା: ''ଆପଣ କିଏ ? କାହିଁକି ଏ ଦୁର୍ଗମ ଅରଣ୍ୟରେ ବୁଲୁଛ ? ଯୁବକଙ୍କଠାରୁ ତାଙ୍କ ଆଗମନର ସମସ୍ତ ବିବରଣୀ ଶୁଣି ସେ ବୁଝି ପାରିଲା ଯେ, ତାଙ୍କର ପ୍ରାର୍ଥନା ବନଦେବୀ ଶୁଣି ଏହି କ୍ଷତ୍ରିୟ-ଯୁବକଙ୍କୁ ଏଠାକୁ ଆଣି ଅଛନ୍ତି । ଏହା ମନେ ମନେ ଚିନ୍ତା କରି ମୋଲିକା ଆନନ୍ଦରେ ଅଧୀର ହୋଇ ଉଠିଲା ଓ ଯୁବକ ସବାସିଂହଙ୍କୁ ନିଜ ଗୃହକୁ ନେଇ ରାଜକୀୟ ସମ୍ମାନ ପ୍ରଦର୍ଶନ କରି ତାଙ୍କ ଖାଦ୍ୟପେୟର ସମସ୍ତ ବନ୍ଦୋବସ୍ତ କରି ଦେଲା । ଆଦିବାସୀମାନଙ୍କ ସତ୍କାରରେ ଉତ୍‌ଫୁଲ୍ଲ ଯୁବକ ସେଠାରେ ରହି ଶାସନ କାର୍ଯ୍ୟ ଚୁଲାଇବାକୁ ସମ୍ମତ ହେଲେ ।

ଆଦିବାସୀଙ୍କ ସାହାଯ୍ୟରେ ଜଙ୍ଗଲରୁ କାଷ୍ଠ ଓ ପ୍ରସ୍ତର ପ୍ରଚୁର ପରିମାଣରେ ସଂଗୃହୀତ ହୋଇ ଏକ ନୂତନ ରାଜନଗର ନିର୍ମିତ ହେଲା । ତାହା ବଜ୍ର ପରି ସୁଦୃଢ଼ ଏବଂ ''ବଜ୍ରକୋଣ'' ନାମରେ ପରିଚିତ ଗ୍ରାମରେ ପ୍ରତିଷ୍ଠା ଲାଭ କଲା । ସେ ଅଞ୍ଚଳର ଆଦିବାସୀ କିରାତ ମାନଙ୍କ ମଧ୍ୟରେ ସବାଚନ୍ଦ୍ର ସିଂହ* ହେଉଛନ୍ତି ସର୍ବ ପ୍ରଥମ କ୍ଷତ୍ରିୟ ରାଜା । କିଛି କାଳ ପରେ ସେଠାର କିରାତମାନେ ଏକ ସୁନ୍ଦରୀ କ୍ଷତ୍ରିୟ କୁମାରୀଙ୍କୁ ଅପହରଣ କରି ଆଣି ରାଜାଙ୍କ ସଙ୍ଗେ କୁମାରୀର ବିବାହ ଉତ୍ସବ ସମ୍ପନ୍ନ କଲେ । ଏ ଘଟଣାଟି ୧୪୪୨ ଶକାବ୍ଦ ବା ୧୫୨୦ ଖ୍ରୀଷ୍ଟାବ୍ଦରେ ସମ୍ପନ୍ନ ହୋଇଥିବା ପ୍ରସଙ୍ଗ 'ଗଞ୍ଜାମ କୈଫୟତ' ନାମକ ତେଲୁଗୁ ରେକର୍ଡ଼ରେ ଉଲ୍ଲେଖ ହୋଇଅଛି ।


ସବାଚନ୍ଦ୍ରଙ୍କ ପରେ ତାଙ୍କ ବଂଶରେ ପର୍ଯ୍ୟାୟକ୍ରମେ କୃଷ୍ଣଚନ୍ଦ୍ର ସିଂହ, ରାୟ ସିଂହ, ହରିଚନ୍ଦ୍ର ସିଂହ ଓ ପଦ୍ମନାଭ ସିଂହ ରାଜତ୍ୱ କରିଥିଲେ ।ଶେଷୋକ୍ତ ରାଜା ପଦ୍ମନାଭ ସିଂହ ବହୁଗ୍ରାମ ଓ ନଗର ସ୍ଥାପନ କରି ଜଙ୍ଗଲ ହାଣି ରାଜ୍ୟଟି ପ୍ରସାରିତ କଲେ ଏବଂ ତାଙ୍କ ଚାରିଜଣ ପୁତ୍ରଙ୍କ ପାଇଁ ତାହା ଚାରି ଭାଗରେ ବିଭକ୍ତ କରିଦେଲେ, ଯଥା: ବଡ଼ଗଡ଼, ଶେରଗଡ଼, ଧରାକୋଟ ଓ ସୋରଡ଼ା ।

କାଳକ୍ରମେ ସେହି ଆଦିବାସୀ କିରାତଙ୍କ ପୂଜିତା ବନଦେବୀ ଆସିକାଠାରେ ପ୍ରତିଷ୍ଠିତା ପ୍ରମେଶ୍ୱରୀ ବୋଲି କୁହାଯାଇ ପାରେ । କାରଣ, ତାହାହିଁ ସେହି ୪ଟି ରାଜ୍ୟର ଅଷ୍ଟଦେବୀ ରୂପେ ଅଦ୍ୟାପି ପୂଜିତା ହେଉ ଅଛନ୍ତି ।

ଇତିହାସ ତଥା ତାମ୍ରଶାସନରୁ ପ୍ରମାଣିତ ହୋଇଛି ଯେ, ପ୍ରାଚୀନ ନଳ ବଂଶର ଏକ ଶାଖା 'ଖିଣ୍ଡିର ଶୃଙ୍ଗ ମଣ୍ଡଳ'ରେ ରାଜତ୍ୱ କରୁଥିଲେ ।ସେହି ମଣ୍ଡଳର ନାମ କ୍ରମେ ଲୋକ ମୁଖରେ ପରିବର୍ତ୍ତିତ ହୋଇ ''ଖିଡ଼ିସିଙ୍ଗି'' ହୋଇଅଛି ଏବଂ ଏବଂ ତାହା ଷୋଡ଼ଶ ଶତାବ୍ଦୀରେ ଉପରୋକ୍ତ ୪ଟି ଜମିଦାରୀରେ ପରିଣତ ହୋଇଥିଲା । ନଳ ବଂଶୀୟ ରାଜାମାନଙ୍କ ରାଜଧାନୀ ଥିଲା 'ଭୀମପୁର'* । ସେହି ବଂଶର ରାଜାମାନେ ବ୍ରାହ୍ମଣମାନଙ୍କୁ ବହୁ ସଂଖ୍ୟାରେ ଶାସନମାନ ଦାନ କରିଥିଲେ । ତାଙ୍କରି ସଭା-ପଣ୍ଡିତ ଶ୍ରୀହର୍ଷ ଭାରତର ସୁପ୍ରସିଦ୍ଧ ସଂସ୍କୃତ କବି ''ନୈଷଧ କାବ୍ୟ'' ରଚନା କରିଥିବା କେହି କେହି ଐତିହାସିକ ପଣ୍ଡିତ ପ୍ରମାଣିତ କରିଅଛନ୍ତି । ପରବର୍ତ୍ତୀ ଯୁଗରେ ମଧ୍ୟ ବହୁ କବି ଓ ପଣ୍ଡିତ ଧରାକୋଟ ରାଜସଭା ମଣ୍ଡନ କରିଥିଲେ । ତାଙ୍କରି ସାହାଯ୍ୟରେ ରାଜକବି କୃଷ୍ଣ ସିଂହ ଓଡ଼ିଆ ୧୪ ଅକ୍ଷରୀ ଛନ୍ଦରେ ଯେଉଁ ବିରାଟ 'ମହାଭାରତ' ରଚନା କରିଥିଲେ ତାହାହିଁ ଓଡ଼ିଆରେ ରଚିତ ମୂଳ 'ମହାଭାରତ'ର ଅନୁବାଦ ରୂପେ ଗୃହୀତ ହୋଇଅଛି ।

ଖିଣ୍ଡିରଶୃଙ୍ଗ ମଣ୍ଡଳର ନଳବଂଶୀୟ ରାଜାମାନେ ଶୈବ ଉପାସକ ଥିଲେ । ସେମାନଙ୍କ ଆରାଧିତ ଶିବଙ୍କ ନାମ ଥିଲା, ''ଯମଳିଙ୍ଗେଶ୍ୱର'' । କିନ୍ତୁ ନଳ ବଂଶର ଇଷ୍ଟଦେବୀ ହେଉଛନ୍ତି 'ବନଦେବୀ ପ୍ରମେଶ୍ୱରୀ' ଯାହାଙ୍କର ଆଧୁନିକ ଆସ୍ଥାନ ଓ ମନ୍ଦିର ନଦୀ ତଟବର୍ତ୍ତୀ ଆସିକାର 'ପ୍ରମେଶ୍ୱରୀ ପାଟଣା'ରେ ଅବସ୍ଥିତ ।

ଚିତ୍ରକର ଲେନ୍, ପାରଳାଖେମଣ୍ଡି,
ଗଞ୍ଜାମ



'ସର୍ବ୍ୟସ୍ତରୀୟ ଜାତୀୟ ସଂହତି କମିଟି ବୈଠକ

# ସାମାଜିକ ବନୀକରଣ ଓ ଆମର କର୍ତ୍ତବ୍ୟ

ଶ୍ରୀ ଲକ୍ଷ୍ମୀକାନ୍ତ ପଟ୍ଟନାୟକ

ସାମାଜିକ ବନୀକରଣ ସମାଜର ସାମୂହିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ସମାଜର ଲୋକମାନଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା ଅର୍ଥାତ୍ ସେମାନଙ୍କର ସକ୍ରିୟ ସହଯୋଗରେ ଏବଂ ସରକାରୀ ଆର୍ଥିକ ସହାୟତାରେ କରାଯାଉଥିବା ବନୀକରଣ କାର୍ଯ୍ୟକ୍ରମହିଁ ସାମାଜିକ ବନୀକରଣ ନାମରେ ପରିଚିତ । ୧୯୫୨ ମସିହା ଜାତୀୟ ଜଙ୍ଗଲ ନୀତିରେ 'ଗ୍ରାମ୍ୟ ଜଙ୍ଗଲ' ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । କିନ୍ତୁ ୧୯୭୬ ମସିହାରେ ଜାତୀୟ କୃଷି କମିସନ୍‌ହିଁ ପ୍ରଥମଥର ପାଇଁ ସାମାଜିକ ବନୀକରଣ ଶବ୍ଦ ବ୍ୟବହାର କରିଥିଲେ । କମିସନ୍ ମତ ପ୍ରକାଶ କରିଥିଲେ, ରାଜ୍ୟର ପାରମ୍ପରିକ ସଂରକ୍ଷିତ ଜଙ୍ଗଲ ସାଧାରଣ ଲୋକର ମୌଳିକ ବନଜାତ ଦ୍ରବ୍ୟର ଆବଶ୍ୟକତା ପୂରଣ କରିବାକୁ ସମର୍ଥ ନୁହେଁ । ଏହି ମୌଳିକ ସୁବିଧା ଗୁଡ଼ିକ ହେଲା, ରନ୍ଧନ ପାଇଁ ଜାଳେଣି କାଠ, କୃଷି ଉପକରଣ ଓ ଘର ତିଆରି ନିମନ୍ତେ ଛୋଟ କାଠ, ବାଉଁଶ; ଗାଈ ଗୋରୁଙ୍କ ପାଇଁ ଚାରଣ, ଖାଦ୍ୟ ପାଇଁ ଫଳ, ମୂଳ, କନ୍ଦ ଏବଂ ପରିଶେଷରେ ଗାଁ ଗୁଡ଼ିକରେ ଏକ ସବୁଜ ସୁନ୍ଦର ପରିବେଶ । ଏକ ପକ୍ଷରେ ଉତ୍ପାଦନଭିତ୍ତିକ ଜଙ୍ଗଲ ଉପରୁ ନିର୍ଭରଶୀଳତା ଓ ଚାପ ହ୍ରାସ କରିବାକୁ ପଡ଼ିବ । ଅନ୍ୟ ପକ୍ଷରେ କ୍ରମ ବର୍ଦ୍ଧିଷ୍ଣୁ ଜନ ସାଧାରଣଙ୍କର ବଢ଼ିଚାଲିଥିବା ସୁବିଧା ପୂରଣ କରିବାକୁ ହେବ । ଏଥିପାଇଁ ଏକମାତ୍ର ବିକଳ୍ପ ପନ୍ଥା ହେଉଛି; ଆମକୁ ସଂରକ୍ଷିତ ଜଙ୍ଗଲ ବାହାରକୁ ଯିବାକୁ ପଡ଼ିବ । ବନୀକରଣ କାର୍ଯ୍ୟକ୍ରମ ସରକାରୀ ତଥା ବେସରକାରୀ ପତିତ ଏବଂ ଅନାବାଦୀ ଜମିକୁ ସଂପ୍ରସାରଣ କରିବା ଦରକାର ପଡ଼ିବ । ଅଦୌ ବିନିଯୋଗ ନହୋଇ ପଡ଼ି ରହିଥିବା ବା ଅର୍ଦ୍ଧ ବିନିଯୋଗ ହେଉଥିବା ପତିତ ଓ ଅନୁପାଦେୟ ଜମିକୁ ବୃକ୍ଷ ରୋପଣ କରିଆରେ ଆବାଦ କରିବାକୁ ହେବ ।

ଓଡ଼ିଶାର ସାମାଜିକ ବନପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ, ସୁଇଡେନ୍ ଅନ୍ତର୍ଜାତିକ ଉନ୍ନୟନ ସଂସ୍ଥାର (ସିଡ଼ା) ସହାୟତାରେ ରାଜ୍ୟର ୯ଟି ଜିଲ୍ଲାରେ ୨୮ କୋଟି ଟଙ୍କା ସମନ୍ଧ ବିନିଯୋଗରେ ୧୯୮୩ରୁ ୧୯୮୮ ଆର୍ଥିକ ବର୍ଷ ଭିତରେ ପାଞ୍ଚବର୍ଷ ପାଇଁ କାର୍ଯ୍ୟକାରୀ କରାଯାଇଛି । ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ୧୯୮୮ ମସିହା ଏପ୍ରିଲ୍ ମାସରୁ ଆରମ୍ଭ କରାଯାଇଛି ଏବଂ ୧୯୯୩ ମସିହାରେ ଶେଷ ହେବ । ରାଜ୍ୟର ସମସ୍ତ ୧୩ ଗୋଟି ଜିଲ୍ଲାରେ ୭୮ କୋଟି ଟଙ୍କା ମୋଟ ବିନିଯୋଗରେ ଏହା କାର୍ଯ୍ୟକାରୀ କରାଯିବାର ଲକ୍ଷ୍ୟ ରଖାଯାଇଛି ।

ଗ୍ରାମବାସୀମାନଙ୍କ ସୁବିଧା ଅନୁଯାୟୀ ଜଙ୍ଗଲଜାତ ଦ୍ରବ୍ୟରେ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ଯୋଜନାର ପ୍ରଧାନ ଲକ୍ଷ୍ୟ । ଏକ ନିର୍ଭରଯୋଗ୍ୟ ଓ ସୁରକ୍ଷିତ ଜଙ୍ଗଲ ସମ୍ପଦ ସୃଷ୍ଟି କରିବା ନିମନ୍ତେ ଜନସାଧାରଣଙ୍କ ମନରେ ଆତ୍ମପ୍ରତ୍ୟୟ ଆଣିବାରେ ପ୍ରକଳ୍ପ ଉଦ୍ୟମ କରୁଅଛି । ଯାହାଦ୍ୱାରା ଗ୍ରାମବାସୀମାନେ ଭବିଷ୍ୟତରେ ବନଜାତ ଦ୍ରବ୍ୟର ଉତ୍ପାଦନ ଓ ବ୍ୟବହାରକାରୀ ହିସାବରେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ । ଉପଯୁକ୍ତ ଜଙ୍ଗଲ ଭିତ୍ତିକ କାମଧନ୍ଦା ମାଧ୍ୟମରେ ଲୋକମାନଙ୍କୁ ଉପାର୍ଜନର ଅନ୍ୟପନ୍ଥା ଯୋଗାଇ ଦେଇ ବିଶେଷତଃ ଦୁର୍ବଳ ଶ୍ରେଣୀର ଲୋକମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ବିକାଶ ଘଟାଇବା, ପ୍ରକଳ୍ପର ଅନ୍ୟ ଏକ ଉଦ୍ଦେଶ୍ୟ । ଅତଏବ ଗୋଟିଏ କଥା ପ୍ରଥମରୁ ସ୍ପଷ୍ଟ ହୋଇଯିବା ଉଚିତ୍; ତାହା ହେଉଛି; ଏହି ବନୀକରଣ ଯୋଜନାଟି ଏକ ଗ୍ରାମବିକାଶ ମୂଳକ ଯୋଜନା ଏବଂ ଏହା କେବଳ ସରକାରୀ କାର୍ଯ୍ୟକ୍ରମ ବା ବନବିଭାଗର କାର୍ଯ୍ୟକ୍ରମ ନୁହେଁ । ପ୍ରଥମରୁ ସରକାରୀ ସହାୟତାରେ ସାମାଜିକ ବନୀକରଣ ଆରମ୍ଭ କରାଯାଉଥିଲେ ମଧ୍ୟ ଯୋଜନାର ପ୍ରତିଟି ସ୍ତରରେ ଲୋକମାନଙ୍କୁ ଜଡ଼ିତ କରାଇ, ଅର୍ଥାତ୍ ଚାରା ଉତ୍ପାଦନ, ବୃକ୍ଷରୋପଣ, ରୋପିତ ବୃକ୍ଷର ରକ୍ଷଣାବେକ୍ଷଣ, ପରିଚାଳନା ଓ ବଣ୍ଟନ ଆଦି କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ୍ କରି, ଭବିଷ୍ୟତରେ ଗ୍ରାମବାସୀମାନେ ଯେପରି ନିଜେ ନିଜ ପାଇଁ ଜଙ୍ଗଲ ସୃଷ୍ଟି କରିପାରିବେ, ସେଥିପାଇଁ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି ।

କଥାରେ ଅଛି, କିଛି ପାଇବାକୁ ହେଲେ, କିଛି ଦେବାକୁ ପଡ଼ିଥାଏ । ଅର୍ଥାତ୍ ଅଧିକାର ସାବ୍ୟସ୍ତ କରିବାକୁ ହେଲେ, କେତେକ ଦାୟିତ୍ୱ ମଧ୍ୟ ବହନ କରିବାକୁ ହୋଇଥାଏ । ଗାଁ ଗଣ୍ଡରେ ଏକ ଆତ୍ମନିର୍ଭରଶୀଳ ବନଉତ୍ପାଦନ ପଦ୍ଧତି ପ୍ରବର୍ତ୍ତନ କରିବାକୁ ହେଲେ, ଲୋକମାନଙ୍କ ମନରେ ବୃକ୍ଷ ସଂପଦ ଓ ବନଜାତ ପଦାର୍ଥ ନିମନ୍ତେ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିବା ପଡ଼ିବ । ଚାରା ଉତ୍ପାଦନଠାରୁ ଆରମ୍ଭ କରି, ଯୋଜନାର ପ୍ରତିଟି ସ୍ତରରେ ସେମାନଙ୍କୁ ଜଡ଼ିତ କରାଇବାକୁ ପଡ଼ିବ ।

ବୃକ୍ଷରୋପଣ କରିଆରେ ଯେତେ କୃତ୍ରିମ ଜଙ୍ଗଲ ଅତୀତରେ ସୃଷ୍ଟି ହୋଇଛି ତାହା ଚିରାଚରିତ ରୀତିରେ ବନ ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା । ଏବେ ପରିଚାଳନା ଭାର ଗ୍ରାମବାସୀଙ୍କୁ ବା ପ୍ରଜା

ବନକମିଟିକୁ ହସ୍ତାନ୍ତର କରିବା ପୂର୍ବରୁ ଗ୍ରାମବାସୀମାନଙ୍କୁ ସେମାନଙ୍କର ଦାୟିତ୍ୱବୋଧ ଓ ସାମାଜିକ କର୍ତ୍ତବ୍ୟ ବିଷୟରେ ସଚେତନ କରାଇବାକୁ ପଡ଼ିବ ।

ରୋପିତ ବୃକ୍ଷ ତଥା ପ୍ରକଳ୍ପ ଜରିଆରେ ସୃଷ୍ଟି କରାଯାଇଥିବା ଜଙ୍ଗଲର ରକ୍ଷଣାବେକ୍ଷଣ ଓ ସୁରକ୍ଷା, ଗ୍ରାମବାସୀମାନଙ୍କର ପ୍ରଥମ ସାମାଜିକ କର୍ତ୍ତବ୍ୟ । ସାମାଜିକ ବନୀକରଣ ଯୋଜନାରେ କେବଳ କେତୋଟି ବଡ଼ବଡ଼ ପ୍ଲାଣ୍ଟେସନ ସୃଷ୍ଟି ନକରି ଅନେକ ଛୋଟ ଛୋଟ ପ୍ଲାଣ୍ଟେସନ୍ ବିଭିନ୍ନ ଗାଁ ଗଣ୍ଡା ନିକଟରେ ବିକ୍ଷିପ୍ତ ଭାବରେ ସୃଷ୍ଟି କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦୦୦ ଗ୍ରାମକୁ ଯୋଜନା ପରିସରଭୁକ୍ତ କରାଯାଇଥିବା ସ୍ଥଳେ, ଦ୍ୱିତୀୟ ପର୍ଯ୍ୟାୟରେ ୭୫୦୦ ଗ୍ରାମରେ ନୂତନ ଜଙ୍ଗଲ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ପାରମ୍ପରିକ ପଦ୍ଧତିରେ ସୀମିତ ବନବିଭାଗ କର୍ମଚାରୀଙ୍କ ଦ୍ୱାରା ଏତେଗୁଡ଼ିଏ ଗ୍ରାମରେ ଜଙ୍ଗଲ ସୁରକ୍ଷା କରିବା ସମ୍ଭବ ନୁହେଁ ଏବଂ ଉଚିତ୍ ମଧ୍ୟ ନୁହେଁ । ଯୋଜନା ଜରିଆରେ ସୃଷ୍ଟି କରାଯାଉଥିବା ସାମାଜିକ ଜଙ୍ଗଲଗୁଡ଼ିକ ଗ୍ରାମବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ । ସେଥିରୁ ଉତ୍ପାଦିତ ବନଜାତ ଦ୍ରବ୍ୟ ଗ୍ରାମବାସୀମାନେହିଁ ସମ୍ପୂର୍ଣ୍ଣ ରୂପେ ଉପଭୋଗ କରିବେ । ତେଣୁ ଜଙ୍ଗଲର ରକ୍ଷଣାବେକ୍ଷଣ ମଧ୍ୟ ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ । ଲୋକ ଯେପରି ନିଜ ସ୍ୱତ୍ୱ ଜମିର ଫସଲକୁ ଜଗାରଖା କରେ ବା ନିଜସ୍ୱ ଘର, ବାଡ଼ି, ସମ୍ପତ୍ତିକୁ ରକ୍ଷଣାବେକ୍ଷଣ କରିଥାଏ, ସେହିପରି ଗ୍ରାମ୍ୟ ଜଙ୍ଗଲ ଗ୍ରାମବାସୀମାନଙ୍କର ଗୋଠସମ୍ପତ୍ତି ହୋଇଥିବାରୁ ଏକ ସମ୍ମିଳିତ ଉଦ୍ୟମ ଜରିଆରେ ଗ୍ରାମବାସୀମାନେ ଏହାର ରକ୍ଷଣାବେକ୍ଷଣ ପାଇଁ ଆଗେଇ ଆସିବା ଉଚିତ୍ । ସେହିପରି ଗ୍ରାମ୍ୟ ଦରିଦ୍ରଙ୍କ ପାଇଁ ଜଙ୍ଗଲ ସ୍ୱତ୍ୱ ଉପାଦାନରେ ବ୍ୟକ୍ତିଗତ ମାଲିକାନା ରହୁଥିବାରୁ, ତା'ର ସୁରକ୍ଷା ହିତାଧିକାରୀ ବ୍ୟକ୍ତି ବିଶେଷର ସାମାଜିକ କର୍ତ୍ତବ୍ୟ ।

ରୋପିତ ଜଙ୍ଗଲର ସୁରକ୍ଷା ବ୍ୟତୀତ, ଉପଯୁକ୍ତ ପରିଚାଳନା ଓ ଜଙ୍ଗଲଜାତ ଦ୍ରବ୍ୟର ସୁଷମ ଆବଣ୍ଟନ ମଧ୍ୟ ଗ୍ରାମବାସୀଙ୍କର ଦାୟିତ୍ୱ ପରିସରଭୁକ୍ତ । ଏଥିପାଇଁ ସାମାଜିକ ବନୀକରଣ କାର୍ଯ୍ୟ କରାଯାଉଥିବା ପ୍ରତିଟି ଗ୍ରାମରେ, ଏକ ପ୍ରତିନିଧି ସ୍ଥାନୀୟ କମିଟି— ଗ୍ରାମ ବନ କମିଟି ଗଠନ କରାଯାଇଥାଏ । ଗ୍ରାମ ବନ କମିଟି ଗାଁ ଭିତରେ ଓ ଜଙ୍ଗଲରେ ବନବିଭାଗର ଅନୁରୂପ କାର୍ଯ୍ୟ ତୁଲାଇଥାଏ । ଗ୍ରାମବାସୀମାନଙ୍କର ସକ୍ରିୟ ସହଯୋଗ ହାସଲ କରିବା ପାଇଁ ଗ୍ରାମ ବନ କମିଟି ଏକ ମାଧ୍ୟମ । ତେଣୁ କମିଟିର ସଦସ୍ୟମାନଙ୍କର ଯଥେଷ୍ଟ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ବୃକ୍ଷ ରୋପଣ ପାଇଁ ଜମି ନିରୂପଣ, କେଉଁ ପ୍ରକାର ଚାରା ଲାଗିବ, ଚାରା ପ୍ରସ୍ତୁତି, ଗାତ ଖୋଳିବା ଓ ଗଛ ଲଗାଇବା ଆଦି ସମସ୍ତ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ କମିଟି ସଦସ୍ୟମାନଙ୍କର ସକ୍ରିୟ ଅଂଶ ଗ୍ରହଣ ଏକାନ୍ତ ଆବଶ୍ୟକ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାର ଏକ ଏକ ବିଭାଗ । ଯୋଜନାର ପ୍ରତିଟି ପର୍ଯ୍ୟାୟରେ ଗ୍ରାମବାସୀମାନଙ୍କର ମତାମତ, କମିଟିର ସଦସ୍ୟମାନଙ୍କ ଜରିଆରେହିଁ ପ୍ରତିଫଳିତ ହୋଇଥାଏ । ଗାଁର ଲୋକମାନଙ୍କର କି କି ବନଜାତ ଦ୍ରବ୍ୟର ଆବଶ୍ୟକତା ରହିଛି, ସେ ବିଷୟରେ ଗ୍ରାମ ବନ କମିଟି ସବିଶେଷ ଧାରଣା ଦେଇ ପାରିବେ । ସେହିପରି ଚାରା ପ୍ରସ୍ତୁତି, ବୃକ୍ଷରୋପଣ ପାଇଁ ଶ୍ରମିକ ଯୋଗାଣ, ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ପ୍ରଣାଳୀ ଓ ସାର ପ୍ରୟୋଗ, ମୃତ୍ତିକା ସଂରକ୍ଷଣ ଆଦି ଆନୁଷଙ୍ଗିକ କାର୍ଯ୍ୟ କମିଟି ତତ୍ତ୍ୱାବଧାନରେ କରାଯାଇ ପାରିବ । ଗ୍ରାମ ବନକମିଟିର ସଦସ୍ୟମାନେ, ବୃକ୍ଷରୋପଣ ସମ୍ପର୍କୀୟ ଏହି ସମସ୍ତ ବୈଷୟିକ ଜ୍ଞାନରେ ପାରଦର୍ଶିତା ହାସଲ କଲା ପରେହିଁ, ଜଙ୍ଗଲ ପରିଚାଳନା ହସ୍ତାନ୍ତର ସହଜ ତଥା ସୁଗମ ହୋଇ ପାରିବ ।

ଥରେ ପରିଚାଳନା ଦାୟିତ୍ୱ ହାତକୁ ନେଲା ପରେ ଉତ୍ପାଦନ ଉପଯୋଗୀ ହେଲା ପର୍ଯ୍ୟନ୍ତ ଜଙ୍ଗଲର ସୁରକ୍ଷା ଏବଂ ରୋପିତ ବୃକ୍ଷର ରକ୍ଷଣାବେକ୍ଷଣ ଗ୍ରାମ ବନ କମିଟିର ମୁଖ୍ୟ କର୍ତ୍ତବ୍ୟ । କିନ୍ତୁ ସୁରକ୍ଷା ନାମରେ ଗ୍ରାମ୍ୟ ଜଙ୍ଗଲକୁ, ଗ୍ରାମବାସୀଙ୍କର ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ କରିଦେବା, ସାମାଜିକ ବନୀକରଣର ଉଦ୍ଦେଶ୍ୟ ନୁହେଁ । ଶୃଙ୍ଖଳା ଡାଳପତ୍ର ବା ଘଞ୍ଚ ହୋଇ ବଢ଼ୁଥିବା ଗଛଗୁଡ଼ିକର ଡାଳପତ୍ର ମଝିରେ ମଝିରେ କାଟି ଗ୍ରାମବାସୀଙ୍କର ବ୍ୟବହାର ପାଇଁ ଯୋଗାଇ ଦିଆଯାଇ ପାରେ । ସେହିପରି ଗ୍ରାମ୍ୟ ଜଙ୍ଗଲରୁ ଘାସକାଟି ଗାଈ ଗୋରୁଙ୍କ ଖାଇବା ପାଇଁ ନେବାକୁ ଲୋକମାନଙ୍କୁ ଅନୁମତି ଦିଆଯାଇ ପାରେ ଏବଂ ଦୁଇ ତିନି ବର୍ଷ ପରେ ଗଛଗୁଡ଼ିକ ବଡ଼ ହୋଇଗଲେ, ଗାଈ ଗୋରୁଙ୍କୁ ଚରିବା ପାଇଁ ମଧ୍ୟ ଏହି ଗ୍ରାମ୍ୟ ଜଙ୍ଗଲ ଭିତରକୁ ଛାଡ଼ି ଦିଆଯାଇ ପାରିବ । ସମୟ ସମୟରେ ଜଙ୍ଗଲରୁ କିଛି କିଛି ଉପକାର ପାଉଥିଲେ, ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀଙ୍କର ଆଗ୍ରହ ସୃଷ୍ଟି ହେବ ଓ ସାମାଜିକ ଜଙ୍ଗଲ ଯେ, ସେମାନଙ୍କ ପାଇଁ ଉଦ୍ଦିଷ୍ଟ, ଏ ବିଷୟରେ ପ୍ରତ୍ୟୟ ଜନ୍ମିବ ।

ଗ୍ରାମ୍ୟ ଜଙ୍ଗଲର ସୁପରିଚାଳନା ଉଦ୍ଦେଶ୍ୟରେ ଗଠିତ ଗ୍ରାମ୍ୟ ବନ କମିଟିକୁ ଆଇନ୍‌ଗତ ଅଧିକାର ଦେବା ନିମନ୍ତେ, ୧୯୮୫ ମସିହାରେ ରାଜ୍ୟ ସରକାର 'ଗ୍ରାମ୍ୟ ଜଙ୍ଗଲ ଆଇନ୍' ପ୍ରଣୟନ କରିଛନ୍ତି । ଗ୍ରାମବାସୀଙ୍କ ଭିତରେ ଜଙ୍ଗଲଜାତ ପଦାର୍ଥର ସୁଷମ ବଣ୍ଟନ କମିଟିର ଦାୟିତ୍ୱ । ଏହା ଏକ ଗୁରୁ ଦାୟିତ୍ୱ ଏବଂ ଏହି ଦାୟିତ୍ୱରେ ସାମାନ୍ୟତମ ଅବହେଳା ବା ଖିଲାପ କଲେ ତାହା ପ୍ରକାରାନ୍ତରେ ଗ୍ରାମ୍ୟ ବିବାଦର ସୂତ୍ରପାତ କରାଇବ । ଏହି କାରଣରୁ ଗ୍ରାମ୍ୟ ଜଙ୍ଗଲ ଆଇନ୍‌ରେ କେତେକ ଦିଗ୍‌ଦର୍ଶନ ଦିଆଯାଇଛି । ତାହା ହେଉଛି; ଜାଳେଣୀ କାଠ ଯୋଗାଣ ବେଳେ ଯେତେଦୂର ସମ୍ଭବ ଲୋକମାନଙ୍କର ପ୍ରକୃତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଣ୍ଟନ କରାଯିବ । ସେହିପରି ଗୃହନିର୍ମାଣ ଓ କୃଷି ଉପକରଣ ପାଇଁ ସର୍ବନିମ୍ନ ଆବଶ୍ୟକତା କମିଟି ଦ୍ୱାରା ହିସାବ କରାଯାଇ, ତଦନୁସାରେ ଉତ୍ପାଦିତ ଜଙ୍ଗଲଜାତ ପଦାର୍ଥକୁ ବିଭିନ୍ନଙ୍କୁ ନେଇ, ସୁଷମ ବଣ୍ଟନ କରାଯିବ । ଗ୍ରାମ୍ୟ ଜଙ୍ଗଲରୁ କାଠ କିମ୍ବା ଅନ୍ୟାନ୍ୟ ବନଜାତ ପଦାର୍ଥ ଅପସାରଣ କରିବା ନିମନ୍ତେ କମିଟିର ଦୁଇ ଜଣ ସଭ୍ୟ ପରମିଟ୍ ପ୍ରଦାନ କରିବେ । କିନ୍ତୁ ଏଇଠି କେତେକ ପ୍ରତିବନ୍ଧକ ରଖାଯାଇଛି । ଅର୍ଥାତ୍ ଗ୍ରାମବାସୀ ବା ଉପଭୋକ୍ତା କେବଳ ସେମାନଙ୍କର ନିଜସ୍ୱ ବ୍ୟବହାର ନିମନ୍ତେ ଗ୍ରାମ୍ୟ ବନରୁ ଜଙ୍ଗଲଜାତ ଦ୍ରବ୍ୟ ପାଇବା ପାଇଁ ହକ୍‌ଦାର ହେବେ, ମାତ୍ର ତାହା ବିକ୍ରୟ କରି ପାରିବେ ନାହିଁ । ଗ୍ରାମର ଉନ୍ନତି କଳ୍ପେ, ଏହି ନିୟମ ଯଥା ବିଧି ପାଳିତ ହେଉଛି କି ନାହିଁ, ତାହା ଦେଖିବା ଗ୍ରାମବାସୀ ଓ ଗ୍ରାମ ବନ କମିଟିର ସାମାଜିକ କର୍ତ୍ତବ୍ୟ ।

ଗ୍ରାମବାସୀ ଓ ବନ ବିଭାଗ ଭିତରେ ମିଳିତ ରାଜିନାମା ସଦୃଶ ଯୌଥ ପରିଚାଳନା ଦଲିଲ୍ ପ୍ରସ୍ତୁତ କରାଯାଇଥାଏ । ରୋପିତ ବୃକ୍ଷର ସୁରକ୍ଷା ନିମନ୍ତେ ଗ୍ରାମବାସୀମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଏହି ଦଲିଲ୍‌ରେ ବିଶେଷଭାବେ ବର୍ଣ୍ଣନା କରାଯାଇଛି । ଏହାଛଡ଼ା ରୋପିତ ବୃକ୍ଷର ବିବରଣୀ, ଅମଳ ତଥା ବଣ୍ଟନ ପଦ୍ଧତି ମଧ୍ୟ ଗ୍ରାମ ବନ କମିଟିରେ ସ୍ୱୀକୃତ କରାଯାଇ, ଏହି ଦଲିଲ୍‌ରେ ଲିପିବଦ୍ଧ କରାଯାଇଥାଏ । ଯୌଥ ପରିଚାଳନା ଦଲିଲ୍ ଦସ୍ତଖତ ହେବା ସମୟରେ, ଗ୍ରାମବାସୀଙ୍କର ଏକ ସର୍ବସାଧାରଣ ସଭା ଡକାଯାଇ, ସେମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥାଏ । ଏହି ସଭାରୁହିଁ ବାସ୍ତବ ପ୍ରଶିକ୍ଷଣ ଓ ଗ୍ରାମରେ ସାମାଜିକ ବନ ଯୋଜନାର ଶୁଭାରମ୍ଭ କରାଯାଇଥାଏ ।

ପରିଚାଳନା ହସ୍ତାନ୍ତର ପୂର୍ବରୁ ଗ୍ରାମବାସୀ, ଗ୍ରାମ ବନ କମିଟିର ସଦସ୍ୟ ଓ ଗାଁ ଗହଳିରେ କାମ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ବୃକ୍ଷରୋପଣ ସମ୍ପର୍କୀୟ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ବୈଷୟିକ ଜ୍ଞାନ ହାସଲ କରିବା ବିଧେୟ । ଏଥି ସହିତ ସେମାନେ ଜାଣିବା ଉଚିତ୍ ଯେ, ଚାରା କେନ୍ଦ୍ର ସ୍ଥାପନ, ମଞ୍ଜି ସଂଗ୍ରହ, ବୃକ୍ଷରୋପଣ, ମୃତ୍ତିକା ସଂରକ୍ଷଣ, ବୃକ୍ଷ ଅମଳ ଆଦି ପ୍ରତ୍ୟେକଟି କାର୍ଯ୍ୟ କିପରି କରାଯାଉଛି ଓ କାହିଁକି କରାଯାଉଛି ? ଏହା ହେଲେ ଭବିଷ୍ୟତ ପରିଚାଳନାର ଏକ ସୁଦୃଢ଼ ଭିତ୍ତିଭୂମି ଗ୍ରାମ୍ୟ ସ୍ତରରେ ସ୍ଥାପନ କରାଯାଇ ପାରିବ ।

ପ୍ରଚଳିତ ପ୍ରକଳ୍ପ ବିବରଣୀ ଅନୁସାରେ, ବୃକ୍ଷରୋପଣର ଦ୍ୱିତୀୟ ବର୍ଷରେହିଁ, ଗ୍ରାମ ବନ କମିଟିକୁ ପରିଚାଳନା ହସ୍ତାନ୍ତର କରି ଦିଆଯିବ । କିନ୍ତୁ ଆବଶ୍ୟକୀୟ ସହାୟତା ପାଇଁ ପ୍ରକଳ୍ପ ତରଫରୁ ଗ୍ରାମ ବନ ସେବକର ସେବା ସର୍ବଦା ଉପଲବ୍ଧ ରହିବ । ସାମୁହିକ ସମ୍ପଦ ପରିଚାଳନା କ୍ଷେତ୍ରରେ

ଅଧିକାଂଶ ଗ୍ରାମରେ ଆଗରୁ କିଛିନା କିଛି ଅଭିଜ୍ଞତା ରହିଛି । ବୃକ୍ଷରୋପଣ କ୍ଷେତ୍ରରେ ସେହି ଅଭିଜ୍ଞତାର ସଦୁପଯୋଗ କରାଯାଇ, କିପରି ଏକ ଆତ୍ମନିର୍ଭରଶୀଳ ବନଉତ୍ପାଦନ ପଦ୍ଧତି ପ୍ରତିଷ୍ଠା କରାଯାଇ ପାରିବ; ଯାହାକି ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କୁ ବନଜ ସମ୍ବଳ ଯୋଗାଇ ଆସୁଥିବ, ତାହାହିଁ ହେବ ସାମାଜିକ ବନ ଯୋଜନାର ଉଦ୍ଦେଶ୍ୟ । ଅର୍ଥାତ୍ ବନ ବିଭାଗ ଥରେ ବୃକ୍ଷ ରୋପଣ କରି, ବୈଷୟିକ ସ୍ଥାନରେ ତାଲିମ୍ ଦେବା ପରେ, ତାହାକୁ ପୁଷ୍ଟି କରି ଗ୍ରାମ ବନ କମିଟି ଗ୍ରାମ୍ୟ ଜଙ୍ଗଲର ପରିଚାଳନା କରିବେ । ଗଛ ଅମଳ ହେଲା ପରେ, ପ୍ରଥମେ ଗ୍ରାମବାସୀଙ୍କର ଆବଶ୍ୟକତା ମେଣ୍ଟାଇ, ବଳକା କିଛି ଗଛ ବିକ୍ରୟ କରାଯିବ ଓ ବିକ୍ରୀଲବ୍ଧ ଅର୍ଥ ଗ୍ରାମ ପାଣ୍ଠିରେ ଜମା କରାଯାଇ, ଭବିଷ୍ୟତରେ ପୁନର୍ବାର ବୃକ୍ଷରୋପଣ କାର୍ଯ୍ୟରେ ବିନିଯୋଗ କରାଯିବ । ଯେଉଁଠୁ ଗଛଟିଏ କଟିବ, ସେଠି ସେପରି ସଙ୍ଗେ ସଙ୍ଗେ ଗଛଟିଏ ଲାଗି ପାରିବ, ଏହି ପ୍ରକ୍ରିୟା ସୁସ୍ଥ ରହିଲେ, ଗ୍ରାମବାସୀ ନିଜନିଜର ଗ୍ରାମ୍ୟ ଜଙ୍ଗଲରୁ ନିରବଚ୍ଛିନ୍ନଭାବେ ମୌଳିକ ବନଜାତ ଦ୍ରବ୍ୟର ସୁବିଧା ପୂରଣ କରି ପାରୁଥିବେ । ନିଜେ ନିଜର ଜଙ୍ଗଲ ସମ୍ପଦ ସୃଷ୍ଟି କରିବା ଫଳରେ, ସରକାରୀ ସଂରକ୍ଷିତ ଜଙ୍ଗଲ ଉପରୁ ନିର୍ଭରଶୀଳତା ହ୍ରାସ ପାଇବ । ତାହାହିଁ ହେବ ସାମାଜିକ ବନୀକରଣ ଯୋଜନାର ଚରମ ସଫଳତା ।

ନିର୍ଦ୍ଦେଶକ, ସାମାଜିକ ବନ ପ୍ରକଳ୍ପ
ସାମାଜିକ ବନୀକରଣ ନିର୍ଦ୍ଦେଶାଳୟ
୧, ରଙ୍ଗନଗର, ୟୁନିଟ୍-୬
ଭୁବନେଶ୍ୱର-୭୫୧୦୦୧ ।



# ଏକ ସାର୍ଥକ ସ୍ୱପ୍ନର କାହାଣୀ

ଚୌଧୁରୀ ଗୌରହରି ମିଶ୍ର

୧୯୭୯ ମସିହାରେ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଥିବା ହାତୀମାନଙ୍କର ସଂଖ୍ୟା ଗଣନା କରାଯାଇଥିଲା । ସେହି ସଂଖ୍ୟା ସଙ୍କଳନ ଅନୁଯାୟୀ ନନ୍ଦନକାନନ ନିକଟବର୍ତ୍ତୀ ଚନ୍ଦକା ଓ ଡମପଡା ଜଙ୍ଗଲ ଭିତରେ ୫୭ ଘର ହାତୀ ଥିଲେ ବୋଲି ସ୍ଥିର ହୋଇଥିଲା । ଭୁବନେଶ୍ୱରରେ ରାଜଧାନୀ ନିର୍ମାଣ ହେବା ପୂର୍ବରୁ ଏଠାରେ ହରିଣ, ସମ୍ବର, କୁଟ୍ରା, ବାରହା, ମୟୁର, ବଣ କୁକୁଡା, ଡାହାଳ କୁକୁର, କଲରା ପତରିଆ ବାଘ, ମହାବଳ ବାଘ ଓ ହାତୀ ପ୍ରଭୃତି ନାନା ପ୍ରକାର ପଶୁ ପକ୍ଷୀ ସ୍ୱଚ୍ଛନ୍ଦରେ ବାସ କରୁଥିଲେ ଏବଂ ଏହି ଅଞ୍ଚଳଟି ଓଡ଼ିଶାର ଏକ ପ୍ରସିଦ୍ଧ ବନାନୀ ତଥା ବନ୍ୟ ପ୍ରାଣୀପୂର୍ଣ୍ଣ ଅଞ୍ଚଳ ରୂପେ ଖ୍ୟାତି ଲାଭ କରିଥିଲା । ଅନେକଙ୍କର ଏବେ ମଧ୍ୟ ମନେଥିବ ଯେ ନୂଆ ରାଜଧାନୀ ଆରମ୍ଭ ହେବା ଦିନଠାରୁ ଏହି ଜଙ୍ଗଲଗୁଡ଼ିକର ଦ୍ରୁତ କ୍ଷୟ ସାଧନ ଆରମ୍ଭ ହୋଇଥିଲା । ଅରଣ୍ୟାନୀର ଧ୍ୱଂସ ସହିତ ସମତାଳରେ ତନ୍ମଧ୍ୟସ୍ଥ ପଶୁ ପକ୍ଷୀ ସମୂହ ଲୋପ ପାଇ ଯାଇଥିଲେ । ୧୯୭୯-୮୦ ବେଳକୁ ଏହି ଧ୍ୱଂସ ପ୍ରକ୍ରିୟା ପ୍ରାୟ ସମ୍ପୂର୍ଣ୍ଣ ହୋଇ ଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଜଙ୍ଗଲ ଭିତରେ ଜୀବନ ସାଥୀ ନ ମିଳିବାରୁ ହେଉ ବା ନନ୍ଦନକାନନର ବାଘ 'ପ୍ରଦୀପ'ର ଆକର୍ଷଣରେ ହେଉ ଏହି ଅରଣ୍ୟାନୀର ଏକ ବାଘୁଣୀ ତା୪-୧-୧୯୬୭ରିଖରେ ମିଳନ ଆବେଗରେ ନନ୍ଦନକାନନର ପ୍ରାକୃତିକ ଆବେଷ୍ଟନୀ ମଧ୍ୟକୁ ଡେଇଁ ପଡ଼ିଥିଲା । ସେତେବେଳେ ଏହି ମହାବଳ ବାଘୁଣୀଟିର ନାମ ଦିଆଯାଇଥିଲା 'କାନନ' ଓ ଏହା ଥିଲା ନନ୍ଦନକାନନର ସର୍ବ ପ୍ରଥମ ବିଶ୍ୱ ରେକର୍ଡ । ଚିଡ଼ିଆଖାନାମାନଙ୍କ ଇତିହାସରେ ଏହା ଏକ ଅପୂର୍ବ ନାଟକୀୟ ତଥା ରୋମାଞ୍ଚକର ଘଟଣା ହୋଇ ରହିଲା ସତ; ମାତ୍ର ଏହାପରେ ଚନ୍ଦକା-ଡମପଡା ଜଙ୍ଗଲ ଓ ତା'ର ଆଖପାଖ ଅଞ୍ଚଳରେ ଆଉ ମହାବଳ ବାଘ ଦେଖିବାକୁ ମିଳିନଥିଲା । ତେଣୁ ମନେକରାଯାଏ ଯେ, 'କାନନ' ହିଁ ଚନ୍ଦକା-ଡମପଡା ଜଙ୍ଗଲର ମହାବଳ ବାଘମାନଙ୍କର ଥିଲା ଶେଷ ବଂଶଧର ।

ଏହାପରେ ଗତ ତା ୨୯-୬-୧୯୭୮ରିଖ ଦିନ ପ୍ରସିଦ୍ଧ ଧଉଳିଗିରି ସନ୍ନିକଟ ବସନ୍ତପୁର ଗ୍ରାମ ଭିତରକୁ ଗୋଟିଏ କଲରା ପତରିଆବାଘ ପଶି ଆସିଥିଲା । ପ୍ରଥମେ ସେ ଆଖୁ କିଆରୀ ଭିତରେ ଲୁଚିଥିବାର ଲକ୍ଷ୍ୟ କରାଯାଇଥିଲା ଓ ଲୋକମାନେ ଜମା ହୋଇ ମାରଧର କରିବାରୁ ଜୀବନ ବିକଳରେ ସେ ଗ୍ରାମ [illegible] ଗୋଟିଏ ଘରର ମାଣ୍ଡୁ ଉପରକୁ ଚଢ଼ି ଯାଇଥିଲା । ଲୋକେ [illegible] ହୋଇ [illegible] ମାରି ଦେଇଥିଲେ ।

ସେ ଅଞ୍ଚଳରେ ବାଘର ଉପଦ୍ରବ କଥା ଦୂରେ ଥାଉ, ଲୋକେ ଏ କଥା ସ୍ୱପ୍ନରେ ମଧ୍ୟ କଳ୍ପନା କରି ନଥିଲେ । ମୁଁ ସେ ମୃତ ବାଘଟିକୁ ଆଣି ଶବ ବ୍ୟବଚ୍ଛେଦ କଲାପରେ ଜଣା ପଡ଼ିଲା ଯେ ତା'ର ପାକସ୍ଥଳୀ ଶୂନ୍ୟ ଥିଲା ଓ ତା'ର ଦେହରେ କୌଣସି ଖୁଣ ନଥିଲା । ପରେ ସ୍ଥାନୀୟ ଅନୁଶୀଳନ ଓ ଅନୁସନ୍ଧାନରୁ ଜଣା ପଡ଼ିଲା ଯେ, ଏହା ଚନ୍ଦକା ସମୀପବର୍ତ୍ତୀ ଘାଟିକିଆ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ବାହାରି ଜନବସତି ଭିତରକୁ ଭୁଲ୍‌ରେ ପଶିଆସିଥିଲା । ଏହି କଲରା ପତରିଆ ବାଘଟି ବୋଧହୁଏ ଥିଲା ଚନ୍ଦକା-ଡମପଡା ବନାଞ୍ଚଳରେ ସେ ଜାତିର ଶେଷ ସନ୍ତକ ।

ପ୍ରାକୃତିକ ପରିବେଶ କ୍ଷୟପ୍ରାପ୍ତ ହୋଇଯିବା ଫଳରେ ହିଁ ବାଧ୍ୟହୋଇ ବନ୍ୟପ୍ରାଣୀମାନେ ଭୟ ଓ ଆଶଙ୍କା ସତ୍ତ୍ୱେ ବାହାରକୁ ଚାଲି ଯାଆନ୍ତି ଓ ସେହିଠାରେ ଆରମ୍ଭ ହୁଏ ସକଳ ବନ୍ୟପ୍ରାଣୀ ଓ ମାନବ ସମାଜ ମଧ୍ୟରେ ବଞ୍ଚି ରହିବା ପାଇଁ ସ୍ୱାର୍ଥର ସଂଘର୍ଷ ।

ହାତୀମାନେ କିନ୍ତୁ ସହଜରେ ହାର ମାନିବାର ଜୀବ ନୁହନ୍ତି । ମଣିଷ ତାଙ୍କର ବାସସ୍ଥାନ ଚନ୍ଦକା-ଡମପଡା ଆଦି ଜଙ୍ଗଲକୁ ଆପାତତଃ ସମ୍ପୂର୍ଣ୍ଣ ଭାବରେ ଉଜାଡ଼ି ଦେଲେ ମଧ୍ୟ ତାରି ଭିତରେ, ବଣବୁଦାରେ ଓ କଣ୍ଟାବାଉଁଶ ବୁଦା ଉହାଡରେ ଆଶ୍ରୟ ନେଇ ଶେଷ ସଂଗ୍ରାମ ଲାଗି ସତେ ଯେପରି ଅପେକ୍ଷାରତ ଥିଲେ । ଯେତେବେଳେ ଜଙ୍ଗଲ ଅଞ୍ଚଳ ପାଖରେ ଶସ୍ୟ କ୍ଷେତରେ ଧାନ ପାଚେ, ସେମାନେ ନିର୍ଭୟରେ ଆସି ଧାନ ଖାଇ ଯାଆନ୍ତି । ଏପରିକି ଗ୍ରାମ ଭିତରକୁ ପଶି ଆସି ଓ ରାତିରେ ଜଳୁଥିବା ବିଜୁଳୀ ଆଲୁଅକୁ ଭ୍ରୁକ୍ଷେପ ନକରି ଖଳାରୁ ଧାନ ଖାଇ ଯାଆନ୍ତି । ତାଙ୍କ ହାବୁଡରେ ପଡ଼ିଗଲେ ମଣିଷ ବା ଗୋରୁ ଗାଈଙ୍କୁ ସେ ଦଳି ଚକଟି ମାରି ପକାଇବାର ଦେଖାଗଲା । ଏହିଭଳି ଅବସ୍ଥା କେତେ ବର୍ଷ ଧରି ଲାଗି ରହିଲା । ହାତୀମାନଙ୍କର ଅଦ୍ଭୁତ ପ୍ରତିହିଂସା ଲକ୍ଷ୍ୟ କରିବାର କଥା । ସେତେବେଳେ ମୁଁ ଏହା ସବୁ ବୁଲି ବୁଲି ଦେଖୁଥିଲି ଓ ଘଟଣା ଅନୁଶୀଳନ କରିବାର ସୁଯୋଗ ପାଉଥିଲି । ବର୍ଷ ପରେ ବର୍ଷ ଯେତେବେଳେ ଏହିଭଳି ଅବସ୍ଥା ଲାଗି ରହିଲା ବିଶେଷତଃ ଧାନ ଅମଳ ସମୟରେ ଅବସ୍ଥା ଏପରି ହେଲା ଯେ, ଚନ୍ଦକା ଓ ତା'ର ଆଖପାଖ ଅଞ୍ଚଳରେ ଗ୍ରାମ ଭିତରେ ମଧ୍ୟ ଲୋକମାନେ ନିଜକୁ ନିରାପଦ ମଣିଲେ ନାହିଁ । ଚିନ୍ତା ପଡ଼ିଲା କଅଣ କରାଯିବ ? ଲୋକମାନଙ୍କ ଧନ ଜୀବନ ରକ୍ଷା ବାସ୍ତବିକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହୋଇ ପଡ଼ିଲା । ଏବେ ୬/୭ ବର୍ଷ ପରେ ସେତେବେଳକାର ଭୟପ୍ରଦ ଅବସ୍ଥାର ଗୁରୁତ୍ୱ ବୁଝିବା କଷ୍ଟକର ।

ଲୋକମାନେ ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ନିକଟରେ ଘନଘନ ଗୁହାରୀ କଲେ । ସରକାରୀ ସ୍ତରରେ ବାରମ୍ବାର ଆଲୋଚନା ହେଲା । ବନ ବିଭାଗ ଓ ପୁଲିସ୍ ବାହିନୀର ମିଳିତ ଉଦ୍ୟମରେ ହାତୀମାନଙ୍କୁ ଶୀକାର କରିବାର ପ୍ରଚେଷ୍ଟା ଫଳପ୍ରସୂ ହୋଇ ପାରିଲା ନାହିଁ । ତା'ପରେ ବନ ବିଭାଗ ତରଫରୁ ଓଡ଼ିଶାର ପ୍ରଖ୍ୟାତ ଶୀକାରୀ କ୍ୟାପ୍‌ଟେନ୍ ଅନନ୍ତ ପ୍ରସାଦ ମହାନ୍ତିଙ୍କୁ ହାତୀ ଶୀକାର ନିମିତ୍ତ ଅଣାଯାଇ ସମସ୍ତ ବନ୍ଦୋବସ୍ତ କରିଦିଆଗଲା । ତଥାପି ମଧ୍ୟ ସେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ଗୋଟିଏ ଘଟଣାରେ ହାତୀର ଅପ୍ରତ୍ୟାଶିତ ଆକ୍ରମଣରୁ ନିଜକୁ ସେ ବଞ୍ଚାଇ ନେଇ ପାରିଲେ ମଧ୍ୟ ତାଙ୍କର ଛାତିରେ ଗୁରୁତର ଆଘାତ ଲାଗିଲା ଓ ସେ ମୁମୂର୍ଷୁ ଅବସ୍ଥାରେ ଫେରିଯିବାକୁ ବାଧ୍ୟ ହେଲେ । ସେତେବେଳେ ଜଙ୍ଗଲ ବୃକ୍ଷ ଶୂନ୍ୟ ଅବସ୍ଥାରେ ଥିଲେ ମଧ୍ୟ ଚାରିଆଡେ କ୍ଷୟପ୍ରାପ୍ତ କଣ୍ଟା ବାଉଁଶ ବୁଦାଗୁଡ଼ିକ ଭିତରେ ହାତୀମାନେ ଲୁଚିଛପି ଗରିଲା ଯୁଦ୍ଧ ଚଳାଉଥିବା ପରି ମନେ ହେଉଥିଲା । ହାତୀ ଯେ କେତେ ବୁଦ୍ଧିମାନ ତାହା ସେହି ଜୀବନ ସଂଗ୍ରାମରତ ହାତୀମାନଙ୍କୁ ଲକ୍ଷ୍ୟ କରି ମୁଁ ଅନୁଭବ କରିଥିଲି ।

ମାତ୍ର ସ୍ଥାନୀୟ ଲୋକମାନଙ୍କର ବିକଳ ଅବସ୍ଥା ଦେଖିଲେ ଧୈର୍ଯ୍ୟ ରହୁ ନଥିଲା । ଥରେ ଚନ୍ଦକା ପାଖରେ ଗୋଟିଏ ଗ୍ରାମରେ ଆକାଉଣ୍ଟାଣ୍ଟ ଜେନେରାଲ୍ ଅଫିସ୍‌ରେ କାମ କରୁଥିବା ଜଣେ ଭଦ୍ରବ୍ୟକ୍ତି ସକାଳୁ ପଡ଼ିଆକୁ ଶୌଚ ନିମନ୍ତେ ଯାଉଥିବା ସମୟରେ ହାତୀ ତାଙ୍କୁ ଦଳି ପକାଇ ମାରିଦେଲା । ଏହି ମର୍ମନ୍ତୁଦ ଘଟଣା ଘଟିବା ଦିନ ମୁଁ ସେଠାକୁ ଯାଇ ଅବସ୍ଥା ପ୍ରତ୍ୟକ୍ଷରେ ଦେଖି ଆସିଥିଲି । ସ୍ଥାନୀୟ ଲୋକମାନେ ପ୍ରାଣ ଭିକାରେ ଆର୍ତ୍ତନାଦ କରୁଥିଲେ । ହାତୀ ଦାନ୍ତ ପୁରସ୍କାର ଘୋଷଣା କଲେ ମଧ୍ୟ କେହି ଶୀକାରୀ ହାତୀ ମାରିବାକୁ ସାହସ କରୁନଥିଲେ । ହାତୀମାନଙ୍କୁ ମାରିବାର ଚେଷ୍ଟା ବହୁ ଆୟାସ ସାଧ୍ୟ ମନେ ହେଉଥିଲା । ଗ୍ଲାନି ଓ ଅସହାୟତା ଆମକୁ କିଂକର୍ତ୍ତବ୍ୟବିମୂଢ଼ କରି ପକାଇଥିଲା । ଲୋକମାନଙ୍କୁ ଏ ବିପତ୍ତିରୁ ରକ୍ଷା କରିବା ନିମିତ୍ତ ସମସ୍ତ ଉପାୟ ଚିନ୍ତା କରିବା ପାଇଁ ପରିସ୍ଥିତି ଆମକୁ ବାଧ୍ୟ କରୁଥିଲା । ସମାଧାନର ମାତ୍ର ଦୁଇଗୋଟି ସୂତ୍ର ଥିଲା । ପ୍ରଥମଟି ହେଲା ସମସ୍ତ ହାତୀମାନଙ୍କୁ ଶୀକାର କରି ନିଶ୍ଚିହ୍ନ କରିଦିଆଯାଇ ପାରେ । ଦ୍ୱିତୀୟଟି ହେଲା, ବ୍ୟୟବହୁଳ ପ୍ରତୀୟମାନ ହେଲେ ମଧ୍ୟ, ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ସେମାନଙ୍କର ଏବଂ ସେମାନଙ୍କ ପ୍ରାକୃତିକ ପରିବେଶର ଉପଯୁକ୍ତ ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ସେମାନଙ୍କୁ ପର୍ଯ୍ୟାପ୍ତ ଅଞ୍ଚଳରେ ଆବଦ୍ଧ କରି ରଖାଯାଇ ପାରେ । ସେତେବେଳେ କେନିଆ ସରକାର ବହୁ ହାତୀ ଶୀକାର କରିବା ପାଇଁ ଅନୁମତି ଦେଇଥିବାରୁ ପୃଥିବୀର ଚାରିଆଡେ ସମାଲୋଚନାର ଶରବ୍ୟ ହୋଇଥାଆନ୍ତି । ତେଣୁ ବୈଜ୍ଞାନିକ ପଦ୍ଧତି ଅନୁସରଣ ପୂର୍ବକ ହାତୀ ତଥା ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କୁ ସର୍ବୋତ୍ତମ ସୁରକ୍ଷା ନିମିତ୍ତ ଚନ୍ଦକା ସଂରକ୍ଷିତ ଜଙ୍ଗଲ, ଭୁତଙ୍ଗ ସଂରକ୍ଷିତ ଜଙ୍ଗଲ, ଅଖନଗା ରକ୍ଷିତ ଜଙ୍ଗଲ, ପ୍ରିୟଙ୍କାର ରକ୍ଷିତ ଜଙ୍ଗଲ, ଭୋଲା ସଂରକ୍ଷିତ ଜଙ୍ଗଲ, ବାରାପିଟା ସଂରକ୍ଷିତ ଜଙ୍ଗଲ, ତରକେଣ୍ଡ ସଂରକ୍ଷିତ ଜଙ୍ଗଲ, କୃଷ୍ଣନଗର ରକ୍ଷିତ ଜଙ୍ଗଲର କେତେକାଂଶ, ଡାଲୁଆ ରକ୍ଷିତ ଜଙ୍ଗଲ ଏବଂ କୋଦମୁଣ୍ଡା ରକ୍ଷିତ ଜଙ୍ଗଲ ଓ ଭୁତଙ୍ଗ ସଂରକ୍ଷିତ ଜଙ୍ଗଲ ତଥା ଚନ୍ଦକା ସଂରକ୍ଷିତ ଜଙ୍ଗଲର ମଧ୍ୟବର୍ତ୍ତୀ ଖେସରା ଜଙ୍ଗଲର ୪୦୦ ଏକରକୁ ନେଇ ସମୁଦାୟ ୪୩,୩୭୧ ଏକର ପରିମିତ ଅଞ୍ଚଳର ଏକ ସୁରକ୍ଷିତ ବନାଞ୍ଚଳ ଗଢ଼ି ତୋଳିବାର ପ୍ରସ୍ତାବ ଦେଲି । ଏହି ସୁରକ୍ଷିତ ଅଞ୍ଚଳର ଚତୁର୍ଦ୍ଦିଗରେ ଏକ ପରୀଖା ଖନନର ବ୍ୟବସ୍ଥା କରାଯାଇଥିଲା । ଉପରେ ୮ ଫୁଟ ଓସାର, ତଳେ ୬ ଫୁଟ ଓସାର ଓ ୬ ଫୁଟଗଭୀରର ପରୀଖା ଖୋଳିବାରବ୍ୟବସ୍ଥା ଥିଲା । ପରୀଖାର ସୁରକ୍ଷା ନିମନ୍ତେ ଏହାର କାନ୍ଥଗୁଡ଼ିକରେ ସ୍ଥଳ ବିଶେଷରେ ପଥର ବନ୍ଧାଇବା ଆବଶ୍ୟକତା ଥିଲା । ଏହା ହେଲେ ତନ୍ମଧ୍ୟସ୍ଥ ହାତୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁମାନେ ଏକ ସୁରକ୍ଷିତ ଅଞ୍ଚଳରେ ନିର୍ବିଘ୍ନରେ ବିଚରଣ କରିପାରିବେ ଏବଂ ସେହି ଉଜୁଡ଼ି ଯାଇଥିବା ବଣ ଜଙ୍ଗଲ ପୁଣି ଥରେ ବଢ଼ି ଉଠିବ । ବନ୍ୟ ପ୍ରାଣୀଙ୍କର ଆବଶ୍ୟକୀୟ ବୃକ୍ଷଲତା ମଧ୍ୟ ଲଗାଯାଇ ପାରିବ । ସ୍ଥାନୀୟ ଲୋକେ ମଧ୍ୟ ନିରାପଦରେ ଜୀବନ ନିର୍ବାହ କରିପାରିବେ । ଏହି ପ୍ରସ୍ତାବ ମୁଁ ୧୯୮୦ ମସିହା ସେପ୍ଟେମ୍ବର ମାସରେ ଦେଇଥିଲି । ଯଦିଓ ସେତେବେଳେ ଏହି ପ୍ରସ୍ତାବଟି ପ୍ରତି କାହାରି ଦୃଷ୍ଟି ପଡ଼ି ନଥିଲା, ସେତେବେଳେ ଅସମ୍ଭବ ଲାଗୁଥିଲେ ହେଁ, ଏହା ଯେ ଏକମାତ୍ର ଉପାୟ ଏ ସମ୍ପର୍କରେ ମୋର ସନ୍ଦେହ ନଥିଲା । ଚନ୍ଦକା ଓ ଡମପଡା ଅଞ୍ଚଳର ଜଙ୍ଗଲ ଯେ ପୁନରୁଜ୍ଜୀବିତ ହୋଇ ଉଠିବ ଏବଂ ତନ୍ମଧ୍ୟସ୍ଥ ପଶୁ ପକ୍ଷୀ ତଥା ତା'ର ଚତୁର୍ଦ୍ଦିଗରେ ଅବସ୍ଥିତ ଗ୍ରାମମାନଙ୍କରେ ଜନସାଧାରଣ ଯେ ପୂର୍ବଭଳି ନିର୍ଭୟରେ ବସବାସ କରିପାରିବେ ଏହା ଥିଲା ମୋର ଏକ ସ୍ୱପ୍ନ ।

ପରବର୍ତ୍ତୀ କାଳରେ ଲୋକମାନେ ହାତୀ ଭୟରେ ଆକୁଳ ଆବେଦନ କରିବାରୁ ଓଡ଼ିଶାର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମହୋଦୟ ସେ ସମ୍ପର୍କରେ ବାରମ୍ବାର ଆଲୋଚନା ଆରମ୍ଭ କଲେ । ସେତେବେଳେ ମୋର ଉପରୋକ୍ତ ପ୍ରସ୍ତାବ ସମ୍ପର୍କରେ ତଦାନୀନ୍ତନ ମୁଖ୍ୟ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀ, ବ୍ୟାଘ୍ର ପ୍ରକଳ୍ପର ନିର୍ଦ୍ଦେଶକ ସ୍ୱର୍ଗତ ସରୋଜରାଜ ଚୌଧୁରୀ ତଥା ଅତିରିକ୍ତ ମୁଖ୍ୟ ବନ୍ୟ ସଂରକ୍ଷକ ସ୍ୱର୍ଗତ ପଦାରବିନ୍ଦ ମହାପାତ୍ର ଅନୁକୂଳ ମନ୍ତବ୍ୟ ଦେଇ ଏହା କାର୍ଯ୍ୟକାରୀ କରିବା ସପକ୍ଷରେ ମତ ଦେଇଥିଲେ । ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ବୁଝାଇ କହିଲି ଯେ ଆଉ କୌଣସିଠାରେ ଏକ ରାଜଧାନୀର ଏତେ ନିକଟରେ ଏତେ ସଂଖ୍ୟାରେ ହାତୀ ଓ ଅନ୍ୟାନ୍ୟ ଜୀବଜନ୍ତୁ ବାସ କରୁ ନାହାନ୍ତି । ଏହି ଦୃଷ୍ଟିରୁ ମୂଳରୁ ବ୍ୟୟ ବହୁଳ ମନେ ହେଉଥିବା ଏହି ଯୋଜନାଟି ଭବିଷ୍ୟତରେ ପ୍ରଭୂତ ଅର୍ଥ ଉପାର୍ଜନକ୍ଷମ ହୋଇ ପାରିବ । ବହୁଲୋକ ଜୀବଜନ୍ତୁ ଦେଖିବାକୁ ଏଠାକୁ ଆସି ପାରିବେ । ପୁନଶ୍ଚ କଟକ ଓ ଭୁବନେଶ୍ୱର ଭଳି କ୍ରମବର୍ଦ୍ଧିଷ୍ଣୁ ଜନବହୁଳ ଅଞ୍ଚଳ ଭିତରେ ଏହି ଜଙ୍ଗଲଟି ଗଢ଼ି ଉଠିବା ଓ ତା'ର ଅବସ୍ଥିତି ପ୍ରାକୃତିକ ପରିବେଶ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏ ସବୁ ସତ୍ତ୍ୱେ ଆଉ କେତେକ ଏ ଯୋଜନାକୁ ପସନ୍ଦ କରୁ ନଥିଲେ । ଏହି ଅବସ୍ଥାରେ ଥରେ ଆନ୍ତର୍ଜାତିକ ପ୍ରକୃତି ସଂରକ୍ଷଣ ସଂସ୍ଥା (ଆଇ.ୟୁ.ସି.ଏନ୍.)ର ତିନି ବିଶେଷଜ୍ଞ ଦଳ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ସାକ୍ଷାତ କଲେ । ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ଆଗ୍ରହ ଓ ନିର୍ଦ୍ଦେଶ ଅନୁସାରେ ମୁଁ ସେମାନଙ୍କୁ ଚନ୍ଦକା-ଡମପଡ଼ା ବନ ଅଞ୍ଚଳ ଦେଖାଇବାକୁ ନେଇଥିଲି । ସେମାନେ ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ଅନୁରୋଧକ୍ରମେ ଉକ୍ତ ଯୋଜନାଟି ଅନୁଧ୍ୟାନ କରି ଏବଂ ବନାଞ୍ଚଳ ପରିଦର୍ଶନ ପରେ ଅନୁକୂଳ ମତବ୍ୟକ୍ତ କରିଥିଲେ ଓ ଏହା କାର୍ଯ୍ୟକାରୀ କରିବା ନିମିତ୍ତ ଉପଦେଶ ଦେଇଥିଲେ । ହାତୀମାନଙ୍କ ସୁରକ୍ଷା ନାମରେ ହୋଇଥିବା ଏହି ଯୋଜନା ଫଳରେ ବାସ୍ତବିକ୍ ସବୁ ପଶୁପକ୍ଷୀ ତଥା ଅରଣ୍ୟାନୀର ସୁରକ୍ଷା କରାଯାଇ ପାରିବ । ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ଆନ୍ତରିକତା ଏବଂ ନିଷ୍ଠା ବ୍ୟତୀତ ଏହି ସ୍ୱପ୍ନ ସ୍ୱପ୍ନରେ ହିଁ ରହି ଯାଇ ଥାଆନ୍ତା ।

ପ୍ରଥମ ପଦକ୍ଷେପ ସ୍ୱରୂପ ସଂପୃକ୍ତ ବନାଞ୍ଚଳଗୁଡ଼ିକ ଅଭୟାରଣ୍ୟ ରୂପେ ଘୋଷିତ ହୋଇଥିଲା । ତିନି ବିଶେଷଜ୍ଞ ଦଳର ସୁପାରିଶ ଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ମୂଳ ଯୋଜନାଟିର ପରିବର୍ତ୍ତନ ଆବଶ୍ୟକ ହେଲା ଓ ସ୍ୱନାମଧନ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞ ଶ୍ରୀଯୁକ୍ତ ସରୋଜରାଜ ଚୌଧୁରୀ ଏହି ଦାୟିତ୍ୱ ଗ୍ରହଣ କଲେ । ମାତ୍ର ତାଙ୍କର ଅକାଳ ବିୟୋଗ ହୋଇଯିବାରୁ ଏ ସମ୍ପର୍କରେ ବିଶେଷ ତାଲିମପ୍ରାପ୍ତ ତଦାନୀନ୍ତନ ସହକାରୀ ବନ ସଂରକ୍ଷକ ଶ୍ରୀମାନ୍ ସୁରେଶ କୁମାର ମିଶ୍ର ଏ ଦିଗରେ ଏକ ପରିବର୍ତ୍ତିତ ଯୋଜନା ତିଆରି କଲେ । ମୁଁ ଏବଂ ତତ୍କାଳୀନ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀ ତାଙ୍କୁ ଏ ଦିଗରେ ସହଯୋଗ କରିଥିଲୁ । ମାତ୍ର ଏହାକୁ କାର୍ଯ୍ୟକାରୀ କରାଇବାରେ ତଥାପି ବହୁ ପ୍ରତିବନ୍ଧକ ଦେଖାଦେଇଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟ ନିଜେ ଆଗ୍ରହ ପ୍ରକାଶ କରି ନଥିଲେ ଏହା କାର୍ଯ୍ୟକାରୀ ହେବା ଅସମ୍ଭବ ଥିଲା । ୧୯୮୩ ମସିହା ଡିସେମ୍ବର ମାସରୁ କାମ ଆରମ୍ଭ ହେଲା । ଏଥି ନିମନ୍ତେ ୧୯୮୬ ଜାନୁଆରୀ ମାସରୁ ଏକ ନୂଆ ଡିଭିଜନ ସୃଷ୍ଟି ହେଲା । ଗୋଡ଼ିବାରି ଗ୍ରାମ ନିକଟରେ ଏହାର ମୁଖ୍ୟ ପ୍ରବେଶ ଦ୍ୱାରରେ ସୁନ୍ଦର ଉଠା ପୋଲ ତିଆରି ହୋଇଅଛି । ୧୯୮୪-୮୫ ଠାରୁ ପ୍ରାୟ ୬୪ କିଲୋମିଟର ଲମ୍ବ ପରୀଖା ଖନନ ହୋଇଅଛି ଓ ଆଉ ପ୍ରାୟ ୨

କିଲୋମିଟର ଖୋଲା ହେବାକୁ ବାକୀ ଅଛି । ୭୦ କିଲୋମିଟର ଲମ୍ବ ବୈଦ୍ୟୁତିକ ତାରବାଡ଼ ଦିଆ ଯାଇଅଛି ଓ ଆଉ ପ୍ରାୟ ୨ କିଲୋମିଟର ଏହା ବାକୀ ଅଛି । ସମ୍ପୂର୍ଣ୍ଣଭାବେ ଉଜୁଡ଼ି ଯାଇଥିବା ଏହି ଜଙ୍ଗଲ ଶାଳ, ଶାଗୁଆନ, ଚାଙ୍ଗରା, ବେଲ, ସୁନାରି, ହରିଡ଼ା, ବାହାଡ଼ା, ଅଁଳା, ଅଶନ, ଛତିଆନ, ବେଁଟା, କଣ୍ଟାବାଉଁଶ ପ୍ରଭୃତି ଗଛ ଏତେ ସୁନ୍ଦର ଭାବରେ ଉଠି ଭର୍ତ୍ତି ହୋଇଯାଇଛି ଯେ, ସ୍ୱଚକ୍ଷୁରେ ନ ଦେଖିଲେ କେହି ଏହା ସହଜରେ ବିଶ୍ୱାସ କରି ପାରିବେ ନାହିଁ । ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳରେ ଜଙ୍ଗଲ ବଢ଼ିଗଲାଣି । ବାକୀତକ ଅଞ୍ଚଳରେ ନିମ, ତେନ୍ତୁଳି, ବାଉରା, ଆତଗଛ ଲଗାଇବା ଭଲ ହେବ । ପରୀକ୍ଷାର କାଜୁ ମଧ୍ୟ ସୁରକ୍ଷିତ [illegible] । [illegible] ପାଞ୍ଚଗୋଟି

ଗ୍ରାମର ଲୋକମାନଙ୍କୁ ବାହାରେ ଆଣି ଥଇଥାନ କରିବାର ବନ୍ଦୋବସ୍ତ ହେବାକୁ ଯାଉଛି । ସବୁଠାରୁ ଆନନ୍ଦର ବିଷୟ ଏହି ଯେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରଠାରୁ ସ୍ଥାନୀୟ ଲୋକମାନେ ନିରାପଦରେ ଅଛନ୍ତି । ଯେଉଁ ଅଞ୍ଚଳରେ ମୂଳ ଯୋଜନା ଅନୁଯାୟୀ ପରୀକ୍ଷା ଖନନ ହୋଇ ଯାଇଛି ସେ ଅଞ୍ଚଳରେ ଜଙ୍ଗଲର ଅଭିବୃଦ୍ଧି ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ । ସ୍ୱଚକ୍ଷୁରେ ଦେଖିଲା ପରେ ଉକ୍ତ ଯୋଜନାଟିର ଉପାଦେୟତା ବୁଝା ପଡ଼ିବ । କିନ୍ତୁ କାମ ସମ୍ପୂର୍ଣ୍ଣ ହେବାକୁ ଆହୁରି ବାକୀ ଅଛି । ମୂଳ ଯୋଜନା ଅନୁଯାୟୀ ସେତକ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପାରିଲେ ଏହା ହେବ ପ୍ରକୃତରେ ଏକ ସାର୍ଥକ ସ୍ୱପ୍ନ ।



ଭିତର କନିକାର ଲୁଣା ଜଙ୍ଗଲ



# ବିଚିତ୍ର ବିହଙ୍ଗ ବୈଭବ ଚିଲିକା

ଶ୍ରୀ ଉଦୟ ନାରାୟଣ ଦେବ

ଦୂର ଦିଗ୍‌ବଳୟରେ ଅରୁଣୋଦୟର ରକ୍ତିମ ଆଭା । ଚିଲିକାର ଅପାର ଊର୍ମିମୟ ଅଙ୍ଗ ସୁବର୍ଣ୍ଣ ମଣ୍ଡିତ ହୋଇ ବିଚିତ୍ର ରୂପ ଧାରଣ କରିଥାଏ । ସୂର୍ଯ୍ୟଙ୍କର ସେହି ସିନ୍ଦୂର ପିଣ୍ଡୁଳାକୁ ଆବରଣ କରି, କଳା ବଉଦ ପରି ଦେଖାଗଲେ ଅଗଣିତ ବିହଙ୍ଗ, ଠିକ୍ ନଳବଣ ଉପରେ । ପକ୍ଷୀ ଗହଳରେ ସେ ଦିନର ରକ୍ତିମ ରବି କିରଣ କିଛି ସମୟ ପାଇଁ ମେଘାଚ୍ଛନ୍ନ ହେଲାଭଳି ଦେଖାଗଲା । ଥାକକୁ ଥାକ ଚଲନ୍ତଚଳନ୍ତ ହୋଇ ପକ୍ଷୀମାନେ ନଳବଣରୁ ଉଡ଼ି ଯାଉ ଥାଆନ୍ତି ବିଭିନ୍ନ ଦିଗକୁ ଆହାର ଅନ୍ବେଷଣରେ । ଶୁଣାଯାଉଥାଏ ସେମାନଙ୍କର ଅଗଣିତ ପ୍ରକାରର ଡାକଚଢ଼ି । ସେଥି ସଙ୍ଗେସଙ୍ଗେ କେଉଁଠି ନାଉରିଆ ଭାଇକୁ ଖୋଲା ଗଳାରେ ନାଦ ଛାଡ଼ିଥାଏ........ ନାମ ବୋଇଲୁ ତୁହି ଗୋ ଇଚ୍ଛିତେ............

ଚିଲିକାର ଏହି ଅପୂର୍ବ ଓ ଅତୁଳନୀୟ ଶୋଭା ମୋର ହି ସାଧାରଣ ଲେଖନୀରେ ଲିପିବଦ୍ଧ କରିବା ପାଇଁ ପ୍ରୟାସ, ଆ ଚେଷ୍ଟା ଭଳି ମନେ ହୁଏ । ଚିଲିକା ମଧ୍ୟରେ ମୁଁ ପ୍ରତିବର୍ଷ ତ ଋତୁରେ ପ୍ରାୟ ମାସେ ରହି ଏହି ପକ୍ଷୀଙ୍କ ବିଷୟରେ ବେଷଣା କରିଥାଏ । ସେ ଦିନ ୧୯୮୭ ଡ଼ିସେମ୍ବର ୩୧ ଖର ଶେଷ ରାତ୍ରିରେ ବର୍ଷଟି ଶେଷ ହୋଇ ୧୯୮୮ ନୁଆରୀ ୧ ତାରିଖ ଦିନର ଆରମ୍ଭ ହେଉଥାଏ । ମୁଁ ସାରା ତି ନଳବଣ ପାଖରେ ନୌକାକୁ ଲଙ୍ଗର ଦେଇ ସେହି ନୌକାର ଲଇ ପକେଇ ସାରା ରାତି ବିତାଇ ଥାଏ ସୂର୍ଯ୍ୟୋଦୟ ୟରେ ପକ୍ଷୀଙ୍କର ପ୍ରକୃତି ଓ ପ୍ରବୃତ୍ତି ବିଷୟରେ ଗବେଷଣା ବା ପାଇଁ ।

ବିଚିତ୍ର ଏ ସୃଷ୍ଟି । ସେଥିରେ ବିଚିତ୍ରତର ଏହି ପକ୍ଷୀ ଜଗତ । ନାନା ଆକାରର ନାନା ଜାତିର; ନାନା ରଙ୍ଗର ପକ୍ଷୀଙ୍କର ନାନା ପ୍ରକାରର ପ୍ରକୃତି ଓ ପ୍ରବୃତ୍ତି; ତାଙ୍କର ଅଗଣିତ ଢଙ୍ଗର ସ୍ବର ଓ କଳରବ । ସେଥିରେ ପୁଣି କେତେକେ ହଜାର ହଜାର କ୍ରୋଶ ଅତିକ୍ରମ କରି ଶୀତ ପ୍ରଧାନ ଦେଶମାନଙ୍କରେ ବରଫ ପଡ଼ିଲେ, ଶୀତ ଋତୁରେ ଆସି ଚିଲିକାରେ ଆଶ୍ରୟ ନେଇଥାନ୍ତି । ଏତେ ଦୂର କିପରି ଏମାନେ ଉଡ଼ି ପାରନ୍ତି, କାହିଁକି ଏମାନେ ଚିଲିକାକୁ ଆଶ୍ରୟ ସ୍ଥଳୀ ରୂପେ ବାଛିଛନ୍ତି, ଭାବଲେ ବଡ଼ ବିଚିତ୍ର ପରି ମନେହୁଏ । ଅଦ୍ଭୁତ ସେ ପକ୍ଷୀ, ପକ୍ଷୀଜଗତର ଜୀବନ ଧାରା । ଏହି ପକ୍ଷୀମାନଙ୍କ ଭିତରୁ କେହି ଫଳ ଖାଏ ତ କେହି ପତ୍ର ଖାଏ । କେହି ପୋକ ଯୋକ ଖାଏ ତ କେହି କେବଳ ମାଛ ଖାଏ, କେହି ପୁଣି କଙ୍କଡ଼ା ଓ ଗେଣ୍ଡା ଖାଏ ତ କେହି କେବଳ ସାପ ଖାଇବାକୁ ଭଲ ପାଏ । କେଉଁ ପକ୍ଷୀ ପାଣି ଉପରେ ପହଁରେ ତ, କିଏ ପାଣି ଭିତରେ ବୁଡ଼ା ପହଁରା ଦେଇ ଆହାର ଅନ୍ବେଷଣ କରିଥାଏ, କିଏ ପାହାଡ଼ର ଝଙ୍କାଳିଆ ଶାଳ ବଣରେ ବାସ କରେ ତ କିଏ ବୁଦିବୁଦିକା ଜଙ୍ଗଲ ଭଲପାଏ । କିଏ ସନ୍ତ ସନ୍ତିଆ ହେଣ୍ଟାଳ ବଣରେ ରହିଲାବେଳେ, ଅନେକେ ମରୁଭୂମିର ଶୁଷ୍କ ବାଲୁକା ପ୍ରାନ୍ତରରେ ବାସ କରନ୍ତି । ପକ୍ଷୀ ଜଗତର ଜ୍ଞାନର ଅସରନ୍ତି ଭଣ୍ଡାର ଆହରଣ କରିବା ପାଇଁ ସାରା ଜୀବନ ବିତାଇ ଦେଲେ ସୁଦ୍ଧା ତାହା ଅଧୁରା ହୋଇ ରହିଯିବ ।

ପକ୍ଷୀମାନଙ୍କ ବିଷୟରେ ଜ୍ଞାନ ଅର୍ଜନ କରିବାକୁ ହେଲେ, ପୂର୍ବ ଭାରତ ତଥା ଓଡ଼ିଶାରେ ଚିଲିକା ହ୍ରଦ ଏକ ଉତ୍ତକୋଟୀର

ଅଧ୍ୟୟନ କ୍ଷେତ୍ର । ଏହା ଆମେ ଓଡ଼ିଶାବାସୀ ଉପଲବ୍ଧି କରିବା କଥା । ରାଧାନାଥ, ଗୋପବନ୍ଧୁଙ୍କ ପରି କବିମାନେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭାବ ବିଭୋର ହୋଇ ଲିପିବଦ୍ଧ କରିଯାଇଛନ୍ତି ତାଙ୍କର ଅମର ପଂକ୍ତିମାନ । ପ୍ରକୃତରେ ଦେଖିବାକୁ ଗଲେ ଚିଲିକାର ସମକକ୍ଷ ସ୍ଥାନ ଭାରତରେ ଦେଖିବାକୁ ବିରଳ । ପ୍ରଥମରେ ଚିଲିକା ହେଲା ଏସିଆ ମହାଦେଶର ସର୍ବ ବୃହତ୍ କ୍ଷାରୀୟ ଜଳ (Brakish water) ବିଶିଷ୍ଟ ହ୍ରଦ । ତୁଳନା କରି ଦେଖିଲେ, କାଶ୍ମୀରର ଡାଲ୍ ହ୍ରଦ ହେଉ ବା କେରଳର ପେରିଆର ହେଉ, ପଞ୍ଜାବର ହରୀକେ ହେଉ ବା ରାଜସ୍ଥାନ ଭରତପୁରର କେଓଲା ଦେଓ ଘାନା ହେଉ ; ହରିଆନାର ସୁଲତାନପୁର ହ୍ରଦ ହେଉ ବା ଗୁଜରାଟର ନଳସରୋବର ହେଉ, ଆନ୍ଧ୍ର ପ୍ରଦେଶର କୋଲେରୁ ହେଉ ବା ତାମିଲନାଡୁର ପଏଣ୍ଟ କ୍ୟାଲିମର ହେଉ- ଏଥିରୁ କେଉଁ ସ୍ଥାନ ଚିଲିକା ସହିତ ସମାନ ହେବ ନାହିଁ । ଆୟତନ ବିଚାର କରାଯାଉ ବା ପକ୍ଷୀ ସମାବେଶ ଦେଖାଯାଉ, ଉପରୋକ୍ତ ହ୍ରଦମାନେ ଚିଲିକା ତୁଳନାରେ ଅତି ନିକୃଷ୍ଟ । ଭାରତ ବର୍ଷରେ ପ୍ରକୃତରେ କହିବାକୁ ଗଲେ ଚିଲିକା ହିଁ ସର୍ବ ବୃହତ୍ ପ୍ରାକୃତିକ ହ୍ରଦ ଓ ଏଠାରେ ଶୀତଦିନେ ଭାରତର ସର୍ବବୃହତ୍ ପକ୍ଷୀ ସମାବେଶ ଦେଖିବାକୁ ମିଳେ । ପ୍ରକୃତ ପରିସ୍ଥିତି ଏପରି ହେଲେ ମଧ୍ୟ ଚିଲିକା ଆଜି ସାରା ଭାରତରେ ଅତି ନଗଣ୍ୟ କାହିଁକି ? କଅଣ ଏହା ଓଡ଼ିଶାରେ ଅବସ୍ଥିତ ବୋଲି ?

ପ୍ରତିବର୍ଷ ଯେତେବେଳେ ଶୀତଋତୁ ଆସେ, ଚିଲିକାର ମୋଟ ୧୫୦ ଜାତିର ପକ୍ଷୀଙ୍କ ମଧ୍ୟରୁ ପ୍ରାୟ ୯୭ ରକମର ପକ୍ଷୀ ବିଦେଶରୁ ଆସିଥାଆନ୍ତି । ଏମାନଙ୍କୁ ଆମେ ଯାଯାବର ପକ୍ଷୀ ( Migratory ) ବୋଲି କହିଥାଉ । ଅନେକଙ୍କ ଧାରଣା ଯେ ଏହି ଯାଯାବର ପକ୍ଷୀମାନେ ହଂସ ଜାତିର । କିନ୍ତୁ ଏମାନଙ୍କ ମଧ୍ୟରେ କେବଳ ୨୦ ଜାତିର ହଂସ ଥାଆନ୍ତି, ୩୩ ଗୋଡ଼ାଚଢ଼େଇ ଜାତିର ପକ୍ଷୀ, ଈଗଲ ବା ମାଂସାସୀ ପକ୍ଷୀ ଜାତିର, ସମୁଦ୍ରକୁଆ ( Gull ) ଓ ଗଙ୍ଗୋଇ ( Term ) ୧୧ ପ୍ରକାରର, ଡାହୁକ ଜାତିର ଗୋଟିଏ, ସାରସ ଜାତିର ଦୁଇଗୋଟି, ଆଉ ଖଞ୍ଜନ ଜାତିର ୪ ପ୍ରକାରର ପକ୍ଷୀ ଚ଼ମ୍ପିସାଇ ଓ ଅନ୍ୟାନ୍ୟ ପନ୍ଦର ଜାତିର ପକ୍ଷୀ ଆସିଥାଆନ୍ତି । ହେଲେ, ଆମେ ବିଚାର କରିବା ଚିଲିକାକୁ ଏମାନେ କାହିଁକି ଆସନ୍ତି । ହୀରାକୁଦକୁ କେତେକ ଛାଡ଼ିଦେଲେ ଏମାନେ କାହିଁକି ଆସନ୍ତି ନାହିଁ । ଚିଲିକାର ବିଶେଷତ୍ୱ ହେଲା ଯେ ଚିଲିକାରେ ସବୁପ୍ରକାର ଗଭୀରତା ବିଶିଷ୍ଟ ସ୍ଥାନ ଦେଖାଯାଏ । ଚିଲିକାର ସବୁଠାରୁ ବେଶୀ ଗଭିର ରମ୍ଭା ଓ ବରକୁଲର ଆଖପାଖ ସ୍ଥାନ । ସେଠି କେବଳ ଗଭୀର ପାଣିରେ ବାସ କରିବା ହଂସ ଓ ପକ୍ଷୀ ଦେଖାଯାଆନ୍ତି, ଏମାନଙ୍କ ପାଇଁ ଅଗଭୀର ପାଣି ଥିବା ସ୍ଥାନ ଅଦରକାରୀ ହେଲା ବେଳେ, ବହୁ ପ୍ରକାରର ପକ୍ଷୀ ଅଛନ୍ତି ଯାହାଙ୍କ ପାଇଁ କେବଳ ଅଗଭୀର ପାଣି ଦରକାର ହୁଏ । ହଂସଙ୍କ ମଧ୍ୟରେ ହିଁ ଦୁଇ ପ୍ରକାରର ପ୍ରବୃତ୍ତି ବିଶିଷ୍ଟ ହଂସ ଦେଖା ଯାଆନ୍ତି । କେତେକ ହଂସ ଗଭୀର ପାଣିରୁ ଖାଦ୍ୟ ସଂଗ୍ରହ କରିବା ପାଇଁ ପ୍ରାୟ ୫ ମିଟର ତଳକୁ ବୁଡ଼ାପହଁରା ଦେଇ ବିଚରଣ କଲାବେଳେ ( Deep divers ) କେତେକ ହଂସ କେବଳ ଏକମିଟର ବା ତା ଠାରୁ କମ୍ ପାଣିରେ ଆହାର ସଂଗ୍ରହ କରିଥାଆନ୍ତି । ଏମାନେ ହେଲେ ଅଳ୍ପ ପାଣିଆଁ ହଂସ ବା Dabbling ducks ଆହୁରି ଅନେକ ପ୍ରକାର ପକ୍ଷୀଙ୍କର ଗୋଡ଼ ଦରକାର ଅନେକ ପ୍ରକାରର । ଏମାନେ ହେଲେ ଯେଉ୍ ( Flamingo ) ଠାରୁ କ୍ଷୁଦ୍ର ଘଣ୍ଟୁଆଳ ( Litth Ringed Plover ) ପର୍ଯ୍ୟନ୍ତ, ବିଶେଷକରି ଏମାନଙ୍କର ବାସସ୍ଥାନ ( Habitat ) ର ସୁବିଧା ଏମାନଙ୍କ ଗୋଡ଼ ( Tarsus ) ର ଉଚ୍ଚତା ଉପରେ ନିର୍ଭର କରେ । ଏଠାରେ ଗୋଡ଼ କହିଲେ ପାଦଠାରୁ ଉପରକୁ ଆଣ୍ଠୁ ପର୍ଯ୍ୟନ୍ତ ବୁଝାଏ । ଯେହେତୁ ଏମାନେ ବିଶେଷକରି ପାଣିରେ ସନ୍ତରଣ ନକରି ଚାଲି ଚାଲି ଆହାର ଗ୍ରହଣ କରିଥାଆନ୍ତି, ଏମାନଙ୍କର ଗୋଡ଼ର ଉଚ୍ଚତା ହେଲା ଏମାନଙ୍କ ଚରଣ ସ୍ଥଳୀର ମାପକାଠି ଯେଉ୍ ( Flamingo ) ର ଗୋଡ ଦୁଇରୁ ଅଢ଼େଇ ଫୁଟ ଥିବା ହେତୁ ଯେଉ୍ ଦୁଇରୁ ଅଢ଼େଇ ଫୁଟ ପାଣିରେ ଦେଖାଯାଆନ୍ତି । ସେହିପରି ଘଣ୍ଟୁଆଳ ପରି ଅନେକ ଗୋଡ଼ାଚଢ଼େଇ ଅଛନ୍ତି, ଯାହାଙ୍କର ଗୋଡ଼ର ଉଚ୍ଚତା କେବଳ ତିନି ସେ:ମି ଅଟେ । ସେହି ଚଢ଼େଇମାନେ କେବଳ ଦୁଇ ସେ: ମି ପାଣି ଥିବା ସ୍ଥାନମାନଙ୍କରେ ହିଁ ଓହ୍ଲାଇବେ ଓ ଦେଖାଯିବେ । ତେଣୁ ଅଳ୍ପ ପାଣି ଥିବା ସ୍ଥାନ, ଚିଲିକାରେ ନିହାତି ଆବଶ୍ୟକ ।

ଶୁଣାଯାଏ ଯେ ଡ୍ରେଜର ସାହାଯ୍ୟରେ ଚିଲିକାର ପଙ୍କୋଦ୍ଧାର କରାଯିବ ଓ ଖାଲୁଆ କରାଯିବ । ଏହା ଯଦି ସୀମାତୀତ ଭାବେ କରାଯାଏ ତେବେ ଚିଲିକାର ପକ୍ଷୀକୁଳ ଉପରେ ଆଘାତ ସୃଷ୍ଟିହେବ । ଚିଲିକାକୁ ଏହି ପକ୍ଷୀମାନେ ହୁଏତ ଆସି ନପାରନ୍ତି ।

ଚିଲିକାର ଗଛଦଳ ( Potomageton ) ଜାତୀୟ ଜଳୀୟ ଉଦ୍ଭିଦ ବହୁମାତ୍ରାରେ ବ୍ୟାପି ଯାଉଥିବାରୁ ସରକାରଙ୍କର ପର୍ଯ୍ୟାବରଣ ବିଭାଗର ବିଶେଷଜ୍ଞମାନେ ଅତି ଚିନ୍ତିତ ଓ ଦଳ ନିପାତ କରିବା ପାଇଁ ଯାନ୍ତ୍ରିକ ସାହାଯ୍ୟ ମଧ୍ୟ ନିଆଯିବ ବୋଲି ଶୁଣାଯାଏ । ଆମ ଯାଯାବର ପକ୍ଷୀମାନଙ୍କ ମଧ୍ୟରୁ ଶତକଡ଼ା ୯୫ ଭାଗ ତୃଣ ଭୋଜି । ଏମାନେ ଦଳ ଖାଇବା ପାଇଁ ହିଁ ଚିଲିକାରେ ଶୀତଋତୁ କଟାନ୍ତି । ଯଦି ପକ୍ଷୀଙ୍କର ଦରକାର ହେଉଥିବା ସୀମାରୁ ବାହାରେ ଦଳ ନିଷ୍କାସନ କରାଯାଏ ତେବେ ପକ୍ଷୀ ବଂଶ ପକ୍ଷରେ ଏକ ବିପଦ ଆସି ପହଞ୍ଚିବ ।

ସେହିପରି ଖୋଲା ଆକାଶରେ ବିଚରଣ କରିବା ସମୁଦ୍ରକୁଆ ଜାତିର ଓ ଗଙ୍ଗୋଇ ( Term ) ଜାତିର ପକ୍ଷୀଙ୍କ ପାଇଁ ପାଣି ଉପରେ ଖୋଲା ଆକାଶ ଲୋଡ଼ା । ଏମାନେ କ୍ଷୀପ୍ର ଗତିରେ ଉଡ଼ି ପାଣିକୁ ଚିଲମାରି ମାଛଧରି ଥାଆନ୍ତି । ଯଦି କୌଣସି ଯୋଜନାର ପ୍ରଯୋଜକ ନଳବଣକୁ ବୃକ୍ଷଦ୍ୱାରା ଆଚ୍ଛାଦିତ କରିବାର ଚିନ୍ତା କରୁଥାଆନ୍ତି, ତେବେ ମସ୍ତବଡ଼ ଭୁଲ୍ କରିବେ । ଚିଲିକାର ସମୁଦ୍ର କୁଆ ( Gulls ) ଓ ଗଙ୍ଗୋଇ ( Terus ) ଭିତର କନିକାରେ ଦେଖା



ଯାଆନ୍ତି ନାହିଁ । କାରଣ ଏଠାର ହେନ୍ତାଳବଣ (Mangrove front) ଏମାନଙ୍କ ଉଡ଼ିବାରେ ବାଧା ଦିଏ । ଜଳ ବଣରେ ବଡ଼ବଡ଼ ଗଛ ଉଗା ଗଲେ ଏହି ପକ୍ଷୀମାନେ ଆଉ ଆସିବେ ନାହିଁ ।

ଯୋଜନା କଲାବେଳେ ସବୁ ଦିଗକୁ ନଜର ରଖି ସବୁ ବିଷୟ ବିଶେଷଜ୍ଞମାନଙ୍କୁ ନେଇ ତାଙ୍କର ପରାମର୍ଶକୁ ଗୁରୁତ୍ୱ ଦେଲେ ଅତି ଉତ୍ତମ ହେବ । ଚିଲିକାର ବହୁ ଉନ୍ନତି ସାଧିତ ହେବ ।

ଚିଲିକାର ପକ୍ଷୀ କୁଳକପାଇଁ ଧୀବରମାନଙ୍କର ବା ମତ୍ସ୍ୟଜୀବିମାନଙ୍କର ସ୍ୱାର୍ଥକୁ ବଳି ଦିଆଯାଇ ନପାରେ । ମତ୍ସ୍ୟଜୀବିମାନଙ୍କପାଇଁ ( In land Brakish water Prawn Cultur) ଚିଙ୍ଗୁଡ଼ି ଚାଷର ବ୍ୟବସ୍ଥା ତୁରନ୍ତ ଯୋଜନା କରାଯିବା କଥା ।

ଚିଲିକାର ସୌନ୍ଦର୍ଯ୍ୟ ପକ୍ଷୀ ଜଗତକୁ ଛାଡ଼ି କେବେହେଲେ ବିବେଚନା କରାଯାଇ ପାରେନା । ଚିଲିକାରେ ପର୍ଯ୍ୟଟନର ଉନ୍ନୟନ କରିବାକୁ ଗଲେ ପକ୍ଷୀ ଜଗତର ଉନ୍ନୟନ ସର୍ବାଦୌ ବାଞ୍ଛନୀୟ । ପକ୍ଷୀ ଚିଲିକାର ଗୋଟିଏ ଅବିଚ୍ଛନ୍ନ ଅଙ୍ଗ । ତେଣୁ ଚିଲିକାର ଯେକୌଣସି ଉନ୍ନୟନ କଲେ ପକ୍ଷୀଙ୍କ ସ୍ୱାର୍ଥକୁ ସର୍ବାଗ୍ରେ ବିଚାର କରାଯିବା କଥା ।

ଆମେ ଯଦି ଚିଲିକାର ପ୍ରାକୃତିକ ଉନ୍ନତି କରି ପାରିବା ତେବେ ଚିଲିକା ଭାରତ କାହିଁକି ପୃଥିବୀର ସର୍ବଶ୍ରେଷ୍ଠ ବିହାର ମାନଙ୍କ ମଧ୍ୟରେ ଅନ୍ୟତମ ରୂପେ ପରି ଗଣିତ ହେବ ।

ନିର୍ଦ୍ଦେଶକ,
ବିହଙ୍ଗ ପ୍ରୋଜେକ୍ଟ,
ଭୁବନେଶ୍ୱର ।



ସେହି ସଂସ୍କୃତ ଭାରତୀୟ, ଯେ ତା'ର ଦେଶକୁ ବିଭିନ୍ନ ଧର୍ମ ସଂପ୍ରଦାୟର ଏକ ଉଦାର ସମନ୍ୱୟ ଭୂମି ବୋଲି ଗର୍ବ କରେ । ଧର୍ମ ସମ୍ପର୍କରେ ଯାହା ସତ୍ୟ, ଭାଷା ଓ ବିଭିନ୍ନ ଭାଷାଭାଷୀ ଗୋଷ୍ଠୀମାନଙ୍କ କ୍ଷେତ୍ରରେ ତାହା ମଧ୍ୟ ସତ୍ୟ ।

Telegram : FINCORISSA

TELEX:0676-225
PAOX : 21123, 21125
21172, 21173

# ORISSA STATE FINANCIAL CORPORATION

## O. M. P. SQUARE, CUTTACK-3

We have been on the industrial scene of Orissa for the last 32 years. We are the pioneer financial institution for industrial financing in the State. So far, we have financed about 17,000 units with Rs. 300 crores till 31st March, 1988.

We have crossed Rs. 380 crores mark in respect of effective sanction and disbursed Rs. 300 crores. We also disburse Central and State Capital Investment Subsidy and IOBI Seed Capital loan and Government's Seed loan to bridge the gap in equity. We have provided soft loan to 673 units amounting to Rs. 434·87 lakhs from our special share capital to meet the short fall in promoter's contribution. We operate LOSI's Refinance Scheme for Rehabilitation and IRBI line of credit for Rehabilitation. We also encourage NRI investment on softer terms.

If you are thinking of setting up an industry in Orissa, you would find it helpful to contact us, for we have many effective schemes to offer you and one may just suit to your needs.

WE PROVIDE :

1. Term-loan up to Rs. 60 lakhs to create fixed assets.
2. Soft-loan up to Rs. 4 lakhs to Technician Entrepreneurs.
3. Term-loan up to Rs. 2 lakhs with 10% margin to educated unemployed.
4. Loans to Technician Entrepreneurs with 17½% margin
5. Loans to Medical Graduates for X-ray, E.C.G. and Electre-medical. equipments.
6. Rehabilitation/Modernisation assistance with rate of interest 10 to 11½%.
7. Composite-loans and loans for setting up Bio-gas Plants, Wind Mills and Solar appliances.

We assure you of our best services. For details, please call on the Managing Director or our Regional Manager/Branch Manager.

**MANAGING DIRECTOR**



# ଓଡ଼ିଶାରେ ପୋଡୁଚାଷ

ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ

ଓଡ଼ିଶାର ଆଦିବାସୀମାନେ ସାଧାରଣତଃ ଜଙ୍ଗଲ ଓ ପାହାଡ଼ ନିକଟରେ ବସବାସ କରନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ନିକଟସ୍ଥ ପାହାଡ଼ମାନଙ୍କରେ ପୋଡୁଚାଷ କରନ୍ତି । ପୋଡୁ, ବିରିଙ୍ଗା, ଦହି ବା ଝୁମିଙ୍ଗ ଗୋଟିଏ ନିକୃଷ୍ଟ ଧରଣର ଆଦିମ ଚାଷ । ଏଥିରେ ଆଦିବାସୀମାନେ ପାହାଡ଼ ଉପରେ ଗୋଟିଏ ଛୋଟିଆ ଜଙ୍ଗଲ କାଟି, ପୋଡ଼ି ଓ ପାଉଁଶ ଖେଳେଇ ମଞ୍ଜି ପୋତି କିମ୍ବା ବୁଣି ଦିଅନ୍ତି ଏବଂ ଫସଲ ପାଚିଗଲେ ଅମଳ କରି ନିଅନ୍ତି । ଏମାନେ ମାଟିକୁ ହଳ କରିବା, ଖତ ଦେବା କିମ୍ବା ବନ୍ଧାବନ୍ଧି କରିବା ପ୍ରଭୃତି କିଛି କରନ୍ତି ନାହିଁ । ଦୁଇତିନି ବର୍ଷ ପରେ ଯେତେବେଳେ ଉପର ମାଟି ଧୋଇ ହୋଇଯାଏ ଓ ଉର୍ବରତା କମିଯାଏ ଏବଂ ଏଥିରେ ଫସଲ କରିବା ସମ୍ଭବ ହୁଏ ନାହିଁ, ସେତେବେଳେ ସେମାନେ ସେହି ସ୍ଥାନ ପରିତ୍ୟାଗ କରି ଅନ୍ୟତ୍ର ଏକ ଜଙ୍ଗଲ କାଟି ପୋଡୁଚାଷ କରନ୍ତି । ପ୍ରାୟ ୧୫–୨୦ ବର୍ଷ ପରେ ପୂର୍ବର ପୋଡୁ ଜାଗାଟିରେ ଗଛଲତା ବଢ଼ି ପୁଣି ଜଙ୍ଗଲରେ ପରିଣତ ହେଲେ, ସେତେବେଳେ ପୁନର୍ବାର ସେହି ଜଙ୍ଗଲ କାଟି ପୋଡୁ କରନ୍ତି ।

ଆଗେ ବ୍ୟାପକ ଆକାରରେ ଜଙ୍ଗଲ ଥିଲା ଏବଂ ଆଦିବାସୀଙ୍କ ସଂଖ୍ୟା ମଧ୍ୟ କମ୍ ଥିଲା । ବିଭିନ୍ନ କାରଣରୁ ଗତ ୪୦ ବର୍ଷ ମଧ୍ୟରେ ଜଙ୍ଗଲର ଆୟତନ ୬,୭୦୦ ବର୍ଗ କିଲୋମିଟରରୁ ୩୫,୦୦୦ ବର୍ଗ କିଲୋମିଟରକୁ ହ୍ରାସ ପାଇଛି । ନଦୀ ବନ୍ଧ ଯୋଜନା, ଶିଳ୍ପ ଯୋଜନା ଓ ଭୂମିହୀନ ଲୋକଙ୍କୁ ଜମି ବଣ୍ଟନ କରାଯିବା ଫଳରେ ବହୁ ଜଙ୍ଗଲ କାଟିବାକୁ ପଡ଼ିଲା ।

ଇତି ମଧ୍ୟରେ ଓଡ଼ିଶାର ଲୋକସଂଖ୍ୟା ୧୪୬ ଲକ୍ଷରୁ ୨୬୫ ଲକ୍ଷକୁ ଏବଂ ଆଦିବାସୀଙ୍କ ସଂଖ୍ୟା ୩୫ ଲକ୍ଷରୁ ୫୯ ଲକ୍ଷକୁ ବୃଦ୍ଧି ପାଇଛି । ଅତଏବ, ଜଙ୍ଗଲ ଆୟତନ ଅଧା ହୋଇଗଲା ବେଳକୁ ଲୋକସଂଖ୍ୟା ଓ ଆଦିବାସୀଙ୍କ ସଂଖ୍ୟା ପ୍ରାୟ ୨ଗୁଣ ହୋଇଛି । ଫଳରେ ଜଙ୍ଗଲ ଉପରେ ୪ଗୁଣ ଚାପ ବଢ଼ିଛି । ଜଙ୍ଗଲ କମିଯିବା ସଙ୍ଗେସଙ୍ଗେ ପୋଡୁଚାଷ ପାଇଁ ଲଭ୍ୟ ଓ ଜଙ୍ଗଲ ବହୁ ପରିମାଣରେ ସଂକୁଚିତ ହୋଇଛି । ଆଦିବାସୀମାନେ ଯେଉଁ ଜଙ୍ଗଲ ସ୍ଥାନରେ ୧୫–୨୦ ବର୍ଷ ବ୍ୟବଧାନରେ ପୋଡୁ କରୁଥିଲେ, ବର୍ତ୍ତମାନେ ସେଠାରେ ୩–୪–ବର୍ଷ ବ୍ୟବଧାନରେ ପୋଡୁଚାଷ କରୁଛନ୍ତି । ଏହା ଫଳରେ ସେ ସ୍ଥାନରେ କୌଣସି ଗଛଲତା ବଢ଼ିପାରୁ ନାହିଁ । ବୁଦା ଅବସ୍ଥାରେହିଁ ପୋଡୁ ବାଧ୍ୟହୋଇ କରୁଛନ୍ତି । ଅଳ୍ପ ବ୍ୟବଧାନରେ ଗୋଟିଏ ସ୍ଥାନରେ ବାରମ୍ବାର ପୋଡୁ ହେବାରୁ ପାହାଡ଼ଗୁଡ଼ିକ ଲଣ୍ଡା ବା ଟାଙ୍ଗର ହୋଇଯାଉଛି । ପୂର୍ବେ ଆଦିବାସୀମାନେ ଖେସ୍ରା ବା ଅଣ-ସଂରକ୍ଷିତ ଜଙ୍ଗଲରେ ପୋଡୁ କରୁଥିଲେ । ବର୍ତ୍ତମାନ ସେମାନେ ସଂରକ୍ଷିତ ଜଙ୍ଗଲରେ ମଧ୍ୟ ପୋଡୁ କଲେଣି । ଫଳରେ ବୃକ୍ଷ ବହୁଳ ବଡ଼ ଜଙ୍ଗଲ ଦ୍ରୁତ ଭାବରେ ହ୍ରାସ ପାଉଛି ।

ପୋଡୁଚାଷ ଦ୍ୱାରା ଜଙ୍ଗଲ ଧ୍ୱଂସ ହେବା ସଙ୍ଗେସଙ୍ଗେ ଅନେକ କ୍ଷତି ଘଟିଥାଏ ।

୧. ଜଙ୍ଗଲ ଧ୍ୱଂସ ଯୋଗୁ ପରିବେଶ କ୍ଷୁର୍ଣ୍ଣ ହେଉଛି ।

୨. ବନ ଝରଣାଗୁଡ଼ିକ କ୍ରମଶଃ ଶୁଖି ଯାଉଛି ।

୩. ସଂପୃକ୍ତ ନଦୀଗୁଡ଼ିକ ଶୁଖି ଯାଉଛି କିମ୍ବା ଅଳ୍ପ ପାଣି ଯୋଗୁ ରବି ଫସଲ ଓ ଖରାଦିନିଆ ଫସଲ ବାଧାପାଇ ହେଉଛି ।

୪. ମୃତ୍ତିକା କ୍ଷୟ ଯୋଗୁ ନଦୀ ଶଯ୍ୟା ଓ ସଂପୃକ୍ତ ଜଳଭଣ୍ଡାର କ୍ରମଶଃ ପୋତି ହୋଇଯାଉଛି ଓ ଏହାର ଉପକାରିତା କ୍ରମେ କମିଯାଉଛି ।

୫. ବର୍ଷାଦିନେ ଲଣ୍ଡା ପାହାଡ଼ଗୁଡ଼ିକରୁ ପାଣି ଶୀଘ୍ର ଗଡ଼ି ଆସି ତଳେ ବାରମ୍ବାର ପ୍ରବଳ ବନ୍ୟା ହେଉଛି ଓ ଧନ ଜୀବନ ବିପନ୍ନ ହେଉଛି । ଜମିରେ ବାଲିଚଗି ଯାଇ ଚାଷ ଜମି ନଷ୍ଟ ହେଉଛି ।

୬. ଜଙ୍ଗଲ ଜାତ ଦ୍ରବ୍ୟ ଯଥା: ଖଣ୍ଡିକାଠ, ଜାଳେଣୀ କାଠ, ବାଉଁଶ, ଲଘୁ ବନଜାତ ଦ୍ରବ୍ୟ, ଜଡ଼ିବୁଟି ପ୍ରଭୃତି ବନୌଷଧି କ୍ରମଶଃ ଦୁର୍ଲ୍ଲଭ ହେଉଛି ।

ଯଦି ପୋଡୁଚାଷକୁ ସଂପୂର୍ଣ୍ଣ ରୂପେ ବନ୍ଦ କରାନଯାଏ, ତେବେ ବର୍ତ୍ତମାନ ଥିବା ଜଙ୍ଗଲ ରକ୍ଷା କରିବା କଷ୍ଟକର ହେବ ।

ପୋଡୁଚାଷର ଅନିଷ୍ଟକାରିତା ବହୁ ଆଗରୁ ଜଣା ପଡ଼ିଥିଲା ଓ ପୋଡୁବନ୍ଦ କରିବା ପାଇଁ ଅତୀତରେ ସରକାର କୋଟିକୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରିଛନ୍ତି । କିନ୍ତୁ ଏଥିରୁ ବେଶି କିଛି ଲାଭ ମିଳିନାହିଁ ବରଂ ପୋଡୁଚାଷ ବଢ଼ିଛି । ଅଧିକାଂଶ ଆଦିବାସୀ ନିଜ ଘର ପାଖରେ ଚାଷ କରନ୍ତି ଏବଂ ଅନଟନ ମେଣ୍ଟାଇବା ପାଇଁ ପୋଡୁ କରନ୍ତି । ଅତୀତରେ ପୋଡୁରତ ଆଦିବାସୀମାନଙ୍କୁ ଜମି, ଆନୁସଂଗିକ କୃଷି ଉପକରଣ ଯୋଗାଇ ଦେଇ କେତେକ ବସତିରେ ବସବାସ କରାଇବାର ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ ମଧ୍ୟ ସେମାନଙ୍କୁ ସ୍ଥାୟୀ କୃଷି ଉପରେ ନିର୍ଭରଶୀଳ କରାଇବାକୁ ଉଦ୍ୟମ ଚାଲୁ ରହିଛି । କିନ୍ତୁ ଏହି ପୁନର୍ବାସ ପରିକଳ୍ପନା ବିଶେଷ ସଫଳ ହେଉନଥିବାର କାରଣଗୁଡ଼ିକ ହେଲା :

୧. ବଂଶବୃଦ୍ଧି ଯୋଗୁ, ଯୋଗାଇ ଦିଆଯାଉଥିବା ଜମି ଯଥେଷ୍ଟ ହେଉନାହିଁ । ତେଣୁ, ସେମାନେ ନିକଟସ୍ଥ ଜଙ୍ଗଲରେ ପୋଡୁ ଆରମ୍ଭ କରୁଛନ୍ତି ।

୨. ଅବାଞ୍ଛନୀୟ ପ୍ରଥା, ଅଭ୍ୟାସ ଓ ମଦ୍ୟପାନ ପ୍ରତି ଆସକ୍ତି ଆଦିବାସୀମାନଙ୍କୁ ଋଣଗ୍ରସ୍ତ କରିପକାଏ । ସାହୁକାର ଓ ଅଣ-ଆଦିବାସୀମାନେ ସେମାନଙ୍କର ଚରିତ୍ରର ସୁବିଧା ନେଇ ଫସଲ ସବୁ କମ୍ ଦାମରେ ଠକି ନିଅନ୍ତି । ତେଣୁ ବଞ୍ଚିବା ପାଇଁ ସେମାନେ ବାଧ୍ୟ ହୋଇ ପୁଣି ପୋଡୁ କରୁଛନ୍ତି ।

୩. ସ୍ୱାର୍ଥ ଦୃଷ୍ଟିରୁ ଅଣ-ଆଦିବାସୀମାନେ ଆଦିବାସୀମାନଙ୍କୁ ପୋଡୁ କରିବାକୁ ବରାବର ପ୍ରବର୍ତ୍ତାଉଛନ୍ତି ଓ କେତେକ କ୍ଷେତ୍ରରେ ପ୍ରକାରାନ୍ତରେ ବାଧ୍ୟ କରୁଛନ୍ତି ।

ଅତୀତରେ ଆଦିବାସୀମାନଙ୍କୁ ବୃତ୍ତିଗତ ପ୍ରଶିକ୍ଷଣ ଦିଆଯାଇ ସେମାନଙ୍କୁ ପୋଡୁରୁ ନିବୃତ୍ତ କରିବାକୁ ଚେଷ୍ଟା କରାଯାଇଛି । ସପୁରୀ, କଦଳୀ, ଅମୃତଭଣ୍ଡା ପ୍ରଭୃତି ନଗଦ ଫସଲ (କ୍ୟାସ୍‌କ୍ରପ) କରିବାକୁ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମଧ୍ୟ ଦିଆଯାଇଛି । କେତେକ କ୍ଷେତ୍ରରେ ଏଥିରୁ ମଧ୍ୟ ସୁଫଳ ମିଳିଛି ।

ପୋଡୁରତ ଆଦିବାସୀମାନେ ସାଧାରଣତଃ କଷ୍ଟ କିମ୍ବା ପରିଶ୍ରମ କାର୍ଯ୍ୟ କରିବାକୁ ଆଗ୍ରହୀ ନୁହଁନ୍ତି । ସେମାନେ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଓ ସହଜ କାମ କରିବାକୁ ଭଲ ପାଆନ୍ତି । ତେଣୁ ତାଙ୍କୁ ସୁହାଇଲା ଭଳି ଓ ଆକୃଷ୍ଟ କଲାଭଳି କାମ ଯଦି ବର୍ଷସାରା ଯୋଗାଇ ଦିଆଯାଏ, ତେବେ ସେମାନେ ପୋଡୁ କରିବାକୁ ମନ ବଳାଇବେ ନାହିଁ ।

ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ, ଜଙ୍ଗଲ ଜମିରେ କଫି ଚାଷ କରି କେତେକ ଆଦିବାସୀ ଲୋକଙ୍କୁ ବର୍ଷସାରା କାମ ଯୋଗାଇ ଦେଇ ସେମାନଙ୍କୁ ପୋଡୁରୁ ନିବୃତ୍ତ କରିବାରେ ସଫଳ ହୋଇଛନ୍ତି । ଆନ୍ଧ୍ର ପ୍ରଦେଶର "ଆରକୁ" ଉପତ୍ୟକାର କଫି ବଗିଚା ଆମ ରାଜ୍ୟର କୋରାପୁଟ ଜିଲ୍ଲାକୁ ଲାଗିଛି ଓ ସେଠାରେ ପୋଡୁ ବନ୍ଦ ହୋଇ ଯାଇଛି । ସେମିତି ତାମିଲନାଡୁ, କର୍ଣ୍ଣାଟକ, କେରଳ, ଆସାମ, ତ୍ରିପୁରା ପ୍ରଭୃତି ରାଜ୍ୟରେ ଚା, କଫି, ରବର, ଡାଲଚିନି, ଗୋଲମରିଚ ପ୍ରଭୃତି ଚାଷ କରିବା ଫଳରେ ଆଦିବାସୀ ହରିଜନ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ କର୍ମସଂସ୍ଥାନ ହୋଇ ପାରିଛି ଓ ଆର୍ଥିକ ଉନ୍ନତି ମଧ୍ୟ ଘଟିଛି । ଏହାଦ୍ୱାରା ପୋଡୁରତ ଆଦିବାସୀଙ୍କୁ ପୋଡୁଚାଷରୁ ନିବୃତ୍ତ କରାଇବାରେ ସଫଳତା ହାସଲ ହୋଇଛି । ନାଗାଲ୍ୟାଣ୍ଡରେ ଆଲନସ ଗଛକୁ ଅଳ୍ପବର୍ଷ ବ୍ୟବଧାନରେ କାଟି ପୋଡୁରତ ନାଗାମାନଙ୍କୁ କାମ ଯୋଗାଇ ଦେଉଛନ୍ତି ଓ ପୋଡୁରୁ ନିବୃତ୍ତ କରୁଛନ୍ତି ।

ପୋଡୁଚାଷ ପରେ ଲଣ୍ଡା ପାହାଡ଼ଗୁଡ଼ିକରେ କୃଷିସଂଯୁକ୍ତ ବନୀକରଣ ଦ୍ୱାରା ପୋଡୁବିଧ୍ୱସ୍ତ ଯାଗାଗୁଡ଼ିକରେ ଜଙ୍ଗଲ ସୃଷ୍ଟି କରିବା ସଙ୍ଗେସଙ୍ଗେ ସଂପୃକ୍ତ ଆଦିବାସୀମାନଙ୍କୁ କାମଯୋଗାଇ ଦେଇହେବ । ଜଙ୍ଗଲରେ ଗଛ ଲଗେଇବା ସଙ୍ଗେସଙ୍ଗେ କାଜୁ, ଗଙ୍ଗେଇ, ଅମୃତଭଣ୍ଡା, କଖାରୁ, ଖମ୍ବଆଳୁ ଚାଷକରି ସେମାନଙ୍କୁ କାମଯୋଗାଇ ଦେଇହେବ । ସୀତାଫଳ, ଲଙ୍କାଆମ୍ବ ଓ ମୁର୍ଗାଗଛ ଲଗେଇ ସେମାନଙ୍କୁ ଜଙ୍ଗଲ ଜଗିବା ଓ ଆମଦାନୀ କାମରେ ଲଗେଇହେବ । କୋରାପୁଟ ଜିଲ୍ଲାରେ ମୃତ୍ତିକା ସଂରକ୍ଷଣ ବିଭାଗ ମୁର୍ଗା ଲଗେଇ, ଆଦିବାସୀମାନଙ୍କୁ କାମ ଯୋଗେଇ ଦେବାରେ ସକ୍ଷମ ହୋଇଛନ୍ତି । ପୋଡୁଚାଷ ପରେ ଲଣ୍ଡାପାହାଡ଼ରେ ଇଉକାଲିପଟସ, ଆକାଶିଆ, ପପଲର ଓ ବାଉଁଶ ଜଙ୍ଗଲ ସୃଷ୍ଟି କରି ତାକୁ ୮–୧୦ବର୍ଷ ବ୍ୟବଧାନରେ କାଟି ବା ସମୁପଯୋଜନ କରି ପୋଡୁରତ ଆଦିବାସୀମାନଙ୍କୁ କାମଯୋଗାଇ ଦେଇହେବ । ଏଥି ସଙ୍ଗେସଙ୍ଗେ କଖାରୁ, ଖମ୍ବଆଳୁ, ଶିମ୍ବ ପ୍ରଭୃତି ଫସଲକରି ପ୍ରଥମ ଦୁଇବର୍ଷ ପାଇଁ ସେମାନଙ୍କୁ ନିଯୁକ୍ତି ଦେଇହେବ ।

ଆଦିବାସୀମାନେ ବଡ଼ ଶୃଂଖଳିତ ଜାତି । ପ୍ରତ୍ୟେକ ଉପଜାତି ସେମାନଙ୍କ ସର୍ଦ୍ଦାର କଥାରେ ଚଳନ୍ତି । ସର୍ଦ୍ଦାରମାନଙ୍କୁ ନିୟୋଜିତକରି ସେମାନଙ୍କ ମାଧ୍ୟମରେ ଆଦିବାସୀମାନଙ୍କ କାମକୁ ଆୟତ୍ତ କରାଯାଇ ପାରିବ । ଭଲ କାମ ପାଇଁ ସର୍ଦ୍ଦାରମାନଙ୍କୁ ପୁରସ୍କୃତ କରି ଓ ସେମାନଙ୍କ ସାହାଯ୍ୟରେ ପୋଡୁରୁ ନିବୃତ୍ତି କରି ହେବ । ବଣେଇ ସବ୍‌ଡିଭିଜନରେ ଏଇ ସର୍ଦ୍ଦାରମାନଙ୍କ ସାହାଯ୍ୟରେ ପୋଡୁଚାଷ ସଂରକ୍ଷିତ ଜଙ୍ଗଲରେ ଆୟତ୍ତ ହୋଇ ପାରିଥିଲା ।

ସୂଚନାରୁ ଜଣାଯାଏ, କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁର ଅଞ୍ଚଳରେ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ତରଫରୁ ପ୍ରାୟ ୧୨୦୦ ହେକ୍ଟର ଜମିରେ ଚା'ଚାଷ କରିବାକୁ ସରକାର ଯୋଜନା କରିଛନ୍ତି । ଜିଲ୍ଲାପାଳ ଏଥିପାଇଁ ଜମି ଚିହ୍ନଟ କରି ନିଗମକୁ ଆଗୁଆ ମଞ୍ଜୁରୀ ଦେଇଥିବା ଜଣାଯାଏ । ଏହା ୧୨୦୦ ପୋଡୁରତ ପରିବାରଙ୍କୁ ବର୍ଷସାରା କାମ ଯୋଗାଇବ ଓ ପୋଡୁଚାଷ ନିବୃତ କରିପାରିବ । ଏଥିରେ ପ୍ରାୟ ୬୦୦୦ ହେକ୍ଟର ଜଙ୍ଗଲ ପୋଡୁଚାଷ ରକ୍ଷାପାଇବ ।

ତେବେ କେତେକ ଅଫିସର ଓ ବୈଜ୍ଞାନିକ ଏହା ବିରୁଦ୍ଧରେ ଯୁକ୍ତି କରୁଛନ୍ତି (୧୯୯୮ ଜୁଲାଇ ୧୨ ତାରିଖ ପ୍ରଜାତନ୍ତ୍ରରେ ୟୁ. ଏନ୍. ଆଇ. ପରିବେଷିତ ସମ୍ବାଦ) । ଏପରି ମତପୋଷଣ କରିବା ଠିକ୍ ନୁହେଁ । କୌଣସି ପ୍ରାକୃତିକ ଜଙ୍ଗଲକୁ କାଟି ଚା, କଫି କିମ୍ବା ରବର ବଗିଚା କରିବା କଦାପି ବାଞ୍ଛନୀୟ ନୁହେଁ । କିନ୍ତୁ ଗୁଡ଼ାଏ ବୃକ୍ଷହୀନ, ପଡ଼ିଆ ବା ନାମମାତ୍ର ଜଙ୍ଗଲ ଜମିକୁ ପକେଇ ରଖିବା ଅନୁଚିତ । କୋରାପୁଟ, କଳାହାଣ୍ଡି, ଫୁଲବାଣୀ, ସୁନ୍ଦରଗଡ଼, କେନ୍ଦୁଝର ଓ ଢେଙ୍କାନାଳରେ ଲକ୍ଷଲକ୍ଷ ହେକ୍ଟର (ପ୍ରାୟ ୧୦ଲକ୍ଷ ହେକ୍ଟର) ବୃକ୍ଷହୀନ ଓ ନାମକୁ ଜଙ୍ଗଲ ଜମି ପଡ଼ିରହିଛି । ଏପରି ଏକ ବିପୁଳ ଜଙ୍ଗଲ ସଂପଦ କେବଳ ଅନୁପଯୋଗୀ ହୋଇରହିଛି । ଏହାଛଡ଼ା, ମୃତ୍ତିକାକ୍ଷୟଯୋଗୁଁ ନଦୀବନ୍ଧ ଯୋଜନାର ଉପକାରିତା କମି ଆସୁଛି ।

ପରିବେଶ ରକ୍ଷାକରିବା ପାଇଁ ଜଙ୍ଗଲ ନିହାତି ଦରକାର । ଏହାଦ୍ୱାରା ପାରିପାର୍ଶ୍ୱିକ ବାୟୁ ବିଶୋଧନ, ଜଳ ସଂରକ୍ଷଣ, ମୃତ୍ତିକା ସଂରକ୍ଷଣ, ବୃଷ୍ଟି ନିୟନ୍ତ୍ରଣ, ଆର୍ଦ୍ରତା, ବନ୍ୟା ନିରାକରଣ, ନଦୀ ଓ ଝରଣାର ଜଳନିୟନ୍ତ୍ରଣ ପ୍ରଭୃତି ବହୁ ଉପକାର ମିଳିଥାଏ । ଚା, କଫି ଓ ରବର ବଗିଚାରୁ ମଧ୍ୟ ଏସବୁ ଉପକାର ମିଳିଥାଏ । ବିଶେଷକରି ପରିବେଶ ରକ୍ଷା କରିବାରେ ଏହା ଅଧିକ ସାହାଯ୍ୟକରେ ।

ସାଧାରଣତଃ ରୋପିତ ଜଙ୍ଗଲରେ ୨ ହାତ × ୧ ହାତ ବା ୩ × ୩ ମିଟର ବ୍ୟବଧାନରେ ମଞ୍ଜି ଲଗାଯାଏ ଓ ୮ବର୍ଷପରେ ମଝିରୁ ମଝିରୁ ଗଛକାଟି ନିଆଯାଏ । ଚା କିମ୍ବା କଫି ବଗିଚାରେ ୩ହାତ × ୩ହାତ ମିଟର ବ୍ୟବଧାନରେ ଛାଇଗଛ (ଆକାଶିଆ ସୁବାବୁଲ, ଶିରିଷ, ଘୋଡ଼ାଲିମ୍ବ) ପ୍ରଭୃତି ଲଗାଯାଏ । ଏସବୁ ଗଛ ବଢ଼ିଗଲେ, ଗଛତଳେ ୧ × ୧ମିଟର ବ୍ୟବଧାନରେ କଫିଗଛ ବା ୦.୮ × ୦.୮ମିଟର ବ୍ୟବଧାନରେ ଚାଗଛ ଲଗାଯାଏ । ଫଳରେ ଜମିଉପରେ ଗୋଟିଏ ଘଞ୍ଚ ସବୁଜିମା ସୃଷ୍ଟି ହୁଏ । ସୂର୍ଯ୍ୟକିରଣ ପଡ଼ିବା ପାଇଁ ମଝିରେ ମଝିରେ ଛାଇଗଛଗୁଡ଼ିକର ଡାଳ କାଟି ଦିଆଯାଏ ଓ ଲୋକମାନେ ଏଗୁଡ଼ିକୁ ଜାଳେଣିପାଇଁ ବ୍ୟବହାର କରନ୍ତି । ଚା ଓ କଫି ବଗିଚାରେ ମୃତ୍ତିକାକ୍ଷୟ ହୁଏନାହିଁ ଏବଂ ଜଳସଂରକ୍ଷଣ, ଆର୍ଦ୍ରତା, ଝରଣା ଓ ନଦୀଜଳ ନିୟନ୍ତ୍ରଣ ଓ ପାରିପାର୍ଶ୍ୱିକ ଆବହାଓ୍ୱା ଠିକ୍ ରହେ । ସବୁଠାରୁ ବଡ଼କଥା ଯେ ଗୋଟିଏ ହେକ୍ଟର ଚା କିମ୍ବା କଫି ବଗିଚା ଗୋଟିଏ ଆଦିବାସୀ ପରିବାରଙ୍କୁ କାମ ଯୋଗାଇଥାଏ ।

ଅଭିଜ୍ଞତାରୁ ଜଣାଯାଇଛି ଯେ ଓଡ଼ିଶାରେ ଉତ୍ପାଦିତ ଚା ଓ କଫି ଅତି ଉଚ୍ଚମାନର ଓ ମୂଲ୍ୟବାନ୍ । ଆନ୍ଧ୍ର, ତାମିଲନାଡୁ, କର୍ଣ୍ଣାଟକ, ତ୍ରିପୁରା, ପ୍ରଭୃତି ରାଜ୍ୟରେ ଜଙ୍ଗଲ ଜମିରେ ଯଦି ଚା ଓ କଫି ଲଗେଇ ପାରୁଛନ୍ତି, ଆମରାଜ୍ୟରେ ସେପରି ଚା ଓ କଫି ବଗିଚା ନହେବ କାହିଁକି । ଏହାଦ୍ୱାରା ରାଜ୍ୟର ଆର୍ଥିକ ଉନ୍ନତି ହେବା ସଙ୍ଗେସଙ୍ଗେ ଆଦିବାସୀ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବର୍ଷସାରା କାମ ଯୋଗାଇ ହେବ । ଏଥିପାଇଁ ଗୋଟିଏ ସୁଚିନ୍ତିତ ଓ ସୁସଂହତ ପରିକଳ୍ପନା ଦରକାର ।

କଳାହାଣ୍ଡି ଜିଲ୍ଲାରେ ଚା ବଗିଚା ସୃଷ୍ଟି କରିବା ସଙ୍ଗେସଙ୍ଗେ ଏହାର ଉପକାରିତାର ପ୍ରଭାବ ବିଶେଷତଃ ପୋଡୁଚାଷ ଉପରେ କିଭଳି, ପଡ଼ୁଛି ତାହା ସହଜରେ କଳନା କରିହେବ ଓ ଏହା ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବାରେ ଅଧିକ ସାହାଯ୍ୟ କରିବ । ଓଡ଼ିଶା ଶିଳ୍ପ ନିଗମର ଏପରି ଏକ ପଦକ୍ଷେପ ସ୍ୱାଗତଯୋଗ୍ୟ ।

---

ଅବସରପ୍ରାପ୍ତ ମୁଖ୍ୟ ବନ ସଂରକ୍ଷକ
ବାୟାବାବା ମଠ ରାସ୍ତା
ୟୁନିଟ-୯ ଫ୍ଲାଟ୍
ଭୁବନେଶ୍ୱର-୭



# ପ୍ରାକୃତିକ ପରିବେଶ ଓ ଜଙ୍ଗଲ

ଶ୍ରୀ ବ୍ରହ୍ମାନନ୍ଦ ନାୟକ

ଆଦିମ ଯୁଗରୁ ମାନବ ସମାଜ ଜଙ୍ଗଲ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ପ୍ରଥମେ ମଣିଷ ଭୂପୃଷ୍ଠରେ ଅବତୀର୍ଣ୍ଣ ହେବା ପରେ ସେ ଜଙ୍ଗଲର ଫଳମୂଳ ଖାଇ ପତ୍ର କୁଡ଼ିଆରେ ବାସ କରୁଥିଲା । କାଳକ୍ରମେ ତାର କ୍ରମ-ବିକାଶ ହେବା ଫଳରେ ସେ ଆଜି ଆଧୁନିକ ଯୁଗର ମାନବ ଭାବେ ସୁପରିଚିତ । କିନ୍ତୁ ମଣିଷ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କରିଛି ସତ ମାତ୍ର ସେ ତାର ଭବିଷ୍ୟତ ଚିନ୍ତା ନ କରି ପ୍ରକୃତି ସୃଷ୍ଟି କରିଥିବା ଜଙ୍ଗଲକୁ ନଷ୍ଟ କରିବାକୁ ଲାଗିଲା ଯାହା ଫଳରେ ବର୍ତ୍ତମାନ ସେ ତାର ପରିବେଶ ନଷ୍ଟ କରିବା ସଙ୍ଗେସଙ୍ଗେ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲା ।

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଏହି ଉନ୍ନତ ଜୀବନର ମାନ ସହିତ ଆମ ଦେଶର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଲା । କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଖାଦ୍ୟ ଯୋଗାଇବା ପାଇଁ ଅଧିକରୁ ଅଧିକ ଜଙ୍ଗଲ କଟାଯାଇ ଚାଷ ଜମିରେ ପରିଣତ କରାଗଲା । ଶିଳ୍ପର ଅଭିବୃଦ୍ଧି ପାଇଁ ଜଙ୍ଗଲ କଟାଯାଇ କଳ କାରଖାନା, ରାସ୍ତାଘାଟ, ଜଳସେଚନ ପ୍ରକଳ୍ପ ଆଦି ନିର୍ମାଣ ପାଇଁ ଦେଶର ଅନେକ ଜଙ୍ଗଲ ଲୋପ ପାଇଲା । ଜଙ୍ଗଲ ନଷ୍ଟ ହେବା ଫଳରେ ବାୟୁ ମଣ୍ଡଳରେ ଅମ୍ଳଯାନର ପରିମାଣ ହ୍ରାସ ପାଇ ଦୂଷିତ ଓ ବିଷାକ୍ତ ବାୟୁ ବୃଦ୍ଧି ପାଇବାରେ ଲାଗିଲା । ଏହାଦ୍ୱାରା ମଣିଷ ବର୍ତ୍ତମାନ ବିଭିନ୍ନ ପ୍ରକାର ମାରାତ୍ମକ ରୋଗରେ ପୀଡ଼ିତ ହେବା ସଙ୍ଗେସଙ୍ଗେ ବନ୍ୟା, ବାତ୍ୟା, ମରୁଡ଼ି, ମୃତ୍ତିକା କ୍ଷୟ ଭଳି ବହୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲା । ଏଥିରୁ ରକ୍ଷା ପାଇବା ପାଇଁ ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତି ଚିନ୍ତିତ ।

ପ୍ରକୃତିର ସୃଷ୍ଟିରେ ଉଦ୍‌ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ । ଉଦ୍‌ଭିଦ ଜଗତ ବାୟୁ ମଣ୍ଡଳରୁ ଅଙ୍ଗାର-କାମ୍ଳ ଗ୍ରହଣ କରି ପ୍ରାଣୀ ଜଗତ ପାଇଁ ଅମ୍ଳଯାନ ତ୍ୟାଗ କରିଥାଏ । ପ୍ରାଣୀ ଜଗତ ଅମ୍ଳଜାନ ବ୍ୟବହାର କରି ଉଦ୍‌ଭିଦ ପାଇଁ ଅଙ୍ଗାରକାମ୍ଳ ତ୍ୟାଗ କରିଥାଏ । ଏହାଦ୍ୱାରା ପ୍ରକୃତି ବାୟୁ ମଣ୍ଡଳରେ ଭାରସାମ୍ୟ ରକ୍ଷା କରିଥାଏ ।

ଏକ ସମୀକ୍ଷାରୁ ଜଣା ଯାଇଛି ଯେ, ଏକ ଏକର ଜଙ୍ଗଲ ବର୍ଷରେ ୮ ଟନ ଅମ୍ଳଜାନ ତ୍ୟାଗ କରିଥାଏ ଓ ୪ ଟନ ଅଙ୍ଗାରକାମ୍ଳ ଗ୍ରହଣ କରିଥାଏ । ଏଥିରୁ ସ୍ପଷ୍ଟ ପ୍ରମାଣ ମିଳେ ଆମ ରାଜ୍ୟରେ ଥିବା ପ୍ରାୟ ୪୩,୦୦୦ ବର୍ଗ କିଲୋମିଟର ପରିମିତ ଜଙ୍ଗଲରେ ଥିବା ବୃକ୍ଷରାଜି ଆମ ସମାଜ ପାଇଁ ଅମ୍ଳଜାନ ଯୋଗାଇବା ସଙ୍ଗେସଙ୍ଗେ ବାୟୁ ମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଭୂପୃଷ୍ଠରେ ପ୍ରାଣୀ ଜଗତକୁ ବଞ୍ଚାଇ ରଖିବାରେ ସାହାଯ୍ୟ କରିଥାଏ ।

ଏହି ବିସ୍ତୀର୍ଣ୍ଣ ଜଙ୍ଗଲ ଥିବା ଯୋଗୁଁ ଭୂପୃଷ୍ଠରେ ପ୍ରାଣୀ ଜଗତ ତିଷ୍ଠି ରହି ପାରିଛି । ଏହା ମୃତ୍ତିକା ସଂରକ୍ଷଣ, ବନ୍ୟା, ବାତ୍ୟାରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ବନ୍ୟ ଜନ୍ତୁମାନଙ୍କୁ ଆଶ୍ରୟ ଦେଇ ପ୍ରାକୃତିକ ପରିବେଶର ସୁରକ୍ଷା କରିଥାଏ । ଏତଦ୍ ବ୍ୟତୀତ ଜଙ୍ଗଲ ଆଧୁନିକ ମାନବ ସମାଜକୁ ମୂଲ୍ୟବାନ କାଠ, କୋଇଲା, ମହୁ, ଝୁଣା, ଔଷଧୀୟ ସାମଗ୍ରୀ ପ୍ରଭୃତି ଯୋଗାଇ ଥାଏ । ପରୋକ୍ଷ ଭାବରେ ଏହା ବାୟୁ ମଣ୍ଡଳର ଭାରସାମ୍ୟ ରକ୍ଷାକରି ବୃଷ୍ଟିପାତ କରିଥାଏ । ଆଉ ଏକ ସମୀକ୍ଷାରୁ ଜଣାଯାଇଛି, ଗୋଟିଏ ବଡ଼ବୃକ୍ଷ ଏକ ବର୍ଷ ମଧ୍ୟରେ ବାୟୁମଣ୍ଡଳରୁ ଯେତିକି ଶିଶା ( Lead ) ଗ୍ରହଣ କରିଥାଏ ତାହା ୧୩୦ ଲିଟର ପେଟ୍ରୋଲ ପୋଡ଼ିବା ଦ୍ୱାରା ନିର୍ଗତ ହେବା ବାଷ୍ପ ସହିତ ସମାନ । ଏହି ଦ୍ୱାରା ବିଷାକ୍ତ ବାଷ୍ପ ବୃକ୍ଷଦ୍ୱାରା ଗ୍ରହଣ କରାଯାଇ ତାହା ଦ୍ରବ୍ୟ ଫସଫେଟ ରୂପେ ପରିବର୍ତ୍ତିତ ହୋଇ ତାର ଗଣ୍ଡି ଦେହରେ

ସଞ୍ଚିତ ହୋଇ ରୁହେ । ନଚେତ ଏହି ବାଷ୍ପ ମଣିଷ ଶରୀରକୁ ବିଷାକ୍ତ କରି ତାର ମସ୍ତିଷ୍କ ରୋଗ, ଉଚ୍ଚ ରକ୍ତଚାପ ପ୍ରଭୃତି ରୋଗ ସୃଷ୍ଟିକରି ଯକୃତ ନଷ୍ଟ କରିଦିଅନ୍ତା ।

ଆଧୁନିକ ଯୁଗର କଳକାରଖାନା, ଯାନବାହନ ଓ ବିଦ୍ୟୁତ ପ୍ରକଳ୍ପରୁ ନିର୍ଗତ ହେଉଥିବା ଗରମ ବାଷ୍ପ ବୃକ୍ଷ ଦ୍ୱାରା ଗ୍ରହଣ କରାଯାଇ ବାୟୁମଣ୍ଡଳକୁ ଶୀତଳ କରିଥାଏ । ପ୍ରମାଣ ହୋଇଯାଇ ଅଛି କି ୨୦ଟି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର (Aircondition) ଯଦି ଦିନକୁ ୨୪ ଘଣ୍ଟା ଚାଲି ଯେତିକି ଦକ୍ଷତା ଦେଖାଇ ଥାଏ ତାହା ଅପେକ୍ଷା ଗୋଟିଏ ମଧ୍ୟମ ଧରଣର ବୃକ୍ଷ ଅଧିକ ବାୟୁ ମଣ୍ଡଳକୁ ଥଣ୍ଡା ରଖିପାରେ ।

ସହର, ଶିଳ୍ପାଞ୍ଚଳ, ଜନ ଗହଳି ଅଞ୍ଚଳରେ ବୃକ୍ଷ ଗୁଡ଼ିକର ଶବ୍ଦ ନିୟନ୍ତ୍ରଣ କରି ସେ ଅଞ୍ଚଳରେ ପରିବେଶର ସୁରକ୍ଷା କରିଥାଏ । ସୁସଜ୍ଜିତ ଓ ସୁନ୍ଦର ପ୍ରଣାଳୀରେ ଲଗାଯାଇଥିବା ବୃକ୍ଷ ସେ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେସଙ୍ଗେ ମଣିଷକୁ ଆନନ୍ଦ ଦେବାରେ ସାହାଯ୍ୟ କରିଥାଏ ।

ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ବୃଦ୍ଧି ଓ ବୈଜ୍ଞାନିକ ମାନଙ୍କର ସତର୍କତା ଦୃଷ୍ଟିରୁ ଆମ ସରକାର ବର୍ତ୍ତମାନ ଜଙ୍ଗଲର ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଉଛନ୍ତି । ସେଗୁଡ଼ିକ ହେଲା ସାମାଜିକ ବନୀକରଣ ପ୍ରକଳ୍ପ, ଓଡ଼ିଶା ବନୀକରଣ ଉନ୍ନୟନ ନିଗମ, ବନ ନିଗମର ବନୀକରଣ ବିଭାଗ, ଉଦ୍ୟାନ ବିଭାଗ ଜରିଆରେ ବୃକ୍ଷରୋପଣ ଇତ୍ୟାଦି । ଯାହା ଫଳରେ ପ୍ରତ୍ୟେକ ବର୍ଷ ହଜାର ହଜାର ହେକ୍ଟର ଜମିରେ ବୃକ୍ଷରୋପଣ କରାଯାଉଅଛି ।

ଜଣେ ଦକ୍ଷ ପୂର୍ବତନ ବନ ବିଭାଗ ଅଫିସର ଲେଖିଛନ୍ତି, ଆମର ରାଜଧାନୀ ନିକଟରେ ଗଢ଼ି ଉଠିଥିବା ଚନ୍ଦକା ହସ୍ତୀ ଅଭୟାରଣ୍ୟ ଯାହାର ଆୟତନ ୧୮୯ ବର୍ଗ କିଲୋମିଟର ହେଲା, ତାହା ବାୟୁମଣ୍ଡଳକୁ ଦିନକୁ ୨,୫୦୦ ଟନ ଅମ୍ଳଜାନ ଛାଡ଼ିଥାଏ ଓ ୬,୦୦୦ ଟନ ଅଙ୍ଗାରକାମ୍ଳ ଗ୍ରହଣ କରିଥାଏ । ଏହା ଆମ ସମାଜ ପାଇଁ ଜଙ୍ଗଲର ପ୍ରତ୍ୟକ୍ଷ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ । ମଣିଷ ସମାଜକୁ ବୃକ୍ଷର ଅବଦାନ ବିଷୟରେ ଭଗବାନଙ୍କର ସୃଷ୍ଟି ବଡ଼ ବିଚିତ୍ର ଓ ଅଦୃଷ୍ଟ । ଯଦି ମଣିଷ ଏହା ଦେଖି ପାରନ୍ତା ତେବେ ସେ କଦାପି ଜଙ୍ଗଲ ଉପରେ କୁଠାରଘାତ କରନ୍ତା ନାହିଁ ।

ଅଳ୍ପ କେତେକ ବର୍ଷ ପୂର୍ବରୁ ଯେଉଁ ପାହାଡ଼ ପର୍ବତ ଘଞ୍ଚ ଜଙ୍ଗଲରେ ପୂରିଥିଲା, ବର୍ତ୍ତମାନ ସେ ଗୁଡ଼ିକ ଶ୍ରୀହୀନ ହୋଇ ପଡ଼ିଛି । ଜନସଂଖ୍ୟା ଦ୍ରୁତ ଗତିରେ ବଢି ଚାଲିଥିବା ଯୋଗୁଁ ଓ ସେମାନେ ନିର୍ବିଘ୍ନରେ ଜଙ୍ଗଲରୁ ଜାଳେଣୀକାଠ ଓ ଅନ୍ୟାନ୍ୟ ଗୃହୋପକରଣ ସଂଗ୍ରହ କରିବା ଯୋଗୁଁ ସେହି ଅଞ୍ଚଳରେ ଆଉ ଜଙ୍ଗଲ ନାହିଁ । କେବଳ ପଡ଼ି ରହିଛି ଟାଙ୍ଗରା ପାହାଡ଼, ଯାହାକୁ ଦେଖିଲେ ମନେ ହୁଏ ଭୂପୃଷ୍ଠର ବୃକ୍ଷରାଜି ଲୁଚି ରହିଛନ୍ତି । ଏହି ଦୃଶ୍ୟ ଗଞ୍ଜାମ, ଫୁଲବାଣୀ, କୋରାପୁଟ, ପୁରୀର ନୟାଗଡ଼, ଖୋର୍ଦ୍ଧା ଅଞ୍ଚଳ, କଟକର ଆଠଗଡ଼, ନରସିଂହପୁର, କେଉଁଝର, ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳର ବିସ୍ତୀର୍ଣ୍ଣ ଅଞ୍ଚଳରେ ଦେଖିବାକୁ ମିଳେ । ବହୁତ ପାହାଡ଼ରେ ବାଲି ପଥର ଓ ବଡ଼ବଡ଼ ପ୍ରସ୍ତରଖଣ୍ଡ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ପୁରୁଣା ଲୋକମାନେ କୁହନ୍ତି ଅଳ୍ପ କେତେକ ବର୍ଷ ପୂର୍ବରୁ ଉକ୍ତ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଥିଲା ଓ ସେଥିରେ ବାଘ ଭାଲୁ, ହରିଣ, କୁଟୁରା, ପ୍ରଭୃତି ଜୀବ ପୂରି ରହିଥିଲେ । ଏହାର କୁପ୍ରଭାବ ଦ୍ୱାରା ସୁସ୍ଥ ପ୍ରାକୃତିକ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଅଛି ।

ଜଙ୍ଗଲ ହ୍ରାସ ପାଇବା ଫଳରେ ଧିରେଧିରେ ବାଘ, ଅରଣା ମଇଁଷି, ଗୟଳ, କୃଷ୍ଣସାର, ବନ୍ଧୁକାପତ୍ରା, କୋଚିଲାଖାଇ ଅଜଗର, କୁମ୍ଭୀର ଇତ୍ୟାଦିଙ୍କର ସଂଖ୍ୟା ବହୁ ପରିମାଣରେ କମିଗଲାଣି । ଜଙ୍ଗଲ ସମ୍ପଦ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଆମ ରାଜ୍ୟରେ ୧୬ଟି ଅଭୟାରଣ୍ୟ ଓ ଶିମିଳିପାଳ ଜାତୀୟ ଉଦ୍ୟାନ ସୃଷ୍ଟି କରାଯାଇଅଛି । ଏହା ଫଳରେ ପ୍ରାକୃତିକ ପରିବେଶ କେତେକାଂଶରେ ସୁରକ୍ଷା ହୋଇ ପାରିବ ।


ଏତଦ୍ ବ୍ୟତୀତ ନଗର ଉନ୍ନୟନ ବିଭାଗ, ଭୁବନେଶ୍ୱର ଓ କଟକ ଉନ୍ନୟନ ଯୋଜନା ମାଧ୍ୟମରେ ସହରର ଉପକଣ୍ଠରେ ଓ ମଧ୍ୟ ଭାଗରେ ସୁନ୍ଦର ସୁନ୍ଦର ବୃକ୍ଷ ଓ ଗାଲିଚା ଘାସ ରୋପଣ କରାଯାଇ ସହରର ସୌନ୍ଦର୍ଯ୍ୟ ଓ ପରିବେଶର ଉନ୍ନତି କରାଯାଉଅଛି । ଆମ ରାଜ୍ୟ ତଥା ଦେଶରେ ପରିବେଶ ବିଭାଗ ଖୋଲାଯାଇ ସୁସ୍ଥ ପରିବେଶ ରକ୍ଷା କରିବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଅଛି ।

ଏଣୁ ସୁସ୍ଥ ପରିବେଶ ଉପରେ ବୃକ୍ଷ ଓ ଜଙ୍ଗଲର ଗୁରୁତ୍ୱ ସମସ୍ତେ ଉପଲବ୍ଧି କଲେଣି । କିନ୍ତୁ ଏଥିପାଇଁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ । ଏ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ବିନା ସମସ୍ତ ସରକାରୀ ପ୍ରଚେଷ୍ଟା ନିରର୍ଥକ । ସମସ୍ତଙ୍କର ସମୂହ ଉଦ୍ୟମ ଦ୍ୱାରା ହିଁ ଆମର ଜନ ସମ୍ପଦ ତଥା ପ୍ରାକୃତିକ ପରିବେଶର ସୁରକ୍ଷା ହୋଇପାରିବ ।

---

ସହକାରୀ ବନ ସଂରକ୍ଷକ
ଚନ୍ଦକା ବନ୍ୟପ୍ରାଣୀ ଖଣ୍ଡ, ଭୁବନେଶ୍ୱର ।

ଓଡ଼ିଶାର ଅର୍ଥନୈତିକ, ସାମାଜିକ ତଥା ସାଂସ୍କୃତିକ ବିକାଶ ଦିଗରେ ଆମର ଉଦ୍ୟମ ସର୍ବଜନବିଦିତ । ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଓ ବିଦ୍ୟୁତ୍‌ଶକ୍ତିର ପ୍ରସାର, କୃଷି ଉତ୍ପାଦନ ଓ ଶିଳ୍ପର ବିକାଶ ନିମନ୍ତେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଶିକ୍ଷା, ପର୍ଯ୍ୟଟନ, ଶିଳ୍ପ ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ କ୍ଷେତ୍ରରେ ବିଶେଷ ଉଦ୍ୟମ ଚାଲୁ ରହିଛି ।



## ଚାକିରି ନ କରି ମଧ୍ୟ ବେଶ୍ ରୋଜଗାର କରିହେବ

# ମାଛଚାଷ କଲେ

### ଶିକ୍ଷିତ ଯୁବକମାନଙ୍କପାଇଁ ମାଛଚାଷରେ ଆଜି ପ୍ରଚୁର ସୁବିଧା ସୁଯୋଗ !--

* ଏକରେ ଆୟତନ ବିଶିଷ୍ଟ ଅକାମୀ ପାଡ଼ିଆ କିମ୍ବା ଖାଲୁଆ କ୍ଷେତ୍ରରେ ପୋଖରୀ ଖୋଳି ମାଛଚାଷ କଲେ, ପୋଖରୀ ଖୋଳାପାଇଁ ୧୫,୦୦୦ ଟଙ୍କା, ଖତସାର, ଖାଦ୍ୟ ଓ ଜାଆଁଳ (ସାମଗ୍ରୀ) ବାବଦ ୪,୦୦୦ ଟଙ୍କା ଅର୍ଥାତ୍ ମୋଟ ୧୯,୦୦୦ ଟଙ୍କା ବ୍ୟାଙ୍କ ଋଣ ମିଳିପାରେ ।

* ପୋଖରୀ ଖୋଳିବାର ଆବଶ୍ୟକତା ନ ଥାଇ କେବଳ ଏକରେ ପୋଖରୀର ବନ୍ଧ, ବାଡ଼ ତିଆରି ଓ ଦଳକଢା ବାବଦକୁ ମାତ୍ର ୧,୦୦୦ ଟଙ୍କା ଓ ସାମଗ୍ରୀ ବାବଦକୁ ୪,୦୦୦ ଟଙ୍କା ଅର୍ଥାତ୍ ମୋଟ ୫,୦୦୦ ଟଙ୍କା ବ୍ୟାଙ୍କ ଋଣ ମିଳିପାରେ ।

* ପୁରୁଣା ଏକରେ ପୋଖରୀକୁ ମାତ୍ର ୨ ଫୁଟ ଗଭୀର ଖୋଳେଇ ମାଛଚାଷ କଲେ, ଖୋଳା ବାବଦକୁ ୧୦,୦୦୦ ଟଙ୍କା ଓ ସାମଗ୍ରୀ କିଣା ବାବଦକୁ ୪,୦୦୦ ଟଙ୍କା ଅର୍ଥାତ୍ ୧୪,୦୦୦ ଟଙ୍କା ବ୍ୟାଙ୍କ ଋଣ ମିଳିପାରେ ।

* ଉପକୂଳ ଜିଲ୍ଲାମାନଙ୍କରେ ଏକରେ ଆୟତନ ବିଶିଷ୍ଟ କ୍ଷେତ୍ରରେ ୬ ଫୁଟ ଗଭୀର ନୂଆ ପୋଖରୀ ଖୋଳି ମାଛଚାଷ କଲେ ପୋଖରୀ ଖୋଳା ବାବଦକୁ ୧୮,୩୦୦ ଟଙ୍କା ଏବଂ ସାମଗ୍ରୀ ବାବଦକୁ ୪,୦୦୦ ଟଙ୍କା ବ୍ୟାଙ୍କ ଋଣ ମିଳେ ।

* ଉପକୂଳ ଜିଲ୍ଲା ବ୍ୟତୀତ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଏକରେ କ୍ଷେତ୍ରରେ ୬ ଫୁଟ ଗଭୀର ପୋଖରୀ ଖୋଳି ମାଛଚାଷ କଲେ ପୋଖରୀ ଖୋଳା ବାବଦକୁ ୨୩,୬୦୦ ଟଙ୍କା ଓ ସାମଗ୍ରୀ ବାବଦକୁ ୪,୦୦୦ ଟଙ୍କା ଅର୍ଥାତ୍ ମୋଟ ୨୭,୬୦୦ ଟଙ୍କା ବ୍ୟାଙ୍କ ଋଣ ମିଳିପାରେ ।

* ନିଜର ଜମି ବା ପୋଖରୀ ନ ଥିଲେ ଗ୍ରାମପଞ୍ଚାୟତ ପୋଖରୀ, ସରକାରୀ ପୋଖରୀ ବା ସରକାରୀ ଖାଲୁଆ ଜମି ଦୀର୍ଘ ମିଆଦୀ ପଟ୍ଟା ସୂତ୍ରେ ଯୋଗାଇ ଦିଆଯାଇପାରେ ।

* ଏକରେ ଜଳ ଆୟତନ ବିଶିଷ୍ଟ ପୋଖରୀରେ ବୈଜ୍ଞାନିକ ପ୍ରଣାଳୀରେ ମାଛଚାଷ କଲେ ମାଛଚାଷ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାଦ୍‌ଯାଇ ବାର୍ଷିକ ନିଟ୍ ଆୟ ୧୨,୦୦୦ ଟଙ୍କା ମିଳିପାରେ ।

* ବ୍ଲକ୍‌ରେ ମୁତୟନ ହୋଇଥିବା ମତ୍ସ୍ୟ ସଂପ୍ରସାରଣ ଅଧିକାରୀଙ୍କ ଦପ୍ତରରେ ନିଜ ନିଜ ନାମ ରେଜିଷ୍ଟ୍ରିଭୁକ୍ତ କରି ଆବେଦନ ପତ୍ରଟି ସେଠାରେ ଦାଖଲ କରିବାକୁ ପଡ଼ିବ ।

ସୁଯୋଗ ଅତି ପାଖରେ । ଆଗ୍ରହୀ ଯୁବକମାନେ ମାଛଚାଷର ସଂକଳ୍ପ ରଖି ଆଗେଇ ଆସନ୍ତୁ ଏବଂ ମାଛଚାଷ କରିଆରେ ନିଜର ଓ ନିଜ ପରିବାର ପାଇଁ ସୁଖ ସମୃଦ୍ଧିର ବାଟ ଫିଟାନ୍ତୁ ।

ମତ୍ସ୍ୟ ନିର୍ଦ୍ଦେଶାଳୟ ସୂଚନା ସେବା,

ଓଡ଼ିଶା, କଟକ--753007

# ଭିତର କନିକାର ଲୁଣା ଜଙ୍ଗଲ ଓ ବନ୍ୟପ୍ରାଣୀ



ଭିତର କନିକାର ଶୀତକାଳୀନ ଅତିଥି "ଗ୍ରେଲାଗ୍ ଗୁଜ୍"

**ଶ୍ରୀ ନମାଇଁ ଚରଣ ମହାନ୍ତ**

ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଧାମରା, ଭିତରକନିକା, ପାଟଶାଳା ଏବଂ ମହୀପୁରା ନଦୀମାନଙ୍କର ଅବବାହିକାରେ ଏବଂ ଏହି ନଦୀମାନଙ୍କର ଅସଂଖ୍ୟ କ୍ରିକ୍ ସନ୍ନିକଟ କ୍ଷୁଦ୍ର ଦ୍ୱୀପପୁଞ୍ଜ ଏବଂ ଭୂଖଣ୍ଡରେ "ମ୍ୟାନଗ୍ରୋଭସ୍" ବା "ଲୁଣାଜଙ୍ଗଲ" ସୃଷ୍ଟି ହୋଇଅଛି । ଆମ ରାଜ୍ୟରେ ଲୁଣାଜଙ୍ଗଲ ମୁଖ୍ୟତଃ କଟକ ଜିଲ୍ଲାର ରାଜକନିକା, ରାଜନଗର, କୁଜଙ୍ଗ ଓ ମାର୍ଶାଘାଇ ତହସିଲ ଏବଂ ବାଲେଶ୍ୱର ଜିଲ୍ଲାର ଧାମରାଠାରୁ ସୁନ୍ଦରୀପାଳ ଏବଂ ଭଦ୍ରକ ନିକଟସ୍ଥ ବଳରାମଗଡ଼ି ନିକଟରେ ଦେଖାଯାଏ । ଏସମସ୍ତ ଅଞ୍ଚଳର ନଦୀମାନଙ୍କରେ ଜୁଆର ପ୍ରତି ଛଅ ଘଣ୍ଟାରେ ହୁଏ ଏବଂ ପରବର୍ତ୍ତୀ ଛଅ ଘଣ୍ଟାରେ ଜୁଆର ଛାଡ଼େ । ଜୁଆର ପାଣିର ଉଚ୍ଚତା ୩ ମିଟରଠାରୁ କିଛି କମ୍ । ଜୁଆରପାଣି ମାଡ଼ିଥିବା ଅଞ୍ଚଳରେ ପ୍ରାୟତଃ ଲୁଣାଜଙ୍ଗଲ ଦେଖିବାକୁ ମିଳେ । ବଙ୍ଗୋପସାଗରରେ ମିଶିବା ସମୟରେ ନଦୀର ଜଳ ସ୍ରୋତରେ ଆନୀତ ପଟୁମାଟି ପରିକ୍ଷେପିତ ହୋଇ ନୂତନ ଭୂଖଣ୍ଡ ବା ଚଡ଼ା ସୃଷ୍ଟି ହୋଇଅଛି । ଏହିପରି ଭୂଖଣ୍ଡ ଏବଂ ଛୋଟଛୋଟ ଦ୍ୱୀପରେ ଲୁଣା ଜଙ୍ଗଲ ଦେଖାଯାଏ । ଉକ୍ତ ଲୁଣା ଜଙ୍ଗଲ ପ୍ରାୟ ଏହିପରି କେତେଗୋଟି ଦ୍ୱୀପରେ ସୀମିତ । ଦାଙ୍ଗମାଳ ଭୂଖଣ୍ଡ, ଭିତରକନିକା ଭୂଖଣ୍ଡ ଓ କାଳିଭଞ୍ଜଡ଼ିଆ ଦ୍ୱୀପ ତନ୍ମଧ୍ୟରେ ଲୁଣାଜଙ୍ଗଲ ନିମିତ୍ତ ଖ୍ୟାତ । ଓଡ଼ିଶାର ମ୍ୟାନଗ୍ରୋଭ ଜଙ୍ଗଲରେ କଲିକତାର ଉଦ୍ଭିଦ ବିଜ୍ଞାନୀ ଡକ୍ଟର ଏଚ୍. କେ. ବାନାର୍ଜି ଅନ୍ୟୁନ ୬୧ ପ୍ରକାରର ବୃକ୍ଷଲତା ଥିବାର ଅନୁଧ୍ୟାନ କରିଛନ୍ତି । ଏହି ପ୍ରାକୃତିକ ଜଙ୍ଗଲ ଓଡ଼ିଶାର ଅନ୍ୟ ସମସ୍ତ ପ୍ରାକୃତିକ ଓ ରୋପିତ ଜଙ୍ଗଲଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଶହଶହ ଛୋଟ ବଡ଼ କ୍ରିକ୍ ଏବଂ ଓସାରିଆ ନଦୀମାନଙ୍କର ମୁହାଣ ଏବଂ ତନ୍ମଧ୍ୟରେ ଭଳିଭଳି ଆହ୍ଲାଦ ଜନିତ ଡଙ୍ଗା ଏବଂ ଡିଙ୍ଗି, ଯନ୍ତ୍ରଚାଳିତ ମାଛଧରା ଟ୍ରଲର, ମୋଟର ଲଞ୍ଚ ଏବଂ ସର୍ବୋପରି ନଦୀସାରା ବିସ୍ତାରିତ ଜାଲ ଏବଂ ମାଛଧରା ଦୃଶ୍ୟ—ଏହି ତ୍ରିକୋଣଭୂମି ଅଞ୍ଚଳକୁ ସମସ୍ତ ଗମନାଗମନର ବାଧାବିଘ୍ନ ସତ୍ତ୍ୱେ ମନୋରମ କରି ପାରିଛି ।

ଲୁଣା, ବା ଜୁଆରିଆ ଜଙ୍ଗଲ ଆମକୁ ଶାଳ, ପିଆଶାଳ, ଶିଶୁ, କୁରୁମ, କଂଉଡ଼ା କସି ଓ ସାଗୁଆନ ପରି ମୂଲ୍ୟବାନ କାଠ ନଦେଲେ ମଧ୍ୟ ବନୀ, ସୁନ୍ଦରୀ ପିତାମାରୀ, ମାସିଠା ଓ ଚୁରଣ୍ଡା ପ୍ରଭୃତିର କାଠ ଗୃହ ଏବଂ ଫର୍ଣ୍ଣିଚର ନିର୍ମାଣରେ ବ୍ୟବହୃତ ହୁଏ । ପିତାମାରୀ କାଠ ପ୍ରାୟ ଶିଶୁକାଠ ସଦୃଶ ଧାରମ ପଲିସ୍ ନିଏ । ମୁଖ୍ୟ ବନଜାତ ଦ୍ରବ୍ୟ ସାଧାରଣତଃ ଜାଳକାଠ ଏବଂ ନୌକା ନିର୍ମାଣ ତଥା ମାଛଧରା ନିମନ୍ତେ ବ୍ୟବହୃତ ହୋଇଥାଏ । ଏହି ଜଙ୍ଗଲର ଖଜୁରୀ ସଦୃଶ ଏକ ବୃକ୍ଷକୁ "ହେନ୍ତାଳ" କହନ୍ତି । ଏହି ଗଛର ପ୍ରତ୍ୟେକ ଅଂଶ ଆମର କାମରେ ଲାଗେ । କଥାରେ ଅଛି—

"ପୋଡ଼ା ଶାଳ ଭଙ୍ଗା ତାଳ
ଖୁଣ୍ଟ ହେନ୍ତାଳ, ଘରଣୀ ନେତାଳ
ସେ ଘର ଯାଏ କାଳକୁ କାଳ ।"

ଲୁଣା ଜଙ୍ଗଲର ଉପକାରିତା ଓ ଆବଶ୍ୟକତା ରାଜ୍ୟର ଅନ୍ୟ ଜଙ୍ଗଲଠାରୁ ଅତ୍ୟଧିକ । ପାଠକମାନଙ୍କ ଅବଗତି ନିମନ୍ତେ ତନ୍ମଧ୍ୟରୁ କେତୋଟି ପ୍ରଦତ୍ତ ହେଲା—

୧ । ଏକ ବାତ୍ୟା ନିରୋଧକ ପ୍ରାକୃତିକ ପ୍ରାଚୀର ଦୃଷ୍ଟିକରି ଉପକୂଳ ଅଞ୍ଚଳର ଜନାକୀର୍ଣ୍ଣ ଗ୍ରାମଗୁଡ଼ିକ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହୁଏ ଏହି ଜଙ୍ଗଲ । ଏପରିକି ଗତ ୧୯୭୧ ଏବଂ ୧୯୮୨ ମସିହାର ଭୟାବହ ବାତ୍ୟାର ତାଣ୍ଡବଲୀଳାରୁ ଯେଉଁମାନେ

ବର୍ତ୍ତିଯାଇଥିଲେ ସେମାନେ ଲୁଣା ଜଙ୍ଗଲ ଯୋଗୁଁ ରକ୍ଷା ପାଇଛନ୍ତି ବୋଲି ମତବ୍ୟକ୍ତ କରୁଛନ୍ତି । ଅତଏବ ବାତ୍ୟା ଓ ସାମୁଦ୍ରିକ ଜୁଆରର ପ୍ରତିରୋଧ ନିମନ୍ତେ ଲୁଣା ଜଙ୍ଗଲର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ।

୨ । ଉପକୂଳ ଅଞ୍ଚଳର ଉର୍ବର ମୃତ୍ତିକାକ୍ଷୟ ରୋକିବାରେ ଏହି ଜଙ୍ଗଲର ଭୂମିକା ଅତୁଳନୀୟ ।

୩ । ଲୁଣା ଜଙ୍ଗଲକୁ ସ୍ଥଳଭାଗ ସୃଷ୍ଟିକାରୀ ଜଙ୍ଗଲ (Land Builders) କୁହାଯାଇଥାଏ ।

୪ । ଉପକୂଳର ଶହଶହ ମତ୍ସ୍ୟଜୀବୀଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୁଏ ଲୁଣାଜଙ୍ଗଲ । ମାଛ ଓ ଚିଙ୍ଗୁଡ଼ିମାନଙ୍କର ଅଣ୍ଡାଦେବା ସ୍ଥଳୀ ତଥା ନର୍ସରୀ ରୂପେ ଉକ୍ତ ଜଙ୍ଗଲ କାର୍ଯ୍ୟକରେ । ଲୁଣା ଜଙ୍ଗଲର ବିଲୋପ ମତ୍ସ୍ୟ ଉତ୍ପାଦନ ହ୍ରାସର କାରଣ ହୋଇଥାଏ ।

୫ । ମ୍ୟାନଗ୍ରୁଭ ଜଙ୍ଗଲରୁ ବିଭିନ୍ନ ପ୍ରକାରର ଦୁଷ୍ପ୍ରାପ୍ୟ ବନୌଷଧି ଏବଂ ମହୁ ସଂଗ୍ରହ କରାଯାଏ । ଭିତର କନିକାରୁ ବାର୍ଷିକ ଅନ୍ୟୁନ ତିରିଶ କୁଇଣ୍ଟାଲ ମହୁ ସଂଗୃହୀତ ହୁଏ ।

ଲୁଣା ଜଙ୍ଗଲର ବୃକ୍ଷଲତା ଯେପରି ଅନୁଧ୍ୟାନଶୀଳ ତନ୍ମଧ୍ୟସ୍ଥ ବନ୍ୟପ୍ରାଣୀ ସେହିପରି ବିରଳ ଏବଂ ବିଚିତ୍ର । ରାଜ୍ୟର ଶାଳ ଓ ପିଆଶାଳ ଜଙ୍ଗଲର ବନ୍ୟଜନ୍ତୁ ଯଥା —ବାଘ, ଭାଲୁ, ହାତୀ, ହରିଣ, ସମ୍ବର, କୁଟୁରା, ଗୟଳ ଓ ନୀଳଗାଈ ତଥା ଶୁଆ ଓ ଶାରୀଠାରୁ ପ୍ରାୟ ଭିନ୍ନ । ଲୁଣା ଜଙ୍ଗଲର ଅନୁକୂଳ ପରିସ୍ଥିତି ବୋଧହୁଏ ଏହାର ଭଳିଭଳିକା ବନ୍ୟଜନ୍ତୁ ଓ ପକ୍ଷୀକୁଳଙ୍କୁ ବସବାସ କରିବାକୁ ଆକୃଷ୍ଟ କରେ ।

ବନ୍ୟପ୍ରାଣୀଙ୍କୁ ମୁଖ୍ୟତଃ ତିନୋଟି ଶ୍ରେଣୀଭୁକ୍ତ କରାଯାଇପାରେ । ସରୀସୃପଜାତୀୟ, ସ୍ତନ୍ୟପାୟୀ ଓ ପକ୍ଷୀକୁଳ । ସରୀସୃପଙ୍କ ମଧ୍ୟରେ ବଉଳା କୁମ୍ଭୀର, ଜଳଗୋଧି, ଅଜଗର ଏବଂ ଅହିରାଜ ସର୍ପ ଏବଂ ସାମୁଦ୍ରିକ କଇଁଛ ନିମନ୍ତେ ଭିତରକନିକା ଏବଂ ତତ୍ ସନ୍ନିକଟ ଲୁଣାଜଙ୍ଗଲ ଆଜି ପୃଥିବୀ ବିଖ୍ୟାତ । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ମାଛରଙ୍କା ବିରାଡ଼ି (Fishing Cat) ଶହଶହ ହରିଣ, ହେଟାବାଘ, ସମ୍ବର, ବାରାହା ଓ ଝିଙ୍କ ଏବଂ ଦୁର୍ଗାପୁର ମୁହାଣ, ଧାମରାମୁହାଣ ଏବଂ ଗହିରମଥାର ବଙ୍ଗୋପସାଗରରେ ଦେଖାଯାଉଥିବା ଶିଶୁମଗର ବା ଶିଶୁମର (Dolphin) ପ୍ରଧାନ । ଏତଦ୍ବ୍ୟତୀତ ପାତିମାଙ୍କଡ଼, ନେଉଳ ଏବଂ ଓଧ ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି ।

ଭିତରକନିକାର ପକ୍ଷୀ ସମ୍ଭାର ଦର୍ଶକ ମନରେ ଗଭୀର ଆଲୋଡ଼ନ ସୃଷ୍ଟିକରେ । ଧୋବଣୀ ମାଛରଙ୍କା, ଛୋଟ ନୀଳ ମାଛରଙ୍କା, ନାଲି ମାଛରଙ୍କା, କଳାମାଛରଙ୍କା, ବଗଥଣ୍ଟିଆ ମାଛରଙ୍କା ଓ ଧଳାବେକିଆ ମାଛରଙ୍କା ଇତ୍ୟାଦି ଛଅ କିସମର ମାଛରଙ୍କା ଚଢ଼େଇ, ଗେଣ୍ଡାଳିଆ, ଖଇରା, ଅଙ୍ଗାରିଆ ଏବଂ ଅଞ୍ଜନା, ବଡ଼ବଗ, ରାଣୀବଗ ଓ ମାଟିଆବଗ, ଧଳା ଦା ବେଣ୍ଟିଆ ବା ବାଜେଣୀ, ଧଳାପେଟିଆ ସାମୁଦ୍ରିକ ଛଞ୍ଚାଣ ବା' ଉଉବଳ, ଶଙ୍ଖଚିଲ, ମାଟିଆଚିଲ, ପାଣିକୁଆ କପରଖାଇ, ଡାହୁକ, ଟେଁ ଟେଇଁଆ, ବଣୀ, ଘୁକାଳିକା, ବାରମାସୀ, ହଳି ବଣକୁକୁଡ଼ା, କୋଚିଲାଖାଇ, ତିନିରକମର ଶୁଆ, କାଠହଣା, ଘୁ ଚଢ଼େଇ, ମହୁମାଛିଖିଆ ଚଢ଼େଇ, ସାରଙ୍ଗ (Painted Stork) ହାଡ଼ଗିଳା, ହଂସରାଳୀ, କଳା ଡାହୁକ, ଭାଳ ଡାହୁକ, ଭିନ୍ନଭିନ୍ନ କିସମର କଜଳପାତି, ହଳଦି ବସନ୍ତ ପ୍ରଭୃତି ପ୍ରଧାନ । ଏମାନେ ଭିତରକନିକା ଲୁଣାଜଙ୍ଗଲର ନଦୀ ଓ କ୍ରିକ୍‌ର ସତସର୍ତିଆ ସ୍ଥଳୀ କିମ୍ବା ବୃକ୍ଷ ଉପରେ ଦୃଷ୍ଟିଗୋଚର ହୁଅନ୍ତି । ସ୍ଥାୟୀ ବାସିନ୍ଦାଙ୍କୁ ଛାଡ଼ିଦେଲେ ଶୀତଦିନରେ ନଦୀପଠା ଏବଂ ପତ୍ର ବୃକ୍ଷମାନଙ୍କରେ ଦୂରଦୂରାନ୍ତରୁ ଆସୁଥିବା ଏବଂ ନଭେମ୍ବର ମାସରୁ ଫେବୃୟାରି ମାସ ପର୍ଯ୍ୟନ୍ତ ରହୁଥିବା କେତେକ ଆଗନ୍ତୁକ ପକ୍ଷୀଙ୍କୁ (Migratory Birds) ମଧ୍ୟରେ କେଣ୍ଟ ପାଣିଆ (Brahminy duck) ଏବଂ ରାଜହଂସ (Barheaded goose) ପ୍ରଧାନ । ଏରା (Flamingo) ଏବଂ ଗରୁଡ଼ପକ୍ଷୀ ( Pelicans ) ଏବଂ ଚମଚ ଥଣ୍ଟିଆ (Spoon bille) କମ୍ ସଂଖ୍ୟାରେ ଆସିଥାନ୍ତି । ବୋଧହୁଏ ସୁଦୂର ସାଇବେରିଆରୁ ଅତ୍ୟଧିକ ଶୀତର ପ୍ରକୋପ ସହି ନ ପାରି ଏବଂ ଖାଦ୍ୟ ଦ୍ରବ୍ୟର ଅଭାବ ଅନାଟନ ଯୋଗୁଁ ଏମାନେ ହଜାରହଜାର କିଲୋମିଟର ଅତିକ୍ରମ କରି ଲୁଣା ଜଙ୍ଗଲ ଓ ତନ୍ମଧ୍ୟରେ ପ୍ରବାହିତ ନଦନଦୀ-ମାନଙ୍କର ଉପଯୁକ୍ତ ବାତାବରଣ ଯୋଗୁଁ ଭିତରକନିକାକୁ ପଳାଇ ଆସିଥାଆନ୍ତି । ଭିତରକନିକାର 'ବଗଗହନ'ରେ ପ୍ରାୟ ତିରିଶ ହଜାର ଗେଣ୍ଡାଳିଆ, ଅଞ୍ଜନା, କପରଖାଇ, ପାଣିକୁଆ ଏବଂ ବଗ ବସାବାନ୍ଧି ଛୁଆ ଦେଉଥିବାର ଦେଖିବାକୁ ମିଳେ । ଛୁଆମାନେ ନଭେମ୍ବର ପ୍ରଥମାର୍ଦ୍ଧର କିମ୍ବା ମଧ୍ୟ ଭାଗରେ ଉଡ଼ିଯାଇଥାଆନ୍ତି । ଏହିପରି ପ୍ରାୟ ୧୬୬ ପ୍ରକାରରୁ ଊର୍ଦ୍ଧ୍ୱ ପକ୍ଷୀ ଲୁଣା ଜଙ୍ଗଲରେ ଥିବାର ଚିହ୍ନଟ କରାଯାଇଅଛି ।

ଏତଦ୍ବ୍ୟତୀତ ଭେକ୍‌ଟି, ଖାସଲ, କଳଙ୍ଗ, ଦାଳିଆ, କର୍ଣ୍ଣିଆ, ବାଟିଆ, କାଆଁଳା, ନାକୁଡ଼ା ତୁଆଡି, ଖଅଙ୍ଗା, ଇଲିଶିମାଛ ଏବଂ କେତେ ରକମର କଙ୍କଡ଼ା ଯଥା—କଞ୍ଚାଳୀ, ମାଡ଼ୁଅ, ଡାବୁଅ, ଗୁଣ୍ଡିଆ, ଡାହାଣୀ, ଲଜକୁଳୀ, ପାଟ, ଚିତଲ, ଖେଳୁଆ ଓ ଧୋବଣୀ କଙ୍କଡ଼ା ଦେଖାଯାନ୍ତି । ଜୁଆର ଛାଡ଼ିଥିବା ସମୟରେ କାଦୁଅ ନଦୀ ତଟରେ ଶହଶହ ମଫଲ (Mad Skipper) ମାନଙ୍କର କାଦୁଅ ମଧ୍ୟରେ ଯାତାୟତ ଅତୀବ ଆକର୍ଷଣୀୟ । ସେହିପରି ଏକାକୁଳା ନିକଟସ୍ଥ ବାଲୁକା ରାଶିରେ ସୂର୍ଯ୍ୟୋଦୟ ପର ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ଶହଶହ ଲଜକୁଳୀ କଙ୍କଡ଼ା (Hermit Crab) ମାନଙ୍କର ବାଲି ଉପରେ ବିଚରଣ ଉପଭୋଗ୍ୟ ।

ଭିତର କନିକାର ଭୌଗଳିକ ସ୍ଥିତି ଓ କଡ଼ାକଡ଼ି ସୁରକ୍ଷା ବୋଧହୁଏ ବନ୍ୟ ପ୍ରାଣୀମାନଙ୍କୁ ଅଭୟ ପ୍ରଦାନ କରିପାରିଛି ଯାହାଫଳରେ ଦିବାଲୋକରେ ପଲପଲ ହରିଣ ବିଚରଣ କରୁଥିବାର ଦେଖିବାକୁ ମିଳେ । ଏପରିକି ମଟର ଲଞ୍ଚ ଶବ୍ଦରେ ସେମାନେ ଅବିଚଳିତ ରୁହନ୍ତି ।



ମାଣ୍ଡ ଭିତର କନିକା ଅଭୟାରଣ୍ୟର ବିଶେଷ ଆକର୍ଷଣ ବଉଳା କୁମ୍ଭୀର (Salt Water Crocodile) । ଭାରତରେ ଥିବା ତିନିପ୍ରକାର କୁମ୍ଭୀର (ଯଥା– ଘଡ଼ିଆଳ, ଗୋମୁହାଁ ଏବଂ ବଉଳା ମଧ୍ୟରୁ) ଡାଙ୍ଗମାଳଠାରେ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି । ଅଭୟାରଣ୍ୟ ତରଫରୁ କୃତ୍ରିମ ଉପାୟରେ କୁମ୍ଭୀର ଅଣ୍ଡାରୁ ଛୁଆ ଫୁଟାଇ ୩ – ୪ ବର୍ଷ ପାଳନ କରି ଶାଖାନଦୀ ଓ କ୍ରିକମାନଙ୍କରେ ପ୍ରାୟ ଏକହଜାର ଛୋଟ କୁମ୍ଭୀର ଏ ପର୍ଯ୍ୟନ୍ତ ଛଡ଼ାଯାଇଅଛି । ମୁଖ୍ୟ ଉଦ୍ଦେଶ୍ୟ ଲୁଣା କୁମ୍ଭୀରମାନଙ୍କର ବଂଶ ଲୋପ ନ ହେବାକୁ ଦେବା । ପୂର୍ବରୁ ନିର୍ବିଘ୍ନ ଶୀକାର ଫଳରେ ଏହି କୁମ୍ଭୀର ଲୁପ୍ତ ପ୍ରାୟ ଅବସ୍ଥାକୁ ଆସିଥିଲ । ୧୯୭୫ ମସିହାରୁ ଭାରତ ସରକାରଙ୍କ ସହାୟତାରେ ଆମ ରାଜ୍ୟ ବନ ବିଭାଗ ଏହି କୁମ୍ଭୀରମାନଙ୍କର ସଂରକ୍ଷଣ ଓ ଗବେଷଣା ନିମନ୍ତେ ପଦକ୍ଷେପ ନେଇଅଛି । ଶରୀରରେ ସ୍ୱକୀୟ ପ୍ରକ୍ରିୟାରେ ତାପ ନିୟନ୍ତ୍ରଣ କରି ପାରୁ ନ ଥିବାରୁ ଲୁଣା କୁମ୍ଭୀର ଶୀତଦିନେ ନଦୀତଟ କାଦୁଅ ତଟାଣରେ ବହୁଳ ସଂଖ୍ୟାରେ ରୌଦ୍ର ତାପ ଗ୍ରହଣ କରୁଥିବାର ଦୃଷ୍ଟି ଗୋଚର ହୁଅନ୍ତି । ଅତି ନିକଟରେ ଡଙ୍ଗା କିମ୍ବା ମଟରଲଞ୍ଚ ପହଞ୍ଚିଲେ ଦ୍ରୁତ ଗତିରେ ନଦୀ ଜଳକୁ ଲମ୍ଫ ପ୍ରଦାନର ଦୃଶ୍ୟ ଦର୍ଶକ ମନରେ ଭୟ ମିଶ୍ରିତ ପୁଲକ ସୃଷ୍ଟି କରେ । ପୃଥିବୀର ସବୁଠାରୁ ବଡ଼ ବଉଳା କୁମ୍ଭୀର ୭.୫ ମିଟର ଦୈର୍ଘ୍ୟ ବିଶିଷ୍ଟ ଏଠାରେ ଦେଖା ଯାଉଥିବାର ସୂଚିତ ହୋଇଅଛି । ଏତଦ୍ ବ୍ୟତୀତ ପ୍ରଜନନ କେନ୍ଦ୍ରରେ ପାଳିତ ଏକମାତ୍ର ଶଂଶୁଆ ମାଈ କୁମ୍ଭୀର "ଗୌରୀ" ଆଜି ଯୌବନରେ ପଦାର୍ପଣ କରିଛି । ୧୯୮୮ ମସିହାରେ ୨ୟ ଥରପାଇଁ ଏହି କୁମ୍ଭୀରଟି ୪୨ ଗୋଟି ଅପରିପକ୍ୱ ଅଣ୍ଡା ଦେଇଥିବାର ପରିଲକ୍ଷିତ କରାଯାଇଅଛି । ସେହିପରି ଅଢ଼େଇ ମିଟର ଦୈର୍ଘ୍ୟ ବା ତଦୂର୍ଦ୍ଧ୍ୱ ଜଳଚର ଗୋଧି (water moniter lizard) ଏଠାରେ ଦେଖାଯାଆନ୍ତି ।

ଅନ୍ୟ ଏକ ·ବିଂ· ଦୃଶ୍ୟ ହେଉଛି, ·ଡ଼ିସେମ୍ବର କିମ୍ବା ଜାନୁୟାରୀ ମାସରେ ବଙ୍ଗୋପସାଗର କୂଳରେ ଗହିରମଥା ବାଲୁକା ରାଶି ଉପରେ ହଜାରହଜାର ସଂଖ୍ୟାରେ ସାମୁଦ୍ରିକ କଇଁଛମାନଙ୍କର ସାମୁହିକ ଅଣ୍ଡା ଦେବା । ପୃଥିବୀରେ ସାତ ରକମର ସାମୁଦ୍ରିକ କଇଁଛ ବାସ କରନ୍ତି । ତନ୍ମଧ୍ୟରୁ ଭାରତୀୟ ସମୁଦ୍ରରେ ପାଞ୍ଚ ପ୍ରକାରର କଇଁଛ ଦେଖା ଯାଆନ୍ତି । ଭିତର କନିକା ଅଭୟାରଣ୍ୟର "ଗହିରମଥା" ବା "ଏକାକୁଳା-ଠାରେ ଦେଖାଯାଉଥିବା କଇଁଛର ନାମ ଅଲିଭ ରିଡ଼ଲେ (Olive Ridley) । ଓଡ଼ିଆରେ ଏମାନଙ୍କୁ 'ଖୋଇ' କଇଁଛ କୁହାଯାଏ । ଏମାନେ ପ୍ରଶାନ୍ତ ମହାସାଗରରୁ ସୁଦୀର୍ଘ ଜଳପଥ ଅତିକ୍ରମ କରି ବଙ୍ଗୋପସାଗର କୂଳରେ ଗହିରମଥା ବାଲୁକା ଶଯ୍ୟାରେ ଅଣ୍ଡା ଦେବାକୁ ପ୍ରତିବର୍ଷ ଆସନ୍ତି । ଗୋଟିଏ କଇଁଛ ଖୋଳର ଲମ୍ବ ଅନ୍ୟୁନ ୧ ମିଟର, ପସ୍ଥ ଅଧା ମିଟରରୁ କିଛି କମ୍ ଏବଂ ଓଜନ ୪୦ ରୁ ୫୦ କିଲୋଗ୍ରାମ । ଏମାନଙ୍କର ବେକ ଓ ମୁଣ୍ଡ ସବୁବେଳେ ଖୋଳ ଆଚ୍ଛାଦିତ ଶରୀରଠାରୁ ଅଲଗା ରହେ । ମୁଣ୍ଡର ଲମ୍ବ ପ୍ରାୟ ୨୦ ସେଣ୍ଟି ମିଟର । ୧୧.୮ କିଲୋମିଟର ଦୈର୍ଘ୍ୟ ଗହିରମଥା ବାଲୁକାରାଶି ପୃଥିବୀର ବୃହତ୍ତମ କଇଁଛ ଅଣ୍ଡା ଦେବା ସ୍ଥଳୀ । ଅଣ୍ଡା ଦେବାପାଇଁ ଏମାନେ ସନ୍ଧ୍ୟା ପରେ ରାତି ପାହିବା ପର୍ଯ୍ୟନ୍ତ ଶହଶହ ସଂଖ୍ୟାରେ ବାଲି ଉପରକୁ ଆସନ୍ତି । ୧-ରୁ ୩ ଦେନ ପର୍ଯ୍ୟନ୍ତ ବାଲି ଉପରେ ଯାଇ ପ୍ରାୟ ୨ ଫୁଟ ଗଭୀର ଗାତ ଖୋଳି ଗୋଟିଏ ଗୋଟିଏ କଇଁଛ ଏକ ସମୟରେ ୯୦ ରୁ ୧୬୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି । ଅଣ୍ଡାଗୁଡ଼ିକର ଆକୃତି ଟେବୁଲ ଟେନିସ ବଲ ସଦୃଶ । ଗୋଟିଏ ଅଣ୍ଡାର ବ୍ୟାସ ୩୮ ମିଲି ମିଟର ଏବଂ ଓଜନ ପ୍ରାୟ ୩୦ ଗ୍ରାମ । ସମୁଦ୍ର ପାଣିରୁ ବାହାରିବା ଏବଂ ଅଣ୍ଡା ଦେବାକୁ ବାଲି ଉପରେ ଯିବା, ପଛ ଗୋଡ଼ ସାହାଯ୍ୟରେ



ଲୁଣା ଜଙ୍ଗଲ ସନ୍ନିକଟ କାଦୁଆ ନଦୀ ତଟରେ "ବଉଳା କୁମ୍ଭୀର"ର ସୂର୍ଯ୍ୟତାପ ଉପଭୋଗ ।

ଗାତ ଖୋଳିବା, ଅଣ୍ଡା ଦେବା ଏବଂ ଗାତ ବାଲି ଦ୍ୱାରା ଭରିବା ଏବଂ ସମୁଦ୍ରକୁ ଫେରିଯିବା ନିମନ୍ତେ ଗୋଟିଏ କଇଁଛ ପ୍ରାୟ ଦେଢ଼ଘଣ୍ଟା ସମୟ ନିଏ । ଦିନରେ ବିଲୁଆ, ଚିଲ, କୁକୁର, ବାରାହା ଏବଂ ହେଟାବାଘ, ଗୋଧି ଏବଂ ଅନ୍ୟାନ୍ୟ ଅଣ୍ଡା ଖାଇ ଯାଉଥିବା ପ୍ରାଣୀଙ୍କଠାରୁ ଅଣ୍ଡା ଦେବା ଗାତ ନିରାପଦରେ ରହିବା ନିମନ୍ତେ ମା କଇଁଛ ଅଣ୍ଡା ଦେଇ ଫେରିବା ପୂର୍ବରୁ ଏକ ଗଣ୍ଡଗୋଳିଆ ରାସ୍ତା କରି ଫେରେ । ଅବଶ୍ୟ କେତେକ ସ୍ଥଳରେ ଗୋଟିଏ କଇଁଛ ଅଣ୍ଡା ଦେଇ ଫେରିବା ପରେ ଆଉ ଗୋଟିଏ କଇଁଛ ଆସି ସେହି ଗାତକୁ ଖୋଳେ ଏବଂ ଫଳରେ ତନ୍ମଧ୍ୟସ୍ଥ ଅଣ୍ଡା ନଷ୍ଟ ହୋଇଯାଏ । ଏବଂ ସେଠାରେ ନିଜେ ଅଣ୍ଡାଦିଏ । ୧୯୮୬-୮୭ ମସିହାରେ ଅନ୍ୟୁନ ୬ ଲକ୍ଷ କଇଁଛ ଅଣ୍ଡା ଦେବାର କଳନା କରାଯାଇଥିଲା ।

ଆମ୍ଭମାନଙ୍କୁ ମନେ ରଖିବାକୁ ହେବ ଯେ, ମାନବ ସମାଜର ସ୍ଥିତି ପ୍ରାଣୀ ଜଗତ ଏବଂ ଉଦ୍‌ଭିଦ ଜଗତ ଉପରେ ନିର୍ଭରଶୀଳ । ସୁତରାଂ ହ୍ରାସ ପାଉଥିବା ପ୍ରତ୍ୟେକ ବଣ୍ୟ ଜନ୍ତୁଙ୍କୁ ରକ୍ଷା କରିବା ନିମନ୍ତେ ଆମ୍ଭେମାନେ ସମସ୍ତେ ଯତ୍ନଶୀଳ ହେବା ବିଧେୟ ।

ସେମାନଙ୍କର ବସବାସସ୍ଥଳୀ ଜଙ୍ଗଲର ଆହୁରି ଅଧିକ ସୁରକ୍ଷା କରିବା ସମୀଚୀନ । ଖାଦ୍ୟ ଓ ବାସ ଅଭାବରେ ବନ୍ୟଜନ୍ତୁ ତିଷ୍ଠି ପାରିବେ ତ ? ବିଳମ୍ବରେ ହେଲେ ମଧ୍ୟ ଅଧିକାଂଶ ବ୍ୟକ୍ତି ହୃଦୟଙ୍ଗମ କଲେଣି ଯେ ଜଙ୍ଗଲର ଦ୍ରୁତ କ୍ଷୟ ଘନଘନ ମରୁଡ଼ି, ଅନାବୃଷ୍ଟି ଅତିବୃଷ୍ଟି, ପ୍ରଳୟଙ୍କରୀ ବନ୍ୟା ଓ ବାତ୍ୟାଭଳି ପ୍ରାକୃତିକ ବିପର୍ଯ୍ୟୟ ତଥା ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ । ମାତ୍ର ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ଲୁଣା ଜଙ୍ଗଲ ସମ୍ବନ୍ଧୀୟ ପ୍ରକୃତ ଜ୍ଞାନ ଅଭାବରୁ ଆମ୍ଭେମାନେ ଉକ୍ତ ଜଙ୍ଗଲକୁ ଅତ୍ୟନ୍ତ ଅଦରକାରୀ ଜଙ୍ଗଲ ରୂପେ ଗଣ୍ୟ କରି ଆସିଥିଲୁ । ଶାସନ ଓ ସମାଜର ଉଚ୍ଚସ୍ତରରେ ଅବସ୍ଥାପିତ ବୁଦ୍ଧିଜୀବି ମହଲ ତଥା ଅଧିକାଂଶ ପଦାଧିକାରୀ ମଧ୍ୟ ଅଦ୍ୟାବଧି ଲୁଣା ଜଙ୍ଗଲର ଗୁରୁତ୍ୱ ଉପଲବ୍‌ଧି କରି ପାରିନାହାନ୍ତି ଯାହା ଫଳରେ ଏହି ରକମର ଜଙ୍ଗଲ କାଟି ଅବୈଧ ଚାଷ କରିବା ଏବଂ ଚିଙ୍ଗୁଡ଼ି ଓ ମତ୍ସ୍ୟ ଚାଷ କରିବା ନିମନ୍ତେ ଉତ୍ସାହିତ କରାଯାଉଅଛି । ଆମ ରାଜ୍ୟର କୁଆରିଆ ନଦୀ ମୁହାଣରେ ଯେହେତୁ ଅନ୍ୟ ଜଙ୍ଗଲ ସୃଷ୍ଟି ଅସମ୍ଭବ, ହେତୁ ଜଙ୍ଗଲ ବା ଲୁଣା ଜଙ୍ଗଲର କଠୋର ସୁରକ୍ଷା ଆବଶ୍ୟକ । ଉପକୂଳ ଅଞ୍ଚଳରେ ଅତ୍ୟନ୍ତ ବ୍ୟୟ ବହୁଳ ବାତ୍ୟା ନିରୋଧକ ଝାଉଁ ଜଙ୍ଗଲର ଏକ ପ୍ରାଚୀର ସୃଷ୍ଟି କରିବାକୁ ପ୍ରାୟ ଦୁଇଦଶନ୍ଧି ଧରି ଆମର ଉଦ୍ୟମ ଅବ୍ୟାହତ ଅଛି । ମାତ୍ର ଝାଉଁ ଜଙ୍ଗଲ କୁଆର ମାଡୁଥିବା କାଦୁଆ ଅଞ୍ଚଳରେ ସମ୍ଭବ ନୁହେଁ । ତା ସବୁ ପ୍ରକୃତିର ଅନବଦ୍ୟ ସୃଷ୍ଟି ଲୁଣା ଜଙ୍ଗଲ ଇଲାକାକୁ ଅନେକ ଜନ ବସତି ସ୍ଥାପନ, ପାହି - ଚାଷ କାର୍ଯ୍ୟ ଏବଂ ବାଗଦା ଚିଙ୍ଗୁଡ଼ି ଚାଷ ନିମନ୍ତେ ବ୍ୟବହୃତ କରିବାକୁ ଦିଲେ ହେଲେ କୁଣ୍ଠାବୋଧ କରୁନାହୁଁ । ଅତ୍ୟନ୍ତ ଆନନ୍ଦର କଥା ଓଡ଼ିଶା ସରକାର ଭାରତ ସରକାରଙ୍କ ସହାୟତାରେ ୧୯୮୮ ମସିହାରୁ ଏହି ଜଙ୍ଗଲର୍ ବିଶେଷ ସୁରକ୍ଷା ଦେବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । କୁଜଙ୍ଗ, ବତୀଘର, ଜମ୍ବୁ ଓ ହୁକିତୋଳାର ଲୁଣା ଜଙ୍ଗଲ ଗୁପ୍ତବାଲି ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଭୁକ୍ତ କରାଯାଇଅଛି । ମାତ୍ର ସରକାରୀ ଓ ବେସରକାରୀ ସ୍ତରରେ ନିଷ୍ଠାପର ଏବଂ ନିସ୍ୱାର୍ଥପର ଉଦ୍ୟମ କେବଳ ଚିରନ୍ତନ ପ୍ରାକୃତିକ ଲୁଣା ଜଙ୍ଗଲ ଓ ତାହାର ବନ୍ୟପ୍ରାଣୀଙ୍କର ଅଭିବୃଦ୍ଧି ଘଟାଇବାରେ ସହାୟକ ହେବ ।

---

ସହକାରୀ ବନ ସଂରକ୍ଷକ,
ଗୁପ୍ତବାଲି
ପିନ–୭୫୧୬୩୩ ।

# ବନ୍ୟପ୍ରାଣୀ ସୃଷ୍ଟିର ସହାୟକ

ଶ୍ରୀ ବଳଭଦ୍ର ପ୍ରସାଦ ଦାସ

ଈଶ୍ୱର ସୃଷ୍ଟିରେ ମଣିଷ ହେଉଛି ପ୍ରକୃତିର ଶ୍ରେଷ୍ଠ ସାଫଲ୍ୟ ଏବଂ ପ୍ରାଣୀ ଜଗତର ଶ୍ରେଷ୍ଠ ପ୍ରାଣୀ । ପ୍ରାଣୀ ଓ ଉଦ୍ଭିଦ ପରସ୍ପର ନିର୍ଭରଶୀଳ । ଆଦିମ ଯୁଗରୁ ମଣିଷ ଶିକାର କରି ମାଂସ ଖାଇ ଜୀବନ ଯାପନ କରି ଆସୁଥିଲା । କିନ୍ତୁ ପରିବେଶ ଉପରେ ମଣିଷର ପ୍ରଭାବ ଏତେ ନଥିଲା । ଅଗ୍ନିର ବ୍ୟବହାର ଓ କୃଷି ଦ୍ୱାରା ଖାଦ୍ୟ ସଂଗ୍ରହ କରିବା ପାଇଁ ଜଙ୍ଗଲ ସଫା କରି ଚାଷଜମି ତିଆରି କରିବା ଆରମ୍ଭ ହେଲା । ଏହାଦ୍ୱାରା ପ୍ରକୃତି ଉପରେ ଅନେକ ପ୍ରଭାବ ପଡ଼ିଲା । ସଭ୍ୟତାର କ୍ରମବର୍ଦ୍ଧନ ସଙ୍ଗେସଙ୍ଗେ ବୈଜ୍ଞାନିକ ପଦ୍ଧତିରେ କାରିଗରୀ କୌଶଳର ବିକାଶ ଘଟିବାରୁ ଉଦ୍ଭିଦ ଓ ପ୍ରାଣୀ ଜଗତ ଉପରେ ଅଧିକରୁ ଅଧିକ ଚାପ ପଡ଼ିବାରେ ଲାଗିଲା । ଭାରତବର୍ଷରେ ଜନସଂଖ୍ୟାର କ୍ରମବୃଦ୍ଧିକୁ ଆଲୋଚନା କଲେ ଦେଖାଯାଏ ଯେ, ୧୯୦୦ ଖ୍ରୀଷ୍ଟାବ୍ଦରେ ଜନସଂଖ୍ୟା ୨୦ କୋଟି ଥିବା ସ୍ଥଳେ ୧୯୫୦ ବେଳକୁ ଏହା ବଢ଼ି ୩୭ କୋଟି ୫୦ ଲକ୍ଷ ହୋଇ ବର୍ତ୍ତମାନ ସୁଦ୍ଧା ୭୦ କୋଟିରେ ପହଞ୍ଚିଲାଣି । ସେହିପରି ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ଜନସଂଖ୍ୟା ବହୁତ ବଢ଼ିଛି । ଜନସଂଖ୍ୟା ବଢ଼ିବାରୁ ଖାଦ୍ୟ ପଦାର୍ଥ ନିଅଣ୍ଟ ହେଲା । ତେଣୁ ମଣିଷ ଏ ସୁବିଧା ମେଣ୍ଟାଇବା ପାଇଁ କୃଷି ଓ ଶିଳ୍ପର ପ୍ରସାର କରିବାକୁ ଲାଗିଲା । ଫଳରେ ଅଧିକରୁ ଅଧିକ ଜଙ୍ଗଲ କଟାଗଲା ଏବଂ ବନ୍ୟଜନ୍ତୁମାନଙ୍କ ସଂଖ୍ୟା ସେ ଅନୁପାତରେ ଆଶ୍ରୟସ୍ଥଳୀର ବିନାଶ ହେତୁ ହ୍ରାସ ହେବାକୁ ଲାଗିଲା । ଏହି ହ୍ରାସ ବା ବିଲୋପକୁ ସାଧାରଣତଃ ୩ ଭାଗରେ ବିଭକ୍ତ କରାଯାଇଥାଏ । ଯଥା–

(୧) ପ୍ରତ୍ୟକ୍ଷ ବିଲୋପ
(୨) ପରୋକ୍ଷ ବିଲୋପ
(୩) ଆଞ୍ଚଳିକ ବିଲୋପ

ପ୍ରତ୍ୟକ୍ଷ ବିଲୋପ କହିଲେ ଅସ୍ତ୍ରଶସ୍ତ୍ର ଦ୍ୱାରା ବନ୍ୟପ୍ରାଣୀଙ୍କୁ ଶିକାର କରିବା । ପରୋକ୍ଷ ବିଲୋପ ହେଉଛି ପ୍ରାକୃତିକ ଆବାସସ୍ଥଳୀର ବା ଜଙ୍ଗଲର ବିନାଶ ହେତୁ ଜୀବ ଜଗତ ପରୋକ୍ଷ ଭାବେ ନଷ୍ଟ ହେବା ।

ଆଞ୍ଚଳିକ ବିଲୋପ ହୁଏ କେତେକ ବିଶେଷ କାରଣ ନେଇ । ଯଥା– ମୂଲ୍ୟବାନ ଥିବା ଖାଦ୍ୟୋପଯୋଗୀ ଓ ଅର୍ଥକରୀ ପ୍ରାଣୀମାନଙ୍କୁ ହତ୍ୟା କରାଯିବା ।

ପ୍ରକୃତିର ଭାରସାମ୍ୟ ରକ୍ଷା କରିବା ପାଇଁ କେତୋଟି ଉପକରଣ ଦରକାର । ତାହାହେଲା ମୃତ୍ତିକା, ଜଳ, ଉତ୍ତାପ, ବାୟୁ ଓ ଉଦ୍ଭିଦ ତଥା ପ୍ରାଣୀ ଜଗତ । ଏଥିରୁ ଯେ କୌଣସିଟିରେ ବ୍ୟତିକ୍ରମ ହେଲେ ପ୍ରାକୃତିକ ଭାରସାମ୍ୟ ଉପରେ ପ୍ରଭାବ ପଡ଼େ ଏବଂ ତଦ୍ୱାରା ପ୍ରାଣୀ ସମାଜ ଧ୍ୱଂସାଭିମୁଖୀ ହୁଏ । ଏ ପ୍ରକାର ଜୈବିକ ଭାରସାମ୍ୟ ପଦ୍ଧତି ଅତିସୂକ୍ଷ୍ମ ଏବଂ ମଣିଷ ସୁଚିନ୍ତିତ ହୋଇ ଏହା ଉପରେ ହସ୍ତକ୍ଷେପ କରିବା ଦରକାର । କିନ୍ତୁ କ୍ରମାଗତ ଭାବେ ପ୍ରାକୃତିକ ଭାରସାମ୍ୟର ବ୍ୟତିକ୍ରମ ମଣିଷ ଘଟାଉଛି କେବଳ ନିଜର ସ୍ୱାର୍ଥ, ସ୍ଥିତି ଏବଂ ସୁସ୍ଥ ପରିବେଶର ଆବଶ୍ୟକତା ପାଇଁ ।

ଗୃହପାଳିତ ପଶୁ ଭିନ୍ନ ଅନ୍ୟ ପ୍ରାଣୀବର୍ଗ ବନ୍ୟପ୍ରାଣୀ । ପୃଥିବୀରେ ତିନି ଲକ୍ଷ ପଚିଶ ହଜାର ବୃକ୍ଷଲତା ଓ ପ୍ରାୟ ୬ ଲକ୍ଷ ଷାଠିଏ ହଜାର ସଂଖ୍ୟକ ପୋକ ଜୋକକୁ ମିଶାଇ ଅନ୍ତତଃ ୧୦ ଲକ୍ଷରୁ ଅଧିକ ବିଭିନ୍ନ ପ୍ରକାରର ପ୍ରାଣୀ ଦେଖା ଯାଆନ୍ତି । ସୃଷ୍ଟିରେ ପ୍ରତ୍ୟେକ ଜୀବର ସୀମିତ ଜୀବନକାଳ ମଧ୍ୟରେ କିଛିକିଛି କର୍ମ କରିବାକୁ ପଡ଼ିଥାଏ । ଖାଲି ଆଖିରେ ବହୁତ ଜୀବ ଦେଖା ନ ଗଲେ ମଧ୍ୟ ସେମାନେ କର୍ମ କରିବାରେ ସର୍ବଦା ଲାଗି ପଡ଼ିଥାନ୍ତି । ମାଟି ମଧ୍ୟରେ ଲୁଚପୁର ହୋଇ ରହିଥିବା ଅସଂଖ୍ୟ ଜୀବାଣୁମାନେ ପରିପାର୍ଶ୍ୱର ସ୍ୱାସ୍ଥ୍ୟ ପାଇଁ ଓ ମଣିଷ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ ପଚନକ୍ରିୟା ଦ୍ୱାରା ମୃତ ଜୈବିକ ବସ୍ତୁଗୁଡ଼ିକରୁ ଯବକ୍ଷାରଜାନକୁ ନେଇ ମାଟିରେ ମିଶାଇ ମାଟିର ଉର୍ବର ଶକ୍ତି ବୃଦ୍ଧି କରନ୍ତି ଏବଂ ଆଉ କେତେକ ଉଦ୍ଭିଦ ଜଗତର ବିଭିନ୍ନ ଅଂଶକୁ ବ୍ୟବହାର କରି ଅଙ୍ଗାରକାମ୍ଳ, ଜଳ ଓ ତାପ ସୃଷ୍ଟି କରିଥାନ୍ତି । ସମୁଦ୍ର ଜଳରେ ସଲଫେଟ୍‌କୁ ହାଇଡ୍ରୋଜେନ୍ ସଲଫାଇଡ୍ (ଏଚ୍୨ଏସ୍)ରେ ପରିଣତ କରି ବହୁ ପ୍ରାଣୀଙ୍କର ବଞ୍ଚି ରହିବା ପାଇଁ ଉପାଦାନ ଯୋଗାଇ ଦିଅନ୍ତି । ପ୍ରାଣୀମାନେ ଉଦ୍ଭିଦର ପରାଗ ସଂଗମ ଓ ବୀଜ ବିକ୍ଷେପ ଦ୍ୱାରା ବଂଶ-ବୃଦ୍ଧି କରିବାରେ ସହାୟକ ହୁଅନ୍ତି । ପ୍ରାକୃତିକ ପରିସରର ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବାରେ ବନ୍ୟପ୍ରାଣୀମାନେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ଉଦାହରଣ ସ୍ୱରୂପ– ହୁଡ଼ାର,ଗଧିଆ, ବିଲୁଆ, କୁକୁର, ଚିଲ, ଶାଗୁଣା, କୁଆ ଇତ୍ୟାଦି ପ୍ରକୃତିର ଝାଡ଼ୁଦାର କାମ କରନ୍ତି । ଏମାନଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ଅଛନ୍ତି । ଏକ ପ୍ରକାର ବଡ଼ ନାଲି

ପିମ୍ପୁଡ଼ିମାନେ ହାତୀପରି ଏକ ବିରାଟକାୟ ଶରୀରକୁ ଅଳ୍ପ ଦିନରେ ଖାଇ ପରିସରକୁ ସଫା ରଖନ୍ତି । ପ୍ରକୃତିର ବିଧିବିଧାନ ଅତି ଆଶ୍ଚର୍ଯ୍ୟ ଜନକ । ଗୋଟିଏ ଜୀବ ବା ପ୍ରାଣୀ ଅନ୍ୟ ଗୋଟିକର ଖାଦ୍ୟ ହୋଇଥାଏ । ଶିକାରୀ ପ୍ରାଣୀମାନେ ପ୍ରବୃତ୍ତିଗତ ଭାବେ ନିଜର ଖାଦ୍ୟୋପଯୋଗୀ ପ୍ରାଣୀମାନଙ୍କୁ ଶିକାର କରି ଖାଇ ଜୀବନ ଧାରଣ କରିବା ସଙ୍ଗେସଙ୍ଗେ ପ୍ରକୃତିର ସମତା ରକ୍ଷା କରନ୍ତି । ଯଦି ଶିକାରୀ ପ୍ରାଣୀମାନଙ୍କର ବିଲୋପ ହୁଏ ତେବେ ଶିକାର ପ୍ରାଣୀଙ୍କ ସଂଖ୍ୟା ସଂଖ୍ୟାତୀତ ଭାବେ ବୃଦ୍ଧି ପାଇବ ଏବଂ ପ୍ରାକୃତିକ ଭାରସାମ୍ୟର ବୈଷମ୍ୟ ଘଟିବ । ଯଦି ନେଉଳ, ବିରାଡ଼ି, ଜାଉ, ଚିଲ, ଆଦି ପ୍ରାଣୀମାନେ ମୂଷାମାନଙ୍କୁ ନ ଖାଆନ୍ତି ତେବେ ମୂଷାମାନଙ୍କ ସଂଖ୍ୟା ବହୁ ପରିମାଣରେ ବଢ଼ିଯିବ । ଯାହା ଦ୍ଵାରାକି ଶସ୍ୟର ବିପୁଳ କ୍ଷତି ଘଟାଇବା ସଙ୍ଗେସଙ୍ଗେ ପ୍ଲେଗ୍ ପରି ମାରାତ୍ମକ ରୋଗ ବ୍ୟାପିଯିବ ଏବଂ ମଣିଷ ସମାଜର ଅପୂରଣୀୟ କ୍ଷତି ଘଟିବ । ସେହିପରି ପକ୍ଷୀମାନେ ଶସ୍ୟ ଓ ଅନ୍ୟାନ୍ୟ ବୃକ୍ଷ ଲତାକୁ ନଷ୍ଟ କରୁଥିବା କ୍ଷତିକାରକ କୀଟ ପତଙ୍ଗମାନଙ୍କୁ ଶିକାର କରି ଜୀବନ ଧାରଣ କରିବା ସଙ୍ଗେସଙ୍ଗେ ଶସ୍ୟ ସଂରକ୍ଷଣ କରି ମାନବ ସମାଜର ପ୍ରଭୂତ ଉପକାର କରିଥାନ୍ତି ।

ଡେପୁଟି କଣ୍ଟ୍ରୋଲର
ଅନୁଗୁଳ



# ଚିଲିକାରେ ବିହଙ୍ଗ ବିହାର

# ଅରଣ୍ୟ ସଂସ୍କୃତି

ଡକ୍ଟର କୁଶ ନନ୍ଦ

ସବୁଜ ଅରଣ୍ୟର ଶୋଭା ମଧ୍ୟରେ ଯେଉଁ ଅନିର୍ବଚନୀୟ ଆନନ୍ଦ ଅନୁଭୂତ ହୁଏ, ତାହା ଅନୁଭବୀ ହିଁ କେବଳ ହୃଦୟଙ୍ଗମ କରିଥାଏ । ଅରଣ୍ୟ ପ୍ରକୃତିର ମନୋରମ ସୌନ୍ଦର୍ଯ୍ୟାନୁଭୂତିରେ ମନ ପ୍ରାଣକୁ ମଜାଇ ଦେଲେ ମନେ ହୁଏ ସତେ ଯେପରି ବିପୁଳ ପ୍ରକୃତି ତାହାର ବିପୁଳ ବେଶ ଧାରଣ କରି ଅରଣ୍ୟ ପରିବେଶରେ ବଡ଼ ଆବେଗପ୍ରାଣ ହୋଇ ଉଠିଛି ।

ବନଭୂମିର ସବୁଜିମାକୁ ନେଇ ସେ ପରିଧାନ କରିଛି ତାହାର ଚିରହରିତ ବାସ । କେତେ ସୁବାସିତ ପୁଷ୍ପକୁଞ୍ଜରେ ସେ ରଚନା କରିଛି ତାହାର ବିରହ ଶଯ୍ୟା । ବନମାଳତୀ ଫୁଲରେ ସେ ପୁଣି ତାର ଗଭା ମଣ୍ଡନ କରିଛି । ବୃକ୍ଷଦେବଙ୍କ ପୂଜା ବନ୍ଦନା ପାଇଁ ସତେ ଅବା ବୃକ୍ଷମହିଷୀ ପ୍ରକୃତି ନିଜକୁ ଉତ୍ସର୍ଗ କରିଛି ବିଭିନ୍ନ ରୂପ ଧାରଣ କରି ।

ପ୍ରକୃତି ଜଡ଼ ନୁହେଁ, ନିର୍ଜୀବ ନୁହେଁ । ପ୍ରାଣପ୍ରାଚୁର୍ଯ୍ୟ ତାହାଠାରେ ପୂରି ରହିଛି ରେଣୁ ରେଣୁ ଭେଦି । ସର୍ବତ୍ର ଅରଣ୍ୟରେ ବିପୁଳାପ୍ରକୃତିର ବିମୋହନ ବଂଶୀ ବାଜି ଉଠୁଛି ପ୍ରାଣପାତ୍ରକୁ ଅମୃତ ରସରେ ଉଛୁଳାଇ ଦେଇ । ଝରଣାର କୁଳୁକୁଳୁ ତାନରେ ଅରଣ୍ୟପ୍ରକୃତି ଗାଇ ଚାଲିଛି ବିଶ୍ୱନିୟନ୍ତାର ଚିରନ୍ତନ ସଙ୍ଗୀତ । ପାହାଡ଼ ପର୍ବତରେ ଯୋଗାରୂଢ଼ ଯୋଗୀବେଶ ଧରି ସେ ପୁଣି ତପ ଆଚରଣ କରୁଛି । କେତେ ଅବା ନିକୁଞ୍ଜରେ ବନଫୁଲ ଝରାଇ ଦେଇ ସେ ପ୍ରକୃତି ଅର୍ଘ୍ୟ ଦେଉଛି ବିଶ୍ୱନିୟନ୍ତାର ଚରଣ ତଳେ । ଫୁଲର ଗନ୍ଧ, ପକ୍ୱଫଳର ନୈବେଦ୍ୟ ଦେଇ ସେ ବିହଙ୍ଗମାନଙ୍କର କଳକୂଜନରେ ସ୍ତୋତ୍ର ପାଠ କରୁଛି ସଞ୍ଜ ଓ ସକାଳରେ ।

ଏଇ ଅରଣ୍ୟ ପ୍ରକୃତିହିଁ ମାନବ ସଭ୍ୟତା ଓ ସଂସ୍କୃତିର ପ୍ରତୀକ । ସଭ୍ୟତାର ଆଲୋକ ପ୍ରଥମେ ଅରଣ୍ୟାନୀର ତମୋମୟ ପ୍ରଦେଶରୁ ପ୍ରକାଶ ପାଇଥିଲା, ଠିକ୍ ଅନ୍ଧକାରମୟ ଅଚେତନ ସୃଷ୍ଟିରେ ଆଦିସ୍ରଷ୍ଟା ଆଲୋକ ସଂପାତ କରାଇ ଚେତନାମୟ ସୃଷ୍ଟି ସର୍ଜନା କଲାପରି । ବୈଦିକ ସଭ୍ୟତାର ଆଶ୍ରୟସ୍ଥଳ ଏଇ ଅରଣ୍ୟ । ଏହି ଅରଣ୍ୟରୁ ହିଁ ଆରଣ୍ୟକର ସୃଷ୍ଟି । ବେଦର ଅଂଶ ବିଶେଷକୁ ଆରଣ୍ୟକ କହନ୍ତି ।

ବେଦ, ଉପନିଷଦ୍, ଜ୍ୟୋତିଷ, ବ୍ୟାକରଣ, ସଂହିତା, ପୁରାଣ ଓ ଧର୍ମଶାସ୍ତ୍ର ଆଦିର ସ୍ରଷ୍ଟାମାନେ ବନବାସୀ ଅଟନ୍ତି । ସେଥିପାଇଁ ବୈଦିକ ସଂସ୍କୃତି ସ୍ମରି ଗଭୀର ଶ୍ରଦ୍ଧାବାନ୍ ହୋଇ ମେହେର କବି ଗାଇଥିଲେ:—

"ମୁନିମୁଖ୍ୟ ବେଦସ୍ୱନ ପୂର୍ଣ୍ଣକଲା ଶ୍ୟାମବନ
...ଭେଦି ଗଗନ ଉଚ୍ଚ ଓଁକାର ।"

(ତପସ୍ୱିନୀ)

ଆଜି ବନଭୂମିରେ ବେଦସ୍ୱନ ଅନୁରଣିତ ହେଉ ନାହିଁ କି ଋଷି ତପୋବନର ମାଧୁରୀ ନାହିଁ । ଅଧୁନା କେବଳ ହର୍ମ୍ୟମାଳିନୀ ସହର ଗଢ଼ି ଉଠୁଛି ବନଭୂମିର ମନୋରମ ପ୍ରକୃତିକୁ ବିପର୍ଯ୍ୟସ୍ତ କରି । ଫଳତଃ ବେଦସ୍ୱନ ପରିବର୍ତ୍ତେ ଯାନ୍ତ୍ରିକଯାନର ଫୁତ୍କାର ସ୍ୱନ ଆଜି ମାନବ ସଭ୍ୟତାକୁ ବେଶ୍ ଉନ୍ମାଦନା ଯୋଗାଉ ଅଛି । ଆଧୁନିକ ବସ୍ତୁବାଦୀ ସଭ୍ୟତା ଅରଣ୍ୟ ସଂସ୍କୃତିର ବିଲୋପ ସାଧନ ଘଟାଇ ଅଛି । ଜନସଂଖ୍ୟାର ଅଭିବୃଦ୍ଧିହିଁ ଏହାର ମୂଳକାରଣ । ଜନସଂଖ୍ୟାର ଅଭିବୃଦ୍ଧି ସଂଘଟିତ ହେବାରୁ ଆବଶ୍ୟକତା ମଣିଷକୁ କୋଠାବାଡ଼ି, କଳକାରଖାନା, ପୋଲ, ବନ୍ଧ, ବାଡ଼ ଓ ରାସ୍ତା ଘାଟ ନିର୍ମାଣ କରିବା ପାଇଁ ଆହ୍ୱାନ ଜଣାଇଲା । ଏହାଛଡ଼ା ଜାଳେଣୀ ଓ ବାସଗୃହ ମଣିଷର ଏକ ବଡ଼ ଆବଶ୍ୟକତା ରୂପେ ଦେଖାଦେଲା । ଏଇ ସକଳ ଆବଶ୍ୟକତାକୁ ପୂରଣ କରିବା ପାଇଁ ମଣିଷ ବନଭୂମିର ମୂଲ୍ୟବାନ୍ ବୃକ୍ଷସବୁକୁ କାଟି ତାହାର ଚାହିଦା ମେଣ୍ଟାଇବାକୁ ଲାଗିଲା ।

ଫଳତଃ ଯେଉଁଠାରେ ଦିନେ ଘଞ୍ଚ ଜଙ୍ଗଲ ଥିଲା ସେଠାରେ ଅଧୁନା କୋଠାବାଡ଼ି ଓ କଳକାରଖାନା ଗଢ଼ି ଉଠିଲା ।

ଆଜିର ମଣିଷ ସଭ୍ୟତା ଓ ସଂସ୍କୃତିର ମୁଖ୍ୟ ଦିଗଟି ହେଉଛି ବିଷୟବସ୍ତୁ, ବିଳାସବାସନା, ଅର୍ଥପିପାସା । ସୁତରାଂ ସେ ଆଧ୍ୟାତ୍ମିକ ଚେତନାରୁ ଦୂରେଇ ଯାଇ ବିଷୟ ଚିନ୍ତାରେ ସର୍ବଦା ପଥଭ୍ରଷ୍ଟ ହେଉଛି । ଏପରି ମଣିଷ ଜୀବ ବଧକୁ ପାପ ବୋଲି ବିଚାରୁ ନାହିଁ, ନରହତ୍ୟାକୁ କୁଣ୍ଠାବୋଧ କରୁ ନାହିଁ । ବନଭୂମିର ପ୍ରାଣମୟ ଜଗତ ପ୍ରତି ତାହାର ଦରଦ ନାହିଁ । ସେ ଶିକାରିର ବିଳାସିତା ଓ ଅର୍ଥର ପ୍ରଲୋଭନ ବଶତଃ ବିନା କାରଣରେ ଜଙ୍ଗଲର ପଶୁପକ୍ଷୀଙ୍କୁ ସଂହାର କରୁଛି । ସଂତ୍ରାସବାଦୀର କାର୍ଯ୍ୟକଳାପ ଅଧୁନା ମାନବ ସମାଜରେ ହୃତ୍‌କମ୍ପ ଜାତ କଲାପରି ସ୍ୱାର୍ଥ ଲିପ୍ସୁ ମାନବର ହିଂସ୍ର ଆଚରଣ ଅଧୁନା ବନଭୂମିର ପଶୁ ସମାଜରେ ଭୟ ଓ ଆତଙ୍କ ସୃଷ୍ଟି କରୁଅଛି । ବୃକ୍ଷମହିଷୀ ପ୍ରକୃତି ଏଥିପାଇଁ କ୍ଷୁବ୍ଧ ହୋଇ ଝଡ଼, ବାତ୍ୟା ଓ ବନ୍ୟାର ତାଣ୍ଡବ ରଚନା କରୁଛି ।

ମଣିଷର ଅନ୍ତର୍ନିହିତ ପ୍ରକୃତି ସହିତ ବାହ୍ୟପ୍ରକୃତିର ସମ୍ବନ୍ଧ ଓତଃପ୍ରୋତ । ତାହା ଅଚେତନ ମାନବ ସହଜରେ ହୃଦୟଙ୍ଗମ କରି ପାରେ ନାହିଁ । ଜ୍ୟୋତିଷ ଶାସ୍ତ୍ରରେ ଥିବା ଗ୍ରହମାନଙ୍କର ପ୍ରାଦୁର୍ଭାବ ଯାହାକୁ ଆମେ ବିନା ଦ୍ୱିଧାରେ ସ୍ୱୀକାର କରୁଥାଉଁ ତାହା ଅସୀମ ଅନନ୍ତ ପ୍ରକୃତିର ଏକ ଏକ କଣିକା ତୁଲ୍ୟ ଅଂଶମାତ୍ର । ମଣିଷ ସେଇ ପଞ୍ଚଭୂତ

ମହାପ୍ରକୃତିର ସମ୍ମିଶ୍ରଣରେ ତାହାର ନଶ୍ୱରଦେହଟିକୁ ଧାରଣ କରିଅଛି ଯାହା ପ୍ରକୃତିର କେତୋଟି ଉପାଦାନ ଛଡା ଆଉ କିଛି ନୁହେଁ । ସେଇ ଉପାଦାନ ମଧ୍ୟରେ ଏକ ଚିରଶାଶ୍ୱତ ସତ୍ତା ହିଁ ସର୍ବଦା ଅଜର ଓ ଅମର ରହିଛି ।

ପ୍ରକୃତି ମଣିଷ ଉପରେ ତାହାର ପ୍ରଭାବକୁ ଅବ୍ୟାହତ ରଖିଛି । ଆକାଶ, ସାଗର, ନଦୀ, ପାହାଡ଼, ଅରଣ୍ୟ ଏସବୁ ମଣିଷର ମନ ଓ ପ୍ରାଣ ଉପରେ ତାହାର ପ୍ରଭାବ ପକାଇଥାଏ । ସାମାନ୍ୟ ଫୁଲଟି ମଧ୍ୟ ମନ ଭିତରେ ଗଭୀର ସଂବେଦନଶୀଳ ଭାବ ସୃଷ୍ଟି କରିପାରେ ।

ବିଶାଳ ବନଭୂମି ସେଇ ମହିୟସୀ ପ୍ରକୃତି ଦେବୀଙ୍କର ଉଜ୍ଜଳନ ରୂପମାତ୍ର । ସୁତରାଂ ସେଇ ବନଭୂମିର ରକ୍ଷଣାବେକ୍ଷଣ କରିବା ମଣିଷ ସମାଜର ଧର୍ମ ଓ କର୍ମ । ନିରଙ୍କୁଶ ଭାବରେ ବନଭୂମିର ବୃକ୍ଷରାଜିକୁ ନଷ୍ଟ କରିବା ସଭ୍ୟତାର ଲକ୍ଷଣ ନୁହେଁ । ବରଂ କାଟି ନେଉଥିବା ବୃକ୍ଷ ସ୍ଥାନରେ ନୂଆ ବୃକ୍ଷ ରୋପଣ ବିଧିବଦ୍ଧ ଯୋଜନା ରହିବା ବାଞ୍ଛନୀୟ । ଅରଣ୍ୟର ଆବଶ୍ୟକତା ଓ ମାନବର ଆବଶ୍ୟକତା ପୂରଣ ଉଭୟ ଦିଗକୁ ଦୃଷ୍ଟି ରଖି ସ୍ଥିହିଦା ମେଣ୍ଟାଇବା ବୁଦ୍ଧିମାନର ପରିଚୟ । ମାତ୍ର ଏକ ଦେଶଦର୍ଶୀ ହୋଇ ଅରଣ୍ୟ ସମ୍ପଦର ବିଲୋପ ସାଧନ କରିବା ଅବିମୃଷ୍ୟକାରିତା ଅଟେ ।

**ଅରଣ୍ୟ ପରିବେଶର ଭୂମିକା**

ଅରଣ୍ୟ ଭୂମିର ଶାନ୍ତ, ନିର୍ଜନ ପରିବେଶ ଅଚେତନ ମାନବ ମନରେ ଚେତନାର ଆଲୋକ ସଂପାତ କରେ । ମୁନି, ଋଷି, ତାପସ, କବି, ଭାବୁକ, ଦାର୍ଶନିକ ଓ ବୈଜ୍ଞାନିକମାନଙ୍କୁ ଯୁଗେଯୁଗେ ଏହା ଲୁବ୍ଧ ଓ ମୁଗ୍ଧ କରିଥାଏ । ଏଇ ନିର୍ଜନ ପ୍ରକୃତିର ଶୋଭାରେ ଆତ୍ମବିସ୍ମୃତ ହୋଇ ଇଂରେଜ କବି ଉଇଲିଅମ୍ କାଉପର୍ ଯାହା ଗାଇଥିଲେ ତାର ଓଡ଼ିଆ ଅନୁବାଦ ହେଲା—

O, Solitude! Where are the charms
That sages have seen in Thy face?

"ନିର୍ଜନତା କାହିଁ ତୋ ବେଶମୋହନ
ଯେ ବେଶେ ମୋହିଲୁ ତୁ ମୁନି ନୟନ !" (ମଧୁସୂଦନ ରାଓ)

ଆଦିମ ଅଧିବାସୀମାନେ ଏଇ ନିର୍ଜନ ଅରଣ୍ୟମୟ ପ୍ରଦେଶର ଆନନ୍ଦମୟ ସନ୍ତାନ । ସେମାନେ ସହରାଞ୍ଚଳ ଅପେକ୍ଷା ଅରଣ୍ୟ ପ୍ରକୃତିକୁ ଅତ୍ୟଧିକ ଭଲ ପାଉଥାଆନ୍ତି । ସେମାନେ କବି, ଦାର୍ଶନିକ ଅଥବା ବୈଜ୍ଞାନିକ ନୁହଁନ୍ତି ? ଋଷି କିମ୍ବା ତାପସ ନୁହଁନ୍ତି । ମାତ୍ର ଅରଣ୍ୟ ପ୍ରକୃତି ସେମାନଙ୍କୁ ଏତେ ପ୍ରଲୁବ୍ଧ କରିଛି ଯେ, ସେମାନେ ତାହାର ଆଦର ସମ୍ଭାଷଣକୁ ଏଡ଼ାଇ ପାରନ୍ତି ନାହିଁ । ଏହାର କାରଣ ସେମାନେ ବସ୍ତୁବାଦୀ ନୁହଁନ୍ତି । ପ୍ରକୃତିର ଡ଼ାକ ତାଙ୍କ କାନରେ ବାଜୁଛି । ସେଥିପାଇଁ ସେମାନେ ପ୍ରକୃତି କୋଳରେ ନିଜକୁ ମିଶାଇ ଦେଇ ମାଦଳ ବଜାଇ ଗୀତ ଗାଆନ୍ତି । ଝରଣାର ପାଣି ପିଇ, ଗଛର ଫଳମୂଳ ଖାଇ ସନ୍ତୋଷ ଲାଭ କରନ୍ତି । ଶାନ୍ତି ରସାଷ୍ପଦ ବନଭୂମିରେ ସେମାନେ ଯେପରି ବୈଦିକ ଯୁଗର ଆନନ୍ଦ ପରିବେଶକୁ ଲାଭ କରି ଜୀବନ ବିତାଉ ଅଛନ୍ତି । ବୈଦିକ ସଭ୍ୟତାର ସରଳ ନିରାଡ଼ମ୍ବର ଜୀବନଧାରି ହୃଦୟର ସାରଲ୍ୟ ଗୁଣଟିକୁ ପ୍ରକାଶ କରୁଅଛନ୍ତି । ସତ୍ୟ ଓ ନ୍ୟାୟର ପନ୍ଥା ଅନୁସରଣ କରି ସେମାନେ ଜୀବନର ମୋହକୁ ସୁଦ୍ଧା ଏଡ଼ାଇ ଦେଇ ପାରନ୍ତି ।

କୁଟୀଳ କାମନା ବାସନାର ଊର୍ଦ୍ଧ୍ୱରେ ରହି ତାପସମାନେ ଏଇ ବନଭୂମିରେ ଚିରନ୍ତନ ସୁଖ ଓ ଆନନ୍ଦ ପାଉଥିଲେ । ସେମାନଙ୍କ ପକ୍ଷରେ ଶାନ୍ତି ରସର ଆସ୍ପଦ ଥିଲା ଏଇ ଅରଣ୍ୟ । ତାହାର ମହନୀୟ ସ୍ମୃତିକୁ ଜାଗରୁକ କରି ପଲ୍ଲୀକବି ନନ୍ଦ କିଶୋର ଗାଇଥିଲେ—

ମନେପଡ଼େ ସେଇ ବୈଦିକ ଯୁଗର ଶାନ୍ତିରସାସ୍ପଦ ବନ,
ବଟଛାୟାତଳେ ପର୍ଣ୍ଣକୁଟୀ ମଧ୍ୟେ ଋଷିପତ୍ନୀ କନ୍ୟାଜନ ।
ଶାନ୍ତ ତପୋବନ ସାନ୍ଦ୍ର ତରୁଲତା ରୁଚିର ପର୍ଣ୍ଣକୁଟୀର
ଋଷି ପରିଜନ ସରଳ ପରାଣ ପ୍ରଶାନ୍ତ, ପ୍ରଫୁଲ୍ଲ ଧୀର ।

ମହାନଗରବାସୀ ନୁହଁନ୍ତି, କେତେକାଂଶରେ ଏଇ ଆଦିବାସୀମାନେ ହିଁ ବୈଦିକ ରୁଚି ଓ ସଭ୍ୟତାର ସ୍ମୃତିକୁ ଜାଗରୁକ କରି ସରଳ ସ୍ୱଚ୍ଛନ୍ଦ ଜୀବନଯାତ୍ରା ନିର୍ବାହ କରୁଛନ୍ତି ।

ଆଜି ବିଜ୍ଞାନ ସଭ୍ୟତା ବୈଦିକ ସଭ୍ୟତାକୁ ପୁରାପୁରି ବଦଳି ହୋଇଛି । ସେଥିପାଇଁ ଶାନ୍ତି, ପ୍ରୀତି, ଦୟା, କ୍ଷମା, ସହିଷ୍ଣୁତା ତାହାର ଦୁର୍ଲଭ ବସ୍ତୁ ହୋଇଛି । ସେ ଶାନ୍ତି ଓ ସୁଖ ପାଇଁ ତାହାର ସଂଗ୍ରାମକୁ ଅବ୍ୟାହତ ରଖି ଅଧିକରୁ ଅଧିକ ଅଶାନ୍ତି ଓ ଦୁଃଖର କବଳିତ ହେଉଛି । ଟ୍ରେନ୍,ମଟର, ଉଡ଼ାଜାହାଜ, ବେତାର, ଦୂରଦର୍ଶନ ପ୍ରଭୃତିର ଉଦ୍ଭାବନ ଘଟାଇ ସେ ଶାନ୍ତି ଓ ସୁଖ ପାଇ ପାରୁଛିକି ? ହାୟ.... ଜଡ଼ବାଦ କେବଳ ଇନ୍ଦ୍ରିୟ ବାସନାର କ୍ଷୁଧା ମେଣ୍ଟାଇବା ଛଡା, ଜୀବନକୁ ଉପଭୋଗ କରି କ୍ଷଣିକ ସୁଖ ସମ୍ଭୋଗରେ ମଜ୍ଜାଇ ଦେବାଛଡା ଚିରନ୍ତନ ସୁଖ ଓ ଶାନ୍ତି ଦେଇ ପାରିଛିକି ? ତାହାହେଲେ ଆଉ ସଂଗ୍ରାମ କେଉଁଥି ପାଇଁ ? ଅତିଶୟ ସମୁନ୍ନତ ସଭ୍ୟତାର ପୃଷ୍ଠ ଭୂମିରେ ରୋଗ, ଶୋକ, ଦାରିଦ୍ର୍ୟ, ଅତ୍ୟାଚାର, ହିଂସା, ଦ୍ୱେଷ, ଅସୂୟା, ଅନାହାର, ମିଥ୍ୟା, ପ୍ରବଞ୍ଚନା ଶତଜିହ୍ୱା ମେଲି ମାନବ ସଭ୍ୟତାକୁ ଗ୍ରାସ କରିବାକୁ ଧାଇଁଛି ।

ଏହାର ଏକମାତ୍ର କାରଣ, ହେଉଛି ମାନବ ରୋଗକୁ ଔଷଧ ନଖାଇ ତାଟିଆ କାମୁଡ଼ିବାରେ ଲାଗିଛି । ଅର୍ଥାତ୍ ନିଜର ଅନ୍ତର୍ନିହିତ ପ୍ରକୃତିକୁ ସେ ଅନ୍ୱେଷଣ ନକରି କେବଳ ଜଡ଼ପ୍ରକୃତିରୁ ଚିରଶାନ୍ତି ଓ ସୁଖ ପାଇବା ପାଇଁ ଆସ୍ଫାଳନ କରୁଛି ।

ଗୋଟିଏ ବୃକ୍ଷ ରୋପଣ କରି ତାହାକୁ ଫୁଲ ଓ ଫଳଭାରରେ ଅବନତ ହେବାର ଦେଖିଲେ ମଣିଷ ଯେଉଁ ଆନନ୍ଦ ପାଏ କୋଟିଏ ଟଙ୍କା ଲାଭରେ ଠିକ୍ ସେଇ ଆନନ୍ଦ ମିଳିପାରେ ନାହିଁ । ଆକାଶର ନିଳିମା, ସାଗରର ଅସୀମତା, ଫୁଲର ସୌନ୍ଦର୍ଯ୍ୟ, ବନାନୀର ଶୋଭା ଦର୍ଶନରେ ଯେଉଁ ଆନନ୍ଦ ଉପଲବ୍ଧି ହୁଏ, ତାହା ଧନର ପ୍ରାଚୁର୍ଯ୍ୟରେ କିମ୍ବା ଜଡ଼ବସ୍ତୁର ଉପଭୋଗରେ ନଥାଏ ।

ବନଭୂମି ମାନବ ସଭ୍ୟତାକୁ ଏକ ଅଯାଚିତ ଦାନ । ଶାନ୍ତି ଓ ସୁଖର ଏହା ଆବାସ ସ୍ଥଳ । ସତ୍ୟର ଆଲୋକରେ ଏହା ଉଦ୍ଭାସିତ । ମାନବକୁ ଆହ୍ୱାନ ଜଣାଇ ସେ ଯେପରି କହୁଛି.. ଆ.., ତୁ ମୋରି ଭିତରେ ଆଧ୍ୟାତ୍ମିକ ଚେତନା ଲାଭ କରିବୁ, ଶାନ୍ତି ଓ ସୁଖର ଶାଶ୍ୱତ ଉତ୍ସ ପାଇବୁ ।

କିନ୍ତୁ କାହିଁ ? ସୁଖ ଓ ଶାନ୍ତି କାହିଁ ?

କାହିଁ ନିତ୍ୟସୁଖ,
ଯାହା ଲଭିବାର ଲାଗି, ଅଛି ଅବିରତ ଜାଗି
ଚିରଗୃହେ ଆଶାଦୀପ ଉଜ୍ଜ୍ୱଳ ମୟୂଖ
କାହିଁ ଗଲେ ପାଶୋରିବି,
ମୃତ୍ୟୁ, ପାପ, ଦୁଃଖ ।
(ମଧୁସୂଦନ ରାଓ)

ଅରଣ୍ୟ ସଭ୍ୟତାହିଁ ନିତ୍ୟ ସୁଖ ଓ ଶାନ୍ତିର ମାର୍ଗ ପ୍ରଦର୍ଶନ କରାଇ ମୃତ୍ୟୁରେ ଅମୃତର ସନ୍ଧାନ ଦେଇଛି । ନଗର ସଭ୍ୟତା ଅଥବା ଜଡ଼ବାଦର ସଭ୍ୟତା କେବଳ ପ୍ରତାରଣା କରୁଛି ମାନବକୁ ତାହାରି ମୃଗ ତୃଷ୍ଣା ଦେଖାଇବା ପାଇଁ ।

ଅରଣ୍ୟରେ ଏକଦା ବାଲ୍ମୀକି ଆଶ୍ରମ ରାଜ୍ୟରେ ଶାନ୍ତି ରାଜତ୍ୱ କରୁଥିଲା ସତ, ମାତ୍ର ଅଧୁନା ବିଜ୍ଞାନ ରାଜ୍ୟରେ ଅଶାନ୍ତି ହିଁ ରାଜତ୍ୱ କରୁଛି । ଯୁଦ୍ଧର ବିଭୀଷିକା ସଭ୍ୟତାକୁ ଉପହାସ କରୁଛି, ପରମାଣୁ ବୋମା ମନରେ ଆତଙ୍କ ସୃଷ୍ଟି କରୁଛି । ଦେଶ ଦେଶ ମଧ୍ୟରେ ମାରଣାସ୍ତ୍ରର ପ୍ରତିଯୋଗିତା ଚାଲିଛି । ବନ୍ୟା ଓ ବାରିପାତକୁ ନିୟନ୍ତ୍ରଣ କରିବା ପାଇଁ ଅରଣ୍ୟାନୀର ଆଉ ଏକ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉଚ୍ଛ୍ୱାସ ପ୍ରଶ ହୋଇ ଏଇ ବନଭୂମି ମେଘରାଶିକୁ ଆମନ୍ତ୍ରଣ କରେ ଓ ବାୟୁମଣ୍ଡଳକୁ ନିର୍ମଳ ରଖେ ଅମ୍ଳଜାନ ଛାଡ଼ି । ଅନିୟମିତ ବୃଷ୍ଟିପାତ ଏହାରି ବିଲୋପ ସାଧନର ଫଳ ।

ଶ୍ରାବଣର ଧାରାପାତରେ ଅରଣ୍ୟର ବୃକ୍ଷରାଜି ସେମାନଙ୍କ ଅଙ୍ଗର ତୃପ୍ତି ସାଧନ ଘଟାଇ ସୂର୍ଯ୍ୟର ପ୍ରଚଣ୍ଡ ରଶ୍ମିପାତକୁ ଏଡ଼ାଇ ଦିଅନ୍ତି ସତ, ମାତ୍ର ସେଇ ପ୍ରଖର ରଶ୍ମିରେ ଉତ୍ତୋଳିତ ହେଉଥିବା ଜଳୀୟବାଷ୍ପକୁ ଏଇ ଅରଣ୍ୟର ବୃକ୍ଷ ଲତାହିଁ ଆମନ୍ତ୍ରଣ ଜଣାଇ ଆଣନ୍ତି ଜଗତର କଲ୍ୟାଣ

ଦେଇ । ଅରଣ୍ୟର ଆବେଗ ପ୍ରାର୍ଥନାରେ ଜଳଦ ବାରିଧାରା ଢାଳିଦିଏ ଧରଣୀକୁ ପ୍ଲାବିତ କରି ।

ଏହାର ସତ୍ୟତା ଦର୍ଶାଇ ମେହେର କବି ଲେଖିଛନ୍ତି–

"ଅତି ବେଗର ବ୍ୟାୟାମେ ଅଙ୍ଗ ପୁଷ୍ଟି ସାଧନ
ତପନକୁ ଜିଣି ଆଣନ୍ତି ତାର ଆଲୋକ ଧନ ।"

ବାଲ୍ମିକି ତପୋବନର ବର୍ଣ୍ଣନା ପ୍ରସଙ୍ଗରେ କବି ବୃକ୍ଷଲତାର କଲ୍ୟାଣକର ମହିମାକୁ ଉପସ୍ଥାପିତ କରି ଅଛନ୍ତି ।

ଅଧୁନା ଅରଣ୍ୟାନୀର ହ୍ରାସ, ବୃକ୍ଷାଦିର ବିଲୋପ ସମାଜକୁ ବହୁ ଦୁର୍ଗତିର ସମ୍ମୁଖୀନ କରାଉଛି । ଏଥିରୁ ରକ୍ଷା ପାଇବା ପାଇଁ ପଲ୍ଲୀ ଅଞ୍ଚଳରେ ଅଧିକ ତୋଟାମାଳ ଓ ଅଭୟାରଣ୍ୟ ସୃଷ୍ଟି କରିବା ଆବଶ୍ୟକ । ରାସ୍ତା, ଘାଟ, ନଦୀ, କେନାଲର ଉଭୟ ପାର୍ଶ୍ୱରେ ବୃକ୍ଷରାଜି ରୋପଣ କରି ତାହାର ନୈସର୍ଗିକ ଶୋଭାକୁ ବୃଦ୍ଧି କରାଇବା ବାଞ୍ଛନୀୟ । ଏଥିପାଇଁ ଆମର ଜାତୀୟ ସରକାର ଆନୁଷଙ୍ଗିକ କାର୍ଯ୍ୟକ୍ରମକୁ ଗ୍ରହଣ କରି ଅଛନ୍ତି । ଏହା ସ୍ୱାଗତ ଯୋଗ୍ୟ ଅଟେ ।

ଅରଣ୍ୟାନୀର ଶୋଭା, ବୃକ୍ଷଲତାଦିର କଲ୍ୟାଣକର ରୂପ ଓ ଅଙ୍ଗସୌଷ୍ଠବ ପ୍ରାଣରେ ଅଭିନବ ଆନନ୍ଦ ଆଣିଥାଏ । ସେବା ଏବଂ ଧର୍ମର ପ୍ରତୀକ ହେଉଛି ବୃକ୍ଷଲତା ।

ବିଶ୍ୱ ବିଖ୍ୟାତ ମନୀଷୀ, ନାଟ୍ୟକାର ଉଦ୍ଭିଦ ଜଗତର ମହିମାକୁ ଉପଲବ୍ଧି କରି, ଏକଦା କହିଥିଲେ–

ଈଶ୍ୱର ସମ୍ବନ୍ଧୀୟ ତଥ୍ୟ ଓ ଧର୍ମଗ୍ରନ୍ଥମାନଙ୍କରୁ ମୁଁ ଯାହା ଅଧ୍ୟୟନ କରେ, ସେହି ମହାନ୍ ସତ୍ୟର ଆଲୋକକୁ ମୁଁ ସବୁଜ ପ୍ରାନ୍ତର ଓ ଅରଣ୍ୟାନୀର ଶୋଭା ସମ୍ପଦରେ ଅନୁଭବ କରୁଛି । ମୁଁ ମନେକରେ ଲିଚୁ ଏବଂ ଓକ୍ ବୃକ୍ଷରାଜି ହେଉଛି ମୋର ସର୍ବଶ୍ରେଷ୍ଠ ଶିକ୍ଷାଦାତା, ଗୁରୁ ।

Bernard Shaw said, "What I know of the divine sciences, I learnt in woods and fields. I have had no other masters than the leaches and oaks".

(ବିଶ୍ୱକବି ରବୀନ୍ଦ୍ରନାଥ ଓ ଭକ୍ତକବି ମଧୁସୂଦନ–ପୃ-୫୪୬)



# ଓଡ଼ିଆ ଲୋକ ଗୀତରେ ଜୀବଜନ୍ତୁ

ଶ୍ରୀ ବିଜୟ କେତନ ପଟ୍ଟନାୟକ

ଜୀବଜନ୍ତୁ ପ୍ରକୃତିର ଅପରୂପ ଶୋଭା ସମ୍ଭାର । ଗାଁ ଗହଳିରେ ରାତି ପାହି ସକାଳ ହେଲେ, ଘର ଉପରେ କାଉ କାଁ କାଁ କରେ । ଗାଁ ମୁଣ୍ଡ ଆମ୍ବ ତୋଟାରେ କଜଳପାତୀ, ଚୁମାଚୁଆ କିଚିରିମିଚିରି ଶବ୍ଦ କରନ୍ତି । ଅଗଣା ଉପରେ ପାରାମାନେ ଘୁମୁରନ୍ତି । ଏପରିକି ଝରକା ଦେଇ ସକାଳର କଅଁଳ ସୂର୍ଯ୍ୟ କିରଣ ସଙ୍ଗେସଙ୍ଗେ ଘରଚଟିଆ ଚଢ଼େଇଟି ମଧ୍ୟ ବାଗ ଦର୍ପଣରେ ଚିଁ ଚିଁ ଶବ୍ଦ କରି ପଶି ଆସେ । ସେହିପରି ବର୍ଷା ଋତୁରେ ନୀଳ ରଙ୍ଗର ଘାସ ପଡ଼ିଆ ଉପରେ ନାଲି ଗୁଲୁଗୁଲୁ ସାଧବ ବୋହୂମାନଙ୍କର ପଟୁଆର ଗୁଡ଼ିକ । ସାରୁ ବୁଦା ମୂଳକୁ ବେଙ୍ଗମାନେ କେଁକଟରେ ଉଡ଼ି ଛାଡନ୍ତି । ଚାତକ ପକ୍ଷୀ ପରମ ତୃପ୍ତିରେ ଟୋପାଟୋପା ବର୍ଷା ଜଳ ଆକାଶ ମାର୍ଗରୁ ପିଇନେଇ ଶୋଷ ମେଣ୍ଟାଏ । ଶରତ ଆକାଶର ଖଣ୍ଡଖଣ୍ଡ ଉପା ମେଘ ପଂକ୍ତି ଭିତରେ ଦଳଦଳ ବଗ ପକ୍ଷୀ ଉଡ଼ି ଯାଆନ୍ତି । ଫଗୁଣ ମାସରେ ଆମ୍ବ ବଉଳର ବାସ୍ନା ସଙ୍ଗକୁ କୋଇଲିର ମନମତାଣିଆ କୁହୁତାନ ମନ ପ୍ରାଣକୁ ଉଚ୍ଚାଟ କରେ ।

ଗଛଲତା, ଫଳ, ପୁଷ୍ପ ପରି ପ୍ରକୃତିର ଏହି ଅନୁପମ ଜୀବନ୍ତ ସୃଷ୍ଟି ଯୁଗେ ଯୁଗେ କାବ୍ୟ କବିତା, ଲୋକ ଗାଥା ଓ ଢଗଢମାଳିରେ ସ୍ଥାନ ପାଇ ଆସିଛି । ଅତୀତରେ ବୃକ୍ଷ ଶାଖାରେ ମିଥୁନରତ ସାରସ ପକ୍ଷୀଯୁଗଳଙ୍କ ଭିତରୁ ଶରାହତ ହୋଇ ଗୋଟିକର ଭୂଲୁଣ୍ଠିତ ହେବାର ଦୃଶ୍ୟ ମହର୍ଷି ବାଲ୍ମୀକିଙ୍କ ହୃଦୟକୁ ବେଦନା ଜର୍ଜରିତ କରି ଦେଇଥିଲା । ତାଙ୍କ ଶୋକାପ୍ଳୁତ ହୃଦୟର ଉଚ୍ଛ୍ୱାସପୂର୍ଣ୍ଣ ଆବେଗ ଶ୍ଳୋକ ଆକାରରେ ପ୍ରକାଶ ପାଇଥିଲା : "ମା ନିଷାଦଃ ପ୍ରତିଷ୍ଠିତ ତ୍ୱଂ ଅବଧୂ ଶାସ୍ୱତୀ ସମାଃ !" ସମ୍ଭବତଃ ମାନବ ସଂସ୍କୃତି ଇତିହାସରେ ଏହାହିଁ ପ୍ରଥମ ରସାତ୍ମକ କାବ୍ୟ । ଅନ୍ୟ ଭାଷା ପରି ଓଡ଼ିଆ ଭାଷାର ଲୋକ କଥା, ଲୋକ ଗୀତ ଓ ଢଗଢମାଳି ମଧ୍ୟ ଜୀବଜନ୍ତୁ, ପଶୁ ପକ୍ଷୀଙ୍କୁ ଆଧାର କରି ପରିପୁଷ୍ଟ ହୋଇଛି ।

ମୁହଁ ସଞ୍ଜ ହୋଇ ଆସିବା ବେଳକୁ ଗାଁ ପଛପଟ ଆମ୍ବ ତୋଟା, ପୋଖରୀ ତୁଠ ବା କିଆ ବୁଦା ଭିତରୁ ବିଲୁଆ ଡାକ ଦିଏ–'ହୁକେ ହୋ', 'ହୁକେ ହୋ' । ଗୋଟିଏ ବିଲୁଆ ଡାକିଲେ ସବୁ ବିଲୁଆ ସ୍ୱର ମିଳାନ୍ତି–'ହୁକେ ହୋ' । ଏହି ସମୟରେ ଗାଁ ଗୋହିରୀରେ ବା ବିଲ ଭିତରେ ଫେରୁଫେରୁ ଯଦି ବିଲୁଆଟିଏ ମୁହାଁ ମୁହିଁ ଭେଟ ହୋଇଯାଏ, ତେବେ ଏକ ମୁହାଁ ହୋଇ ବିଲୁଆ ଦଉଡ଼ି ପଳାଏ । ପିଲାମାନେ ପାଟି କରନ୍ତି–

"ବିଲୁଆ ନନାରେ ବିଲୁଆ ନନା
ଘର ପୋଡ଼ିଗଲା ପଛକୁ ଅନା ।"

ଏହି ଢଗଟି ବିଲୁଆର ଅଭ୍ୟାସ ଉପରେ ଆଲୋକପାତ କରିଥାଏ । କାରଣ ଅତ୍ୟନ୍ତ ଜରୁରୀ ନହେଲେ, ବିଲୁଆ କେବେ ପଛକୁ ଫେରି ଅନାଏ ନାହିଁ । ଶରତ ଋତୁରେ ଆକାଶ ନିର୍ମଳ, ପରିଷ୍କାର ଥିଲା ବେଳେ ଓ ସୂର୍ଯ୍ୟ କିରଣ ଚକ୍‌ଚକ୍ କରୁଥିବା ଭିତରେ ଅସରାଏ ବର୍ଷା ହୋଇଯିବା ଏକ ସାଧାରଣ କଥା । ସେହି ସମୟରେ ଆକାଶରେ ଇନ୍ଦ୍ରଧନୁ ଦେଖାଯାଏ । ପିଲାମାନେ ତାଳି ମାରି ଗୀତ ଗାଆନ୍ତି–

"ଖରା ପଡ଼ିଛି, ବର୍ଷା ହେଉଛି
ବିଲୁଆ ନନା ବାହା ହେଉଛି ।"

ଅଣ୍ଡିରା ବିଲୁଆର ଡାକକୁ ଅଶୁଭ ବୋଲି ଧରାଯାଏ । ରାତି ଅଧରେ ଅଣ୍ଡିରା ବିଲୁଆ ବୋବାଇଲେ କାହାର ମୃତ୍ୟୁ ଘଟେ ବୋଲି ଲୋକ ବିଶ୍ୱାସ ପ୍ରଚଳିତ । ତେଣୁ ଢଗ ଅଛି–

"ଅଣ୍ଡିରା ବିଲୁଆ ଡାକ
ମଡ଼ା ପାଇଁ ଆକୁ ଡାକ ।"

ଓଡ଼ିଶାର ଗଜପତି ସଂସ୍କୃତିରେ ଏକ ବିଶେଷ ସ୍ଥାନ ଅଧିକାର କରିଥିବା ଏବଂ ମୟୂରଭଞ୍ଜ, ସମ୍ବଲପୁର, କୋରାପୁଟ, କଳାହାଣ୍ଡି ବାଲିଗୁଡା ତଥା ପୁରୀ ଜିଲ୍ଲାର ଚନ୍ଦକା ଅରଣ୍ୟରେ ବହୁଳ ଭାବରେ ଦେଖିବାକୁ ମିଳୁଥିବା ହାତୀମାନଙ୍କ ଉପରେ ମଧ୍ୟ ଅନେକ ଢଗଢମାଳି ଅଛି । ଛୋଟ ଛୁଆଙ୍କୁ ବସେଇ ବସେଇ ଖୁଆଇ ଦେଲାବେଳେ ମାଆମାନେ ଗାଆନ୍ତି–

"ଝୁଲ୍‌ରେ ହାତୀ ଝୁଲ୍
ବାଆ ପାଣି ଖାଇ ଫୁଲ୍ ।" ଅଥବା;
"ହାତୀ ବୁଲୁଥାଉ ବନସ୍ତରେ କିଆକଦା ଝୁଣ୍ଟିବାକୁ
ମୋ ଜୁନା ଖେଳଇ ଦୋଳି ପଲଙ୍କରେ
ଦୁଧ ଭାତ ଖାଇବାକୁ ।"

ମାଆମାନେ ଭାବନ୍ତି; ସେମାନଙ୍କର ପୁଅ ଝିଅ ଦୁଧ ଭାତ ଖାଇ ହାତୀ ଭଳି ମୋଟା ହୋଇଯାଆନ୍ତୁ । ଏହାଛଡା ହାତୀ ଉପରେ ଥିବା ଅନ୍ୟ କେତୋଟି ଢଗଢମାଳି ବା ପ୍ରବଚନ ହେଉଛି;

''ହାତୀ ଝୁଲୁଥାଉ ମାହୁନ୍ତ ନଥାଉ
ଏତେ ବଡ ହାତୀ ବନେ ବୁଲୁଥାଉ ।''
'ବନସ୍ତରେ ଥିଲେ ବି ହାତୀ ରାଜାଙ୍କର ।'
କିମ୍ବା, ହାତୀ ଜିଇଁଲେ ଲକ୍ଷେ, ମଲେ ଲକ୍ଷେ ଇତ୍ୟାଦି ।

ଅତି ପିଲାବେଳର କଥା ମନେ ପଡ଼ିଯାଏ । ସକାଳୁ ସକାଳୁ ଅଳସ ଭାଙ୍ଗି ନଉଠିଲେ, ମାଆ ଶେଯରୁ ଉଠେଇ ଦେଇ ଗାଆନ୍ତି–

''ରାତି ପାହିଲାଣି ରାବିଲ କାଉ,
ଉଠ ଉଠ ମଠ ନକର ଆଉ ।''

ସେହିପରି ରାତିରେ ନଶୋଇ ଅଝଟ କଲେ, ମାଆ ଗୀତ ଗାଇ ଶୁଆଇ ଦିଅନ୍ତି–

''ଧୋ'ରେ ବାୟା ଧୋ'
ଯେଉଁ କିଆରୀରେ ଗହଳ ମାଣ୍ଡିଆ
ସେଇ କିଆରୀରେ ଶୁଅ ।''

ଏହି ଗୀତଟି ପ୍ରକୃତରେ ସାତ ଭଉଣୀ ବା କୁଣ୍ଡାଖାଇ ଚଢ଼େଇ ଉପରେ ଆଧାରିତ । ବୁଦାକୁ ବୁଦା ଡେଇଁ ଡେଇଁ ପୋକ ଯୋକ ଖୋଜିବା ଏଇ ଚଢ଼େଇର ଉଦ୍ଦେଶ୍ୟ ଏବଂ ଅନେକ ସମୟରେ ଅନିଷ୍ଟକାରୀ ଜୀବଜନ୍ତୁମାନେ ଏହାର ସୁଯୋଗ ନେଇ ତାକୁ ଆକ୍ରମଣ କରିଥାନ୍ତି । ଉପରୋକ୍ତ ଗୀତଟିରେ ଚଢ଼େଇଟିକୁ ଦଉଡ଼ିଯାଇ ଗହଳ ମାଣ୍ଡିଆ କିଆରୀ ଭିତରେ ନିଜକୁ ଲୁଚେଇ ଦେବାକୁ ସତର୍କ କରି ଦିଆଯାଇଛି ।

ପିଲାଟିଏ ପ୍ରଥମେ ଅ, ଆ ଶିକ୍ଷା ପାଠ ଆରମ୍ଭ କଲାବେଳକୁ ବର୍ଣ୍ଣବୋଧର ଦୁଇଟି ଧାଡ଼ି ପ୍ରଥମେ ନଜରରେ ପଡ଼େ ।

''ପୁରୁଣା ମନ୍ଦିରି ରହିଛି ଅନାଇ
ମନ୍ଦିରର ପାଶେ ନଯାଅ ଦନାଇ ।''

ଏବେବି ଅନେକ ଦିନ ସଞ୍ଜବେଳେ ଆଈବୁଢ଼ୀ 'କେଶବ କୋଇଲି' ପଢ଼ି ଶୁଣାଏ ।

''କୋହନିଲୋ କେଶବ ଯେ ମଥୁରାକୁ ଗଲା
କାହାବୋଲେ ଗଲା ପୁତ ବାହୁଟି ନୋଇଲାଲୋ କୋଇଲି ।''

ଛୁଆଟିଆ ସ୍କୁଲ ଯିବାବେଳେ ପାଠ ପଢ଼ାରେ ମନ ନଥାଏ । ଖେଳ ଛୁଟି ହେଲେ ବାହାରକୁ ଆସି ଏଣୁତେଣୁ ଗୁଣ୍ଡୁଚିମୁଷା ପଛରେ ଧାଇଁବାକୁ ମନ ହୁଏ । ନହେଲେ ରଙ୍ଗ ବେରଙ୍ଗର ପ୍ରଜାପତି ଓ ଉଡ଼ି ବୁଲୁଥିବା ଫଳଫଳ ଫଡ଼ିଙ୍ଗକୁ ଗୋଡ଼େଇ ଧରିବାକୁ ମନ ଅଥୟ ହୁଏ । ସାଆନ୍ତିଏ ଜଙ୍କି ନଧରିବାକୁ ବାରଣ କରି କୁହେ,–

''ଜଙ୍କି ଧରଣ, ମା' ମରଣ ।''

ଯଦି ସ୍କୁଲ ଛୁଟି ହେବା ଆଗରୁ ଅସରାଏ ବର୍ଷା ହୋଇଯାଇଛି, ତେବେ ଆହୁରି ମଜା ଲାଗେ । ସ୍କୁଲ ଫେରନ୍ତା ରାସ୍ତାରେ ନେଳିଆ ଘାସ ପଡ଼ିଆରେ ନାଲି ଝୁମ୍ପୁଝୁମ୍ପୁ ସାଧବ ବୋହୂ ସବୁ ବୁଲି ବାହାରି ଥା'ନ୍ତି । ମଖମଲି ପରି ନରମ ସେମାନଙ୍କର ଦେହ । ଛୁଇଁ ଦେଲେ ଲାଜକୁଳି ଲତା ପରି ଚୁପ୍‌ଚାପ୍ ରହିଯାଆନ୍ତି । କିଛି ସମୟ ପରେ ପୁଣି ଗୋଟିଗୋଟି ହୋଇ ଚାଲନ୍ତି । ଏହି ଅବସରରେ ଢଗଟିଏ ମନେ ପଡ଼େ–

''ନାଲି ଝୁମ୍ପୁ ଝୁମ୍ପୁ ସାଧବ ବୋହୂ
କୁଆଡ଼େ ଯାଉଛୋ, କୁଆଡ଼େ ଯାଉ ?''

କିଛି ନହେଲେ ବାଟରେ ଗଛ ଆଗୁଆଳରେ ବାୟା ଚଢ଼େଇର ବସାଟିଏ ଦେଖିଲେ, ଦୁଷ୍ଟାମୀ କରି ଢେଳା ଫିଙ୍ଗିବାକୁ ଇଚ୍ଛା ହୁଏ । ପାଣି ପବନରୁ ରକ୍ଷା ପାଇବା ପାଇଁ, କାଠି କୁଟାରେ କେତେ ସୁନ୍ଦର ଘରଟିଏ ତିଆରି କରିଛି ବାୟା ଚଢ଼େଇ । ଯେତେ ଜୋରରେ ପବନ ବହେ, ବସାଟି ସେତିକି ବେଗରେ ଦୋହଲେ । ହେଲେ ଛିଡ଼ି ପଡ଼େ ନାହିଁ, ଭିତରେ ପାଣି ପଶେ ନାହିଁ । ସେଥିପାଇଁ କହନ୍ତି–

''ବାୟାର କି ଯାଏ ?
ବାଆ ହଲେ ବସା ଦୋହଲୁ ଥାଏ ।''

ମାଆ ଚଢ଼େଇ ଯଦି ଆହାର ସଂଗ୍ରହ ପାଇଁ ବାହାରକୁ ଯାଇଥାଏ, ତେବେ ଛୁଆମାନେ ବାରମ୍ବାର ବସା ଭିତରୁ ପଦାକୁ ମୁହଁ କାଢ଼ି ଚାହିଁ ଥାଆନ୍ତି । ସେଥିପାଇଁ, ଯେଉଁ ପିଲାମାନେ ମାଆମାନଙ୍କୁ ବେଶି ଖୋଜନ୍ତି, ସେମାନଙ୍କୁ ଚିଡ଼େଇବା ପାଇଁ କୁହାଯାଏ;–

''ବାଇ ଚଢ଼େଇରେ ବାଇ ଚଢ଼େଇ
ତୋ' ମାଆ ଯାଉଛି ଗାଈ ଚରେଇ ।''

ହାଇସ୍କୁଲରେ ପଢ଼ୁଥିବା ବେଳେ ପଦ୍ୟାନ୍ତ ଅବକାଶରେ ବୋଲାଯାଉଥିବା ଗୋଟିଏ ଦୁଇଟି ପଦ୍ୟାଂଶ ଏବେବି ମନେ ପଡ଼ିଯାଏ । ସେଗୁଡ଼ିକ ହେଲା;–

''କାଉଡ଼ କଳା, କୋଇଲି କଳା, କଳା ଜଳକ ପାଟି
ହନୁମାନ୍ତ ମୁହଁଟି କଳା, କଳାରାଜାଙ୍କ ହାତୀ ।''

ଅନ୍ୟ ପଦ୍ୟାଂଶଟି ହେଲା–

''ନାଲି ନେଳି ହଳଦିଆ ରଙ୍ଗମାନ ବାଛି
କହିଗଲ ହାତୀଠାରୁ ଟିକିଟିକି ମାଛି ।''

ଅର୍ଥାତ୍, କ୍ଷୁଦ୍ରାତିକ୍ଷୁଦ୍ର ମାଛିଠାରୁ ଆରମ୍ଭ କରି ବିରାଟକାୟ ହାତୀ ପର୍ଯ୍ୟନ୍ତ, ଯେତେ ଜୀବଜନ୍ତୁ ଅଛନ୍ତି; ସମସ୍ତଙ୍କର ରଙ୍ଗ କହିବା ପାଇଁ ଏଠାରେ ପ୍ରଶ୍ନ କରାଯାଇଛି । ଜୀବଜନ୍ତୁମାନଙ୍କର ଆସ୍ପୃହା, ବ୍ୟବହାର, ସ୍ୱଭାବ, ଅଭ୍ୟାସ, ରୂପ, ରଙ୍ଗ ଓ ଆକୃତିକୁ କେନ୍ଦ୍ରକରି ଏମିତି ଅନେକ ଲୋକଗୀତ ଓ ଢଗଢମାଳି ଓଡ଼ିଆ ସାହିତ୍ୟକୁ ଚହଟିମନ୍ତ କରିଛି ।

ଉପ ନିର୍ଦ୍ଦେଶକ
ସାମାଜିକ ବନୀକରଣ ନିର୍ଦ୍ଦେଶାଳୟ, ଓଡ଼ିଶା
୧, ରାଜ ନଗର, ୟୁନିଟ୍-୬
ଭୁବନେଶ୍ୱର-୭୫୧୦୦୧



''ମୁଁ ଏଭଳି ଏକ ଭାରତ ଗଢ଼ିବାକୁ ଚାହେଁ ଯେଉଁଠି
ଜନସାଧାରଣଙ୍କ ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ନ ଥିବ ଓ ଦେଶର
ସବୁ ସମ୍ପ୍ରଦାୟର ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରଖି
ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ
ଉପଲବ୍ଧି କରିବ ଯେ, ଏଇ ଦେଶ ହେଉଛି ତାହାରି ଏବଂ ଏହି ଦେଶ
ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।''

—ଗାନ୍ଧିଜୀ

# ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ

ଶ୍ରୀ ଦୁଃଖୀଶ୍ୟାମ ମହାପାତ୍ର

ଆମ ଅତୀତ ସଭ୍ୟତାର ପୃଷ୍ଠା ଉନ୍ମୋଚନ କଲେ ଦେଖାଯାଏ ଯେ ତାହା ଆଶ୍ରମ ସଭ୍ୟତା ଉପରେ ପ୍ରତିଷ୍ଠିତ ଥିଲା । ଆମର ଅରଣ୍ୟାରଣ୍ୟ, ନୈମିଷାରଣ୍ୟ, ଏକାମ୍ରକାନନ, ଦଣ୍ଡକାରଣ୍ୟ ପ୍ରତ୍ୟେକେ ଜୀବଜନ୍ତୁଙ୍କୁ ଦେଇଥିଲା ଆଶ୍ରୟ ଏବଂ ସେମାନଙ୍କର ଆପ୍ତର ବ୍ୟବହାର ଓ ସେମାନେ ବସବାସ କରୁଥିବା ପରିବେଶର ପ୍ରଭାବରେ ହିଁ ସତ୍ୟ ଅହିଂସାର ଦର୍ଶନ ଜନ୍ମ ନେଇଥିଲା ଅଗଣିତ ମୁନୀ ଋଷିଙ୍କର ପ୍ରାଣରେ । ତାର ଫଳ ସ୍ୱରୂପ ଆମର ସାହିତ୍ୟ, ସଂସ୍କୃତି, ଧର୍ମ, ପୁରାଣ, ଦର୍ଶନ ପ୍ରତ୍ୟେକଟିରେ ସତ୍ୟ, ଅହିଂସା ଫୁଟି ଉଠିଛି । ଆଜି ଆମର ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜା ପ୍ରାଙ୍ଗଣରେ ଅସଂଖ୍ୟ ଜୀବଜନ୍ତୁମାନଙ୍କର ଚିତ୍ର ଶିଳ୍ପୀର ନିହଣ ମୁନରେ ଜୀବନ୍ତ ହୋଇ ଉଠିଛି । ଖାଲି ସେତିକି ନୁହେଁ ଆମର ଦର୍ଶନ ପୁରାଣ ପ୍ରତିଟି ପୃଷ୍ଠାରେ ଏହି ଜୀବଜନ୍ତୁମାନଙ୍କର ଆଦର୍ଶ ପ୍ରତିଫଳିତ ।

ଦିନ ଥିଲା ଆମ ଦେଶ ବଣ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଓ ତହିଁରେ ବାସ କରୁଥିଲେ ଅଗଣିତ ପଶୁପକ୍ଷୀ । ଆମ ଦେଶରେ ଆଜି ପ୍ରାୟ ଦୁଇ ହଜାର ଜୀବଜନ୍ତୁ ଓ ପାଞ୍ଚଶହ ପ୍ରକାରର ପକ୍ଷୀ ଦେଖିବାକୁ ମିଳନ୍ତି । ଅବିଗ୍ଭରିତ ଭାବରେ ଅରଣ୍ୟ ଧ୍ୱଂସ କରାଗଲା ଓ ଅସଂଖ୍ୟ ଜୀବଜନ୍ତୁଙ୍କୁ କରାଗଲା ହତ୍ୟା । ଆଜି ଅନେକ ପଶୁପକ୍ଷୀ ଲୁପ୍ତ ହୋଇ ଯାଇଛନ୍ତି ଓ ବହୁ ଲୋପ ପାଇବା ଉପରେ । ବେଳହୁଁ ସେଗୁଡ଼ିକର ଯଥାବିଧି ସୁରକ୍ଷା କରାନଗଲେ ହୁଏତ ଆମ ଭବିଷ୍ୟତ ବଂଶଧରମାନଙ୍କ ଲାଗି ତାହା ସ୍ୱପ୍ନରେ ପରିଣତ ହୋଇଯାଇପାରେ ।

୧୮୦୪ ମସିହାରେ ବିଦେଶରୁ ଜଗନ୍ନାଥ ଦର୍ଶନ ଲାଗି ପଦଯାତ୍ରାରେ ଆସୁଥିବା ଯାତ୍ରୀମାନେ ବାଲେଶ୍ୱର ଉପକୂଳରେ ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବାର ଜଣାଯାଏ । ଆଜି ସେଠାରେ ଦିଗନ୍ତ ପ୍ରସାରୀ ଶସ୍ୟକ୍ଷେତ୍ର ବିରାଜମାନ । ସେହିପରି ଭୁବନେଶ୍ୱର ନିକଟରେ ଅବସ୍ଥିତ ଏକାମ୍ର କାନନ ଦିନେ ଘଞ୍ଚ ଅରଣ୍ୟ ଥିଲା ଏବଂ ବ୍ୟାଘ୍ର ସିଂହ ଆଦି ସେଠାରେ ବସବାସ କରୁଥିଲେ । ଆଜି କିନ୍ତୁ ତାହା ଧୂସର ମରୁମୃତ୍ତିକାରେ ରୂପାନ୍ତରିତ ହୋଇଛି । ବହୁସ୍ଥାନ ତୃଣହୀନ ।

ମୋଗଲ ଶାସନ କାଳରେ ଦେଶର ପ୍ରତ୍ୟେକ ସ୍ଥାନରେ ବ୍ୟାଘ୍ର, ସିଂହ, ଗଣ୍ଡାର ଇତ୍ୟାଦି ସ୍ୱେଚ୍ଛାରେ ବିଚରଣ କରୁଥିବାର ପ୍ରମାଣ ମିଳେ । ଜଣେ ସମ୍ରାଟ ଗୋଟିଏ ଦିନରେ ପ୍ରାୟ ତିନିଶହ ସିଂହ ଶୀକାର କରିଥିବାର ଉଦାହରଣ ଇତିହାସରେ ବିରଳ ନୁହେଁ । ତାପରେ ଆରମ୍ଭ ହୁଏ ବ୍ରିଟିଶ ଶାସନ । ବିଶ୍ୱ ଯୁଦ୍ଧ ସମୟରେ ଆବିଷ୍କୃତ ହେଲା ଘୋଡାବାରୁଦ ଓ କ୍ଷିପ୍ର ଗତିରେ ଯାତାୟାତ ପାଇଁ ବିଭିନ୍ନ ପ୍ରକାରର ଯାନବାହାନ । ସ୍ପୋର୍ଟସ୍ ପାଇଁ ଶୀକାର କରାଗଲା ନିରୀହ ଜୀବଜନ୍ତୁ ସେମାନଙ୍କର ଅଲକ୍ଷ୍ୟରେ । ସେମାନଙ୍କର ରକ୍ତରେ ବନଭୂମି ହେଲା ରକ୍ତରଞ୍ଜିତ । ଅକ୍ଷମଣୀୟ ସେ ଅପରାଧ । କଳଙ୍କିତ ସେ ଇତିହାସ ଅଧ୍ୟାୟ ।

ଯେଉଁ ଦେଶର ଶିକ୍ଷା, ସଂସ୍କୃତି, ସାହିତ୍ୟ, କୃଷ୍ଟି ସବୁକିଛି ଏହି ବଣ ଅରଣ୍ୟ ଓ ତହିଁରେ ବସବାସ କରୁଥିବା ସୁନ୍ଦର ନିରୀହ ଜୀବ ଜୀବନକୁ ନେଇ ବିକଶିତ ହୋଇ ଉଠିଥିଲା । ଏଇଭଳି ମର୍ମାନ୍ତିକ ବେଦନା ବହୁଳ ଘଟଣାବଳିରେ ତାର ପ୍ରଗତି ବ୍ୟାହତ ହୋଇ ଉଠିଲା । ଯେଉଁ ଦେଶର ମୁନୀଋଷୀଗଣଙ୍କର ଓଁକାର ନାଦ ସତ୍ୟ, ଅହିଂସା, ଆଦର୍ଶ ବିଶ୍ୱକୁ ଶିକ୍ଷା ଦେଇ ଆସିଥିଲା, ହିଂସାର ତାଣ୍ଡବ ଲୀଳାରେ ତାହା ହେଲା ହେୟ ଓ ଘୃଣ୍ୟ । ଏହା ହେଲା ଆମର ଅତୀତ କାହାଣୀ ।

ଯୁଗର ପ୍ରଗତି ପଥରେ ବୁଦ୍ଧ, ମହାବୀରଙ୍କର ସତ୍ୟ ଓ ଅହିଂସା ବାଣୀ ଦେଶବାସୀଙ୍କୁ କରିଥିଲା ସତ୍ୟ ଧର୍ମରେ ଦୀକ୍ଷିତ । ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇ ଥିଲେ । ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, ଲଳିତଗିରି, ରତ୍ନଗିରିର ପ୍ରତିଟି ପ୍ରସ୍ତର ଦେହରେ ସତ୍ୟ, ଅହିଂସାର ସ୍ମାରକୀ ବୌଦ୍ଧତତ୍ତ୍ୱର ମହନୀୟତା ଏବେ ମଧ୍ୟ ପ୍ରସ୍ଫୁଟିତ । ଆମର ଧର୍ମ ପୁରାଣକୁ ବିଶ୍ଳେଷଣ କରାଯାଉ । ଶିବଙ୍କ ସହିତ ସର୍ପ, ଦୁର୍ଗାଙ୍କ ସହିତ ସିଂହ, କାର୍ତ୍ତିକେୟଙ୍କ ସହ ମୟୁର, ଗଣେଶଙ୍କ ସହ ମୂଷିକ, ଲକ୍ଷ୍ମୀଙ୍କ ସହ ହଂସ, ରାମଚନ୍ଦ୍ରଙ୍କ ସହ ହନୁମାନ, ବିଷ୍ଣୁଙ୍କ ସହିତ ଗରୁଡ ପକ୍ଷୀକୁ ସଂଶ୍ଳିଷ୍ଟ କରି ଅପୂର୍ବ ସମନ୍ୱୟ ଅଣାଯାଇଛି । ଏହି ଧର୍ମ ଧ୍ୱଜା ତଳେ ଆଶ୍ରିତ ବହୁ ପଶୁପକ୍ଷୀ ଆଜି ଗଣ ହତ୍ୟାରୁ ବଞ୍ଚିତ ହୋଇ ପାରିଛନ୍ତି । ଜୀବଜଗତରେ ବହୁ ପଶୁ ଶୌର୍ଯ୍ୟ ଓ ସାହାସର ପ୍ରତୀକ ହୋଇଥିବାରୁ ଲୋକେ ନିଜ ନାମ ସହିତ ବାଘ, ସିଂହ ଇତ୍ୟାଦି ବଂଶାନୁଗତିକ ଉପାଧିକୁ ସଂଯୁକ୍ତ କରି ଆସୁଛନ୍ତି ।

ବନ୍ୟ ଜୀବଜନ୍ତୁମାନଙ୍କ ଜୀବନରେ ଅହିଂସା, ଦୟା, କ୍ଷମା, ସହନଶୀଳତା, ନିଷ୍ଠାପରତା, ସମୟାନୁବର୍ତ୍ତିତା ଇତ୍ୟାଦି ବହୁ ବୈଶିଷ୍ଟ୍ୟ ଦେଖିବାକୁ ମିଳେ । ସେମାନଙ୍କର ସୌନ୍ଦର୍ଯ୍ୟ, ବୈଶିଷ୍ଟ୍ୟ ଓ ନିରୀହ ନିରାଭିମାନୀ ଆପ୍ତର ବ୍ୟବହାରରେ ମୁଗ୍ଧ ହୋଇ ଆବାଳ ବୃଦ୍ଧବନିତା ସେମାନଙ୍କ ଆଡକୁ ଆକୃଷ୍ଟ ହୋଇ ଯାଆନ୍ତି । ତେଣୁ ପର୍ଯ୍ୟ

ଚିଡ଼ିଆଖାନା ଅଭୟାରଣ୍ୟଗୁଡ଼ିକରେ ଅସମ୍ଭବ ଧରଣର ଭିଡ ଜମେ । ଯାତ୍ରା ବା ମେଳାରେ ଜୀବଜନ୍ତୁମାନଙ୍କର ଖେଳଣାବହୁ ପରିମାଣରେ ଶିଶୁମାନଙ୍କୁ ଆକୃଷ୍ଟ କରିଥାଏ । କାଷ୍ଠ, ମୃଣ୍ମୟ ଓ ପ୍ରସ୍ତର ନିର୍ମିତ ଏହି ମୂର୍ତ୍ତିଗୁଡ଼ିକ ଲାଗି ବିଦେଶରେ ମଧ୍ୟ ଚାହିଦା କମ୍ ନୁହେଁ । ପଶୁପକ୍ଷୀର ଗଠନ, ଚଳନ, ଦର୍ଶନ, ମିଳନ ପ୍ରତ୍ୟେକଟିରେ ଯେଉଁ ଅଲୌକିକତା ପରିଦୃଷ୍ଟ ହୁଏ ତାହା କବି ମଣିଷ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ବହୁ ଉପମାନ ରୂପେ ବ୍ୟବହାର କରି ସୁନ୍ଦର ସରସ ସାହିତ୍ୟ ସୃଷ୍ଟି କରି ଆସିଛି । ଯେପରିକି ଗଜଗମନ ଏଣୀନୟନ, ହଂସଧ୍ୱନି, କେକାସ୍ୱନ, ସିଂହକଟି, ମୀନନୟନ, ଚକୋରବିଳାପ, ଡାହୁକସ୍ୱନ, ଚକ୍ରବାକ ବିରହ, ମରାଳଙ୍କ ଆଚରଣ, ଚାତକପକ୍ଷୀର ଜଳ ଇତ୍ୟାଦି ବହୁ ଉଦାହରଣ ଆମ ସାହିତ୍ୟକୁ ଅଳଙ୍କାର ବିମଣ୍ଡିତ କରିଛି । ସୁତରାଂ ପଶୁପକ୍ଷୀ ଓ ମଣିଷର ସମ୍ପର୍କ କେତେ ନିଗୁଢ ତାହା ସହଜରେ ଅନୁମେୟ ।

ମଣିଷ ସମାଜ ଭଳି ବୃକ୍ଷଲତା ଜୀବଜନ୍ତୁ ଗୋଟିଏ ଗୋଷ୍ଠୀ ଭିତରେ ପ୍ରକୃତିର ଭାରସାମ୍ୟ ରକ୍ଷା କରି ବଞ୍ଚି ରହନ୍ତି । ପରସ୍ପର ମଣିଷର କଲ୍ୟାଣ ଲାଗି ଉଦ୍ୟମ କରନ୍ତି ଓ ଆମ ଜୀବନ ତଦ୍ୱାରା ବିକାଶ ଲାଭ କରେ । ଯେତେବେଳେ ଭାରସାମ୍ୟ ବ୍ୟାହତ ହୁଏ, ତାହା ମଣିଷର ଆଜସରାକୁ ବିପନ୍ନ କରେ । ମୂଷା କଳ୍ପନାତୀତ ଭାବରେ ବଂଶ ବିସ୍ତାର କରେ । ଯଦି ମୂଷା ସଂଖ୍ୟା ବୃଦ୍ଧି ପାଇବ ତେବେ ମଣିଷର ଉତ୍ପାଦିତ ଶସ୍ୟ ପରିମାଣ ହ୍ରାସ ପାଇଯିବ । ମୂଷା ଖାଇ ସାପ ବଞ୍ଚେ । ସୁତରାଂ ମୂଷା ବଂଶ ବୃଦ୍ଧିକୁ ସଂଯତ କରି ରଖେ ସାପ । ସେହିପରି ସାପକୁ ସଂଯତ କରେ ବାଜପକ୍ଷୀ । ସେହିପରି ହରିଣ ସଂଖ୍ୟା ଅତିଶୟ ମାତ୍ରାରେ ବୃଦ୍ଧି ପାଇଲେ ଶସ୍ୟକ୍ଷେତ୍ର ନଷ୍ଟ ହୁଏ । ବାଘ, ସିଂହ ହରିଣ ଶୀକାର କରନ୍ତି । ହରିଣ ନଥିଲେ ସେମାନେ ଗୃହପାଳିତ ପଶୁ ଓ ମଣିଷକୁ ଗ୍ରାସ କରିଥାଆନ୍ତା । ଅପର ପକ୍ଷରେ ବାଘ, ସିଂହମାନଙ୍କର ବଂଶ ବୃଦ୍ଧିକୁ ବଳିଆ କୁକୁର ସଂଯତ କରି ରଖେ । ଆମ ଶସ୍ୟ କ୍ଷେତକୁ ବହୁ ଝିଣ୍ଟିକା ଓ ପଙ୍ଗପାଳ ଆକ୍ରମଣ କରି ଫସଲ ନଷ୍ଟ କରି ଥାଆନ୍ତି । ପକ୍ଷୀମାନେ ସେମାନଙ୍କୁ ଖାଇଯାଇ ଆମର ଶସ୍ୟକ୍ଷେତ୍ରର ସୁରକ୍ଷା କରନ୍ତି । ଯଦି ପକ୍ଷୀ ସଂଖ୍ୟା ଆଶାତୀତ ଭାବରେ ହ୍ରାସ ପାଇଯାଏ, ଯେଉଁ ପରିସ୍ଥିତି ଉଦ୍‌ଭବ ହେବ ତାହା ସହଜରେ ଅନୁମେୟ । ବୃକ୍ଷଲତା ଓ ଜୀବଗୋଷ୍ଠୀ ପରସ୍ପର ପରିପୂରକ । ସୃଷ୍ଟି ଭିତରେ ଗୋଟିଏ ଅନ୍ୟଟିର କଲ୍ୟାଣ ଲାଗି କାମ କରେ । ବୃକ୍ଷଲତା ଓ ପ୍ରାଣୀ କୃଷିକୁ ସାହାଯ୍ୟ କରି ଆମର ପ୍ରଭୁତ ଉପକାର କରି ଥାଆନ୍ତି । ତେଣୁ ପ୍ରକୃତି ଭିତରେ ଭାରସାମ୍ୟ ଅବିଚ୍ଛେଦ୍ୟ ଭାବରେ ରକ୍ଷିପାରିଲେ ମଣିଷ ସମାଜର କଲ୍ୟାଣ ସାଧନ ହୋଇ ପାରିବ । ବୃକ୍ଷଲତାର ପରିପୁଷ୍ଟି ପାଇଁ ବନ୍ୟ ଜନ୍ତୁର ଆବଶ୍ୟକତା ରହିଛି । ପଶୁପକ୍ଷୀଗୁଡ଼ିକ ପରାଗ ସଙ୍ଗମ ଓ ବୀଜ ବିକ୍ଷେପରେ ସହାୟ ଅଂଶ ଗ୍ରହଣ କରି ବୃକ୍ଷଲତାର ବଂଶ ସେହିପରି ସେମାନଙ୍କର ମଳମୂତ୍ର ପକ୍ଷୀ ଏବଂ ପାଦ ଖୁରା ଦ୍ୱାରା ଅରଣ୍ୟ ମୃତ୍ତିକାର ବିସ୍ତାରରେ ସାହାଯ୍ୟ କରନ୍ତି ଗଠନରେ ପରିବର୍ତ୍ତନ ଆସେ । ସେମାନଙ୍କର ନଖ, ଚମ, ଶିଙ୍ଗ, ଦାନ୍ତ ଓ ପର ଏପରିକି ଚର୍ବି ବହୁ ଔଷଧ ରୂପେ କାମ କରେ ଏବଂ ଅନେକ କୁଟୀର ଶିଳ୍ପକୁ ବଞ୍ଚାଇ ରଖେ । ଆଜି ରିସସ୍ ମଙ୍କି ବା ଏକ ଜାତୀୟ ମାଙ୍କଡକୁ ପ୍ରେରଣ କରାଯାଇ ତା ଉପରେ ଗବେଷଣା କରାଯାଉଛି । ମଣିଷ ଦେହରେ କୌଣସି ଔଷଧ କିଭଳି କାମ କରୁଛି, ଉପଯୋଗ କରିବା ପୂର୍ବରୁ ମାଙ୍କଡ, ଠେକୁଆ, ମୂଷା ଇତ୍ୟାଦି ଦେହରେ ପ୍ରଥମେ ତାହା ପରୀକ୍ଷା କରାଯାଇଥାଏ । ତେଣୁ ବନ୍ୟ ପ୍ରାଣୀଙ୍କୁ ଆମର ଦ୍ୱିତୀୟ ସମ୍ପଦ ରୂପେ ଅଭିହିତ କରାଯିବାରେ ଯଥାର୍ଥ ରହିଛି । ବନ୍ୟଜନ୍ତୁମାନଙ୍କ ଯୋଗୁଁହିଁ ପ୍ରତି ବର୍ଷ ଆମ ଦେଶ ପ୍ରଭୁତ ପରିମାଣରେ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି ।

ମନରେ ସ୍ୱତଃ ଏକ ପ୍ରଶ୍ନ ଜାଗ୍ରତ ହୁଏ । ବନ୍ୟଜନ୍ତୁ ସଂରକ୍ଷଣ କରାଯିବ କାହିଁକି ? ଜଣେ ଜୀବନ ରକ୍ଷାକାରୀ, ଶିକ୍ଷାଦାତା ଅଥବା ମମତାମୟୀ ଅପତ୍ୟ ସ୍ନେହରେ ଆର୍ଦ୍ର ହୃଦୟ ଜନନୀକୁ କେହି କେବେ ହତ୍ୟା କରି ପାରେକି ? ଜୀବେଦୟା ଯଦି ଆମର ପରମ୍ପରା ହୁଏ, ଦିବ୍ୟ ଜୀବନ ଯାପନ ହୁଏ ଆମ ଧର୍ମ ଧ୍ୱଜର ସଙ୍କେତ ଏବଂ ଅହିଂସା ଯୁଗ ଧର୍ମ ମାର୍ଗ ପ୍ରଦର୍ଶକ ବନ ଜୀବନ ଧ୍ୱଂସ କରିବା ସେ ଜାତି ପକ୍ଷରେ ନିନ୍ଦନୀୟ ନୁହେଁ କି ? ଗଞ୍ଜାମ ଜିଲ୍ଲାର ବାଲିପଦର । ଅନାମଧେୟ ଏକ ଗ୍ରାମ । ସେ ଗ୍ରାମବାସୀ ବହୁ ଦିନରୁ ବାଲିହରିଣକୁ ସ୍ନେହ ଶ୍ରଦ୍ଧା ଓ ଆଦର ଦେଖାଇ ଆସିଛନ୍ତି । ସେମାନଙ୍କୁ କେହି ଆକ୍ରମଣ କଲେ ଗ୍ରାମବାସୀ ସମ୍ମିଳିତ ଭାବରେ ତାର ଦୃଢ ପ୍ରତିରୋଧ କରନ୍ତି । ତେଣୁ ବାଲିପଦର ଅଞ୍ଚଳରେ ସ୍ପଷ୍ଟ ଦିବାଲୋକରେ ପଲ ପଲ ଏହି କୃଷ୍ଣସାର ନିର୍ଭୟରେ ବିଚରଣ କରନ୍ତି । ଏପରିକି ଯେ କୌଣସି ସମୟରେ ଧାନ କିଆରୀରେ ଏଗୁଡ଼ିକ ମୁକ୍ତ ଭାବରେ ବିଚରଣ କରୁଥିବାର ଯେ କେହି ଦେଖିପାରିବେ ।

ମୟୂରଭଞ୍ଜ ଜିଲ୍ଲା । ମୟୂର ନାମରେ ନାମିତ । ତଦାନୀନ୍ତନ ମହାରାଜାଙ୍କର ସ୍ନେହ ଓ ଶ୍ରଦ୍ଧାର ପକ୍ଷୀ ମୟୂର । ରାଜପ୍ରାସାଦ ଏବଂ ମହାରାଜାଙ୍କର ସିଂହାସନରେ ମୟୂରର ଚିହ୍ନ ଥିଲା । ମୟୂରଭଞ୍ଜ ଜିଲ୍ଲାରେ ମୟୂର ସମ୍ପୂର୍ଣ୍ଣ ସୁରକ୍ଷିତ । ଏ ପକ୍ଷୀକୁ ଅସମ୍ମାନ ଦେଖାଇ କେହି ହତ୍ୟା କଲେ ଲୋକମାନଙ୍କ ଦ୍ୱାରା ନିନ୍ଦିତ ହୋଇଥାଏ । ତେଣୁ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର ଯେ କୌଣସି ଗ୍ରାମ, ଉପାନ୍ତ ବଣ ଅରଣ୍ୟ ଓ ପଥ ପ୍ରାନ୍ତରେ ଦଳଦଳ ମୟୂର ନୃତ୍ୟରତ ଥିବାର ଦେଖାଯିବ । ସେମାନେ ନିର୍ଭୟରେ ରାସ୍ତା ଉପରେ ଖେଳୁଥିବେ । ଗାଡ଼ି ହର୍ଣ୍ଣ ଦେଲେ ମଧ୍ୟ ସେଗୁଡ଼ିକ ରାସ୍ତା ଛାଡନ୍ତି ନାହିଁ । ସେହିପରି ସ୍ନେହ ଶ୍ରଦ୍ଧା ପାଇ ଅନେକ ଦେବାଳୟ ପାର୍ଶ୍ୱରେ ପାତିମାଙ୍କଡ ନିର୍ଭୟ ହୋଇ ବିଚରଣ କରୁଥିବାର ଅନେକ ଦେଖିଥିବେ ।

କୋଣାର୍କ ମନ୍ଦିର । ସମ୍ବେଦନଶୀଳ ଶିଳ୍ପୀର ନିହଣ ମୁନରେ ଜୀବନ୍ତ ହୋଇ ଉଠିଛି ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ କଳାର ନାଟ୍ୟ ମନ୍ଦିର ଦ୍ୱାରା ଦେଶରେ ତିନୋଟି ଜୀବନର ଯୁଗ୍ମ ମୂର୍ତ୍ତି ଉଭୟ ପାର୍ଶ୍ୱରେ ଅଳଙ୍କୃତ କରୁଛି ପ୍ରବେଶ ଦ୍ୱାରକୁ । ନିମ୍ନରେ ଅସହାୟ ଓ କରୁଣ ଭାବରେ ନିଷ୍ପେଷିତ ମାନବ ମୂର୍ତ୍ତିକୁ ଚାପି ଧରିଛି ଗଜ ଏବଂ ଗଜକୁ ଶତସିଂହର ପରାକ୍ରମରେ ପୋଷଣ କରୁଛି ଏକ ସିଂହର ଉଦ୍ଦାମ ଶରୀର । ଆଧ୍ୟାତ୍ମିକ ଯଥାର୍ଥତା ଯାହା ହେଉନା କାହିଁକି ଏହା ଏକ ସାଙ୍କେତିକ ଚିତ୍ରକଳ୍ପ । ସିଂହ କ୍ଷମତାର ଚିହ୍ନ ଏବଂ ହସ୍ତୀ ଧନର ପ୍ରତୀକ । ଯଦି କୌଣସି ବ୍ୟକ୍ତି ହସ୍ତରେ ଅତି ମାତ୍ରାରେ କ୍ଷମତା ଓ ଧନ ସମନ୍ୱିତ ହୁଏ ସେ ଧ୍ୱଂସ ଆଡକୁ ଟାଣି ହୋଇ ଯାଏ । ଏଥିରୁ ଆମ ପୂର୍ବ ପୁରୁଷ କିଭଳି ନୀତିବାନ ଥିଲେ ସ୍ପଷ୍ଟ ଜଣାପଡେ ।

ମନେପଡ଼େ ସେ ଦିନ ଉଦୟରାଗର ବର୍ଣ୍ଣ ସମାରୋହକୁ ସ୍ୱାଗତ ଜଣାଇ କୂଜନ କରୁଥିବା ବିହଙ୍ଗକୁଳ । କୁମ୍ଭାଟୁଆ ଓ ଟିଆର ଚୀତ୍କାର । ଦୀର୍ଘ ଓ ଗମ୍ଭୀର । ମୟୂରର କେକାରବ ମିଆଓଓ...ମିଆଓଓ । ସୁନ୍ଦର ଚିତ୍ରିତ ନୀଳିମାଭରା ପଙ୍ଖାତୁଲ୍ୟ ପୁଚ୍ଛ । ବିମୁଗ୍ଧ ମୟୂରୀ ଦଳ ମଧ୍ୟରେ ତାନ ବିତାନ ଭରା ନୃତ୍ୟ । ଏ ଦେଶର ମୁନି ଆଶ୍ରମର ଅଙ୍କୁଳା ଚିତ୍ର ।

ପୁଣି ମନେପଡେ ସେ ଦିନର କରୁଣ ଦୃଶ୍ୟ । ଅଣ୍ଡା ଉପରେ ମାତୃତ୍ୱ ତୃଷ୍ଣାରେ ବସିଥିବା ମୟୂରୀ । ଦାବାଗ୍ନିର ଲେଲିହାନ ଶିଖାରେ ସ୍ନିଗ୍ଧ ଧୂସର ପୁଚ୍ଛ ଦହନଜ୍ୱାଳା ଜର୍ଜରିତ । ଅଥଚ ଅର୍ଦ୍ଧଦଗ୍ଧ ଅଣ୍ଡାକେଇଟା ଛାଡ଼ି ଯାଇ ପାରୁନାହିଁ । ଅରଣ୍ୟ ଶ୍ୱାନପଲ ଦ୍ୱାରା ହରିଣ ଆକ୍ରାନ୍ତ ହୋଇଛି । ବାତ୍ସଲ୍ୟ ମମତା ପାଇଁ ନିଜ ଜୀବନକୁ ତିଳତିଳ ଦଗ୍ଧକରି ସନ୍ତାନକୁ ବଞ୍ଚାଇ ପାରିଛି ଅପରିଚିତ ବ୍ୟକ୍ତି ନିକଟରେ ପହଞ୍ଚାଇ ତାହାହିଁ ତାର ଆନନ୍ଦ । ଗୁଳିବିଦ୍ଧ ଗର୍ଭିଣୀ ଶୂକରୀ । ଶେଷଥର ପାଇଁ ଲେହନ କରିଛି ତାର ସଦ୍ୟଜାତ ଶିଶୁ ଶାବକକୁ ଏ ଦୃଶ୍ୟ ଯଦି ପ୍ରାଣ କେନ୍ଦ୍ରକୁ ସ୍ପର୍ଶ କରିପାରେ, ତେବେ ସେ ଦିନ ଶୀକାର କରିବାକୁ ଯାଇଥିବା ଶିକାରୀ କ୍ଷୁଧା ନିବାରଣ ଲାଗି ହରିଣ ଶାବକକୁ ହତ୍ୟା କରୁଥିବା ବ୍ୟାଘ୍ରକୁ ଗୁଳିବିଦ୍ଧ ନ କରି ଉଦାର ହୃଦୟରେ ନୀରବ ଦର୍ଶକ ହୋଇ ଫେରି ଆସିବାରେ ଆଶ୍ଚର୍ଯ୍ୟ କିଛି ନାହିଁ ।

ମନୁଷ୍ୟ ଜୀବନରେ ଯେପରି ସ୍ନେହ, ପ୍ରେମ, ମମତା, ବାତ୍ସଲ୍ୟ ପରିହାସ ଇତ୍ୟାଦିରେ ସମନ୍ୱୟ ଜୀବନକୁ ରସାପ୍ଲୁତ ସୁମଧୁର କରି ତୋଳିଥାଏ, ପଶୁପକ୍ଷୀ ଜୀବନରେ ଅବିକଳ ତାହାହିଁ ଦେଖିବାକୁ ମିଳେ । ତେବେ ମଣିଷ ଜୀବହତ୍ୟା କରେ କାହିଁକି ? ନିଜର କ୍ଷଣିକ ଉତ୍ତେଜନା ପ୍ରଶମିତ କରିବାରେ ଯେଉଁ ଆନନ୍ଦ ଅଛି ତା ପାଇଁ ନା ମାଂସ ପାଇଁ ନିଜର ଜିହ୍ୱା ଲାଳସାକୁ ପରିତୃପ୍ତ କରିବା ଆଶାରେ ? ମାତ୍ର ଆମେ ଭୁଲିଯାଉ

ଯେ ପ୍ରକୃତିର ଭାରସାମ୍ୟ ଅବସ୍ଥାରେ କୁଠାରଘାତ କରି ଆମେ ଆମର ସାର୍ବଭୌମତ୍ବକୁ ଅସ୍ବୀକାର କରୁଛୁ । ନିଜର କ୍ଷତି ସାଧନ କରୁଛୁ । ଅଗଣ୍ୟ ଫସଲ ଉଜାଡ଼ିଦେଇ ଭାବୀ ବଂଶଧରମାନଙ୍କର ନ୍ୟାଯ୍ୟ ଦାବୀରୁ ସେମାନଙ୍କୁ ଉଚ୍ଛେଦ କରୁଛୁ ।ଯେଉଁ ଦେଶର ଗିରିବନ ପ୍ରାନ୍ତର, ମନ୍ଦିର ଦେବାଳୟ ଏବଂ ପ୍ରତିଟି ଗିରି ଗୁମ୍ଫାରେ ସ୍ଥାବର ପାଷାଣ ଅହିଂସାର ଯଶୋଗାନ କରେ, ଯେଉଁ ଦେଶର ପ୍ରତ୍ୟେକ ନାଗରିକ ତାର ଆତିଥ୍ୟ ପରାୟଣତା ଓ ଅଜସ୍ର ଅନୁକମ୍ପା ଲାଗି ବିଶ୍ବଶ୍ରେଷ୍ଠ ସେ ଦେଶରେ ନିରୀହ ଜୀବହତ୍ୟା କେବେ ସ୍ପୃହଣୀୟ ନୁହେଁ । ଏ ଜାତିର ପ୍ରାଣରୁ ଏହା ସ୍ବତଃ ପ୍ରସୂତ ।

ସ୍ବାଧୀନତା ପରେ ଆମ ଦେଶରେ ପଶୁପକ୍ଷୀ ସୁରକ୍ଷା ଲାଗି ଅନେକ ଆଇନ କାନୁନ ପ୍ରଣୟନ କରାଗଲାଣି । ମାତ୍ର ମନୁଷ୍ୟର ବିବେକ ଓ ଗମ୍ଭୀର ଚିନ୍ତାଠାରୁ ବଳି ସଂଯମ ଶୃଙ୍ଖଳା ଆଉ ଥାଇ ପାରେନା । ପ୍ରତ୍ୟେକ ବ୍ୟକ୍ତି କାୟମନୋବାକ୍ୟରେ ବନ୍ୟ ଜୀବ ସଂରକ୍ଷଣ ଦିଗରେ ଯଦି ଚେଷ୍ଟା କରନ୍ତି ତାହା ଏହି ଜାତି ଲାଗି ହେବ ଶ୍ରେଷ୍ଠ ଅବଦାନ ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜୀବନାଦର୍ଶ ସତ୍ୟ ଅହିଂସା ଉପରେ ପରିପୁଷ୍ଟ ହୋଇ ଉଠିଥିଲା ଏବଂ ସେହି ଆଦର୍ଶର ପ୍ଲାବନ ସ୍ରୋତରେ ନିଜକୁ ଝାସ ଦେଇ ଉଠିଥିଲେ ଅନେକ ସତ୍‌କର୍ମୀ । ଆଜି ତାଙ୍କରି ପବିତ୍ର ଜନ୍ମତିଥିରେ ସତ୍ୟ ଅହିଂସାର ଦେଶର ପ୍ରତିଟି ନିକ୍ବଣରେ ମନ୍ଦ୍ରର ଧ୍ବନି କୁଣ୍ଡଳି ସୃଷ୍ଟି କରିଛି । ଯେଉଁ ସତ୍ୟ ଅହିଂସାର ପ୍ରଶସ୍ତି ଅନୁରଣିତ ହୋଇ ଉଠିଛି ସାବରମତୀ ଆଶ୍ରମରେ, ଯେଉଁ ସତ୍ୟ ଅହିଂସାର ଅଖଣ୍ଡ ପୁଲକରେ ଦେଶର ଗଗନ ପବନ ମୁଖରିତ ଓ ପ୍ରଶସ୍ତ ତାରି ପ୍ରେରଣାରେ ଜୀବେଦୟା ନୀତି ଅନୁସରଣ କରି ଆମରି କଲ୍ୟାଣ ଲାଗି ବନ୍ୟ ଜନ୍ତୁର ସୁରକ୍ଷା କରିବା ଆମର ଆଜିର ଶପଥ ହେଉ । ତାହାହିଁ ହେବ ଆମ ଜୀବନ ବିକାଶ ଲାଗି ଏକ ନିର୍ଭର ପ୍ରତିଶ୍ରୁତି ।



'ମୋର-ମୋର ଏକା ନାହିଁ କି, ଆମ ସମସ୍ତଙ୍କ ସ୍ବପ୍ନର ସ୍ବରାଜରେ ଜାତ କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ କିମ୍ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ବରାଜ ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲା ଲୋକଙ୍କ ସ୍ଥାନ ରହିଛି ।'

—ଗାନ୍ଧୀ

# ବାଘ ହାତୀଙ୍କର ଅଭିଭାବକ

ଡଃ ଲାଲା ଅଶ୍ୱିନୀ କୁମାର ସିଂହ

ମୋ' କଥା ଶୁଣି ପ୍ରାୟ ସମସ୍ତେ ହସିଥିଲେ । କେହି କେହି ମୋ' ଆଡକୁ କଣେଇକି ଚାହିଁ ଚୁପ୍ ହୋଇଗଲେ । ସତେ ଯେମିତି ମୁଁ ଗୋଟାଏ ବୁଢ଼ୀ ମନଗଢ଼ା କଥା କହି ଦେଇଥାଏ । ହଁ, ଜଣଙ୍କଠାରୁ ମୁଁ ଠିକ୍ ଶୁଣିଥାଏ—''ହୁଁଃ, ଜଙ୍ଗଲର ଜନ୍ତୁଗୁଡ଼ାକ, ସେମାନଙ୍କ ପାଇଁ ପୁଣି ତତ୍ତ୍ୱାବଧାରକ, ଗାର୍ଡେନ୍ !........''

ଏ ହେଲା ୧୯୭୫ ମସିହା ଡ଼ିସେମ୍ବର ମାସର ଘଟଣା । ମହାନଦୀ କୂଳିଆ ବଉଦ ପାଖର ଛୋଟିଆ ଗାଁଟିଏ, ମଙ୍ଗଳପୁର । ଦିନଯାକ ନଦୀରେ କୁମ୍ଭୀର, କଇଁଛ, ଓଧ ଓ ପକ୍ଷୀ ଖୋଜି, ଦେଖି, ବୁଲିବୁଲି ସନ୍ଧ୍ୟାରେ ଗାଁକୁ ଫେରିଥାଉ । ଦୁଇ ତିନୋଟି ଲଣ୍ଠନ ଜଳେଇ ଏକାଠି ବସି ଗାଁ ଲୋକଙ୍କ ସାଥିରେ ଗପ ହେଉଥାଉ । ଆମ ଦେଶର ବିଭିନ୍ନ ସ୍ଥାନର ବନ୍ୟପ୍ରାଣୀଙ୍କ କଥା ବୁଝାଶୁଝା କରିବା ପାଇଁ ବନ୍ୟଜନ୍ତୁ ଅଭିଭାବକଙ୍କର ସୃଷ୍ଟି କରାଯାଉଥିବା ଶୁଣି ସେ' ଦିନ ଲୋକଙ୍କୁ ପ୍ରଥମେ ବିଶ୍ୱାସ ହୋଇ ନଥିଲା ।

ଏଘଟଣାର କିଛି ବର୍ଷ ପୂର୍ବକୁ ଫେରି ଦେଖିବା ଜାତୀୟ ସ୍ତରରେ କ'ଣ ହୋଇଯାଇଥାଏ ।

ସ୍ୱାଧୀନତାର ସ୍ୱାଦ ଓ ଦାୟିତ୍ୱ ମଧ୍ୟରେ ପାଞ୍ଚ ବର୍ଷ କଟି ଯାଇଥାଏ । ୧୯୫୨ ମସିହାର ସମୟ । ଜାତୀୟ ବନ ନୀତି (ନେସେନାଲ୍ ଫରେଷ୍ଟ ପଲିସି) ପ୍ରଚଳନ ହେଲା । ଅଧ୍ୟାଦେଶ ହେଲା ଯେ ଭାରତର ଶତକଡ଼ା ୩୩ ଭାଗ ସ୍ଥଳ ଜଙ୍ଗଲରେ ଓଡ଼େଇ ହୋଇ ରହିବ । ପାହାଡ଼ିଆ ଅଞ୍ଚଳରେ ଏ ବନାନୀ-ଶାଢୀଟିର ଆୟତନ ଶତକଡ଼ା ୬୦ ଭାଗ ହେବ । ଏହି ବନ ନୀତିରେ ଜଙ୍ଗଲରୁ ଲୋପ ପାଇଯାଉଥିବା ଜୀବଜନ୍ତୁଙ୍କୁ ରକ୍ଷା କରିବା ପାଇଁ ମଧ୍ୟ ଅଧ୍ୟାଦେଶ ହେଲା । ଖାଲି ସୁନ୍ଦର ଘରଟିଏ ହେଲେ କ'ଣ ହେବ, ସେଥିରେ ଯଦି କେହି ରହୁ ନଥିବେ—ସେ ଘରର ଯତ୍ନ ନେବାକୁ, ସେ ଘରକୁ ସଜାଡ଼ି, ବଞ୍ଚାଇ ରଖିବାକୁ ଓ ସମୃଦ୍ଧ କରିବାକୁ ! ଠିକ୍ କରାଗଲା ଯେ, ଭାରତରେ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନର ସୃଷ୍ଟି କରାଯିବ ଏବଂ ସେ ସବୁର ରକ୍ଷଣା-ବେକ୍ଷଣ ପାଇଁ ସ୍ୱତନ୍ତ୍ର ବନ୍ୟ-ପ୍ରାଣୀ ନିୟମ ପ୍ରଚଳନ ହେବ। ସଙ୍ଗେସଙ୍ଗେ ସେଇ ୧୯୫୨ ମସିହାରେ ଭାରତୀୟ ବନ୍ୟପ୍ରାଣୀ ସମିତି (ଇଣ୍ଡିଆନ୍ ବୋର୍ଡ ଫର୍ ୱାଇଲଡ୍ ଲାଇଫ୍) ପ୍ରତିଷ୍ଠା କରାଗଲା । (୧୯୮୦ର ପୁନର୍ଗଠନ ପରେ ପ୍ରଧାନମନ୍ତ୍ରୀଙ୍କ ସଭାପତିତ୍ୱରେ ଏହାର ସଦସ୍ୟ ସଂଖ୍ୟା ୪୮)

ଆଇ.ବି.ଡବ୍ଲ୍ୟୁ.ଏଲ୍.ର ଗଠନ ପରେ ଆସାମ ରିହ୍ନୋ ପ୍ରୋଟେକ୍ସନ୍ ଆକ୍ଟ ୧୯୫୪ ଏବଂ ମଧ୍ୟପ୍ରଦେଶ ନେସେନାଲ୍ ପାର୍କ ବିଲ୍ ୧୯୫୫ସଦୃଶ କେତୋଟି ନୂତନ ନିୟମ ପ୍ରଚଳନ ହେଲା । ୧୯୭୦ ମସିହା ବେଳକୁ ଏଗାରଟି ରାଜ୍ୟ ନିଜ ନିଜର ବନ୍ୟପ୍ରାଣୀ ସଂରକ୍ଷଣ ଅଧିନିୟମ ଲାଗୁ କରିଥା'ନ୍ତି । ଓଡ଼ିଶା, ଉତ୍ତର ପ୍ରଦେଶ ଏବଂ ପଶ୍ଚିମ ବଙ୍ଗ ଇଂରେଜ ଅମଳର ୱାଇଲଡ୍ ଆନିମଲସ୍ ଆଣ୍ଡ ବାର୍ଡସ୍ ପ୍ରୋଟେକ୍ସନ୍ ଆକ୍ଟ ୧୯୧୨ ଉପରେ ନିର୍ଭର କରୁଥା'ନ୍ତି । ଏହାକୁ ଭିତ୍ତି କରି ଓଡ଼ିଶାର ବନ ସଂରକ୍ଷକ ବିଭିନ୍ନ ସମୟରେ ସ୍ଥାନୀୟ ନିୟମ ପ୍ରସ୍ତୁତି ପାଇଁ ଅନୁମୋଦନ କରୁଥିଲେ । ଏହିପରି ଏକ ନିୟମ ବଳରେ ୧୯୬୩ ମସିହା ଅକ୍ଟୋବର ମାସରୁ ମହାନଦୀର ସାତକୋଶିଆ ଗଣ୍ଡରୁ କୁମ୍ଭୀର ଶିକାର କରିବାରେ କଟକଣା ଜାରି କରା ଯାଇଥିଲା ।

ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଅଧିକାରୀମାନଙ୍କ ହାତରେ ପ୍ରକୃତ ଶକ୍ତି ଆସିଥିଲା ୧୯୭୨ରେ, ଯେତେବେଳେ କେନ୍ଦ୍ର ସରକାର ବନ୍ୟପ୍ରାଣୀ ସଂରକ୍ଷଣ ନିୟମ ପ୍ରଣୟନ କଲେ । ଓଡ଼ିଶାରେ ୧୯୭୪ ମସିହା ଅଗଷ୍ଟ ମାସରୁ ଏହି ଅଧିନିୟମଟିକୁ ବନଜୀବନ (ସଂରକ୍ଷଣ) ଓଡ଼ିଶା ନିୟମାବଳୀ ରୂପେ ପ୍ରଚଳନ କରାଗଲା ।

୧୯୭୪ ମସିହା ବେଳକୁ ଓଡ଼ିଶାରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ ହୋଇଯାଇଥାଏ । ୧୯୭୫ ମସିହାରେ କୁମ୍ଭୀର ସଂରକ୍ଷଣ ଯୋଜନା ଆରମ୍ଭ କରାଗଲା । ସେତେବେଳେକୁ ଓଡ଼ିଶାରେ ଯେଉଁସବୁ ଅଭୟାରଣ୍ୟ ବା ଜାତୀୟ ଉଦ୍ୟାନ ଥିଲା ସେଗୁଡ଼ିକ ବିଭିନ୍ନ ବନମଣ୍ଡଳର ବନ ସଂରକ୍ଷକ ନିଜ ନିଜ କ୍ଷମତା ବଳରେ ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନ, ବନ୍ୟଜନ୍ତୁ ସଂରକ୍ଷଣ ନିୟମାନୁଯାୟୀ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ବନ୍ଧୀୟ ସମସ୍ତ ଶାସନ ଓ କାର୍ଯ୍ୟ ପ୍ରଣାଳୀରେ ପରିବର୍ତ୍ତନ ଆସିଲା । ଆଇନ୍, ଶାସନ ଏବଂ ପ୍ରୟୋଗାତ୍ମକ ବିଜ୍ଞାନର ଅଭୂତପୂର୍ବ ମିଳନ ଦେଖାଦେଲା । ଏସବୁ ଦିଗରେ ଦକ୍ଷତା ହାସଲ କରିଥିବା ବା ହାସଲ କରିବାକୁ ଇଚ୍ଛୁକ ଥିବା ବିଭିନ୍ନ ପାହ୍ୟାର ଅଧିକାରୀଗଣ ବିଭାଗୀୟ ଶାସନ ସଚିବ ଅଧୀନରେ କାର୍ଯ୍ୟଭାର ସମ୍ଭାଳିଲେ ।

କେନ୍ଦ୍ର ସରକାର ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ନିର୍ଦ୍ଦେଶକ ପରେ ଯୁଗ୍ମ-ନିର୍ଦ୍ଦେଶକ, ଉପ-ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ରହିଲେ ।

ସେହିପରି ରାଜ୍ୟଗୁଡ଼ିକରେ ମୁଖ୍ୟ ବନ୍ୟପ୍ରାଣୀତତ୍ତ୍ୱାବଧାରକ ଏବଂ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ରହିଲେ । ଭାରତୀୟ ବନ୍ୟଜନ୍ତୁ ବୋର୍ଡ ଢାଞ୍ଚାରେ ରାଜ୍ୟଗୁଡ଼ିକରେ ମଧ୍ୟ ବନ୍ୟପ୍ରାଣୀ ଉପଦେଷ୍ଟା ବୋର୍ଡ ଗଠନ ହେଲା ।

୧୯୭୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରୂପେ ମଧ୍ୟ ଅଧିଷ୍ଠିତ ଥାଆନ୍ତି ।ପରେ ସ୍ୱତନ୍ତ୍ର ଭାବେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭୁବନେଶ୍ୱରରେ କାର୍ଯ୍ୟଭାର ସମ୍ଭାଳିଲେ । ରାଜ୍ୟର ଯେତେ ଟେରିଟୋରିଆଲ୍ ଡି.ଏଫ୍.ଓ. ସମସ୍ତଙ୍କୁ ନିଜନିଜ ବନ ଖଣ୍ଡର ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବୋଲି ଘୋଷଣା କରା ଯାଇଛି । ନିୟମ ଅନୁଯାୟୀ ରାଜ୍ୟରେ ଯେତୋଟି ଅଭୟାରଣ୍ୟ ବା ଜାତୀୟ ଉଦ୍ୟାନର ଘୋଷଣା କରାଗଲା ବା ପ୍ରସ୍ତାବିତ ହେଲା ସେ ସବୁର ଦାୟିତ୍ୱରେ ସ୍ୱତନ୍ତ୍ର ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ନିଯୁକ୍ତ ବା ଚିହ୍ନଟ କରାଗଲା । ଏତଦ୍‌ବ୍ୟତୀତ ନିୟମର ସଂଶୋଧିତ ନିୟମ ଅନୁଯାୟୀ ଜନସାଧାରଣଙ୍କ ମଧ୍ୟରୁ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଚିହ୍ନଟ କରି ସମ୍ମାନିତ କରିବାର ଅନୁମୋଦନ ମଧ୍ୟ ରହିଅଛି ।

ସେଦିନ ସନ୍ଧ୍ୟାରେ ମଙ୍ଗଳପୁର ଗାଁରେ ମୁଁ କଥା ପ୍ରସଙ୍ଗରେ ଏଇ କଥାଗୁଡ଼ିକ କହି ଦେଇଥିଲି ବୋଲି ଗ୍ରାମ ଲୋକେ ପ୍ରଥମେ ନାକ ଟେକି ଦେଇଥିଲେ ବା ଅବିଶ୍ୱାସ କରିଥିଲେ । ରାଜ୍ୟରେ ଏବେ ସମସ୍ତେ ବୁଝିଲେଣି ଯେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ଖବର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବା ନିକଟସ୍ଥ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଜଣାଇବା ଦରକାର । ସ୍ଥାନେସ୍ଥାନେ ଏ ସଚେତନ ଏତେ ବେଶୀ ଯେ କାର୍ଯ୍ୟରତ ମୁଖ୍ୟଙ୍କ ଦପ୍ତରରେ ଆମୋଦଯୁକ୍ତ ପରିବେଶ ପରିଲକ୍ଷିତ ହୁଏ । ଏଇ ଯେମିତି, ଭଦ୍ରଖ କଲେଜ ହତାରେ ହନୁମାଙ୍କଡ଼ଟିଏ ପଶିଗଲେ ମୁଖ୍ୟଙ୍କ ଦପ୍ତର ପୋଷ୍ଟକାର୍ଡରେ ଚିଠି ପାଆନ୍ତି—ଭଦ୍ରଖରେ ମାଙ୍କଡ଼ ଉପଦ୍ରବ ।'

ଆଗକାଳେ ଏଭଳି ମହାପୁରୁଷ ଥିଲେ ଯିଏ ପଶୁ-ପକ୍ଷୀଙ୍କ କଥା ସଠିକ୍ ବୁଝି ପାରୁଥିଲେ । ଏବେବି ସେଭଳି ମହାପୁରୁଷ ଏ ପୃଥିବୀରେ ନାହାନ୍ତି ବୋଲି କହି ହେବନି । ହେଲେ ଏତକ ନିଶ୍ଚୟ କହି ହେବଯେ ଗତ ୧୫/୨୦ ବର୍ଷ ମଧ୍ୟରେ ପଶୁ ପକ୍ଷୀଙ୍କ ଦୁଃଖ ବୁଝିବାକୁ ଏବଂ ଯେଉଁଠାରେ ବନ୍ୟଜନ୍ତୁ ଓ ମାନବ ମଧ୍ୟରେ ପରସ୍ପର ସ୍ୱାର୍ଥ-ବିରୋଧୀ ପରିସ୍ଥିତି ଉପୁଜିଛି ସେ ସବୁର ବିହିତ ସମାଧାନ କରିବାକୁ ସରକାରଙ୍କ ବନ୍ୟପ୍ରାଣୀ ସଂସ୍ଥା ଦୃଢ ସଂକଳ୍ପ ନେଇଛି । ଏହାର ମହାନ ଉଦ୍ଦେଶ୍ୟକୁ ଚିହ୍ନି ସାହାଯ୍ୟ କରିବାକୁ ଦେଶରେ ଅନେକ ଗୁଡ଼ିଏ ବେସରକାରୀ ସଂସ୍ଥା ମଧ୍ୟ ଗଢ଼ି ଉଠିଛି ।

ଦେଶରେ ବର୍ତ୍ତମାନ ପର୍ଯ୍ୟାବରଣ ଚେତନା ଏକ ବୃହତ୍ ତଥା ସକ୍ରିୟ ଆକାର ଧାରଣ କରିଛି । ଯେଉଁ ଚେତନା କେବଳ ପ୍ରକୃତି ବା ଜୀବ ପର୍ଯ୍ୟବେକ୍ଷଣରୁ ଆରମ୍ଭ ହୋଇଥିଲା ତା' ଆଜିଏତେ ବୃଦ୍ଧି ପାଇଛି ଯେ ଦେଶରେ ଦୁଇଶତରୁ ଅଧିକ ବେସରକାରୀ ସଂସ୍ଥା ଗଢ଼ି ଉଠିଛି ଏବଂ ପ୍ରତିବର୍ଷ ଅନେକଗୁଡ଼ିଏ ତତ୍ତ୍ୱମୂଳକ ସମ୍ମେଳନ, ଆଲୋଚନାଚକ୍ର ଏବଂ ଶିକ୍ଷାଗତ ପାଠ୍ୟକ୍ରମ ହେଉଥିବାର ଖବର ଶୁଣିବାକୁ ଓ ପଢ଼ିବାକୁ ମିଳେ ।

ବେସରକାରୀ ବନ୍ୟପ୍ରାଣୀ ସଂସ୍ଥା ଗୁଡ଼ିକର ଏକ ମୁଖ୍ୟ ଭୂମିକା ଆମେ ସେତେବେଳେ ଦେଖିଥାଉଁ ଯେତେବେଳେ ସେମାନେ ସରକାର ଓ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଦୃଷ୍ଟିକୁ ଏଭଳି ଘଟଣା ପ୍ରତି ଆକର୍ଷିତ କରାଇଥାଆନ୍ତି । ଯାହାର ସମାଧାନ ନହେଲେ ବନ୍ୟପ୍ରାଣୀଙ୍କ ସ୍ୱଚ୍ଛନ୍ଦ ଜୀବନ-ଯାପନରେ ବା ବନ୍ୟ-ପ୍ରାଣୀଙ୍କର ଆମ ଭବିଷ୍ୟତ ବଂଶଧାରୀଙ୍କ ପାଇଁ ବଞ୍ଚି ରହିବାରେ ବାଧା ସୃଷ୍ଟି ହେବ । ତେଣୁ ଏଭଳି ସ୍ଥିତିରେ ସେମାନେବି କିଛି କମ୍ ''ଅଭିଭାବକତ୍ୱ''ର ପ୍ରଦର୍ଶନ କରିନଥାଆନ୍ତି !

ଦେଶରେ ଯେଉଁ କେତୋଟି ପ୍ରମୁଖ ଏବଂ ବୃହତ୍ ବେସରକାରୀ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସଂସ୍ଥାଙ୍କ ନାମ ପ୍ରଥମେ ଖିଆଲକୁ ଆସେ ସେମାନେ ହେଲେ, ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ସୋସାଇଟି, ୱାଇଲ୍ଡ ଲାଇଫ୍ ପ୍ରିଜର୍ଭେସନ୍ ସୋସାଇଟି (ଡେରାଡୁନ୍), ୱାର୍ଲଡ୍ ୱାଇଡ୍ ଫଣ୍ଡ ଫର୍ ନେଚର୍-ଇଣ୍ଡିଆ, ସେଣ୍ଟର୍ ଫର୍ ଏନ୍‌ଭିରୋନ୍‌ମେଣ୍ଟାଲ୍ ଏଜୁକେଶନ୍ ଓଫ୍ ଦି ନେହେରୁ ଫାଉଣ୍ଡେସନ୍ ଫର୍ ଡେଭ୍‌ଲପ୍‌ମେଣ୍ଟ (ଅହମଦାବାଦ) ଏବଂ ଇଣ୍ଡିଆନ୍ ଏନ୍‌ଭିରୋନ୍‌ମେଣ୍ଟାଲ୍ ସୋସାଇଟି (ନୂଆଦିଲ୍ଲୀ) । ଏ ଦିଗରେ ଓଡ଼ିଶାର ଦୁଇଟି ସଂସ୍ଥାର ନାମ ନିଆଯାଇ ପାରେ— ନେଚର୍ ଆଣ୍ଡ ୱାଇଲ୍ଡ ଲାଇଫ୍ କନ୍‌ଜର୍‌ଭେସନ୍ ସୋସାଇଟି ଅଫ୍ ଓଡ଼ିଶା ଏବଂ ଓଡ଼ିଶା ଏନ୍‌ଭିରୋନ୍‌ମେଣ୍ଟାଲ୍ ସୋସାଇଟି ।

ଠିକ୍ ଏଇଠି ମୋର ଏତକ ମଧ୍ୟ କହିବା ଉଚିତ୍ ଯେ ବନ୍ୟପ୍ରାଣୀଙ୍କର ଆଉଟି ଏକ ସୁଦୃଢ଼ ଏବଂ ଫଳ-ଦାୟକ ''ଅଭିଭାବକ ଗୋଷ୍ଠୀ'' ରହିଛନ୍ତି । ସେମାନଙ୍କ ସ୍ଥିତି ଆମେ ସମ୍ବାଦପତ୍ରରେ ପାଉଥାଉ । କଥାଟିକୁ ଆଉଟିକେ ସ୍ପଷ୍ଟ କରିଦିଏ—

ଏ ଶତାବ୍ଦୀର ପ୍ରଥମ ଭାଗର ସମ୍ବାଦପତ୍ର ଖୋଲିଲେ ଆମେ ଦେଖୁ ଯେ ସେତେବେଳେ ବନ୍ୟଜନ୍ତୁଙ୍କର ତଥାକଥିତ ହିଂସ୍ରତା ଉପରେ ଗୁରୁତ୍ୱ ଥିଲା ବର୍ତ୍ତମାନ ଏକ ଧାରାରେ ବନ୍ୟପ୍ରାଣୀ-ସମ୍ବାଦ ପ୍ରତି ଅଧିକ ରୁଚି ପରିଲକ୍ଷିତ ହୁଏ ଏବଂ ସାଥେସାଥେ ସେ ସମ୍ବାଦର ପ୍ରକାଶନରେ ଦାୟିତ୍ୱ ଏବଂ ଭାରସାମ୍ୟ-ବୋଧ ''ଅଭିଭାବକତ୍ୱ'' ମଧ୍ୟ ଦୃଷ୍ଟି ଆକର୍ଷଣ କରେ ।

ଆଗେ ଯଦି କେବଳ କୁହାଯାଉଥିଲା ଯେ, 'ଧାନ ଫସଲରେ ବଣୁଆ ହାତୀଙ୍କ ଉପଦ୍ରବ' ଏବେ ସେ ଘଟଣାର ଗବେଷଣାତ୍ମକ ମୂଲ୍ୟାଙ୍କନ ହୋଇ ଲେଖାଯାଉଛି ଯେ 'ବଣୁଆ ହାତୀଙ୍କ ବଂଶାନୁଗତ ବାର୍ଷିକ ସ୍ଥାନାନ୍ତର ଗମନ ପଥରେ ମନୁଷ୍ୟ ବସବାସ ଓ ଧାନ ଫସଲ ମୁଣ୍ଡ ଟେକିଥିବା ଯୋଗୁ ବଣୁଆ ହାତୀ ଓ ଗ୍ରାମବାସୀଙ୍କ ମଧ୍ୟରେ ପରସ୍ପର ସ୍ୱାର୍ଥ ବିରୋଧୀ ପରିସ୍ଥିତି ବିହିତ ପ୍ରତିକାର ନ ହେଲେ ଏ ଅଞ୍ଚଳରୁ ହାତୀ ବଂଶ ଲୋପ ପାଇବାର ସମ୍ଭାବନା' ।

ଠିକ୍ ସେମିତି, 'ମହାବଳ ବାଘ ଦୁଇଟି ଗୋରୁ ମାରିଛି' ସମ୍ବାଦ ସାଥିରେ ଏତକ ମଧ୍ୟ ପଢ଼ିବାକୁ ମିଳୁଛି ଯେ, 'ବୃଦ୍ଧ, ରୁଗ୍ଣ ଗୋରୁଙ୍କୁ ବେଆଇନ୍ ଭାବେ ଅଭୟାରଣ୍ୟ ମଧ୍ୟରେ ଚରାଇ ଛାଡ଼ି ଆସିବାରେ ଦୁଇଟି ଗୋରୁ ମହାବଳ ବାଘର ଶୀକାର ହୋଇଛନ୍ତି ଏବଂ କର୍ତ୍ତୃପକ୍ଷ ଗୋରୁ ମାଲିକଙ୍କୁ ଯଥୋଚିତ କ୍ଷତିପୂରଣ ଦେଇଛନ୍ତି ।'...ପୁଣି ଏତକ ମଧ୍ୟ—'ବାର ବର୍ଷ ହେଲା ଅଭୟାରଣ୍ୟ ଘୋଷିତ ହୋଇଥିଲେ ସୁଦ୍ଧା ସରକାରୀ କଳର ପୂର୍ଣ୍ଣ ଚେଷ୍ଟା ସତ୍ତ୍ୱେ ବନ୍ୟଜନ୍ତୁ ଏବେବି ଅଭୟ ପାଇ ପାରୁ ନାହାନ୍ତି । କର୍ତ୍ତୃପକ୍ଷଙ୍କ ବାରମ୍ବାର ବାରଣ ସତ୍ତ୍ୱେ ଗ୍ରାମବାସୀଙ୍କ ଫିଟ୍ କାଏମ୍—ଫାଟୁଆ ରୋଗରେ ପୀଡ଼ିତ ଗୋରୁଗାଈ ଜବରଦସ୍ତି ଚରାଯାଉଛି— ଅଭୟାରଣ୍ୟର ଗୟଳ, ସମ୍ବର ଓ ମୃଗ ଫାଟୁଆ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଦେଖାଯାଏ' । ଶେଷରେ ଏତକ ମଧ୍ୟ ପଢ଼ିବାକୁ ମିଳୁଛି ଯେ, 'ମଣିଷ ଖିଆ ବାଘ ଜନ୍ମ ହୋଇ ନଥାଏ, ଆମରି ଭୁଲ ଯୋଗୁ ପ୍ରସୁତି ହୋଇଥାଏ ।'

ଏ ସବୁର ସଠିକ୍ ଅନୁଧ୍ୟାନ କଲେ ଜଣାଯାଏ ଯେ ଦିନକରେ ହେଉପଛେ 'ମୂକ' ବନ୍ୟଜନ୍ତୁଙ୍କ ପାଇଁ ସରକାରୀ, ବେସରକାରୀ ଏବଂ ସମ୍ବାଦ ପତ୍ର କ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ ''ଅଭିଭାବକ'' ମାନେ ପରିଶେଷରେ ଆବିର୍ଭାବ ହୋଇଛନ୍ତି ଏବଂ ସେମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ।

ତେବେ ଏତେ ସବୁ ଜାଗରଣ, ଗବେଷଣା, ସରକାରୀ ଆୟୋଜନ ବା ବେସରକାରୀ ଅଭିଭାବକତ୍ୱ ଓ ଉଦ୍‌ବେଗ କାହିଁକି ? ଆମରି ନିଜର ପାଇଁତ ? ଆମରି ବଂଶଧରଙ୍କ ପାଇଁତ ? ମାନବ ଜାତିର ସମୁଚିତ କଲ୍ୟାଣ ଓ ସୁଖ ପାଇଁ ତ ? ତା' ହେଲେ କେଉଁଠି କ'ଣ ଅଘଟ ହେଉଛି ? ସମସ୍ତେ କାହିଁକି ସମସ୍ୱରରେ କହୁ ନାହାନ୍ତି ଯେ ବନ୍ୟଜନ୍ତୁ ଓ ତାଙ୍କ ବାସସ୍ଥଳୀର ସଂରକ୍ଷଣ କରିବା ? ସବୁରି ମୂଳରେ ରହୁଛି ଆମ (ଅର୍ଥାତ୍ ''ମାନବସମାଜ'' ବିଧ୍ୟୋଗ ''ଆମମାନଙ୍କ ପରି କେତେକ ଅଭିଭାବକ'') ମାନଙ୍କର ଦୂରଦୃଷ୍ଟି ହୀନତା । ଅଧିକାଂଶ ଲୋକ ବୁଝି ପାରୁ ନାହାନ୍ତି ଯେ ସେମାନେ ଯଦି ବର୍ତ୍ତମାନ ଏ ବନ୍ୟପ୍ରାଣୀ ସଂରକ୍ଷଣର ମହତ୍ ଆନ୍ଦୋଳନରେ ଭାଗ ନ ନେବେ ତେବେ ଭବିଷ୍ୟତରେ ତାଙ୍କଠି

ପିଲାଏ ପ୍ରତି ଆଙ୍ଗୁଳି ଦେଖାଇ କହିବେ, ହେ ଅତୀତ, ତମରି ଦୂରଦୃଷ୍ଟିହୀନତା ଯୋଗୁ ଆମେ ଆଜି ଅନେକ କିଛିରୁ ବଞ୍ଚିତ !

କଥାଟା ଯେତେ କଟୁ ହେଲେ ମଧ୍ୟ ଏହା ନିରାଟ ସତ୍ୟ ଯେ, ଏ ସୃଷ୍ଟିର ସବୁକିଛିରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ମଣିଷହିଁ ଉପକୃତ ହୋଇଥାଏ । କାରଣ ଏ ସୃଷ୍ଟିର ମଣିଷହିଁ ହେଉଛି ଏକ ସର୍ବଜ୍ଞ, ସର୍ବଶ୍ରେଷ୍ଠ, ସର୍ବବୁଦ୍ଧିମାନ । ସେ ଚାହେଁ ସୃଷ୍ଟିର ସବୁ କିଛିକୁ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବିନିଯୋଗ କରିବ ।

ବନ୍ୟଜୀବ ବା ସେ ଜୀବ-ଜାତ ଦ୍ରବ୍ୟମାନ ବାଣିଜ୍ୟରେ ବର୍ଷବର୍ଷ ଧରି ବ୍ୟବହାର ହୋଇ ଆସୁଛି । ଏ ପ୍ରକାରର ବାଣିଜ୍ୟ ଯେଉଁ ସ୍ଥଳରେ ନିୟନ୍ତ୍ରିତ ହୋଇ ରହି ନ ପାରିଛି ସେ ସ୍ଥଳରେ ବନ୍ୟ ପ୍ରାଣୀଙ୍କ ବଂଶ ଲୋପ ପାଇଛି ବା ଲୋପ ହେବା ପରି ପରିସ୍ଥିତି ଉପୁଜିଛି । ୱାଇଲ୍ଡ ଲାଇଫ୍ (ପ୍ରୋଟେକ୍ସନ୍) ଆକ୍ଟ, ୧୯୭୨ କୁ ଅଧିକ ଫଳପ୍ରଦ କରିବା ପାଇଁ ଏବଂ ବେଆଇନ୍ ବା ନିର୍ବିଘ୍ନର ବାଣିଜ୍ୟକୁ ବନ୍ଦ କରିବା ପାଇଁ ଆହୁରି ଦୁଇଟି ଜାତୀୟ ସ୍ତରର ଆଇନ୍ ରହିଛି— ୱାଇଲ୍ଡ ଲାଇଫ୍ (ଟ୍ରାନ୍ସଆକ୍ସନ ଆଣ୍ଡ ଟକ୍ସିଡର୍ମି) ରୁଲ୍ ୧୯୭୩ ଏବଂ ୱାଇଲ୍ଡ ଲାଇଫ୍ (ଷ୍ଟକ୍ ଡିକ୍ଲାରେସନ୍) ରୁଲ୍ ୧୯୭୩ । ଆନ୍ତର୍ଜାତିକ ସ୍ତରରେ ମଧ୍ୟ ପ୍ରାୟ ୧୦୦ ରାଷ୍ଟ୍ରମାନଙ୍କ ମଧ୍ୟରେ ବନ୍ୟପ୍ରାଣୀ ବାଣିଜ୍ୟ ନିୟନ୍ତ୍ରଣ ସମ୍ବନ୍ଧରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି । ୧୯୭୬ ମସିହାରେ ଭାରତ ଏଥିରେ ଯୋଗଦେଲା । ଏଇଟି ହେଉଛି ସାଇଟିସ୍ (କନ୍‌ଭେନ୍‌ସନ୍ ଅନ୍ ଇଣ୍ଟରନ୍ୟାସନାଲ୍ ଟ୍ରେଡ୍ ଇନ୍ ଏନ୍‌ଡେନ୍‌ଜର୍ଡ ସ୍ପେସିଜ୍ ଅଫ୍ ୱାଇଲ୍ଡ ଫଉନା ଆଣ୍ଡ ଫ୍ଲୋରା) ।

ଏ ସବୁ ନିୟମକୁ କଡାକଡ଼ି ଭାବେ ଯେପରି ପାଳନ କରାଯାଏ ସେଥିପାଇଁ ସମସ୍ତ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଭାରତ ସରକାରଙ୍କର ଚାରୋଟି ପ୍ରାନ୍ତୀୟ ବନ୍ୟପ୍ରାଣୀ ନିର୍ଦ୍ଦେଶାଳୟ ସଜାଗ ରହିଥା'ନ୍ତି । ସମୟ ସମୟରେ ସେମାନଙ୍କୁ ଖୁବ୍ ବିପଦ ସଙ୍କୁଳ ରାସ୍ତାରେ ଯିବାକୁ ପଡ଼ିଥାଏ, ଯେଉଁଥିରେ ଚୋରା ବେପାରୀଙ୍କ ହାତରେ ନିଜର ବା ନିଜ ସହକର୍ମୀମାନଙ୍କର ପ୍ରାଣ ଯିବାର ମଧ୍ୟ ଦୃଷ୍ଟାନ୍ତ ରହିଛି ।

ଏ ସବୁ କଡ଼ାକଡ଼ି ନିୟମ ଦ୍ୱାରା ଯେ ସରକାର ବନ୍ୟପ୍ରାଣୀର ବିନିଯୋଗ ସଂପୂର୍ଣ୍ଣ ବନ୍ଦ କରିବାକୁ ଚାହୁଁଛନ୍ତି ତା' ନୁହେଁ, ଏସବୁ ନିୟମ ଦ୍ୱାରା ବନ୍ୟଜନ୍ତୁ ସଂପଦକୁ ଏକ ନବୀକରଣ- ଯୋଗ୍ୟ ପ୍ରାକୃତିକ ସଂପଦ ରୂପେ ବଂଶାନୁକ୍ରମେ ବଞ୍ଚାଇ ରଖିବାକୁ ଉଦ୍ୟମ କରାଯାଉଛି ।

ବନ୍ୟପ୍ରାଣୀ ସମ୍ପଦର ଆମୋଦ ଦାୟକ ମୂଲ୍ୟ ଅନେକ ବେଶୀ । ଯାହାକୁ ଜଣେ କେବଳ ଅନୁଭବ କରିପାରିବ । ବିଭିନ୍ନ ଅଭୟାରଣ୍ୟ ଓ ଉଦ୍ୟାନକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହେଉଛି ଏକମାତ୍ର ମାନ ଯାହାଦ୍ୱାରା ଏ ଆମୋଦ-ଦାୟକ ମୂଲ୍ୟକୁ କିଛି ଅଂଶରେ ମପା ଯାଇ ପାରିବ । ପର୍ଯ୍ୟଟନ ଦୃଷ୍ଟିକୋଣରୁ ଜଣେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ଏକ ଦିଗରେ ସେ ସଦା ସଚେତନ କିପରି ବନ୍ୟପ୍ରାଣୀମାନେ ଶାନ୍ତିରେ ରହିବେ, ପର୍ଯ୍ୟଟକଙ୍କ ଦ୍ୱାରା ଅଯଥା ଉତ୍ପୀଡ଼ିତ ହେବେ ନାହିଁ । ଅନ୍ୟ ଦିଗରେ ସେ ଖୁବ୍ ଇଚ୍ଛୁକ ଯେ ପର୍ଯ୍ୟଟକମାନେ ଅନେକ ଜନ୍ତୁ ଦେଖନ୍ତୁ, ଜନ୍ତୁମାନଙ୍କ ବାସସ୍ଥଳୀର ସୌନ୍ଦର୍ଯ୍ୟ ଉପଭୋଗ କରନ୍ତୁ ଏବଂ ଅଭୟାରଣ୍ୟର ପ୍ରଶଂସା କରନ୍ତୁ ।

ଏଇଠି ଏକ ଛକି-ରାସ୍ତାରେ ଠିଆ ହୋଇ ବନ୍ୟପ୍ରାଣୀଙ୍କର ଏଇ ସରକାରୀ ଅଭିଭାବକ ସଦାସର୍ବଦା ପର୍ଯ୍ୟଟକ ମାନଙ୍କର ସହଯୋଗ କାମନା କରିଥା'ନ୍ତି । ସଦାସର୍ବଦା ସେ ଏଇ କଥା ଉପରେ ଜୋର ଦେଇଥା'ନ୍ତି ଯେ, ଏ ଜଙ୍ଗଲ ହେଉଛି ବନ୍ୟ ପ୍ରାଣୀଙ୍କର ବାସସ୍ଥଳୀ । ଏଠାକୁ ଆସୁଥିବା ପର୍ଯ୍ୟଟକ ହେଉଛନ୍ତି ଜଣେ ଜଣେ ଅତିଥି ସଦୃଶ । ପର୍ଯ୍ୟଟକଙ୍କୁ ପ୍ରଥମେ ଏ ଜଙ୍ଗଲର ବନ୍ୟପ୍ରାଣୀ ମାନଙ୍କର ସୁଖ ସୁବିଧା ପ୍ରତି ଦୃଷ୍ଟି ଦେବାକୁ ହେବ । ମଣିଷ ତା'ର ବାସଗୃହ ଜଙ୍ଗଲ ଭିତରେ ବା ସହର ମଧ୍ୟରେ ଯେଉଁଠି ହେଲେ ତିଆରି କରି ରହିପାରିବ ମାତ୍ର ବନ୍ୟଜନ୍ତୁ ଜଙ୍ଗଲ ବାହାରେ ଆଉ କେଉଁଠି ରହି ପାରିବେନି । ଚିଡ଼ିଆଖାନାରେ ସେ ସ୍ୱାଚ୍ଛନ୍ଦ୍ୟ ନାହିଁ । ପ୍ରତ୍ୟେକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଏଇଆ ଚାହିଁଥା'ନ୍ତି ଯେ ପ୍ରତ୍ୟେକ ପର୍ଯ୍ୟଟକ ନିଜ ନିଜକୁ ଏ ବନ୍ୟପ୍ରାଣୀଙ୍କର "ଅଭିଭାବକ" ମନେ କରନ୍ତୁ ।

କାର୍ଯ୍ୟରତ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ବା ଅଭିଭାବକଙ୍କର ଆଉ ଗୋଟିଏ ଚେହେରା ଅଛି । ସେଇଟି ହେଲା କାନ୍ଧରେ ଗୋଟିଏ ଫିଲ୍ଡ-କିଟ୍ ଥିବା ବ୍ୟାଗ୍, ବେକରେ କ୍ୟାମେରା ଓ ଦୂରବୀକ୍ଷଣ ଯନ୍ତ୍ର ଏବଂ ପକେଟରେ ନୋଟ୍ ବୁକ୍ ଓ କଲମ । କିଟ୍ ବ୍ୟାଗ୍‌ରେ ଥାଏ ଗୋଟିଏ ମାପ ଫିତା, କାଚ-ସ୍ଲେଟ୍, କିଛି ପ୍ଲାଷ୍ଟର-ଅଫ୍-ପ୍ୟାରିସ୍ ଗୁଣ୍ଡ, କିଛି ଟ୍ରେସିଂ କାଗଜ, କିଛି ପ୍ଲାଷ୍ଟିକ୍ ମୁଣି, ଗୋଟିଏ ସ୍ପ୍ରେର ବଟଲ ଏବଂ ଆହୁରି କେତେ କ'ଣ । ସମୟ ସମୟରେ ସାଥିରେ ଥାଏ ପକ୍ଷୀ ଚିହ୍ନଟ କରିବା ପାଇଁ ଗୋଟିଏ ଗାଇଡ୍ ବହି ।

ତେବେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କ'ଣ ଜଣେ ବିଦ୍ୟାର୍ଥୀ ? ହଁ, ସେ ଏକ ସଙ୍ଗେ ଜଣେ ବିଦ୍ୟାର୍ଥୀ ଓ ଅଧ୍ୟକ୍ଷ ମଧ୍ୟ । କୌଣସି ଗୋଟିଏ ବିଷୟରେ ନିଜେ ଅଧ୍ୟୟନ କରୁଥିବା ସମୟରେ ସେ ଜଣେ ବିଦ୍ୟାର୍ଥୀ ଗବେଷକ । ଯେତେବେଳେ ସେ ନିଜ ସହକର୍ମୀବୃନ୍ଦଙ୍କୁ ଶିକ୍ଷା ପ୍ରଦାନ କରନ୍ତି ବା କର୍ମୀବୃନ୍ଦଙ୍କର କ୍ଷେତ୍ର-ପର୍ଯ୍ୟବେକ୍ଷଣରୁ ଆସିଥିବା ତଥ୍ୟ ସବୁକୁ କର୍ମୀବୃନ୍ଦଙ୍କ ସହ ବସି ସଂଗଠିତ ଓ ବିଶ୍ଲେଷଣ କରନ୍ତି ସେତେବେଳେ ସେ ଜଣେ ଅଧ୍ୟକ୍ଷ । ଯେତେବେଳେ ସେ ନିଜ କ୍ଷେତ୍ରରେ ଗବେଷକମାନଙ୍କ ସମ୍ମିଳନୀ ଡାକନ୍ତି, ଗବେଷଣାର ତଥ୍ୟ ଉପରେ ନିଜେ ଖୁବ୍ ଅନୁଧ୍ୟାନ କରନ୍ତି, ଗବେଷଣାର ଦିଗ ସଜାଡନ୍ତି ସେତେବେଳେ ସେ ଅନୁସନ୍ଧାନ ନିର୍ଦ୍ଦେଶକ ।

ନିୟମ ରହିଛି ଯେ ଅଭୟାରଣ୍ୟ ବା ଜାତୀୟ ଉଦ୍ୟାନ ଘୋଷିତ ହେବାପରେ ସେଥିରେ ବସବାସ କରୁଥିବା ଲୋକଙ୍କୁ ଏ ନିର୍ଦ୍ଦିଷ୍ଟାଞ୍ଚଳ ବାହାରେ ଥଇଥାନ କରାଯାଇ ପାରିବ । ଠିକ୍ ଏଇଠି ଆମେ ଦେଖୁ ଯେ ଏଇ ହାତୀ-ବାଘଙ୍କର ଅଭିଭାବକ ଜଙ୍ଗଲ ଅଧିବାସୀଙ୍କର ଅଭିଭାବକ ମଧ୍ୟ । ଭାବ ପ୍ରବଣ ହୋଇ ଖାଲି ବନ୍ୟଜନ୍ତୁଙ୍କ ସୁବିଧାକୁ ଆଖି ଆଗରେ ରଖି ସେ ଅଭୟାରଣ୍ୟର ବାସିନ୍ଦାମାନଙ୍କୁ ତଡ଼ି ଦିଅନ୍ତି ନାହିଁ । କେତେ ଆଲୋଚନା, କେତେ ବିବେଚନା ଏବଂ କେତେ ମତାମତ ପରେ ଯାଇ ପୁନରୁତ୍ଥାନ ପାଇଁ ସ୍ଥାନ ନିରୂପଣ କରାଯାଏ ଏବଂ ଉଚିତ୍ କ୍ଷତି ପୂରଣ, ଉଚିତ୍ ପ୍ରବନ୍ଧ ପରେହିଁ ଲୋକମାନଙ୍କୁ ନୂତନ ସ୍ଥାନରେ ଥଇଥାନ କରାଯାଏ । ତେଣୁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଜଣେ ସମାଜ-ତତ୍ତ୍ୱବିତ୍ ମଧ୍ୟ ।

ଜୀବ ଥିଲେ ରୋଗ ଥାଇ । ଏଇଟା ସୃଷ୍ଟିର ନିୟମ ଯେ ଦୁର୍ଗୁଣ ତଥା ବଂଶାନୁକ୍ରମିକ କ୍ଷୀଣ ପ୍ରାଣୀମାନେ ପ୍ରାକୃତିକ ଉପାୟରେ ହିଁ ଲୋପ ପାଇଥା'ନ୍ତି । ପ୍ରକୃତି ସେମାନଙ୍କୁ ବଂଶ ବୃଦ୍ଧିରେ ଭାଗନେବାକୁ ଦିଏ ନାହିଁ । ତଥାପି କେତେକ ସ୍ଥଳରେ ବନ୍ୟପ୍ରାଣୀମାନେ ଦୁର୍ଘଟଣାର ସମ୍ମୁଖୀନ ହୋଇ ରୋଗାକ୍ରାନ୍ତ ହୋଇଥା'ନ୍ତି । ଏପରି ପରିସ୍ଥିତିରେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରାଣୀମାନଙ୍କର ବିହିତ ଚିକିତ୍ସାର ପ୍ରବନ୍ଧ କରିଥାଅନ୍ତି । ଜଙ୍ଗଲରେ ଖୋଲାରେ ବୁଲୁଥିବା ଜୀବଙ୍କୁ ଧରିବା ଏବଂ ସେମାନଙ୍କର ଚିକିତ୍ସା କରିବା କିଛି ସହଜ ବ୍ୟାପାର ନୁହେଁ । ତଥାପି ସମୟ ସମୟରେ ତତ୍ତ୍ୱାବଧାରକଙ୍କ ଚିକିତ୍ସା ଜ୍ଞାନର ପରିଚୟ ଦେଖିବାକୁ ମିଳିଥାଏ । ଆଜିକାଲି ପ୍ରାୟ ସମସ୍ତ ଅଭୟାରଣ୍ୟ ଏ ଜାତୀୟ ଉଦ୍ୟାନରେ ଜଣେ ଲେଖା ପଶୁ-ଚିକିତ୍ସକଙ୍କୁ ମଧ୍ୟ ନିଯୁକ୍ତି ଦିଆ ଯାଉଛି । ତଥାପି ଜଣେ ଲେଖା ପଶୁ-ଚିକିତ୍ସକଙ୍କୁ ମଧ୍ୟ ... ତତ୍ତ୍ୱାବଧାରକ ଟ୍ରାଙ୍କୁଲାଇଜେସନ୍ ଇତ୍ୟାଦି କୌଶଳରେ ମଧ୍ୟ ନିଜକୁ ସଚେତନ ରଖିଥା'ନ୍ତି । ଅଭୟାରଣ୍ୟମାନଙ୍କରେ ଆବଶ୍ୟକ ଅନୁଯାୟୀ ମଞ୍ଚା-ଘର(ୱାଚ୍ ଟାୱାର୍), ହାଇଡ୍, ପାଣି ବନ୍ଧ, ପୋଲ ଓ ରାସ୍ତା ଇତ୍ୟାଦି ତିଆରି କରାଇବାକୁ ହୋଇଥାଏ । ସେପରି ସ୍ଥଳେ, ତତ୍ତ୍ୱାବଧାରକ ଯେ ଜଣେ କୁଶଳୀ ଯନ୍ତ୍ରୀ ମଧ୍ୟ ହୋଇ ପାରନ୍ତି ତା' କଳ୍ପନା କରିହୁଏ । ଆଜିକାଲି ଅଧିକାଂଶ ଅଭୟାରଣ୍ୟରେ ୱାୟାରଲେସ୍, ଟେଲିଫୋନ୍, ୱାକି-ଟକି ଇତ୍ୟାଦିର ବ୍ୟବହାର ବୃଦ୍ଧି ପାଉଛି । ତା ସାଥେସାଥେ ଜନ୍ତୁମାନଙ୍କ ଗତିବିଧି ଲକ୍ଷ୍ୟ କରିବା ପାଇଁ ରେଡ଼ିଓ-ଟ୍ରାନ୍ସମିଟରର ବ୍ୟବହାର ମଧ୍ୟ ପ୍ରଚଳନ କରାଯାଉଛି । ଏତେ ସବୁ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ସମୟରେ ଅଭୟାରଣ୍ୟର କର୍ତ୍ତୃପକ୍ଷ ଅର୍ଥାତ୍

ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ନିଜକୁ ସେ ସବୁ ଯନ୍ତ୍ରପାତିର କ୍ରିୟା-କୌଶଳ ତଥା ସାମାନ୍ୟ ମରାମତି ଦିଗରେ ମଧ୍ୟ ଅବଗତ ରଖାଉଥା'ନ୍ତି ।

ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କର ଆହୁରି ଅନେକ ଗୁଣର ପରିଚୟ ମିଳେ । ସେଥି ମଧ୍ୟରୁ ଦୁଇଟି ହେଲା–ଫଟୋଗ୍ରାଫି ତଥା ଟାର୍କିଡ଼ର୍ମି ସମ୍ବନ୍ଧୀୟ ଜ୍ଞାନ ଏବଂ ଗାଡ଼ି-ମଟର ଯନ୍ତ୍ରପାତିର ଅନ୍ତତଃ କିଛିଟା କାମଚଳା ଜ୍ଞାନ ।

ଏ ଯାଏ ଆମେ ଦେଖିଲେ ଯେ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଜଣେ ସାଧାରଣ ଅଭିଭାବକ ନୁହନ୍ତି । ଏକାଧାରରେ ସେ ଜଣେ ଡାକ୍ତର, ଇଞ୍ଜିନିୟର୍, ଫଟୋଗ୍ରାଫର୍, ମଟର୍ ମେକାନିକ୍, ଓ୍ୱାର୍‌ଲେସ୍ ଟେକ୍‌ନିସିଆନ୍, ସମାଜ ତତ୍ତ୍ୱବିତ୍ ଏବଂ ଅନୁସନ୍ଧାନ ନିର୍ଦ୍ଦେଶକ ତଥା ଲେଖକ ଓ ଆହୁରି ଅନେକ କିଛି ।

ଏତାଲି ଗୁଣ-ସମ୍ପନ୍ନ ଅଧିକାରୀ କେଉଁଠୁ ଆସନ୍ତି ? ପ୍ରାୟ ପ୍ରତ୍ୟେକ ସ୍ଥଳରେ ବନ୍ୟପ୍ରାଣୀଙ୍କ ପ୍ରତି ଥିବା ସ୍ନେହ ବା ଶ୍ରଦ୍ଧା ଏକ ଜନ୍ମଗତ ପ୍ରବୃତ୍ତି ଯାହାକି ଆପେ ଆପେ ସମୟ ଆସିଲେ ପ୍ରକଟିତ ହୋଇଥାଏ । ଏହା ବ୍ୟତୀତ ବିଭିନ୍ନ ପାଠ୍ୟକ୍ରମ ଜରିଆରେ ବୈଷୟିକ ଜ୍ଞାନ ଯୋଗାଇବା ପାଇଁ ବନ-ଅନୁସନ୍ଧାନ ସଂସ୍ଥା ଏବଂ ଭାରତୀୟ ବନ୍ୟ ପ୍ରାଣୀସଂସ୍ଥା (ୱାଇଲ୍‌ଡ଼ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ) ଡେରାଡୁନ୍‌ରେ ବିଦ୍ୟମାନ । ୧୯୭୮ରୁ ୧୯୮୮ ପର୍ଯ୍ୟନ୍ତ ହାଇଦ୍ରାବାଦ୍‌ଠାରେ ମଧ୍ୟ ଭାରତ ସରକାରଙ୍କର ଏକ ଶିକ୍ଷା ସଂସ୍ଥା ଖୋଲା ଯାଇଥିଲା । ଏହା ଗତ ଜୁଲାଇ ମାସରୁ ଡେରାଡୁନ୍‌ସ୍ଥିତ ଶିକ୍ଷା ସଂସ୍ଥା ସହିତ ମିଶି ଯାଇଛି ।

ହାଇଦ୍ରାବାଦସ୍ଥିତ ବନ୍ୟପ୍ରାଣୀ ଶିକ୍ଷା ସଂସ୍ଥାର କାମଚଳା-ନିର୍ଦ୍ଦେଶକ ରୂପେ ଅବସ୍ଥାପିତ ଥିବା ସମୟରେ ଆନ୍ଧ୍ରପ୍ରଦେଶର ବିଶିଷ୍ଟ ବନ୍ୟପ୍ରାଣୀବିତ୍ ଏବଂ ସଂସ୍ଥାର ପ୍ରଥମ ନିର୍ଦ୍ଦେଶକ ଶ୍ରୀ ପୁଷ୍ପ କୁମାର ମାଥୁରଙ୍କ ସହ ଅଧିକାଂଶ ସମୟରେ ଆଲୋଚନା ହୋଇଥାଏ । ଥରେ ସେ ଖୁବ୍ ଚିନ୍ତିତ ହୋଇ କହିଥିଲେ, ''ଆମେ ଏତେ ଅଧିକାରୀଙ୍କୁ ଟ୍ରେନି ଦେଉଛେ ଅଥଚ ଖୁବ୍ କମ୍ ଅଫିସର୍ ଏ ଯାବତ୍ ଅଭୟାରଣ୍ୟମାନଙ୍କରେ ଅବସ୍ଥାପିତ ଅଛନ୍ତି । ....କହାଁ ଗୟେ ଓହ ଲୋଗ୍ ? ....ହୁଁ, ଏତିକି ସାନ୍ତ୍ୱନା ଯେ ସେମାନେ ଯେଉଁଠି ଥିଲେବି ନିଜକୁ ବନ୍ୟପ୍ରାଣୀଙ୍କ ଅଭିଭାବକ ମନେ କରୁଥିବେ ।''

୧୯୮୧ରୁ ୧୯୮୭ ମସିହା ମଧ୍ୟରେ ସାଢ଼େ ଛଅ ବର୍ଷରୁ ଊର୍ଦ୍ଧ୍ୱ ସମୟ ଓଡ଼ିଶା ବାହାରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଅଧ୍ୟାପନା ଓ ଅନୁସନ୍ଧାନରତ ଥିବା ସମୟରେ ଆଣ୍ଟାର୍କଟିକାକୁ ବାଦ୍ ଦେଇ ଅନ୍ୟ ସବୁ ମହାଦେଶକୁ ଯିବାର ସୁଯୋଗ ପାଇଛି । ଉତ୍ତର ଆମେରିକା, ଆଫ୍ରିକା, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆମେରିକାର ବନ୍ୟପ୍ରାଣୀବିତ୍ ଏବଂ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ସହିତ ନିବିଡ଼ ଭାବେ ମିଶିଛି । ସେମାନଙ୍କ କାର୍ଯ୍ୟ ପ୍ରଣାଳୀ, ସୁବିଧା ସୁଯୋଗ ଇତ୍ୟାଦିକୁ ଦେଖିଛି ଓ ଆମ ଦେଶରେ ମିଳୁଥିବା ସ୍ଥିତି ସହିତ ତୁଳନା କରିଛି ଏବଂ ଅଧ୍ୟାପନା ସମୟରେ ଅଧ୍ୟାୟୀ ଅଧିକାରୀଙ୍କ ସହ ଆଲୋଚନା କରିଛି ।

ଯାହା ହେଲେବି , ଆମ ଦେଶ ପାଇଁ ସକ୍ରିୟ ବନ୍ୟପ୍ରାଣୀ ପରିଚାଳନା ହେଉଛି ଅପେକ୍ଷାକୃତ ନୂଆ । ଦେଶରେ ଯେଉଁ କେତେ ଜଣ ଅକୃତ୍ରିମ (ସିନ୍‌ସିୟର୍) ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅଛନ୍ତି ସେମାନଙ୍କ କାର୍ଯ୍ୟଭାରର ଦାୟିତ୍ୱ ତୁଳନାରେ, ଜନସାଧାରଣଙ୍କଠାରୁ ନିତିଦିନିଆ ଗୁପ ତୁଳନାରେ ପାରିତୋଷିକ ଯଥୋଚିତ ହୋଇ ପାରୁନାହିଁ । ଏକ ମହାନ୍ ସଂରକ୍ଷଣ ଆନ୍ଦୋଳନର ଅଭିଭାବକ ହୋଇ ସୁଦ୍ଧା, ବୈଷୟିକ ଜ୍ଞାନର ଏକ ଏକ ଗନ୍ତାଘର ହୋଇ ସୁଦ୍ଧା ସେମାନେ ସତେ ଯେପରି ଜଣେ ଜଣେ ବୈରାଗୀ ।

ପ୍ରାୟ ଡେଢ଼ ମାସରୁ ଅଧିକ ଘରଠାରୁ ଦୂରରେ କଟାଇବା ପରେ ପିଲାଛୁଆଙ୍କୁ ନ ଦେଖି ମୋର ଜଣେ ହିନ୍ଦୀ-ଭାଷାବନ୍ଧୁ ଥରେ ମୋତେ କହିଥିଲେ, ''ଆରେ ଭଇୟା, ଅବ୍ ତୋ ଘର୍ ଜାନା ହୋଗା, ନହିଁତୋ ଆପ୍‌କୀ ଭାବୀ ମୁଝେ ତଲାକ୍ ଦେ ଦେଗୀ ।''

କଥାଟିକୁ ମୋ' ବନ୍ଧୁ ହୁଏତ ଏକ ଆମୋଦର ଭାବ ନେଇ କହି ପାରିଥା'ନ୍ତି ମାତ୍ର, ଏ ଭଳି ଗୁନ୍ଥା ହୋଇଥିବା ଶବ୍ଦମାଳା ମୋ ବନ୍ଧୁଙ୍କ ଖିଆଲକୁ ଆସିଥିଲା କାହିଁକି ? ବାଘ-ହାତୀଙ୍କର ଅଭିଭାବକ କ'ଣ ବାଧ୍ୟତାମୂଳକ ଭାବେ ନିଜ ପିଲାଙ୍କ ଅଭିଭାବକ ହେବାରେ ଅସକ୍ଷମ ?!!

ଅନୁସନ୍ଧାନ ଅଧିକାରୀ



# ଓଡ଼ିଶାର ଘଡ଼ିଆଳ କୁମ୍ଭୀର

କେନାମଣି ଲକ୍ଷ୍ମୀକାନ୍ତ

ସେକାଳ ପଛାଳ ଆଉ ନାହିଁ: ଦିନ ଥିଲା ଯେତେବେଳେ ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଆଦି ନଈ କୂଳିଆ ଗାଁଆ ଲୋକଙ୍କର କୁମ୍ଭୀର ଭୟ କୋକୁଆ ଭୟଠୁଁ ବେଶି ଥିଲା । ଗାଁ ମାଇପେ କଳି ଲାଗିଲେ "ତୋତେ କୁମ୍ଭୀର ଖାଉ" ବୋଲି ଛଟା ଗାଉଥିଲେ । ଏବେବି ଆମ ଗାଁଆ ଗହଳିରେ କୁମ୍ଭୀରକୁ ନେଇ ଏ ବିରଳ ଲୋକଗୀତଟିଏ ବଞ୍ଚି ରହିଛି ଜନ ମୁଖରେ:—

"ନଈକି ଫିଙ୍ଗିଲି ଗିଲ
ନଈ ପାଣି ତଳେ ଘଡ଼ିଆଳ ଥିଲା
ଚୁଡ଼ିକି ଝିଙ୍କିଲା ଟିଲ...."


ସାପ, କଇଁଛଙ୍କ ଭଳି କୁମ୍ଭୀର ମଧ୍ୟ ଏକ ଶରୀସୃପ ଜାତୀୟ ପ୍ରାଣୀ । କୁମ୍ଭୀର ନାନା ଜାତିର ଓ ଏବେ ବିଶ୍ୱରେ ଥିବା କୁମ୍ଭୀର ଗାଏ ମୋଟ ବାଇଶିଟି ଜାତିର ବୋଲି ଜାତିସଂଘ ବିକାଶ ଯୋଜନାର ତଥ୍ୟରୁ ଜଣାଯାଏ । ଦେଶକେ ବାଙ୍କ : ନଈକେ ପାଙ୍କ୍ । ଦକ୍ଷିଣ ଆମେରିକା ଓ ଚାଇନ୍ର ୟାଙ୍ଗିଜେ ନଦୀ ଉପତ୍ୟକାରେ କେଇମନ୍ ଜାତୀୟ ବିରଳ କୁମ୍ଭୀର ଦେଖାଯାନ୍ତି । ଆମ ଦେଶର ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ, କୋଶୀ ଓ ଗଣ୍ଡକ ପରି ବଡ଼ବଡ଼ କାଦୁଆ ନଈରେ "କାଦୁଆ କୁମ୍ଭୀର" ଦେଖାଯାଉଥିବା ବେଳେ : "ମଗର ଓ ଘଡ଼ିଆଳ" ଜାତୀୟ କୁମ୍ଭୀର ପଶ୍ଚିମବଙ୍ଗ ଓ ଓଡ଼ିଶାର କେତେକ ନଦୀରେ କେବଳ ଥାଆନ୍ତି ।

ଭାରତୀୟ କୁମ୍ଭୀର ମୁଖ୍ୟତଃ ଦୁଇ ଜାତିର—ଯଥା:—'ମଗର' ଓ 'ଘଡ଼ିଆଳ' । ମଗର ଜାତୀୟ କୁମ୍ଭୀର ଅପେକ୍ଷାକୃତ ଦୁର୍ଦ୍ଦାନ୍ତ । ତାର ଲାଞ୍ଜ ବଡ଼ ଶକ୍ତିଶାଳୀ ହତିଆର । ଗୋଟାଏ ପିଟାରେ ସେ ହୁଲିଡଙ୍ଗା ବୁଡ଼ାଇ ଦେବାରେ ପାରଙ୍ଗମ । ମଗର ପହଁରିଲା ବେଳେ ଲାଞ୍ଜ ଡହଳାଏ, ଝିଙ୍କାଏ । ଦରକାର ବେଳେ ଏତେ ଜଲ୍ଦି ଜଲ୍ଦି ପହଁରିଯାଏ ଯେ ତାର ପିଛା ଧରିବା ଏକ କାଠିକର ବ୍ୟାପାର; ଅଥଚ ଶିକାର ବେଳେ ଟିକିଏ ହେଲେ ପାଣି ନଦହଲାଇ କିମ୍ବା ଟବ୍ ଟବ୍ ନକରି ନିଶବ୍ଦରେ ଛପି ଛପି ମଉକା ଭଣ୍ଡି ଶିକାରକୁ ଆକ୍ରମଣ କରି ଲାଞ୍ଜରେ ପିଟି ଘାଇଲା କରିବା ସଙ୍ଗେସଙ୍ଗେ ମୁହଁରେ ଚାପି ପାଣି ଭିତରକୁ ଝପଟି ଯାଏ ।

'ଘଡ଼ିଆଳ' କୁମ୍ଭୀର ସାଧାରଣତଃ ଏତେ କ୍ଷତିକାରକ ନୁହଁନ୍ତି ଏବଂ ସ୍ୱଭାବତଃ ଲାଜକୁଳା । ମାଛ ଖାଇ ସେମାନେ ବଞ୍ଚନ୍ତି । ଘଡ଼ିଆଳର ଜୀବନକାଳ ପ୍ରାୟ ପଚିଶ ବର୍ଷ । ତାଙ୍କ ଚଳିଚଳଣ ଖୁବ୍ ଥଣ୍ଡା ମିଜାଜ୍ର । ଦେହ ଚାରିପାଖରେ ଉତ୍ତାପ ସାଧାରଣ । ଶିତୁଳିଆ ପବନଠାରୁ ଉଷ୍ମ ମଧ୍ୟ ନୁହେଁ । ବୋଧହୁଏ ସେଇଥି ପାଇଁ ମାଈ ଘଡ଼ିଆଳ କୁମ୍ଭୀର ଆଉ କୁମ୍ଭୀରଙ୍କ ଭଳି ଅଣ୍ଡା ଉପରେ ବସି ଉଷୁମାରେ ଅଣ୍ଡା ଉଷୁମାଏ ନାହିଁ । ନିରାପଦ ଠାଆ ଠଉରେଇ ବାଲି ଖୋଳି ଅଣ୍ଡା ଦେଲା ପରେ: ତାକୁ ଘୋଡ଼େଇ ଦେଇଥାଏ । ମଝିରେ ମଝିରେ ପହରା ଦିଏ । ଅଣ୍ଡା ଫୁଟି ଛୁଆବାହାରେ ପ୍ରାୟ ୭୦ ଦିନ ଭିତରେ । ତାପରେ ଜୁନି ଘଡ଼ିଆଳ ତାର ମାଆଙ୍କ ହେପାଜତ୍ରେ ପାଣିରେ ପହଁରା ଓ ଚଲା ଫେରା କରେ । ଶିକାର କରିବା ଶିଖେ....

ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥାର ଲୁଣିପାଣିଆ (ଘଡ଼ିଆଳ ଜାତୀୟ) କୁମ୍ଭୀରଙ୍କ ଚଳିଚଳଣ ଅନୁଶୀଳନରୁ ଜଣାଯାଏ ଯେ:—ଆଉ ସବୁ କୁମ୍ଭୀରଙ୍କଠାରୁ ଘଡ଼ିଆଳର ଦାନ୍ତ ବଡ଼ ଅଜବ । ଶିକାରରେ ଯେମିତି ଧୁରନ୍ଧର, ଗ୍ରେବାଇବାରେ କେହି ଟପିବା କଠିନ । କୌଣସି ଶିକାର ପାଇଁ ଆଁକରି ଟାକେଇବା ବେଳେ ଘଡ଼ିଆଳ ତାର ସ୍ୱତନ୍ତ୍ର 'ଦାନ୍ତମୁଣି-ଥାବା'ରେ ପାଟି ଭିତରକୁ ପାଣି ପଶିବା ଅଟକାଏ । ମଝିରେ ମୁଣ୍ଡ ଉପରକୁ ଉଠାଏ । ଘଡ଼ିଆଳର ନାକ ଲମ୍ବା ଓ ପାଟି ହାଡ଼ ଚମ୍ଚ ଆକୃତିର । ଏମାନେ ଲାଜକୁଳା ଓ ମାଛ ଏମାନଙ୍କ ମୁଖ୍ୟ ଆହାର । ଲୁଣି ପାଣି ଏମାନଙ୍କ ଚରାଭୂଇଁ । ହେଲେବି ଖାରମିଶା ମଧୁରିଆ ପାଣିରେବି ରହି ପାରନ୍ତି । ବହୁ ସମୟରେ 'ନଈ ମୁହାଣ'ରୁ ବଢ଼ିପାଣି ବେଳେ ଘଡ଼ିଆଳ ଉପରକୁ ଓ ବାହାରକୁ ପଶିଆସେ । ଘଡ଼ିଆଳ କୁମ୍ଭୀରର ଚଳିଚଳଣ ଓ ଜୀବନଧାରା ବଡ ଅଜବ । ଏମାନେ ପାଣିରୁ ଉଠି ମଝିରେ ମଝିରେ ନଈ ବାଲିରେ ଖରା ଖାଆନ୍ତି । କ୍ୱଚିତ୍ ମାଛ ଛାଡ଼ି ମଣିଷ କିମ୍ବା ଅନ୍ୟ ପ୍ରାଣୀ ଶିକାର କରନ୍ତି । ସ୍ଥିର ଓ ନିରାପଦ ଅଞ୍ଚଳରେ ରହିବାକୁ ପସନ୍ଦ କରନ୍ତି । ଘଡ଼ିଆଳ କୁମ୍ଭୀର ଅଣ୍ଡାର ଯେମିତି ସ୍ୱାହିଦା, ଚମଡ଼ା ମଧ୍ୟ ସେମିତି ଦାମିକା । ଏଇ ଦୁଇଟି ମୁଖ୍ୟ କାରଣ ସେମାନଙ୍କ ବଂଶ ଲୋପର ମୂଳ ରହସ୍ୟ ।

ସତରେ ନଷ୍ଟ ହେବାକୁ ଦେବା ଯେତେ ସହଜ: ବଞ୍ଚାଇ ରଖିବା ସେତେ ସହଜ କାମ ନୁହେଁ । କାଳକ୍ରମେ ଲୋପ ପାଇ ଯାଉଥିବା ଏହି ବିରଳ ଘଡ଼ିଆଳ କୁମ୍ଭୀରଙ୍କର ବଂଶ ରକ୍ଷା ପାଇଁ ଭାରତରେ ପ୍ରଥମ ଥର ପାଇଁ 'ଜାତିସଂଘ ବିକାଶ ଯୋଜନା' ଏବଂ ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥାର କୁମ୍ଭୀର ସୁରକ୍ଷା ବୈଷୟିକ ସଂସ୍ଥାର ମିଳିତ ସହାୟତାରେ ୧୯୭୫ ମସିହାରେ ଆମ ରାଜ୍ୟର ମହାନଦୀର ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳରେ "ଘଡ଼ିଆଳ କୁମ୍ଭୀର ବଞ୍ଚାଅ" ଯୋଜନା ଆରମ୍ଭ



# ଘଡ଼ିଆଳ କୁମ୍ଭୀର

କରାଯାଉଥିଲା । ସେତେବେଳକୁ ବ୍ରାହ୍ମଣୀ ଓ ବୈତରଣୀ ତଥା ଖରସ୍ରୁଆଁ ନଦୀରେ ଆଦୌ ଘଡ଼ିଆଳ କୁମ୍ଭୀର ନଥିଲେ; କେବଳ ମହାନଦୀରେ ବଂଶଲୋପ ଅପେକ୍ଷାରେ ସେମାନଙ୍କ ସଂଖ୍ୟା ମାତ୍ର ଦଶୋଟିରେ ସୀମିତ ଥିଲା ।

କଥାରେ ଅଛି—ଇଚ୍ଛା ଥିଲେ ଉପାୟ ଛାଏଁ ଥାଏ । ବିହାରର ଗଣ୍ଡକ ନଦୀରୁ ୭୨ଟି ଓ ନେପାଳର ନାରାୟଣୀ ନଦୀ ଏବଂ ମଧ୍ୟପ୍ରଦେଶର ଚମ୍ବଲ ନଦୀର କୁମ୍ଭୀର ଅଣ୍ଡା ଆଣି କୃତ୍ରିମ ଉପାୟରେ ଛୁଆ ଫୁଟାଇ ସାତକୋଶିଆ ଗଣ୍ଡରେ ୫୦୦ କୁମ୍ଭୀର ଛୁଆଙ୍କୁ ପ୍ରଥମେ ଛଡା ଯାଇଥିଲା । ଇତ୍ୟବସରରେ କୁମ୍ଭୀର ଅଣ୍ଡାରୁ କୃତ୍ରିମ ଉପାୟରେ ଛୁଆ ଉପୁଜାଉଥିବା ବିଶ୍ୱର ଏକ ମାତ୍ର ଚିଡ଼ିଆଖାନା ଆମ ଓଡ଼ିଶାର ବାରଙ୍ଗ ନିକଟବର୍ତ୍ତୀ 'ନନ୍ଦନକାନନ'ରୁ ଆଉ ୧୦୦ଟି କୁମ୍ଭୀର ଛୁଆଙ୍କୁ ମଧ୍ୟ ମହାନଦୀରେ ଛଡା ଯାଇଛି । ହେଲେ ଓଡ଼ିଶାରେ ବିଅଶା ଘଡ଼ିଆଳ କୁମ୍ଭୀରଙ୍କ ବଂଶ ରକ୍ଷା ଯୋଜନା ଶତକଡା ପଚାଶ ଭାଗ ଫଳବତୀ ହୋଇଛି ବୋଲି କୁହାଯାଉଥିଲେ ହେଁ ତାହା ଆଶାନୁରୂପ ପର୍ଯ୍ୟାପ୍ତ ନୁହେଁ ବୋଲି ଅନେକଙ୍କର ମତ । ଅସଲ କଥା ହେଉଛି କୁମ୍ଭୀର ଗଣନା ବେଳେ ତାଙ୍କ ଦେହରେ ଚିହ୍ନ ଦିଆଯାଏ—ଯେଉଁଳି ଗଣତିରେ ଭୁଲ୍ ନହୁଏ । ହେଲେ ଥାଇଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି କୁମ୍ଭୀର ଗଣତି ପାଇଁ ନିର୍ଭୁଲ ଓ ନିର୍ଭରଯୋଗ୍ୟ ତରିକା ଓ ଅବଲମ୍ବନ ଅଭାବରୁ କେବଳ ଦୂରରୁ ଆଉ ପାଣି ଉପରକୁ କାଁ ଭାଁ ମୁଣ୍ଡ ଟେକୁଥିବା ଓ ଦିଶୁଥିବା କୁମ୍ଭୀର ମୁଣ୍ଡ ଗଣତି ଆମ ରାଜ୍ୟରେ ଗଣତି କରାଯାଉଛି ।

କେବଳ ସାତକୋଶିଆ ଗଣ୍ଡ ନୁହେଁ, ଭିତର କନିକା କୁମ୍ଭୀର ଅଭୟାଞ୍ଚଳ ଲୁଣିପାଣିଆ ଘଡ଼ିଆଳ କୁମ୍ଭୀର ଯୋଜନା ଏସିଆର ଏକ ସର୍ବବୃହତ କେନ୍ଦ୍ର ଓ ବିଶ୍ୱର ଦୀର୍ଘକାୟ ୧୨୦ଟି ବିସ୍ଫୋଟ ବିରଳ କୁମ୍ଭୀରଙ୍କ ମଧ୍ୟରୁ ଏଠାରେ ୧୯ ଫୁଟରୁ ୨୪ ଫୁଟ ଦୈର୍ଘ୍ୟ ବିଶିଷ୍ଟ ପ୍ରାୟ ୨୮ଟି ବିରଳ କୁମ୍ଭୀରଙ୍କ ଚରାବୁଲି ବୋଲି ଥାଇଲାଣ୍ଡର ଜଣେ କୁମ୍ଭୀର ଅନୁଧ୍ୟାନକାରୀ ସଂଗଠକଙ୍କ ଅଭିଲେଖା ଓ ପରିସଂଖ୍ୟାନରୁ ସୂଚିତ । ଏହି ଯୋଜନା ଅନ୍ତର୍ଗତ ୧୯୭୪ରେ ପ୍ରତିଷ୍ଠିତ ଡାଙ୍ଗମାଳ କେନ୍ଦ୍ରରୁ ଏକା ତିନିହଜାର ଅଣ୍ଡା ସଂଗ୍ରହ କରାଯାଇ, ତହିଁରୁ ଜନ୍ମିତ ୯୭୩ଟି ଲୁଣିପାଣି କୁମ୍ଭୀରଙ୍କୁ ଛଡାଯାଇଥିବା କଥା ଆମ ରାଜ୍ୟର ମୁଖ୍ୟ ବନ୍ୟଜନ୍ତୁ ଓ୍ୟାର୍ଡେନ୍‌ଙ୍କ ବୟାନରୁ ସୂଚିତ ।

କଥାରେ ଅଛି—''ଅରକ୍ଷିତକୁ ଦଇବ ସାହା'' । ମନ୍ଦିରୁ ସୁରାଟିଏ ଉପୁଡାଇ ତାକୁ ରୋପିବା ଓ ତାକୁ ଖରାତରା, ଗୋରୁଗାଈ, ଛେଳି ଆଦି ଭକ୍ଷକଙ୍କ ଦାଉରୁ ବଞ୍ଚାଇ ବଢିବାକୁ ଓ ଫୁଲଫଳ ଧରି ବଂଶ ବିସ୍ତାର କରିବାକୁ ଦେବା ଏକା କଥା ନୁହେଁ । ସୁଖର କଥା ଲୋପ ପାଇ ଯାଉଥିବା ମାତ୍ର ଦଶଟି ଘଡ଼ିଆଳ କୁମ୍ଭୀରଙ୍କ ବଂଶ ରକ୍ଷା ଓ ବିସ୍ତାର ପାଇଁ ଓଡ଼ିଶା ଉଦ୍‌ବିଗ୍ନ ଓ ସତତ ପ୍ରଚେଷ୍ଟ । ହେଲେ କୁମ୍ଭୀର ସଂରକ୍ଷଣ ପାଇଁ ନିରୂପିତ ଏଇ ସବୁ ଅଭୟାଞ୍ଚଳରେ ମାଛ ଧରିବା ପାଇଁ ଲାଇସେନ୍ସ ପ୍ରାପ୍ତ ଧୀବରମାନଙ୍କ ଉପଦ୍ରବ ଓ ଦୌରାତ୍ମ୍ୟ ହେତୁ ଛଡା ଯାଇଥିବା କୁମ୍ଭୀର ଛୁଆ ବହୁ କ୍ଷେତ୍ରରେ ସେମାନଙ୍କ ଜାଲରେ ପଡ଼ି ପ୍ରାଣ ହରାଉଥିବା ମିଛ ନୁହେଁ ବୋଲି ବହୁ କୁମ୍ଭୀର ବିଶାରଦଙ୍କର ସ୍ପଷ୍ଟ ଅଭିମତ । ତା'ଛଡା ଘଡ଼ିଆଳ କୁମ୍ଭୀରଙ୍କର ଗମନାଗମନ, ଖାଦ୍ୟପେୟ, ବିକାଶ, ସ୍ଥାନରେ ଆଦି ଦିଗ ପ୍ରତି ଏବେଠୁଁ ସଜାଗ ଓ ସଚେତ ନହେଲେ, ସେମାନଙ୍କର ବଂଶ ପୁଣି ହୁଏତ କ୍ରମଶଃ ଲୋପ ପାଇଯାଇ ପାରେ; ଆଉ କିଛି ବର୍ଷ ପରେ । ସେତେବେଳେ ଓଡ଼ିଶାର ନଈ କୂଳର ଗାଁ ମାଇପେ ପୁଣି ହୁଏତ ଗୀତ ଗାଇବେ:—'' ଏ ନଈରେ ପାଣି ମାଛ କାହିଁ, ଗାଧୋଇବି ପୁଣି କେମିତି ମୁହିଁ । କିମ୍ଭୀର ଖାଇବ, କହନା ଆଉ, ଘଡ଼ିଆଳ ଲୋପ, କାହିଁକି ଅଟିକ ସହିବ ଦାଉ ।''

କବି ଭାରତୀ
କଳ୍ପନା ଏରିଆ, ଭୁବନେଶ୍ୱର ୬

# ପରିବେଶ ଓ ସାମାଜିକ ବନୀକରଣ

ଶ୍ରୀ ରମେଶ ନନ୍ଦ

ସୁସ୍ଥ ଜୀବନ ଏବଂ ସୁସ୍ଥ ସମାଜ ପାଇଁ ଏକ ସୁନ୍ଦର ପରିବେଶ ଅପରିହାର୍ଯ୍ୟ । କାରଣ ମଣିଷ ଏହି ପରିବେଶ ମଧ୍ୟରେ ଜନ୍ମଲାଭ କରେ ଏବଂ ଜୀବନ ନିର୍ବାହ କରେ । ସେ ତା'ର ପରିବେଶ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ପ୍ରାକୃତିକ ପରିବେଶ ଓ ଭୌଗଳିକ ପରିବେଶ ମଣିଷକୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଭାବିତ କରେ, ଏପରିକି ତା'ର ଜୀବନ ଯାପନ ପ୍ରଣାଳୀକୁ ନିୟନ୍ତ୍ରିତ କରିଥାଏ । ସୁତରାଂ ଆମେ ବିଭିନ୍ନ ଭୂଖଣ୍ଡରେ ବିଭିନ୍ନ ଭୌଗଳିକ ପରିବେଶ ଓ ପ୍ରାକୃତିକ ଜଳବାୟୁ ଅନୁଯାୟୀ ଭିନ୍ନ ଭିନ୍ନ ଅଧିବାସୀ ଏବଂ ସେମାନଙ୍କ ନିଜସ୍ୱ ଜୀବନଯାତ୍ରାକୁ ଅନୁଭବ କରୁ । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ଯେ ପ୍ରାକୃତିକ ପରିବେଶର ପ୍ରଭାବ ମଣିଷ ଓ ସମାଜ ଉପରେ ଏକ ମୁଖ୍ୟ ପ୍ରଭାବ । ଆମର ପରିବେଶ ଯଦି ଅହରହ ପ୍ରଦୂଷିତ ହୁଏ, ଦୂଷିତ ହୁଏ, ତେବେ ଆମେ ମୁକ୍ତ ବିଶୁଦ୍ଧ ବାୟୁ କିମ୍ବା ନିର୍ମଳ ଜଳ ମଧ୍ୟ ପାଇ ପାରିବା ନାହିଁ । ଫଳରେ ଆମର ସୁସ୍ଥ ଜୀବନଯାତ୍ରା ବ୍ୟାହତ ହେବ ଓ ସ୍ୱାସ୍ଥ୍ୟ ନଷ୍ଟ ଘଟି ରୋଗ ବ୍ୟାଧିରେ ଏ ସମାଜ ବ୍ୟାଧିଗ୍ରସ୍ତ ହୋଇ ପଡ଼ିବ ।

ମଣିଷ ସଭ୍ୟତାର ଦୀର୍ଘ ଇତିହାସକୁ ପର୍ଯ୍ୟାଲୋଚନାକଲେ ଜଣାଯାଏ ଯେ ଯାଯାବର, ପଶୁପାଳକ ଅଧିବାସୀ କ୍ରମେକ୍ରମେ କୃଷିର ବିକାଶ ଘଟାଇ କୃଷି ସଭ୍ୟତାର ମଧ୍ୟ ଦେଇ ଶିଳ୍ପ ସଭ୍ୟତା, ଯନ୍ତ୍ର ଜଗତ ଓ ପରିଶେଷରେ ଆଧୁନିକ କମ୍ପ୍ୟୁଟର, ରୋବଟ୍ ଓ ଇଲେକ୍ଟ୍ରୋନିକ୍ସ ଯୁଗରେ ଆସି ପହଞ୍ଚୁଛି । ଏହି ବାଟରେ ସମୟର ଓ ମଣିଷ ସଭ୍ୟତାର ଏକ ବିରାଟ ପରିବର୍ତ୍ତନ ସଂଘଟିତ ହୋଇଛି । ଯାନ୍ତ୍ରିକ ସଭ୍ୟତାର ବିକାଶ ଓ ପ୍ରସାର ଫଳରେ କେତେକ କୁପ୍ରଭାବ ମଣିଷ ସଭ୍ୟତାର ମେରୁଦଣ୍ଡକୁ ଦୋହଲାଇ ଦେବାକୁ ବସିଚି ।

ଯନ୍ତ୍ରର ବିକାଶ, ଦ୍ରୁତ ଶିଳ୍ପାୟନ, ବିଭିନ୍ନ ରାସାୟନିକ ଦ୍ରବ୍ୟର ବ୍ୟବହାର, ଭୂଗର୍ଭରେ ଓ ସମୁଦ୍ରରେ ନ୍ୟୁକ୍ଲିଅର୍ ବୋମା ଓ ଅଣୁବୋମାର ପରୀକ୍ଷା ନାମରେ ବିସ୍ଫୋରଣ, ନଭ ମଣ୍ଡଳରେ ସ୍ୱୟଂଚାଳିତ ଦ୍ରୁତଗାମୀ ଯାନମାନଙ୍କର ବ୍ୟବହାର ଫଳରେ ପରିବେଶ ଭୂଭାଗରେ, ଜଳଭାଗରେ, ନଭମଣ୍ଡଳରେ ଓ ବାୟୁମଣ୍ଡଳରେ ପ୍ରତି ମୁହୂର୍ତ୍ତରେ ପ୍ରଦୂଷିତ ହେବାରେ ଲାଗିଚି । କାରଖାନାମାନଙ୍କରେ ଚିମିନି ନିର୍ଗତ ଧୂଆଁ ଓ ଧୂଳିକଣା, ଗାଡ଼ି ଘୋଡ଼ାରୁ ଅହର୍ନିଶ ନିର୍ଗତ ହେଉଥିବା ମାରାତ୍ମକ ଗ୍ୟାସ୍ କାର୍ବନ୍ ମନୋକ୍ସାଇଡ୍, ସଲ୍‌ଫ୍ୟୁରିକ୍ ଡାଇଅକ୍ସାଇଡ୍, ଅଙ୍ଗାରକାମ୍ଳ ଓ ବିଷାକ୍ତ ରାସାୟନିକ କୀଟନାଶକ ଓ ଅନ୍ୟାନ୍ୟ ଦ୍ରବ୍ୟ ଜଳ, ସ୍ଥଳ ଓ ବାୟୁ ମଣ୍ଡଳରେ ମିଶି ପରିବେଶକୁ ପ୍ରଦୂଷିତ ଓ ବିଷାକ୍ତ କରିବାରେ ଲାଗିଛି । ବାୟୁମଣ୍ଡଳରେ ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି । ବିଭିନ୍ନ ସମୟରେ ଅଭୂତପୂର୍ବ ବାତ୍ୟା, ବନ୍ୟା, ପ୍ରାକୃତିକ ବିପର୍ଯ୍ୟୟ ଓ କ୍ଷୟ କ୍ଷତି ଘଟିବାରେ ଲାଗିଛି । କେବେକେବେ ଅତିବୃଷ୍ଟି ଫଳରେ ବନ୍ୟା ହେଉଛିତ କେବେ ଅନାବୃଷ୍ଟି ହେତୁ ମରୁଡ଼ି ହୋଇ ଧନଜୀବନ ବ୍ୟାପକ ଭାବରେ ନଷ୍ଟ ହେଉଛି ।

ଏହାର କାରଣ ହେଲାଯେ ମଣିଷ ନିଜର ପରିବେଶକୁ ନିଜେ ନଷ୍ଟ କରିସୁଛିଛି । ପ୍ରଦୂଷଣ ମାନବକୃତ ଓ ଏଥିପାଇଁ ମଣିଷ ସିଧାସଳଖ ଦାୟୀ । ମଣିଷ ନିଜର ସୁବିଧା ପାଇଁ ପ୍ରକୃତି ଉପରେ ଅତ୍ୟାଚାର କରି ସୁଛିଛି । ପ୍ରକୃତିର ନିଜସ୍ୱ ନିୟମ ରହିଛି । ଏହା ହେଉଛି ପରିସଂସ୍ଥା ବା ଇକୋଲୋଜିକାଲ୍ ବାଲାନ୍ସ । ପ୍ରକୃତି ନିଜ ରାଜ୍ୟରେ ନିଜେ ଭାରସାମ୍ୟ ରକ୍ଷା କରେ । ନଦୀ ଜଳ ଦୂଷିତ ହେବା ସ୍ୱାଭାବିକ୍ ଏବଂ ସୂର୍ଯ୍ୟ କିରଣ ମାଧ୍ୟମରେ ଏହା ପୁଣି ବିଶୁଦ୍ଧ ହୋଇଯାଏ । ପ୍ରକୃତିର ଏହି ନିୟମକୁ ମଣିଷ ଆଜି ହତ୍ୟା କରି ସୁଛିଛି ।

ତେବେ ଏହି ପ୍ରଦୂଷଣର କୁପ୍ରଭାବ ଦୂର କରି ମଣିଷ ସଭ୍ୟତାକୁ ଧ୍ୱଂଶ ମୁଖରୁ ବଞ୍ଚାଇବାକୁ ହେଲେ ଓ ପରିବେଶର ସୁରକ୍ଷା କରିବାକୁ ହେଲେ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ଆମ ସମ୍ମୁଖରେ ଏକମାତ୍ର ପନ୍ଥା । ନ ହେଲେ ଆମର ଏ ମାତୃଗ୍ରହ ପୃଥିବୀ ଏକ ମରୁଭୂମିରେ ପରିଣତ ହେବ ।

ବୃକ୍ଷ ମଣିଷର ମିତ୍ର । ମଣିଷ ସମାଜର ପ୍ରାଣ ରକ୍ଷାକାରୀ କବଚ ।

"ସେବିତବ୍ୟ ମହାବୃକ୍ଷଃ ଫଳଛାୟା ସମନ୍ୱିତଃ
ଯଦି ଦୈବାତ୍ ଫଳଂ ନାସ୍ତି ଛାୟାକେନ ନିବାର୍ଯ୍ୟତେ" ॥

ଗଛଟିଏ ଲଗାଇଲେ ଫଳ ମିଳେ ଓ ଛାଇ ମିଳେ । ଯଦି ଦୈବାତ୍ ଫଳ ନମିଳିଲା; ତେବେ ଛାଇଟାତ କୁଆଡ଼େ ଯାଇନି । ଛାଇ ନିଶ୍ଚୟ ମିଳିବ । ମଣିଷ ଆଜି ନିର୍ବିଚାରରେ ଜଙ୍ଗଲ କାଟି ସୁଛିଛି । ବିରାଟ ଘଞ୍ଚ ଜଙ୍ଗଲସବୁ ଏହି ସଙ୍କୀର୍ଣ୍ଣ ସ୍ୱାର୍ଥ ପାଇଁ ଧ୍ୱଂସ ହୋଇ ଯାଉଛି । ଏହା ଦୁଃଖଦ ଅନୁତାପର ବିଷୟ । ବୃକ୍ଷ ଆମକୁ ଖାଦ୍ୟ ଦିଏ । ବୃକ୍ଷର ଫଳ, ଫୁଲ, ମୂଳ, କାଣ୍ଡ ଓ ପତ୍ର ଇତ୍ୟାଦିକୁ ଆମେ ଖାଦ୍ୟ ରୂପରେ ବ୍ୟବହାର କରୁ । ବୃକ୍ଷ ଆମକୁ ବସ୍ତ୍ର ଦିଏ । ପୁରାତନ କାଳରେ ବୃକ୍ଷର ବଳ୍କଳ ଦ୍ୱାରା ମଣିଷ ଲଜ୍ୟା ନିବାରଣ କରୁଥିଲା । ଏବେ ଆଧୁନିକ ମଣିଷ ତା'ର ବସ୍ତ୍ର

ଓ ଆଚ୍ଛାଦନ ପାଇଁ ବୃକ୍ଷ ଉପରେ ନିର୍ଭରଶୀଳ । ବୃକ୍ଷ ଆମକୁ ବାସଗୃହ ନିର୍ମାଣ ପାଇଁ ଓ ଆସବାବ ପତ୍ର ପାଇଁ କାଠ, ବାଉଁଶ, ଓ ନଡ଼ା ଇତ୍ୟାଦି ଦିଏ । ରୋଷେଇ କରିବା ପାଇଁ ଜାଳେଣୀ ମଧ୍ୟ ପ୍ରଦାନ କରେ । ଆମେ ଅକୁଣ୍ଠେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ବୃକ୍ଷଠାରୁ ପାଇବା ପରେ ମଧ୍ୟ ତାକୁ ନିର୍ଦ୍ଦୟଭାବରେ ହତ୍ୟା କରୁ । ତାଛଡା ବୃକ୍ଷ ଆମକୁ ଔଷଧ, ମହୁ, ଲାଖ, ଝୁଣା ଇତ୍ୟାଦି ଦେଇଥାଏ । ଅପର ପକ୍ଷରେ ଜଙ୍ଗଲ ରହିବା ଦ୍ୱାରା ଆମେ ମାଂସ, ଚମଡ଼ା ଶିଙ୍ଗ ପ୍ରଭୃତି ବନ୍ୟଜନ୍ତୁଙ୍କଠାରୁ ପାଉ । ସବୁଠୁ ବଡ଼ କଥା ଯେ ଆମେ ଜୀବନ ରକ୍ଷାକାରୀ ଅମ୍ଳଜାନ ବୃକ୍ଷଠାରୁ ପାଉ । ଆମେ ନିଶ୍ୱାସ ମାଧ୍ୟମରେ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡୁ ଓ ବୃକ୍ଷ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଗ୍ରହଣ କରି ଅମ୍ଳଜାନ ଛାଡେ । ଫଳରେ ବାୟୁମଣ୍ଡଳରେ ଅମ୍ଳଜାନ ଓ ଅଙ୍ଗାରକାମ୍ଳର ପରିମାଣ ଠିକ୍ ରହେ । ଜଙ୍ଗଲ କଟା ଯାଉଥିବାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ମାତ୍ରା ବଢ଼ି ଚାଲିଛି ଓ ଫଳରେ ବାୟୁମଣ୍ଡଳରେ ତାପମାତ୍ରା ଅପେ ଆପେ ବଢ଼ିବାରେ ଲାଗିଛି ।

ବୃକ୍ଷ ବା ଜଙ୍ଗଲ ବନ୍ୟା ଓ ବାତ୍ୟାରୁ ରକ୍ଷା କରେ । ଉପକୂଳବର୍ତ୍ତୀ ଜଙ୍ଗଲ ବାତ୍ୟା ଓ ଘୂର୍ଣ୍ଣିର ଦୃଢ଼ ମୁକାବିଲା କରେ । ଫଳରେ ବାୟୁର ପ୍ରଚଣ୍ଡ ବେଗ ଜଙ୍ଗଲରେ ଧକ୍କା ଖାଇ ପ୍ରଶମିତ ହୁଏ । ବୃକ୍ଷର ଚେର ମାଟିକୁ ଜାବୁଡ଼ି ଧରେ । ଫଳରେ ମୃତ୍ତିକା କ୍ଷୟ ନ ହେବା ସଙ୍ଗେସଙ୍ଗେ ବନ୍ୟାଜଳ ଅତଡ଼ା ଖାଏ ନାହିଁ । ବନ୍ୟାଜଳକୁ ମଧ୍ୟ ଅରଣ୍ୟ ପ୍ରତିରୋଧ କରେ । ପ୍ରତିବର୍ଷ ବହୁ ପରିମାଣର ଉର୍ବର ମୃତ୍ତିକା କ୍ଷୟ ହୋଇ ଚାଲିଛି ବନୀକରଣ ଅଭାବରୁ । ସାମାଜିକ ବନୀକରଣ ଫଳରେ ମୃତ୍ତିକା କ୍ଷୟକୁ ରୋକାଯାଇ ପାରିବ । ମୃତ୍ତିକା କ୍ଷୟର ଅନ୍ୟ ବିପଦ ହେଲା ଯେ ଏହି ମୃତ୍ତିକା ନଦୀ ଶଯ୍ୟାକୁ କ୍ରମାଗତ ଭାବରେ ପୋତି ପକାଉଥିବାରୁ ନଦୀଜଳର ସ୍ତର ଉପରକୁ ଉଠି ବନ୍ଧ ଲଙ୍ଘନ କରୁଛି । ସୁତରାଂ ମୃତ୍ତିକା କ୍ଷୟକୁ ରୋକା ଯାଇ ପାରିଲେ ବନ୍ୟା ମଧ୍ୟ ନିୟନ୍ତ୍ରିତ ହୋଇ ପାରିବ ।

ବୃକ୍ଷ ଭୂଗର୍ଭସ୍ଥ ଜଳକୁ ଚେର ସାହାଯ୍ୟରେ ଶୋଷଣ କରି ପରିବେଶକୁ ସ୍ନିଗ୍ଧ ଓ ସୁଶୀତଳ କରେ । ଏହା ପ୍ରଚଣ୍ଡ ରୌଦ୍ର ତାପକୁ ପ୍ରତିହତ କରେ । ଜଙ୍ଗଲ ଥିଲେ ବହୁ ବନ୍ୟ ପ୍ରାଣୀ ଓ ପଶୁପକ୍ଷୀ ସେଥିରେ ବସବାସ କରନ୍ତି । ଜଙ୍ଗଲର ଧ୍ୱଂସସାଧନ ଫଳରେ ବନ୍ୟପ୍ରାଣୀ ଓ ପକ୍ଷୀ କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛନ୍ତି । ମଣିଷ ନିଜର ଦୁର୍ଗତିକୁ ନିଜେ ବରଣି ଆଣୁଛି । ।

ଅରଣ୍ୟ ଠିକ୍ ଅନୁପାତରେ ରହିଲେ ସୁବୃଷ୍ଟି ହୁଏ । ଜଙ୍ଗଲ ଶତକଡା ଆଠ ଭାଗ ରହିବା ବାଞ୍ଛନୀୟ । ଇଂଲଣ୍ଡରେ ସବୁଠାରୁ କମ୍ ଭାଗ ଓ ଆମେରିକାରେ ସବୁଠାରୁ ବେଶି ଭାଗ ଜଙ୍ଗଲ ଦେଖାଯାଏ । ଜଙ୍ଗଲ ମଧ୍ୟ ବର୍ଷାକୁ ନିୟନ୍ତ୍ରଣ କରେ ।

ମାନବଜାତି ପାଇଁ ବୃକ୍ଷ ବା ଅରଣ୍ୟର ଦାନ ଅତୁଳନୀୟ । ଏହି ଅରଣ୍ୟରେ ବେଦର ଓଁକାର ଧ୍ୱନି, ସଭ୍ୟତାର ବିକାଶ, ଜ୍ଞାନ ଲାଭ ସମ୍ଭବ ହୋଇଛି । ଅରଣ୍ୟରେ ବୁଦ୍ଧଙ୍କର ବୁଦ୍ଧତ୍ୱ ପ୍ରାପ୍ତି, ରାମଙ୍କର ଗମନ ଓ ଅସୁରନାଶ, ପାଣ୍ଡବଙ୍କ ବନବାସ ଇତ୍ୟାଦି ଘଟଣା ମାନବଜାତି ପକ୍ଷରେ ଅବିସ୍ମରଣୀୟ । ବୃକ୍ଷ ମଣିଷର ମିତ୍ର, ହିତୈଷୀ । ବଂଚିରହିବାକୁ ହେଲେ, ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ହେଲେ, ସାମାଜିକ ବନୀକରଣର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ସୁତରାଂ ପଡ଼ି ରହିଥିବା ଖାଲି ଓ ପଡିତ ଜମିରେ ଜଙ୍ଗଲ ସୃଷ୍ଟି କରିବା, ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ଏବଂ ସର୍ବୋପରି ସାମାଜିକ ଜୀବନରେ ବୃକ୍ଷରୋପଣ ମହତ୍ତ୍ୱ ଓ ଗୁରୁତ୍ୱ ଉପଲବ୍ଧି କରିବା ପାଇଁ ବେଳା ଆଜି ସମାଗତ ।

---

ଝାଞ୍ଜିରୀମଙ୍ଗଳା
କଟକ–୯



# ବୈଷ୍ଣବ ପାଣି ଓ ଓଡ଼ିଆ ଯାତ୍ରା

ଶ୍ରୀ ବିଶ୍ୱେଶ୍ୱର ମହାନ୍ତି

ଜୀବନ ସାଗରର ଉତ୍ତପ୍ତ ବେଳାଭୂଇଁରେ ଯିଏ କବିତ୍ୱକଳାର ଦୁର୍ଲଭ ମୁକ୍ତା ସଂଗ୍ରହ କରି ଓଡ଼ିଆ ଯାତ୍ରା ନାଟକ ଇତିହାସରେ ଏକ ନୂତନ ଯୁଗର ସ୍ରଷ୍ଟା, ବିଶେଷ କରି, ଅପେରା, ଗୀତିନାଟ୍ୟର ସଂସ୍କାରକ, ଦିଗ୍‌ଦର୍ଶକ ଓ ପଥିକୃତ ସ୍ରଷ୍ଟା ଭାବରେ ଖ୍ୟାତି ଅର୍ଜନ କରି ଜୀବନ-ଜୀବିକାର ଲୁଚକାଳି ଖେଳ ଭିତରେ କମନୀୟ କବିତ୍ୱର ପରିପ୍ରକାଶ ଘଟାଇଛି ତାହାରି ପ୍ରତି ଛତ୍ରେଛତ୍ରେ ମୂର୍ଚ୍ଛିତ ହୋଇ ଉଠିଛି ସାଧନାର ଶଙ୍ଖମହୁରୀ । ତାଙ୍କ ଅମଳିନ ଶିଳ୍ପ ବିଭବ ତାଙ୍କୁ ଜଣେ ସୁଦକ୍ଷ ନାଟ୍ୟସ୍ରଷ୍ଟା, ସ୍ୱର ସାଧକ, ଆଶୁ କବି ତଥା ଗଣ କବି ଭାବରେ ପରିଚିତ କରାଇ ଅର୍ପଣ କରିଛି ବିଜୟର ଜୟମାଲ୍ୟ ।

ଆଜି ଗଣ୍-ହୃଦୟରେ ପ୍ରକୃତ ଭାବେ ପୂଜା ପାଉଥିବା କବି ୰ ବୈଷ୍ଣବ ପାଣି ଯେ ଗଣର କବି ବା ଜନତାର କବି ଏକଥା ଆଜି ଆଉ ଯୁକ୍ତି ବା ପ୍ରମାଣ ଆବଶ୍ୟକ କରେ ନାହିଁ । ଏହି ଅବିସ୍ମରଣୀୟ ବ୍ୟକ୍ତିତ୍ୱର ଅଧିକାରୀ କବି ବୈଷ୍ଣବ ପାଣି ୧୮୮୨ ମସିହାର ପବିତ୍ର କୁମାରପୂର୍ଣ୍ଣିମା ତିଥିରେ ମାତା ଗୁନ୍ଦ ଦେବୀ ଓ ପିତା ସୁଦର୍ଶନ ପାଣିଙ୍କ କୋଳ ପୂର୍ଣ୍ଣ କରି ଭୂମିଷ୍ଠ ହୋଇଥିଲେ । ବଡ଼ ବିଚିତ୍ର ତାଙ୍କ ଜନ୍ମ ଓ ମୃତ୍ୟୁର ଇତିହାସ । କୁମାରପୂର୍ଣ୍ଣିମାରେ ଜନ୍ମ ଲାଭ କରି ପୂର୍ଣ୍ଣଚନ୍ଦ୍ର ଭଳି ପ୍ରତିଭା ବିସ୍ତାର କରି ଇହଲୀଳା ସାଙ୍ଗ କଲେ ବୈଶାଖ ଅମାବାସ୍ୟା ୧୯୫୬ ମସିହାରେ ।

ଯେଉଁମାନେ ପ୍ରାଚୀନ ଓଡ଼ିଶୀ ସାହିତ୍ୟକୁ ଆଧୁନିକ କରିଗଲେ ସେମାନଙ୍କ ମଧ୍ୟରେ ଖ୍ୟାତନାମା ହେଉଛନ୍ତି ବୈଷ୍ଣବ ପାଣି । ଓଡ଼ିଆ ନାଟ୍ୟମଞ୍ଚର ପିତା ସଦୃଶ "କୋଠପଦା" ମହନ୍ତଙ୍କ ଯାତ୍ରାଦଳର 'ରେଟିପୁଅ' ଭାବରେ ଓଡ଼ିଆ ଯାତ୍ରା ଜଗତରେ ପ୍ରବେଶ କରିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଆଧୁନିକ ଓଡ଼ିଆ ନାଟ୍ୟଶୈଳୀର ପ୍ରତିଷ୍ଠାତା ଓ ପ୍ରବର୍ତ୍ତକ ଭାବରେ ନିଜକୁ ପ୍ରତିଷ୍ଠିତ କରି ପାରିଥିଲେ ।

ପାଶ୍ଚାତ୍ୟ ସଂସ୍କୃତି ଓ ସାହିତ୍ୟ ପ୍ରଭାବରେ ଯେତେବେଳେ ଓଡ଼ିଶାର ପାରମ୍ପରିକ ନାଟ୍ୟକଳା ବିଲୁପ୍ତ ପ୍ରାୟ ବୈଷ୍ଣବ ପାଣି ସେତିକିବେଳେ ସ୍ୱୀୟ ପ୍ରତିଭା ବଳରେ ପୂର୍ବେ ସାହିତ୍ୟରେ ପ୍ରଚଳିତ ଭାଷା, ଭାବ, ଶୈଳୀକୁ ମଣ୍ଡିତ କରି ଲୋକମାନଙ୍କୁ କଥିତ ଭାଷାରେ ଅର୍ଥାତ୍ ଗ୍ରାମୀଣ ଶବ୍ଦ ପ୍ରୟୋଗ କରି ବେଶ୍ ଲୋକପ୍ରିୟ ହୋଇଗଲେ । ସେଥିପାଇଁ ସ୍ୱର୍ଗତ ପାଣିଙ୍କୁ ପ୍ରାଚୀନ ଓ ଆଧୁନିକ ନାଟ୍ୟ ଶୈଳୀର ସଂଯୋଜକ ସେତୁଭାବେ ଅଭିହିତ କରା ଯାଇଅଛି । ରାଧାନାଥ ଯୁଗର ପ୍ରଚଣ୍ଡ ମଧ୍ୟାହ୍ନ ସମୟରେ ବୈଷ୍ଣବ ପାଣି ଓଡ଼ିଆ ଯାତ୍ରାର ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଅଣ୍ଟାଭିଡ଼ି ଆଗେଇ ଆସିଥିଲେ । ପୁରାଣ ସାହିତ୍ୟର ଲୁପ୍ତପ୍ରାୟ ରସକୁ ଗଣବୋଧ୍ୟ ଭାଷା ଓ ଭାବର ପ୍ରଲେପ ଦେଇ ସୃଷ୍ଟି କଲେ ଅସଂଖ୍ୟ ଯାତ୍ରା, ନାଟକ, ଗୀତିନାଟ୍ୟ, ଗୀତାଭିନୟ, ସୁଆଙ୍ଗ ପ୍ରଭୃତି ଯାହାକି ଯାବତ୍ ଚନ୍ଦ୍ରାର୍କେ ଓଡ଼ିଆ ଯାତ୍ରା ସାହିତ୍ୟର "ରାଜପଥ" ଛାତିରେ ଏକ ଜବରଦସ୍ତ ମାଇଲ୍‌ଖୁଣ୍ଟ ହୋଇ ରହିଥିବ । ପୌରାଣିକ ଐତିହାସିକ ଏବଂ କାଳ୍ପନିକ ବିଷୟବସ୍ତୁକୁ ଆଧାର କରି ସେ ନାଟକମାନ ରଚନା କରିଅଛନ୍ତି । ଗୀତିନାଟ୍ୟଠାରୁ ଆରମ୍ଭ କରି ଗଦ୍ୟ ସଂଳାପଯୁକ୍ତ ନାଟକ ପର୍ଯ୍ୟନ୍ତ ସବୁଥିରେ ସେ ଉଚ୍ଚମାନ ଓ ଉଚ୍ଚ ନାଟ୍ୟ ପରମ୍ପରା ରକ୍ଷା କରି ନିଜ ସିଦ୍ଧହସ୍ତତାର ପରିଚୟ ଦେଇଛନ୍ତି । ତାଙ୍କ ନାଟକମାନଙ୍କରେ ସଙ୍ଗୀତ ଏକ ଉତ୍କୃଷ୍ଟ ଏବଂ ଅପରିହାର୍ଯ୍ୟ ଅଙ୍ଗଭାବେ ବରାବର ସ୍ଥାନ ପାଇଛି ।

ରୀତିଯୁଗର ସାହିତ୍ୟ 'ଗଣ'ର ନୁହେଁ 'ଜଣ'ର । ଶବ୍ଦର ଜପରାତ ସେ ସମୟର ସାହିତ୍ୟରେ ପରିଲକ୍ଷିତ ହୋଇଥାଏ । କୋବିଦ ପଣ୍ଡିତଙ୍କ ପାଇଁ ତାହା କେବଳ ଉଦ୍ଦିଷ୍ଟ । ତେଣୁ ଏହାକୁ "ଦରବାରୀ" ସାହିତ୍ୟ ନାମରେ ଅଭିହିତ କରାଯାଇଥାଏ । କିନ୍ତୁ ବୈଷ୍ଣବ ପାଣି ସ୍ୱୀୟ ପ୍ରତିଭା ବଳରେ ପୂର୍ବରୁ ସାହିତ୍ୟ ଜଗତରେ ଯାହା ଅନାଦୃତ, କ୍ଷୁଦ୍ର, ଅବହେଳିତ ଭାବରେ ସ୍ଥାନ ପାଉନଥିଲା, ସେ ସବୁକୁ ନିଜ ସାହିତ୍ୟ ସଂସାର ଭିତରକୁ ଆଦରର ସହିତ ଅଭ୍ୟର୍ଥନା କରିଆଣି ନୂଆ ରୂପ, ନୂଆ ରସ, ନୂଆ ଛନ୍ଦରେ ମଣ୍ଡିତ କରି ହେଲେ "ଗଣ କବି", ଉଦାହରଣ ସ୍ୱରୂପ "ମୁଢ଼ି" ଯାହାକି ପ୍ରତି ଓଡ଼ିଆର ଅତି ଆପଣାର ଖାଦ୍ୟ । ରୀତିଯୁଗ ସାହିତ୍ୟର ପ୍ରବଳ ନାକଟେକା ଭିତରେ ଏଭଳି କ୍ଷୁଦ୍ର ପଦାର୍ଥର ସ୍ଥାନ ନଥିଲା । ବୈଷ୍ଣବ ପାଣିଙ୍କ ସାହିତ୍ୟ ସଂସାରରେ ତାର ପ୍ରବେଶ କିଭଳି ଭାବରେ ହୋଇଛି ଦେଖାଯାଉ ।

"ଧନ୍ୟ ଧନ୍ୟ ଧନ୍ୟରେ ମୁଢ଼ି ଦେଖେଇ ଟୋକି ହୁଅନ୍ତି ବୁଢ଼ି
ନିରୋଳା ଶୋରିଷ ତେଲ ମାଖି ଯେବେ ସୁଖିବ ପାଟିରୁ ନଯାଉ
ଛାଡ଼ି ।"

କବିଙ୍କର ଭାଷାଥିଲା ନିଛକ ଗାଉଁଲି । ତେଣୁ ତାଙ୍କର ଗୀତିନାଟ୍ୟ ବିଶେଷ ଲୋକପ୍ରିୟ ହାସଲ କରିବା ସ୍ୱାଭାବିକ । ବ୍ୟାସକବି ଫକୀର ମୋହନଙ୍କ ପରି ତାଙ୍କ ଚରିତ୍ରମାନଙ୍କର ସଂଳାପ ସ୍ୱଗତୋକ୍ତି ଏବଂ କାର୍ଯ୍ୟକଳାପରେ ସ୍ୱାଭାବିକ ବିଶେଷତ୍ୱ ସୁସ୍ପଷ୍ଟ । ବ୍ୟାସକବି ପରି ସେ ମଧ୍ୟ ଗ୍ରାମ୍ୟ ଚରିତ୍ର ଆହରଣ କରି ନିଜ ଧୂରିଣତାର ପରିଚୟ ଦେଇ

ଅଛନ୍ତି । ପୁନଶ୍ଚ ତାଙ୍କ ନାଟକର ପୌରାଣିକ ଚରିତ୍ରମାନଙ୍କୁ ଗ୍ରାମ୍ୟ ଚରିତ୍ର ଭାବରେ ଚିତ୍ରଣ କରିବାରେ କବି ଥିଲେ ସିଦ୍ଧହସ୍ତ । "ରଙ୍ଗସଭା" ସୁଆଙ୍ଗରେ କୃଷ୍ଣଙ୍କ ଭଳି ଦେବୀ ଚରିତ୍ରକୁ ଲୌକିକ ଚରିତ୍ର ଭାବରେ ଚିତ୍ରଣ କରି ତାଙ୍କ ମୁଖରେ ପାଣି କଖାରୁ ରାଇର ପ୍ରଶଂସା ଯେଉଁଳି କରିଅଛନ୍ତି ତାହା ତାଙ୍କ ଗଣକବି ଉପାଧିର ସ୍ପଷ୍ଟ ପରିଚାୟକ । କୃଷ୍ଣ ଅକ୍ରୂରଠାରୁ ଧନୁଯାତ୍ରା ନିମନ୍ତ୍ରଣ ପାଇ ମାମୁଁ କଂସ ନିକଟରେ ଉପସ୍ଥିତ ହୁଅନ୍ତେ, କଂସ କୃଷ୍ଣଙ୍କୁ ପୁଣା ଓ ବିରଭିରେ ଫେରି ଯିବାକୁ ନିର୍ଦ୍ଦେଶ ଦେଇଛି । କୃଷ୍ଣ ତାହା ଦେଖି ଗାଇଛନ୍ତି–

"କେଉଁ ଦୋଷ ଦେଖି ମାମୁଁ ଫେରାଇ ଦେଉଛ ମଥୁରା ପୁରୁ
ଭଉଣୀର ସୁତ ଭଣଜାକୁ ରଥ ପଠାଇ ଆଣିଛ ଗୋପ ନଗରୁ
ମାଈଁମାନେ କୋଳ କରିବେ ନୂଆ ଲୁଗା ପିନ୍ଧାଇ ଦେବେ
ଖାଇବାକୁ ଦେବେ ଡାଲି ସରୁଭାତ
ରାଇ କରିଦେବେ ପାଣି କଖାରୁ ।"

ଗାଁରେ ଗାଳି ଦେବାର ଅଭ୍ୟାସ ଅନେକ କାଳରୁ ରହି ଆସିଅଛି ।ଏଥିପାଇଁ କେତେଗୁଡ଼ିଏ ଧରାବନ୍ଧା ଶବ୍ଦ କେଉଁ ଅନାଦି କାଳରୁ ଲୋକ ମୁଖରେ ବସ୍ତି ଆସିଛି । କବି ପାଣି ସେହି ଗ୍ରାମ୍ୟ ଶବ୍ଦକୁ ନେଇ ଏକ ସୁସଜ୍ଜମାଳା ତିଆରି କରିଅଛନ୍ତି । ଏହାକୁ ଶୁଣିଲେ ମନେହେବ ସତେ ଯେପରି କେହି ଜଣେ କାହାକୁ ଗାଳି ଦେଉଛି । ବାଣା ପରାଜୟ ଗୀତିନାଟ୍ୟରେ ବାଣାସୁରର ମାଆ କୃଷ୍ଣଙ୍କୁ ଗାଳି ଦେଇ କହୁଛି:–

ଗାତପଣା, ଚୁଲିପଣା, ନିର୍ବଂଶିଆ ପୁଅରେ
ମରିଯାଆ ନିଆଁ ଲାଗୁ ତୋ ମୁହଁରେ
ରାଣ୍ଡ ହେଉ ତୋ ମାଇପ ପଡୁ ବୁଢ଼ୀର ଶାଉପ
ନଧାବା ଭଣ୍ଡାଗାକୁ ଶଙ୍ଖା ଦିଅରେ ।

କରୁଣ ରସର ଅବତାରଣା କରିବାକୁ ଯାଇ ସେଇ "ରଙ୍ଗସଭା" ସୁଆଙ୍ଗରେ ପୁତ୍ର ଶୋକାତୁରା ଯଶୋଦାଙ୍କ କଣ୍ଠରେ କବି ଯେଉଁ ସଙ୍ଗୀତ ପ୍ରଦାନ କରିଅଛନ୍ତି ତାହା ଖୁବ୍ ମର୍ମସ୍ପର୍ଶୀ ଓ ହୃଦୟ ବିଦାରକ ହୋଇ ପାରିଛି । ସତେ ଯେପରି ସମସ୍ତ ମାତୃ ଜାତି କାନ୍ଦି ଉଠିଛି ସେଇ ସଙ୍ଗୀତର ତାନେ ତାନେ ।

"ଦୁଃଖିଧନ ନୀଳମଣିରେ ମାଆ ବୋଲି କିଏ ଡାକିବ ମୋତେ
ଗୋରୁ ଘେନି ଫେରି ଆସିବା ବେଳକୁ
କାହା ପାଇଁ ଜଗି ବସିବି ପଥେ ।"

ପୁନଶ୍ଚ ସେଇ ସୁଆଙ୍ଗରେ କୃଷ୍ଣ ବିରହମାଣା, ଦଗ୍ଧିଭୂତା, ବ୍ରଜ ବନିତା ଗୋପାଙ୍ଗନାମାନଙ୍କର ହୃଦୟ ଭାବ ବ୍ୟକ୍ତ କରିବାକୁ ଯାଇ କବି ବିରହ ରସର ଅବତାରଣା କରି ଯେଉଁଳି ମନୋଜ୍ଞ ଶବ୍ଦ ସମ୍ଭାରରେ ଅନୁରଣିତ ହୋଇ ଉଠିଛି ହୃଦୟର ବ୍ୟଥା:–ଏଠାରେ ଗୋପୀ ଗୋପୀ ନୁହନ୍ତି । ବ୍ୟଥା ଓ ବେଦନାର ଧାରା ପାଲଟି ଯାଇଛନ୍ତି । ଗୋପୀଙ୍କ ବେଦନା ଭାବାବେଗର ଝରଣା ଭଳି ଝରିଯାଇଛି:–

"ପାଶୋରିଲ ପୂର୍ବ ଭାବ ହେ ମାଧବ ପଛରେ ମନେ କରୁଥିବ
ରଥରେ ବସିଛ ପଥର ପରାୟେ ଉତ୍ତର କି ନ କହିବ ।
ରାସକ୍ରୀଡ଼ା ବାସ ଗ୍ରେରି ହେ ମାଧବ ତାହା କି ଦେଲ ପାଶୋରି
ଗିରି ଉଦ୍ଧାରକ ସରଳ ହୃଦକୁ ଦରଜ ଯାଇ ନ ଥିବ ହେ ।
ଗୋପୀଙ୍କ ପାଦ ଅଳତା ହେ ମାଧବ ଘେନିଥିଲ ପରା ଚିତା
ପିତା କି ହୋଇଲା ତାହା ପୀତ ପଟ ମନରେ ଥରେ ତା ହେଜ ।"

ଏପରି ଅତି ବାସ୍ତବ ବର୍ଣ୍ଣନାରେ ପାଣି କବି ଥିଲେ ସିଦ୍ଧହସ୍ତ । କେବଳ ସଂଖ୍ୟାତ୍ମକ ଦୃଷ୍ଟିରୁ ନୁହେଁ, ଗୁଣାତ୍ମକ ଦୃଷ୍ଟିରୁ ତାଙ୍କର ଗୀତିନାଟ୍ୟ ଗୁଡ଼ିକ ଗରୀୟାନ, ସଜୀବ, ରସାତ୍ମକ ଓ ନବରସପୂର୍ଣ୍ଣ । କେଳାର ପଦ୍ମତୋଳା ଶୁଣିଲେ ସାପ ଯେପରି ଫଣା ଟେକି ନାଚି ଉଠେ, ପାଣିକବିଙ୍କ ଗୀତିନାଟ୍ୟ ଶୁଣିଲେ ବୁଢ଼ା ବୁଢ଼ୀଠାରୁ ଆରମ୍ଭ କରି ଛୁଆ ପିଲାଙ୍କ ମନରେ ରୋମାଞ୍ଚ ସୃଷ୍ଟି କରେ । ସମସ୍ତେ ମସ୍‌ଗୁଲ୍ ହୋଇ ଉଠନ୍ତି । ବୁନକାୟ ଶକ୍ତି ତାଙ୍କ ଗୀତିନାଟ୍ୟରେ ପରିଲକ୍ଷିତ ହୋଇଥାଏ । କ୍ଷୁଦ୍ରରୁ ମହତର ସୋପାନକୁ ଘେନି ଯିବାର ଶକ୍ତି ତାଙ୍କ ଗୀତିନାଟ୍ୟରେ ଅଛି । ସଚ୍ଚପୂତା କାହ୍ନୁରର ସ୍ଫୁଟକତା ପ୍ରତି ପଂକ୍ତିରେ ପରିସ୍ଫୁଟ ।

"ଦ୍ୱାରୀ" ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟର ଏକ ସାର୍ଥକ ତଥା ବିଶିଷ୍ଟ ଚରିତ୍ର । ଦ୍ୱାରୀ ମୁହଁରେ କବି ସମାଜର ଦୋଷ, ଦୁର୍ବଳତା, ଭଲମନ୍ଦ, ନ୍ୟାୟ ଅନ୍ୟାୟକୁ ବେଶ୍ ଭାବେ ଫୁଟାଇ ପାରିଛନ୍ତି । ତତ୍କାଳୀନ ସମାଜରେ ଦରଦାମ୍‌ର ମୂଲ୍ୟବୃଦ୍ଧି ହେତୁ ଦ୍ୱାରୀ–'ହରିଶ୍ଚନ୍ଦ୍ର ଗୀତିନାଟ୍ୟରେ ଗାଇଛି:–

"କ୍ଷିତିକି ଭିତିହେଲା ପ୍ରବଳ
ପଇସାରେ ପାନ ପାଞ୍ଚଟା ଛଅଟା
ଟଙ୍କାରେ ଛ ସେର ଅଧେ ଚାଉଳ ।"

ଶିକ୍ଷକମାନଙ୍କର ଦୟନୀୟ ଜୀବନ ପ୍ରତି 'ପ୍ରହ୍ଲାଦ' ଗୀତିନାଟ୍ୟରେ କବି ସହାନୁଭୂତିର ସ୍ୱର ତୋଳି ଗୁରୁ ଷଣ୍ଡାମର୍କଙ୍କ କଣ୍ଠରେ କହିଛନ୍ତି:–

"କାହିଁକି ଡକରା ହେଲା ଦୈତ୍ୟ ରାଜ ହେ
କେବଣ କାର୍ଯ୍ୟ ସାଧିବି କହ ଆଜ ହେ ।୧।
ଅନ୍ନ ବିନା ଶୂନ୍ୟ ଘର ସଦା ପଡ଼େ ହାହାକାର
କହିବାକୁ ଛାମୁରେ ମାଡ଼ଇ ଲାଜ ହେ ।୨।
ଅଳୁଆ ପଡ଼ିଛି ଘର ବରଷାରେ ହରବର
ବଇ ବୋଲେ ପଡ଼େ ଚନ୍ଦ୍ର ସୂର୍ଯ୍ୟ ହେ ।୩।"

ନିଶାପାନ ତଥା ମଦ୍ୟପାନର ଅପକାରୀତା ବିରୁଦ୍ଧରେ ତାଙ୍କ ଲେଖନୀ ମଧ୍ୟ ନୀରବ ରହିନାହିଁ:–

"ଛି ଛି ମଦ ଖାଇବି ନାହିଁ ଲୋ କଳାପାଣି ପରି ଦିଶେ
ସେଇ କଳା ପାଣି ପେଟରେ ପଡ଼ିଲେ ଚଉଦ ଭୁବନ ଦିଶେ ।"

ବ୍ୟଙ୍ଗହିଁ ସମାଜ ଜୀବନକୁ ମାର୍ଜିତ କରେ । ଫକୀର ମୋହନଙ୍କ ଭଳି ତାଙ୍କ ଲେଖନୀ ସମାଜର ନାନା ଦୋଷ ଦୁର୍ବଳତା ତଥା ବ୍ୟକ୍ତି ଚରିତ୍ରକୁ ବ୍ୟଙ୍ଗ କରି ଗାଇ ଉଠିଛି:–

"ପାଠ ପଢ଼ିବି ପାଠ ପଢ଼ିବି ମଧୁବାବୁ ସଙ୍ଗେ ଲଢ଼ିବି
ଭାରିଜାକୁ ହେବି କୋଟି ଦଣ୍ଡବତ ମାଆ ମୁଣ୍ଡେ ବିଧା କୋଡ଼ିବି ।"

ସ୍ୱର୍ଗତ ପାଣି ଯେ କେବଳ ଜଣେ କୃତୀ ନାଟ୍ୟକାର ଥିଲେ ତା ନୁହେଁ । ଚଳିତ ଶତାବ୍ଦୀର ପ୍ରଥମ ପାଦରେ ସେ ଜଣେ ମୁଖ୍ୟ କବି ଥିଲେ । ତାଙ୍କ ରଚିତ ଚଉତିଶା, ଭଜନ, ଜଣାଣ, ଭାଗବତ, ଫାର୍ଶ, ଶରୀର ଭେଦ ଭଜନ, କେତେକ କାବ୍ୟ, ତଥା ଅନ୍ୟାନ୍ୟ ସଙ୍ଗୀତଧର୍ମୀ ରଚନାବଳୀ ପ୍ରତି ଧ୍ୟାନ ଦେଲେ ଜଣାଯାଏ ଯେ ତାଙ୍କର କବି ପ୍ରତିଭା ବହୁ ରଶ୍ମିଯୁକ୍ତ ଥିଲା । ସେ ଉପନ୍ୟାସ ମଧ୍ୟ ରଚନା କରିଥିଲେ ।

ଓଡ଼ିଆ ଯାତ୍ରା ସାହିତ୍ୟର କ୍ରମ ବିକାଶ ଦିଗରେ ଯେଉଁମାନେ ଚିରସ୍ମରଣୀୟ ସେମାନଙ୍କ ମଧ୍ୟରେ ଗୋପାଳ ଦାସ, ଜଗନ୍ନାଥ ପାଣି, ବୈଷ୍ଣବ ପାଣି, ବାଳକୃଷ୍ଣ ମହାନ୍ତି, ରାମଚନ୍ଦ୍ର ସ୍ୱାଇଁ, କୃଷ୍ଣ ପ୍ରସାଦ ବସୁ ପ୍ରମୁଖ ଅନ୍ୟତମ କିନ୍ତୁ ଏହି ସ୍ରଷ୍ଟାଗଣଙ୍କ ମଧ୍ୟରେ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ବେଶୀ ଲୋକପ୍ରିୟତା ହାସଲ କରିବାର କାରଣ ହେଲା–ଶବ୍ଦ ପ୍ରୟୋଗରେ ମିତବ୍ୟୟତା ତଥା ଗ୍ରାମୀଣତା, ପୌରାଣିକ କଥାବସ୍ତୁର ନିର୍ବାଚନରେ ନିଜସ୍ୱ ଅନ୍ତର୍ଦୃଷ୍ଟି, ସମାଜ ଜୀବନ ପ୍ରତି ସଚେତନ ଶାଣିତ ଦୃଷ୍ଟିଭଙ୍ଗୀ, ଶ୍ରୁତିମଧୁର ଶବ୍ଦ ସମ୍ଭାରର ଯଥୋଚିତ ପ୍ରୟୋଗ ତଥା ଅସ୍ପୃ କବିତ୍ୱର କୀର୍ତ୍ତିରୋସ୍ପର୍ଶୀ–ଏହାହିଁ ତାଙ୍କ ସଫଳ ସୃଷ୍ଟି ପ୍ରତିଭାର ଅଫଳ ସ୍ୱୀକୃତି ।

ଦାରିଦ୍ର୍ୟର ବହ୍ନି-ବଳୟ ଭିତରେ ଶତତ ଦଗ୍ଧୀଭୂତ ହୋଇ ପରିସ୍ଥିତିର ତାଡ଼ନାରେ କୋଠପଦା ମଠରେ ଫୁଲ ତୋଳା ଠାରୁ ଆରମ୍ଭ କରି ମାସିକ ଆଠଅଣା ପଇସାରେ ରୋଷେଇଆ ଚାକିରୀ କରି ଜୀବିକା

ବହୁଥିବା ପାଣି ନିଜର ଅସାମାନ୍ୟ ପ୍ରଚେଷ୍ଟା, ଅସାଧାରଣ ଅନୁଭୂତି ଓର୍ଦ୍ଧେପରି ବିନୋଦ ବିହାରୀଙ୍କ ଠାରୁ ବରଲାଭ କରି ଆଜି ସେ ଜନ ମାନସର କବି ତଥା ଓଡ଼ିଆ ଯାତ୍ରା ନାଟକର ମୁକୁଟ ବିହୀନ ସମ୍ରାଟ ହୋଇ ପାରିଛନ୍ତି ।

ବୈଷ୍ଣବ ପାଣି କବିଙ୍କ ସୃଷ୍ଟି ଆଜି କାଳଜୟୀ ମଧ୍ୟ । ତାଙ୍କ ଜୀବନ କର୍ଦ୍ଦମ ପଙ୍କ ଭିତରେ ଅତିବାହିତ ହୋଇଥିଲେ ମଧ୍ୟ ତାଙ୍କ କବିତ୍ୱର ପଙ୍କଜ ଆଜି ସୁଦ୍ଧା ଆମର ରସ ଚେତନାକୁ ସୁରଭିତ କରି ରଖିଅଛି ।

ଓଡ଼ିଆର ପ୍ରିୟ ଗ୍ରନ୍ଥ ଭାଗବତ ପରି ବୈଷ୍ଣବ ପାଣି ଆଜି ସବୁରି ହୃଦୟରେ ତଥା ଜନ ମାନସରେ ସମ୍ମାନୀତ, ଆଦୃତ ଏବଂ ବରଣୀୟ ।

କବିଙ୍କର ଜନ୍ମତିଥି ପବିତ୍ର କୁମାର ପୂର୍ଣ୍ଣିମା । ଏହି ପବିତ୍ର ଦିବସରେ କବିଙ୍କର ସ୍ମୃତି ଉଦ୍ଦେଶ୍ୟରେ ଅନ୍ତରର ବିନମ୍ର ପ୍ରଣତି ତଥା ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ।

ଗୀତିକାର
ଆକାଶବାଣୀ, ଜୟପୁର
କୋରାପୁଟ ।





# ସମୁଦ୍ର କଇଁଛ

ଡକ୍ଟର ସୁଧାକର କର

ସରୀସୃପ ଜଗତରେ କଇଁଛମାନଙ୍କର ସୃଷ୍ଟି ପ୍ରାୟ ୧୬୦ ନିୟୁତ ବର୍ଷ ପୂର୍ବରୁ । ଏମାନଙ୍କୁ ପ୍ରଧାନତଃ ଦୁଇଟି ଶ୍ରେଣୀଭୁକ୍ତ କରାଯାଇଥାଏ, ଯଥା :—ସ୍ଥଳଚର କଇଁଛ ଏବଂ ଜଳଚର କଇଁଛ । ଜଳଚର କଇଁଛ ସାଧାରଣତଃ ଦୁଇ ପ୍ରକାରର ମିଠାପାଣି, ଏବଂ କଇଁଛ ଲୁଣିପାଣି ବା ସମୁଦ୍ର କଇଁଛ ।

ପୃଥିବୀରେ ସାତ ପ୍ରକାରର ସମୁଦ୍ର କଇଁଛ ଦେଖାଯାଆନ୍ତି:—ଅଲିଭ୍‌ରିଡ୍‌ଲି, କେମସ୍ ରିଡ୍‌ଲି, ଲେଦର ବ୍ୟାକ୍, ହକ୍‌ସ ବିଲ୍ ବା ଶୁଆ ଥଣ୍ଟିଆ, ଲଗର ହେଡ୍, ଗ୍ରିନ୍ ଟର୍ଟଲ୍ ଓ ଫ୍ଲାଟ୍‌ବ୍ୟାକ୍ ଟର୍ଟଲ୍ । ଏହି ସାତ ଜାତୀୟ ସମୁଦ୍ର କଇଁଛମାନଙ୍କ ମଧ୍ୟରୁ ଆମ ଭାରତରେ ପାଞ୍ଚ ଜାତୀୟ କଇଁଛ ଦେଖିବାକୁ ମିଳନ୍ତି । କେମସ୍ ରିଡ୍‌ଲି ଓ ଫ୍ଲାଟବ୍ୟାକ୍ ଟର୍ଟଲ ଭାରତରେ ଦେଖିବାକୁ ମିଳନ୍ତି ନାହିଁ ।

ଏହି ପାଞ୍ଚ ଜାତୀୟ କଇଁଛମାନଙ୍କ ମଧ୍ୟରୁ ଅଲିଭ୍ ରିଡ୍‌ଲି (ଡାକନାମ—ଶୋଲ କଇଁଛ) ଭାରତର ବିଭିନ୍ନ ସ୍ଥାନରେ ସମୁଦ୍ରକୂଳ ବାଲିରେ ଅଣ୍ଡା ଦେବାକୁ ଆସନ୍ତି । ଓଡ଼ିଶାର ଭିତରକନିକା ଅଭୟାରଣ୍ୟ ସୀମାକୁ ଲାଗି ସମୁଦ୍ର କୂଳ ବାଲିରେ ଅଲିଭ୍ ରିଡ୍‌ଲି କଇଁଛ ହଜାର ହଜାର ସଂଖ୍ୟାରେ ଅଣ୍ଡା ଦେବାକୁ ଆସିଥାଆନ୍ତି । ଏହି ସ୍ଥାନଟିର ନାମ "ଗହୀର ମଥା" । କଟକ ଜିଲ୍ଲାର ରାଜନଗର ବ୍ଲକ୍ ଅନ୍ତର୍ଗତ ସମୁଦ୍ର ଉପକୂଳରେ ଅବସ୍ଥିତ ପ୍ରାୟ ଦଶ କିଲୋମିଟରର ଲମ୍ବ ଏହି ସ୍ଥାନଟି ସାମୁଦ୍ରିକ କଇଁଛମାନଙ୍କର ସମୂହଭାବେ ଅଣ୍ଡାଦେବା ସ୍ଥଳୀଭାବେ ପୃଥିବୀ ବିଖ୍ୟାତ । ଆନ୍ତର୍ଜାତିକ କୁମ୍ଭୀର ଓ କଇଁଛ ବିଶାରଦ, ଡ଼ଃ: ଏଚ୍: ଆର: ବସ୍ତାର୍ଡଙ୍କ ମତରେ' ଗହୀର ମଥା' ଏହି ଜାତୀୟ କଇଁଛମାନଙ୍କର ପୃଥିବୀରେ ସବୁଠାରୁ ବୃହତ୍ତମ ଅଣ୍ଡା ଦେବା ସ୍ଥଳୀ ।"

ଏହି ଗହୀରମଥା ସମୁଦ୍ର କୂଳରେ, ଅଲିଭ୍ ରିଡ୍‌ଲି କଇଁଛମାନଙ୍କର ଅଣ୍ଡା ଦେବା ପ୍ରକ୍ରିୟା ବିଗତ କେତେ ଦଶନ୍ଧି ହେବ ଚାଲୁଅଛି ତାହାର କିଛି ହିସାବ ନାହିଁ । ପୁରୁଖା ଲୋକମାନଙ୍କ ମତରେ ଶହଶହ ବର୍ଷହେବ କଇଁଛମାନେ ଅଣ୍ଡା ଦେବାକୁ ଏ ସ୍ଥାନକୁ ଆସୁଛନ୍ତି । କନିକା ଜମିଦାରୀ ଶାସନର ପୂର୍ବ ଓ ପରବର୍ତ୍ତୀ ସମୟରେ (୧୯୭୪ ମସିହା ପର୍ଯ୍ୟନ୍ତ) ଏହି କଇଁଛମାନଙ୍କର ଅଣ୍ଡା ବିକ୍ରୟ କରାଯାଉଥିଲା । କଇଁଛ ଅଣ୍ଡା ବୋଝେଇ ଗୋଟିଏ ଡଙ୍ଗାକୁ ମାତ୍ର ପନ୍ଦର ଟଙ୍କା ମାହାସୁଲ ମିଳୁଥିଲା । ବର୍ଷକୁ ହାରାହାରି ପଚିଶି ଗୋଟି ଡଙ୍ଗା ଅଣ୍ଡା ବୋଝେଇ କରି ବିଭିନ୍ନ ସ୍ଥାନକୁ ବିକ୍ରୟ ପାଇଁ ଯାଉଥିଲେ । ହିସାବରୁ ଜଣା ପଡ଼ିଛି ଗୋଟିଏ ଡଙ୍ଗାରେ ଅତି କମ୍‌ରେ ପଚିଶି ହଜାର ଓ ଅତି ବେଶିରେ ଏକ ଲକ୍ଷ କଇଁଛ ଅଣ୍ଡା ଧରିଥାଏ । ଏହା ବ୍ୟତୀତ ଶେଷରେ ବହୁତ ଗୁଡ଼ିଏ ଜୀବନ୍ତ କଇଁଛ ଓ ଅଣ୍ଡା ଓଡ଼ିଶା ବାହାରକୁ ପ୍ରଧାନତଃ କଲିକତାକୁ ରପ୍ତାନି ହୋଇଥାଏ । କଲିକତା ବଜାରରେ କଇଁଛ ଅଣ୍ଡା ଓ ଏହାର ମାଂସର ଚାହିଦା ଖୁବ୍ ବେଶୀ ।

୧୯୭୪ ମସିହା ପୂର୍ବରୁ ଗହୀର ମଥାରେ ଅସଂଖ୍ୟ କଇଁଛ ଅଣ୍ଡା ଦେବାକୁ ଆସି ଥିଲେ ମଧ୍ୟ ଏହା କେଉଁ ଜାତୀୟ କଇଁଛ ତାହାରିକୁ ମାଲୁମ ନ ଥିଲା । ୧୯୭୪ ମସିହା ଶେଷ ଭାଗରେ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର କୁମ୍ଭୀର ଓ କଇଁଛ ବିଶାରଦ ଡ଼ଃ ଏଚ୍. ଆର. ବସ୍ତାର୍ଡ ଯେତେବେଳେ ପ୍ରଥମ ଥର ଏହି ସ୍ଥାନ ପରିଦର୍ଶନ କଲେ, ସେତେବେଳେ ମଲା କଇଁଛର ଖପୁରୀ ଓ ଖୋଳପା ଦେଖି ଏହା ଅଲିଭ୍ ରିଡ୍ଲି ଜାତୀୟ କଇଁଛ ବୋଲି ଚିହ୍ନିଥିଲେ । ଏହି ଜାତୀୟ କଇଁଛମାନଙ୍କର ସୁରକ୍ଷା ଓ ଏମାନଙ୍କ ଉପରେ ଗବେଷଣା ପାଇଁ ସେ ବନ ବିଭାଗ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ କଇଁଛ ଅଣ୍ଡା ବିକ୍ରୟ ସଂପୂର୍ଣ୍ଣ ଭାବେ ବନ୍ଦ ହେବା ସଙ୍ଗେସଙ୍ଗେ କଇଁଛମାନଙ୍କର ଅଣ୍ଡା ଦେବା ସ୍ଥଳୀ ଏବଂ କୂଳକୁ ଅଣ୍ଡା ଦେବାକୁ ଆସୁଥିବା ମାଈ କଇଁଛମାନଙ୍କର ସର୍ବବିଧ ସୁରକ୍ଷା କରାଗଲା । ୧୯୭୫-୭୬ ମସିହାରେ ଡ଼ଃ ବସ୍ତାର୍ଡ ବନ ବିଭାଗ କର୍ମଚାରୀଙ୍କ ସହାୟତାରେ ଏକ ଗଣତି କରି ଦେଖିଲେ ଯେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ କଇଁଛ ଗହୀର ମଥାକୁ ଅଣ୍ଡା ଦେବାକୁ ଆସିଥାଆନ୍ତି । ତା' ପରଠାରୁ ଏହି କଇଁଛମାନଙ୍କ ଉପରେ ବିଶେଷ ଜ୍ଞାନ ଆହରଣ କରିବା ପାଇଁ ଗବେଷଣା ମଧ୍ୟ ଚାଲିଅଛି ।

ପ୍ରତିବର୍ଷ ଜାନୁୟାରୀ ମାସଠାରୁ ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ଅଲିଭ୍ ରିଡ୍ଲି କଇଁଛ ଅଣ୍ଡା ଦେବାକୁ ସମୁଦ୍ର କୂଳ ବାଲିକୁ ଆସିଥାନ୍ତି । ଏମାନେ ଦୁଇଟି ପର୍ଯ୍ୟାୟରେ ଅଣ୍ଡା ଦେବାକୁ ଆସନ୍ତି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଅଣ୍ଡା ଦେବାକୁ ସମୟ ଭିତରେ ବ୍ୟବଧାନ ପ୍ରାୟ ଦୁଇମାସ । ପ୍ରତି ପର୍ଯ୍ୟାୟର ସମୟ ବ୍ୟବଧାନ ଅତି କମ୍‌ରେ ସାତ ଦିନ ଓ ଅତି ବେଶୀରେ ଦଶ ଦିନ । ଏହି ସମୟ ଭିତରେ ପ୍ରତିଦିନ, ଅତି କମ୍‌ରେ ଏକ ହଜାରରୁ ଅତି ବେଶୀରେ ଅଶୀ ହଜାର ପର୍ଯ୍ୟନ୍ତ କଇଁଛ ଅଣ୍ଡା ଦେବାକୁ କୂଳ ଉପରକୁ ଆସିଥାନ୍ତି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ଶତକଡ଼ା ଅନେଶତ ଭାଗ କଇଁଛ ଅଣ୍ଡା ଦେବାକୁ ଗହୀର ମଥା ଆସନ୍ତି । ଅବଶିଷ୍ଟ କଇଁଛ [illegible] ବର୍ଷ ତମାମ୍ ଅଣ୍ଡା ଦେଇଥାନ୍ତି । ଗବେଷଣାରୁ ଜଣା ପଡ଼ିଛି, ଅତି କମ୍‌ରେ ବର୍ଷକୁ ଦୁଇ ଲକ୍ଷରୁ ଅତି ବେଶୀରେ ସାଢ଼େ ଛଅ ଲକ୍ଷ କଇଁଛ ଏହି ଗହୀର ମଥାକୁ ଅଣ୍ଡା ଦେବାକୁ ଆସନ୍ତି । ହାରାହାରି ବର୍ଷକୁ ଅଢ଼େଇ ଲକ୍ଷ କଇଁଛ ଅଣ୍ଡା ଦେବାକୁ ଆସନ୍ତି ।

ଏହି କଇଁଛଗୁଡ଼ିକର ଲମ୍ବ ପ୍ରାୟ ୭୫ ସେ ; ମି : ଓ ଓଜନ ପ୍ରାୟ ୫୦ କେ. ଜି. । ମାଈ କଇଁଛ ଥରକେ ଏକ ଶତରୁ ଦୁଇ ଶତ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି । ଏମାନେ ସାଧାରଣତଃ ରାତିରେ ଅଣ୍ଡା ଦେବାକୁ ଆସନ୍ତି ଓ ସୂର୍ଯ୍ୟୋଦୟ ପୂର୍ବରୁ ଅଣ୍ଡା ଦେଇସାରି ସମୁଦ୍ରକୁ ଫେରିଯାଆନ୍ତି । ହାରାହାରି ୧୧୦ଟି ଅଣ୍ଡା ଥରକେ ଗୋଟିଏ କଇଁଛ ଦେଇଥାଏ । ଅଣ୍ଡାଗୁଡ଼ିକ ଧଳା ରଙ୍ଗର ଏବଂ ଦେଖିବାକୁ ପିଙ୍ଗ୍ ପଙ୍ଗ୍ ବଲ ଆକୃତି । ଅଣ୍ଡାର ଲମ୍ବ ଓ ଓଜନ ଯଥାକ୍ରମେ ୩୫ ସେ. ମି. ଓ ୩୦ ଗ୍ରାମ୍ । ଅଣ୍ଡା ଦେବାପରେ ମାଈ କଇଁଛ ସମୁଦ୍ରକୁ ଫେରିଯାଏ । ଗୋଟିଏ କଇଁଛ ସମୁଦ୍ରରୁ ବାହାରି, ଅଣ୍ଡା ଦେବାକୁ ସ୍ଥାନ ନିରୂପଣ କରି ଓ ଅଣ୍ଡା ଦେଇସାରି ସମୁଦ୍ରକୁ ଫେରି ଯିବାକୁ ପ୍ରାୟ ୭୫ ମିନିଟ୍ ସମୟ ଲାଗେ ।

ଅଣ୍ଡାରୁ ଛୁଆ ହେବାକୁ ୬୦ ଦିନ ସମୟ ଲାଗେ । ଛୁଆ ଜନ୍ମ ହେବା ପରେ ଆପେଆପେ ସମୁଦ୍ରକୁ ଚାଲିଯାଆନ୍ତି । ଏମାନେ ସାଧାରଣତଃ ରାତିରେ ବସାରୁ-ବାଲି ମଧ୍ୟରୁ ବାହାରନ୍ତି ଓ ରାତି ପାହିବା ପୂର୍ବରୁ ସମୁଦ୍ରକୁ ଚାଲିଯାଆନ୍ତି । ଯଦି କେହି ସୂର୍ଯ୍ୟୋଦୟ ପରେ ବସାରୁ ବାହାରେ କିମ୍ବା ସମୁଦ୍ରର ପାଣିରେ ପହଞ୍ଚିବାକୁ ଡେରି ହୋଇଯାଏ ତା ହେଲେ ସମୁଦ୍ର କୁଆ, ଚିଲ ଓ ବାଜ ପ୍ରଭୃତି ଶୀକାରି ଚଢ଼େଇମାନଙ୍କର ଶୀକାର ହୁଅନ୍ତି । ଜନ୍ମ ହେବା ପରେ ଛୋଟ ଛୁଆର ଲମ୍ବ ଓ ଓଜନ ଯଥାକ୍ରମେ ୩୫ ମି. ମି. ଓ ୨୦ ଗ୍ରାମ୍ ।

ଏପର୍ଯ୍ୟନ୍ତ ୧୫୦୦୦ ମାଈ କଇଁଛମାନଙ୍କୁ ଟ୍ୟାଗିଂ କରାଯାଇଅଛି । ଏହି ଟ୍ୟାଗ୍‌ଗୁଡ଼ିକରେ ନମ୍ବର ଅଛି ଓ ଏହାକୁ ଆଗ ଗୋଡ଼ରେ (ଫ୍ଲିପରରେ) ଲଗାଇ ଦିଆଯାଇଥାଏ । ପ୍ରତିବର୍ଷ ଟ୍ୟାଗିଂ ହୋଇଥିବା କଇଁଛମାନଙ୍କ ମଧ୍ୟରୁ କେତେକ ଅଣ୍ଡା ଦେବାକୁ ଗହୀରମଥା ଆସନ୍ତି । କେତେକ କଇଁଛ ଗୋଟିଏ ବର୍ଷରେ ଦୁଇ ଥର ଅଣ୍ଡା ଦେବାକୁ ଗହୀରମଥା ଆସନ୍ତି । ବିଗତ ବାର ବର୍ଷର ଗବେଷଣାରୁ ଜଣା ପଡ଼ିଛି ଯେ ସମୁଦ୍ର କଇଁଛ ପ୍ରତିବର୍ଷ ଅଣ୍ଡା ଦେବାକୁ ସମୁଦ୍ର କୂଳକୁ ଆସନ୍ତି ନାହିଁ । ଅନ୍ୟ କେଉଁ ସ୍ଥାନରେ ଅଣ୍ଡା ଦେବାର କିଛି ତଥ୍ୟ ମଧ୍ୟ ନାହିଁ । ୧୯୮୨ ମସିହାରେ କଇଁଛମାନେ ଅଣ୍ଡା ଦେବାକୁ ଗହୀରମଥା ଆସିନଥିଲେ ଏବଂ ସେହିଭଳି ୧୯୮୬ ମସିହାରେ ମାତ୍ର ଆଠ ହଜାର କଇଁଛ ଅଣ୍ଡା ଦେବାକୁ ଆସିଥିଲେ । ଗଲା ବର୍ଷ ମାତ୍ର ଅଳ୍ପ କେତୋଟି କଇଁଛ ଅଣ୍ଡା ଦେବାକୁ କୂଳକୁ ଆସିଥିଲେ । ଏହି ବିଗତ ବାର ବର୍ଷ ବ୍ୟତୀତ ଅନ୍ୟ ବର୍ଷଗୁଡ଼ିକର (୧୯୭୬ ମସିହା ପୂର୍ବରୁ) କଇଁଛମାନଙ୍କ ଅଣ୍ଡା ଦେବା ସମ୍ବନ୍ଧରେ କିଛି ତଥ୍ୟ ନାହିଁ । ଗଲା ବର୍ଷ ସମୁହଭାବେ କଇଁଛ ଅଣ୍ଡା ଦେବାକୁ ଆସି ନଥିବାରୁ ବହୁତଗୁଡ଼ିଏ କପୋଳକଳ୍ପିତ ତଥ୍ୟ ପ୍ରକାଶ ପାଇଲା । (କ) ମଲା କଇଁଛ ସମୁଦ୍ର କୂଳ ବାଲିରେ ପଡ଼ି ପଚି ସଢ଼ି ହେବାରୁ ଏହା ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି, ଫଳରେ କଇଁଛମାନେ ଅଣ୍ଡା ଦେବାକୁ ଆସୁନାହାନ୍ତି, (ଖ) ଗହୀରମଥା ସମୁଦ୍ରକୂଳ ବହୁତ ପରିମାଣରେ ଖାଇଯାଉଛି, ଫଳରେ କଇଁଛମାନେ ଅଣ୍ଡା ଦେବାକୁ ସୁବିଧା ସ୍ଥାନ ପାଉ ନାହାନ୍ତି, (ଗ) ଆହୁରି ମଧ୍ୟ ସମୁଦ୍ର ବାଲିରେ ଆର୍ଦ୍ରତା ଅଂଶ ବେଶୀ ଥିବାରୁ ଏବଂ ଏଥି ସହିତ ପାଗ ପ୍ରତିକୂଳ ଥିବାରୁ କଇଁଛମାନେ ଅଣ୍ଡା ଦେବାକୁ ଆସୁ ନାହାନ୍ତି ବୋଲି ମତ ପ୍ରକାଶ ପାଇଲା । କିନ୍ତୁ ପ୍ରକୃତ ତଥ୍ୟ କ'ଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ । ଏହି ବିଗତ ବର୍ଷଗୁଡ଼ିକର ତଥ୍ୟ ସମୀକ୍ଷା କଲେ ଜଣାପଡ଼େ ଯେଉଁ ବର୍ଷ କଇଁଛମାନେ ଅଣ୍ଡା ଦେବାକୁ ଆସୁନାହାନ୍ତି ତା'ର ଠିକ୍ ପରବର୍ଷ ତାଙ୍କର ସଂଖ୍ୟା ନିଶ୍ଚିତ ଭାବେ ଖୁବ୍ ଅଧିକ । ୧୯୮୬ ମସିହାରେ ମାତ୍ର ଆଠ ହଜାର କଇଁଛ ଅଣ୍ଡା ଦେବାକୁ ଆସିଥିବା ସ୍ଥଳେ,



୧୯୮୭ ମସିହାରେ ସାଢ଼େଛଅ ଲକ୍ଷ କଇଁଛ ଅଣ୍ଡା ଦେବାକୁ ଆସି ଗହୀରମଥା ତଥା ପୃଥିବୀରେ ଏକ ରେକର୍ଡ ସୃଷ୍ଟି କରିଥିଲେ । ଏଥିରୁ ସମୀକ୍ଷା କଲେ ଜଣାପଡୁଛି, କଇଁଛମାନେ ଅନ୍ୟାନ୍ୟ ସରୀସୃପ ଯଥା କୁମ୍ଭୀର ଓ ଗୋଧି ପ୍ରଭୃତି ଜୀବ ଭଳି ପ୍ରତିବର୍ଷ ଅଣ୍ଡା ଦିଅନ୍ତି ନାହିଁ । ଏଥିରେ ବିସ୍ମିତ ହେବାର କୌଣସି କାରଣ ନାହିଁ ।

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ମାଆ କଇଁଛ ବ୍ୟତୀତ ଅଣ୍ଡିରା କଇଁଛ କେବେ ହେଲେ କୂଳକୁ ଆସନ୍ତି ନାହିଁ । ମାଈ କଇଁଛ ମଧ୍ୟ ଅଣ୍ଡା ଦେବା ସମୟ ବ୍ୟତୀତ ଅନ୍ୟ ସମୟରେ କୂଳକୁ ଆସେ ନାହିଁ । ଛୋଟ କଇଁଛ ଛୁଆ ଅଣ୍ଡାରୁ ବାହାରି ସମୁଦ୍ରକୁ ଗଲା ପରେ ଆଉ କେବେ କୂଳକୁ ଆସିବାର ଦେଖା ଯାଇନାହିଁ । ଏହା ବ୍ୟତୀତ ସମୁଦ୍ରରେ କଇଁଛମାନଙ୍କର ବାସସ୍ଥଳୀ, ଗତିବିଧି ଓ ଖାଦ୍ୟ ଉପରେ କିଛି ଜ୍ଞାନ ସଂଗ୍ରହ କରାଯାଇ ପାରିନାହିଁ । ଏମାନେ ଅଣ୍ଡା ଦେବାକୁ କେଉଁ ସ୍ଥାନରୁ ଆସନ୍ତି ଓ ଅଣ୍ଡା ଦେଇ କେଉଁ ସ୍ଥାନକୁ ଫେରି ଯାଆନ୍ତି ସେ ବିଷୟରେ ଯାହା କିଛି ତଥ୍ୟ ଅଛି ତାହା ଖୁବ୍ ସିମୀତ ତଥା କେତେକାଂଶରେ କପୋଳ-କଳ୍ପିତ । ଛୋଟ ଛୁଆରୁ ପ୍ରାପ୍ତ ବୟସରେ ପହଞ୍ଚିବାକୁ କେତେ ବର୍ଷ ସମୟ ଲାଗେ ଓ କେଉଁ ହାରରେ ଏମାନେ ବଢ଼ନ୍ତି ସେ ବିଷୟରେ ବିଶେଷ କିଛି ଗବେଷଣା କରାଯାଇ ପାରିନାହିଁ । ଏପର୍ଯ୍ୟନ୍ତ କଇଁଛମାନଙ୍କ ଉପରେ ଯାହା କିଛି ଜ୍ଞାନ/ତଥ୍ୟ ସଂଗ୍ରହ କରାଯାଇଅଛି, ତାହା କେବଳ ଗହୀରମଥା ସମୁଦ୍ର କୂଳ ବାଲି ଉପରେ ସୀମାବଦ୍ଧ ।

ସମୁଦ୍ର ମଧ୍ୟରେ କଇଁଛମାନଙ୍କୁ ଚୋରା କଇଁଛ ବେପାରୀ ଓ ଚାଲାଣକାରୀମାନଙ୍କ କବଳରୁ ରକ୍ଷା କରିବା ପାଇଁ ଓଡ଼ିଶା ସରକାର ଓ ଭାରତ ସରକାର ବିଗତ ବାର ବର୍ଷ ହେଲା ଉଦ୍ୟମ କରି ଆସୁଛନ୍ତି । ଭାରତ ସରକାରଙ୍କ ତଟରକ୍ଷକ ଜାହାଜ, ବନ ବିଭାଗ ଓ ପୋଲିସ୍ ବିଭାଗ କର୍ମଚାରୀଙ୍କ ସହାୟତାରେ ୧୯୮୨ ମସିହା ପରଠାରୁ ପ୍ରତିବର୍ଷ ନଭେମ୍ବର-ଠାରୁ ଏପ୍ରିଲ୍ ମାସ ମଧ୍ୟରେ ପାରାଦ୍ୱୀପଠାରୁ ଧାମରା ମୁହାଣ ପର୍ଯ୍ୟନ୍ତ ମଝିରେ ମଝିରେ ପହରା ଦେବା ଦ୍ୱାରା କଇଁଛ ଚୋରା ବେପାର ଏବଂ ଚାଲାଣ ପ୍ରାୟ କମି ଆସିଲାଣି କିନ୍ତୁ ସମୁଦ୍ର ମଧ୍ୟରେ ଶହ ଶହ ଯନ୍ତ୍ରଚାଳିତ ନୌକା ଓ ଟ୍ରଲରଗୁଡ଼ିକର ଅବାଧ ଚଳ ପ୍ରଚଳ ଦ୍ୱାରା ବହୁତ କଇଁଛ ମରି କୂଳରେ ଲାଗୁଛନ୍ତି । କଇଁଛମାନଙ୍କର ଅଣ୍ଡା ଦେବା ସମୟରେ ଏହି ଯନ୍ତ୍ରଚାଳିତ ନୌକା ଓ ଟ୍ରଲରଗୁଡ଼ିକର ଗତିବିଧି ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ସରକାର କେତେକ ପଦକ୍ଷେପ ନେଉଛନ୍ତି ।

ଗହୀରମଥା ସମୁଦ୍ରକୂଳ ବାଲିରେ ଯେ ପର୍ଯ୍ୟନ୍ତ କୌଣସି ବଡ ଧରଣର ପ୍ରାକୃତିକ ବିପର୍ଯ୍ୟୟ ନ ଘଟିଛି ସେ ପର୍ଯ୍ୟନ୍ତ ସମୁଦ୍ର କଇଁଛ ଅଣ୍ଡା ଦେବାକୁ ଆସୁଥିବେ । ଗହୀରମଥାର ଅନତିଦୂର ସମୁଦ୍ର କୂଳକୁ ଲାଗି ଏକ ଛୋଟ ଗ୍ରାମ ଅଛି । ତା'ର ନାମ ସାତଭାୟା । ସେହି ସାତଭାୟା ଗ୍ରାମର ଜଣେ ଖୁବ୍ ପୁରୁଣା ଲୋକ ତାଙ୍କର ମତ ବ୍ୟକ୍ତ କରି କହିଲେ" କେଉଁ ଅଜ୍ଞା ଅମଳରୁ ଗହୀରମଥାରେ କଇଁଛମାନେ ଅଣ୍ଡା ଦେବାକୁ ଆସୁଛନ୍ତି ଓ ଆସିବେ ମଧ୍ୟ" ।

ଗବେଷଣା ଅଧିକାରୀ
ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ,
୩୧୫-ଖାରବେଳ ନଗର,
ଭୁବନେଶ୍ୱର

# ବନୀକରଣ ଓ ଗଣ ଆନ୍ଦୋଳନ

ଶ୍ରୀ ଭାଗୀରଥୀ ବେହେରା

ଆମ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଥରେ କହିଥିଲେ ବନୀକରଣ କାର୍ଯ୍ୟକ୍ରମ ବ୍ୟାପକ ସ୍ତରରେ ସଫଳ ହେବ, ଯଦି ତାହାଏକ ଗଣ ଆନ୍ଦୋଳନରେ ପରିଣତ କରାଯାଇ ପାରିବ ।

ପରିବେଶର ଭାରସାମ୍ୟ ରକ୍ଷା ପାଇଁ ଜଙ୍ଗଲ ସୁରକ୍ଷା ଓ ବନୀକରଣ ଏକାନ୍ତ ଆବଶ୍ୟକ ଏବଂ ଅଧୁନା ପରିସ୍ଥିତିରେ ଜନ ଜାଗରଣ ବିନା ଏହା ଆଦୌ ସମ୍ଭବ ନୁହେଁ ଏହା କହିବା ବାହୁଲ୍ୟ । ସର୍ବୋତଭାବେ ଏହି ଜାଗରଣକୁ ଗଣ ଆନ୍ଦୋଳନରେ ପରିଣତ କରିବା ଛଡ଼ା ଅନ୍ୟ ଉପାୟ ନାହିଁ ।

ଦ୍ରୁତ ଜନସଂଖ୍ୟାର ବୃଦ୍ଧି, ଦ୍ରୁତ ଶିଳ୍ପ ବିକାଶ, ଜନବସତି ଅଞ୍ଚଳ ସମ୍ପ୍ରସାରଣ, ସୌଖୀନ ଜୀବନ ଯାପନ ପାଇଁ ଅଭିଳାଷ ଆମ ପରିବେଶ ପ୍ରତି ଘୋର ବିପଦ ଦେଖା ଦେଇଛି । ବେଳ ଥାଉଁ ଥାଉଁ ଏ ସଙ୍କଟରୁ ରକ୍ଷା ପାଇବା ପାଇଁ ଉପାୟ କରିବା ଆବଶ୍ୟକ ।

ପ୍ରଥମେ ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ସହଯୋଗରେ ସୁଇଡେନ୍‌ର ଷ୍ଟକ୍‌ହୋମ୍‌ଠାରେ ୧୯୭୨ ମସିହାରେ "ମାନବୀୟ ପରିବେଶ" ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ୯ ବର୍ଷ ପରେ ୧୯୮୧ ରେ ଭାରତ ସରକାରଙ୍କ ପରିବେଶ ବିଭାଗ ଏବଂ ଦିଲ୍ଲୀସ୍ଥିତ ଭାରତୀୟ ପାରିପାର୍ଶ୍ୱିକ ସମିତି ତରଫରୁ ପାରିପାର୍ଶ୍ୱିକ ଶିକ୍ଷା ଉପରେ ଆଧାରିତ ଏକ ଆଲୋଚନା ଚକ୍ର ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ପରିବେଶ ପ୍ରତି ରାଜ୍ୟ ଏବଂ ଦିଲ୍ଲୀ ସ୍ତରରେ ବିଭିନ୍ନ ସ୍ୱେଚ୍ଛାସେବୀମାନଙ୍କୁ ନେଇ ବେସରକାରୀ ଉଦ୍ୟମରେ ପରିବେଶ ସମିତିମାନ ଗଠନ କରାଯିବାର ସ୍ଥିର ହେଲା ।

ପରିବେଶରେ ଉଦ୍ଭିଦ ଜଗତର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ଏବଂ ଉଦ୍ଭିଦ ଜଗତ ଭିତରେ ଅରଣ୍ୟହିଁ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବୃକ୍ଷର ବଦଳ ନାହିଁ ବା ବିକଳ୍ପ ନାହିଁ । ଏହା କେବଳ ଆମକୁ ଛାଇ, ଜାଳେଣି ବା ଫଳ ଦିଏ ନାହିଁ, ଏହା ଅଙ୍ଗାରକାମ୍ଳଯାନ ଶୋଷି ନେଇ ବାୟୁମଣ୍ଡଳକୁ ଅମ୍ଳଯାନ ଯୋଗାଇଥାଏ ଏବଂ ଧୂଳି ଧୂଆଁକୁ ଛାଣି ଦେଇଥାଏ । ଧ୍ୱନୀ ପ୍ରଦୂଷଣକୁ ନିୟନ୍ତ୍ରଣ କରେ । ଏହାଛଡ଼ା ମୃତ୍ତିକା କ୍ଷୟ ଏବଂ ବନ୍ୟା ଏବଂ ମରୁଡ଼ି ନିୟନ୍ତ୍ରଣରେ ସାହାଯ୍ୟ କରି ପରିବେଶୀୟ ଭାରସାମ୍ୟ ରକ୍ଷା କରିଥାଏ । ତେଣୁ ଯଥାର୍ଥରେ କୁହାଯାଇଛି ଯଦି ଜଙ୍ଗଲ ଲୋପ ପାଇଯାଏ ତେବେ ଏହା ଉପରେ ନିର୍ଭରଶୀଳ ଜୀବଜଗତ ମଧ୍ୟ ଲୋପ ପାଇଯିବ ।

ଅରଣ୍ୟର ସାମାଜିକ ଆବଶ୍ୟକତା ତଥା ଉଦାର କର୍ତ୍ତବ୍ୟବୋଧ ପ୍ରସଙ୍ଗରେ ଗୌତମ ବୁଦ୍ଧ କହିଥିଲେ–"ଅରଣ୍ୟହିଁ ଅସୀମ କରୁଣାର ଏକ ଅଦ୍ଭୁତ ସୃଷ୍ଟି । ଏହା ନିଜ ଜୀବନ ଧାରଣ ପାଇଁ କେବେ ସଚେତନ ନୁହେଁ, ବରଂ ଉଦାର ହୃଦୟରେ ନିଜ ଜୀବନଧାରା ପରିସରଭୁକ୍ତ ଜୀବଜନ୍ତୁଙ୍କୁ ଆଶ୍ରୟ ଦେଇଥାଏ । ଏହା ସମସ୍ତ ବିଦ୍ୟମାନ ଜୀବ ତଥା ବୃକ୍ଷଲତାଙ୍କୁ ଏପରିକି ଏହାର ଧ୍ୱଂସ ସାଧନକାରୀ କାଠୁରିଆଙ୍କୁ ମଧ୍ୟ ଛାୟା ପ୍ରଦାନ କରି ରକ୍ଷା କରିଥାଏ ।"

ଯୁଗ ଯୁଗ ଧରି ଜଙ୍ଗଲ ମଣିଷ ସମାଜର ବହୁବିଧ ଉପକାର ସାଧନ କରି ଆସୁଅଛି । ସମଗ୍ର ପୃଥିବୀର ସ୍ଥଳଭାଗ ୧,୩୦୭.୫ କୋଟି ହେକ୍ଟର୍ ମଧ୍ୟରୁ ଜଙ୍ଗଲ ୪୪୪ କୋଟି ହେକ୍ଟର୍ ସ୍ଥାନ ଅଧିକାର କରିଛି । ସେଥିରୁ ମଣିଷକୃତ ଜଙ୍ଗଲ ମାତ୍ର ୯ କୋଟି ହେକ୍ଟର୍ । କିନ୍ତୁ ପ୍ରାକୃତିକ ଜଙ୍ଗଲର ବିକଳ୍ପ ନାହିଁ । ଘାସ, ଲତା, ଗୁଳ୍ମ, ବୁଦା ଏବଂ ଛୋଟ ବଡ଼ ଗଛରେ ଭରା ପ୍ରାକୃତିକ ଜଙ୍ଗଲ କୃତ୍ରିମ ଉପାୟରେ ଏପରି ସୃଷ୍ଟି ପ୍ରକାର ଜଙ୍ଗଲ ସୃଷ୍ଟି ସମ୍ଭବ ନୁହେଁ । ଅନ୍ୟ ଭାଷାରେ ସୃଷ୍ଟି ପ୍ରକାର ଏଯେଉଁ ପରିବେଶ, ବିଭିନ୍ନ ଜୀବଜନ୍ତୁଙ୍କ ଜୀବନଯାତ୍ରା ସହ ଓତପ୍ରୋତ ଭାବରେ ଜଡ଼ିତ, ତା ମଣିଷ ସୃଷ୍ଟ ଜଙ୍ଗଲରେ ସମ୍ଭବ ନୁହେଁ । ତେଣୁ ବନୀକରଣ ସଙ୍ଗେସଙ୍ଗେ ପ୍ରାକୃତିକ ଜଙ୍ଗଲର ସଂରକ୍ଷଣ ତଥା ସୁରକ୍ଷା ସମାନଭାବେ ଗୁରୁତ୍ୱପୂର୍ଣ୍ଣ ।

ମାତ୍ର ୧୦୦ ବର୍ଷ ତଳେ ଆମ ଦେଶ ଭାରତର ୪୦ ଭାଗ ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପୂର୍ଣ୍ଣ ଥିଲା । ସାଟେଲାଇଟ୍ ଚିତ୍ରରୁ ଯାହା ଜଣାପଡେ଼, ଦେଶର ସମସ୍ତ ଭୂଭାଗର ମାତ୍ର ଶତକଡା ୧୨ ଭାଗ ଅଞ୍ଚଳରେ ଜଙ୍ଗଲ ଅଛି । ଆମ ଓଡ଼ିଶାରେ 'ଓର୍‌ସାକ୍' ଦ୍ୱାରା ସଂଗୃହୀତ ତଥ୍ୟ ଅନୁଯାୟୀ ୧୯୭୨–୭୫ ମଧ୍ୟରେ ଓଡ଼ିଶାର ଜଙ୍ଗଲର ଆୟତନ ୪୮ ଲକ୍ଷ ୩୮ ହଜାର ହେକ୍ଟର୍ ଅର୍ଥାତ୍ ଶତକଡା ୩୧.୦୭ ଭାଗ ଥିଲା, ୧୯୮୦–୮୨ ବେଳକୁ ଏହା ୩୯ ଲକ୍ଷ ୪୨ ହଜାର ହେକ୍ଟରକୁ ଅର୍ଥାତ୍ ୨୫.୩୧ ଭାଗକୁ ହ୍ରାସ ପାଇଛି ।

ବିପନ୍ନ ଉଦ୍ଭିଦ କମିଟିର ଏକ ଅଟକଳରୁ ଜଣାଯାଏ ଯେ ପୃଥିବୀରେ ଥିବା ସମସ୍ତ ସପୁଷ୍ପୀ ଉଦ୍ଭିଦ ମାନଙ୍କର ପ୍ରାୟ ଶତକଡା ୧୦ ଭାଗ ଅର୍ଥାତ୍ ୨୦ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ସପୁଷ୍ପୀ ଉଦ୍ଭିଦ ଖୁବ୍ ବିରଳ ଏବଂ ଶଙ୍କାଗ୍ରସ୍ତ । ଲୋପ ପାଇଯାଉଥିବା ଉଦ୍ଭିଦ ସହିତ ୧୦ଟିରୁ ୩୦ଟି

ପର୍ଯ୍ୟନ୍ତ ଛୋଟବଡ଼ ଜୀବ ଏପରିକି ଅନ୍ୟାନ୍ୟ ନିର୍ଭରଶୀଳ ଉଦ୍ଭିଦଗୁଡ଼ିକ ମଧ୍ୟ ଲୋପ ପାଇ ଯାଉଥାନ୍ତି ।

ଆମ ରାଜ୍ୟରେ ହୀରାକୁଦ, ବାଲିମେଳା, ମାଛକୁଣ୍ଡ, ରେଙ୍ଗାଲି, ଇନ୍ଦ୍ରାବତୀ ଓ କୋଲାବ୍ ନଦୀବନ୍ଧ ଯୋଜନା ଓ ଆନୁସଙ୍ଗିକ ଥଇଥାନ କାର୍ଯ୍ୟକ୍ରମରେ ଅନେକ ଜଙ୍ଗଲ କ୍ଷୟ ହୋଇଛି । ଶିଳ୍ପ ସ୍ଥାପନ ପାଇଁ ଜଙ୍ଗଲକ୍ଷୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏଥିରେ ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସୁଚିନ୍ତିତ ପରିବନ୍ଧ ଯୋଜନା ଦ୍ୱାରାହିଁ ଶିଳ୍ପ ଓ ଜଙ୍ଗଲ ଏକାଠି ବଞ୍ଚିରହି ପାରିବ । ଉଦାହରଣ ସ୍ୱରୂପ ଜାପାନ ଶିଳ୍ପ ଦୃଷ୍ଟିରୁ ଉନ୍ନତ ରାଷ୍ଟ୍ର ହେଲେ ମଧ୍ୟ ଏହାର ସ୍ଥଳ ଭାଗର ପ୍ରାୟ ୬୦ ଭାଗ ଜଙ୍ଗଲ ।

ଜଙ୍ଗଲ କ୍ଷୟ ସହିତ ଜନସାଧାରଣଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ଜଡ଼ିତ କରି ଆଲୋଚନା କଲେ ଦେଖାଯିବ ଯେ ଉତ୍କଟ ଜାଳେଣୀ କାଠ ସମସ୍ୟା ଏଥିପାଇଁ ଦାୟୀ । ଗ୍ରାମାଞ୍ଚଳରେ ରନ୍ଧନ କାର୍ଯ୍ୟରେ ଯେତିକି ଜାଳେଣୀ ଆବଶ୍ୟକ ହୁଏ ତାର ଶତକଡ଼ା ୮୦ରୁ ୮୫ ଭାଗ ଜାଳେଣୀ କାଠରୁହିଁ ମିଳିଥାଏ । ସେହିପରି ସହରାଞ୍ଚଳରେ ମଧ୍ୟ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଇନ୍ଧନର ଶତକଡ଼ା ୬୦ ଭାଗ ଜାଳେଣୀ କାଠ ଯୋଗାଇ ଥାଏ । ଆମ ରାଜ୍ୟରେ ଲୋକଙ୍କ ପାଇଁ ବାର୍ଷିକ ୭୫ ଲକ୍ଷ ଘନଫୁଟ ଜାଳେଣୀ କାଠ ଆବଶ୍ୟକ ହୁଏ । ଏହି ଶତାବ୍ଦୀର ଶେଷ ବେଳକୁ ଏହି ଚାହିଦା ଏକ କୋଟି ଘନଫୁଟରେ ପହଞ୍ଚିବାର ଅଟକଳ କରାଯାଏ । ଜାତୀୟ କୃଷି କମିଶନ୍‌ଙ୍କ ନିର୍ଦ୍ଧାରଣ ଅନୁସାରେ ଭାରତୀୟ ଜଙ୍ଗଲରୁ ହେକ୍ଟର୍ ପିଛା ୦.୩୧ ଘନଫୁଟ କାଠ ବାର୍ଷିକ ମିଳିପାରେ । ସେଥିରୁ ୦.୧୩ ଘନଫୁଟ ବଡ଼କାଠ ଓ ବଳକା ୦.୧୮ ଘନଫୁଟ ଜାଳ କାଠ । ସେଇ ହିସାବରୁ ଓଡ଼ିଶାର ବର୍ତ୍ତମାନ ପାଖାପାଖି ୪୦ଲକ୍ଷ ହେକ୍ଟର୍ ଜଙ୍ଗଲରୁ ବାର୍ଷିକ ୮ ଲକ୍ଷ ଘନଫୁଟ ଜାଳକାଠ ମିଳୁଛି । ୧୯୮୧ରୁ ୧୯୮୭ ଭିତରେ ୨ ଲକ୍ଷ ୨୩ ହଜାର ହେକ୍ଟର୍ ଜମିରେ ବୃକ୍ଷ ରୋପଣରୁ ୭ ରୁ ୮ ଲକ୍ଷ ଘନଫୁଟ ଜାଳେଣୀ କାଠ ମିଳିପାରେ । ଆହୁରି ୬୦ ଲକ୍ଷ ଘନଫୁଟ ପାଇଁ କିଛି ଅଂଶ କୃଷିଜାତ ଦ୍ରବ୍ୟର ଅବଶିଷ୍ଟାଂଶ ଓ ଗୋବର ଘସିରୁ ମେଣ୍ଟା ଯାଉଛି । ଅବଶିଷ୍ଟାଂଶ ପୁଣି ସେହି ବନ କାଠ ପାଇଁ ଉଦିଷ୍ଟ ଜଙ୍ଗଲ ଉପରେ ଚାପ ପଡ଼ୁଛି । ଦେଖାଯାଏ ଲୋକଙ୍କ ପାଖରେ ଡାଲି ଚାଉଳ ଅଛି କିନ୍ତୁ ରାନ୍ଧି ଖାଇବା ପାଇଁ ଜାଳ ନାହିଁ । ଲୋକେ ଜାଳ ପାଇଁ ଫଳଦି ଗଛକୁ କାଟି ଦେଉଛନ୍ତି । ଜାଳ ପାଇଁ ମୂଲ୍ୟବାନ ଶାଳ, ଶାଗୁଆନକୁ କାଟିବାକୁ ପଛାଉ ନାହାନ୍ତି । ଗୁଆଳ ଗୋବରକୁ ବିଲରେ ଖାତ ନକରି ଘସି ଆକାରରେ ଜାଳୁଛି । ଆହୁରି ମଧ୍ୟ ଦେଖାଯାଏ ଗାଁ ଗହଳର ଅର୍ଦ୍ଧାଧିକ ଲୋକ କାଠ, ଜାଳ କାଠ ଓ ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ କରି ଜୀବିକା ନିର୍ବାହ କରୁଛନ୍ତି । ଓଡ଼ିଶାର ବିଭିନ୍ନ ସହରରେ ପ୍ରତିଦିନ ଶହ ଶହ ଲୋକ କାଠ, କୋଇଲା ଭାର ଓ ସାଇକେଲ ଧରି ବିକିବାକୁ ଆସନ୍ତି । ଏକ ସମୀକ୍ଷାରୁ ଜଣା ଯାଇଛି ଯେ ଗାଁ ଗହଳିରେ ୬୪ ଭାଗ ଲୋକ ଜାଳକାଠ ମାଗଣାରେ ସଂଗ୍ରହ କରନ୍ତି କିନ୍ତୁ ସହରାଞ୍ଚଳରେ ପ୍ରାୟ ୭୫ ଭାଗ ଲୋକ ଏହି ଜାଳକାଠ ଖରିଦ କରନ୍ତି । ଉକ୍ତ ୭୫ ଭାଗରୁ ଅନ୍ୟୂନ ୧୦ ଭାଗ ଲୋକ ସରକାରୀ କାଠଗୋଲାରୁ ଜାଳକାଠ କିଣନ୍ତି । ବାକୀତକ ଜାଳକାଠ ବେଉସା କରି ଚଳୁଥିବା ଗାଁଉଲୀ ଲୋକଙ୍କଠାରୁ କିଣିଥାନ୍ତି । ଜାଳେଣୀ କାଠ ଲୋକଙ୍କର ମୌଳିକ ଆବଶ୍ୟକତା ହୋଇଥିବାରୁ ଏହାର ନିୟନ୍ତ୍ରିତ ବ୍ୟବହାର ଓ ବିକଳ୍ପ ବ୍ୟବସ୍ଥା ଯଥା ସୌରଚୁଲା, ଗୋବରଗ୍ୟାସ ଚୁଲା, ଗ୍ୟାସ୍, କମ୍ ଇନ୍ଧନ ଲାଗୁଥିବା ଜନତା ଚୁଲା, କାଠ ଗୋଷେଇ ଇତ୍ୟାଦି ଦ୍ୱାରା ସମସ୍ୟାର ସମାଧାନ କରି ପାରିବା । କିନ୍ତୁ ଏହି ନିୟନ୍ତ୍ରଣ ଓ ବିକଳ୍ପ ବ୍ୟବସ୍ଥା ଲାଗୁ କରିବା ପାଇଁ ଜନ ସହଯୋଗ ଆବଶ୍ୟକ ।

କେବଳ ଜାଳ କାଠ ନୁହେଁ ବଡ଼ କାଠର ମଧ୍ୟ ଆବଶ୍ୟକତା ବଢୁଛି । ଘର ତିଆରି, ଗୃହୋପକରଣ ଆଦି ପାଇଁ କାଠର ଆବଶ୍ୟକତା ଅଛି । ଜନସଂଖ୍ୟା ବୃଦ୍ଧି ଯୋଗୁଁହିଁ ଏହି ଆବଶ୍ୟକତା ବୃଦ୍ଧି ହେଉଛି । ଜନସଂଖ୍ୟାର ବୃଦ୍ଧିକୁ ଆଖିରେ ରଖି ଶିକ୍ଷାର ବିସ୍ତାର ହେଉଛି ଏବଂ କାଗଜ ଶିଳ୍ପର ସଂଖ୍ୟା ବଢ଼ିଚାଲିଛି । ଏହାପାଇଁ କଞ୍ଚାମାଲ ଯଥା—କାଠ, ବାଉଁଶର ଆବଶ୍ୟକତା ବଢୁଛି । ନିର୍ମାଣ ଶିଳ୍ପ ବ୍ୟତୀତ ବିଭିନ୍ନ କଳକାରଖାନା, ରେଳବିଭାଗ, ପ୍ରତିରକ୍ଷା ବିଭାଗରେ କାଠର ଆବଶ୍ୟକତା ରହିଛି ।

କୋରାପୁଟ, ଗଞ୍ଜାମ, କଳାହାଣ୍ଡି, ଫୁଲବାଣୀ, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ଜିଲ୍ଲାରେ ଆଦିବାସୀମାନେ ସାଧାରଣତଃ ପୋଡୁଚାଷ କରିଥାନ୍ତି । ଏହା ଆଦିବାସୀମାନଙ୍କର ସାମାଜିକ ଚଳଣି ଓ ରୀତିନୀତି ତଥା ସଂସ୍କୃତି ସହିତ ନିବିଡ଼ ଭାବରେ ଜଡ଼ିତ । ଓଡ଼ିଶାରେ ଏ ବାବଦରେ ଏକ ଲକ୍ଷ ଚଉରାଶି ହଜାର ହେକ୍ଟର ଜଙ୍ଗଲ କ୍ଷୟ ହୋଇଛି । ଏଥିରୁ ଆଦିବାସୀଙ୍କୁ ନିବର୍ତ୍ତାଇବା ପାଇଁ ଗଣଚେତନା, ତାଙ୍କ ଭିତରେ ଜାଗରଣ ଆଣିବାର ଆବଶ୍ୟକତା ପଡ଼ୁଛି । ସେଥିପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ସରକାରଙ୍କ ଯୋଜନାକୁ ସଫଳ କରିବା ପାଇଁ ଆଗେଇ ଆସିଲେ ସମସ୍ୟାର ସମାଧାନ ହୋଇପାରିବ ।

୧୯୭୬ ମସିହାରେ ଜାତୀୟ କୃଷି କମିସନ୍ ଯେଉଁ ସୁପାରିଶ କରିଥିଲେ ସେଥିରେ ଦେଶରେ ଜଙ୍ଗଲ ଉନ୍ନୟନ କ୍ଷେତ୍ରରେ ୨ଟି ପ୍ରଧାନ ଆଭିମୁଖ୍ୟ ପ୍ରତିଫଳିତ ହୋଇଥିଲା । ପ୍ରଥମଟି ସାମାଜିକ ବନୀକରଣ ଦ୍ୱାରା ଗାଁଗହଳରେ ଲୋକଙ୍କର ମୌଳିକ ତଥା ସାମାଜିକ ଚାହିଦା ପୂରଣ କରିବା ଏହି କାର୍ଯ୍ୟକ୍ରମର ଇପ୍ସିତ ଲକ୍ଷ୍ୟ । ଦ୍ୱିତୀୟଟି ଉତ୍ପାଦନଭିତ୍ତିକ ବନ—ଯେଉଁଥିରୁ ଜଙ୍ଗଲ ଉପରେ ନିର୍ଭରଶୀଳ କଳକାରଖାନା ପାଇଁ କଞ୍ଚାମାଲ ମିଳିପାରିବ । ରାସ୍ତାଘାଟ, କୋଠାବାଡ଼ି ନିର୍ମାଣ ପାଇଁ କାଠ ଓ ପ୍ରତିରକ୍ଷା ଚାହିଦା ମେଣ୍ଟି ପାରିବ ।

ଏହି ପରିପ୍ରେକ୍ଷୀରେ ସମାମାଜିକ ବନୀକରଣ ଯୋଜନାରେ କୌଣସି ବାଡ଼ବନ୍ଦୀ, ଜଗୁଆଳି ବା ଫରେଷ୍ଟଗାର୍ଡ ଦ୍ୱାରା ଜଙ୍ଗଲ ସୁରକ୍ଷା ନ କରି, ସାମାଜିକ ସୁରକ୍ଷା ଉପରେ ଜୋର ଦିଆଯାଉଛି । ଏହି ଯୋଜନାରେ ଲୋକମାନେ ନିଜର ଜାଳକାଠ, ଛୋଟ କାଠ, ବାଉଁଶ, କୃଷି ଉପକରଣ ପାଇଁ କାଠ ଓ ଗାଈଗୋରୁଙ୍କ ପାଇଁ ଘାସ ନିଜ ଗାଁ ପାଖ ଗ୍ରାମ୍ୟ ଜଙ୍ଗଲରୁ ପାଇ ପାରିବେ । ଏହି ଜଙ୍ଗଲଗୁଡ଼ିକର ସୁରକ୍ଷା ତଥା ପରିଚାଳନା ଦାୟିତ୍ୱ ଗ୍ରାମବାସୀଙ୍କର । କିନ୍ତୁ ଅନେକ ଜାଗାରେ ଲୋକେ ଏଥିପାଇଁ ଅଗ୍ରସର ହେଉ ନାହାନ୍ତି । ଏ କ୍ଷେତ୍ରରେ ଜନଜାଗରଣର ଅଭାବ ଦେଖା ଦେଇଛି—ନ ହେଲେ ଦାୟିତ୍ୱ ନେବାକୁ ଅନିଚ୍ଛା କାହିଁକି ? ସେମାନେ ଉପଭୋକ୍ତା ହେବାକୁ ଚାହାନ୍ତି କିନ୍ତୁ ଉତ୍ପାଦନକାରୀର ଦାୟିତ୍ୱ ନେଉ ନାହାନ୍ତି କାହିଁକି ?

ସୁଖର ବିଷୟ କୋରାପୁଟ ଓ ଢେଙ୍କାନାଳ ଜିଲ୍ଲାର ଅନେକ ଗ୍ରାମରେ ଲୋକମାନେ କ୍ଷୟପ୍ରାପ୍ତ ଶାଳ ଜଙ୍ଗଲର ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱ ନେଇଛନ୍ତି । କିନ୍ତୁ ଦେଖାଯାଉଛି ଯେ ଶାଳ ଗଛଗୁଡ଼ିକ ୩/୪ ବର୍ଷ ପରେ ଟିକିଏ ବଡ଼ ହୋଇଗଲେ ନିଜ ନିଜର ବାଡ଼ ବୁଜିବା ପାଇଁ ରାତାରାତି କାଟି ନେଉଛନ୍ତି । ଏଥିରେ ମଧ୍ୟ ଗଣଚେତନାର ପ୍ରଭାବ ସମସ୍ୟାକୁ ସମାଧାନ କରିବ ।

ସରକାରଙ୍କ ତରଫରୁ ଗୃହ ନିର୍ମାଣ ସମୟରେ କାଠ ଓ ବାଉଁଶ ବ୍ୟବହାର ହ୍ରାସ କରାଯାଇ ତା ବଦଳରେ ଆଲୁମିନିୟମ ଓ ଇସ୍ପାତ କବାଟ ଝରକା ଆଦି ବ୍ୟବହାରକୁ ଉତ୍ସାହିତ କରାଯାଉଛି । ରେଳବାଇ ପକ୍ଷରୁ କାଠ ବଦଳରେ ସିମେଣ୍ଟ ନିର୍ମିତ ସ୍ଲିପର ବ୍ୟବହାର ନିଷ୍ପତ୍ତି ନିଆଯାଇଛି ।

ସବୁ ମୂଳରେ ଜନସଂଖ୍ୟା ବୃଦ୍ଧି । ତେଣୁ ପରିବାର ନିୟୋଜନ ଉପରେ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି । ସ୍କୁଲ, କଲେଜରେ ଜଙ୍ଗଲ ଓ ପରିବେଶ ବିଷୟରେ ଶିକ୍ଷା ଦେବାର ବ୍ୟବସ୍ଥା ହୋଇଛି । ପୋଡୁଚାଷକୁ ନିରୁତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଅର୍ଥ ସାହାଯ୍ୟ ଦେଉଛନ୍ତି ଓ ତା ଦ୍ୱାରା ପୋଡୁଚାଷ କରୁଥିବା ଆଦିବାସୀ ପରିବାରକୁ ଥଇଥାନ କରାଯାଉଛି ।

ସରକାର ଆଗତ ସମସ୍ୟାର ସମାଧାନ ପାଇଁ ସମସ୍ତ ଯୋଜନା କରୁଛନ୍ତି କିନ୍ତୁ ଯୋଜନାଗୁଡ଼ିକର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କର ଆନ୍ତରିକ ସହଯୋଗ ଆବଶ୍ୟକ । ଅନ୍ୟ ଭାଷାରେ ପ୍ରଧାନମନ୍ତ୍ରୀଙ୍କର ଗଣଆନ୍ଦୋଳନର ଆହ୍ୱାନ ଏକାନ୍ତ ଯୁଗପୋଯୋଗୀ ।

ଟ୍ରେନିଂ ପ୍ଳାନ ଅଫିସର, ସମ୍ବଲପୁର

# ସାର୍ଥକ ସ୍ୱପ୍ନ

## ଗଗନାପୋଷର ଝରଣା

ସମୟର ଗତି ସହିତ ଆମର ପ୍ରଗତିର ଚକ ମଧ୍ୟ ତାଳ ପକାଇ ଆଗେଇ ଚାଲିଛି । ସେହି ପ୍ରଗତି ପଥରୁ ଆମର ଏହି ବଣ ନଉଗେଉ କୋଇଡ଼ା ପଞ୍ଚାୟତ ସମିତି ବା କାହିଁକି ପଛରେ ପଡ଼ି ରହନ୍ତା । ଶହଶହ ଆଦିବାସୀଙ୍କ ମୁହଁରେ ହସ ଦେଖିବା ପାଇଁ ଆଗେଇ ଆସିଲେ ପଞ୍ଚାୟତ ସମିତି କର୍ମଚାରୀଗଣ । ଏଥିରେ ମଧ୍ୟ ଜିଲ୍ଲାପାଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ଜିଲ୍ଲା ଉନ୍ନୟନ ସଭାରେ ଜଳସେଚନ ଉପରେ ସେ ଗୁରୁତ୍ୱ ଆରୋପ କରନ୍ତି ।

ଜାମୁଡ଼ିହୀ ଗ୍ରାମପଞ୍ଚାୟତର ଗଗନାପୋଷ ଗୋଟିଏ ଛୋଟ ଗାଁ । କାହିଁ କେଉଁ କାଳରୁ ନିକଟତମ ପର୍ବତରୁ ଗୋଟିଏ ଛୋଟ ଝରଣା ବହି ଆସୁଥିଲା । ଆସ୍ତେଆସ୍ତେ ସେହି ଝରଣା ତାର ଦୁଇକୂଳ ମାଟିକୁ ଜଳରେ ଧୋଇ ଦେଇ ଏକ ଭୟଙ୍କର ନାଳରେ ପରିଣତ ହେଲା । ବର୍ଷାଋତୁରେ ଯେତେବେଳେ ପାହାଡ଼ ଉପରେ ବର୍ଷା ହୁଏ ସେହି ନାଳ ପୂର୍ଣ୍ଣଗର୍ଭା ହୁଏ ଏବଂ ଜଳରେ ଉଦ୍‌ଫୁଲ୍ଲ ହୋଇ ଗାଁଗଣ୍ଡା, ବିଲ ବାଡ଼ିରେ ମାଡ଼ିଯାଏ । କେତେ ଘରଦ୍ୱାର ଭାଙ୍ଗି ତାର ଜଳରେ ଲୀନ ହୋଇଯାଏ । ଚାଷ ଜମିରେ ବାଲିଚର ହୋଇଯାଏ । ଚାଷୀ ମୁଣ୍ଡରେ ହାତ ଦେଇ ବସେ । ଏହି ନାଳ ଚିରସ୍ରୋତା । ବର୍ଷାଋତୁ ଆରମ୍ଭ ହେଲେ ଗ୍ରାମବାସୀମାନେ ମୁଣ୍ଡରେ ହାତ ଦେଇ ବସନ୍ତି ଓ କେତେବେଳେ କି ପ୍ରକାର ରୂପ ନେଇ ଏହି ନାଳ ମାଡ଼ି ଆସ ଘରଦ୍ୱାର ଧୋଇନେବ ତାହା ଗ୍ରାମବାସୀମାନଙ୍କର କଳ୍ପନାର ବାହାରେ । ଏହିପରି ଭାବରେ ବର୍ଷ ପରେ ବର୍ଷ ବିତି ଗଲା ।

୧୯୮୭ ମସିହା ଅପ୍ରେଲ ମାସର ଏକ ଶୁଭ ପ୍ରଭାତରେ ଗ୍ରାମବାସୀମାନେ ଦେଖିଲେ ଯେ ଦୁଇ ତିନିଖଣ୍ଡ ଜିପ୍ ସେହି ନାଳ ଆଡ଼କୁ ମାଡ଼ି ଚାଲିଛି । ଜିପ୍ ଗାଡ଼ି ଦେଖି ଗ୍ରାମବାସୀମାନଙ୍କ ମନରେ କୌତୂହଳ ଜାତ ହେଲା । ସେମାନେ ମଧ୍ୟ ଦଳଦଳ ହୋଇ ନାଳ ଅଭିମୁଖେ ବାହାରିଲେ । ଗାଡ଼ିରୁ ଅଫିସରମାନେ ଓହ୍ଲାଇ ନାଳର ଗର୍ଭ ଏବଂ ଦୁଇ କୂଳକୁ ମାପଚୁପ କଲେ । ତାପରେ ଗ୍ରାମବାସୀମାନଙ୍କୁ କହିଲେ ଏହି ନାଳ ଉପରେ ଏକ ବନ୍ଧ ନିର୍ମାଣ ହେବ ଏବଂ ଏବଂ ବନ୍ୟା ଜଳକୁ ନିୟନ୍ତ୍ରଣ କରାଯିବ । ଗିରେଟ ସମୟରେ ଲୋକମାନଙ୍କର କୃଷିକ୍ଷେତ୍ରକୁ ଜଳସେଚନ କରାଯିବ । ଏଥିରେ ଗ୍ରାମବାସୀମାନେ ଅଧିକ ଆଶ୍ୱସ୍ତ ହେଲେ । ତାପରେ କିଛି ଦିନ ପରେ ଟ୍ରକ ଟ୍ରକ ପଥର, ସିମେଣ୍ଟ ଲୁହାଛଡ଼ ଓ ବାଲି ବୁହା ଚାଲିଲା । ଅନବରତ କାମ ଚାଲିଲା । ବର୍ଷାଋତୁ ପୂର୍ବରୁ ଯେପରି ହେଉ ବନ୍ଧକାମ ଶେଷ କରିବାପାଇଁ ହେବ । ବହୁତ ଶ୍ରମିକ ନିଯୁକ୍ତି ହେଲେ । ଗାଁର ଲୋକମାନେ ପାଖରେ କାମ ଧନ୍ଦା ମଧ୍ୟ ପାଇପାରିଲେ ।

୧୯୮୮ ଜୁନ୍ ମାସରେ ବନ୍ଧ କାମ ସଂପୂର୍ଣ୍ଣ ହେଲା ଏବଂ ବନ୍ୟାଜଳକୁ ନିୟନ୍ତ୍ରିତ କରାଯାଇ ପାରିଲା । ଏହି ବନ୍ଧ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ରାଜକୋଷରୁ ୮୦ ହଜାର ଟଙ୍କା ବ୍ୟୟ ହେଲା । ତଥ୍ୟ ସଂଗ୍ରହରୁ ଜଣାଯାଏ ଯେ ଏହି ଯୋଜନା ଦ୍ୱାରା ଖରିଫ ଋତୁରେ ୬୦ ଏକର ଏବଂ ରବି ଋତୁରେ ୩୦ ଏକର ଜମିକୁ ଜଳସେଚିତ କରାଯାଇ ପାରିବ ।

ବର୍ତ୍ତମାନ ନାଳ କୂଳବର୍ତ୍ତୀ ଗ୍ରାମବାସୀମାନଙ୍କର ଆଉ ବନ୍ୟାର ଭୟ ନାହିଁ ଏବଂ ଏବର୍ଷ ତାଙ୍କ କୃଷିକ୍ଷେତ୍ରଗୁଡ଼ିକ ସବୁଜିମା ପ୍ରତୀୟମାନ ହେଉଅଛି । ସେହି ନାଳର ବନ୍ଧ ଉପରେ ବସି କୃଷକ ତାହାର ଅବସର ସମୟରେ ଆନନ୍ଦରେ ମନ ଖୋଲି ବଂଶୀ ବାଦନ କରୁଅଛି ।

ଶ୍ରୀ ଦେବେନ୍ଦ୍ର ନାଥ ଦତ୍ତ
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଉରକେଲା ।

## ଶ୍ରମରୁ ରତ୍ନ ମିଳେ

ସୃଷ୍ଟିର ନିୟମ ବଡ଼ ବିଚିତ୍ର । ମଣିଷକୁ ଭଗବାନ ଏପରି ଗଢ଼ିଛନ୍ତି ଯେ ସେ ଶିଶୁ ବେଳେ ବାପା ମାଙ୍କୁ ନିର୍ଭର କରି ଚଳିବ ଓ ବୃଦ୍ଧକାଳେ ପୁଅଝିଅଙ୍କୁ ଆଶାକରି ଚଳିବ । କିନ୍ତୁ ବୃଦ୍ଧବେଳେ ଆଶ୍ରା ନେବାପାଇଁ ଯାର ପୁଅ ନାହିଁ ? ଏମିତି ବୃଦ୍ଧକାଳେ ମୁଣ୍ଡରେ ହାତଦେଇ ବସିଥିଲେ ବୈକୁଣ୍ଠ ।

ବୈକୁଣ୍ଠ ରଣା, ଗ୍ରାମ ଗୋବିନ୍ଦପୁର । ମଝି ସାହିରେ ଘର । କୁମ୍ଭକାର କୁଳରେ ଜନ୍ମ । ପରିବାର ବୋଇଲେ ସ୍ତ୍ରୀ ଓ ଝିଅଟିଏ । ଝିଅଟିର ବିବାହ ସରି ଯାଇଛି । ଜମି ଜମା ବିଶେଷ ନାହିଁ । ନିଜର କୁଳ ବେଉସା କରି ବେଶ୍ ଦିପଇସା ରୋଜଗାର କରି ଚଳି ଯାଉଥିଲେ । ଏବେ କାଠ ଯେଉଁ ଦାମ୍ ହେଲଣି ତା ସହିତ ବଳ ମଧ୍ୟ ନାହିଁ । ଆଉ ସେ କାମକୁ ପାରୁ ନାହାନ୍ତି । ଏବେ କରିବେ କଣ ? ନିଜର ଯଦି ପୁଅଟିଏ ଥାଆନ୍ତା ? ନା ଯାହା ନାହିଁ ସେ ବିଷୟ ଭାବି ଲାଭ କଣ ? ଭାବିଲେ ଝିଅଟି ଆସି ପାଖରେ ରହିଲେ ସେମାନଙ୍କ ଆଶାରେ ହେଲେ ଚଳିଯିବେ ! କିନ୍ତୁ ନିର୍ଦ୍ଧନ ହେତୁ ଜ୍ୱାଇଁ ମଧ୍ୟ ଆସିବା ପାଇଁ ରାଜି ହେଲା ନାହିଁ । ଏବେ ଉପାୟ ? ନା' ତାହାହେଲେ କିଛି କରିବା ପାଇଁ ପଡ଼ିବ । ତେବେ କ'ଣ ସେ କରିବେ ?

ଅରକ୍ଷିତକୁ ଦଇବ ସାହା ହେଲାପରି ସେଦିନ ଗାଁକୁ ମୃତ୍ତିକା ସଂରକ୍ଷଣ ଅଫିସରୁ ଗୁଡ଼ିଏ କାଜୁ ବାଦାମ ଗଛ ଆସି ପଞ୍ଚାୟତ ଅଫିସ ପାଖରେ ଗଦା ହେଲା । ଅନେକ ଲୋକ ନେଉଥାନ୍ତି ସେମାନଙ୍କ ପଡ଼ିଆ ଜମିରେ ଲଗାଇବାପାଇଁ ଏବଂ ଋଣ ମଧ୍ୟ ଏକର ପିଛା ଟ୯୦୦.୮ (ନଅ ଶହ) ଲେଖାଏଁ ମିଳୁଥାଏ । ମନେମନେ ବୈକୁଣ୍ଠ ବାବୁ ଭାବିଲେ— ମୁଁ ଯଦି ମୋର ସେ ୩ ଏକର ଡଏଳାରେ ଗଛ ଲଗାନ୍ତି ତ ଭଲ ହୁଅନ୍ତା ? ନା ଥାଉ, ଏ ବୟସରେ ଗଛ ଲଗାଇ ଫଳ ପାଇବା ଆଶା ବୃଥା । ତେବେ ମୁଁ କାହାପାଇଁ ଏ ସବୁ କରିବି ? ଗ୍ରାମସେବକଙ୍କ ହିତବାଣୀ ତାଙ୍କ ମନକୁ ପାଇଲା । ବସିବା ଅପେକ୍ଷା ସମୟତ କଟିବ । ସେ ଯାହାହେଉ ମାଗଣାରେ ମିଳୁଛି ଯେତେବେଳେ ଲଗାଇଥିବା ଜୀବଥିଲେ ଲୋଭ ତ ଅଛି ? ସେହିଠାରୁ ୩ ଏକର ଅନାବାଦି ଜମିକୁ କାଜୁବାଦାମ ଲଗାଇ ଆବାଦ କରି ପାରିଛନ୍ତି । ତା'ଛଡ଼ା ଭୁତଙ୍କଳ ବ୍ୟାଙ୍କରୁ ଏକର ପିଛା ୯ ଶହ କରି ଟ୨୭୦୦.୦୮ ଟଙ୍କା ଋଣ ପାଇଲେ । ସେହି ଦିନଠାରୁ ଗଛଗୁଡ଼ିକର ଯତ୍ନ ନେଲେ ସେ । ଜଣେ ବାବାଙ୍କ ଦୀକ୍ଷାରେ ସେ ଦିକ୍ଷିତ । ମନ ତାଙ୍କର ଧର୍ମ ମାର୍ଗରେ । ଆଉ ୫୦ ବର୍ଷ ବୟସରେ କଣ'ବା କରିବେ ? ସେହି ଜମିରେ କୁଡ଼ିଆ ଖଣ୍ଡେ କରି ଦିନସାରା ସେଇଠି ଠାକୁରଙ୍କ ନାମ ନେଇ ଗଛଗୁଡ଼ିକର ଯତ୍ନ ନେଲେ । ଆସ୍ତେ ଆସ୍ତେ ଗଛଗୁଡ଼ିକ ନବ ପଲ୍ଲବରେ ପଲ୍ଲବୀତ ହୋଇ ଉଠିଲେ । ଯତ୍ନକଲେ ରତ୍ନ ମିଳେ ଏହା ନିଶ୍ଚିତ । ଘରେ ବସି ନାନା ଅପଚିନ୍ତା ଅପେକ୍ଷା ଏହା ସବୁଠାରୁ ଭଲ । ୧୯୮୦ ମସିହାରେ ଗଛ ଲଗିଲା । କିନ୍ତୁ ଏକଣ ? ବର୍ଷେ ଗୋଟାକରେ ଫୁଲ ହେଲଣି । ଗଛ ଦୁର୍ବଳ ହୋଇ ପଡ଼ିବ ! ତେଣୁ ସେ ବର୍ଷ ଫୁଲଗୁଡ଼ିକ ନଷ୍ଟ କରି ଦିଆଗଲା । ଆଉ ତା'ପର ବର୍ଷଠାରୁ କାଜୁ ଫଳିବାକୁ ଲାଗିଲା । ଯାହାକୁ ଦେଖି ବୈକୁଣ୍ଠ ବାବୁ ଆତ୍ମହରା ହୋଇ ଉଠିଲେ ।

ଏବେ ପ୍ରତି ବର୍ଷ ସେ କାଜୁ ପଡ଼ିଆରୁ ତାଙ୍କୁ ୨ ହଜାରରୁ ଏ ବର୍ଷ ପ୍ରାୟ ୬ ହଜାର ଟଙ୍କାର କାଜୁ ମିଳିଛି । ସେ ବର୍ତ୍ତମାନ ଆଉ କାହାର ଆଶ୍ରିତ ହୋଇ ରହିବା ପାଇଁ ସୃହା ନାହାନ୍ତି । ସେ ବେଶ୍ ସୁଖରେ ଅଛନ୍ତି । ଟଙ୍କା କରଜ ସୁଝି ନିଜର ଭରଣ ପୋଷଣ ସେ ସେଇଥିରୁ କରି ପାରୁଛନ୍ତି । କାହାର ଦ୍ୱାରସ୍ଥ ହେବା ପାଇଁ ପଡୁ ନାହିଁ । ବର୍ଷରେ ଦୁଇମାସ ତାଙ୍କୁ କାଜୁକୁ ଜଗା ରଖା କରିବା ପାଇଁ ପଡୁଛି । ତାପରେତ ବର୍ଷସାରା ଆରାମରେ ଠାକୁରଙ୍କ ସେବାରେ କଟି ଯାଉଛି । ଏ ବୟସରେ ଆଉ ବା ଦରକାର କଣ ?

ତେବେ ଆଜିର କ୍ଷୁଦ୍ର ସମାଜ କେବଳ ଚାକିରୀ ପଛରେ ନ ଧାଇଁ ସରକାରଙ୍କ ଯୋଜନା ଭିତରୁ ଯେକୌଣସି ଯୋଜନାକୁ ଯତ୍ନର ସହିତ କାର୍ଯ୍ୟକାରୀ କଲେ ନିଶ୍ଚୟ ସୁଫଳ ମିଳିବ, ଏଥିରେ ସନ୍ଦେହ ନାହିଁ । କାରଣ ବୃଦ୍ଧ ବୈକୁଣ୍ଠ ବାବୁ ତାର ଉଦାହରଣ । ଅଯଥା ବୁଲିବାରେ ସମୟ ନଷ୍ଟ ନକରି, ଅନ୍ୟକୁ ଆଶ୍ରା ନ କରି ନିଜ ଗୋଡ଼ରେ ଛିଡ଼ା ହେବା ପାଇଁ ଚେଷ୍ଟା କରିବା ଉଚିତ । କଥାରେ କହନ୍ତି ପରିଶ୍ରମର ଫଳ କଣ ବୃଥା ?

---

ଶ୍ରୀମତୀ ହେମଲତା ଦେହୁରୀ, ଶିକ୍ଷୟିତ୍ରୀ
ଗୋବିନ୍ଦପୁର ପ୍ରକଳ୍ପ. ଉ.ପ୍ରା. ସ୍କୁଲ
ଆଟ୍/ପୋଷ୍ଟ: ଗୋବିନ୍ଦପୁର
ଜିଲ୍ଲା: ଢ଼େଙ୍କାନାଳ

## ପାନମତ ଆଜି ସୁଖରେ

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ସନ୍ନିକଟ ଗ୍ରାମରେ ଶ୍ରୀମତୀ ପାନମତି ଦେଇ ନିଜର ପ୍ରଚେଷ୍ଟା ଓ ଆଇ. ଆର: ଡି: ଋଣ ସହାୟତାରେ ପରିବାରର ସ୍ୱଚ୍ଛଳତା ଆଣିପାରିଛନ୍ତି ।

ଦୁର୍ବଳ ଶ୍ରେଣୀ ବ୍ୟକ୍ତିଙ୍କ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମରେ ଶ୍ରୀମତୀ ପାନମତି ଦେଇ ୧୯୮୨-୮୩ ରେ ଆଇ. ଆର: ଡି: ରେ ଜଣେ ହିତାଧିକାରୀ ରୂପେ ତାଲିକାଭୁକ୍ତ ହୋଇ ୨୫୦୦ ଟଙ୍କା ଋଣ ପାଇବାରେ ସକ୍ଷମ ହୋଇଥିଲେ । ଏହି ଋଣ ଅର୍ଥରୁ ୮୦୦ ଟଙ୍କା ସବ୍‌ସିଡ଼ି ସାହାଯ୍ୟ ଥିଲା । ତାଙ୍କର ଇଚ୍ଛା ଅନୁଯାୟୀ ସେ ଜୟପାଟଣା ବଜାରରେ ଗୋଟିଏ ଚେଜରାଟି ଦୋକାନ ଖୋଲି ବିକ୍ରିବଟା ଆରମ୍ଭ କରିଥିଲେ । ଦୋକାନରେ କାରବାର ଖୁବ୍ ଭଲ ହେବାରୁ ଶ୍ରୀମତୀ ପାନମତି ତାଙ୍କର ଋଣ ଅର୍ଥ ମାସକୁ ମାସ ପରିଶୋଧ କରିସାରିଲେ । ତାଙ୍କର ଛୋଟ ବ୍ୟବସାୟ କରିବାରେ ନିଷ୍ଠା ଓ ଆଗ୍ରହ ଥିବାରୁ ତାଙ୍କୁ

ବ୍ୟବସାୟରେ ଅଧିକ ସୁଦୃଢ଼ କରିବାପାଇଁ ଦ୍ୱିତୀୟ ଥର ପାଇଁ ୧୯୮୭-୮୮ ରେ ୩୭୦୦ ଟଙ୍କା ଆଇ. ଆର: ଡ଼ି: ଋଣ ସହାୟତା ପ୍ରଦାନ କରାଯାଇଥିଲା । ଏହି ଋଣ ଅର୍ଥ ମଧ୍ୟରୁ ସେ ୧୨୩୩ ଟଙ୍କା ସବ୍‌ସିଡ଼ି ସାହାଯ୍ୟ ପାଇଥିଲେ ।

ଶ୍ରୀମତୀ ପାନମତିଙ୍କ ସ୍ୱାମୀ ଶାରୀରିକ ଅକ୍ଷମତା ହେତୁ ତାଙ୍କ ପକ୍ଷେ କାମ କରି ରୋଜଗାର କରିବା ସମ୍ଭବ ନଥିଲା । ବର୍ତ୍ତମାନ ଏହି ଛୋଟ ବ୍ୟବସାୟ କରି ସ୍ୱାମୀ ସ୍ତ୍ରୀ ସୁଖରେ ଅଛନ୍ତି । ମାସିକ ରୋଜଗାର ପନ୍ଥା ଏକ ନିର୍ଦ୍ଦିଷ୍ଟ ନିର୍ଭରତା ମଧ୍ୟରେ ରହିବାରୁ ଆର୍ଥିକ ଅଭାବଜନିତ ମାନସିକ ଦ୍ୱନ୍ଦ୍ୱ ସେମାନଙ୍କ ମନରୁ ଦୂରେଇଯାଇଛି । ସୁସ୍ଥ ଓ ସାମାନ୍ୟ ସମ୍ମାନ ଜନକ ଜୀବନଯାପନ ଆଶାରେ ଶ୍ରୀମତୀ ପାନମତି ତାଙ୍କର ଛୋଟ ଘରର ଖଡ଼ ଛପର ବଦଳାଇ ଟାଇଲି ଛାଉଣୀ କରିପାରିଛନ୍ତି ।

ଆଇ: ଆର: ଡ଼ି: କାର୍ଯ୍ୟକ୍ରମର ସଫଳତାର ବାର୍ତ୍ତା ଓ କାହାଣୀ ଶ୍ରୀମତୀ ପାନମତି ଦେଇଙ୍କଠାରୁ ଉକ୍ତ ଗ୍ରାମର ଅନ୍ୟ ଲୋକମାନେ ଆଗ୍ରହରେ ଶୁଣୁଥିବାର ଦେଖିବାକୁ ମିଳେ । ଦାରିଦ୍ର୍ୟ ଅବସ୍ଥାରୁ ମୁକ୍ତିଲାଭ ପାଇ ଆଇ: ଆର: ଡ଼ି: କାର୍ଯ୍ୟକ୍ରମ ଏକମାତ୍ର ଆଶା ଓ ଭରସା ବୋଲି ଲୋକଙ୍କ ମନରେ ଦୃଢ଼ ଧାରଣା ଜନ୍ମିଛି ।

## ଝରଣାପଲ୍ଲୀରେ ସୁଖର ଝରଣା

ସମ୍ବଲପୁରଠାରୁ ୩୦ କି:ମି: ଦୂର କଡରବଗା ଗ୍ରାମ ଅଧୀନରେ ଝରଣାପଲ୍ଲୀ ଏକ ପଡ଼ା ଗ୍ରାମ । ଏହି ଗ୍ରାମରେ ଥିବା ୭୩ଟି ଭୂମିହୀନ ପରିବାରଙ୍କୁ ସିଲିଂ ବହିର୍ଭୂତ ୧୫୯.୯୧ ଏକର ଜମି ୧୯୮୧ରେ ଯୋଗାଇ ଦିଆଯାଇଥିଲା । ଲୋକମାନେ ଗରିବ ଶ୍ରେଣୀର ହୋଇଥିବାରୁ କିଛିଦିନ ଧରି ସେ ପଡ଼ିଆ ଜମିରେ କୌଣସି ଉନ୍ନତି ସାଧିତ ହୋଇନଥିଲା ।

୧୯୮୬-୮୭ରେ କଡରବଗା ଗ୍ରାମ୍ୟ ବ୍ୟାଙ୍କ ଏହି ଜମିକୁ ଚାଷଜମିରେ ପରିଣତ କରିବା ଉଦ୍ଦେଶ୍ୟରେ ୪୦ଟି ସେଚକୂପ ଖୋଳିବାକୁ ଅର୍ଥ ମଞ୍ଜୁର କରିଥିଲେ ଏବଂ ଇ:ଆର:ଆର:ପି: ପକ୍ଷରୁ ସାହାଯ୍ୟ ଦିଆଯାଇ ବିଭିନ୍ନ ଚାଷପାଇଁ ବ୍ୟବସ୍ଥା କରାଯାଇଥିଲା । ପ୍ରଧାନ ମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ ପକ୍ଷରୁ ୮୩ ହଜାର ମଞ୍ଜୁର କରାଯାଇ ଏହି ପଡ଼ିଆ ଜମିକୁ ଚାଷୋପଯୋଗୀ ଜମିରେ ପରିଣତ କରାଗଲା । ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟ କରାଯାଇ ଏହା ସହିତ ଅନ୍ୟାନ୍ୟ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ହାତକୁ ନିଆଯାଇଥିଲା । ବର୍ତ୍ତମାନ ୪୦ଟି ସେଚକୂପ ମଧ୍ୟରୁ ୩୦ଟିର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏବଂ ସେଥିରୁ ୧୬ଟିରେ ବିଦ୍ୟୁତ୍‌ଚାଳିତ ପଂପ୍ ସଂଯୋଗ କରାଯାଇ ଜଳସେଚନ ସୁବିଧା ହୋଇପାରିଛି ।

ବହୁଦିନର ପଡ଼ିଆ ଜମିକୁ ଆବାଦ କରି ଓ ଜଳସେଚନ ସୁବିଧା ସୁଯୋଗ ବ୍ୟବସ୍ଥା କରାଯିବା ଫଳରେ ସେ ଜମିରେ ଆଜି ବିଭିନ୍ନ ଫସଲ ଓ ପନିପରିବା ଉତ୍ପାଦନ ହୋଇପାରୁଛି । ଜମି ପାଇଥିବା ଭୂମିହୀନ ପରିବାରଗୁଡ଼ିକ ଚାଷକାର୍ଯ୍ୟରେ ମନୋନିବେଶ କରି ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଆଣିପାରିଛନ୍ତି ଗାଈ, ବଳଦ ଛେଳି ପାଳନ କରି ସେମାନେ କୃଷକ ପରିବାରର ଅନ୍ତର୍ଭୁକ୍ତ ହୋଇପାରିଛନ୍ତି ।

ଝରଣାପଲ୍ଲୀର ଏହି ହିତାଧିକାରୀମାନଙ୍କ ମଧ୍ୟରୁ ୨୦ଟି ପରିବାର ପାଇଁ ଇନ୍ଦିରା ଆବାସ ଯୋଜନାରେ ବାସଗୃହ ଯୋଗାଇ ଦିଆଯାଇଛି । ଏହି ଘରଗୁଡ଼ିକ ସେମାନଙ୍କର ଚାଷଜମି ନିକଟରେ ହୋଇଥିବାରୁ ଫଳ, ଫସଲର ଯତ୍ନ ନେବାରେ ସେମାନଙ୍କର ଅଧିକ ସୁବିଧା ହୋଇପାରୁଛି । ସେମାନେ ଖୁବ୍ ସୁଖରେ ଚଳୁଛନ୍ତି ।

## କୁକୁଡ଼ା ଅଣ୍ଡା ଓ ମାଂସ

ରାଜ୍ୟରେ କୁକୁଡ଼ା ଅଣ୍ଡା ଏବଂ ମାଂସ ଚାହିଦାକୁ ମେଣ୍ଟାଇବା ପାଇଁ କୁକୁଡ଼ା ପାଳନର ପ୍ରସାର ଦିଗରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପଶୁପାଳନ ବିଭାଗ ପକ୍ଷରୁ ପ୍ରତିଷ୍ଠିତ ୯ଟି କୁକୁଡ଼ା ଉତ୍ପାଦନ କେନ୍ଦ୍ରରେ ଅଧିକ ଅଣ୍ଡା ଦେଇପାରୁଥିବା ୫ହଜାରରୁ ଅଧିକ କୁକୁଡ଼ା ପାଳନ କରାଯାଉଛି । ଏହା ବ୍ୟତୀତ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ୯ଟି କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ପୁଷ୍ଟିକର ଖାଦ୍ୟ ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ ୨୫ଟି କୁକୁଡ଼ା ପାଳନ କେନ୍ଦ୍ର ଏବଂ ୫ଟି କ୍ଷୁଦ୍ର ବିଭାଗୀୟ କୁକୁଡ଼ା ପାଳନ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯାଇଛି । ଜନସାଧାରଣଙ୍କ ମଧ୍ୟରେ କୁକୁଡ଼ା ପାଳନର ପ୍ରସାର ଓ ଲୋକପ୍ରିୟତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ରାଉରକେଲା, ଭୁବନେଶ୍ୱର ଏବଂ ବ୍ରହ୍ମପୁରଠାରେ ତିନିଗୋଟି ସମନ୍ୱିତ କୁକୁଡ଼ା ଉନ୍ନୟନ ପ୍ରକଳ୍ପ ଜରିଆରେ ହିତାଧିକାରୀମାନଙ୍କୁ ଉନ୍ନତ କୁକୁଡ଼ା ଛୁଆ ଏବଂ ପୁଷ୍ଟିକର କୁକୁଡ଼ା ଖାଦ୍ୟ ଯୋଗାଇ ଦିଆଯାଉଛି । ଏହା ଫଳରେ ୧୯୮୫-୮୬ ଆର୍ଥିକ ବର୍ଷରେ ୧୩୦୧ଟି, ୧୯୮୬-୮୭ରେ ୧୫୦ଟି ଓ ୧୯୮୭-୮୮ରେ ୯୪ଟି ନୂଆ କୁକୁଡ଼ା ପାଳନ ୟୁନିଟ୍ ଗଢ଼ି ଉଠିଥିଲା । ଚଳିତ ଆର୍ଥିକ ବର୍ଷରେ ଆଉ ୨୦୦ଟି ୟୁନିଟ୍ ଗଠନ କରାଯିବାର ଲକ୍ଷ୍ୟ ରହିଛି ।

କୁକୁଡ଼ା ଚାଷୀମାନଙ୍କର ଚାହିଦା ମେଣ୍ଟାଇବା ପାଇଁ ଅନୁଗୁଳଠାରେ ଥିବା କୁକୁଡ଼ା ପାଳନ ଫାର୍ମରେ ଅଧିକ ଅଣ୍ଡା ଉତ୍ପାଦନକ୍ଷମ କୁକୁଡ଼ା ଜନନ କରାଯାଉଛି । ପଶୁ ପାଳନ ବିଭାଗ ପକ୍ଷରୁ ଭୁବନେଶ୍ୱର ଓ ସୁନ୍ଦରଗଡ଼ଠାରେ ୫୦୦ଟି କ୍ଷମତା ସଂପନ୍ନ ମାଈ କୁକୁଡ଼ାକୁ ନେଇ ୨ଗୋଟି ମାଂସଳ କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ହରିଜନ ଓ ଆଦିବାସୀ ଉନ୍ନୟନ ଆର୍ଥିକ ନିଗମ ଆର୍ଥିକ ସହାୟତାରେ ୨୦୦୦ କୁକୁଡ଼ା ପାଳନ କ୍ଷମତା ବିଶିଷ୍ଟ ପ୍ରକଳ୍ପ କଟକଠାରେ ସ୍ଥାପନ କରାଯାଇଛି । ଏହିପରି ଆଉଏକ ପ୍ରକଳ୍ପ ଅନୁଗୁଳଠାରେ ନିର୍ମାଣାଧୀନ ଅବସ୍ଥାରେ ରହିଛି । ସମ୍ବଲପୁର ସହର ଉପକଣ୍ଠରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୧୯୮୭-୮୮ ଆର୍ଥିକ ବର୍ଷରେ ଏକ ସ୍ୱତନ୍ତ୍ର କୁକୁଡ଼ା ପାଳନ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଗତପୁର ଓ

କେନ୍ଦ୍ରାପଡ଼ାଠାରେ ଦୁଇଗୋଟି କୁକୁଡ଼ା ପାଳନ କେନ୍ଦ୍ର ବସାଇବାଓ ପାଇଁ ସ୍ଥିର କରି ବିହିତ ପଦକ୍ଷେପ ହାତକୁ ନେଇଛନ୍ତି । ସମାଜରେ ଆର୍ଥିକ ଦୁର୍ବଳ ଶ୍ରେଣୀ ତଥା ଆଦିବାସୀ ଓ ହରିଜନମାନଙ୍କୁ କୁକୁଡ଼ା ପାଳନ କରିଆରେ ନିଜର ଆର୍ଥିକ ଉନ୍ନତି କରିବା ଦିଗରେ ସାହାଯ୍ୟ କରିବା ଏ ପ୍ରକାର ପ୍ରକଳ୍ପ ପ୍ରତିଷ୍ଠାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ହରିଜନ ଉନ୍ନୟନ ନିଗମ ଆର୍ଥିକ ସହାୟତାରେ ୧୪ଟି ସମନ୍ୱିତ କୁକୁଡ଼ା ପାଳନ କେନ୍ଦ୍ର ସ୍ଥାପନର ଧାର୍ଯ୍ୟ ଲକ୍ଷ୍ୟମଧ୍ୟ ଖପୁରିଆ ଏବଂ ଅନୁଗୁଳଠାରେ ଦୁଇଟି କେନ୍ଦ୍ର ସ୍ଥାପନ ହୋଇଛି । ସମ୍ବଲପୁର ଜିଲ୍ଲା ଧନକହଡ଼ା ଏବଂ ମାନେଶ୍ୱର ବ୍ଲକରେ ୮୦ଜଣ ହିତାଧିକାରୀ, ପ୍ରତ୍ୟେକଙ୍କୁ ୧୦୦ଟି କରି କୁକୁଡ଼ା ପାଳନ କରିବା ପାଇଁ ଯୋଗାଇ ଦିଆଯାଇଛି ଏବଂ କୁକୁଡ଼ା ପାଳନ ପାଇଁ ସମସ୍ତ ପ୍ରକାର ବୈଷୟିକ ସାହାଯ୍ୟ ଦିଆଯାଇଛି ।

ରାଜ୍ୟରେ, ବିଶେଷ କରି ସହରାଞ୍ଚଳରେ ମାଂସଳ କୁକୁଡ଼ା ଏବଂ ଅଣ୍ଡାର ଚାହିଦା ବ୍ୟାପକ ଭାବରେ ବୃଦ୍ଧି ପାଇଥିବାରୁ ଘରୋଇ ଉଦ୍ୟମରେ କୁକୁଡ଼ା ପାଳନକୁ ପ୍ରୋତ୍ସାହିତ କରାଯାଉଛି । ମାଂସଳ କୁକୁଡ଼ା ଛୁଆ ଯୋଗାଇବା ପାଇଁ ସରକାରଙ୍କ ୨ଟି କେନ୍ଦ୍ର ବ୍ୟତୀତ ଘରୋଇ ଉଦ୍ୟମରେ ୭ଟି କୁକୁଡ଼ା ଛୁଆ ଉତ୍ପାଦନ କେନ୍ଦ୍ର ଗଢି ଉଠିଛି । ଚଳିତ ଆର୍ଥିକ ବର୍ଷରେ ଭୁବନେଶ୍ୱର ଓ ଅନୁଗୁଳଠାରେ ପ୍ରତ୍ୟେକ କେନ୍ଦ୍ରରେ ୧୦ ହଜାର କୁକୁଡ଼ା ପାଳନ କ୍ଷମତା ବିଶିଷ୍ଟ ୨ଟି ମାଂସଳ କୁକୁଡ଼ା ପାଳନ କେନ୍ଦ୍ର ପ୍ରତିଷ୍ଠା କରାଯିବା ପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରାଯାଉଛି । ରାଜ୍ୟର 'କୁକୁଡ଼ା' ପାଳନର ବିକାଶ ପାଇଁ ଓଡ଼ିଶା ରାଜ୍ୟ କୁକୁଡ଼ା ପାଳନ ସମବାୟ ମହାସଂଘ ପ୍ରତିଷ୍ଠା କରାଯାଇଛି । ଉକ୍ତ ସଂଘ ପକ୍ଷରୁ ଭୁବନେଶ୍ୱର, ତାଳଚେର, ଢେଙ୍କାନାଳ ଓ ସିମିଳାଗୁଡ଼ାଠାରେ ୪ଟି ମାଂସଳ କୁକୁଡ଼ା ପାଳନ କେନ୍ଦ୍ର ତଥା ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଛି । କୁକୁଡ଼ା ପାଇଁ ଆବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ଉତ୍ପାଦନ ପାଇଁ କେନ୍ଦ୍ରୀୟ ଯୋଜନାନୁଯାୟୀ ୪୦ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟରେ ଭୁବନେଶ୍ୱର, ବ୍ରହ୍ମପୁର, ଅନୁଗୁଳ ଓ ସମ୍ବଲପୁରଠାରେ ୪ଟି ପଶୁଖାଦ୍ୟ ମିଶ୍ରଣ ପ୍ଲାଣ୍ଟ ସ୍ଥାପନ ନିମନ୍ତେ ମହାସଂଘ ପକ୍ଷରୁ ପଦକ୍ଷେପ ନିଆଯାଉଛି ।

କୁକୁଡ଼ା ପାଳନକୁ ଉତ୍ସାହିତ କରିବା ପାଇଁ ରାଜ୍ୟରେ ୧୬୯ଟି କୁକୁଡ଼ା ପାଳନ ସମବାୟ ସମିତି ସ୍ଥାପିତ ହୋଇଛି ।

---

## ସୁଜଳା-ସୁଫଳା-ଶସ୍ୟ ଶ୍ୟାମଳା "ବିଶ୍ୱ ନାହାକାଣୀ"

କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ 'ବିଶ୍ୱ ନାହାକାଣୀ'କୁ ଯିଏ ୧୫ ବର୍ଷ ତଳେ ଦେଖିଥିଲେ ଆଜି ଗଲେ ତାକୁ ଚିହ୍ନି ପାରିବେ ନାହିଁ । ସେକାଳର 'ବିଶ୍ୱ ନାହାକାଣୀ'ର ରୁକ୍ଷ ଗିରି କନ୍ଦର, ବିସ୍ତୀର୍ଣ୍ଣ ମରୁ ଉପତ୍ୟକା ଓ ଅନୁର୍ବର ଜମି ଆଜି ବାସ୍ତବିକ ସୁଜଳା-ସୁଫଳା ଆଉ ଶସ୍ୟ ଶ୍ୟାମଳା । ଏହା ମନଗଢ଼ା କାହାଣୀ ନୁହେଁ-ମଣିଷର ହାତ-ଗଢ଼ା କୃତିତ୍ୱ । ଏକଦା ଯେଉଁ ଉଚ୍ଚ ପର୍ବତ ଶ୍ରେଣୀ ବୃକ୍ଷଶୂନ୍ୟ ହୋଇ ତା'ର ଧୂସର, କଙ୍କରମୟ, ଉଗ୍ର ଓ ... ଅବୟବ ପ୍ରଦର୍ଶନ କରୁଥିଲା, ତାହା ଆଜି ଘଞ୍ଚ ଜଙ୍ଗଲରେ ଆବୃତ ।

ଏହା ସମ୍ଭବ ହୋଇଛି ସ୍ଥାନୀୟ ଅଞ୍ଚଳର ବୃକ୍ଷ... ପ୍ରାଣୀମାନଙ୍କ ମୁଖରୁ ସେସବୁ ଉଦ୍ଭିଦକୁ ରକ୍ଷା କରାଯାଇଥିବା... ବିଶେଷତଃ ପାର୍ବତ୍ୟାଞ୍ଚଳର ପାଦଦେଶରେ ଓ ଉପତ୍ୟକା... ୮ଟି ପ୍ରକାଣ୍ଡ 'ଜଳ ଅମଳ ପ୍ରକଳ୍ପ' ନିର୍ମାଣ କରାଯାଇ ... ବିପୁଳ ଜଳ ସଂପଦକୁ ଆବଦ୍ଧ କରାଯାଇ ପାରିଛି ତାହା... ବୃଷ୍ଟିପାତରେ କ୍ଷୟ ପାଇଯାଉଥିବା ଉଚ୍ଚ ମାଳଭୂମିର ମୃତ୍ତିକା... ମଧ୍ୟ ସଂରକ୍ଷଣ କରାଯାଇଛି । ଫଳରେ କାଳକ୍ରମେ ପା... ପର୍ବତଗୁଡ଼ିକ ପୁଣି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଗଲା... ଯେଉଁ ଅଞ୍ଚଳରେ ପୂର୍ବରୁ କୌଣସି ଜଳଧାର ଦୃଷ୍ଟିଗୋଚର ହେଉନଥିଲା, ବର୍ତ୍ତମାନ ସେସବୁ ପ୍ରକଳ୍ପରେ ବର୍ଷସାରା ପ୍ର... ଜଳରାଶି ସଞ୍ଚିତ ରହିଛି ଏବଂ ସେଥିରୁ ପାର୍ଶ୍ୱବର୍ତ୍ତୀ ... ଚାଷଜମିକୁ ଜଳସେଚିତ କରାଯାଉଛି । ପାର୍ବତ୍ୟ ମୃତ୍ତିକା... ବାଲୁକା-ରାଶି ଜଳ ପ୍ରବାହରେ ଗଡ଼ିଆସି ପାଦଦେଶର ଯେଉଁ ଶହଶହ ଏକର ଉର୍ବର ଚାଷଜମିକୁ ଅନୁର୍ବର କରୁ... ତାହାକୁ ସଫଳ ଭାବରେ ରୋକାଯାଇ ପାରିଛି । ... ନାହାକାଣୀ'ର ଚତୁର୍ଦ୍ଦିଗରେ ନିର୍ମିତ ୮ଟି ଜଳ ଅମଳ ... ହେଲା ବଡ଼ ପୋଖରୀ (୩ଟା), କହ୍ନେଇପୁର, ଗା... ମାଣିଆ ଏବଂ ପାର୍ଶ୍ୱବର୍ତ୍ତୀ ୨ଟି ପ୍ରକଳ୍ପ । ସେ... ସାହାଯ୍ୟରେ ୪୬୫ ହେକ୍ଟର ଚାଷଜମିରେ ଜଳସେଚନ କରାଯାଉଛି ।

ଖାଲି ସେତିକି ନୁହେଁ, ୧୦୫୦ ଏକର ଆୟତନ ... 'ବିଶ୍ୱ ନାହାକାଣୀ' ବହୁମୁଖୀ ପ୍ରକଳ୍ପର ମଧ୍ୟଭାଗର ... ସ୍ଥାନରେ ପ୍ରାୟ ୨୦ ଏକର ଜମିରେ ୬ଟି ବିରାଟ ଓ ସୁ... ଜଳଭଣ୍ଡାର ଖନନ କରାଯାଇଛି । ଏପରିକି ଗ୍ରୀଷ୍ମ ଋତୁର ପ୍ର... ରୌଦ୍ରତାପରେ ମଧ୍ୟ ସେଗୁଡ଼ିକର ଜଳପରନ ହ୍ରାସ ପାଏ... କାରଣ ନିକଟସ୍ଥ ପାହାଡ଼ର ନିସୃତ ଛୋଟ ଛୋଟ ନି... ସେଗୁଡ଼ିକର ପରିପୂରକ ଭାବରେ କାର୍ଯ୍ୟ କରେ । ... ଜଳଭଣ୍ଡାରରୁ ଡିଜେଲ ପଂପ୍ ଯୋଗେ ଜଳ ଉତ୍ତୋଳନ... ଚତୁର୍ଦ୍ଦିଗରେ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ଫଳୋଦ୍ୟାନ... ମଧ୍ୟ ଜଳସେଚିତ କରାଯାଉଛି । 'ବିଶ୍ୱ ନାହା... ପରିସୀମାର ବହିର୍ଭାଗ ଓ ମଧ୍ୟଭାଗରେ ଜଳ ଅମଳ ... ଓ ଜଳଭଣ୍ଡାର ସବୁ ନିର୍ମିତ ହୋଇ ବିପୁଳ ଜଳ ସ... ସଦୁପଯୋଗ କରାଯାଉଥିବା ଦୃଷ୍ଟିରୁ ଏହାକୁ 'ସୁଜଳା' ... ଯଥାର୍ଥ ।

ସେଠାର ମନୋରମ ପରିବେଶ ଦର୍ଶକଙ୍କୁ ବି... କରେ । ଏକ ପକ୍ଷରେ ଦିଗନ୍ତ ବ୍ୟାପୀ ପ୍ରାକୃତିକ ... ପରିବେଶ ଓ ଅନ୍ୟ ପକ୍ଷରେ ମାନବକୃତ ସୁଶ୍ୟାମଳା ଶସ୍ୟ... ଓ ଫଳଭରା ଉଦ୍ୟାନଗୁଡ଼ିକୁ ଦେଖିଲେ ମନ ପ୍ରା... ଭରିଯାଏ । ଭାବୁକ, ଲେଖକ, କବି, ଦାର୍ଶନିକ, ଶା... ଉଦ୍ୟାନବିତ୍ ଓ କଳାକାରମାନଙ୍କ ପାଇଁ 'ବିଶ୍ୱ ନାହା...

ବାସ୍ତବରେ ଏକ ପ୍ରମୋଦ ଉଦ୍ୟାନ । ତା'ର ଆକର୍ଷଣୀୟ ଶୋଭାରାଜି ପ୍ରତ୍ୟେକଙ୍କ ମନରେ ଭାବାନ୍ତର ସୃଷ୍ଟିକରେ ।

କୃଷି ବିଭାଗ ଓ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟର ଆର୍ଥିକ ସହାୟତା ଓ ଦିଗ୍‌ଦର୍ଶନ, କଟକ ମୃତ୍ତିକା ସଂରକ୍ଷଣ ଡିଭିଜନର ଅଫିସର ଓ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ଏବଂ ସର୍ବୋପରି ସ୍ଥାନୀୟ ଶ୍ରମଜୀବିମାନଙ୍କର ଅକ୍ଳାନ୍ତ ପରିଶ୍ରମରେ 'ବିଶ୍ୱ ନାହାକାଣୀ'ରେ ଗଢ଼ି ଉଠିଛି ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ କେନ୍ଦ୍ର ଓ ଉନ୍ନତ ଫଳୋଦ୍ୟାନ । ନିକଟବର୍ତ୍ତୀ ପାହାଡ଼ଗୁଡ଼ିକର ଡାଲୁ ଅଞ୍ଚଳର ୫୦୨ ଏକର ଜମିରେ କାଜୁବାଦାମ ଚାଷ କରାଯିବାରୁ ଏବଂ ୨୨୦ ଏକର ଜମିରେ ଜଙ୍ଗଲୁଆ ଗଛଲତା ବଢ଼ି ଉଠିଥିବାରୁ ମୃତ୍ତିକା ସଂରକ୍ଷଣ ସହଜସାଧ୍ୟ ହୋଇଛି । ସେହିପରି ୧୨୫ ଏକର ଜମିରେ ବିଭିନ୍ନ ଉନ୍ନତ ଧରଣର ନଡ଼ିଆ ଚାଷ, ୫୦ ଏକର ଚାଷଜମିରେ ମକା, ବାଜରା, ତୈଳବୀଜ ଓ ଡାଲିଜାତୀୟ ଫସଲ ପରି ବର୍ଷକିଆ ଫସଲ, ପାଦଦେଶର ୧୧୨ ଏକର ଜମିରେ ବରକୋଳି, ଡାଳିମ୍ବ, ପିଜୁଳି, ଆମ୍ବ, ପଣସ, ତେନ୍ତୁଳି, ସପୁରୀ, ଅମୃତଭଣ୍ଡା, ସୀତାଫଳ, ସଜନା, ବାଉଁଶ, ଆମେରିକୀୟ ଶିଳ୍ପକଟନ ଓ ସବାଇ ଘାସ ସମେତ ବିବିଧ ଅର୍ଥକରୀ ଫଳଗଛ ଲଗାଯାଇଛି । ଏହା ବ୍ୟତୀତ ପ୍ରାୟ ୫୦ ଏକର ଜମିରେ "ଶିଶାଲ' ଚାଷ ହେଉଛି ।

ଗତ ସେପ୍ଟେମ୍ବର ୧୩ ତାରିଖରେ କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ଏହି ପ୍ରଦର୍ଶନ କେନ୍ଦ୍ର ତଥା ଫଳୋଦ୍ୟାନ ପରିଦର୍ଶନରେ ଯାଇ ଏହାର କ୍ରମବିକାଶ ସଂପର୍କରେ ବିଭାଗର କର୍ତ୍ତୃପକ୍ଷଙ୍କଠାରୁ ଅବଗତ ହୋଇଥିଲେ । ମୃତ୍ତିକା ସଂରକ୍ଷଣ ବିଭାଗର ନିର୍ଦ୍ଦେଶକ ଶ୍ରୀ ରଘୁନାଥ ବେହେରା କହିଲେ ଯେ ଗତ ଆର୍ଥିକ ବର୍ଷରେ ପ୍ରାୟ ୩ ଏକର ଜମିରେ ହୋଇଥିବା ସପୁରୀରୁ ୧୪,୫୦୦ଟଙ୍କା, ୮ ଏକର ଜମିରେ ହୋଇଥିବା ପିଜୁଳିରୁ ୧୨,୦୦୦ ଟଙ୍କା ଏବଂ ୮ ଏକର ଜମିର ମକାରୁ ୧୬,୦୦୦ ଟଙ୍କା ଆୟ କରାଯାଇଛି । ନଡ଼ିଆ ଫାର୍ମରେ ଲଗାଯାଉଥିବା ସଂକର ଜାତୀୟ (ହଳଦିଆ) ନଡ଼ିଆ, ମଞ୍ଜି ନଡ଼ିଆ ଓ ନଡ଼ିଆ ଚାରା ମଧ୍ୟ ବିକ୍ରୟ କରାଯାଇଛି । ଗତବର୍ଷ ବିଭିନ୍ନ ଫଳୋଦ୍ୟାନ ଓ ଚାରା ପ୍ରସ୍ତୁତ କରିବା ବାବଦରେ ସମୁଦାୟ ୩ଲକ୍ଷ ୪୫ ହଜାର ୩୬୧ ଟଙ୍କା ବ୍ୟୟ କରାଯାଇଥିବା ସ୍ଥଳେ ଫଳ ଓ ଚାରା ଇତ୍ୟାଦି ବିକ୍ରୟ କରାଯାଇ ୪ ଲକ୍ଷ ୮୯ ହଜାର ୫୩୭ ଟଙ୍କା ଆୟ କରାଯାଇଛି ବୋଲି ନିର୍ଦ୍ଦେଶକ ଶ୍ରୀ ବେହେରା ପ୍ରକାଶ କରିଥିଲେ । ସେହିପରି ତା'ପୂର୍ବ ବର୍ଷ (୧୯୮୬-୮୭)ରେ ବ୍ୟୟ ତୁଳନାରେ ଆୟର ପରିମାଣ ଅଧିକ ହୋଇଥିଲା । ସେ ବର୍ଷ ୩ଲକ୍ଷ ୧୬ ହଜାର ୬୩୫ଟଙ୍କା ବିନିଯୋଗ କରାଯାଇଥିବା ସ୍ଥଳେ ଆୟ ହୋଇଥିଲା ୩ ଲକ୍ଷ ୨୮ ହଜାର ୧୫ ଟଙ୍କା । ମୃତ୍ତିକା ସଂରକ୍ଷଣ ଅଫିସର ଶ୍ରୀ ବିଜୟରାମ ଦାସ କୃଷିମନ୍ତ୍ରୀଙ୍କୁ ୫୦ ଏକର ଜମିରେ ହୋଇଥିବା 'ଶିଶାଲ' ଚାଷ ଦେଖାଇ କହିଲେ ଯେ ପ୍ରତି ଏକର 'ଶିଶାଲ'ରୁ ପ୍ରାୟ ୩୦୦୦ ଟଙ୍କା ମୂଲ୍ୟର ଦଉଡ଼ି ଯୋଗ୍ୟ ତନ୍ତୁ ମିଳିପାରିବ । ପ୍ରଦର୍ଶନ କେନ୍ଦ୍ର ଓ ଫାର୍ମର କାର୍ଯ୍ୟାବଳୀ ସନ୍ତୋଷଜନକ ବୋଲି ମତବ୍ୟକ୍ତ କରି ସେଠାରେ ପରୀକ୍ଷାମୂଳକ ଭାବରେ ରବର ଚାଷ ପରି ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ କରିବାକୁ ମନ୍ତ୍ରୀ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ ।

କୃଷିମନ୍ତ୍ରୀ ବଡ଼ ପୋଖରୀ, କନ୍ହେଇପୁର ଓ ମାଣିଆ ଗ୍ରାମଠାରେ ନିର୍ମିତ ହୋଇଥିବା ଜଳ ଅମଳ ପ୍ରକଳ୍ପମାନ ବୁଲି ଦେଖିଥିଲେ ଏବଂ ଏଗୁଡ଼ିକର ଉପାଦେୟତା ସଂପର୍କରେ ସ୍ଥାନୀୟ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । ବର୍ଷାଭାବ ସମୟରେ ଏହିସବୁ ପ୍ରକଳ୍ପ ଜଳସେଚନ କାର୍ଯ୍ୟରେ ବିଶେଷ ସହାୟକ ହେଉଛି ବୋଲି ଚାଷୀମାନେ ପ୍ରକାଶ କରିଥିଲେ । ମାଣିଆ ଗ୍ରାମଠାରେ ମୃତ୍ତିକା ସଂରକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ୪୦ ଏକର ବିଶିଷ୍ଟ ଏକ କାଜୁବାଦାମ ଉଦ୍ୟାନ ମଧ୍ୟ କୃଷିମନ୍ତ୍ରୀ ପରିଦର୍ଶନ କରିଥିଲେ । ଗ୍ରାମର ୨୦ ଜଣ ଦରିଦ୍ରତମ ପରିବାରଙ୍କ ମଧ୍ୟରେ ୨ ଏକର ଲେଖାଏଁ କାଜୁଜମି ବଣ୍ଟନ କରାଯାଇଛି ଏବଂ ସଂପୃକ୍ତ ବ୍ୟକ୍ତିମାନେ କାଜୁ ବିକ୍ରୟ କରି ଲାଭବାନ ହେଉଛନ୍ତି ।

ଶ୍ରୀ ରବିନାରାୟଣ ଦାଶ

ସୂଚନାଧିକାରୀ

## କାଲିଆ ଗାଁର ଲକ୍ଷ୍ମଣ

କୋରାପୁଟ ବାଲିଆ ପଞ୍ଚାୟତର ନୂଆଁପୁଟ ଗାଁରେ ଶ୍ରୀ ଲକ୍ଷ୍ମଣ ଚଲଣଙ୍କ ଘର । ସେ ଜଣେ ଭୂମିଆ ଆଦିବାସୀ । ରହିବା ପାଇଁ କୁଡ଼ିଆ ଘର ଖଣ୍ଡିକ ବ୍ୟତୀତ ତାଙ୍କର କୌଣସି ସମ୍ପତ୍ତିବାଡ଼ି ନାହିଁ । ଏକବାରେ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ । ପରିବାର କହିଲେ ଭାର୍ଯ୍ୟା, ଦୁଇଟି ପୁଅ ଓ ଗୋଟିଏ ଝିଅ, ସମୁଦାୟ ପାଞ୍ଚପ୍ରାଣୀ କୁଟୁମ୍ବ । ସକାଳ ପାହିଲେ କଣ କରିବେ, କିପରି ବଞ୍ଚିବେ ସଦାବେଳେ ଏହି ଚିନ୍ତା । ବହୁ ଦୁଃଖ କଷ୍ଟରେ ନିଜର ପରିବାର ସହ ମଜୁରୀ ଲାଗି ପେଟ ପୋଷନ୍ତି । ଏପରିକି ଦିନେ ଦିନେ ଭୋକ ଉପାସରେ ମଧ୍ୟ ରହିବାକୁ ପଡ଼େ ।

ଦୀନ-ଦୁଃଖୀଙ୍କ ବନ୍ଧୁ ଦୀନବନ୍ଧୁଙ୍କ ଅପାର କୃପାରୁ ଲୋକପ୍ରିୟ ସରକାରଙ୍କ ପ୍ରଣୀତ ଗ୍ରାମ ବିକାଶ ଯୋଜନା ଦେଶରେ କ୍ଷିପ୍ରଗତିରେ ଚାଲୁହେଲା । ସୌଭାଗ୍ୟବଶତଃ ଶ୍ରୀ ଲକ୍ଷ୍ମଣ ଚଲଣ ଜୟପୁରସ୍ଥ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଜରିଆରେ ସେଥିରେ ତାଲିକାଭୁକ୍ତ ହୋଇ, ଜାତିଆ ଦୁଧିଆଳି ମଇଁଷି ପାଳନ କରିବା ପାଇଁ ମନସ୍ଥ କଲେ । ତଦନୁଯାୟୀ ଉକ୍ତ ବ୍ୟାଙ୍କ ମାଧ୍ୟମରେ ଅଧା ରିହାତି ସୂତ୍ରରେ ୩୦୦୦ଟଙ୍କା ଋଣର ମଞ୍ଜୁର ହେଲା ।

୧୯୮୫-୮୬ ମସିହା ଆର୍ଥିକ ବର୍ଷର ପ୍ରଥମ ମାସରେ ଲକ୍ଷ୍ମଣ ଉକ୍ତ ବ୍ୟାଙ୍କରୁ ରିହାତି ସୂତ୍ରରେ ୨୦୦୦ ଟଙ୍କା ମୂଲ୍ୟରେ ଗୋଟିଏ ଉନ୍ନତ ଦୁଧିଆଳି ମଇଁଷି ଓ ଗୋଟିଏ ଅଣ୍ଡିରା ବାଛୁରୀ ସହ ନଗଦ ୧୦୦୦ଟଙ୍କା ମଇଁଷି ଗୁହାଳ ନିର୍ମାଣ କରିବା, ସ୍ୱତନ୍ତ୍ର ଦାନା କିଣିବା ଏବଂ ଦାନାଦିଆ ପାତ୍ର ତଥା ବାଲଟି ଓ ଦୁଧ ବିକ୍ରି କରିବା ପାଇଁ ଲିଟରଅଡ଼ା ଓଗେରେ

କ୍ରୟ କରିବା ନିମନ୍ତେ ପାଇଲେ । ସେ ଦିନ ଏକକାଳୀନ ତିନି ହଜାର ଟଙ୍କାର ସମ୍ପତ୍ତି ପାଇ ସେ ଯେଉଁ ଆନନ୍ଦ ପାଇଲେ ତାହା ବର୍ଣ୍ଣନାତୀତ ।

ଏହି ମଇଁଷି ଓ ବାଛୁରୀଟିକୁ ନିଜ ଘରକୁ ଆଣି ନିଜର ସ୍ତ୍ରୀ ଓ ପିଲାଛୁଆଙ୍କ ହାତରେ ସମର୍ପି ଦେଇ, ପିଲା କୁଟୁମ୍ବ ସହ ମଇଁଷିମାନଙ୍କ ସେବାରେ ନିଜକୁ ନିୟୋଜିତ କଲେ । ମଇଁଷି-ମାନେ ଦିନକୁ ଦିନ ଉଦିଆ ଘାସ ଖାଇ ତେଜିୟାନ ହେବାକୁ ଲାଗିଲେ ଏବଂ ଆଶାନୁରୂପ ଦୁଧ ମଧ୍ୟ ମିଳିଲା । ସେଥିରୁ ନିଜେ ଖାଇ ପିଇ ଅବଶିଷ୍ଟ ଦୁଧ ବିକ୍ରିରୁ ଦୈନିକ ଟ୧୫–୨୦ ଟଙ୍କା ପାଇଲେ । ତା ସାଙ୍ଗକୁ ନିଜର ଓ ନିଜ ପରିବାରର ଦୈନିକ ମଜୁରୀ ମିଶି ଦୈନିକ ଟ୨୫–୩୦ ଟଙ୍କା ରୋଜଗାର ହେଲା । ଏଣେ ଅଣିରା ବାଛୁରୀଟି ବଢ଼ିବାକୁ ଲାଗିଲା । ପୁଣି ମା' ମଇଁଷିଟି ୧୯୮୭-୮୮ ମସିହାରେ ଆଉ ଗୋଟିଏ ମାଈ ମଇଁଷି ଛୁଆ ଜନ୍ମ କଲା । ଲକ୍ଷ୍ମଣର ଆନନ୍ଦ କହିଲେ ନ ସରେ । ନିଜର ଦୈନିକ ରୋଜଗାରରୁ, ନିଜ କୁଟୁମ୍ବର ଆବଶ୍ୟକ ପରିମାଣରେ ଖାଦ୍ୟ-ପେୟ ଖର୍ଚ୍ଚ କରି ସେଥିରୁ କିଛି କିଛି ସଞ୍ଚୟ କଲେ ଏବଂ ଧୀରେ ଧୀରେ ବ୍ୟାଙ୍କ ଋଣ କିସ୍ତି ପ୍ରକାରେ ପରିଶୋଧ କରିବାକୁ ଲାଗିଲେ ।

୧୯୮୮ ମସିହା ମଇ ମାସରେ ତାଙ୍କର ଆଗ ମଇଁଷି ଛୁଆ (ପୁଟୁରା) ହଳ କରିବାକୁ ଉପଯୁକ୍ତ ହେବାରୁ ତାର ସଞ୍ଚିତ ଧନରୁ ନଗଦ ୩୦୦ ଟଙ୍କା ମୂଲ୍ୟର ଆଉ ଗୋଟିଏ ପୁଟୁରା କିଣିଲେ । ଘରେ ଥିବା ପୁଟୁରା ସହ ଯୋଡ଼ିକରି ଗୋଟିଏ ପୋଢ଼ ହଳରେ ପରିଣତ ହେଲା ଏବଂ ଉକ୍ତ ପୋଢ଼ ହଳଟିକୁ ଚଳିତ ବର୍ଷର ଖରିଫ୍ ଚାଷରେ ମୂଲ ତଥା ଭଡ଼ାକୁ ଲଗାଇ ଦୈନିକ ୫।୮ ଟଙ୍କା ଭଡ଼ାଧନ ପାଇଲେ । ଏଣେ ଦୁଧ ବିକ୍ରି ତେଣେ ପୋଢ଼ ହଳର ଭଡ଼ା ଏବଂ ନିଜର ଓ ନିଜ ପରିବାରର ଦୈନିକ ମଜୁରୀର ଆୟ ମିଶି ଦୈନିକ ପ୍ରାୟ ୩୦–୩୫ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଲା । ବ୍ୟାଙ୍କର ଋଣ କିଛିକିଛି ପରିଶୋଧ କରି ପୂର୍ବ ଅପେକ୍ଷା ବର୍ତ୍ତମାନ ଶ୍ରୀ ଲକ୍ଷ୍ମଣ ଚଲଣ ନିଜର ପରିବାର ସହ ବେଶ୍ ସୁଖ ଶାନ୍ତିରେ କାଳଯାପନ କରିବା ସଙ୍ଗେସଙ୍ଗେ ନିଜ ଗ୍ରାମରେ ଜଣେ ଆଦର୍ଶ ମଇଁଷି ପାଳକ ହିସାବରେ ପରିଚିତ ହୋଇ ପାରିଛନ୍ତି । ବର୍ତ୍ତମାନ ତା'ର ଗୁହାଳରେ ଚାରୋଟି ମଇଁଷି ଦେଖିବାକୁ ବେଶ୍ ହୃଷ୍ଟ ପୁଷ୍ଟ ଏବଂ ତେଜିୟାନ୍ । ଶ୍ରୀ ଲକ୍ଷ୍ମଣ ଚଲଣ ସରକାରଙ୍କ ହିତାଧିକାରୀ ରୂପେ ବେଶ୍ ସଫଳତା ଲାଭ କରିପାରିଛନ୍ତି ।

## ଆଗୁଆ ଚାଷୀ ମାଧବ

ଜୟପୁର ଉମୁରୀ ପଞ୍ଚାୟତର ବଡ଼କାଉଡ଼ି ଗାଁରେ ଶ୍ରୀ ମାଧବ ନାୟକଙ୍କ ଘର । ଜାତିରେ ସେ ରଣା । ସେ ଜଣେ ନାମମାତ୍ର ଚାଷୀ । ନିଜର ବୋଲି ପ୍ରାୟ ତିନି ଏକର ଧାନ ଜମି ଓ ପ୍ରାୟ ଦୁଇ ଏକର ଡିପ ଜମି ରହିଛି । ଉକ୍ତ ଜମିଗୁଡ଼ିକ ବର୍ଷା ଉପରେ ନିର୍ଭରଶୀଳ । ଯେଉଁ ବର୍ଷ ଭଲ ବର୍ଷା ହୁଏ, ସେହି ବର୍ଷ ସର୍ବମୋଟ ୨୮ରୁ ୩୦ ବସ୍ତା ଧାନ ଓ ୩ ବସ୍ତା ମାଣ୍ଡିଆ, ଅଳସୀ, କୋଳଥ ମିଶ୍ରିତ ଫସଲ ଆଦାୟ ହୁଏ । ସେଥିରେ ସେ ତା'ର ପରିବାର ସହ ବହୁ ଦୁଃଖ କଷ୍ଟରେ ଚଳାଚଳ ହୁଏ । ପାଖରେ ନିଜର ମା ବୁଢ଼ୀ, ଭାର୍ଯ୍ୟା, ଦୁଇଟି ପୁଅ ଓ ଦୁଇଟି ଝିଅ । ଏମିତି ସାତପ୍ରାଣୀ କୁଟୁମ୍ବ । ସେ ଓ ତାର କୁଟୁମ୍ବ କିପରି ସୁଖ ଶାନ୍ତିରେ ବଞ୍ଚିବେ ଏହା ହେଲା ତା'ର ଚିନ୍ତା । ବେଳେବେଳେ ତାକୁ ରାତିରେ ଭଲ ନିଦ ମଧ୍ୟ ହୁଏ ନାହିଁ କେବଳ ବଞ୍ଚିବା ଚିନ୍ତାରେ ।

ଭାଗ୍ୟ ବଶତଃ ଲୋକପ୍ରିୟ ସରକାରଙ୍କ ଦ୍ୱାରା ଚାଷୀମାନଙ୍କ ପାଇଁ (ଡ଼ଗ୍‌ଓ୍ୱେଲ) ଜମିରେ କୂପ ଖନନ ଯୋଜନା ଆରମ୍ଭ ହେଲା । ଏହି ସୁଯୋଗରେ ଶ୍ରୀ ମାଧବ ନାୟକ ଗ୍ରାମପଞ୍ଚାୟତ ସହଯୋଗରେ ଜୟପୁରସ୍ଥ ଭୂ-ଉନ୍ନୟନ ସମବାୟ ବ୍ୟାଙ୍କରେ ଜଣେ ସଭ୍ୟ ହୋଇ ୧୯୭୯-୮୦ ମସିହାରେ ତାହାର ଚାଷ ଜମିରେ ଗୋଟିଏ କୂପ ଖନନ ପାଇଁ ନଗଦ ଟ୪୦୦୦ଙ୍କା ଋଣ ଆଣି ବିଧିବଦ୍ଧ ଭାବେ ଜମିରେ ଗୋଟିଏ ବାରମାସୀ ପାଣି ରହିଲା ଭଳିଆ କୂପ ଖନନ କଲା । ଏଥିରେ ପ୍ରାୟ ଏକ ଏକର ଜମିକୁ ପାଣି ମାଡ଼ିଲା ଭଳିଆ ଟେଣ୍ଡା ବସାଇ ନିଜର କୁଟୁମ୍ବ ସହ କଠୋର ପରିଶ୍ରମ କରି ଋତୁ ମୁତାବକ ବାରମାସୀ ପନିପରିବା ଚାଷ ଆରମ୍ଭ କଲା । ସେଥିରୁ ବେଶ୍ ଆଶାନୁରୂପ ପନିପରିବା ଉତ୍ପନ୍ନ ହେଲା । ପିଲା କୁଟୁମ୍ବଙ୍କର ମନମୁତାବକ ଖାଇବା ବାଦ୍ ଅବଶିଷ୍ଟ ପରିବା ବଜାରରେ ବିକ୍ରିକରି ସେଥିରୁ ବାର୍ଷିକ ନଗଦ ଟ୨୦୦୦ଙ୍କା ରୋଜଗାର ହେଲା । ଏହି ବଗିଚାରେ ସେ ଆଳୁ, କୋବି, ମରିଚ, ବାଇଗଣ, ଟମାଟ, ଭେଣ୍ଡି, କଖାରୁ ଓ ମୂଳା ପ୍ରଭୃତି ଚାଷ କରୁଥିଲା ।

୧୯୭୯-୮୦ ମସିହାରେ ଉଲ୍ଲିଖିତ ଭୂ-ଉନ୍ନୟନ ବ୍ୟାଙ୍କରୁ କୂପ ଖନନ ନିମନ୍ତେ ଯେଉଁ ଟ୪୦୦୦ଙ୍କା ଋଣ କରିଥିଲା, ତାହାର ସୁଧ ମୂଳ ସହ ୧୯୮୪ ମସିହାର ଆର୍ଥିକ ବର୍ଷ ମଧ୍ୟରେ ସମସ୍ତ ଋଣ ପରିଶୋଧ କରିଦେଇ ସେହି ଦିନୁ ନିଶ୍ଚିନ୍ତ ଭାବେ ଉକ୍ତ କୂପଟିକୁ ନିଜର ଆୟତ୍ତାଧୀନ କରି ବେଶ୍ ଆରାମରେ ପିଲା କୁଟୁମ୍ବ ସହ ଦିନ କାଟୁଛି । ଏହି ଜମିରେ ବାରମାସୀ ପନିପରିବା ଚାଷକୁ ଦୈନିକ ଧନ୍ଦାରେ ପରିଣତ କରି ବର୍ଷକୁ ବର୍ଷ ଏଥିରେ ନିଜର ଆୟବୃଦ୍ଧି କରିବା ସାଙ୍ଗକୁ ନିଜର ଧାନଜମି ଓ ଡିପ ଜମିକୁ ଭଲଭାବେ ଚାଷ କରି ପାରିଛି । ବର୍ତ୍ତମାନ ଶ୍ରୀ ମାଧବ ନାୟକ ତାଙ୍କ ବଡକଉଡ଼ି ଗ୍ରାମରେ ଜଣେ ଆଗୁଆ ଚାଷୀ ରୂପେ ସୁନାମ ପାଇଛି । ଶ୍ରୀ ମାଧବ ନାୟକ ଆଜି ଜଣେ ଆଦର୍ଶ ଚାଷୀ ।

ଶ୍ରୀ ବ୍ରଜସୁନ୍ଦର କରଛୁଆ ପଟ୍ଟନାୟକ
ମଣ୍ଡଳ ସଂଗଠକ
ପଲ୍ଲୀ ଶ୍ରୋତା ମଣ୍ଡଳୀ, ଜୟପୁର

## ହନ୍ତସନ୍ତ ଜୀବନର ଅନ୍ତ


ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ସବ୍‌ଡ଼ିଭିଜନ ଏକ ଅନଗ୍ରସର ଅଞ୍ଚଳ । ସମସ୍ତଙ୍କ ସହିତ ସମାନ ହେବା ପାଇଁ ଏହି ସବଡ଼ିଭିଜନଟି ଆଗେଇ ଚାଲିଛି । ହିନ୍ଦୋଳ ସହରର ରାମଚନ୍ଦ୍ର ପୁରୁ ଜାତିରେ ହରିଜନ । ନିଜର ପେଟ

ପୋଷିବା ପାଇଁ ଚମଡ଼ା ବ୍ୟବସାୟ କରେ, ସେଥିରେ ପେଟ ପୁରେ ନାହିଁ । ତାର ଘରେ ୪ଟି ସନ୍ତାନ, ବାପା ମାଆ ଓ ସାହୁ ନେଇ ତାର ଦେଇ ଲୁଣର ସଂସାର । ଅନେକ ସମୟରେ ତାର ଛୋଟ ପିଲାମାନଙ୍କୁ ପେଟପୁରା ଖାଇବାକୁ ଦେଇ ପାରେ ନାହିଁ । ସେଥିପାଇଁ ସେ ହତସନ୍ତ ହୋଇପଡ଼େ । ତାର ଭଗ୍ୟ ପରିବର୍ତ୍ତନ ସମୟ ଆସିଲା । ଦୁଃଖ ପରେ ସୁଖ ଲଗିଛି । ସେ ଶୁଣିବାକୁ ପାଇଲା ହିନ୍ଦୋଳ ବ୍ଲକ୍‌ରୁ ଲୋନ୍ ମିଳୁଛି । ତେଣୁ ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀ; ହିନ୍ଦୋଳଙ୍କ ପାଖରେ ଏକ ଚୋତା ଦୋକାନ କରିବା ପାଇଁ ଦରଖାସ୍ତ କଲା । ତାର ଦରଖାସ୍ତ ବିଚାର କରାଯାଇ ହରିଜନ ଅର୍ଥନିଗମ ତରଫରୁ ୩୦୦୦.୦୦ ଟଙ୍କା ଲୋନ ଦିଆଗଲା । ତାହାର ଆନନ୍ଦର ସୀମା ରହିଲା ନାହିଁ । ହିନ୍ଦୋଳର ମଝି ସ୍ଥାନରେ ସେ ଗୋଟିଏ କେବିନ୍ ପକାଇ ତାର ବେପାର ଆରମ୍ଭ କରିଛି । ପାଇଥିବା ଋଣରୁ ତାକୁ ୧୦୦୦ ଟଙ୍କା ଛାଡ଼ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ସେ ୧୫୦୦ଟଙ୍କା ସୁଝି ସାରିଲାଣି । ତାର ଦୋକାନଟି ଭଲ ଚାଲିଛି । ଅନେକ ଚପଲ ତିଆରି କରି ସହର ତଥା ଗ୍ରାମାଞ୍ଚଳରେ ବିକ୍ରି କରୁଛି । ଏହି ଋଣଟି ସୁଝି ସାରିଲେ ସେ ପୁନର୍ବାର ଋଣ ଆଣି ତାର ଦୋକାନର କଳେବର ବଢ଼ାଇବାର ଚିନ୍ତା କରୁଛି । ବର୍ତ୍ତମାନ ସେ ଚପଲ ତିଆରି କରୁଛି । ଦ୍ୱିତୀୟ କିସ୍ତିର ଋଣ ଆଣିଲେ ସେ ଜୋତା ତିଆରି କରିବାର ସ୍ୱପ୍ନ ଦେଖୁଛି । ଯଥାସାଧ୍ୟ ଯେତେ ଶୀଘ୍ର ତାର ପ୍ରଥମ କିସ୍ତିର ଋଣ ପରିଶୋଧ କରିବା ପାଇଁ ମନପ୍ରାଣ ଦେଇ କାର୍ଯ୍ୟ କରି ଚାଲିଛି ।

ସରକାରଙ୍କ ଏହିଭଳି ଏକ ସହଯୋଗ ପାଇଥିବାରୁ ଏ ଜନ୍ମର ବ୍ୟର୍ଥତା ତାକୁ ପୁନର୍ଜନ୍ମରେ ପରିଣତ କରିପାରିଛି । ସେ ସରକାରଙ୍କୁ ଅନେକ କୃତଜ୍ଞତା ଜଣାଇଛି ଓ ସରକାରଙ୍କ ସହଯୋଗକୁ ସାଦରରେ ଗ୍ରହଣ କରିବା ପାଇଁ ନିଜର ଜାତି ଭାଇଙ୍କୁ ବୁଝାଇଛି ।

---

ଶ୍ରୀ ଚନ୍ଦ୍ରକାନ୍ତ ନାୟକ
ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ
ଅଧିକାରୀ, ହିନ୍ଦୋଳ, ଢେଙ୍କାନାଳ



କଳାହାଣ୍ଡି ଜୋଙ୍କ୍ ନଦୀ ବ୍ରିଜ୍ ଉଦ୍‌ଘାଟନ

# ଆପଣ ଜାଣନ୍ତି କି ?

ପରିବାର କଲ୍ୟାଣ ଯୋଜନାର ସଫଳ ରୂପାୟନ ନିମନ୍ତେ ବିଭିନ୍ନ ଗର୍ଭନିରୋଧ ପଦ୍ଧତି ଗ୍ରହଣ କରୁଥିବା ଦମ୍ପତିମାନଙ୍କୁ ସରକାରଙ୍କ ତରଫରୁ ନିମ୍ନଲିଖିତ ହାରରେ ଆର୍ଥିକ ସାହାଯ୍ୟ ଦିଆଯାଉଅଛି:—

| ଗର୍ଭନିରୋଧ ପଦ୍ଧତିର ନାମ | ପଦ୍ଧତି ଗ୍ରହଣ ଯୋଗୁଁ ହରାଉଥିବା ମଜୁରି ପାଇଁ କ୍ଷତିପୂରଣ | ପୁଷ୍ଟିକର ଖାଦ୍ୟ ପାଇଁ ସାହାଯ୍ୟ | ସ୍ୱାସ୍ଥ୍ୟକେନ୍ଦ୍ର ବା ଶିବିରକୁ ଯାତାୟତ ପାଇଁ ସାହାଯ୍ୟ | ପ୍ରୋତ୍ସାହନ ପାଇଁ ଦିଆଯାଉଥିବା ଉପହାର ପରିବର୍ତ୍ତେ ଆର୍ଥିକ ସାହାଯ୍ୟ | ଅସ୍ତ୍ରୋପଚାର ପରେ ଥରେ ଶୁକ୍ର ପରୀକ୍ଷା ପାଇଁ ଆସିବା ନିମିତ୍ତ ଯାତାୟତ ଖର୍ଚ୍ଚ | ମୋଟ ପରିମାଣ |
|---|---|---|---|---|---|---|
| ପୁରୁଷମାନଙ୍କ ଅସ୍ତ୍ରୋପଚାର .. (ଭାସେକ୍ଟୋମି) | ଟ 130 | ଟ 10 | ଟ 5 | .. | ଟ 5 | ଟ 150 |
| ମହିଳାମାନଙ୍କ ଅସ୍ତ୍ରୋପଚାର .. (ଟ୍ୟୁବେକ୍ଟୋମି) | ଟ 120 | ଟ 30 | ଟ 5 | ଟ 5 | .. | ଟ 160 |
| ଅନ୍ତଃଗର୍ଭାଶୟ ପଦ୍ଧତି .. (ଲୁପ ବା କପର-ଟି) | ଟ 9 | .. | .. | .. | .. | ଟ 9 |

ଉପରଲିଖିତ ପଦ୍ଧତି ଗ୍ରହଣ କରିବା ପାଇଁ ଦମ୍ପତିମାନଙ୍କୁ ପ୍ରବର୍ତ୍ତାଉଥିବା ସାଧାରଣ ଲୋକ କିମ୍ବା ତାଲିମ ପ୍ରାପ୍ତ ଧାଈଙ୍କୁ ତଳଲିଖିତ ହାରରେ ଆର୍ଥିକ ସାହାଯ୍ୟ ଦିଆଯାଉଅଛି:—

| ପ୍ରବର୍ତ୍ତନକାରୀ | ଭାସେକ୍ଟୋମି | ଟ୍ୟୁବେକ୍ଟୋମି | ଲୁପ୍ ବା କପର-ଟି |
|---|---|---|---|
| ସାଧାରଣ ଲୋକ .. | ଟ 10 | ଟ 8 | ଟ 1 |
| ତାଲିମପ୍ରାପ୍ତ ଧାଈ .. | ଟ 15 | ଟ 12 | ଟ 1 |

ଏ ସମସ୍ତ ଅର୍ଥ ଅସ୍ତ୍ରୋପଚାର ପରେ ବା ପଦ୍ଧତି ଗ୍ରହଣ କଲାପରେ ସେହି ଶିବିର ବା ସ୍ୱାସ୍ଥ୍ୟକେନ୍ଦ୍ରରେ ହିଁ ଦିଆଯାଏ । ଉପରଲିଖିତ ଆର୍ଥିକ ପରିମାଣରୁ କମ୍ ଟଙ୍କା ମିଳିଲେ ବା ସେ ଟଙ୍କା ଦେବାରେ ଅଯଥା ବିଳମ୍ବ ହେଲେ, ଆପଣମାନେ ଏ କଥା ଯଥାଶୀଘ୍ର ଉପରିସ୍ଥ କର୍ମକର୍ତ୍ତାଙ୍କ ଦୃଷ୍ଟିକୁ ଆଣିବା ଉଚିତ ।

ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା--ଗୋଟିଏ ବା ଦୁଇଟି ସନ୍ତାନ ବିଶିଷ୍ଟ ଦମ୍ପତିଙ୍କ ଭିତରୁ କେହି ଜଣେ ଗର୍ଭନିରୋଧ ଅସ୍ତ୍ରୋପଚାର ପଦ୍ଧତି ଗ୍ରହଣ କଲେ, ତାଙ୍କୁ "ସବୁଜ ପତ୍ରିକା" ଯୋଗାଇ ଦିଆଯାଉଅଛି ।

ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଓଡ଼ିଶା

# ସମ୍ବାଦ ପରିକ୍ରମା

## ସଚେତନ ଜନସାଧାରଣ ଜଙ୍ଗଲର ସୁରକ୍ଷକ

—ମୁଖ୍ୟମନ୍ତ୍ରୀ

ଜଙ୍ଗଲ ସୁରକ୍ଷା ପାଇଁ ଜନ ଜାଗରଣ ବୃଦ୍ଧିପାଇଲେ, ଜଙ୍ଗଲ ସଂପଦର ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ବନ୍ୟପ୍ରାଣୀମାନଙ୍କର ଉପଯୁକ୍ତ ରକ୍ଷଣାବେକ୍ଷଣ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ରାଜ୍ୟ ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୩୪ତମ ବନ୍ୟପ୍ରାଣୀ ସପ୍ତାହ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମାନବ ସମାଜର ସୁରକ୍ଷା ପାଇଁ ଉଭୟ ପ୍ରାଣୀ ଓ ଉଦ୍‌ଭିଦ ଜଗତର ସୁରକ୍ଷା ଅପରିହାର୍ଯ୍ୟ । ତେଣୁ ଏ ପ୍ରକାର ଭାରସାମ୍ୟ ରକ୍ଷା ପ୍ରତି ଜନସାଧାରଣ ସର୍ବଦା ସଚେତନ ରହିବା ଆବଶ୍ୟକ । ବିଭିନ୍ନଶ୍ରେଣୀର ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ରାଜ୍ୟରେ ଅନେକ ଅଭୟାରଣ୍ୟ ସୃଷ୍ଟି କରାଯାଇଛି । ଭିତର କନିକାକୁ ଜାତୀୟ ପାର୍କ ରୂପେ ଘୋଷଣା କରିବା ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ନିଷ୍ପତ୍ତି ନେଉଛନ୍ତି । ଚିଲିକାରେ ପକ୍ଷୀ ଶିକାର ନିଷିଦ୍ଧ କରାଯାଇଛି ଏବଂ ନଳବଣକୁ ଅଭୟାରଣ୍ୟ ଘୋଷଣା କରାଯାଇ ସେଠାରେ ଅଧିକ ପହରା ବ୍ୟବସ୍ଥା କରାଯାଇଛି । ଦୁର୍ଲଭ ଧଳାବାଘଙ୍କ ପାଇଁ ଖୁବ୍‌ଶୀଘ୍ର ରାଜ୍ୟରେ ଏକ ଧଳାବାଘ ସଫାରୀ ପ୍ରତିଷ୍ଠା କରାଯିବ । ରାଜ୍ୟରେ ଜଙ୍ଗଲ ସଂପଦର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଉଲ୍ଲେଖ କରି ସେ କହିଲେ ଯେ ବୃକ୍ଷହୀନ ଚନ୍ଦକା ଜଙ୍ଗଲ ବର୍ତ୍ତମାନ ଘନ ଅରଣ୍ୟରେ ପରିଣତ ହୋଇ ପାରିଛି ଏବଂ ରାଜ୍ୟରେ ଜଙ୍ଗଲ କଟାକୁ ପର୍ଯ୍ୟାୟ କ୍ରମେ ନିଷିଦ୍ଧ କରାଯିବ ।

ଉତ୍ସବରେ ସଭାପତିତ୍ୱ କରି ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦମ୍ବରୁଧର ଉଲକା କହିଲେ ଯେ ରାଜ୍ୟରେ ବର୍ତ୍ତମାନ ୧୬ଟି ଅଭୟାରଣ୍ୟ ରହିଛି ଏବଂ ଆଉ [illegible]ଟି ଅଭୟାରଣ୍ୟ ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଛି । ବନ୍ୟଜନ୍ତୁ ଶିକାର କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ପ୍ରକାଶ କରି ଗତବର୍ଷ ରାଜ୍ୟରେ ମୋଟ୍ ୭୬ଟି ବନ୍ୟଜନ୍ତୁ ଶିକାର ହୋଇଥିଲା ଓ ୧୯ଟି ମକଦ୍ଦମା ରୁଜୁ ହୋଇଥିଲା । ରାଜ୍ୟ ସରକାର ତିନୋଟି ଜିଲ୍ଲାର ସଂପୂର୍ଣ୍ଣ ଭାବରେ ଜଙ୍ଗଲ କଟା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଜଙ୍ଗଲ ସୁରକ୍ଷା ପାଇଁ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ ନିମନ୍ତେ ସରକାରଙ୍କ ତରଫରୁ ଅନୁଦାନ ଦିଆଯାଉଛି ।

ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ରଚନା ପ୍ରତିଯୋଗିତା, ଜଣା ଅଜଣା ଏବଂ ଚିତ୍ରାଙ୍କନ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ବିତରଣ କରିଥିଲେ । ପ୍ରାଣୀ ବିଜ୍ଞାନୀ ଡକ୍ଟର ବି. କେ. ବେହୁରା ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଗୋଟିଏ ସ୍ୱତନ୍ତ୍ର ପ୍ରସ୍ଥର ସଂସ୍ଥା ସୃଷ୍ଟି କରିବା ପ୍ରତି ଗୁରୁତ୍ୱ ଦେଇଥିଲେ ।

## ପୋଡ଼ୁଚାଷୀଙ୍କ ଥଇଥାନ

ଆଦିବାସୀ ଉପ–ଯୋଜନା ଅଞ୍ଚଳରେ ପୋଡ଼ୁଚାଷକୁ ନିରାକରଣ କରି ସଂପୃକ୍ତ ପୋଡ଼ୁଚାଷୀମାନଙ୍କୁ ଥଇଥାନ କରିବା ଲାଗି ମୃତ୍ତିକା ସଂରକ୍ଷଣ, ବୃକ୍ଷ ରୋପଣ, କୃଷି, ଜଳସେଚନ, ପଶୁପାଳନ, ସାମାଜିକ ବନୀକରଣ ଏବଂ ଜୀବିକାର୍ଜନ ପାଇଁ ଅନ୍ୟାନ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏଥିପାଇଁ ୧୦ଟି ନିର୍ଦ୍ଦିଷ୍ଟ ଅଞ୍ଚଳରେ ୧୭ କୋଟି ଟଙ୍କା ବ୍ୟୟରେ ୧୦ଟି ଉପ–ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର କେନ୍ଦ୍ର କୃଷି ମନ୍ତ୍ରଣାଳୟର ଅନୁମୋଦନ ପାଇଁ ପଠାଇଥିଲେ । ସେହିସବୁ ଉପ–ଯୋଜନା ମଞ୍ଜୁର ହେବା ସଙ୍ଗେ ସଙ୍ଗେ ଗତ ଆର୍ଥିକ ବର୍ଷରେ ସେ ବାବଦରେ ୨ କୋଟି ୮ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

ଅନୁମୋଦିତ ଯୋଜନାନୁଯାୟୀ ଉପ-ଯୋଜନା ଅଞ୍ଚଳସ୍ଥ ୨୧୦ଟି ଗ୍ରାମର ୬୧୮୧ଟି ପୋଡୁଚାଷୀ ପରିବାରଙ୍କୁ ଥଇଥାନ କରିବାକୁ ଉଦ୍ୟମ ହେଉଛି । ପ୍ରତ୍ୟେକ ପରିବାରଙ୍କୁ ୫ ବର୍ଷରେ ୩୦ ହଜାର ଟଙ୍କା ସାହାଯ୍ୟ ଦିଆଯିବ । ସଂପୃକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନ୍ୟ କେତେକ ଉନ୍ନୟନ ଅଧିକାରୀଙ୍କୁ ନେଇ ଗଠିତ ଏକ ପ୍ରକୋଷ୍ଠର ସାହାଯ୍ୟରେ ଆଇ. ଟି. ଡି. ଏ. ସ୍ତରରେ ଏହିସବୁ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

## ଆଦିବାସୀ ଅଞ୍ଚଳରେ ରାସ୍ତା ଯୋଗାଯୋଗ

ଆଦିମ ଅଧିବାସୀମାନେ ବାସ କରୁଥିବା ଅଞ୍ଚଳଗୁଡ଼ିକରେ ଗମନାଗମନର ସର୍ବନିମ୍ନ ସୁବିଧା ଯୋଗାଇ ଦେବାପାଇଁ ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟମ କରାଯାଉଛି । ତଦନୁଯାୟୀ ଗତ ଆର୍ଥିକ ବର୍ଷରେ ରାସ୍ତା ଯୋଗାଯୋଗର ପ୍ରସାର କରିବା ବାବଦରେ ୧ କୋଟି ୨୮ ଲକ୍ଷ ୮୦ ହଜାର ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିଥିଲା ।

ଏହି ଅର୍ଥ ବିଭିନ୍ନ ଆଦିବାସୀ ଉନ୍ନୟନ ସଂସ୍ଥାକୁ ଯୋଗାଇ ଦିଆଯାଇଛି । କୋରାପୁଟ ଜିଲ୍ଲାର ପୁଟାସିଙ୍ଗ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା । ଓ ବିଦାୟୀ ଉନ୍ନୟନ ସଂସ୍ଥାକୁ ୨୦ ଲକ୍ଷ ଟଙ୍କା ଲେଖାଏଁ, କଲ୍ୟାଣସିଂହପୁର ମାଇକ୍ରୋ ଉପ-ଯୋଜନା ପାଇଁ ୧୯ ଲକ୍ଷ ଟଙ୍କା, ବଣ୍ଡା ଉନ୍ନୟନ ସଂସ୍ଥାକୁ ୧୫ ଲକ୍ଷ ଟଙ୍କା ଏବଂ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାକୁ ୧୦ ଲକ୍ଷ ଟଙ୍କା ଦିଆଯାଇଛି । ସେହିପରି ଫୁଲବାଣୀର ବେଲଘର କୁଟିଆ କନ୍ଧ ଉନ୍ନୟନ ସଂସ୍ଥାକୁ ୪ଲକ୍ଷ ୮୦ ହଜାର ଟଙ୍କା, ଢେଙ୍କାନାଳର ପାଉଡ଼ି ଭୂୟାଁ ଉନ୍ନୟନ ସଂସ୍ଥାକୁ ୧୦ ଲକ୍ଷ ଟଙ୍କା , କେନ୍ଦୁଝରର ଜୁଆଙ୍ଗ ଉନ୍ନୟନ ସଂସ୍ଥାକୁ ୧୦ ଲକ୍ଷ ଟଙ୍କା ଏବଂ ଗଞ୍ଜାମ ଜିଲ୍ଲାର ଥୁମା ଉନ୍ନୟନ ସଂସ୍ଥାକୁ ୨୦ ଲକ୍ଷ ଟଙ୍କା ଦିଆଯାଇଛି । ସଂପୃକ୍ତ ଅଞ୍ଚଳଗୁଡ଼ିକରେ ଗମନାଗମନର ସୁବିଧା କରିବା ଦିଗରେ ଏହି ଅର୍ଥ ଉଦ୍ଦିଷ୍ଟ ।

## ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ

କୋଡ଼ିଏ ଦଫା ଅନୁଯାୟୀ ନୁହେଁ ବରଂ ବିଂଶସୂତ୍ରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଲାଭ କରିଛି । କେନ୍ଦ୍ର ସରକାରଙ୍କ ପ୍ରୋଗ୍ରାମ୍ ଇଂପ୍ଲିମେଣ୍ଟେସନ୍ ମନ୍ତ୍ରଣାଳୟ ଦ୍ୱାରା ଚଳିତ ବର୍ଷର ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ନିର୍ଦ୍ଧାରିତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ କରାଯାଇଥିବା ସମୀକ୍ଷାରୁ ଏହା ପ୍ରକାଶ ପାଇଛି । ୨୦ଟି କାର୍ଯ୍ୟକ୍ରମ ମଧ୍ୟରୁ ୧୩ଟି କାର୍ଯ୍ୟକ୍ରମରେ ଓଡ଼ିଶା ଉଲ୍ଲେଖନୀୟ ସାଫଲ୍ୟ ହାସଲ କରିଥିବା ଯୋଗୁଁ 'କ' ଶ୍ରେଣୀଭୁକ୍ତ ହୋଇପାରିଛି । ସେହିପରି ଗୋଟିଏ କାର୍ଯ୍ୟକ୍ରମର ସାଫଲ୍ୟ ହେତୁ ଓଡ଼ିଶାକୁ 'ଖ' ଶ୍ରେଣୀଭୁକ୍ତ ଓ ଛଅଟି କାର୍ଯ୍ୟକ୍ରମର ସାଫଲ୍ୟ ପାଇଁ 'ଗ' ଶ୍ରେଣୀଭୁକ୍ତ କରାଯାଇଛି ।

ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ଗୃହ ନିର୍ମାଣ କାର୍ଯ୍ୟକ୍ରମରେ ନିର୍ଦ୍ଧାରିତ ଲକ୍ଷ୍ୟ ତୁଳନାରେ ସର୍ବାଧିକ ଶତକଡ଼ା ପ୍ରାୟ ୬୪୬ ଭାଗ ସଫଳତା ହାସଲ କରାଯାଇଛି । ଗୋବର ଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କାର୍ଯ୍ୟକ୍ରମରେ ଶତକଡ଼ା ପ୍ରାୟ ୪୫୨ ଭାଗ ସାଫଲ୍ୟ ହାସଲ ହୋଇଛି । ସେହିପରି ସିଲିଂ ବହିର୍ଭୂତ ଜମି ବଣ୍ଟନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଶତକଡ଼ା ପ୍ରାୟ ୧୭୦ ଭାଗ ସାଫଲ୍ୟ ହାସଲ ହୋଇପାରିଛି । ଏହା ବ୍ୟତୀତ ଆଇ: ଆର: ଡି:, ଏନ୍: ଆର: ଇ: ପି:, ଆର: ଏଲ: ଇ: ଜି.ପି. ଶିଶୁମାନଙ୍କୁ ଟିକାଦାନ ହରିଜନ ଓ ଆଦିବାସୀ ପରିବାରଙ୍କୁ ସହାୟତା ପ୍ରଦାନ, ବସ୍ତିବାସିନ୍ଦାଙ୍କ କଲ୍ୟାଣ, ଗ୍ରାମ୍ୟ ବିଦ୍ୟୁତ୍‌କରଣ ଏବଂ ଉନ୍ନତ ଚୁଲ୍ଲୀ ବଣ୍ଟନ କାର୍ଯ୍ୟକ୍ରମ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ଶତକଡ଼ା ଶହେରୁ ଅଧିକ ସାଫଲ୍ୟ ଅର୍ଜନ କରାଯାଇ ପାରିଛି ବୋଲି ଉକ୍ତ ସମୀକ୍ଷାରୁ ପ୍ରକାଶ ।

## ଗ୍ରାମବାସୀମାନଙ୍କ ଦ୍ୱାରା ରିଜର୍ଭ ଜଙ୍ଗଲର ରକ୍ଷଣାବେକ୍ଷଣ ।

ଜଙ୍ଗଲ ସଂପଦର ସୁରକ୍ଷା ପାଇଁ ଜନ ସହଯୋଗ ଆବଶ୍ୟକ ହେଉଥିବା ଦୃଷ୍ଟିରୁ ଗ୍ରାମ ନିକଟବର୍ତ୍ତୀ ରିଜର୍ଭ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ସଂପୃକ୍ତ ଗ୍ରାମବାସୀମାନଙ୍କୁ ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଉକ୍ତ ଜଙ୍ଗଲରୁ ସେମାନଙ୍କର ଦରକାରୀ ଜାଳେଣି କାଠ, ଗୃହୋପକରଣ ଓ ଋଷୋପଯୋଗୀ କାଠ ଦେବା ପାଇଁ ସରକାର ନିଷ୍ପତ୍ତି କରିଛନ୍ତି ।

ସଂପୃକ୍ତ ବନଖଣ୍ଡ ଅଧିକାରୀ ବିଭିନ୍ନ ଗ୍ରାମ ପାଇଁ ରିଜର୍ଭ ଜଙ୍ଗଲ ଚିହ୍ନୋଟ କରିବେ ଏବଂ ଏହି ଜଙ୍ଗଲର ସୁରକ୍ଷା ପାଇଁ ଏକ ଗ୍ରାମ୍ୟ ସୁରକ୍ଷା କମିଟି ଗଠନ କରିବେ । ଏହି କମିଟିରେ ସ୍ଥାନୀୟ ସରପଞ୍ଚ, ସଂପୃକ୍ତ ଗ୍ରାମର ଓ୍ୱାର୍ଡ ମେମ୍ବର, ସ୍ଥାନୀୟ ଫରେଷ୍ଟର, ରେଭିନ୍ୟୁ ଇନିସ୍ପେକ୍ଟର ଓ ଗ୍ରାମସେବକ ସଦସ୍ୟ ରହିବେ । ସଂପୃକ୍ତ ଗ୍ରାମ ପଞ୍ଚାୟତ ଉକ୍ତ ଗ୍ରାମର ଅନ୍ୟୂର୍ଦ୍ଧ୍ୱ ତିନି ଜଣଙ୍କୁ ଏହି କମିଟିକୁ ମନୋନୟନ କରିପାରିବେ । କମିଟିରେ ଅନ୍ୟୁନ ୮ ଜଣ ସଦସ୍ୟ ରହିବେ ସେଥିମଧ୍ୟରେ ହିଁ ହରିଜନ କିମ୍ବା ଆଦିବାସୀ ଶ୍ରେଣୀ, ମହିଳା ଓ ଭୂମିହୀନ ବ୍ୟକ୍ତିବୃନ୍ଦଙ୍କୁ ଯଥାସଂଭବ ଅନ୍ତର୍ଭୁକ୍ତ କରାଯିବ । ସ୍ଥାନୀୟ ସରପଞ୍ଚ ଏହି କମିଟିର ଅଧ୍ୟକ୍ଷ ଏବଂ ସ୍ଥାନୀୟ ଫରେଷ୍ଟର ଆବାହକ ରହିବେ ।

ଏ ପ୍ରକାର ରିଜର୍ଭ ଜଙ୍ଗଲର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପରିଚାଳନା କରିବା ପାଇଁ ଉକ୍ତ କମିଟି ଜରିଆରେ ଗ୍ରାମବାସୀ ସଂପୃକ୍ତ ବନଖଣ୍ଡ ଅଧିକାରୀଙ୍କୁ ଏକ ସ୍ୱୀକୃତି ପତ୍ର ଲେଖି ଦେବେ । ଗ୍ରାମବାସୀମାନେ ଉକ୍ତ ଜଙ୍ଗଲକୁ ଅଗ୍ନିକାଣ୍ଡରୁ ରକ୍ଷା କରିବେ ଏବଂ ବେଆଇନ ଗଛ କଟା, ଜଙ୍ଗଲଜାତ ଦ୍ରବ୍ୟର ଚୋରା କାରବାର ଏବଂ ଜଙ୍ଗଲ ଜମିରେ ବେଆଇନ ଦଖଲ ରୋକିବେ । ଗ୍ରାମବାସୀମାନଙ୍କ ଜରିଆରେ ଏହିସବୁ ସୁରକ୍ଷାଜନିତ କାର୍ଯ୍ୟ ସଂପାଦନ କରାଇବା ପାଇଁ ଉକ୍ତ କମିଟି ଦାୟିତ୍ୱ ବହନ କରିବେ ।

ଗ୍ରାମବାସୀମାନେ ଉକ୍ତ ରିଜର୍ଭ ଜଙ୍ଗଲରୁ ଆବଶ୍ୟକୀୟ ଜାଳେଣିକାଠ ଓ ଅନ୍ୟାନ୍ୟ କାଠ କେବଳ ନିଜର ବ୍ୟବହାର ପାଇଁ ପାଇ ପାରିବେ ମାତ୍ର ଏହା ବିକ୍ରୀ କିମ୍ବା ବଦଳ ସୂତ୍ରରେ

ହସ୍ତାନ୍ତର କରି ପାରିବେ ନାହିଁ । ଜଙ୍ଗଲ ସୁରକ୍ଷା କମିଟି ଗ୍ରାମବାସୀଙ୍କର ପ୍ରକୃତ ସୁବିଧାକୁ ଲକ୍ଷ୍ୟ ରଖି ଜଙ୍ଗଲଜାତ ଦ୍ରବ୍ୟର ସୁଷମ ବଣ୍ଟନ ଦାୟିତ୍ୱ ଗ୍ରହଣ କରିବେ ।

ଉପରୋକ୍ତ ରିଜର୍ଭ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ବଣ୍ଟନ ପାଇଁ ଜଙ୍ଗଲ ସୁରକ୍ଷା କମିଟି ଦ୍ୱାରା ମଂଜୁରୀପ୍ରାପ୍ତ ଦୁଇ ଜଣ ସଦସ୍ୟ କେବଳ ସଂପୃକ୍ତ ଗ୍ରାମ ଭିତରେ ବ୍ୟବହାର ପାଇଁ ଟି. ଟି. ପରମିଟ୍ ଦେବେ । ଏହି ଟି. ଟି. ପରମିଟ୍‌ର ବୈଧତା କେବଳ ସେହି ଗ୍ରାମର ପରିସୀମା ମଧ୍ୟରେ ଆବଦ୍ଧ ରହିବ ।

## ପରିବାର କଲ୍ୟାଣ କାର୍ଯ୍ୟକ୍ରମର ସାଫଲ୍ୟ

ଗତ ଜୁଲାଇ ମାସ ଶେଷ ସୁଦ୍ଧା ରାଜ୍ୟରେ ୧,୧୪୮ ଜଣ ପୁରୁଷ ଓ ୮,୫୩୬ ଜଣ ମହିଳାଙ୍କୁ ଜନ୍ମ ନିରୋଧ ଅସ୍ତ୍ରୋପଚାର କରାଯାଇଛି । ଏହା ବ୍ୟତୀତ ପିଲାଜନ୍ମ ବ୍ୟବଧାନ ବୃଦ୍ଧି ଉଦ୍ଦେଶ୍ୟରେ ୧୨,୦୮୬ ଜଣ ମହିଳାଙ୍କଠାରେ ଆଇ. ୟୁ. ଡ଼ି. ପ୍ରୟୋଗ କରାଯିବା ସଙ୍ଗେ ସଙ୍ଗେ ୫୬,୬୨୦ ଜନ୍ମ ନିରୋଧ ଖାଇବା ବଟିକା ବଣ୍ଟାଯାଇଛି । ଉପରୋକ୍ତ ସମୟ ମଧ୍ୟରେ ୯ ଲକ୍ଷ ୫୪ ହଜାର ୫୪୩ଟି ନିରୋଧ ବଣ୍ଟନ କରାଯାଇଛି ।

ଏହା ବ୍ୟତୀତ ୫୦,୪୪୦ ଜଣ ଗର୍ଭବତୀ ମହିଳାଙ୍କୁ ଟି. ଟି. ଇଞ୍ଜେକ୍ସନ୍, ୫୯,୭୫୯ ଜଣ ଶିଶୁଙ୍କୁ ଡ଼ି. ପି. ଟି., ୫୨,୭୬୯ ଜଣ ଶିଶୁଙ୍କୁ ପୋଲିଓ, ୫୧,୩୧୬ ଜଣକୁ ବି. ସି. ଜି., ୩୨,୪୮୬ ଜଣକୁ ମିଳିମିଳା ପ୍ରତିଷେଧକ ଇଂଜେକ୍ସନ୍ ଦିଆଯାଇଛି । ୫ ବର୍ଷରୁ ୬ ବର୍ଷ ବୟସ୍କ ୨୮,୪୭୭ ଜଣ ଶିଶୁଙ୍କୁ ଡ଼ି. ଟି., ୧୦ ବର୍ଷ ବୟସ ୧୨,୭୯୮ ଜଣ ଶିଶୁଙ୍କୁ ଟି. ଟି ଏବଂ ୧୬ ବର୍ଷ ବୟସ ୭,୪୪୪ ଜଣ ଶିଶୁଙ୍କୁ ଟି. ଟି. ଦିଆଯାଇଛି ।

## ପଥପାର୍ଶ୍ୱ ବୃକ୍ଷ ରୋପଣ

ପଥପାର୍ଶ୍ୱରେ ରୋପଣ କରାଯାଇଥିବା ବୃକ୍ଷଗୁଡ଼ିକର ସୁରକ୍ଷା ଦାୟିତ୍ୱ ନିକଟବର୍ତ୍ତୀ ଗ୍ରାମବାସୀମାନେ ଗ୍ରହଣ କରି ସେଥିରୁ ଜାଳେଣି କାଠ, ଗୃହୋପକରଣ ଓ କୃଷୋପଯୋଗୀ କାଠ ଇତ୍ୟାଦି ସୁବିଧାରେ ପାଇବା ନିମିତ୍ତ ସରକାର ନିଷ୍ପତ୍ତି କରିଛନ୍ତି ।

ରାଜ୍ୟର ବିଭିନ୍ନ ବିଭାଗ ଜରିଆରେ ରୋପଣ କରାଯାଇଥିବା ପଥପାର୍ଶ୍ୱ ବୃକ୍ଷଗୁଡ଼ିକ ସଂପୃକ୍ତ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯିବ । ଗ୍ରାମପଞ୍ଚାୟତମାନଙ୍କ ଜରିଆରେ ଗ୍ରାମ ସଭାମାନ ଆହ୍ୱାନ କରି ଏ ସଂପର୍କରେ ଲୋକମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯିବ । ରାଜ୍ୟ ସରକାର ରୋପଣ କରୁଥିବା ପଥପାର୍ଶ୍ୱ ବୃକ୍ଷଗୁଡ଼ିକୁ ତିନି ବର୍ଷ ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ କରିବେ ଏବଂ ତା'ପରେ ଏହା ସଂପୃକ୍ତ ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରାଯିବ । ଗ୍ରାମ ପଞ୍ଚାୟତମାନେ ଏହି ବୃକ୍ଷଗୁଡ଼ିକୁ ଜବର ଦଖଲରୁ ମୁକ୍ତ ରଖିବେ ଓ ଏହାର ସାଧାରଣ ପାରିପାର୍ଶ୍ୱିକ ଅବସ୍ଥାରେ ଅବନତି ହେବାକୁ ଦେବେନାହିଁ । ପଥପାର୍ଶ୍ୱ ବୃକ୍ଷ ରୋପଣର ଯଥୋଚିତ

ରକ୍ଷଣାବେକ୍ଷଣରେ ଗ୍ରାମ ପଞ୍ଚାୟତ ଯଦି ଅବହେଳା କରନ୍ତି, ତେବେ ସଂପୃକ୍ତ ଗ୍ରାମ ପଞ୍ଚାୟତରୁ ଏହା ଫେରସ୍ତ ନିଆଯିବ ।

ସ୍ଥାନୀୟ ଗ୍ରାମବାସୀମାନଙ୍କ ଜାଳେଣି କାଠ ଓ ଅନ୍ୟାନ୍ୟ କାଠର ସୁବିଧା ମେଣ୍ଟାଇବା ପାଇଁ କର୍ତ୍ତନଯୋଗ୍ୟ ବୃକ୍ଷ କଟାଯିବ ଏବଂ କୌଣସି ବୃକ୍ଷ କାଟିବା ପୂର୍ବରୁ ସଂପୃକ୍ତ ଟେରିଟୋରିଆଲ ବନଖଣ୍ଡ ଅଧିକାରୀଙ୍କ ଅନୁମତି ନେବାକୁ ପଡ଼ିବ । ଜାଳେଣି କାଠ ଓ ଅନ୍ୟାନ୍ୟ କାଠ ଆଦିର ଚଲଣ ପାଇଁ ଟି. ଟି. ପରମିଟ୍ ଲାଗୁ ହେବ ଏବଂ ଫଳନ୍ତି ବୃକ୍ଷ କଟାଯିବ ନାହିଁ ।

## କୃଷି ଓ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ

ଗତ ସମବାୟ ବର୍ଷ ଶେଷ (ଜୁନ ୧୯୮୮) ସୁଦ୍ଧା ଓଡ଼ିଶାର 'ଲ୍ୟାଂପ୍' ସମିତି ସମେତ ବିଭିନ୍ନ ସମବାୟ ସଂସ୍ଥାର ଉଦ୍ୟମରେ ସର୍ବମୋଟ ୧୨ କୋଟି ୧୯ ଲକ୍ଷ ୯୦ ହଜାର ଟଙ୍କା ମୂଲ୍ୟର ବନ୍ୟ ଓ କୃଷିଜାତ ଦ୍ରବ୍ୟ ସଂଗ୍ରହ କରାଯାଇଥିଲା । 'ଲ୍ୟାଂପ୍' ସମିତି ସବୁ ୧କୋଟି ୫୫ ଲକ୍ଷ ଟଙ୍କାର ବନ୍ୟଜାତ ଦ୍ରବ୍ୟ ସଂଗ୍ରହ କରିଥିବା ସ୍ଥଳେ ଅନ୍ୟ ସମବାୟ ସଂସ୍ଥାଗୁଡ଼ିକ ଦ୍ୱାରା ଅବଶିଷ୍ଟ ଟଙ୍କାର କୃଷିଜାତ ଦ୍ରବ୍ୟ ସଂଗୃହିତ ହୋଇଥିଲା ବୋଲି ଏକ ସମୀକ୍ଷାରୁ ପ୍ରକାଶ । ସମବାୟ ସମୂହର ନିବନ୍ଧକ ଶ୍ରୀ ଏଲ. କିଣ୍ଡୋଙ୍କ ଅଧ୍ୟକ୍ଷତାରେ ଉପ-ନିବନ୍ଧକ ଓ ସମବାୟ ବ୍ୟାଙ୍କ ସଂପାଦକମାନଙ୍କର ଏ ସଂପର୍କରେ ଅଗ୍ରଗତି ସମୀକ୍ଷା କରିବାକୁ ସମ୍ପ୍ରତି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସଂଗୃହୀତ କୃଷିଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରେ ୮ କୋଟି ୭୨ ଲକ୍ଷ ଟଙ୍କାର ଆଖୁ, ୨୫ ଲକ୍ଷ ଟଙ୍କାର ଝୋଟ, ୧୫ ଲକ୍ଷ ଟଙ୍କାର ଆଳୁ, ୧୦ ଲକ୍ଷ ଟଙ୍କାର ନଡ଼ିଆ, ୫ ଲକ୍ଷ ଟଙ୍କାର କାଜୁବାଦାମ ଓ ୪ ଲକ୍ଷ ୯୦ ହଜାର ଟଙ୍କାର ଚିନାବାଦାମ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଗତବର୍ଷ କେତେକ 'ଲ୍ୟାଂପ' ସମିତି ୧ କୋଟି ୩୩ ଲକ୍ଷ ଟଙ୍କା ମୂଲ୍ୟର କୃଷିଜାତ ଦ୍ରବ୍ୟ ସଂଗ୍ରହ କରିଥିଲେ ।

୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମକର୍ତ୍ତାମାନେ ସଂପୃକ୍ତ ବ୍ୟାଙ୍କର ଅମାନତ ଅର୍ଥ ପରିମାଣ ବୃଦ୍ଧି ଲାଗି ଗତବର୍ଷ ପଦକ୍ଷେପ ନେଇଥିଲେ । ଫଳରେ ଅମାନତର ସମୁଦାୟ ପରିମାଣ ୭୧ କୋଟି ଟଙ୍କାରୁ ୭୭ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା । କଟକ ପୌର ସମବାୟ ବ୍ୟାଙ୍କ ୧୧ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ ପୁରୀ ଓ ବ୍ରହ୍ମପୁର ପୌର ସମବାୟ ବ୍ୟାଙ୍କ ଯଥାକ୍ରମେ ୪ କୋଟି ଟଙ୍କା ଓ ୩ କୋଟି ଟଙ୍କା ଅମାନତ ସଂଗ୍ରହ କରିଥିଲେ ବୋଲି ବୈଠକରେ ପ୍ରକାଶ ପାଇଛି । ଚଳିତ ଖରିଫ ଋତୁରେ ଚାଷୀମାନଙ୍କୁ ୫୦ କୋଟି ଟଙ୍କାର ସମବାୟ ଋଣ ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ଗତ ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ୨୭ କୋଟି ଟଙ୍କା ଋଣ ଲଗାଣ କରାଯାଇଛି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଲକ୍ଷ ପୂରଣ ହୋଇପାରିବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଛି ।

## ଆଇ. ଆର୍. ଡି. କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଗତ ଅଗଷ୍ଟ ମାସରେ ୧୩,୪୬୧ ଟି ପରିବାରଙ୍କୁ ବିଭିନ୍ନ ସବସିଡି ଓ ଆର୍ଥିକ ଋଣ ପ୍ରଦାନ କରାଯାଇଛି । ହିତାଧିକାରୀମାନଙ୍କ ମଧ୍ୟରେ ୧,୪୮୧ ଟି ପରିବାର ଦ୍ୱିତୀୟ ଥର ପାଇଁ ମଧ୍ୟ ଋଣ ସହାୟତା ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଗତମାସରେ ରାଜ୍ୟ ସରକାର ୨ କୋଟି ୫୨ ଲକ୍ଷ ୨୧ ହଜାର ଟଙ୍କା ବ୍ୟୟ କରିଥିବା ସ୍ଥଳେ ବିଭିନ୍ନ ବ୍ୟାଙ୍କମାନେ ୨ କୋଟି ୪୬ ଲକ୍ଷ ୫ ହଜାର ଟଙ୍କା ଋଣ ପ୍ରଦାନ କରିଛନ୍ତି । ଉପକୃତ ହୋଇଥିବା ଉପଭୋକ୍ତାମାନଙ୍କ ମଧ୍ୟରେ ୪,୦୬୪ ଜଣ ଆଦିବାସୀ, ୩,୦୦୮ ଜଣ ହରିଜନ ଶ୍ରେଣୀର ଲୋକ ଓ ୩,୧୦୫ ଜଣ କେବଳ ମହିଳା ଅନ୍ତର୍ଭୁକ୍ତ ।

ଚଳିତ ଆର୍ଥିକ ବର୍ଷରେ ଗତ ୫ ମାସ ମଧ୍ୟରେ ମୋଟ ୫୩,୬୨୧ ଟି ପରିବାର ଆଇ. ଆର. ଡି: ଯୋଜନାରେ ଆର୍ଥିକ ସହାୟତା ପାଇଛନ୍ତି । ସେମାନଙ୍କ ମଧ୍ୟରୁ ୬,୦୨୫ ଟି ପରିବାରଙ୍କୁ ଦାରିଦ୍ର୍ୟ ସୀମା ଅତିକ୍ରମ କରିବା ଲକ୍ଷ୍ୟରେ ଦ୍ୱିତୀୟ ଥର ପାଇଁ ସହାୟତା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଏହି ସମୟ ମଧ୍ୟରେ ସରକାରଙ୍କ ପକ୍ଷରୁ ୯ କୋଟି ୪୬ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟ କରାଯାଇଛି ଏବଂ ବିଭିନ୍ନ ବ୍ୟାଙ୍କଗୁଡ଼ିକ ୧୦ କୋଟି ୬୧ ଲକ୍ଷ ୧୩ ହଜାର ଟଙ୍କା ଋଣ ସବସିଡି ଓ ଅର୍ଥ ଆକାରରେ ପ୍ରଦାନ କରିଛନ୍ତି । ମୋଟ ହିତାଧିକାରୀମାନଙ୍କ ମଧ୍ୟରେ ୧୪,୨୫୩ ଆଦିବାସୀ ୧୨,୨୩୦ ହରିଜନ ଓ ୧୧,୩୩୧ ମହିଳା ଉପକୃତ ହୋଇଛନ୍ତି ।

## ପରିବେଶ ସୁରକ୍ଷା ପାଇଁ ଜନ ସଚେତନତା

ବିଶ୍ୱର ପରିବେଶ କ୍ରମାଗତ ଭାବରେ ଯେପରି ଦୂଷିତ ହେବାରେ ଲାଗିଛି, ତାହାର ପ୍ରତିକାର ନ କଲେ ଜୀବଜଗତ ଘୋର ସଙ୍କଟର ସମ୍ମୁଖୀନ ହେବ । ଏ ହେତୁ ବିଶ୍ୱର ପ୍ରତ୍ୟେକ ଦେଶ ପରିବେଶ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ଆମ ଦେଶ ମଧ୍ୟ ଅନୁରୂପ ପଦକ୍ଷେପ ନେଇଛି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆମ ରାଜ୍ୟର ପରିବେଶ ସୁରକ୍ଷା ପରିଷଦ ୧୯୮୭ ମସିହା ମାର୍ଚ୍ଚମାସ ୨୬ ତାରିଖରେ ଗଠିତ ହୋଇଛି । ଅବଶ୍ୟ ୧୯୮୨ ମସିହାରୁ ଆମ ରାଜ୍ୟରେ ବିଜ୍ଞାନ କାରିଗରୀ ଓ ପରିବେଶ ବିଭାଗ ଗଠିତ ହୋଇସାରିଛି । ଗତବର୍ଷ ମାର୍ଚ୍ଚମାସରେ (ମାର୍ଚ୍ଚ ୧୯୮୭) ଯେଉଁ ପରିବେଶ ସୁରକ୍ଷା ପରିଷଦ ଆମ ରାଜ୍ୟରେ ଗଠିତ ହେଲା, ତାହା ରାଜ୍ୟର ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନେ ପରିବେଶ ସୁରକ୍ଷା ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି, ସେ ସମ୍ପର୍କରେ ପର୍ଯ୍ୟାଲୋଚନା କରିବ । ଏଥି ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ସମ୍ପର୍କିତ ପରାମର୍ଶ ଦେବା ସହିତ ବ୍ୟାପକ ଗବେଷଣା କାର୍ଯ୍ୟ ହାତକୁ ନେବ । ବିଶେଷ କରି ଜଳ ଏବଂ ବାୟୁର ଦୂଷିତକରଣ ରୋକିବା ପାଇଁ ପରାମର୍ଶ ଦେବ । ଜଙ୍ଗଲର ବ୍ୟାପକ ଅବକ୍ଷୟ ଏବଂ କୋଇଲା ଓ ଲୁହା ପଥର ପ୍ରଭୃତି ବିଭିନ୍ନ ଖଣିଜ ପଦାର୍ଥ ଉତ୍ତୋଳନ, କଳକାରଖାନାରୁ ନିର୍ଗତ ଧୂଆଁ ଓ ଅବକାରୀ ପଦାର୍ଥର ନିଷ୍କାସନ, ଡ଼ାକବାଜି ଯନ୍ତ୍ରର ଅବାଧ ବ୍ୟବହାର ଏବଂ ଫସଲ ରକ୍ଷାପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ କୀଟନାଶକ ଔଷଧ ପରିବେଶକୁ ଭୀଷଣ ଭାବେ ଦୂଷିତ କରିଦିଏ । ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଗଲେ, ପରିବେଶକୁ ସୁରକ୍ଷିତ କରାଯାଇ ପାରିବ । ମାତ୍ର ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପରିବେଶ ସୁରକ୍ଷା ପାଇଁ ଗବେଷଣା ଲବ୍ଧ ଜ୍ଞାନ ଯୋଗାଇ ଦେବା ଆବଶ୍ୟକ । ଯେଉଁ କଳକାରଖାନାର ମାଲିକମାନେ ଏହାର ପ୍ରତିକାର ବ୍ୟବସ୍ଥା ଯଥାଯଥ ଭାବରେ ସଂପାଦନ ନ କରିବେ, ସେମାନଙ୍କ ପ୍ରତି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ମଧ୍ୟ କରାଯିବା ଆବଶ୍ୟକ ।

ରାଜ୍ୟରେ ସପ୍ତମ ଯୋଜନା କାଳରେ ପ୍ରାକୃତିକ ପରିବେଶ ସୁରକ୍ଷା ପାଇଁ ୩ କୋଟି ୩୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଗତ ଦୁଇବର୍ଷ ମଧ୍ୟରେ ୬୧ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ କରାଯାଇ ସାରିଲଣି । ୧୯୮୭-୮୮ ମସିହା ପାଇଁ ୩୩ ଲକ୍ଷ ଟଙ୍କା ଏବଂ ଚଳିତ ବର୍ଷ ପାଇଁ ୫୧ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଗତ ସେପ୍ଟେମ୍ବର ମାସ ୬ ତାରିଖରେ ପରିବେଶ ସୁରକ୍ଷା ପରିଷଦର ଏକ ବୈଠକ ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ବିଶେଷଜ୍ଞ, ସରକାରୀ ଓ ପଦାଧିକାରୀ ଓ ଲୋକପ୍ରତିନିଧି ଯୋଗଦାନ କରି ସେମାନଙ୍କ ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି । ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦାମୋଦର ଉଲକା ପରିଷଦର ଉପସଭାପତି ରୂପେ ଯୋଗ ଦେଇ ପ୍ରଗତି ଏବଂ ପରିବେଶ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା ପାଇଁ ପରାମର୍ଶ ଦେଇଥିଲେ ।

## ବୃକ୍ଷରୋପଣ କାର୍ଯ୍ୟକ୍ରମର ତଦାରଖ

ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମର ତଦାରଖ କରିବା ଉଦ୍ଦେଶ୍ୟରେ ବ୍ଲକ୍, ସବ୍‌ଡିଭିଜନ ଓ ଜିଲ୍ଲାସ୍ତରରେ ସରକାରୀ କର୍ମଚାରୀ ଏବଂ ବେସରକାରୀ ବ୍ୟକ୍ତିବିଶେଷ ଓ ଲୋକ ପ୍ରତିନିଧିଙ୍କୁ ନେଇ କମିଟି ଗଠନ କରାଯିବ । ରାଜ୍ୟ ସଚିବାଳୟଠାରେ ରାଜ୍ୟ ଜଙ୍ଗଲ ବୋର୍ଡର ଷଷ୍ଠ ବୈଠକରେ ଅଧ୍ୟକ୍ଷତା କରି ଜଙ୍ଗଲ ଓ ପରିବେଶ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଦାମୋଦର ଉଲକା ଏହା ପ୍ରକାଶ କରିଛନ୍ତି ।

ଏହି ବୈଠକରେ କରତ କଳ ଜାତୀୟକରଣ, କେନ୍ଦୁପତ୍ର ଅବଧାନ ବଣ୍ଟନ;, ବୃକ୍ଷରୋପଣ କାର୍ଯ୍ୟକ୍ରମ, ଜଙ୍ଗଲରୁ ଗଛକଟା ନିଷିଦ୍ଧ, ଜଙ୍ଗଲ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଓ ଗ୍ରାମବାସୀଙ୍କୁ ବନରକ୍ଷକଙ୍କ ପ୍ରୋତ୍ସାହନ ପ୍ରଦାନ, ଗ୍ରାମ୍ୟ କମିଟି ଦ୍ୱାରା ସଂରକ୍ଷିତ ଓ ଗ୍ରାମ୍ୟ ଜଙ୍ଗଲର ରକ୍ଷଣାବେକ୍ଷଣ ବିଷୟ ମୁଖ୍ୟତଃ ଆଲୋଚିତ ହୋଇଥିଲା । ଜଙ୍ଗଲରୁ କାଠ ଚୋରି ଧରାଇଦେବା ଦିଗରେ ଯେଉଁ ଗ୍ରାମବାସୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବା ବ୍ୟକ୍ତିବିଶେଷ ଜଙ୍ଗଲ କର୍ମଚାରୀଙ୍କୁ

ବିଶେଷ ସାହାଯ୍ୟ କରିବେ ଅର୍ଥାତ୍ ଯାନବାହାନ ସହିତ ଚୋର ଶିକାରୀଙ୍କୁ ଧରାଇ ଦେବେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ବିହିତ ପୁରସ୍କାର ବ୍ୟବସ୍ଥା କରିବା ସକାଶେ ବୈଠକରେ ମତ ପ୍ରକାଶ ପାଇଥିଲା । ଅନ୍ୟାନ୍ୟ ବିଷୟ ମଧ୍ୟରେ ବିଭିନ୍ନ ଜଙ୍ଗଲ ଡିଭିଜନଗୁଡ଼ିକର ପୁନର୍ଗଠନ, ବୃକ୍ଷରୋପଣ ଦ୍ୱାରା ସୃଷ୍ଟି ହେଉଥିବା ନୂତନ ଜଙ୍ଗଲର ବିଧିବଦ୍ଧ ରକ୍ଷଣା-ବେକ୍ଷଣ ଓ ଏ ଦିଗରେ ଅବହେଳା ପାଇଁ ବହୁ ବିହିତ କାର୍ଯ୍ୟାନୁଷ୍ଠାନ ପ୍ରଭୃତି ଦିଗରେ ସଦସ୍ୟମାନେ ଦେଇଥିବା ସୁଚିନ୍ତିତ ପ୍ରସ୍ତାବ ସରକାର ବିଚାର କରିବେ ବୋଲି ମନ୍ତ୍ରୀ ଶ୍ରୀ ଉଲକା ପ୍ରକାଶ କରିଥିଲେ । ଆଉମଧ୍ୟ ମାନ୍ୟବର ବିଧାୟକମାନେ ନିଜ ନିର୍ବାଚନ ମଣ୍ଡଳୀ ତଥା ରାଜ୍ୟର ଅନ୍ୟ ଯେ କୌଣସି ସ୍ଥାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବାକୁ ଚାହିଁଲେ ତାଙ୍କୁ ନେଇ ଦେଖାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଉଲକା କହିଥିଲେ । ଜଙ୍ଗଲ ସଂପଦର ସମୃଦ୍ଧି ଓ ସୁରକ୍ଷା ପାଇଁ ଜନସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଦର୍ଶାଇ ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲର ସୁରକ୍ଷା ଦିଗରେ ସରକାରଙ୍କ ନିଷ୍ପତ୍ତି ସଂପର୍କରେ ସେ ସୂଚନା ଦେଇଥିଲେ । ରାଜ୍ୟରେ ବର୍ତ୍ତମାନ ୧୮ଟି ଅଭୟାରଣ୍ୟ ରହିଛି ଓ ଆଉ ୫ଟି ନୂଆ ଅଭୟାରଣ୍ୟ ସୃଷ୍ଟି କରାଯାଉଥିବା ବିଷୟ ମନ୍ତ୍ରୀ ଶ୍ରୀ ଉଲକା ପ୍ରକାଶ କରିଥିଲେ ।

## ରାଜ୍ୟରେ 'ବନବନ୍ଧୁ' ପୁରସ୍କାର

ରାଜ୍ୟରେ ବିଭିନ୍ନ ସ୍ଥାନରେ ବ୍ୟକ୍ତି ବିଶେଷ, ଗ୍ରାମବାସୀ ତଥା ସଙ୍ଗଠନ ଜଙ୍ଗଲ ସୁରକ୍ଷା ଦିଗରେ ସ୍ୱେଚ୍ଛାକୃତ ଭାବରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ସେମାନଙ୍କର ଏହି ଉଦ୍ୟମକୁ ସ୍ୱୀକୃତି ଦେବା, ଏଭଳି ଉଦ୍ୟମକୁ ଅଧିକ ଉତ୍ସାହିତ କରିବା ତଥା ଅନ୍ୟମାନଙ୍କୁ ଏପରି କାର୍ଯ୍ୟରେ ପ୍ରେରଣା ଯୋଗାଇବା ଉଦ୍ଦେଶ୍ୟରେ 'ବନବନ୍ଧୁ' ପୁରସ୍କାର ପ୍ରବର୍ତ୍ତନ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

ଜଙ୍ଗଲ ସୁରକ୍ଷା ଦିଗରେ କୃତିତ୍ୱକୁ ଲକ୍ଷ୍ୟ ରଖି ପ୍ରତ୍ୟେକ ଟେରିଟୋରିଆଲ୍ ସର୍କଲ ସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯିବ । ପ୍ରଥମ ପୁରସ୍କାର ପରିମାଣ ୫୦୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୩୦୦୦ ଟଙ୍କା ଓ ତୃତୀୟ ପୁରସ୍କାର ୨୦୦୦ ଟଙ୍କା ରଖାଯାଉଛି । ପ୍ରତିବର୍ଷ ବନ ମହୋତ୍ସବ ଦିବସରେ ଏହି ପୁରସ୍କାର ବିତରଣ କରାଯିବ ।

ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତି ବିଶେଷ, ସମୂହ ଗ୍ରାମବାସୀ ଓ ସଙ୍ଗଠନଗୁଡ଼ିକ ଏହି ପୁରସ୍କାର ପାଇଁ ଉପଯୁକ୍ତ ବିବେଚିତ ହୋଇପାରିବେ । ଯୁବକ ସଂଘ ତଥା ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ଏହି ପୁରସ୍କାର ପାଇଁ ଉପଯୁକ୍ତ ବିବେଚିତ ହୋଇପାରିବେ ।

ବୃକ୍ଷରୋପଣ କାର୍ଯ୍ୟକ୍ରମ ସଂପାଦନ ପାଇଁ ଗଠିତ ଜଙ୍ଗଲ କର୍ମୀ ବିଭୂତି ଉଦ୍ଦେଶ୍ୟରେ ଗଠିତ କମିଟି ଏ ବିଷୟରେ ସୁପାରିଶ କରିବେ । ଏହି କମିଟିରେ ଟେରିଟୋରିଆଲ ବନଖଣ୍ଡ ଅଧିକାରୀ ଅଧ୍ୟକ୍ଷ, ସାମାଜିକ ବନୀକରଣ ଯୋଜନା, ବୃକ୍ଷରୋପଣ ନିଗମ, ଓଡ଼ିଶା ବନ ନିଗମ ଓ ସିମିଳିପାଳ ବନ ଉନ୍ନୟନ ନିଗମଗୁଡ଼ିକର ବନଖଣ୍ଡସ୍ତରୀୟ ଅଧିକାରୀମାନେ ସଦସ୍ୟ ଅଛନ୍ତି । ବନଖଣ୍ଡ-ସ୍ତରୀୟ ସୁପାରିଶ ସଂପୃକ୍ତ ବନ ସଂରକ୍ଷକଙ୍କୁ ଜାନୁଆରୀ ମାସ ୩୧ ତାରୀଖ ସୁଦ୍ଧା ପ୍ରେରଣ କରାଯିବ ଓ ବନ ସଂରକ୍ଷକ ତାଙ୍କର ମତାମତ ସହ ଫେବୃଆରୀ ମାସ ଶେଷ ସୁଦ୍ଧା ସଂପୃକ୍ତ ଜିଲ୍ଲାପାଳଙ୍କୁ ପଠାଇବେ । ଜିଲ୍ଲାପାଳ ତାଙ୍କର ମତାମତ ସହ ସୁପାରିଶ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ରାଜ୍ୟସ୍ତରୀୟ କମିଟିକୁ ପଠାଇବେ । ରାଜ୍ୟସ୍ତରୀୟ କମିଟି ଅପ୍ରେଲ ମାସ ଶେଷ ସୁଦ୍ଧା ତାଙ୍କ ନିକଟରେ ପହଞ୍ଚିଥିବା ପ୍ରସ୍ତାବ ଗୁଡ଼ିକ ଯାଞ୍ଚ କରି ପରାମର୍ଶ ସରକାରଙ୍କୁ ଦାଖଲ କରିବେ । ମଇ ମାସ ଶେଷ ସୁଦ୍ଧା ପୁରସ୍କାରଗୁଡ଼ିକ ଘୋଷଣା କରାଯିବ ।

ଏହି ପୁରସ୍କାର ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ପ୍ରମୁଖ ଶାସନ ସଚିବ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅଧ୍ୟକ୍ଷ, ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ଶାସନ ସଚିବ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ଓଡ଼ିଶା ସାମାଜିକ ବନ ପ୍ରକଳ୍ପର ନିର୍ଦ୍ଦେଶକ ସଦସ୍ୟ ଅଛନ୍ତି । ଜଙ୍ଗଲ, ମତ୍ସ୍ୟ ଓ ପଶୁପାଳନ ବିଭାଗ ଯୁଗ୍ମ ଶାସନ ସଚିବ/ଉପ ଶାସନ ସଚିବ କମିଟିର ଆବାହକ ଅଟନ୍ତି ।

## ପାଞ୍ଚକୋଟି ଅଣଚାଳିଶ ଲକ୍ଷ ବୃକ୍ଷ ରୋପଣ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଷଷ୍ଠ ଯୋଜନାଠାରୁ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ବ୍ୟାପକ ଅଞ୍ଚଳରେ ବୃକ୍ଷ ରୋପଣ କାର୍ଯ୍ୟ ହାତକୁ ନିଆଯାଇ ଏପର୍ଯ୍ୟନ୍ତ ୫ କୋଟି ୪୮ଲକ୍ଷ ୮୨ ହଜାର ବୃକ୍ଷରୋପଣ କରାଯାଇଛି ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ୪୬,୧୫୦ ହେକ୍ଟର ଜମିରେ ୧ କୋଟି ୯୧ ଲକ୍ଷ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । ଚଳିତ ସପ୍ତମ ଯୋଜନାର ପ୍ରଥମ ବର୍ଷ (୧୯୮୫–୮୬) ରେ ୫୦୧୩ ହେକ୍ଟର ଜମିରେ ୫୦ ଲକ୍ଷ ୫୦ ହଜାର ବୃକ୍ଷ, ୨ ବର୍ଷରେ ୧୦,୫୦୭ ହେକ୍ଟର ଜମିରେ ୧ କୋଟି ୨୩ ଲକ୍ଷ ୧ ହଜାର ବୃକ୍ଷ ଏବଂ ଗତ ଆର୍ଥିକ ବର୍ଷରେ ୯୯୬୪ ହେକ୍ଟର ଜମିରେ ୧ କୋଟି ୨୨ ଲକ୍ଷ ୬୮ ହଜାର ବୃକ୍ଷ ରୋପଣ କରାଯାଇଛି ।

ଚଳିତ ଆର୍ଥିକ ବର୍ଷରେ ଆଜିସୁଦ୍ଧା ୫୯୦୬ ହେକ୍ଟର ଜମିରେ ୬୧ ଲକ୍ଷ ୬୩ ହଜାର ବୃକ୍ଷରୋପଣ କରାଗଲାଣି । ଚଳିତ ବର୍ଷ ମଧ୍ୟରେ ୭୦୬୦ ହେକ୍ଟର ଜମିରେ ୯୬ ଲକ୍ଷ ୫୮ ହଜାର ବୃକ୍ଷ ରୋପଣ କରିବାକୁ ଏହି ବିଭାଗ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ।

ପୋଡୁଚାଷର ନିରୋଧ ପାଇଁ ଏହି ଗଣ ହେଉଥିବା ଅଞ୍ଚଳରେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ସପ୍ତମ ଯୋଜନା କାଳରେ କାର୍ଯ୍ୟକାରୀ ହେଉଛି । କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ବାବଦରେ ସପ୍ତମ ଯୋଜନା କାଳ ପାଇଁ ସମୁଦାୟ ୧୭ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

## ପଣ୍ଡିତ ପନ୍ତଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପନ

ରାଜ୍ୟସୂଚନା ଭବନଠାରେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତଙ୍କୁ ଜଣେ ମହାନ ଦେଶଭକ୍ତ, ସ୍ୱାଧୀନତା ସଂଗ୍ରାମୀ, ପରମ ତ୍ୟାଗୀ, ଦକ୍ଷ ସଂଗଠକ ଓ ପ୍ରଶାସକ ବୋଲି ବର୍ଣ୍ଣନା କରି ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ସେହି ମହାମାନବଙ୍କର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସୂଚନା ଓ ଲୋକସଂପର୍କ ବିଭାଗ ଓ ୪୦ ତମ ସ୍ୱାଧୀନତା ବାର୍ଷିକୀ ତଥା ପଣ୍ଡିତ ନେହେରୁଙ୍କ ଜନ୍ମ ଶତବାର୍ଷିକୀ ରାଜ୍ୟସ୍ତରୀୟ କମିଟି ଆନୁକୂଲ୍ୟରେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ତଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ ।

ରାଜ୍ୟପାଳ ଶ୍ରୀ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଗତ ପନ୍ତଙ୍କ ଜୀବନୀ ଏକ ଉଜ୍ଜ୍ୱଳମୟ ଅଧ୍ୟାୟ । ୧୯୦୫ ମସିହାରେ ବନାରସ କଂଗ୍ରେସରେ ଏକ ସ୍ୱେଚ୍ଛାସେବୀ ଭାବରେ ଶ୍ରୀ ପନ୍ତ ତାଙ୍କର ରାଜନୀତିକ ଜୀବନ ଆରମ୍ଭ କରିଥିଲେ ।

ଓକିଲତି ପେଶାରେ ପ୍ରବେଶ କରିଥିଲେ ମଧ୍ୟ ସେ ଖୁବ୍ ନିସ୍ପୃହ ଥିଲେ ଓ ମିଥ୍ୟା ମୋକଦ୍ଦମା ଆଦୌ ହାତକୁ ନେଉ ନ ଥିଲେ । ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ସେ ତାଙ୍କର ଦୃଢ଼ ମନୋବଳ, ଆତ୍ମବିଶ୍ୱାସ, ସାଂଗଠନିକ କୌଶଳ ଓ ଦକ୍ଷ ପ୍ରଶାସକର ପରିଚୟ ଦେଇଥିଲେ । ସେ କେବଳ କଂଗ୍ରେସ ଦଳର ନୁହେଁ ବିରୋଧୀ ଦଳ ନେତାମାନଙ୍କର ମଧ୍ୟ ପ୍ରିୟପାତ୍ର ଓ ବିଶ୍ୱାଭାଜନ ହୋଇଥିଲେ । ପ୍ରତ୍ୟେକ ସଦସ୍ୟଙ୍କୁ ଗୃହରେ କହିବା ଲାଗି ସୁଯୋଗ ଦେବା ସହିତ ବିଭିନ୍ନ ବିଷୟରେ ପାରଦର୍ଶିତା ହାସଲ କରିବାକୁ ଦିଗ୍‌ଦର୍ଶନ ମଧ୍ୟ ଦେଉଥିଲେ । ଶ୍ରୀ ପାଣ୍ଡେ କହିଲେ ଯେ ସାଂପ୍ରଦାୟିକତା ଓ ଭାଷାଭିତ୍ତିରେ ପ୍ରଦେଶ ଗଠନ ସମସ୍ୟାକୁ ସ୍ୱର୍ଗତ ପନ୍ତ ଅତି ଚତୁରତାର ସହ ସାମ୍ନା କରିଥିଲେ । ଉତ୍ତର ପ୍ରଦେଶରେ ଜମିଦାରୀ ଉଚ୍ଛେଦ କାର୍ଯ୍ୟ ପ୍ରଥମ କରି ସେ ହାତକୁ ନେଇ କାର୍ଯ୍ୟକାରୀ କରାଇ ଲକ୍ଷ ଲକ୍ଷ କୃଷକଙ୍କର ଉପକାର ସାଧନ କରିଥିଲେ ବୋଲି ରାଜ୍ୟପାଳ କହିଥିଲେ । ବହୁବର୍ଷ ଜେଲରେ କାଟି, ସ୍ୱାଧୀନତା ସଂଗ୍ରାମରେ ଅକଥନୀୟ ଶାରୀରିକ ଯନ୍ତ୍ରଣା ସହି ମଧ୍ୟ ସେ କେବେ ନିଷ୍ଠୁର ହୋଇ-ଯାଇନଥିଲେ । ଜବାହରଲାଲ ନେହରୁଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବାକୁ ପଣ୍ଡିତ ପନ୍ତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରି ଅତି ଦକ୍ଷତାର ସହ ତାହା ତୁଲାଇଥିଲେ । ତାଙ୍କର ପ୍ରଦର୍ଶିତ ନୀତି ଓ ମାର୍ଗ ଆଜି ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ଓ ଦେଶର ଅଖଣ୍ଡତା ରକ୍ଷା କରିବାକୁ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରୁ ବୋଲି ଶ୍ରୀ ପାଣ୍ଡେ ଆଶା ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରି ପଣ୍ଡିତ ପନ୍ତଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ, ଦେଶ ନିମନ୍ତେ ଅସୀମ ତ୍ୟାଗ ବଳୀଦାନ ସମ୍ବନ୍ଧରେ ଅନେକ ଘଟଣା ବର୍ଣ୍ଣନା କରିଥିଲେ । ତାଙ୍କୁ ଜଣେ ବିଚକ୍ଷଣ ଧୀସଂପନ୍ନ ବ୍ୟକ୍ତି ବୋଲି ଅଭିହିତ କରିବା ସଙ୍ଗେ ସଙ୍ଗେ ସେ କହିଥିଲେ ଯେ ରୟତମାନଙ୍କୁ ସତ୍ତ୍ୱ ଅଧିକାର ଦେବା, ବିଭିନ୍ନ ଭାଷା ଭାଷୀଙ୍କ ମଧ୍ୟରେ ସଦ୍‌ଭାବ ବଜାୟ ରଖିବା ଏବଂ ସାଂପ୍ରଦାୟିକତା ବିରୁଦ୍ଧରେ ଜନମତ ସୃଷ୍ଟି କରିବାର ଅସୀମ କ୍ଷମତାର ଅଧୀକାରୀ ଥିଲେ ଓ ଭାରତବାସୀଙ୍କ ମନରେ ଏକ ଉଚ୍ଚସ୍ଥାନ ଅଧିକାର କରିଥିଲେ । ବିବଦମାନ ଗୋଷ୍ଠୀ ଓ ବ୍ୟକ୍ତିତ୍ୱ ମଧ୍ୟରେ ଆପୋଷ ସମାଧାନ କରିବାରେ ପନ୍ତଜୀ ଅତି ପ୍ରବୀଣ ଥିଲେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ଏହି ସମ୍ମାରୋହରେ ସମ୍ମାନୀୟ ଅତିଥି ରୂପେ ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଧାନ ସଭାର ବାଚସ୍ପତି ଶ୍ରୀ ପ୍ରସନ୍ନ କୁମାର ଦାସ ଓ ପ୍ରଫେସର ଡ଼କ୍ଟର ମନ୍ମଥନାଥ ଦାସ ପଣ୍ଡିତ ପନ୍ତଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ।

ସୂଚନା ଓ ଲୋକ ସଂପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିଂଦର ସିଂହ ସ୍ୱାଗତ ଭାଷଣରେ ସେ ମହାନ୍ ବ୍ୟକ୍ତିଙ୍କ ଆଦର୍ଶ ଓ ମୂଲ୍ୟବୋଧ ଆମ୍ଭଙ୍କୁ ପ୍ରେରଣା ଦେଉ ବୋଲି ପ୍ରକାଶ କରିଥିଲେ ।

## ବିଧାନସଭା ପରିସରରେ ଗାନ୍ଧୀ ଜୟନ୍ତୀ

ରାଜ୍ୟ ବିଧାନସଭା ପରିସରରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ଏଥିନିମନ୍ତେ ଆୟୋଜିତ ଏକ ସମୂହ ପ୍ରାର୍ଥନା ସଭାରେ ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ରାଜ୍ୟପାଳ ଶ୍ରୀ ପାଣ୍ଡେ ତାଙ୍କ ଅଭିଭାଷଣରେ ସେହି ମହାନ ଆତ୍ମାଙ୍କ ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ଅହିଂସା ନୀତିହିଁ ଆଜି ବିଶ୍ୱକୁ ଧ୍ୱଂସମୁଖରୁ ରକ୍ଷା କରିପାରିବ ବୋଲି କହିଥିଲେ । ଗାନ୍ଧୀଜୀଙ୍କର ଅହିଂସା ସତ୍ୟାଗ୍ରହ ଡାକରାରେ ଭାରତର ପ୍ରତ୍ୟେକ ପ୍ରାନ୍ତରୁ ନାରୀ ପୁରୁଷ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଥିଲେ । ପର୍ଦ୍ଦାଅନ୍ତରାଳରେ ରହୁଥିବା ଭାରତୀୟ ଝିଅ ବୋହୂମାନେ ଅସୀମ ସାହସର ସହିତ ତାଙ୍କରି ଅହିଂସା ନୀତିରେ ବିଶ୍ୱାସ ରଖି ଇଂରେଜମାନଙ୍କ ଲାଠିମାଡ ଓ ନିର୍ଯ୍ୟାତନା ସହିବାକୁ ଓ ସ୍ୱାଧୀନତା ସଂଗ୍ରାମକୁ ଆହୁରି ତିବ୍ରତର କରିବାକୁ ଆଗେଇ ଆସିଥିଲେ । ଶେଷକୁ ଅହିଂସାର ଜୟ ହେଲା । 'ଭାରତବର୍ଷ ସ୍ୱାଧୀନ ହେଲା' ଖାଲି ଭାରତ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ର ଅହିଂସାନୀତି ଉପରେ ବିଶ୍ୱାସ କରିଲେଣି ବୋଲି କହି ରାଜ୍ୟପାଳ ପ୍ରକାଶ କରିଥିଲେ ଯେ ଆମେରିକା ସରକାର ଗାନ୍ଧୀ ଜୟନ୍ତୀପାଳନ କରିବାକୁ ମଧ୍ୟ ସ୍ଥିର କରିଛନ୍ତି । ରୁଷର ଜନସାଧାରଣ ଓ ସରକାରଙ୍କ ଗାନ୍ଧୀନୀତି ଉପରେ ବିଶ୍ୱାସ ମଧ୍ୟ କରନ୍ତି । ସେହି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ମାର୍ଗରେ ଆଗେଇ ଯାଇ ଦେଶ ଓ ଜାତିକୁ ସମୃଦ୍ଧ କରିବାକୁ ସେ ଆହ୍ୱାନ ଦେଇଥିଲେ ।

ଉତ୍ସବ ଆରମ୍ଭରେ ସୂଚନା ଓ ଲୋକ ସଂପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପିଂଦର ସିଂହ ରାଜ୍ୟପାଳଙ୍କୁ ସ୍ୱାଗତ ଜଣାଇଥିଲେ ।

ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମେତ ବହୁ ମନ୍ତ୍ରୀଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଆଶ୍ରମ ଭଜନ ଓ ରାମଧୂନ୍ ପରିବେଷଣ କରିଥିଲେ ।

## ବିକେନ୍ଦ୍ରୀକରଣ ପ୍ରକ୍ରିୟାରେ ପଞ୍ଚାୟତଗୁଡ଼ିକୁ ଅଧିକ କ୍ଷମତା ଦିଆଯିବ

ମୁଖ୍ୟମନ୍ତ୍ରୀ

ରାଜ୍ୟର ସମସ୍ତ ଅଞ୍ଚଳରେ ଫଳପ୍ରଦ ଓ ଯୋଜନାବଦ୍ଧ ଅଭିବୃଦ୍ଧି ନିମନ୍ତେ ତଥା ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଯୋଜନା ପ୍ରକ୍ରିୟାର ବିକେନ୍ଦ୍ରୀକରଣ ଏକାନ୍ତ ଅପରିହାର୍ଯ୍ୟ । ଯୋଜନାର ପ୍ରକୃତ ସୁଫଳ ପାଇବା ତଥା ଏହାର ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବା ପାଇଁ ପଞ୍ଚାୟତଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି ।

ସଚିବାଳୟଠାରେ ରାଜ୍ୟର ବିଭିନ୍ନ ଜିଲା ଯୋଜନା ବୋର୍ଡର ଚେୟାରମ୍ୟାନ, ଉନ୍ନୟନ ବିଭାଗଗୁଡ଼ିକର ଶାସନ ସଚିବ ଓ ମୁଖ୍ୟବିଭାଗୀୟ ଅଧିକାରୀମାନଙ୍କର ଏକ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ଆବଶ୍ୟକତା ଏବଂ ସମ୍ବଳକୁ ଭିତ୍ତି କରି ପ୍ରତ୍ୟେକ ଜିଲାରେ ସମନ୍ୱିତ ଏବଂ ଏକୀଭୂତ ଯୋଜନାମାନ ପ୍ରଣୟନ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜିଲାଭିତ୍ତିକ ଯୋଜନାର ଆବଶ୍ୟକତା ସଂପର୍କରେ ଉଲ୍ଲେଖ କରି ଶ୍ରୀ ପଟ୍ଟନାୟକ କହିଲେ ସେ ଯୋଜନା କିପରି ସଫଳ ଭାବେ ରୂପାୟିତ ହେବ ଏବଂ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ କି ପ୍ରକାର ପ୍ରତିବନ୍ଧକ ରହିଛି, ସେ ସଂପର୍କରେ ଜିଲାସ୍ତରୀୟ ଯୋଜନା ପ୍ରଣୟନକାରୀମାନେ ବିଶେଷ ସଚେତନ ହେବା ଦରକାର । ଅଷ୍ଟମ ଯୋଜନା କାଳରେ ଜିଲାଭିତ୍ତିକ ଯୋଜନା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଓ ଯୋଜନା କମିଶନ୍ ନିଷ୍ପତ୍ତି ଗ୍ରହଣ କରିଥିବା ଦୃଷ୍ଟିରୁ ଯୋଜନାକୁ ଅଧିକ ବାସ୍ତବାଭିମୁଖୀ କରିବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ । ଜିଲାସ୍ତରୀୟ ଯୋଜନା ପ୍ରଣୟନ ବେଳେ ଜନସାଧାରଣଙ୍କର ସର୍ବନିମ୍ନ ଆବଶ୍ୟକତା ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯିବା ଉଚିତ ।

ଅନାବଦ୍ଧ ପାଣ୍ଠି (ଅନ୍‌ଟାଏଡ୍ ଫଣ୍ଡ) ବଣ୍ଟନ ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଉକ୍ତ ପାଣ୍ଠି ଯେଉଁ ଉଦ୍ଦେଶ୍ୟରେ ଜିଲା ଯୋଜନା ବୋର୍ଡ ଗୁଡ଼ିକୁ ଦିଆଯାଉଛି, ଯେପରି ତାହାର ସଦୁପଯୋଗ ହୁଏ, ସେଥିପାଇଁ ସତର୍କତା ଅବଲମ୍ବନ କରାଯିବା ଦରକାର । ସମ୍ବଳକୁ ଦୃଷ୍ଟିରେ ରଖି କେଉଁ ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଦିଆଯିବ, ତାହା ଜିଲା ଯୋଜନାରେ ସୂଚିତ ହେବା ଦରକାର । ପଞ୍ଚାୟତ ସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ ଉପରେ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଆରୋପ କରିଥିଲେ ।

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଡଃ ବୈଦ୍ୟନାଥ ମିଶ୍ର କହିଲେ ଯେ ଅଷ୍ଟମ ଯୋଜନାର ଚିଠା ପ୍ରଣୟନ ପାଇଁ ବର୍ତ୍ତମାନଠାରୁ ପ୍ରତ୍ୟେକ ସ୍ତରରେ ତତ୍ପରତା ପ୍ରକାଶ ପାଇବା ଉଚିତ । ବିଭିନ୍ନ ଜିଲା ଯୋଜନା ବୋର୍ଡ ଗୁଡ଼ିକର ଅଧ୍ୟକ୍ଷ ତଥା ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ସର୍ବଶ୍ରୀ ରାସବିହାରୀ ବେହେରା, ମତଲୁବ୍ ଅଲ୍ଲୀ, ଯଦୁନାଥ ଦାଶ ମହାପାତ୍ର, ନିରଞ୍ଜନ ପଟ୍ଟନାୟକ, ଶରତ ରାଉତ, ହବିବୁଲ୍ଲା ଖାଁ, ହମ୍ବୀରଧର ଭଲାକା, ଶରତ ଚନ୍ଦ୍ର ପଣ୍ଡା, ମହମ୍ମଦ୍ ମୁଜାଫର ହୁସେନ୍ ଖାଁ ଓ ଭୂପାଳ ଚନ୍ଦ୍ର ମହାପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରି ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଜିଲା ଯୋଜନା ପ୍ରଣୟନ ସଂପର୍କରେ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା, ଫିନ୍‌ସପାଲ ସେକ୍ରେଟେରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ଅତିରିକ୍ତ ଉନ୍ନୟନ କମିଶନର ଶ୍ରୀ ଏସ୍. ସୁନ୍ଦରରାଜନ୍, ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ କେ. ଶ୍ରୀନିବାସନଙ୍କ ସମେତ ବିଭିନ୍ନ ଉନ୍ନୟନ ବିଭାଗଗୁଡ଼ିକର ସଂପୃକ୍ତ ଶାସନ ସଚିବ ଏବଂ ମୁଖ୍ୟ ବିଭାଗୀୟ ଉଚ୍ଚ ପଦସ୍ଥ ଅଫିସରମାନେ ଉକ୍ତ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ରାଜ୍ୟରେ ଶିଳ୍ପାୟନ ଓ ପରିବେଶ ସୁରକ୍ଷା ସଂପର୍କୀୟ କର୍ମଶାଳା

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଉପିକଲ୍‌ର ମିଳିତ ଉଦ୍ୟମରେ ଭୁବନେଶ୍ୱରସ୍ଥ ହୋଟେଲ 'କିଲ୍ କେଲିକ ଓଥ' ଠାରେ କଳକାରଖାନାଗୁଡ଼ିକ ଦ୍ୱାରା ହେଉଥିବା ପ୍ରଦୂଷଣର ନିୟନ୍ତ୍ରଣ ଓ ଶିଳ୍ପାନୁଷ୍ଠାନର ଅଭିବୃଦ୍ଧି ସଂପର୍କରେ ଏକ କର୍ମଶାଳା ରାଜ୍ୟର ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାକୁ ଶିଳ୍ପ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ ଉଦ୍‌ଘାଟନ କରି ଶିଳ୍ପର ଅଭିବୃଦ୍ଧି ସହିତ ପରିବେଶର ସୁରକ୍ଷା କିପରି ଅବ୍ୟାହତ ରହିବ, ସେ ଦିଗରେ ଯୋଗ ଦେଇଥିବା ପ୍ରତିନିଧିମାନଙ୍କୁ ସେମାନଙ୍କର ସୁଚିନ୍ତିତ ପ୍ରସ୍ତାବମାନ ସରକାରଙ୍କୁ ଦେବା ପାଇଁ ଆହ୍ୱାନ କରିଥିଲେ । ପ୍ରଦୂଷଣ ନିୟନ୍ତ୍ରଣ ଶିଳ୍ପ ବିକାଶ ର ପରିପନ୍ଥୀ ନୁହେଁ ବୋଲି ମତବ୍ୟକ୍ତ କରି ଶ୍ରୀ ପଟ୍ଟନାୟକ କହିଲେ ଯେ ପ୍ରଦୂଷଣ ନିୟନ୍ତ୍ରିତ ହେବା ଦ୍ୱାରା ଶିଳ୍ପ ଶ୍ରମିକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ବହୁ ପ୍ରକାର ପରିତ୍ୟକ୍ତ ପଦାର୍ଥକୁ ଉପଯୁକ୍ତ ବୈଜ୍ଞାନିକ ପଦ୍ଧତି ପ୍ରୟୋଗ କରି ପୁନରାୟ ଉପଯୋଗ କରାଯାଇ ପାରିବ । ଏହାକୁ ଦୃଷ୍ଟିରେ ରଖି ଶିଳ୍ପୋଦ୍ୟୋଗୀ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଶିଳ୍ପ ସ୍ଥାପନ ପୂର୍ବରୁ ସମ୍ମିଳିତ ଭାବେ ଯୋଜନାବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଶିଳ୍ପମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ହମ୍ବୀରଧର ଭଲାକା ବର୍ତ୍ତମାନ ପରିବେଶ ଯେପରି ଦ୍ରୁତଗତିରେ ବିଭିନ୍ନ କାରଣରୁ ଦୂଷିତ ହୋଇ ମାନବ ସମାଜ ତଥା ଜୀବ ଜଗତ ପାଇଁ ବିପଦର ଆଶଙ୍କା ସୃଷ୍ଟି କରୁଛି, ସେ ଦିଗରେ ସମସ୍ତେ, ବିଶେଷତଃ ଶିଳ୍ପୋଦ୍ୟୋଗୀମାନେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ରାଜ୍ୟର ବିଭିନ୍ନ ଶିଳ୍ପ କାରଖାନା ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି, ତାହା ଯେପରି ଆବଶ୍ୟକତା ଅନୁଯାୟୀ

ସଂପୂର୍ଣ୍ଣ ହୁଏ, ସେ ଦିଗରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଶ୍ରୀ ଭଲାକା ମତବ୍ୟକ୍ତ କରିଥିଲେ । ପରିବେଶ ସଂରକ୍ଷଣ ଓ ସମୃଦ୍ଧିର ପରିସର ବ୍ୟାପକ ହୋଇଥିବାରୁ ଏ ଦିଗରେ ବିଭିନ୍ନ ସରକାରୀ ବିଭାଗ, ପୌର ପରିଷଦ, ବିଭିନ୍ନ ଶିଳ୍ପ କାରଖାନା କର୍ତ୍ତୃପକ୍ଷ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ସର୍ବୋପରି ଜନସାଧାରଣଙ୍କର ସକ୍ରିୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ । ରାଜ୍ୟ ପ୍ରଦୂଷଣ ବୋର୍ଡ ଜଳ ଓ ବାୟୁ ପ୍ରଦୂଷଣ ଆଇନ ଅନୁସାରେ ଗତ ଦେଢ଼ବର୍ଷ ମଧ୍ୟରେ ବିଭିନ୍ନ ଶିଳ୍ପାନୁଷ୍ଠାନ ବିରୁଦ୍ଧରେ ପ୍ରାୟ ୨୮ ଟି ମକଦ୍ଦମା ରୁଜୁ କରିଛନ୍ତି । ସେଗୁଡ଼ିକ ଯେପରି ତୁରନ୍ତ ନିଷ୍ପତ୍ତି ହୁଏ, ସେଥିପାଇଁ ବିହିତ କାର୍ଯ୍ୟାନୁଷ୍ଠାନ କରିବାକୁ ଶ୍ରୀ ଭଲାକା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ ।

ଏହି କର୍ମଶାଳାରେ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଇପିକଲ୍‌ର ଅଧ୍ୟକ୍ଷ ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ କର୍ମଶାଳା ସଂପର୍କରେ ସୂଚନା ଦେଇଥିଲେ । ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ଶାସନ ସଚିବ ଶ୍ରୀ ରାମଚନ୍ଦ୍ର ସାମଲ ଏଥିରେ ଯୋଗ ଦେଇଥିଲେ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ପ୍ରଫେସର ରେବତୀ ଚରଣ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଓଡ଼ିଶାରୁ ଅଧିକ ଚିଙ୍ଗୁଡ଼ି ରପ୍ତାନୀ ଲାଗି ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଓଡ଼ିଶାରୁ ବିଦେଶକୁ ରପ୍ତାନୀ କରାଯାଉଥିବା ଚିଙ୍ଗୁଡ଼ିର ପରିମାଣ ଆହୁରି ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ବିଶେଷ ଗୁରୁତ୍ୱ ଆରୋପ କରି ଏ ଦିଗରେ ଉଦ୍ୟମ କରିବାକୁ ସାମୁଦ୍ରିକ ଖାଦ୍ୟ ଦ୍ରବ୍ୟ ରପ୍ତାନୀକାରୀମାନଙ୍କୁ ଆହ୍ୱାନ କରିଛନ୍ତି ।

ସଚିବାଳୟଠାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ଲାଗି ଆସିଥିବା ଓଡ଼ିଶା ସାମୁଦ୍ରିକ ଖାଦ୍ୟ ଦ୍ରବ୍ୟ ରପ୍ତାନୀକାରୀ ସଂଘର ଏକ ୫ ଜଣିଆ ପ୍ରତିନିଧି ଦଳଙ୍କ ସହିତ ଆଲୋଚନା କରି ଶ୍ରୀ ପଟ୍ଟନାୟକ କହିଲେ ଯେ ଅଧିକ ଚିଙ୍ଗୁଡ଼ି ରପ୍ତାନୀ କରାଗଲେ, ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହେବା ସଙ୍ଗେସଙ୍ଗେ ଅଧିକ ବୈଦେଶିକ ମୁଦ୍ରା ଉପାର୍ଜନ କରାଯାଇ ପାରିବ । ଚିଙ୍ଗୁଡ଼ି ଚାଷ ପାଇଁ ରାଜ୍ୟରେ ଥିବା ସୁବିଧା ସୁଯୋଗର ପୂର୍ଣ୍ଣ ସୁଯୋଗ କରିବା ଲାଗି ଏକ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଚାଷୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ଏବଂ ଆବଶ୍ୟକ ସ୍ଥଳେ ବୈଦେଶିକ ବୈଷୟିକ ଜ୍ଞାନ ହାସଲ କରିବା କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ଆଲୋଚନାରୁ ପ୍ରକାଶ ଯେ ଓଡ଼ିଶାରେ ଚିଙ୍ଗୁଡ଼ି ଚାଷ ପାଇଁ ୧୭,୫୦୦ ହେକ୍ଟର ପରିମିତର ଜଳାଶୟ ଚିହ୍ନଟ ହୋଇଥିବା ସ୍ଥଳେ ବର୍ତ୍ତମାନ ୨,୫୫୦ ହେକ୍ଟର ପରିମିତ ଜଳାଶୟରେ ଚିଙ୍ଗୁଡ଼ି ଚାଷ କରାଯାଉଛି । ଅନ୍ୟ ରାଜ୍ୟରେ ହେକ୍ଟର ପ୍ରତି ଚିଙ୍ଗୁଡ଼ି ଉତ୍ପାଦନ ହାର ଅଧିକ ହେଉଥିବା ସ୍ଥଳେ ଓଡ଼ିଶାରେ ହେକ୍ଟର ପିଛା ମାତ୍ର ଦଶ କୁଇଣ୍ଟାଲ ଉତ୍ପାଦିତ ହେଉଥିବା ଦର୍ଶାଇ ଚିଙ୍ଗୁଡ଼ି ଚାଷକୁ ଅଧିକ ବ୍ୟାପକ କରିବା ପାଇଁ ରପ୍ତାନୀକାରୀମାନେ ରାଜ୍ୟର ଅନ୍ୟାନ୍ୟ ସଂସ୍ଥାମାନଙ୍କର ମିଳିତ ସହାୟତାରେ ଉଦ୍ୟମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଫଳରେ ଗତ ଆଠବର୍ଷ ମଧ୍ୟରେ ଓଡ଼ିଶାରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି । ୧୯୮୦-୮୧ ମସିହାରେ ଏହି ଉତ୍ପାଦନ ୩୮,୭୦୦ ମେଟ୍ରିକ ଟନ ହେଉଥିବା ସ୍ଥଳେ ଗତ ଆର୍ଥିକ ବର୍ଷରେ ଏହା ୫୭ ହଜାର ମେଟ୍ରିକ ଟନକୁ ବୃଦ୍ଧି ପାଇଥିଲା । ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳର ଖାରି ପାଣି ଥିବା ଜଳାଶୟ ସବୁ ଚିଙ୍ଗୁଡ଼ି ଚାଷପାଇଁ ବିଶେଷ ଉପଯୋଗୀ ।

ସାମୁଦ୍ରୀକ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ ଫରାସୀ ସରକାରଙ୍କ ମିଳିତ ସହଯୋଗରେ ସମୁଦ୍ର ଉପକୂଳବର୍ତ୍ତୀ ଗୋପାଳପୁରଠାରେ ଗୋଟିଏ ବଡ଼ ଧରଣର ଚିଙ୍ଗୁଡ଼ି ଜାଆଁଳ ଉତ୍ପାଦନ କେନ୍ଦ୍ର ୭୦ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ଅଟକଳରେ ପ୍ରତଷ୍ଠା କରିଛନ୍ତି । ସେଠାରେ ବାର୍ଷିକ ୫ କୋଟି ଜାଆଁଳ ଉତ୍ପାଦନ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଖାରିପାଣି ଚିଙ୍ଗୁଡ଼ି ଚାଷ କରିବା ପାଇଁ ଗତ ମାର୍ଚ୍ଚମାସ ସୁଦ୍ଧା ୨,୨୧୧ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାହାଯ୍ୟ ଦିଆଯାଇଥିଲା । ଏହା ବ୍ୟତୀତ ଗ୍ରାମାଞ୍ଚଳରେ ଗରିବ ଏବଂ ସ୍ଥାନୀୟ ଶିକ୍ଷିତ ବେକାର ଯୁବକମାନଙ୍କୁ ଚିଙ୍ଗୁଡ଼ି ଚାଷ ଜରିଆରେ ନିଜର ଆର୍ଥିକ ଉନ୍ନତି କରିବା ପାଇଁ ଜମିପଟ୍ଟା ଓ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବା ପାଇଁ ସରକାର ଏକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

## ସବୁଜ ପତ୍ରିକାଧାରୀ ଲଟେରୀ

ସ୍ଥାୟୀ ଜନ୍ମନିୟନ୍ତ୍ରଣ ପଦ୍ଧତି ଅନୁସରଣ କରିଥିବା ଦୁଇ ସନ୍ତାନ ସନ୍ତତି ଦମ୍ପତିଙ୍କୁ ପ୍ରୋତ୍ସାହନ ଦେବାପାଇଁ ରାଜ୍ୟ ସୂଚନା ଭବନଠାରେ ଏକ ଲଟେରୀ ଉଠାଣ ଅନୁଷ୍ଠିତ ହୋଇଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏ ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲଟେରୀ ଉଠାଣ କରିଥିଲେ ଏବଂ ଉଦ୍‌ବୋଧନ ଦେଇଥିଲେ । ସେ କହିଲେ ଯେ ଓଡ଼ିଶାର ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି ଏବଂ ଭବିଷ୍ୟତରେ ମଧ୍ୟ ଏହା ଅବ୍ୟାହତ ରହିବ । ସର୍ବ ଭାରତୀୟ ସ୍ତରରେ ଦୁଇ ସନ୍ତାନ ବିଶିଷ୍ଟ ସ୍ଥାୟୀ ପରିବାର ନିୟନ୍ତ୍ରଣ ଅନ୍ତର୍ଭୁକ୍ତ ଦମ୍ପତି ପ୍ରତି ହଜାରରେ ୨୫ ଥିବା ସ୍ଥଳେ ଓଡ଼ିଶାରେ ପ୍ରତି ହଜାରରେ ୨୦ ରେ ପହଞ୍ଚିଛି । ତେଣୁ ଜାତୀୟ ସ୍ତରରେ ଆମର ଲକ୍ଷ୍ୟ ପ୍ରାୟ ପୂରଣ ହୋଇପାରିଛି । ପରିବାର କଲ୍ୟାଣ ଆନ୍ଦୋଳନ ଲୋକଙ୍କ ମନରେ ଜାଗରଣ ସୃଷ୍ଟି

କରିପାରିଛି । ଏହି କାର୍ଯ୍ୟକ୍ରମ ଯେତେବେଳେ ପ୍ରଥମେ ଆରମ୍ଭ କରାଗଲା, ସେତେବେଳେ ଶତକଡ଼ା ୧୫ ସ୍ଥାୟୀ ଜନ୍ମ ନିରୋଧ ପଦ୍ଧତି ଅନୁସରଣ କରିଥିବା ବେଳେ ବର୍ତ୍ତମାନ ତାହା ଶତକଡ଼ା ୨୫ରେ ପହଞ୍ଚି ପାରିଛି । ପରିବାର ନିୟୋଜନ ଜନସାଧାରଣଙ୍କ ଆର୍ଥିକ ଉନ୍ନତି ପାଇଁ ଏକମାତ୍ର ବାଟ ବୋଲି ସେ ସୂଚନା ଦେଇଥିଲେ । ଅସ୍ତ୍ରୋପଚାର ବ୍ୟତୀତ ବିବାହ ବୟସ ସୀମା ବୃଦ୍ଧି ମଧ୍ୟ ପରିବାର ନିୟନ୍ତ୍ରଣ ପାଇଁ ସହାୟକ ହୋଇପାରିଛି । ଦୁଇଟି ସନ୍ତାନ ବିଶିଷ୍ଟ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସବୁଜ ପତ୍ରିକାଧାରୀ ବ୍ୟକ୍ତିଙ୍କୁ ଜମି, ଗୃହ ବଣ୍ଟନ ଏବଂ ଚାକିରି କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସବୁଜ ପତ୍ରିକାଧାରୀ ବ୍ୟକ୍ତିଙ୍କୁ ସରକାରୀ ପ୍ରୋତ୍ସାହନ ଯେପରି ଯଥାଯଥ ଭାବେ ମିଳିପାରିବ, ସେଥିପାଇଁ ଦାୟିତ୍ୱରେ ଥିବା ସରକାରୀ ଅଫିସରମାନେ ନିଷ୍ଠାର ସହିତ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ । ପରିବାର ନିୟନ୍ତ୍ରଣ କ୍ଷେତ୍ରରେ ଅତୀତରେ ହାସଲ କରାଯାଇଥିବା ସୁନାମ ଆଗାମୀ ବର୍ଷମାନଙ୍କରେ ବଜାୟ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେବା ସଙ୍ଗେସଙ୍ଗେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଉତ୍ସବରେ ସଭାପତିତ୍ୱ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକ କହିଲେ ସେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଏକ ଜାତୀୟ କାର୍ଯ୍ୟକ୍ରମ । ଆମର ବିବିଧ ସମସ୍ୟାବଳୀ ମଧ୍ୟରୁ ଜନସଂଖ୍ୟା ବୃଦ୍ଧି ଏକ ମୁଖ୍ୟ ସମସ୍ୟା । ତେଣୁ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଗଣ ସଚେତନତା ସୃଷ୍ଟି କରିବାକୁ ପଡ଼ିବ । ଯେତେବେଳେ ପ୍ରଥମେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନିଆଗଲା, ସେତେବେଳେ ଦୁଇ ବା ତିନୋଟି ସନ୍ତାନ ଯଥେଷ୍ଟ ବୋଲି ସ୍ଲୋଗାନ ଦିଆଯାଉଥିଲା । ମାତ୍ର ଏବେ ଗୋଟିଏ ସନ୍ତାନ ଯଥେଷ୍ଟ ବୋଲି ସ୍ଲୋଗାନ ଦେବା ସମୟ ଆସି ଯାଇଛି । ପରିବାର ନିୟନ୍ତ୍ରଣ ସାଙ୍ଗକୁ ଶିଶୁ ମୃତ୍ୟୁହାର କମାଇବା ପାଇଁ ଉଦ୍ୟମ କରାଯିବା ଆବଶ୍ୟକ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ସବୁଜ ପତ୍ରିକାଧାରୀ ବ୍ୟକ୍ତିଙ୍କ ସଂଖ୍ୟା ୭୬ ହଜାରରେ ପହଞ୍ଚିଛି । ପ୍ରଥମ ଲଟେରୀ ଉଠାଣ ବେଳେ ୬୩ ଜଣ, ୨ୟ ଉଠାଣ ବେଳେ ୯୦ ଜଣ ଏବଂ ୩ୟ ଉଠାଣରେ ୧୬୮ ଜଣ ସବୁଜ ପତ୍ରିକାଧାରୀ ଲଟେରୀ ପୁରସ୍କାର ପାଇପାରିଛନ୍ତି । ପ୍ରତ୍ୟେକ ପୁରସ୍କୃତ ବ୍ୟକ୍ତି ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପାଇବା ସଙ୍ଗେସଙ୍ଗେ ଅନ୍ୟାନ୍ୟ ସରକାରୀ ପ୍ରୋତ୍ସାହନ ସୁବିଧା ପାଇପାରିବେ । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ଅଗ୍ରଗତି କରିଥିବାରୁ ସେ ସନ୍ତୋଷ ପ୍ରକାଶ କରିଥିଲେ ।

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ୫୦୦ ସବୁଜ ପତ୍ରିକାଧାରୀ ବ୍ୟକ୍ତିଙ୍କୁ ନେଇ ଗୋଟିଏ ଲେଖାଏଁ ୟୁନିଟ୍ ଗଠିତ ହୋଇଛି । ଲଟେରୀ ଉଠାଣରେ ପ୍ରତ୍ୟେକ ୟୁନିଟ୍‌ରୁ ଜଣେ ଏହି ପୁରସ୍କାର ପାଇପାରିବେ । ଲଟେରୀ ଉଠାଣ ଫଳାଫଳ ଘୋଷଣା ବେଳେ ବାଲେଶ୍ୱର ଜିଲ୍ଲାର ମୀରା ଦେଈଙ୍କ ନାମ ପ୍ରଥମେ ଓ କୋରାପୁଟ ଜିଲ୍ଲାର ଚନ୍ଦ୍ର ସାବର ୨ୟରେ ଘୋଷଣା କରାଯାଇଥିଲା ।

### ଆଇ: ଆର: ଡ଼ି: ରେ ଦୋହରା ସାହାଯ୍ୟ

ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ପରିସରଭୁକ୍ତ ହୋଇ ମଧ୍ୟ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିପାରି ନଥିବା ରାଜ୍ୟର ୬୦୨୫ ପରିବାରଙ୍କୁ ଗତ ଅପ୍ରେଲରୁ ଅଗଷ୍ଟ ମାସ ମଧ୍ୟରେ ପୁଣି ଥରେ ଏହି କାର୍ଯ୍ୟକ୍ରମ ଅଧୀନରେ ସହାୟତା ଯୋଗାଇ ଦିଆଯାଇଛି । ଏଥିରେ ୧,୪୮୪ ତଫସିଲଭୁକ୍ତ ଜାତି ଓ ୧,୫୪୫ ଉପଜାତି ପରିବାର ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଅଗଷ୍ଟ ମାସ ଶେଷ ସୁଦ୍ଧା ୪୭,୫୯୬ଟି ପରିବାରଙ୍କୁ ଏହି କାର୍ଯ୍ୟକ୍ରମରେ ଆର୍ଥିକ ସହାୟତା ଦିଆଯାଇଛି ବୋଲି ସଂପ୍ରତି କରାଯାଇଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମୀକ୍ଷାରୁ ପ୍ରକାଶ ।

ଜାତୀୟ ଗ୍ରାମାଞ୍ଚଳ କର୍ମ ସଂସ୍ଥାନ କାର୍ଯ୍ୟକ୍ରମ ଅଧୀନରେ ଚଳିତ ଆର୍ଥିକ ବର୍ଷର ଉକ୍ତ ସମୟ ମଧ୍ୟରେ ୫୬ ଲକ୍ଷ ୯୨ ହଜାର ଶ୍ରମ ଦିବସରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଅନ୍ୟ ଏକ କର୍ମଯୋଗାଣକାରୀ ଯୋଜନା-ଗ୍ରାମାଞ୍ଚଳ ଭୂମିହୀନଙ୍କ ପାଇଁ ନିଶ୍ଚିତ କର୍ମ ସଂସ୍ଥାନ କାର୍ଯ୍ୟକ୍ରମ ଅଧୀନରେ ଗତ ଅପ୍ରେଲରୁ ଅଗଷ୍ଟ ଶେଷ ସୁଦ୍ଧା ୪୬ ଲକ୍ଷ ୮୪ ହଜାର ଶ୍ରମ ଦିବସର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି ।

ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମୀକ୍ଷାରୁ ଆହୁରି ପ୍ରକାଶ ଯେ ଆଲୋଚ୍ୟ ସମୟ ମଧ୍ୟରେ ୧,୦୧୮ ଜଣ ଭୂମିହୀନଙ୍କୁ ୯୩୭ ଏକର ବଳକା ଜମି ବଣ୍ଟନ କରାଯାଇଛି ଏବଂ ଏହି ସମୟ ମଧ୍ୟରେ ୬,୬୨୮ ଜଣ ବାସହୀନଙ୍କୁ ଘରଡ଼ିହ ଯୋଗାଇ ଦିଆଯାଇଛି ଏବଂ ୩୮୯ ଜଣଙ୍କୁ ନିଜ ନିଜର ଘର ତିଆରି ପାଇଁ ସାହାଯ୍ୟ ଯୋଗାଇ ଦିଆଯାଇଛି । 'ଇନ୍ଦିରା ଆବାସ' ଯୋଜନା ଅଧୀନରେ ୧,୬୮୧ ଜଣ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକ ବାସଗୃହ ପାଇଛନ୍ତି । ଏହି ସମୟ ମଧ୍ୟରେ ୧୫୩ ଜଣ ଗୋତି ଶ୍ରମିକ ଥଇଥାନ ହୋଇଛନ୍ତି ।

## ରାଜ୍ୟସ୍ତରୀୟ ଜାତୀୟ ସଂହତି କମିଟି ବୈଠକ

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଦେଶରେ ଜାତୀୟ ସଂହତିକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ଗୋଷ୍ଠୀ, ଜାତି ଓ ଧର୍ମର ଲୋକଙ୍କ ମଧ୍ୟରେ ସାମାଜିକ ଓ ଭାବଗତ ସଂହତି ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି ।

ରାଜ୍ୟ ସଚିବାଳୟଠାରେ ରାଜ୍ୟସ୍ତରୀୟ ଜାତୀୟ ସଂହତି କମିଟି ବୈଠକରେ ଉଦ୍‌ବୋଧନ ଦେଇ

ମୁଖ୍ୟମନ୍ତ୍ରୀ କହିଲେ ଯେ ଓଡ଼ିଶାରେ ସାଂପ୍ରଦାୟିକ ଏବଂ ଜାତିଗତ ତିକ୍ତତା ପ୍ରାୟ ନାହିଁ । ଯେତେବେଳେ ରାଜ୍ୟର ବାହାରେ ସାଂପ୍ରଦାୟିକ ଉତ୍ତେଜନା ଦେଖାଯାଇଥାଏ, ସେତେବେଳେ ରାଜ୍ୟ ସରକାର ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରି ସଂଭାବ୍ୟ ଗୋଳମାଳିଆ ପରିସ୍ଥିତିକୁ ଏଡ଼େଇ ଦେଇଛନ୍ତି । ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ମଧ୍ୟରେ ଥିବା ଛୋଟଛୋଟ ମତ ପାର୍ଥକ୍ୟକୁ ଭୁଲି ଏକତାବଦ୍ଧ ଭାବରେ ସାଂପ୍ରଦାୟିକ ବିଦ୍ୱେଷକୁ ଦୂର କରିବା ପାଇଁ ସେ ଆହ୍ୱାନ ଜଣାଇଥିଲେ । ଜାତୀୟ ସଂହତି ଏବଂ ସାଂପ୍ରଦାୟିକ ଏକତାକୁ ମଜଭୁତ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନଗୁଡ଼ିକର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ପଟ୍ଟନାୟକ ସୂଚାଇଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ହରିଜନମାନଙ୍କର ମନ୍ଦିର ପ୍ରବେଶ ବଡ଼ ସମସ୍ୟା ନୁହେଁ । ହରିଜନମାନେ ୧୯୪୮ ମସିହାରୁ ଜଗନ୍ନାଥ ମନ୍ଦିରରେ ପ୍ରବେଶ କରି-ସାରିଛନ୍ତି । ସେ କହିଲେ ଯେ ପୁରୀ ଶଙ୍କରାଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ବିରୁଦ୍ଧରେ ପୁରୀଠାରେ ଏକ ମହିଳା ସମାବେଶ ଜରିଆରେ ଦୃଢ଼ ପ୍ରତିବାଦ କରାଯାଇଥିଲା ।

ଜାତୀୟ ମହାସ୍ରୋତରେ ଆଦିବାସୀ ଓ ହରିଜନ-ମାନଙ୍କୁ ସାମିଲ କରିବା ପାଇଁ ଯେଉଁସବୁ ବାଧାବିଘ୍ନ ଦେଖାଦେଇଛି, ସେ ସଂପର୍କରେ ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନଙ୍କ ଶିକ୍ଷାର ବିକାଶ ପାଇଁ ବହୁ ପଦକ୍ଷେପ ନିଆ ନିଆଯାଇଛି । ସଂପ୍ରତି ପ୍ରତ୍ୟେକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ପଞ୍ଚାୟତ ଅଞ୍ଚଳର ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଲିପିରେ ଆଦିବାସୀ ଭାଷାର ଶିକ୍ଷା ଦିଆଯାଉଛି । ଏହିସବୁ ସଂପ୍ରଦାୟର ଛାତ୍ର ଉପସ୍ଥାନ ବୃଦ୍ଧି ପାଇଁ ଛାତ୍ରାବାସ ବ୍ୟବସ୍ଥା କରାଯାଇଛି । ଏହା ଫଳରେ ଅଧାରୁ ପାଠ ଛାଡ଼ି ଚାଲି ଯାଉଥିବା ପିଲାମାନଙ୍କ ସଂଖ୍ୟା ହ୍ରାସ ପାଉଛି । ନିଯୁକ୍ତି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟରେ କଡ଼ାକଡ଼ି ଭାବରେ ପାଳନ କରା-ଯାଉଛି ଏବଂ ଏହାର ଖିଲାପରେ ଦଣ୍ଡବିଧାନ ବ୍ୟବସ୍ଥା କରାଯାଉଛି । ଏହା ସାରା ଦେଶରେ ଏକ ପ୍ରଗତିଶୀଳ କାର୍ଯ୍ୟ ଭାବେ ଖ୍ୟାତି ଲାଭ କରିଛି । ପୁଲିସ୍ କନେଷ୍ଟବଲ୍ ଓ ଶିକ୍ଷକ ନିଯୁକ୍ତି ସମୟରେ ଏହି ସଂପ୍ରଦାୟର ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାକୁ କୋହଳ କରିଦିଆଯାଉଛି । ମୁଖ୍ୟମନ୍ତ୍ରୀ ରାଜ୍ୟ କମିଟିର ସଭ୍ୟ ଥିବା ବିଭିନ୍ନ ରାଜନୈତିକ ଦଳ, ସମାଜ ମଙ୍ଗଳ ଅନୁଷ୍ଠାନ, ସାମ୍ବାଦିକ ଓ ଶ୍ରମିକ ସଂଗଠନର ପ୍ରତିନିଧିମାନଙ୍କୁ ବିଭିନ୍ନ ସଂପ୍ରଦାୟ ମଧ୍ୟରେ ସାମାଜିକ ଓ ଭାବଗତ ସଂହତି ପାଇଁ ସୁଚିନ୍ତିତ ମତାମତ ଦେବାକୁ ଆହ୍ୱାନ ଜଣାଇଥିଲେ ।

# ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଆର୍ଥିକ ସାହାଯ୍ୟ

ବ୍ୟକ୍ତିଗତ ଦୁର୍ଘଟଣା ସାମାଜିକ ସୁରକ୍ଷା ବୀମା ଯୋଜନା ଆମ ରାଜ୍ୟରେ ବିଗତ ତିନିବର୍ଷ ଧରି ସାତ ଗୋଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଏହି ବର୍ଷ ଅପ୍ରେଲ ମାସଠାରୁ ରାଜ୍ୟର ଅନ୍ୟ ଛଅ ଗୋଟି ଜିଲ୍ଲା, ଯଥା:— କଟକ, ଫୁଲବାଣୀ, ସମ୍ବଲପୁର, ସୁନ୍ଦରଗଡ଼, ବାଲେଶ୍ୱର ଓ ପୁରୀ ଜିଲ୍ଲାକୁ ଏହାର ପରିସରଭୁକ୍ତ କରାଯାଇଛି ।

ଏହି ଯୋଜନା ବାର୍ଷିକ ୭,୨୦୦ ଟଙ୍କାରୁ କମ୍ ଆୟ କରୁଥିବା ପରିବାରମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ସ୍ୱଳ୍ପ ରୋଜଗାର ବିଶିଷ୍ଟ ପରିବାରମାନଙ୍କ ମଧ୍ୟରୁ ଯଦି କୌଣସି ଉପାର୍ଜନଶୀଳ ବ୍ୟକ୍ତିଙ୍କ ଦେହାନ୍ତ ହୋଇଯାଏ ଏବଂ ମୃତ ବ୍ୟକ୍ତିଙ୍କ ବୟସ ୧୮—୬୦ ବର୍ଷ ମଧ୍ୟରେ ହୋଇଥିବ, ସେହି କ୍ଷେତ୍ରରେ ଜାତୀୟ ବୀମା କଂପାନୀ କ୍ଷତିପୂରଣ ବାବଦରେ ଏକକାଳୀନ ୩,୦୦୦ ଟଙ୍କା ମୃତ ବ୍ୟକ୍ତିଙ୍କ ପରିବାରକୁ ସାହାଯ୍ୟ ଦେବେ । ସାହାଯ୍ୟ ପାଇବା ନିମନ୍ତେ ମୃତବ୍ୟକ୍ତିଙ୍କ ପରିବାରର ଯୋଗ୍ୟ ବିବେଚିତ ବ୍ୟକ୍ତି ସ୍ଥାନୀୟ ବ୍ଲକ୍ ଉନ୍ନୟନ ଅଧିକାରୀ/ ସହରାଞ୍ଚଳ ହୋଇଥିଲେ ପୌର ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନିକଟରେ ମୃତ୍ୟୁ ଦିନଠାରୁ ୧୮୦ ଦିନ ମଧ୍ୟରେ ଆବେଦନ ପତ୍ର ଦାଖଲ କରିପାରିବେ । ଆବେଦନ ପତ୍ର ଉକ୍ତ ଅଫିସରମାନଙ୍କଠାରୁ ବିନା ମୂଲ୍ୟରେ ମିଳେ ।

ଦୁର୍ଘଟଣାବଶତଃ ମୃତ୍ୟୁ, ଯଥା:— ସର୍ପାଘାତ, ଆତ୍ମହତ୍ୟା, ପାଣିରେ ବୁଡ଼ି ମରିବା, ଘର ଭାଙ୍ଗି ମାଟି ଚାପ ପଡ଼ିବା, ଘୂର୍ଣ୍ଣିବାତ୍ୟା, ବନ୍ୟଜନ୍ତୁ ଆକ୍ରମଣ, ବିଷକ୍ରିୟା-ଜନିତ ମୃତ୍ୟୁ ଏହାର ପରିସରଭୁକ୍ତ । ପ୍ରକାଶଥାଉକି, ଯେଉଁ କ୍ଷେତ୍ରରେ ଦଣ୍ଡନୀୟ କାର୍ଯ୍ୟ ଦ୍ୱାରା ଆଇନର ଖିଲାପ କରି କୌଣସି ଅପମୃତ୍ୟୁ ଘଟିଥାଏ, ସେହି କ୍ଷେତ୍ରରେ ଉକ୍ତ ସାହାଯ୍ୟ ମିଳେ ନାହିଁ ।

ଯୋଜନାର ସୁପରିଚାଳନା ନିମନ୍ତେ ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ କମିଟିମାନ ଗଠିତ ହୋଇଛି । ଯୋଜନାର ସୁଦୂରପ୍ରସାରୀ ଲକ୍ଷ୍ୟ ହାସଲ କରିବା ହେଉଛି ସରକାରଙ୍କ ଉଦ୍ଦେଶ୍ୟ ।



# ଓଡ଼ିଶାର ବିପନ୍ନ ସ୍ତନ୍ୟପାୟୀ ପ୍ରାଣୀ



ଶ୍ରୀ ବସନ୍ତ କୁମାର ବେହୁରା

ଓଡ଼ିଶାର କ୍ଷେତ୍ରଫଳ ୧୫୫,୮୪୪.୯୬ ବର୍ଗ କିଲୋମିଟର । ସେଥିରୁ ଜଙ୍ଗଲ ୨୮,୮୧୨ ବ. କି. । ଭୌଗଳିକ ଓଡ଼ିଶାକୁ ମୁଖ୍ୟତଃ ଚାରିଟି ଅଞ୍ଚଳରେ ବିଭକ୍ତ କରାଯାଏ ଯଥା–ଉତ୍ତର ମାଳଭୂମି, କେନ୍ଦ୍ରୀୟ ନଦୀ ଅବବାହିକା, ପୂର୍ବ ପାର୍ବତ୍ୟ ଭୂମି ଓ ନଦୀ–ମୁଖ ଉପକୂଳ ସମତଳ ଭୂମି । ମୟୂରଭଞ୍ଜ ଜିଲ୍ଲାର ଉତ୍ତରାଞ୍ଚଳ, କେନ୍ଦୁଝର ଓ ସୁନ୍ଦରଗଡ଼ର ପୂର୍ବାଞ୍ଚଳ ଉତ୍ତର ମାଳଭୂମି ଅନ୍ତର୍ଗତ । ବିହାର ପ୍ରଦେଶର ଛୋଟନାଗପୁର ମାଳଭୂମିର ଏ ସମସ୍ତ ପ୍ରସାରିତ ଶାଖା ମାତ୍ର । ପ୍ରାୟ ସମାନ୍ତରାଳ ଭାବେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ଆଦି ନଦୀ ଏବଂ ସେମାନଙ୍କର ଅସଂଖ୍ୟ ଶାଖା ଓ ଉପଶାଖା ଦ୍ୱାରା ବିଧୌତ ଉପତ୍ୟକା ଅଞ୍ଚଳ କେନ୍ଦ୍ରୀୟ ନଦୀ ଅବବାହିକା ଅଞ୍ଚଳ ଗଠନ କରେ । ଢେଙ୍କାନାଳ, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲା ଏବଂ ଆଂଶିକ ଭାବେ ଫୁଲବାଣୀ, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲ୍ଲା ଦ୍ୱାରା ଏହି ପ୍ରାକୃତିକ ଅଞ୍ଚଳ ଗଠିତ । ପୂର୍ବଘାଟ ପର୍ବତମାଳା ଦକ୍ଷିଣକୁ ପ୍ରସାରିତ ହୋଇ କୋରାପୁଟ, କଳାହାଣ୍ଡୀ, ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାକୁ ଆଂଶିକ ଭାବେ ଆବୃତ କରିଅଛି । ଏହି ପାର୍ବତ୍ୟ ଅଞ୍ଚଳ ପୂର୍ବ ପାର୍ବତ୍ୟ ଅଞ୍ଚଳ ଗଠନ କରେ । ବଙ୍ଗୋପସାଗର ଓଡ଼ିଶାର ୪୮୨ କିଲୋମିଟର କୂଳକୁ ଧୌତ କରୁଅଛି । ଓଡ଼ିଶା ଦେଇ ପ୍ରବାହିତ ବଡ଼ବଡ଼ ନଦୀ ଏହି ଉପସାଗରରେ ପଡ଼ି ଅଛନ୍ତି । ବାଲେଶ୍ୱର, କଟକ ଓ ପୁରୀ ଜିଲ୍ଲା ଏବଂ ଆଂଶିକ ଭାବେ ଗଞ୍ଜାମ ଜିଲ୍ଲାର ଖୋଲା ସମତଳ ଭୂମି ନଦୀ-ମୁଖ ଉପକୂଳ ସମତଳ ଭୂମି ଗଠନ କରେ । ଅର୍ଦ୍ଧ-ଲବଣ ଜଳୀୟ ଚିଲିକା ହ୍ରଦ ଓଡ଼ିଶାର ପ୍ରାକୃତିକ ବିଭବକୁ ଅଧିକ ଗୌରବ ପ୍ରଦାନ କରେ । ଏହା ଭାରତର ସର୍ବବୃହତ୍ ପ୍ରାକୃତିକ ଅର୍ଦ୍ଧ-ଲବଣୀୟ ହ୍ରଦ । ଏହି ସମୁଦ୍ର-ତୀର ହ୍ରଦର ଆୟତନ ପ୍ରାୟ ୧,୧୬୫ ବର୍ଗ କିଲୋମିଟର । ମୌସୁମୀ ବାୟୁ ସବାହ ଦ୍ୱାରା ଓଡ଼ିଶା ବାର୍ଷିକ ହାରାହାରି ୧୪୯୬.୬ ମିଲିମିଟର ବୃଷ୍ଟି ପାଏ । ବେଶୀଭାଗ ବର୍ଷା ଜୁନ୍–ସେପ୍ଟେମ୍ବର ମାସ ମଧ୍ୟରେ ହୋଇଥାଏ । ଆମ ପ୍ରଦେଶର ହାରାହାରି ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨.୮ ଡିଗ୍ରୀ ଓ ୨୨.୮ ଡିଗ୍ରୀ ସେଲସିଅସ୍ ।

ଓଡ଼ିଶାର ଉପକୂଳ ଅଞ୍ଚଳ–କଟକ ଓ ବାଲେଶ୍ୱର ଜିଲ୍ଲାରେ ସମଗ୍ର ଭୂମି ପରିମାଣର ଶତକଡ଼ା ୧୦ ଭାଗରୁ କମ୍ ଜଙ୍ଗଲ ଥିଲାବେଳେ, କୋରାପୁଟ ଜିଲ୍ଲାର ପ୍ରାୟ ୬୦ ଭାଗ ବନଭୂମି । ଅର୍ଦ୍ଧତୀର ସବୁଜ ଜଙ୍ଗଲ ମୟୂରଭଞ୍ଜ, କେନ୍ଦୁଝର, କଟକ ଓ ପୁରୀ ଜିଲ୍ଲାର ୮୦୦ ମିଟର ଉଚ୍ଚଭୂମିରେ ଦେଖିବାକୁ ମିଳେ । ଗ୍ରୀଷ୍ମମଣ୍ଡଳୀୟ ଆଦ୍ର ଶାଳ ଜଙ୍ଗଲ କଳାହାଣ୍ଡି, କେନ୍ଦୁଝର (ଦେଓଗଡ଼ର ପଶ୍ଚିମାଞ୍ଚଳ), ଢେଙ୍କାନାଳ (ଅନୁଗୋଳ ଓ ଆଠମଲ୍ଲିକ), ପୁରୀ (ନୟାଗଡ଼ ଓ ଭୁବନେଶ୍ୱର), ଗଞ୍ଜାମ (ପାରଳା ଖେମୁଣ୍ଡି), ବଲାଙ୍ଗୀର (ସୋନପୁର), ଫୁଲବାଣୀ ମୟୂରଭଞ୍ଜ (ଶିମିଳିପାଳ ପର୍ବତମାଳା)ରେ ରହିଛି । ମଧ୍ୟ-ପ୍ରଦେଶ ଓ ଆନ୍ଧ୍ର ପ୍ରଦେଶକୁ ଲାଗି ରହିଥିବା ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ଗ୍ରୀଷ୍ମ ମଣ୍ଡଳୀୟ ଶୁଷ୍କ ପ୍ରତିବର୍ଷ ପତ୍ର ଝଡ଼ା ଦେଉଥିବା ବୃକ୍ଷର ଜଙ୍ଗଲ ଦେଖିବାକୁ ମିଳେ । ବାଲେଶ୍ୱରର ସୁବିପୁର ଠାରୁ ଗଞ୍ଜାମର ଗୋପାଳପୁର ପର୍ଯ୍ୟନ୍ତ ବିସ୍ତୃତ ଉପକୂଳ ଅଞ୍ଚଳରେ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ମହାନଦୀ, ଦୟା ଓ ବଂଶଧାରା ଆଦି ନଦୀ ମୁହାଣରେ ତଟଭୂମି ଜଙ୍ଗଲ ରହିଛି ।

ଓଡ଼ିଶାର ଜଙ୍ଗଲ ଓ ଚିଲିକା ହ୍ରଦରେ, ପ୍ରାୟ ୪୪ଟି ବିଭିନ୍ନ ଜାତି ବଣ୍ୟ ପ୍ରାଣୀ (ମୂଷା, ଚୂଚୂନ୍ଦ୍ରା, ବାଦୁଡ଼ି ଆଦି ବାଦ) ବାସ କରନ୍ତି । ଦ୍ରୁତ ଗତିରେ ଜଙ୍ଗଲ କ୍ଷୟ ଫଳରେ, ବଣ୍ୟ–ପ୍ରାଣୀ ବାସଚ୍ୟୁତ ହୋଇ ଅବଲୋପ ପଥରେ ଆଗେଇ ଚାଲିଛନ୍ତି । ସେଥିରୁ ୨୪ଟି ଜାତି ପ୍ରାଣୀଙ୍କୁ "ବିପନ୍ନ" ତାଲିକା ଭୁକ୍ତ କରାଯାଇଅଛି । ଓଡ଼ିଶା ସରକାରଙ୍କ ବନ୍ୟପ୍ରାଣୀ

(ସଂରକ୍ଷଣ) ଆଇନ୍, ୧୯୭୪ ଅନୁସାରେ ଏହି ପ୍ରାଣୀମାନଙ୍କୁ ଶୀକାର କରିବା, ପାଳିବା, ସେମାନଙ୍କର ମାଂସ, ଚମଡ଼ା, ଶିଙ୍ଗ ଆଦି କ୍ରୟ ବିକ୍ରୟ କରିବା ନିଷେଧ । ସେମାନଙ୍କ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦତ୍ତ ହେଲ ।

୧ । ବଉଳବାଘ—ଓଡ଼ିଶାର ସବୁ ଜିଲ୍ଲାର ଜଙ୍ଗଲରେ ମିଳନ୍ତି ।

୨ । ଚିତା:ବାଘ ଓଡ଼ିଶା ତଥା ଭାରତରୁ ଏହା ବିଲୁପ୍ତ ।

୩ । ବାଘ—ଏକଦା ମହାବଳ ଓଡ଼ିଶାର ତେରଟି ଜିଲ୍ଲାର ଜଙ୍ଗଲରେ ଦେଖାଯାଉଥିଲେ । ଏବେ ସେମାନେ ମୟୂରଭଞ୍ଜ, ସମ୍ବଲପୁର, ଢେଙ୍କାନାଳ, ଫୁଲବାଣୀ, କଳାହାଣ୍ଡି, କୋରାପୁଟ, ଗଞ୍ଜାମ, ପୁରୀ, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲ୍ଲାର ଜଙ୍ଗଲରେ ସୀମାବଦ୍ଧ । ୧୯୮୪ ସାଲରେ ହୋଇଥିବା ଗଣନା ଅନୁସାରେ ଓଡ଼ିଶାରେ ବ୍ୟାଘ୍ର ସଂଖ୍ୟା ୨୦୬ । ଉତ୍ତର ସିମିଳିପାଳ ଜାତୀୟ ଉଦ୍ୟାନରେ "ବ୍ୟାଘ୍ର ଯୋଜନା" କାର୍ଯ୍ୟକାରୀ ରହିଛି । ଏଠା ଜଙ୍ଗଲରେ ୮୧ଟି ବାଘ ବାସ କରନ୍ତି ।

୪ । କଲରା ପତ୍ରିଆ ବାଘ—ଓଡ଼ିଶାର ସବୁ ଜିଲ୍ଲାର ଜଙ୍ଗଲରେ ଦେଖାଯାନ୍ତି ।

୫ । କାରକାଲ—ଏହି ମାଂସାସୀ ପ୍ରାଣୀଟି ଅନେକ ପରିମାଣରେ ଦେଖିବାକୁ ବଣଭୁଆ ପରି । ବଣ ବିରାଡ଼ି ତୁଳନାରେ ଏହାର ମୁଣ୍ଡ ଓସାରିଆ ଓ କାନର ଅଗ୍ରଭାଗରେ ଗୋଛାଏ ଲୋମ ଥାଏ । ଏକଦା ଏହି ପ୍ରାଣୀଟି ପାରସ୍ୟ ଠାରୁ ମେସୋପୋଟାମିଆ ଓ ଆରବ ଦେଇ ସିନ୍ଧ, କଚ୍ଛ, ପଞ୍ଜାବ, ରାଜପୁତନା ଅଞ୍ଚଳ ଦେଇ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ ଓ ଓଡ଼ିଶା ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ ଦେଖାଯାଉଥିଲା । ଅଧୁନା ଏହା ଭାରତରୁ ଅବଲୁପ୍ତ ବୋଲି ଧରି ନିଆଯାଏ । କାଁ ଭାଁ ମୟୂରଭଞ୍ଜର ସିମିଳିପାଳ ଅଞ୍ଚଳରେ ଏବେ ବି କରାକାଲ ଦେଖିବାକୁ ମିଳେ ।

୬ । ମାର୍ବଲ ମାର୍ଜାର—ଏହି ମାର୍ଜାର ଜାତୀୟ ପ୍ରାଣୀର ବାସଭୂମି ନେପାଳରୁ ବର୍ମା ଏବଂ ସିକିମ ଓ ଆସାମ ଦେଇ ମାଳୟ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଜଙ୍ଗଲ । ଏହା ଅନେକ ସମୟ ତରୁଶାଖାରେ କଟାଏ । ମାର୍ବଲ ମାର୍ଜାର ଗଞ୍ଜାମ ଜିଲ୍ଲାର ରାମଗିରି—ଉଦୟଗିରି ଜଙ୍ଗଲରେ ମିଳେ ବୋଲି ବିଶ୍ୱାସ କରାଯାଏ । ମାତ୍ର ବୈଜ୍ଞାନିକ ତଥ୍ୟ ଦ୍ୱାରା ସମର୍ଥିତ ନୁହେଁ ।

୭ । ମାଛୁଆ ବାଘ—ଏହି ବିରାଡ଼ିଟିର ମୁଣ୍ଡ ଓ ଦେହର ଲମ୍ବ ୭୫ ସେଣ୍ଟିମିଟର (ଅଢ଼େଇଫୁଟ) ଲାଞ୍ଜ+୩୦ ସେଣ୍ଟିମିଟର (ଏକ ଫୁଟ), ଓଜନ ୧୧—୧୪ କିଲୋଗ୍ରାମ । ମାଛୁଆ ବାଘ ବାଘଟାଠାରୁ ଆକାରରେ ବଡ଼, ମାତ୍ର ଲାଞ୍ଜ ଅପେକ୍ଷାକୃତ କ୍ଷୁଦ୍ର । ବାଘଟାର ଲାଞ୍ଜ, ତା' ମୁଣ୍ଡ ଓ ଦେହ ଲମ୍ବର ଅର୍ଦ୍ଧେକରୁ ଅଧିକ ହୋଇଥାଏ । ଏହାର ଗୋଡ଼ଗୁଡ଼ିକ କ୍ଷୁଦ୍ର, ମାତ୍ର ମଜବୁତ । ଦେହ କ୍ଷୁଦ୍ର, ଟାଆଁସା, ବାଦାମୀ—ରଙ୍ଗ ମିଶା ମାଟିଆ—ଧୂସର ଲୋମ ଦ୍ୱାରା ଆବୃତ । ଦେହରେ ଲମ୍ବଭାବେ ଗୁଡ଼ିଏ ଦାଗ ପଡ଼ିଥାଏ । ମୁଣ୍ଡରୁ ବେକଯାଏ ୬-୮ଟି ରେଖା ଚିହ୍ନ ଓ ପଛକୁ କାନ୍ଧରେ ଏହି ଦାଗ କ୍ଷୁଦ୍ର ଓ ଖଣ୍ଡିତ । ଧୂସର ଧଳା ଗାଲରେ ଦୁଇଟି ସ୍ପଷ୍ଟ କଳା ବା ବାଦାମୀ ରଙ୍ଗର ଗାଢ଼ିଆ ଡୋରିଆ ରେଖା ଦେଖିବାକୁ ମିଳେ । ଗୋଡ଼ରେ ଚିହ୍ନ ସ୍ପଷ୍ଟ ନୁହେଁ । ଆଗ ଗୋଡ଼ର ଭିତର ପାଖରେ ଦୁଇଟି ଘନ ରେଖା ସ୍ପଷ୍ଟ । ଦେହର ନିମ୍ନଭାଗରେ ଟିପ୍ ଟିପ୍ ଦାଗ ଚିହ୍ନ ଥାଏ । ଲାଞ୍ଜରେ କଳା ମୁଦ୍ରିକା ଚିହ୍ନ ସ୍ପଷ୍ଟ । ଅଗ୍ର-ପଦର ଅଙ୍ଗୁଳି ମଧ୍ୟରେ ପାଦ—ଜାଲ ଉତ୍ତମ ବର୍ଦ୍ଧିତ । ନଖ ସଙ୍କୁଚିତ ଅବସ୍ଥାରେ ଥିଲାବେଳେ ପୂରାପୂରି ଆବୃତ ରହେ ନାହିଁ ।

ମାଛୁଆ ବାଘ ହିମାଳୟରେ ୧୫୨୫ ମିଟର ଉଚ୍ଚତା ଯାଏ ଜଳାଭୂମିରେ, ସିନ୍ଧ, ଉତ୍ତର ପ୍ରଦେଶ ଓ ପଶ୍ଚିମ ବଙ୍ଗର କେତେକ ଜଙ୍ଗଲାଞ୍ଚଳରେ, ମାଲାବାର ଉପକୂଳରେ ମାଙ୍ଗା-ଲୋର ଓ କନ୍ୟାକୁମାରୀ ଅନ୍ତରୀପ ମଧ୍ୟବର୍ତ୍ତୀ ଅଞ୍ଚଳରେ, ବିହାରର ଚମ୍ପାରନ ଅଞ୍ଚଳ ଏବଂ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଗଭୀର ଜଙ୍ଗଲ ଓ ବୁଢ଼ିବୁଢ଼ିଆ ଜଙ୍ଗଲରେ ଏବଂ କଟକ ଜିଲ୍ଲାର ଭିତରକନିକା ଅଭୟାରଣ୍ୟରେ ବାସ କରନ୍ତି । ଭାରତ ବାହାରେ ଶ୍ରୀ ଲଙ୍କା, କୋଚିନ—ଚୀନ ଓ ଜାଭାରେ ମାଛୁଆ ବାଘ ଦେଖାଯାନ୍ତି ଜଳା—ଭୂମୀ, ଜଳବନ, କୁଆରିଆ ନଦୀର ଖାଡ଼ି ଅଞ୍ଚଳ, ଗଭୀର ଓ ଅଗଭୀର ଜଙ୍ଗଲ ଏମାନଙ୍କର ବାସଭୂମୀ । ଏମାନେ ଅତ୍ୟନ୍ତ ନିର୍ଭିକ ଓ ଶୀକାର ପ୍ରାଣୀକୁ ପ୍ରଚଣ୍ଡତା ସହିତ ଆକ୍ରମଣ କରନ୍ତି । ବାଛୁରୀ, ମେଣ୍ଢା, କୁକୁର, ଏପରିକି ମନୁଷ୍ୟ ଶିଶୁକୁ ମାଛୁଆ ବାଘ ଶୀକାର କରିବା ଜଣାଅଛି । ଥରକର ଦୁଇ—କୋଠରୀ ବିଶିଷ୍ଟ ଏକ ପିଞ୍ଜରାରେ ଗୋଟିକରେ ଗୋଟିଏ ଅଣ୍ଡିରା ମାଛୁଆ ବାଘ ଓ ଅନ୍ୟଟିରେ ତା'ର ପ୍ରାୟ ଦୁଇଗୁଣ ଆକାରର କଲରା ପତ୍ରିଆ ବାଘୁଣୀଟିଏ ରଖାଯାଇଥିଲା । ମାଛୁଆ ବାଘ ପିଞ୍ଜରାର ମଝି ଅଂଶ ଭାଙ୍ଗି ବାଘୁଣୀଟିକୁ ଆକ୍ରମଣ କରି ମାରି ଦେଇଥିଲା । ଏମାନଙ୍କର ମୁଖ୍ୟ ଆହାର ମାଛ ଓ ମଧୁର ଜଳବାସୀ କମ୍ବୋଜ (ଗେଣ୍ଡା, ଶାମୁକା) । ମାଛୁଆ ବାଘ ଜଳରେ ପ୍ରବେଶ କରି ଖାଦ୍ୟ ସଂଗ୍ରହ କରେ ନାହିଁ । ପଥର ଉପରେ ବସି ରହିଥାଏ । ପାଣି ଭିତରେ ମାଛ ଦେଖିଲେ, ଥାବା ମାରି ତାକୁ ଉଠାଇ ଆଣି ଖାଏ । ଏହି ବାଘର ଜୀବନ ପଦ୍ଧତି ସମ୍ବନ୍ଧରେ ଆମର ଜ୍ଞାନ ଅତ୍ୟନ୍ତ ସୀମିତ ।

୮ । ବାଘଟା— ଏହା ଗୃହପାଳିତ ବିଲେଇର ଆକାରଠାରୁ ବଡ଼ ହୁଏନାହିଁ । ଦେହର ବର୍ଣ୍ଣ ଓ ଆକୃତିରେ ବାଘଟା ବାଘର ଏକ କ୍ଷୁଦ୍ର ସଂସ୍କରଣ । ଏହାର ଗୋଡ଼ ଲମ୍ବ । ଓଡ଼ିଶାର ତେରଟି ଜିଲ୍ଲାର ଜଙ୍ଗଲରେ ବାଘଟା ଦେଖାଯାଆନ୍ତି ।

୯ । ବଣିଭୁଆ— ଓଡ଼ିଶାର ସବୁ ଜିଲ୍ଲାରେ ବଣ ବିଲେଇ ବା କଟାଶ ଦେଖିବାକୁ ମିଳନ୍ତି ।

୧୦ । ଗଧିଆ— ହୁଣ୍ଡାର ବା ହେଟାବାଘ ତେରଟି ଜିଲ୍ଲାର ଜଙ୍ଗଲରେ ବାସ କରନ୍ତି । ବାସଭୂମି ଧ୍ୱଂସ ହେବା ଫଳରେ ଖାଦ୍ୟ ବିକଳରେ ଲୋକାଳୟରେ ପ୍ରବେଶ କରି ମନୁଷ୍ୟର ଶୀକାର ହେବା ଘଟଣା ଏବେ ଅଧିକ ଦେଖାଯାଉଛି ।

୧୧ । **ଗାଡ଼ଭାଲୁ–** ନରମା ବା ବାଲିଆ ମାଟି ଥିବା ଅଞ୍ଚଳରେ ଗାତ ଖୋଳି ସେଥିରେ ବାସ କରେ । ଏଣୁ ନଦୀକୂଳ ଓ ସମତଳ ଭୂମି ଏହାର ପ୍ରିୟ ଆବାସ । ଆକାର ଓ ପ୍ରକୃତିରେ ଗାଡ଼ଭାଲୁ ଅନେକ ପରିମାଣରେ ଭାଲୁପରି । ଦେହର ଉପର ଅଧା ଧଳା, ହଳଦିଆ ବା ଧୂସର । ତଳ ଅଧ ଓ ଛୋଟ ଗୋଡ଼ଗୁଡ଼ିକ କଳା । ଗାଡ଼ଭାଲୁ ରାତ୍ରିଚର । ଓଡ଼ିଶାରେ ଗଞ୍ଜାମ, ପୁରୀ, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରେ ଏମାନେ ଦେଖାଯାଆନ୍ତି ।

୧୨ । **ଭାଲୁ–** ଓଡ଼ିଶାର ସବୁ ଜିଲ୍ଲାରେ ଜଙ୍ଗଲରେ ବାସ କରନ୍ତି ।

୧୩ । **ବଳିଆ କୁକୁର–**ବନ କୁକୁର ଅତ୍ୟନ୍ତ ସାହାସୀ ଓ ଦଳବାନ୍ଧି ରହନ୍ତି । ଏମାନେ ଗୃହପାଳିତ କୁକୁର ପରି ଭୁକି ପାରନ୍ତି ନାହିଁ । ପରସ୍ପର ସହିତ ଯୋଗାଯୋଗ ପାଇଁ ଏକ ପ୍ରକାର ସୁସୁରି ଶବ୍ଦ କରନ୍ତି । ବଳିଆ କୁକୁର ଦିନ ବେଳେ ଶିକାର କରନ୍ତି । ଓଡ଼ିଶାର ତେରଟି ଯାକ ଜଙ୍ଗଲରେ ଦେଖାଯାଆନ୍ତି ।

୧୪ । **ବିଲୁଆ–** ଓଡ଼ିଶାରେ ସବୁ ଜିଲ୍ଲାରେ ଅଛନ୍ତି । ଚମଡ଼ା ପାଇଁ ଅବାଧ ଶୀକାର ଫଳରେ ଏମାନଙ୍କର ହୁକେ–ହୋ ଶବ୍ଦ ଆଜି ଶୁଣିବାକୁ ମିଳିବା କଷ୍ଟ ।

୧୫ । **ନେକେଡ଼ା ବାଘ–**ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହା ରାମଶିଆଳ (ଅନୁଗୋଳ), ବନ୍ତ ବା ଖଗ (ନରସିଂହପୁର), ବରାଡ଼ିଆ (ଢେଙ୍କାନାଳ), ଧୂସା (ବଡ଼ମ୍ବା) ଓ ନିମିଟି ବାଘ ନାମରେ ପରିଚିତ । ଏମାନେ କଟକ (ନରସିଂହପୁର), ମୟୂରଭଞ୍ଜ, ସୁନ୍ଦରଗଡ଼ (ବଣାଇ), ସମ୍ବଲପୁର (ଦେଓଗଡ଼), କଳାହାଣ୍ଡି, କୋରାପୁଟ ଓ ଢେଙ୍କାନାଳ ଜିଲ୍ଲାର ସୀମିତ ଜଙ୍ଗଲ ଅଞ୍ଚଳରେ ଦେଖାଯାଆନ୍ତି ।

୧୬ । **କୋକଶିଆଳି–** ଏମାନେ ବୁଦା ଜଙ୍ଗଲ ଓ ଖୋଲା ଅଞ୍ଚଳରେ ଗାତ ଖୋଳି ସେଥିରେ ବାସ କରନ୍ତି । କ୍ଷୁଦ୍ର କ୍ଷୁଦ୍ର ସ୍ତନ୍ୟପାୟୀ ପ୍ରାଣୀ, ସରୀସୃପ, ଓ କୀଟ ପତଙ୍ଗ କୋକିଶିଆଳିଙ୍କର ମୁଖ୍ୟ ଆହାର । କଇଁ ଏମାନଙ୍କର ପ୍ରିୟ ଖାଦ୍ୟ । ରାତିରେ ତରଭୁଜ ବାଡ଼ିରେ ପଶି ତରଭୁଜ ଖାଇଯାନ୍ତି । ଓଡ଼ିଶାର ସବୁ ଜିଲ୍ଲାର ଜଙ୍ଗଲରେ କୋକିଶିଆଳି ଅଛନ୍ତି ।

୧୭ । **ଚିଙ୍କାରା–** ନୀଳଗାଈ, କୃଷ୍ଣସାର, ଚଉଶିଙ୍ଗା ଓ ଚିଙ୍କାରା – ଏମାନେ ସମସ୍ତେ ଜାତି ଓ ଏକ ଶ୍ରେଣୀଭୁକ୍ତ । କାନ୍ଧଠାରେ ଏହାର ଉଚ୍ଚତା ୬୫ ସେଣ୍ଟିମିଟର, ଓଜନ ୨୩ କିଲୋଗ୍ରାମ । ଶିଙ୍ଗର ଲମ୍ବ ୨୫–୩୦ ସେଣ୍ଟିମିଟର । ଭାରତର ଉତ୍ତର – ପଶ୍ଚିମ ଅଞ୍ଚଳ ଓ କେନ୍ଦ୍ର ଭାରତର ଦାକ୍ଷିଣାତ୍ୟ ଉପତ୍ୟକାଠାରୁ ଦକ୍ଷିଣରେ କୃଷ୍ଣା ନଦୀ ପର୍ଯ୍ୟନ୍ତ ବିସ୍ତୃତ ସମତଳ୍ୟ ଓ ଅଳ୍ପକେ ପାହାଡ଼ ଭୂମି ଏମାନଙ୍କର ବିହାର ସ୍ଥଳ । ଓଡ଼ିଶାର କେବଳ କୋରାପୁଟ ଜିଲ୍ଲାରେ ପୂର୍ବେ ଚିଙ୍କାରା ଦେଖା ଯାଉଥିଲେ । ଜଳ-ବିଦ୍ୟୁତ ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଜଙ୍ଗଲ ଧ୍ୱଂସ ଓ କ୍ରୁର ଶୀକାରୀ ଦ୍ୱାରା ବଧ ହେବା ଯୋଗେ, ଏବେ ଏମାନେ ଦେଖା ଯାଆନ୍ତି ନାହିଁ ।

୧୮ । **କୃଷ୍ଣସାର–** ଏହି ସୁନ୍ଦର ମୃଗଟି ଭାରତୀୟ ଉପଦ୍ୱୀପର ସମତଳ ଭୂମିରେ ଏକଦା ପଲପଲ ହୋଇ ବିଚରଣ କରୁଥିଲେ । ଶିକାରୀର ଲୋଲୁପ ଦୃଷ୍ଟି ପଡ଼ିବା ଯୋଗେ ଏମାନେ ଆଜି ବିରଳ । ବାଲେଶ୍ୱର ଜିଲ୍ଲାର ସମୁଦ୍ର ତୀରରେ କୋଣାର୍କର ସମୁଦ୍ର ବେଳାରେ, ଗଞ୍ଜାମ ଓ କୋରାପୁଟରେ କୃଷ୍ଣସାର ଅଛନ୍ତି । ଚିଲିକା କୂଳରେ ଝାଉଁ ବଣ ହେବା ପରେ, ସେଠାରେ ସେମାନେ ପୁଣି ଦେଖା ଦେଲେଣି । ପୁରୀ ସହରଠାରୁ ଅଦୂରରେ ଅବସ୍ଥିତ ବାଲୁଖଣ୍ଡ ଅଭୟାରଣ୍ୟରେ କୃଷ୍ଣସାର ସଂରକ୍ଷିତ ।

୧୯ । **ଅରଣା ମଇଁଷି–**ଏକଦା ସୁନ୍ଦରଗଡ଼, କଳାହାଣ୍ଡି, ଓ କୋରାପୁଟର ଗଭୀର ଜଙ୍ଗଲରେ ପଲପଲ ଅରଣା ମଇଁଷି ବିଚରଣ କରୁଥିଲେ । ଏବେ କୋରାପୁଟ ଜିଲ୍ଲାର ଦୁର୍ଗମ କୋଣ୍ଡା - କାମେରୁର ଘନଅରଣ୍ୟରେ କାଁ ଭାଁ ଗୋଟିଏ ଅଧେ ଥାଇ ପାରନ୍ତି । ଓଡ଼ିଶାରୁ ଏମାନେ ଲୁପ୍ତ ହୋଇ ଅଛନ୍ତି ବୋଲି ଧରି ନେବାକୁ ପଡ଼ିବ ।

୨୦ । **ଗୟଳ–**ବଳ ଓ ବିକ୍ରମର ପ୍ରତୀକ ଏହି ପ୍ରାଣୀଟି ଏକଦା ଭାରତର ପାହାଡ଼ିଆ ଅଞ୍ଚଳରେ ପଲପଲ ହୋଇ ବାସ କରୁଥିଲେ । ଏବେ ଏମାନେ ଧ୍ୱଂସ ମୁଖୀ । ତଥାପି, ଓଡ଼ିଶାର ତେରଟି ଜିଲ୍ଲାର ଘନ ଜଙ୍ଗଲରେ ଏମାନେ ଦେଖିବାକୁ ମିଳନ୍ତି ।

୨୧ । **ଚଉଶିଙ୍ଗା–**ମୁଣ୍ଡରେ ଏହାର ଚାରିଟି ଶିଙ୍ଗ । ଆଗ ଦୁଇଟି ଶିଙ୍ଗ ପଛ ଦୁଇଟି ଶିଙ୍ଗ ତୁଳନାରେ କ୍ଷୁଦ୍ର । ହିମାଳୟର ଦକ୍ଷିଣକୁ ଥିବା ଭାରତୀୟ ଉପଦ୍ୱୀପର ଘନ ଜଙ୍ଗଲ ଏମାନଙ୍କର ବାସଭୂମି । ଓଡ଼ିଶାର ପୂର୍ବତନ ଗଡ଼ଜାତ -ଅଞ୍ଚଳରେ ପୂର୍ବେ ବହୁ ସଂଖ୍ୟାରେ ଦେଖାଯାଉଥିଲେ । ଏବେ କଟକ, ପୁରୀ, ସମ୍ବଲପୁର, ଢେଙ୍କାନାଳ ଓ ମୟୂରଭଞ୍ଜର ସୀମିତ ଅଞ୍ଚଳରେ ଅତି ଅଳ୍ପ ସଂଖ୍ୟାରେ ଚଉଶିଙ୍ଗା ଦେଖା ଯାଆନ୍ତି । ପୂର୍ବେ କୋରାପୁଟର ଜଙ୍ଗଲରେ ଏମାନେ ବହୁ ସଂଖ୍ୟାରେ ବାସ କରୁଥିଲେ । ଏବେ ଆଉ ନାହାନ୍ତି ।

୨୨ । **ବାରଶିଙ୍ଗା–**ଏହି ସୁନ୍ଦର ମୃଗଟିର ମୁଣ୍ଡରୁ ବାହାରିଥିବା ଦୁଇଟି ଶିଙ୍ଗ ୧୦ ରୁ ୧୪ଟି ଶାଖାରେ ବିଭକ୍ତ ହୋଇ ଚମତ୍କାର ଦେଖାଯାଏ । ସମ୍ବଲପୁର ଓ କଳାହାଣ୍ଡି ଜିଲ୍ଲାର ତୃଣଭୂମିରେ ପୂର୍ବେ ବାରଶିଙ୍ଗା ପଲପଲ ହୋଇ ବୁଲୁଥିଲେ । ସମ୍ବଲପୁର ଜିଲ୍ଲାରୁ ଏମାନେ ଲୋପ ପାଇଛନ୍ତି । କଳାହାଣ୍ଡି ଜିଲ୍ଲାର ଖଡ଼ିଆଳ ସବ୍-ଡିଭିଜନରେ ଅତି ଅଳ୍ପ ସଂଖ୍ୟାରେ ଅଛନ୍ତି ।

୨୩ । **ଖୁରାଣ୍ଟ–**ଖୁରାଣ୍ଟ ବା ଗୁରଣ୍ଡ ଗୋଟିଏ କ୍ଷୁଦ୍ର କୌତୁକିଆ ହରିଣ । ତାର କାନ୍ଧଠାରେ ଉଚ୍ଚତା ୩୦ ସେଣ୍ଟିମିଟର । ଏମାନେ ଓଡ଼ିଶାର ସବୁ ଜିଲ୍ଲାର ଜଙ୍ଗଲରେ ଦେଖାଯାଆନ୍ତି ।

୨୪ । **ଭୁଆସୁଣୀ ମାଛ–**ଏହି ଜଳବାସୀ ସ୍ତନ୍ୟପାୟୀ ପ୍ରାଣୀଟି ଭାରତରେ କେବଳ ଚିଲିକା ହ୍ରଦରେ ଦେଖିବାକୁ

ମିଳେ । ଗଙ୍ଗା ନଦୀର ଶିଶୁମାରଠାରୁ ଏହା ଭିନ୍ନ । ଗଙ୍ଗା ଶିଶୁମାର ଚକ୍ଷୁହୀନ । ଭୁଆସୁଣୀ ମାଛ ବର୍ମାର ଇରାବତୀ ନଦୀ ମୁହାଁଣ ଅଞ୍ଚଳ ଜଳରେ ମଧ୍ୟ ଦେଖାଯାଆନ୍ତି । ଚିଲିକା ହ୍ରଦରେ ପଙ୍କର ପରିମାଣ ବୃଦ୍ଧି, ସାଗର ସହିତ ସଂଯୋଗ ପଥ ପୋତି ହୋଇଯିବା ଯୋଗେ ଜଳର ଲବଣ ପରିମାଣ ହ୍ରାସ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାରଣରୁ ଏହା ଦିନକୁ ଦିନ ଚିଲିକା ହ୍ରଦରେ ବିରଳ ହେଉଅଛି ।

ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଓଡ଼ିଶାରେ ଗୋଟିଏ ଜାତୀୟ ଉଦ୍ୟାନ (ଉତ୍ତର ସିମିଳିପାଳ ଜାତୀୟ ଉଦ୍ୟାନ କ୍ଷେତ୍ରଫଳ ୩୦୩ ବର୍ଗ କିଲୋମିଟର) ଓ ୧୪ଟି ଅଭୟାରଣ୍ୟ ସ୍ଥାପିତ । କଟକ ଜିଲ୍ଲାରେ ଗୋଟିଏ (ଭିତର କନିକା, ୧୭୦ ବର୍ଗ କିଲୋମିଟର); ଢେଙ୍କାନାଳରେ ଗୋଟିଏ (ସାତ-କୋଶିଆ ଗଣ୍ଡ ୭୯୫.୫୨ ବର୍ଗ କିଲୋମିଟର), ମୟୂରଭଞ୍ଜରେ ଗୋଟିଏ (ଶିମିଳିପାଳ, ୨,୪୪୭ବର୍ଗ କିଲୋମିଟର), ପୁରୀଜିଲ୍ଲାରେ ଗୁରିଟି (ନନ୍ଦନ କାନନ, ୧୪.୦୨ ବର୍ଗ କିଲୋମିଟର. ମହାନଦୀ-ବଇଶିପଲ୍ଲୀ ୧୬୮.୩୫ ବର୍ଗ କିଲୋମିଟର, ଚନ୍ଦକା - ଡମପଡ଼ା ୨୩୦ ବର୍ଗ କିଲୋମିଟର, ବାଲୁଖଣ୍ଡ - କୋଣାର୍କ ୭୨ ବର୍ଗ କିଲୋମିଟର: କେଉଁଝର - ମୟୂରଭଞ୍ଜ ସୀମାରେ ଗୋଟିଏ (ହଦଗଡ଼, ୧୯୧.୬ ବର୍ଗ କିଲୋମିଟର), ସମ୍ବଲପୁର ଜିଲ୍ଲାରେ ଦୁଇଟି ଖଲଶୁଣୀ, ୧୧୬ ବର୍ଗ କିଲୋମିଟର, ଦେବ୍ରୀଗଡ଼ ୬୯.୮୦ ବର୍ଗ କିଲୋମିଟର), କଳାହାଣ୍ଡିରେ ଗୋଟିଏ (ସୁନାବେଡ଼ା ୪୪୨.୧୩ ବର୍ଗ କିଲୋମିଟର), ବାଲେଶ୍ୱରରେ ଗୋଟିଏ କୁଲଡ଼ିହା ୨୭୨.୭୫ ବର୍ଗ କିଲୋମିଟର) ଓ ଗଞ୍ଜାମରେ ଗୋଟିଏ (ଲଖାରୀ ଉପତ୍ୟକା, ୬୪.୧୪ ବର୍ଗ କିଲୋମିଟର) ଅଭୟାରଣ୍ୟ ରହିଛି । ଓଡ଼ିଶାର ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟର ମୋଟ କ୍ଷେତ୍ରଫଳ ୫,୭୬୫.୮୧ ବର୍ଗ କିଲୋମିଟର ।

ବଣ୍ୟପ୍ରାଣୀ ଓ ଉଦ୍ଭିଦ ଆମର ଜାତୀୟ ସମ୍ପତ୍ତି । ଥରେ ଲୁପ୍ତ ହେଲେ ଆମେ ତାକୁ ଆଉ ଫେରି ପାଇବାନାହିଁ । ସେମାନଙ୍କର ସଂରକ୍ଷଣ ଆମର ଅବଶ୍ୟ କର୍ତ୍ତବ୍ୟ ।

---

୩୦୮ ଖାରବେଳ ନଗର, ୟୁନିଟ ୩,
ଭୁବନେଶ୍ୱର ୭୫୧୦୦୧ ।



# ବୃକ୍ଷମିତ୍ର ବୁଦ୍ଧଗ୍ରାମ



ଡକ୍ଟର ନାରାୟଣ ହଜାରୀ
ଡକ୍ଟର ସୁବାସ ଚନ୍ଦ୍ର ହଜାରୀ

ବୁଦ୍ଧଗ୍ରାମ (କେଶରପୁର) ପୁରୀ ଜିଲାର ନୟାଗଡ଼ ବ୍ଲକ୍‌ର ପ୍ରାୟ ୭୦୦ ଲୋକ ସଂଖ୍ୟା ବିଶିଷ୍ଟ ଛୋଟ ଗାଁଟିଏ । ଏହା ଭୁବନେଶ୍ୱରଠାରୁ ୧୦୦ କିଲୋମିଟର ଦୂରରେ ଓ ନୟାଗଡ଼ ଟାଉନ୍‌ଠାରୁ ୧୨ କି.ମି. ଦୂରରେ ଅବସ୍ଥିତ । ଭୁବନେଶ୍ୱରରୁ ପ୍ରତିଦିନ ବସ୍ ଏଠାକୁ ଯାତାୟତ କରେ । ଏହି ଗ୍ରାମରୁ ୧୯୬୯ ମସିହାରୁ ପରିବେଶ ଆନ୍ଦୋଳନ ଆରମ୍ଭ ହୋଇ ନୟାଗଡ଼ ସବ୍‌ଡିଭିଜନର ୭ଟି ବ୍ଲକ୍‌ର ପ୍ରାୟ ୫୦୦ ଗ୍ରାମକୁ ପ୍ରସାର ଲାଭ କରିଛି । ଏହି ଗ୍ରାମରେ "ବୃକ୍ଷ ଓ ଜୀବର ବନ୍ଧୁ" ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଛି । ଗାଁଟି ବୁଦ୍ଧଗିରି ପାହାଡ଼ ପାଦ ଦେଶରେ । ବୁଦ୍ଧଗିରି ଓ ମାଳତୀ ପାହାଡ଼ ଘେରିପଟେ ଥିବା ୨୨ ଖଣ୍ଡ ଗ୍ରାମକୁ ନେଇ ଉକ୍ତ ଅନୁଷ୍ଠାନ ଗଠିତ । ପରିବେଶ ସମ୍ପର୍କରେ ଜନଚେତନା ସୃଷ୍ଟି କରିବା ସଙ୍ଗେସଙ୍ଗେ ପରିବେଶ ସଂରକ୍ଷଣ ପାଇଁ ଆନ୍ତରିକ ଉଦ୍ୟମ କରିଥିବାରୁ ଭାରତ ସରକାର ୧୯୮୬ ମସିହାରେ ଏହି ଅନୁଷ୍ଠାନକୁ "ଇନ୍ଦିରା ପ୍ରିୟଦର୍ଶିନୀ ବୃକ୍ଷମିତ୍ର" ପୁରସ୍କାର ପ୍ରଦାନ କରିଛନ୍ତି । 'ବୃକ୍ଷ ମିତ୍ର' ପୁରସ୍କାର ପାଇବାରେ ଏହା ଓଡ଼ିଶାର ସର୍ବ ପ୍ରଥମ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଓଡ଼ିଶା ସରକାର ମଧ୍ୟ ୧୯୮୬ ମସିହାରେ ଏହି ଅନୁଷ୍ଠାନକୁ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରିଛନ୍ତି ।

ଏହି ପରିବେଶ ଆନ୍ଦୋଳନ ବୁଦ୍ଧଗ୍ରାମରୁ ଆରମ୍ଭ ହୋଇଥିବା ଯୋଗୁ ଏହାକୁ 'ବୁଦ୍ଧଗ୍ରାମ ପରିବେଶ ଆନ୍ଦୋଳନ' ନାମରେ ନାମିତ କରାଯାଇଛି । 'ବୃକ୍ଷ ଓ ଜୀବର ବନ୍ଧୁ' ଏହି ଅଞ୍ଚଳର ପରିବେଶ ଆନ୍ଦୋଳନରେ ଏକ କ୍ରିୟାଶୀଳ, ଗତିଶୀଳ ଓ ସଂଗ୍ରାମୀ ଭୂମିକା ଗ୍ରହଣ କରିଛି । ଏହା ଏକ ଅଣରାଜନୀତିକ ଅନୁଷ୍ଠାନ ଓ ସମାଜସେବୀ ତଥା ଗଠନମୂଳକ ଦେଶ ନିର୍ମାଣ ଏହାର ଅଭିମୁଖ୍ୟ । ଜନଜାଗରଣର ଅଭ୍ୟୁତ୍ଥାନ ପାଇଁ ଓ ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସଂପର୍କ ରକ୍ଷା କରିବା ପାଇଁ ଏହି ଅନୁଷ୍ଠାନ ସର୍ବଦା କାମ କରି ଆସିଛି ।

ବୁଦ୍ଧଗ୍ରାମ ଆନ୍ଦୋଳନ କେବଳ ପାର୍ଥିବ ପରିବେଶ ସଂରକ୍ଷଣ ଓ ପର୍ଯ୍ୟାବରଣ (ଇକୋଲଜି)ର ଉନ୍ନତି ପାଇଁ ନୁହେଁ । ସମାଜର ସମସ୍ତ ପ୍ରକାର ଉନ୍ନତି ଏହାର ଲକ୍ଷ୍ୟ । ଆର୍ଥନୀତିକ, ସାମାଜିକ, ରାଜନୀତିକ, ସାଂସ୍କୃତିକ, ମାନବିକ, ନୈତିକ, ଆଧ୍ୟାତ୍ମିକ ବିକାଶ ଏହାର ଲକ୍ଷ୍ୟ । ଆର୍ଥନୀତିକ ପୁନର୍ଗଠନ ସହିତ ସମାଜ ସଂସ୍କାର ଏହାର ଅଭିମୁଖ୍ୟ । ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ, ପରିବାର ନିୟନ୍ତ୍ରଣ, କୃଷିର ବିକାଶ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଅସ୍ପୃଶ୍ୟତା ନିବାରଣ, ନିଶା ନିବାରଣ, ଯୌତୁକ ପ୍ରଥାର ନିରାକରଣ, ମହିଳାମାନଙ୍କର ଅବସ୍ଥାର ଉନ୍ନତି, ଥାନା ଓ କୋର୍ଟକୁ ନଯାଇ ଗ୍ରାମରେ ବିବାଦ ତୁଟାଇବା, ଅବସର ଗ୍ରହଣ ପରେ ନିଜନିଜ ଗ୍ରାମମାନଙ୍କୁ ଫେରିଆସି ଗ୍ରାମର ଉନ୍ନତିରେ ଗଠନମୂଳକ ଭୂମିକା ଗ୍ରହଣ କରିବା ପାଇଁ କର୍ମଚାରୀମାନଙ୍କୁ ପ୍ରବର୍ତ୍ତାଇବା, ସରକାରୀ ସାହାଯ୍ୟ ଉପରେ ବିଶେଷ ନିର୍ଭର ନକରି ଗ୍ରାମବାସୀବୃନ୍ଦ ସ୍ୱକୀୟ ଉଦ୍ୟମରେ ଗ୍ରାମର ପ୍ରଗତି ପାଇଁ ପଦକ୍ଷେପ ନେବାକୁ ପ୍ରବର୍ତ୍ତାଇବା ଆନ୍ଦୋଳନର ବହୁମୁଖୀ ଲକ୍ଷ୍ୟ ।

ବହୁଦିନ ତଳର କଥା । ବୁଦ୍ଧଗ୍ରାମରେ ଦଳାଦଳି । ଘୋର ଅଶାନ୍ତି । ସମୂହ ସ୍ୱାର୍ଥ ପ୍ରତି କାହାର ଦୃଷ୍ଟି ନ ଥାଏ । ନାଗରିକର ଦାୟିତ୍ୱ ବହନ କରିବାକୁ କେହି ପ୍ରସ୍ତୁତ ନଥାନ୍ତି । ଅଜ୍ଞତା, ଭୟ, ସନ୍ଦେହ, ଅବିଶ୍ୱାସ, ଦ୍ୱେଷ, ଘୃଣା, କ୍ରୋଧ, ପ୍ରତିଶୋଧ ପରାୟଣତାର ଶୀକାର ଗ୍ରାମବାସୀ ହୋଇଥାନ୍ତି । ଗ୍ରାମରେ ସ୍ନେହ, ପ୍ରୀତି, ସାହାଯ୍ୟ, ସହଯୋଗ ନଥାଏ । ଗ୍ରାମରେ ଦୁଇଟି ଦଳ ସୃଷ୍ଟି ହୋଇଥାଏ । ଦୁଇଟି ଯାକ ଦଳ ଥାନା ଓ କୋର୍ଟକୁ ଧାଉଁଥାନ୍ତି । ଅପର ପକ୍ଷ ଉପରେ ଦାଉ ସାଧିବାକୁ । ସ୍ୱାମୀ ପଛେ ମରୁ । ସତୁଣୀ ରାଣ୍ଡ ହେଉ ଏହି ନୀତି ଚାଲି ଥାଏ । ଗ୍ରାମର ସମୟ, ଶକ୍ତି ଓ ସମ୍ବଳ ଅପର ପକ୍ଷକୁ ଧ୍ୱଂସ କରିବାରେ ନିୟୋଜିତ ହେଉଥାଏ । ଗ୍ରାମବାସୀଙ୍କର କଷ୍ଟୋପାର୍ଜିତ ଧନ ସହରକୁ ବୋହି ଚାଲିଥାଏ । ସହରର କେତେକ ଲୋକ ଧନୀରୁ ଆହୁରି ଧନୀ ହେଉଥାନ୍ତି । ଦରିଦ୍ର ଗ୍ରାମବାସୀ ଦରିଦ୍ରରୁ ଦରିଦ୍ରତର ହେଉଥାନ୍ତି ।

ଆସିଲା ୧୯୫୪ ମସିହା । ଗ୍ରାମର କେତେକ ସଚେତନ, ନିଃସ୍ୱାର୍ଥପର, ଦେଶପ୍ରାଣ, ଶିକ୍ଷିତ ଓ ନିରକ୍ଷର ଯୁବକ ଗ୍ରାମର ଏ ଅଧୋଗତିକୁ ବନ୍ଦ କରିବାକୁ ବଦ୍ଧ ପରିକର ହେଲେ । ଅତୀତର ଦ୍ୱନ୍ଦ୍ୱ ଓ ତିକ୍ତତାକୁ ଭୁଲି ଯାଇ ଗ୍ରାମର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେମାନେ ଲୋକମାନଙ୍କୁ ପ୍ରବର୍ତ୍ତାଇଲେ ।

ଗାଁରେ ସ୍କୁଲ ନଥାଏ । ଗ୍ରାମବାସୀଙ୍କର ସ୍ୱେଚ୍ଛାକୃତ ସହଯୋଗରେ ୧୯୫୮ ମସିହାରେ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ୧୯୬୫ରେ ମାଧ୍ୟମିକ ଓ ୧୯୭୦ରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ଏହି ଗ୍ରାମରୁ କେତେକ ବିଶ୍ୱବିଦ୍ୟାଳୟ ଓ କଲେଜ ଅଧ୍ୟାପକ, ଏହି ସ୍କୁଲର କେତେକ ଶିକ୍ଷକ, ବୁଦ୍ଧ ଗ୍ରାମ ଓ ତାର ପଡ଼ୋଶୀ ଗ୍ରାମମାନଙ୍କରେ ଜନ ସଂଗଠନ ଓ ଜନ ଜାଗରଣରେ ସମ୍ମୁଖ ଭୂମିକା ଗ୍ରହଣ କଲେ । ଭାରତରେ ପ୍ରାୟ ୬ ଲକ୍ଷ ଗ୍ରାମ ରହିଛି । ପ୍ରାୟ ପ୍ରତ୍ୟେକ ଗ୍ରାମରେ ସ୍କୁଲ ରହିଛି । ସ୍କୁଲ ଶିକ୍ଷକମାନେ ସାମାଜିକ ପ୍ରଗତିର ବାର୍ତ୍ତାବହ

ହୋଇ ପାରନ୍ତେ । ଚୀନରେ ଏକ ପ୍ରବାଦ ଅଛି : ତୁମେ ଯଦି ବର୍ଷକ ପାଇଁ ଯୋଜନା କରିବାକୁ ଚାହଁ କୃଷି କାର୍ଯ୍ୟ କର; ତୁମେ ଯଦି ୧୦ ବର୍ଷ ପାଇଁ ଯୋଜନା କରିବାକୁ ଚାହଁ ତେବେ କୂଅ ଖୋଳ ଯାହାର ପାଣିରେ ଶସ୍ୟ କ୍ଷେତ୍ରରେ ଜଳସେଚନ କରିପାରିବ; ତୁମେ ଯଦି ଶହେ ବର୍ଷ ପାଇଁ ଯୋଜନା କରିବାକୁ ଚାହଁ ତେବେ ବୃକ୍ଷଟିଏ କର । ଏହି ପ୍ରାଚୀନ ଉକ୍ତି ସୂଚିତ କରେ ଯେ ବିକାଶର ଚାବି କାଠି ଶିକ୍ଷା ହାତରେ ରହିଛି ।

ଶିକ୍ଷାର ଗୁରୁତ୍ୱ ନିମ୍ନଲିଖିତ ବିଷୟରୁ ସୂଚିତ ହୁଏ । ଭାରତରେ ତିନି ଚତୁର୍ଥାଂଶ ଲୋକ ଗାଁ ଗହଳରେ ବାସ କରନ୍ତି । ସେମାନଙ୍କ ମଧ୍ୟରୁ ଶତକଡ଼ା ୯୫ ଭାଗ ଲୋକ ହୁକ୍‌ୱାର୍ମ ଦ୍ୱାରା ଆକ୍ରାନ୍ତ । ହୁକ୍‌ୱାର୍ମ ଏକ ପରାଙ୍ଗପୁଷ୍ଟ କୃମି ଯାହା ମଣିଷ ଦେହରେ ରହି ତାର ରକ୍ତ ଶୋଷଣ କରେ ଓ ତାକୁ ଶକ୍ତିହୀନ କରିଦିଏ । ଗାଁ ଗହଳିର ଲୋକମାନେ ଯେତେବେଳେ ଖାଲି ପାଦରେ ପଡ଼ିଆରେ ମଳ ତ୍ୟାଗ କରନ୍ତି, ସେତେବେଳେ ହୁକ୍‌ୱାର୍ମ ତାଙ୍କ ପାଦରେ ଯନ୍ତ୍ରଣା ଦେଇ ପଶିଯାନ୍ତି । ଉପରୋକ୍ତ ଅଞ୍ଚଳରେ ବହୁତ ବୁଝାଇଲା ପରେ କେତେକ ଲୋକ ଘରପାଖି ପାଇଖାନା କରିଛନ୍ତି କିନ୍ତୁ ଅନେକ ଏହା ବ୍ୟବହାର କରନ୍ତି ନାହିଁ । ଏହା ଅଶିକ୍ଷାର ପରିଣାମ । ଆଉ ଗୋଟିଏ କଥା ହେଉଛି, ଗ୍ରାମରେ ଏପରି କେତେକ ଲୋକ ଅଛନ୍ତି ଯେଉଁମାନେ ମଶାରୀ କିଣି ବ୍ୟବହାର କରିପାରିବେ, କିନ୍ତୁ ଅଶିକ୍ଷା ଯୋଗୁ ମଶାରୀ ବ୍ୟବହାର କରନ୍ତି ନାହିଁ । ବହୁ ଗ୍ରାମବାସୀଙ୍କର ଶିଶୁର ଯତ୍ନ, ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ନିମ୍ନତମ ଜ୍ଞାନ ନାହିଁ । ନଗରମାନଙ୍କ ପରି ଗ୍ରାମମାନଙ୍କରେ ମଧ୍ୟ ନିଶାଦ୍ରବ୍ୟର ଦ୍ରୁତ ପ୍ରସାର ଘଟୁଛି । ଉପରୋକ୍ତ ସମସ୍ୟାଗୁଡ଼ିକର ପ୍ରତିକାର ପାଇଁ ଶିକ୍ଷାହିଁ ଏକମାତ୍ର ଆୟୁଧ । ଏହି ଶିକ୍ଷା ନୈତିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ହେବା ବିଧେୟ । ନୈତିକ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ କେତେକ ଶିକ୍ଷିତ ଯୁବକଙ୍କ ଯୋଗୁ ଏହି ଅଞ୍ଚଳର ପରିବେଶ ସଂରକ୍ଷଣ ପାଇଁ ଏକ ବିପ୍ଳବର ସୂତ୍ରପାତ ହୋଇଛି ।

ଭାରତରେ ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି, ପରିବେଶ ପାଇଁ ଘୋର ବିପଦ ସୃଷ୍ଟି କରିଛି । ଜନସଂଖ୍ୟାର ନିୟନ୍ତ୍ରଣ ବିନା ପରିବେଶର ସଂରକ୍ଷଣ ଓ ବିକାଶ ଅସମ୍ଭବ । ସମାଜସେବୀମାନଙ୍କର ନିଷ୍ଠାପର ଉଦ୍ୟମ ଦ୍ୱାରା ଓ ସରକାରଙ୍କର ବିଭିନ୍ନ ପ୍ରୋତ୍ସାହନମୂଳକ ପଦକ୍ଷେପ ଦ୍ୱାରା ଏହି ଅଞ୍ଚଳର ବହୁ ଲୋକ ପରିବାର ନିୟନ୍ତ୍ରଣ କରିଛନ୍ତି ।

ଏହି ଅଞ୍ଚଳର ଜନ ସହଯୋଗର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛି କାଳିକାପ୍ରସାଦ ପଞ୍ଚାୟତର ଚିକିତ୍ସାଳୟ । ଏହି ପଞ୍ଚାୟତର ୧୦ ଖଣ୍ଡ ଗ୍ରାମର ବାସିନ୍ଦା ସେମାନଙ୍କର ବର୍ଷକର ପ୍ରାପ୍ୟ କେରୋସିନ ତେଲରୁ ଅଧା ଦାନ କରି ୯୦ ହଜାର ଟଙ୍କା ସଂଗ୍ରହ କରିଥିଲେ । ସେହି ଅର୍ଥରେ ଚିକିତ୍ସାଳୟ ପ୍ରତିଷ୍ଠିତ କରିଥିଲେ । ଏହା ଲୋକମାନଙ୍କର ଏକ ମୌଳିକ ଆବଶ୍ୟକତା ପୂରଣ କରିଥିଲା ।

କୃଷିର ବିକାଶ ପାଇଁ ଜଳସେଚନର ଆବଶ୍ୟକତା ସର୍ବ ବିଦିତ । ବୃକ୍ଷ ଗ୍ରାମ ପରିବେଶ ଆନ୍ଦୋଳନର ସ୍ୱେଚ୍ଛାସେବୀମାନେ ଗାଁ ଗାଁରେ, ପୋଖରୀ ଦ୍ୱାରା ଜଳସେଚନର ଉତ୍କର୍ଷତା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଉଛନ୍ତି । ବୃହତ୍ ଜଳ ବିଦ୍ୟୁତ୍‌ପ୍ରକଳ୍ପର ଅପକାରିତା ସମ୍ପର୍କରେ ସେମାନେ ସଚେତନ । ଜଳସେଚନ ପାଇଁ ଯେଉଁ ଜଳ ନିୟୋଜିତ ହୁଏ ତାହା ତିନି ସ୍ତରରେ ରହିଥାଏ । ମାଟି ଉପରେ ଥିବା ଜଳ (ସରଫେସ୍ ୱାଟର) ପୋଖରୀ ଓ ନଦୀମାନଙ୍କରେ ଥାଏ । ମାଟି ତଳେ ଥିବା ଜଳ (ସବ୍ ସଏଲ ୱାଟର୍) ମାଟିର ୨୦/୩୦ ଫୁଟ ତଳେ ଥାଏ । ଭୂମି ତଳେ ଥିବା ଜଳ (ଅଣ୍ଡର ଗ୍ରାଉଣ୍ଡ ୱାଟର୍) ମାଟିର ୨୦୦/୩୦୦ ଫୁଟ ତଳେ ଥାଏ । ବୈଜ୍ଞାନିକମାନଙ୍କ ମତରେ ଭୂମି ତଳୁ ଯେଉଁ ପରିମାଣରେ ଜଳ ବାହାର କରାଯାଏ ସେତିକି ଜଳ ଆଉ କେବେ ହେଲେ ଭରଣା ହୁଏ ନାହିଁ । ଏଥି ଯୋଗୁ ମାଟି ତଳେ ଥିବା ପାଣି ଓ ମାଟି ଉପରେ ଥିବା ପାଣିର ପରିମାଣ କମିଯାଏ । ପଞ୍ଜାବରେ ଭୂମି ତଳେ ଥିବା ପାଣିର ପର୍ଯ୍ୟାପ୍ତ ବିନିଯୋଗ ହୋଇଛି । ଏଥି ଯୋଗୁ ପଞ୍ଜାବ ଏକ ଶତାବ୍ଦୀ ମଧ୍ୟରେ ଯେ ମରୁଭୂମିରେ ପରିଣତ ହେବ ଏ ସତର୍କବାଣୀ ଜଣେ ଆମେରିକୀୟ ବୈଜ୍ଞାନିକ ଶୁଣାଉଛନ୍ତି । ଭୂମି ତଳ ପାଣିକୁ ଜଳସେଚନ ପାଇଁ ଉପଯୋଗ କରିବା କ୍ଷତିକାରକ (କାଉଣ୍ଟର ପ୍ରୋଡକ୍ଟିଭ୍) । ଏହି ଆନ୍ଦୋଳନର ଅଭିମୁଖ୍ୟ ହେଉଛି ନିରବଚ୍ଛିନ୍ନ ବିକାଶ (ସଷ୍ଟେନେବୁଲ ଡେଭ୍‌ଲପ୍‌ମେଣ୍ଟ), ଧ୍ୱଂସମୂଳକ ବିକାଶ (ଡେଷ୍ଟ୍ରକ୍‌ଟିଭ୍ ଡେଭ୍‌ଲପ୍‌ମେଣ୍ଟ) ନୁହେଁ । ପ୍ରକୃତି ସହ ସମନ୍ୱୟ ରକ୍ଷା କରି ବିକାଶ କରିବା ହେଉଛି ଏହି ଆନ୍ଦୋଳନର ଅଭିମୁଖ୍ୟ । ଜଙ୍ଗଲ ରକ୍ଷା କରିବା ଦ୍ୱାରା ଓ ବୃକ୍ଷରୋପଣ ଦ୍ୱାରା ଭୂମି ତଳ ଜଳ ପତନକୁ ଊର୍ଦ୍ଧ୍ୱଗାମୀ କରାଯାଇ ପାରିବ । ତେଣୁ ଭୂମି ତଳ ପାଣି ବିନିଯୋଗର ଆବଶ୍ୟକତା ପଡ଼ିବ ନାହିଁ । ମାଟି ଉପର ପାଣି ଓ ମାଟି ତଳ ପାଣି ଦ୍ୱାରା ଆବଶ୍ୟକତା ମେଣ୍ଟା ଯାଇ ପାରିବ ।

ସ୍ୱେଚ୍ଛାସେବୀମାନେ ଗାଁଗାଁ ପଦଯାତ୍ରା କରି ଜଙ୍ଗଲ ସଂରକ୍ଷଣର ଉପକାରିତା ବିଷୟରେ ବୁଝାଉଛନ୍ତି । ଗଛ ମୁଖ୍ୟତଃ ତିନୋଟି ଜିନିଷ ଦିଏ : ପବନ, ପାଣି, ମାଟି । ଗଛ ଅମ୍ଳଜାନ ଦିଏ । ଜଙ୍ଗଲ ବର୍ଷା କରାଏ । ଗଛର ପତ୍ରରୁ ମାଟିର ସୃଷ୍ଟି । ଭୂଭାଗ ଉପରେ ଥିବା ମାଟିକୁ ସାରମାଟି କୁହାଯାଏ । ଏହି ମାଟିର ଉର୍ବରତା ଓ ଉତ୍ପାଦିକା ଶକ୍ତି ଅଧିକ ଥାଏ । ଉପର ୨ ଇଞ୍ଚ ମାଟି ସୃଷ୍ଟି ହେବାକୁ ୧୨ ଶହ ବର୍ଷ ଲାଗେ । ଗଛ ମୃତ୍ତିକା ସଂରକ୍ଷଣ କରେ । ଏହାର ଚେର ମାଟିକୁ ଭିଡ଼ି ରଖେ । ମାଟି ଉପରେ ପଡ଼ିଥିବା ପତ୍ର, ମାଟିକୁ ବର୍ଷା ବାଧାରୁ ରକ୍ଷା କରେ । ପାହାଡ଼ରେ ଗଛ ଥିଲେ, ବର୍ଷା ବେଳେ ପାଣି ଟୋପା ଗଛର ପତ୍ର, ଡାଳ, ଗଣ୍ଡି ଉପରେ ପଡ଼େ । ଝଡ଼ିଲା ପତ୍ରର ଶେଯ ବିଛା ହୋଇଥିବା ଯୋଗୁ, ବର୍ଷା ବିନ୍ଦୁ ଦ୍ୱାରା ମୃତ୍ତିକା କ୍ଷୟ ହୁଏ ନାହିଁ । ପାହାଡ଼ରେ ଗଛ ନଥିଲେ ବର୍ଷା ବିନ୍ଦୁ ମାଟିକୁ ଆଘାତ କରି ମାଟି ଧୋଇ ନେଇଯାଏ । ମୃତ୍ତିକା କ୍ଷୟ ହୋଇ ରୁକ୍ଷ ଜମିର ସାରମାଟି ଉପରେ ବସିଯାଏ । ତଦ୍ୱାରା ଉତ୍ପାଦନ ବାଧାପ୍ରାପ୍ତ ହୁଏ । ମୃତ୍ତିକା କ୍ଷୟ ଯୋଗୁ ନଦୀର ଶଯ୍ୟା ଉପରକୁ ଉଠିଯାଏ । ତଦ୍ୱାରା ବନ୍ୟା ହୁଏ । ନଦୀ ଶଯ୍ୟା ଉପରକୁ ଉଠିଗଲେ, ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଜୁଳି ଉତ୍ପାଦନ କମିଯାଏ । ଦେଶରେ ହୁରି ପଡ଼ିଛି ଜଳସେଚନ ଓ ବିଜୁଳି ପାଇଁ, କିନ୍ତୁ ଜଙ୍ଗଲ ନରହିଲେ ଏ ସବୁ ଯେ ସମ୍ଭବ ନୁହେଁ, ଏ କଥା ଖୁବ୍ କମ୍ ଲୋକ ବୁଝନ୍ତି ।

ପାହାଡ଼ରେ ଗଛ ଥିଲେ, ବର୍ଷା ବିନ୍ଦୁ ଝଡ଼ା ପତ୍ର ଶଯ୍ୟା ଉପରେ ପଡ଼ିଲା ପରେ, ଜଳ ବିନ୍ଦୁ ମାଟି ଭିତରକୁ ଭେଦ କରି ସେଠାରେ ସଞ୍ଚିତ ହୁଏ । ଗଛ ମଧ୍ୟ ନିଜ ଦେହରେ ବର୍ଷା ଜଳକୁ ଧରି ରଖେ । ଏହି ଜଳ ପାହାଡ଼ରେ ବୃକ୍ଷଲତାମାନେ ବର୍ଷସାରା ନିୟନ୍ତ୍ରିତ ଭାବେ ଛାଡ଼ନ୍ତି । ଏଥିରୁ ଚିରସ୍ରୋତା ଝରଣାର ସୃଷ୍ଟି । ଗଛର ଏହି ଅଦ୍ଭୁତ ଜଳ ନିୟନ୍ତ୍ରଣ ଶକ୍ତି ପ୍ରକୃତିର ଏକ ବିସ୍ମୟ । ବୃକ୍ଷ ଛାୟା ପ୍ରଦାନ କରେ ଓ ଉତ୍ତାପ କମାଏ । ଏହା ଆମକୁ ଖାଦ୍ୟ, ବସ୍ତ୍ର, ବାସଗୃହ, ଜାଳ, ଗୋଖାଦ୍ୟ, ଔଷଧ ଆଦି ଦିଏ ।

ବୃକ୍ଷଗିରି ଓ ମାଳତୀର ସଂରକ୍ଷଣ ଯୋଗୁ ଓ ସେଥିରେ ବୃକ୍ଷରୋପଣ ଦ୍ୱାରା, ଚାଦ ଦେଶରେ ଥିବା ଗ୍ରାମବାସୀ ନାଟକୀୟ ଭାବରେ ଉପକୃତ ହୋଇଛନ୍ତି । ମୃତ୍ତିକା କ୍ଷୟ ବନ୍ଦ ହୋଇଛି । ଲୁପ୍ତ ଝରଣାର ପୁଣି ଆବିର୍ଭାବ ହୋଇଛି । ଏହି ଝରଣା ଜଳ ଜଳସେଚନ କରିବାରେ ଓ ପୋଖରୀମାନଙ୍କରେ ମାଛ ଚାଷ କରିବାରେ ସହାୟକ ହୋଇଛି । ଗୋମହିଷାଦି ଗୃହ ପାଳିତ ପଶୁମାନେ ଘାସ, ଡାଳପତ୍ର ଖାଇବା ପାଇଁ ପାଉଛନ୍ତି । ପାହାଡ଼ରେ ଥିବା ପୋକସୁଙ୍ଘା ଆଦି ଅନାବଶ୍ୟକ ବୃକ୍ଷ ଶୁଖିଲା ଡାଳ, ପତ୍ର ଜାଳେଣି ରୂପରେ ଲୋକମାନେ ବ୍ୟବହାର କରୁଛନ୍ତି । କାଙ୍କଡ଼, ଅସାନ୍ଧୁଆ, ପାଣି ଆଳୁ, ବେଲ, ଆମ୍ବ, କାଜୁ ବାଦାମ, ଅଙ୍ଗୀ ଶାଗ ଆଦି ଫଳମୂଳ ଲୋକମାନେ ପାଇ ପାରୁଛନ୍ତି । ଏହି ଅଞ୍ଚଳର ହରିଜନ ମହିଳାମାନେ ପାହାଡ଼ରୁ ଝୁରିକୋଳି, କରଞ୍ଜକୋଳି, ଭଲିଆକୋଳି, ଗୁଆକୋଳି ଆଦି ସଂଗ୍ରହ କରି ଗ୍ରାମମାନଙ୍କରେ ବିକି ଜୀବିକା ନିର୍ବାହ କରୁଛନ୍ତି । ଏହିପରି ଭାବରେ ସମାଜର ଦରିଦ୍ରତମ ବର୍ଗ ଜଙ୍ଗଲ ଦ୍ୱାରା ଉପକୃତ ହେଉଛନ୍ତି । ଖୋଳକୁଟି ସମୟରେ ଗ୍ରାମ ପିଲାମାନେ ଜଙ୍ଗଲକୁ ଯାଇ ଫଳ, ମୂଳ, କୋଳି ଖାଇ ଯେପରି ଆନନ୍ଦ କୋଳାହଳ କରନ୍ତି ତାହା ନଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ । ଏପରି ଭାବରେ ଜଙ୍ଗଲ ମଣିଷର ଓ ପଶୁ ପକ୍ଷୀମାନଙ୍କର ମା' ଭାବରେ ପ୍ରତିଭାତ ହୋଇଛି । ବୃକ୍ଷ ଜୀବର ଜୀବନ । ତାର ଜୀବନର ଏକମାତ୍ର ବାର୍ତ୍ତା "ପରୋପକାରାୟ ଦ୍ରୁମାୟ ।"











ପଦଯାତ୍ରୀବୃନ୍ଦ ନିମ୍ନଲିଖିତ ସଙ୍ଗୀତ ଗ୍ରାମେ ଗ୍ରାମେ ଗାନ କରନ୍ତି ।

ବୃକ୍ଷ ବିନା ବଞ୍ଚିବା ନାହିଁ,
ବୃକ୍ଷ ଗ୍ରାମର ଜୀବନ ଭାଇ ।
ପବନ, ମାଟି ଆଉ ପାଣି,
ବୃକ୍ଷ ଦେବତା ଦିଏ ଆଣି ।
ଖାଦ୍ୟ, ବସ୍ତ୍ର ଓ ବାସଗୃହ,
ବୃକ୍ଷ ଦେବତା ଅନୁଗ୍ରହ ।
ଜାଳେଣି, ଔଷଧ ଓ ଛାୟା,
ପ୍ରକାଶ କରେ ବୃକ୍ଷ ଦୟା ।
ବୃକ୍ଷକୁ ଭାଇ ଯତ୍ନ କର,
ବର୍ଷା ହୋଇବ ଝର ଝର ।
ବୃକ୍ଷ ଦେବତା କଲେ ଦୟା,
ଅଭାବ ନ ରହିବ କାହା ।
ଗଛ ପତ୍ରର ସାର କର,
କୃତ୍ରିମ ସାର ପରିହର ।
ଗଛକୁ ପୋପାଡ଼ିଲେ ଟେକା,
ପାଚିଲା ଫଳ ଦିଏ ସିନା ।
ବୃକ୍ଷ ଛାୟାରେ ଆମେ ରହି,
ବୃକ୍ଷକୁ କାଟୁ ଅନ୍ଧ ହୋଇ ।
ତଥାପି ବୃକ୍ଷ ହୁଏ ସାହା,
କୃତଘ୍ନ ନରେ କରେ ଦୟା ।
ପରୋପକାର ତାର ଧର୍ମ,
ପରାର୍ଥେ ଧରିଛି ଜୀବନ ।
ବୃକ୍ଷ ଦେବତା କଲେ ରୋଷ,
ଅବଶ୍ୟ ଆମେ ଯିବା ନାଶ ।
ବୁଦ୍ଧର ବାଣୀ ଭାଇ ଶୁଣ,
ବୃକ୍ଷ ରୋପଣ ସେ ନିର୍ବାଣ ।
ବୃକ୍ଷଙ୍କ ମଧ୍ୟେ ମୁଁ ଅଶ୍ୱତ୍ଥ,
ବୋଲନ୍ତି ପ୍ରଭୁ ସେ ଶ୍ରୀକୃଷ୍ଣ ।

ସ୍ୱାଧୀନତା ପୂର୍ବରୁ ବୁଢ଼ଗିରି ଓ ମାଳତୀ ସବୁଜ ବନାନୀରେ ସୁଶୋଭିତ ଥିଲା । ବହୁ ଝରଣା ତାହା କୋଳରେ ନାଚି ନାଚି ପାଦଦେଶକୁ ଧାଇଁ ଆସୁଥିଲେ । ସ୍ୱାଧୀନତା ପରେ ଲୋକ ସଂଖ୍ୟା ବଢ଼ି ଚାଲିଲା । ଲୋକମାନଙ୍କର ସରକାରଙ୍କ ପ୍ରତି ଭୟ କମିଲା । ସରକାର ଜଙ୍ଗଲକୁ ଆୟର ଏକ ପନ୍ଥା ବୋଲି ଧରି ନେଲେ । ଗଛର ପରିବେଶୀୟ (ଇକୋଲୋଜିକାଲ୍) ମୂଲ୍ୟ ଯେ ଆର୍ଥିକ ମୂଲ୍ୟ ଠାରୁ ଯଥେଷ୍ଟ ଅଧିକ ତାହା ଲୋକେ ଓ ସରକାର ବୁଝିଲେ ନାହିଁ । ପ୍ରକୃତି ସହିତ ଭାରସାମ୍ୟ ରକ୍ଷା କରି ଚଳିବାର ଉପକାର ବୁଝିଲେ ନାହିଁ । ପରିବେଶ ଉପରେ ହେଲା ଆକ୍ରମଣ । ଜଙ୍ଗଲରୁ ଗଛପତ୍ର ଯିବା ସଙ୍ଗେସଙ୍ଗେ ପଶୁ, ପକ୍ଷୀ ଆଦି ବିଲୁପ୍ତ ହେଲେ । ବୁଢ଼ଗିରି ପାହାଡ଼ ଲଣ୍ଡା ହେଲା ।

୧୯୬୯ ମସିହାରୁ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ୧୯୭୬ ମସିହାରେ ବୁଢ଼ ଗ୍ରାମ ଗ୍ରାମବାସୀ ଠେଙ୍ଗା ପାଳି କଲେ । ସନ୍ଧ୍ୟା ବେଳେ ୨ ଜଣଙ୍କ ଘରଆଗରେ ଠେଙ୍ଗା ଥୁଆହୋଇ ଦିଆଯାଇ ଥାଏ । ତା ପର ଦିନ ସେ ଦୁଇ ଜଣ ଠେଙ୍ଗା ହାତରେ ଧରି ଜଙ୍ଗଲ ସାରା ବୁଲି ଜଙ୍ଗଲର ସୁରକ୍ଷା କରି ସନ୍ଧ୍ୟାରେ ଗ୍ରାମକୁ ଫେରନ୍ତି । ଛେଳିମାନେ ଜଙ୍ଗଲ ଗଛର ପରମ ଶତ୍ରୁ । ଗ୍ରାମବାସୀ ଏକ ସାହସିକ ପଦକ୍ଷେପ ନେଲେ । ଛେଳି ସବୁ ବିକ୍ରି କରିଦେଲେ । ତା ଫଳରେ ହଜାର ହଜାର ଗଛ ଉଠିଲା । ଏ ଅଞ୍ଚଳର ଗରିବ ଲୋକମାନେ ଜାଳେଣୀ ଅଭାବରୁ ଦିନକୁ ଥରେ ମାତ୍ର ରୋଷେଇ କରନ୍ତି । ସେହି ଭାତ ଦିନରେ ୪ ଥର ଖାଆନ୍ତି । ଉପରୋକ୍ତ ଘଟଣାରୁ ଜଙ୍ଗଲର ସଂରକ୍ଷଣ ପାଇଁ ଜନସାଧାରଣଙ୍କର ତ୍ୟାଗ କଳନା କରାଯାଇ ପାରେ ।

ବୁଢ଼ଗ୍ରାମରେ ଜଙ୍ଗଲ ସୁରକ୍ଷା ପରେ, ହଣାଯାଇଥିବା ଗଛମୂଳରୁ ଗଛ ବାହାରିବାରେ ଲାଗିଲା । ପଡ଼ୋଶୀ ଗ୍ରାମବାସୀମାନଙ୍କର ଲୋଲୁପ ଦୃଷ୍ଟି ଏହି ଜଙ୍ଗଲ ଉପରେ ପଡ଼ିଲା । ସ୍ୱେଚ୍ଛାସେବୀମାନେ ଗ୍ରାମେଗ୍ରାମେ ଯାଇ ଜଙ୍ଗଲର ସଂରକ୍ଷଣ ପାଇଁ ଲୋକଙ୍କୁ ବୁଝାଇଲେ । ଯେତେବେଳେ ଗ୍ରାମବାସୀମାନେ ତାଙ୍କ କଥା ଶୁଣିଲେ ନାହିଁ, ପଦଯାତ୍ରା କଲେ, ଧର୍ମଘଟ କଲେ, ଗ୍ରାମ ଦାଣ୍ଡରେ ଶୋଇ ରହିଲେ ଓ ଅନଶନ କଲେ । ଏହି ନୈତିକ ପ୍ରବର୍ତ୍ତନା ଫଳରେ ଗ୍ରାମବାସୀମାନଙ୍କ ହୃଦୟରେ ପରିବର୍ତ୍ତନ ଆସିଲା । ସେମାନେ ଜଙ୍ଗଲର ସଂରକ୍ଷଣ ପାଇଁ ନିଷ୍ପତ୍ତି ନେଲେ ।

ବୁଢ଼ଗ୍ରାମରେ ଛେଳି ବିକ୍ରୀ କରିଦେଲା ପରେ ଏକ କୌତୁହଳ ପୂର୍ଣ୍ଣ ଘଟଣା ଘଟିଲା । ବୁଢ଼ଗ୍ରାମରେ କେତେକ ବାବଲ ଗଛ ଥିଲା । ବାବଲ ଗଛର ଫଳ ଖାଇବାକୁ ଗୋରୁଗାଈ ବହୁତ ଭଲ ପାଆନ୍ତି । ବାବଲ ଫଳ ଖାଇ ସାରିଲା ପରେ ସେମାନେ ଯେଉଁ ମଳତ୍ୟାଗ କରନ୍ତି, ସେହି ମଳର ଉଷ୍ମତା, ବାବଲ ମଞ୍ଜିରୁ ଗଛ ସୃଷ୍ଟି କରିବାରେ ଅନୁକୂଳ ହୁଏ । ଏହିପରି ଭାବରେ ବୁଢ଼ଗ୍ରାମର ପାହାଚ ଚଳ, ପୋଖରୀ ହୁଡ଼ା, ନଦୀକୂଳ ଓ ରାସ୍ତାକଡ଼ରେ ଶହଶହ ବାବଲ ଗଛର ସୃଷ୍ଟି ହୋଇଛି । ସେ ଦୃଶ୍ୟ ଏକ ଅଦ୍ଭୁତ ଦୃଶ୍ୟ । ଏହି ପ୍ରକ୍ରିୟାରେ ହଜାର ହଜାର ଟଙ୍କା ମୂଲ୍ୟର ଗଛ ସୃଷ୍ଟି କରିବାରେ ଗ୍ରାମବାସୀ ସକ୍ଷମ ହୋଇଛନ୍ତି ।

ବୁଢ଼ଗ୍ରାମ ପାର୍ଶ୍ୱରେ କୁସୁମୀ ନଦୀ ପ୍ରବାହିତ । ନଦୀ କୂଳରେ ଥିବା ଗଛଗୁଡ଼ିକ ନଦୀ କୂଳକୁ ସୁରକ୍ଷିତ କରୁଛନ୍ତି । ସେହି ଗଛଗୁଡ଼ିକର ସ୍ୱତ୍ୱ ପାଖରେ ଥିବା ଜମିର ମାଲିକ କରନ୍ତି । ଗ୍ରାମବାସୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଯେତେବେଳେ ଗଛଟି ପରିପକ୍ୱ ହୁଏ ସେତେବେଳେ ଏହି ଗଛର କାଠକୁ ଗ୍ରାମବାସୀ ଓ ଗଛକୁ ଜଗିଥିବା କୃଷକ ମଧ୍ୟରେ ସମାନ ଭାଗରେ ବଣ୍ଟାଯାଏ । ଗଛର ଫଳ-ଫୁଲ, ପତ୍ର ଇତ୍ୟାଦି ଜଗିଥିବା କୃଷକ ଉପଭୋଗ କରେ । ଏହି ନିଷ୍ପତ୍ତିର ସୁଦୂର ପ୍ରସାରୀ ପ୍ରଭାବ ରହିଛି । ଏହା ସାରା ଦେଶରେ କାର୍ଯ୍ୟକାରୀ ହୋଇ ପାରିବ ।

ସାରା ଦେଶରେ ପ୍ରକୃତି ପ୍ରେମୀ ଓ ପରିବେଶ ବିଜ୍ଞାନୀମାନେ ଏକ ବିସ୍ତାରଣୀୟ ଜାତୀୟ ନୀତି ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି । କୃଷି ଭାରତର ଗ୍ରାମବାସୀଙ୍କର ପ୍ରଧାନ ଜୀବିକା । ଜଙ୍ଗଲ ନୀତି କୃଷିର ସହାୟକ ଏବଂ ପରିପୂରକ ହେବା ଉଚିତ । ଜଙ୍ଗଲ ଉପରେ ଜନସାଧାରଣଙ୍କ କର୍ତ୍ତୃତ୍ୱ ରହିବା ଉଚିତ ଏବଂ ସେମାନଙ୍କ ଦ୍ୱାରା ଜଙ୍ଗଲ ପରିଚାଳିତ ହେବା ଉଚିତ । ସ୍ୱିଜରଲ୍ୟାଣ୍ଡରେ ୯୦ ଭାଗ ଜଙ୍ଗଲ ଲୋକମାନଙ୍କ ଦ୍ୱାରା ନିୟନ୍ତ୍ରିତ । ଇସ୍ରାଏଲରେ ଜଙ୍ଗଲ ବିଭାଗ ନାହିଁ । ଏହାର ଅର୍ଥ ସେ ଦେଶର ଜଙ୍ଗଲ ଜନସାଧାରଣ ପରିଚାଳନା କରନ୍ତି । ପ୍ରାଚୀନ କାଳରୁ ଭାରତରେ ଜଙ୍ଗଲ ଲୋକମାନଙ୍କର କର୍ତ୍ତୃତ୍ୱ ଓ ନିୟନ୍ତ୍ରଣରେ ରହିଥିଲା । ୧୮୭୮ ମସିହାରେ ବ୍ରିଟିଶ ସରକାର ଜଙ୍ଗଲ ଉପରେ ସରକାରଙ୍କ କର୍ତ୍ତୃତ୍ୱ ଘୋଷଣା କଲେ । ତା ପରେ ଲୋକମାନେ ଭାବିଲେ ଯେ ଜଙ୍ଗଲ ସେମାନଙ୍କର ନୁହେଁ । ଜଙ୍ଗଲ ଓ ଲୋକମାନଙ୍କ ଭିତରେ ବିଚ୍ଛିନ୍ନତା (ଆଲିଏନେସନ୍) ଆସିଲା ।

ବୁଢ଼ଗ୍ରାମ ପରିବେଶ ଆନ୍ଦୋଳନରେ ନିମ୍ନଲିଖିତ ନୀତି ଉପରେ ଗୁରୁତ୍ୱ ଦିଆଯାଇ ଆସିଛି । ସ୍ୱେଚ୍ଛାସେବୀ ମାନେ ଗ୍ରାମେ ଗ୍ରାମେ ନିମ୍ନଲିଖିତ ବାର୍ତ୍ତା ପହଞ୍ଚାଇଛନ୍ତି । ଯେଉଁ ଗ୍ରାମରେ ଜଙ୍ଗଲ ସଂରକ୍ଷଣ ପାଇଁ ଉଦ୍ୟମ ଚାଲିଛି, ସେଠାରେ ଯଦି କେତେକ ଲୋକ ବା ପଡ଼ୋଶୀ ଗ୍ରାମର ଲୋକମାନେ ଜଙ୍ଗଲ ନଷ୍ଟ କରନ୍ତି, ଏହି ସମସ୍ୟାର ଆପୋଷରେ ସମାଧାନ ହେବା ଉଚିତ । ଆନ୍ଦୋଳନର ଏକ ମୂଳ ନୀତି ହେଲା ସମସ୍ୟାର ସମାଧାନ ପାଇଁ, କୌଣସି ପରିସ୍ଥିତିରେ ଥାନା, କୋର୍ଟ ଓ ଜଙ୍ଗଲ ବିଭାଗର ଦ୍ୱାରସ୍ଥ ନହେବା । ଲୋକମାନେ ଜଙ୍ଗଲ ସୃଷ୍ଟି ଏବଂ ସଂରକ୍ଷଣ କରନ୍ତି । ସେମାନେ ଯଦି ଜଙ୍ଗଲ ଧ୍ୱଂସ କରନ୍ତି, ତାର ପ୍ରତିକାର ନାହିଁ । ସମସ୍ୟାର ସମାଧାନ ପାଇଁ ବାହ୍ୟ ସଂସ୍ଥାର ସହାୟତା ନେବାରେ ବିପଦ ରହିଛି । ଏହି ବାହ୍ୟ ସଂସ୍ଥା ପରିସ୍ଥିତିକୁ ସେମାନଙ୍କ ଭାବରେ ବିଶାଳ କରିଦେବାର ଆଶଙ୍କା ରହିଛି । ଆମେ ଯେତେବେଳେ ଆମ ଗ୍ରାମ ବା ପଡ଼ୋଶୀ ଗ୍ରାମକୁ ନିୟନ୍ତ୍ରଣ କରିପାରୁନାହୁଁ, ଏହି ବାହ୍ୟ ସଂସ୍ଥାକୁ କିପରି ବା ନିୟନ୍ତ୍ରଣ କରି ପାରିବା । ସାଧାରଣତଃ ଦେଖାଯାଏ ଯେ ବାହ୍ୟ ସଂସ୍ଥାର ସାହାଯ୍ୟ ନେଲା ପରେ ଦଳାଦଳି, ମାମଲା ମୋକଦ୍ଦମା ଆରମ୍ଭ ହୋଇଛି ଓ ଗ୍ରାମର ଅର୍ଥ ବାହାରକୁ ଚାଲି ଯାଉଛି । ଜଙ୍ଗଲ ଧ୍ୱଂସ

ହୋଇ ନାହିଁ. ତା ସଙ୍ଗେସଙ୍ଗେ ଗ୍ରାମର ଏକତା ଧୂଳିସାତ୍ ହୋଇଛି । ତେଣୁ ସଙ୍କଟ ସମୟରେ ଲୋକଙ୍କୁ ବୁଝାଇ, ମନାଇ କାର୍ଯ୍ୟ ହାସଲ କରିବା ଆନ୍ଦୋଳନର ଆଭିମୁଖ୍ୟ ହୋଇ ଆସିଛି ।

ସ୍ୱେଚ୍ଛାସେବୀମାନେ ଯେତେବେଳେ ଗାଁରୁ ଗାଁ ପଦଯାତ୍ରା କରନ୍ତି ସେତେବେଳେ ଗ୍ରାମବାସୀ ମାନେ ଜଙ୍ଗଲର ସଂରକ୍ଷଣ ପାଇଁ ଫରେଷ୍ଟ ଗାର୍ଡ ଅବସ୍ଥାପନର ବ୍ୟବସ୍ଥା କରିବାକୁ ଅନୁରୋଧ କରନ୍ତି । କିନ୍ତୁ ଆନ୍ଦୋଳନର ଅନ୍ୟ ଏକ ମୂଳ ନୀତି ହେଲା: ଜଙ୍ଗଲର ସୁରକ୍ଷା କେବଳ ଲୋକମାନଙ୍କ ଦ୍ୱାରା ହୋଇ ପାରିବ । ଫରେଷ୍ଟ ଗାର୍ଡ ଉକ୍ତ ଅଞ୍ଚଳର ନହୋଇ ପାରନ୍ତି । ତେଣୁ ତାଙ୍କର ବା କାହିଁକି ଜଙ୍ଗଲ ସଂରକ୍ଷଣ ପାଇଁ ଦରଦ ରହିବ ? ଯୁଗେଯୁଗେ ଜଙ୍ଗଲ ଲୋକମାନଙ୍କ ଦ୍ୱାରା ସଂରକ୍ଷିତ ହୋଇ ଆସିଛି ।

ସ୍ୱେଚ୍ଛାସେବୀମାନେ ଗାଁ ଗାଁରେ ଗୋଟିଏ କଥା ଲକ୍ଷ୍ୟ କରିଛନ୍ତି । ଗାଁମାନଙ୍କରେ ସାମାଜିକ ସଂହତି ନାହିଁ । ସାମାଜିକ ସଂହତି ସାମାଜିକ ସଂଗଠନରୁ ଉଦ୍ଭୂତ । ସାମାଜିକ ସଂହତିରୁ ରାଜନୀତିକ ସଂଗଠନର ଜନ୍ମ । ରାଜନୀତିକ ସଂଗଠନ ରାଜନୀତିକ ଅନୁଷ୍ଠାନର ଜନ୍ମଦାତ୍ରୀ । ରାଜନୀତିକ ପ୍ରକ୍ରିୟାରେ ଲୋକମାନଙ୍କ ଅଂଶ ଗ୍ରହଣ ଦ୍ୱାରା ରାଜନୀତିକ ସଂଗଠନ ଗଢ଼ିଉଠେ । ଏହା ଫଳରେ ରାଜନୀତିକ ସଙ୍କଳ୍ପ (ପଲିଟିକାଲ୍‌ୱିଲ୍) ଦୃଢ଼ୀଭୂତ ହୁଏ । ରାଜନୀତିକ ସଙ୍କଳ୍ପରୁ ଆର୍ଥନୀତିକ ବିକାଶ ହୁଏ । ସାମାଜିକ ସଂହତି ଓ ରାଜନୀତିକ ସଙ୍ଗଠନ ଯୋଗୁଁ ବୁଢ଼ଗ୍ରାମର ଲୋକେ ୩୪ ବର୍ଷ ହେଲା ଥାନା, କୋର୍ଟ, କଚେରୀକୁ ଯାଇନାହାନ୍ତି । ଏହା ଫଳରେ ଏହି ଗ୍ରାମର ଜଳସେଚନ, ପରିବାର ନିୟନ୍ତ୍ରଣ, ଶିକ୍ଷା, ପରିବେଶ ସଂରକ୍ଷଣ ଆଦିର ଆର୍ଥନୀତିକ ବିକାଶ ସମ୍ଭବ ହୋଇଛି । ଯେଉଁ ଗ୍ରାମମାନଙ୍କରେ ସକ୍ରିୟ କର୍ମୀମାନେ ମାନବିକ, ନୈତିକ, ଆଧ୍ୟାତ୍ମିକ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ଏବଂ ଗ୍ରାମବାସୀଙ୍କୁ ସେହି ମନ୍ତ୍ରରେ ଦୀକ୍ଷିତ କରିପାରିଛନ୍ତି, ସେହି ଗ୍ରାମମାନଙ୍କର ବିକାଶ ତ୍ୱରାନ୍ୱିତ ଓ ସ୍ଥାୟୀ ହୋଇଛି । ଯେଉଁ ଗ୍ରାମମାନଙ୍କରେ ନୈତିକ ମୂଲ୍ୟବୋଧର ଅବକ୍ଷୟ ଓ ଅଧଃପତନ ହୋଇଛି ସେହି ଗ୍ରାମମାନଙ୍କର ସାମାଜିକ ସଂହତି, ରାଜନୀତିକ ସଂଗଠନ ଓ ଆର୍ଥନୀତିକ ବିକାଶ ହୋଇ ପାରିନାହିଁ । ବୁଢ଼ଗ୍ରାମ ଆନ୍ଦୋଳନର ମହାଶିକ୍ଷା ହେଉଛି: ଆର୍ଥନୀତିକ ବିକାଶ ନୈତିକ ମୂଳଦୁଆ ଉପରେ ପ୍ରତିଷ୍ଠିତ ।

ବୁଢ଼ଗ୍ରାମରେ ଏକ ଅନୁପମ ରାଜନୀତିକ ବ୍ୟବସ୍ଥା ପ୍ରଚଳିତ ହୋଇଛି ଯାହାକି ଭାରତରେ ଅଦ୍ୱିତୀୟ । ସୁଦୂର ସ୍ୱିଡେନ୍ ଓ ବିଲାତରୁ ସମାଜସେବୀମାନେ ବୁଢ଼ଗ୍ରାମକୁ ଆସି ଏହି ବ୍ୟବସ୍ଥାର ଉଚ୍ଚ ପ୍ରଶଂସା କରିଛନ୍ତି । ୧୯୬୧ ମସିହାରୁ ଏହି ଗ୍ରାମରେ ବାର୍ଷିକ ସାବାଳକ (୧୮ ବର୍ଷ) ଭୋଟ ବ୍ୟବସ୍ଥା ରହି ଆସିଛି । ନିର୍ବାଚନରେ ଗୁପ୍ତମତ ଦାନର ବ୍ୟବସ୍ଥା ରହିଛି । ଗ୍ରାମବାସୀ ପ୍ରତିବର୍ଷ ୫ ଜଣ ପ୍ରତିନିଧିଙ୍କୁ ଗ୍ରାମ ଚଳାଇବା ପାଇଁ ନିର୍ବାଚିତ କରନ୍ତି । ଏମାନେ ବର୍ଷକ ପାଇଁ ଗ୍ରାମ ଚଳାନ୍ତି । ଉକ୍ତ ପଞ୍ଚାୟତର ମୁଖ୍ୟ ହେଉଛନ୍ତି ଗ୍ରାମଣୀ । ଏତଦ୍ ବ୍ୟତୀତ ଧାନ ହିସାବ ରଖିବାକୁ ଓ ଗ୍ରାମର ଆୟବ୍ୟୟର ହିସାବ ବୁଝିବାକୁ ୨ଜଣ ସେକ୍ରେଟେରୀଙ୍କୁ ଗ୍ରାମବାସୀ ନିର୍ବାଚିତ କରନ୍ତି । ପ୍ରତିବର୍ଷ ନିର୍ବାଚନ ହେଉଥିବା ଯୋଗୁଁ ଲୋକମାନଙ୍କର ନେତୃତ୍ୱ ଉପରେ ଆସ୍ଥା ରହୁଛି । ଲୋକ ପ୍ରତିନିଧିମାନଙ୍କର ବିଶ୍ୱାସ ରହୁଛି ଯେ ତାଙ୍କ ପଛରେ ଜନ ସମର୍ଥନ ରହୁଛି । ରାଜନୀତିକ ପ୍ରକ୍ରିୟାରେ ଲୋକମାନେ ନିୟମିତ ଅଂଶ ଗ୍ରହଣ କରୁଥିବା ଯୋଗୁଁ ରାଜନୀତିକ ବ୍ୟବସ୍ଥାର ବୈଧତା ଦୃଢ଼ୀଭୂତ ହେଉଛି ଏବଂ ଏହାର କାର୍ଯ୍ୟକାରୀ ଶକ୍ତି ବୃଦ୍ଧି ପାଉଛି । ବୁଢ଼ଗ୍ରାମର ପରିବର୍ତ୍ତନରେ ଗଣତାନ୍ତ୍ରିକ ରାଜନୀତି ଏବଂ ସୃଜନଶୀଳ ଶକ୍ତି ଭାବେ କାମ କରୁଛି । ଗଣତାନ୍ତ୍ରିକ ରାଜନୀତି ଯୋଗୁଁ ଗ୍ରାମର ସାଧାରଣ ଲୋକ କ୍ଷମତାକୁ ଆସି ପାରୁଛନ୍ତି । ସାଧାରଣ ଲୋକେ କ୍ଷମତାକୁ ଆସିବା ଯୋଗୁ ସେମାନଙ୍କର ଦାୟିତ୍ୱବୋଧ ବୃଦ୍ଧି ପାଉଛି । ସେମାନେ ଶାସନ ପ୍ରକ୍ରିୟାର ସୁବିଧା ଅସୁବିଧା ବୁଝି ପାରୁଛନ୍ତି । ଗ୍ରାମ ଶାସନ ପ୍ରତି ବିରୋଧ ଭାବ ହ୍ରାସ ପାଉଛି । ଯାହା ପ୍ରତି ଜନ ସମର୍ଥନ ରହୁଛି, ସେ କ୍ଷମତା ବଳୟ ଭିତରକୁ ପଶି ପାରୁଛି । ଏତଦ୍ଦ୍ୱାରା ଗ୍ରାମରେ ବିଭିନ୍ନ କ୍ଷମତାସୀନ ଗୋଷ୍ଠୀ ଓ କ୍ଷମତା ବଳୟ ବାହାରେ ରହିଥିବା ଗୋଷ୍ଠୀ ପରସ୍ପରର ଦୃଷ୍ଟିକୋଣ ପସନ୍ଦ କରି ପାରୁଛନ୍ତି ଏବଂ ଗ୍ରାମରେ ଜନ ସହଯୋଗ ବୃଦ୍ଧି ପାଉଛି । ସଙ୍ଘର୍ଷ ପରିବର୍ତ୍ତେ ସହଯୋଗର ବାତାବରଣ ସୃଷ୍ଟି ହେଉଛି । ସଙ୍ଘର୍ଷ ଲୋକ ଶକ୍ତିର ଅଭ୍ୟୁଦୟ ଘଟିଛି । ଏହା ଫଳରେ ଗ୍ରାମ ନାଗମୁଣ୍ଡଳି, ମାନପୁର, କାଳିକାପ୍ରସାଦ, ବୁଢ଼ଗିରି, ଗମେଇ, ପାଟୁଲିସାହିକୁ ପ୍ରସାର ଲାଭ କରିଛି । ଏହି ବ୍ୟବସ୍ଥା ବୁଢ଼ଗ୍ରାମର ପଡ଼ୋଶୀ ଗମାରିଡ଼ିହ, ଭୁଆଁଶିଆଁ, ଅଙ୍ଗସିଙ୍ଗ, ବଡ଼ଗୋରଡ଼ା, ସାନଗୋରଡ଼ା,

ବୁଢ଼ଗ୍ରାମର ପରିବେଶ ଆନ୍ଦୋଳନରେ ସାମାଜିକ ବନୀକରଣ ପାଇଁ ଯେଉଁ ଉଦ୍ୟମ ଚାଲିଛି, ତାହା ୬ଟି ସଂସ୍ଥାର ସହଯୋଗରେ ସମ୍ଭବ ହୋଇ ପାରିଛି । ସେଗୁଡ଼ିକ ହେଲା: ଜନସାଧାରଣ, ଗ୍ରାମ ନେତା, ସାମାଜିକ ନେତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ ବିଭାଗ ଓ ରାଜନୀତିକ ନେତୃବୃନ୍ଦ ।

ଏ ସମସ୍ତ ପ୍ରଚେଷ୍ଟା ପଛରେ ଗୋଟିଏ ଶକ୍ତି ରହିଛି । ତାହା ହେଲା ଲୋକ ଶକ୍ତି । ବୁଢ଼ଗ୍ରାମର ଆନ୍ଦୋଳନର ସଫଳତା ପାଇଁ ଜନସାଧାରଣଙ୍କ ତ୍ୟାଗ ସର୍ବାଧିକ ।

ଦ୍ୱିତୀୟରେ, ଗ୍ରାମନେତାମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ଜନ ସାଧାରଣଙ୍କ ମଧ୍ୟରୁ ଆସନ୍ତି ଓ ଲୋକମାନଙ୍କ ଭିତରେ ରହି କାର୍ଯ୍ୟ କରନ୍ତି । ଗ୍ରାମ ପରିଚାଳନା ଓ ପ୍ରଗତିର ଭାର ସେମାନେ ବହନ କରନ୍ତି । ସେମାନଙ୍କୁ ବହୁ ଝଡ଼ ଝଞ୍ଜାର ସମ୍ମୁଖୀନ ହେବାକୁ ପଡ଼େ ।

ସାମାଜିକ ନେତୃବୃନ୍ଦ ହେଉଛନ୍ତି ତୃତୀୟ ଶକ୍ତି । ଏମାନଙ୍କ ଜୀବନର ବ୍ରତ ହେଉଛି ଜନସେବା । ନୂତନ ଚିନ୍ତା ଓ ନିଜର ରଚନାତ୍ମକ କାର୍ଯ୍ୟ ଦ୍ୱାରା ଜନଶକ୍ତିକୁ କ୍ରିୟାଶୀଳ କରନ୍ତି ଓ ଜନମାନସକୁ ଉନ୍ନତ ସ୍ତରକୁ ଆଣନ୍ତି । ଜନସାଧାରଣଙ୍କ ପାଇଁ ଚିରନ୍ତନ ପ୍ରେରଣାର ଉତ୍ସ ହୋଇ ରହନ୍ତି । ଏମାନଙ୍କର ଉତ୍ସାହ, ଉଦ୍ଦୀପନା ଆନ୍ଦୋଳନକୁ ଗତିଶୀଳ କରାଏ । ଆନ୍ଦୋଳନରୁ ଅନୁଭୂତ ହୋଇଛି ଯେ କେହି ଏକାଧାରରେ ପ୍ରେରଣାର ଉତ୍ସ ରୁହନ୍ତି । ସମୟ ସମୟରେ ଦେଖାଯାଇଛି ଯେ, ଯେତେବେଳେ ସାମାଜିକ ନେତୃବୃନ୍ଦଙ୍କର ଉତ୍ସାହ ଭାଙ୍ଗି ଯାଇଛି ଓ ସାହସ ହରାଇଛନ୍ତି, ସେହି ସଙ୍କଟଜନକ ମୁହୂର୍ତ୍ତରେ ଜନସାଧାରଣ ଆଗେଇ ଆସି ବାଟ ଦେଖାନ୍ତି ଓ ସାମାଜିକ ନେତୃବୃନ୍ଦଙ୍କର ପ୍ରେରଣାର ଉତ୍ସ ହୁଅନ୍ତି ।

ବୁଢ଼ଗ୍ରାମ ପରିବେଶ ଆନ୍ଦୋଳନରେ ଶିକ୍ଷକମାନେ (ପ୍ରାଥମିକ ସ୍କୁଲରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ) ନେତୃତ୍ୱ ନେଇଛନ୍ତି । ସେମାନେ ଓ କେତେକ କୃଷକ ସାମାଜିକ ନେତା ଭାବରେ କାର୍ଯ୍ୟ କରୁଛନ୍ତି । ଭାରତର ପ୍ରାୟ ପ୍ରତି ଗ୍ରାମରେ ସ୍କୁଲ୍ ରହିଛି । ସ୍କୁଲ୍ ଶିକ୍ଷକମାନଙ୍କୁ ରବିବାର ଓ ଅନ୍ୟାନ୍ୟ ଛୁଟି ଦିବସମାନଙ୍କରେ (ଦଶହରା, ଖରାଛୁଟି) ଅବସର ମିଳେ । ସେମାନେ ଯଦି ସେହି ସମୟରେ ଜନସାଧାରଣଙ୍କୁ ସଂଗଠିତ କରି ଦେଶ ଗଠନ କାର୍ଯ୍ୟରେ ବ୍ରତୀ ହୁଅନ୍ତେ, ତାହାହେଲେ ଦେଶର ଭାଗ୍ୟ ବଦଳି ଯାଆନ୍ତା । କେତେକ ଶିକ୍ଷକଙ୍କର ସୀମିତ ଦୃଷ୍ଟିକୋଣ ଯୋଗୁ ଆନ୍ଦୋଳନର ଅଗ୍ରଦୂତମାନଙ୍କୁ ଦୁଃଖଭୋଗ କରିବାକୁ ପଡ଼ିଛି । କେତେକଙ୍କର ଈର୍ଷା, ଦ୍ୱେଷ, ଅସୂୟା, ଆନ୍ଦୋଳନର ସାରଥିମାନଙ୍କ ପ୍ରାଣରେ ଗଭୀର ଆଘାତ ଦେଇଛି । ସେମାନଙ୍କର ଈର୍ଷାର ସୃଷ୍ଟି ଅଜ୍ଞତାରୁ ।

ସ୍ୱେଚ୍ଛାସେବୀ ସଂସ୍ଥାମାନେ ଚତୁର୍ଥ ଶକ୍ତି ଭାବେ କାର୍ଯ୍ୟ କରିଛନ୍ତି । କଲେଜମାନଙ୍କର ଜାତୀୟ ସେବା ସଂସ୍ଥା ଏହି ଆନ୍ଦୋଳନକୁ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରିଛନ୍ତି ।

ସରକାରଙ୍କ ପରିବେଶ ବିଭାଗ, ବନ ବିଭାଗ, ଅନୁଚିଭାଗ ଆଦିଙ୍କର ପରାମର୍ଶ, ସାହାଯ୍ୟ, ସହଯୋଗ ଆନ୍ଦୋଳନକୁ ଏତେବାଟ ଆଗେଇ ଆଣିବାରେ ସାହାଯ୍ୟ କରିଛି ।

ରାଜନୀତିକ ନେତାମାନେ ଏହି ଆନ୍ଦୋଳନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିନାହାନ୍ତି । କେତେକ ରାଜ୍ୟସ୍ତରୀୟ ନେତା ଏହି ଆନ୍ଦୋଳନର ଅଗ୍ରଗତିରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି । ସେମାନେ ଦଳୀୟ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ଆନ୍ଦୋଳନର ପୁରୋଧାମାନଙ୍କୁ ବିବ୍ରତ କରିଛନ୍ତି

ଏବଂ ସେମାନଙ୍କୁ ନିଜର ରାଜନୀତିକ ପ୍ରତିଦ୍ୱନ୍ଦୀ ରୂପେ ଦେଖୁଛନ୍ତି । ସମାଜସେବାକୁ ସେମାନେ କ୍ଷମତା-ରାଜନୀତିର ଚିତ୍ର ଦେଉଛନ୍ତି । ଯେଉଁମାନେ ଜୀବନରେ ନିଃସ୍ୱାର୍ଥପର ସେବାକରି ନାହାନ୍ତି, କେତେକ ଲୋକ ଯେ ନିଃସ୍ୱାର୍ଥପର ସେବା କରନ୍ତି, ତାହା ସେମାନେ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି ।

ବୃକ୍ଷଗ୍ରାମ ପରିବେଶ ଆନ୍ଦୋଳନରେ ନିମ୍ନଲିଖିତ ପଦ୍ଧତି (ଟେକ୍‌ନିକ୍) ଗୁଡ଼ିକର ପ୍ରୟୋଗ କରାଯାଉଛି ।

ପ୍ରଥମରେ, ଗାଁ ଗାଁ ବୁଲି ଲୋକଙ୍କୁ ଜଙ୍ଗଲ, ଗଛର ଉପକାରିତା ସମ୍ପର୍କରେ ସଚେତନ କରାଯାଉଛି ।

ଦ୍ୱିତୀୟରେ, ସ୍ୱେଚ୍ଛାସେବୀମାନେ ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ବୁଝାନ୍ତି । କେତେବେଳେ ଜଣେ ପଦଯାତ୍ରୀ ତ କେତେବେଳେ ୧୫ଜଣ, କେତେବେଳେ ୭୫ଜଣ । ଗୋଟିଏ ଦିନରେ ୮ରୁ ୧୦ଟି ଗ୍ରାମ ପଦଯାତ୍ରୀ ଦଳ ଅତିକ୍ରମ କରନ୍ତି । ସବୁଠାରୁ ଆକର୍ଷଣୀୟ ଆୟୁଧ ହେଉଛି ପଦଯାତ୍ରା । ଗ୍ରାମବାସୀ ଓ ପଦଯାତ୍ରୀଙ୍କ ଉପରେ ଏହାର ନାଟକୀୟ ପ୍ରଭାବ ପରିଲକ୍ଷିତ ହୁଏ । ଗ୍ରାମବାସୀମାନେ ଆନ୍ଦୋଳନର ମହତ୍ ଉଦ୍ଦେଶ୍ୟ ହୃଦୟଙ୍ଗମ କରି, ପଦଯାତ୍ରୀମାନଙ୍କର ଖାଇବାପିଇବାର ଦାୟିତ୍ୱ ନେଇଥାନ୍ତି ।

ତୃତୀୟରେ, ୧୦/୧୨ ଖଣ୍ଡ ଗ୍ରାମର ପ୍ରତିନିଧିମାନଙ୍କୁ ନେଇ କର୍ମଶାଳା କରାଯାଏ । ଏଥିରେ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଚିନ୍ତା ଓ ଭାବର ଆଦାନ ପ୍ରଦାନ ହୁଏ । ଏହା ସହଯୋଗ ସୃଷ୍ଟି କରିବାରେ ସହାୟକ ହୁଏ ।

ଚତୁର୍ଥରେ କୌଣସି ଗ୍ରାମରେ ଲୋକେ ଜଙ୍ଗଲ ନଷ୍ଟକଲେ, ଖବର ପାଇଲା ପରେ, ସ୍ୱେଚ୍ଛାସେବୀମାନେ ଓ ସ୍କୁଲ୍‌ର ଛାତ୍ର ଛାତ୍ରୀ ଏବଂ ଶିକ୍ଷକମାନେ ସେ ଗ୍ରାମର ଦାଣ୍ଡରେ ଶୋଇ ରହନ୍ତି । ଏଥିରେ ଗ୍ରାମର ଶିଶୁ ଓ ମହିଳାମାନେ ବିଶେଷ ଭାବରେ ପ୍ରଭାବିତ ହୁଅନ୍ତି ଓ ପୁରୁଷମାନଙ୍କ ଉପରେ ନୈତିକ ଚାପ ପକାନ୍ତି ।

ପଞ୍ଚମରେ, ଉପରୋକ୍ତ ସମସ୍ତ ଅସ୍ତ୍ର କାମ ନ କଲାପରେ ସ୍ୱେଚ୍ଛାସେବୀମାନେ ଅନଶନ କରନ୍ତି । ଅନଶନର ପ୍ରଭାବ ସୁଦୂର ପ୍ରସାରୀ ହୋଇଛି ।

ବୃକ୍ଷଗ୍ରାମ ପରିବେଶ ଆନ୍ଦୋଳନ ୧୯୬୯ ମସିହାରୁ ଆରମ୍ଭ ହୋଇ ୧୯୮୯ରେ ୨୦ବର୍ଷ ପୂରି ହେବାକୁ ଯାଉଛି । ଆନ୍ଦୋଳନ ବହୁ ଉତ୍‌ଥାନ ପତନ ମଧ୍ୟରେ ଗତି କରି ଆସିଛି । ଆନ୍ଦୋଳନକୁ ବରାବର ସ୍ୱାର୍ଥାନ୍ଧ, ସଙ୍କୀର୍ଣ୍ଣମନା ଓ ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଛି । ସାମାଜିକ ନେତୃବୃନ୍ଦଙ୍କର ଉଦ୍ଦେଶ୍ୟକୁ କେତେକ ଲୋକ ସର୍ବଦା ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । କ୍ଷମତା ଓ ଅର୍ଥ ପଛରେ ସମାନେ ଦୌଡୁଛନ୍ତି ବୋଲି ଅଭିଯୋଗ ହୋଇଛି । ସେମାନଙ୍କୁ ବ୍ୟଙ୍ଗବିଦ୍ରୂପ, ତାଚ୍ଛଲ୍ୟର ଶୀକାର ହେବାକୁ ପଡ଼ିଛି । ଏଥିପାଇଁ ସମାଜସେବୀମାନଙ୍କୁ ବହୁ ଦୁଃଖ ମିଳିଛି । ଅହରହ ବିଷପାନ କରିବାକୁ ପଡ଼ିଛି । ସମୟେ ସମୟେ ବିନିଦ୍ର ରଜନୀ କଟାଇଛନ୍ତି । ନୀରବରେ ଅଶ୍ରୁପାତ କରିଛନ୍ତି । ସେମାନେ ପ୍ରତିଶୋଧର ଚିନ୍ତା ମନରୁ ପରିହାର କରିଛନ୍ତି । ଯେଉଁଦିନ ସମାଜସେବୀମାନେ ପ୍ରତିଶୋଧ ନେବାକୁ ବାହାରିବେ ସେଦିନ ଆନ୍ଦୋଳନର ସମାଧି ଘଟିବ । ଏ ଝଡ଼ଝଞ୍ଜା, ଏ ତାଡ଼ନା ସମସ୍ତେ ସହ୍ୟ କରି ପାରିବେ ନାହିଁ । କେବଳ ଈଶ୍ୱର ବିଶ୍ୱାସୀ ବ୍ୟକ୍ତିମାନେ ସହ୍ୟ କରି ପାରିବେ । ବୃକ୍ଷଗ୍ରାମ ଆନ୍ଦୋଳନର ସାରଥୀମାନେ ବିଶ୍ୱାସ କରନ୍ତି ଯେ, ଦୁଃଖୀ, ଦରିଦ୍ରଙ୍କର ସେବାହିଁ ଈଶ୍ୱରଙ୍କର ସେବା । ଏହି ବିଶ୍ୱାସ ସେମାନଙ୍କ ହୃଦୟରେ ଆଲୋକର ପ୍ରଦୀପ ଜଳାଇ ରଖିଛି । ସେମାନେ ଜଗନ୍ନାଥ ଦାସଙ୍କ ଭାଗବତର ବାର୍ତ୍ତାରେ ବିଶ୍ୱାସ କରନ୍ତି ।

''ପ୍ରାଣୀର ଦୁଃଖରେ ଦୁଃଖିତ
ସର୍ବଦା ହେଉ ମୋର ଚିତ୍ତ ।
ହେ ପ୍ରଭୁ ମୋତେ ଦୟାକର
ମୁଁ କରେ ପର ଉପକାର ।''

ଭବିଷ୍ୟତରେ ଆନ୍ଦୋଳନକୁ ବହୁ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିବ । ସ୍ୱାର୍ଥପର ଶିକ୍ଷିତ ବ୍ୟକ୍ତିମାନଙ୍କର ହୃଦୟର କଠିନତାକୁ ନମନୀୟ କରିବା ଆନ୍ଦୋଳନ ପାଇଁ ଏକ ଆହ୍ୱାନ । ଗ୍ରାମବାସୀମାନଙ୍କର, ସମୂହ ସ୍ୱାର୍ଥ ପ୍ରତି ନିସ୍ପୃହତା ସମୂହ ବିକାଶ ପଥରେ ଅନ୍ୟ ଏକ ପ୍ରତିବନ୍ଧକ । ସମୂହ ସ୍ୱାର୍ଥ, ସମାଜସେବା ଓ ଦେଶ ଗଠନ ପ୍ରତି ଶିକ୍ଷିତ ଓ ଅଶିକ୍ଷିତ ଲୋକମାନଙ୍କର ଉଦାସୀନତା ଦେଖିଲେ, ଯେ କୌଣସି ବିବେକୀ ଓ ଚିନ୍ତାଶୀଳ ବ୍ୟକ୍ତିର ଘୋର ନୈରାଶ୍ୟଜାତ ହୁଏ । ଏହି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଲକ୍ଷ୍ୟ ହାସଲ କରିବା ପାଇଁ ଅସାଧାରଣ ନୈତିକ ମନୋବଳ ସଂପନ୍ନ ଜନସେବୀମାନଙ୍କର ଆବଶ୍ୟକତା ରହିଛି ।

ରାଜନୀତି ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ।

"ଆମକୁ ଆନନ୍ଦ ଦେଉଥିବା ବଣଜଙ୍ଗଲର ଅସଂଖ୍ୟ ଜୀବଜନ୍ତୁଙ୍କୁ ଆମେ ବନ୍ୟପ୍ରାଣୀ ବୋଲି କହୁ । ସଭ୍ୟତା ଓ ସଂସ୍କୃତି ସତ୍ତ୍ୱେ ବ ଆଜିର ମଣିଷ ଏହି ହିଂସ୍ର ବନ୍ୟଜନ୍ତୁଙ୍କଠାରୁ ଆହୁରି ମାରାତ୍ମକ । ଜଙ୍ଗଲରେ ବାସକରୁଥିବା ଅସଂଖ୍ୟ ପ୍ରାଣୀଙ୍କର ସଂସ୍ପର୍ଶ ମଣିଷର ଜୀବନକୁ ସରସ ଓ ମଧୁମୟ କରିଛି । ତେଣୁ କ୍ରମେ ଲୋପ ପାଇ ଯାଉଥିବା ବନ୍ୟଜନ୍ତୁଙ୍କର ରକ୍ଷଣାବେକ୍ଷଣ ପାଇଁ ଦେଶରେ ଯେତେ ବେଶୀ ପଶୁ ଓ ପକ୍ଷୀମାନଙ୍କ ଲାଗି ଆଶ୍ରୟସ୍ଥଳୀ ଖୋଲାଯାଇ ପାରେ ସେତେ ଭଲ ।"

—ଜବାହରଲାଲ ନେହେରୁ

# କୃନ୍ତନକାରୀ ପ୍ରାଣୀ



ଶ୍ରୀ ଭୁବନେଶ୍ୱର ସାମଲ

ମୂଷିକ ଜାତୀୟ ପ୍ରାଣୀମାନଙ୍କୁ ସାଧାରଣତଃ କୃନ୍ତନକାରୀ ପ୍ରାଣୀ କୁହାଯାଏ । ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସହଜରେ ଚିହ୍ନିବା ପାଇଁ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି । କୃନ୍ତନକାରୀ ସେମାନଙ୍କ ଭିତରୁ ଗୋଟିଏ । କୃନ୍ତନକାରୀ ପ୍ରାଣୀମାନଙ୍କର ଦନ୍ତ, ଏହାର ଗଠନ ପ୍ରଣାଳୀ ଓ ସଂଖ୍ୟାକୁ ନେଇ ଏହି ବିଭାଗ କରାଯାଇଛି । ପ୍ରାୟ ତିନି ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀ ଚିହ୍ନଟ କରାଯାଇ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି । ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ବେଶୀ ସଂଖ୍ୟାରେ କୃନ୍ତନକାରୀ ପ୍ରାଣୀ ଅଛନ୍ତି । ଆଶ୍ଚର୍ଯ୍ୟର କଥା ଆଜି ପୃଥିବୀରେ ବଂଚିବା ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ମଧ୍ୟରେ ଅର୍ଦ୍ଧେକରୁ ଊର୍ଦ୍ଧ୍ୱ ହେଉଛନ୍ତି କୃନ୍ତନକାରୀ ପ୍ରାଣୀ । ଏହି ଜାତୀୟ ପ୍ରାଣୀଙ୍କର ୪ ଗୋଟି ଛାମୁଦନ୍ତ ଥାଏ । ତଳ ଓଠରେ ୨ଟି ଓ ଉପର ଓଠରେ ୨ଟି । ଏମାନଙ୍କର ଶ୍ୱାନଦନ୍ତ ଓ ପେଷଣଦନ୍ତ ନାହିଁ । ଫଳରେ କଳଦନ୍ତ ଓ ଛାମୁଦନ୍ତ ମଧ୍ୟରେ ଶୂନ୍ୟସ୍ଥାନ ଦେଖାଯାଏ । ଏହି ଛାମୁଦନ୍ତର ଦନ୍ତମାଡ଼ି ନଥାଏ । ଫଳରେ କୃନ୍ତନକାରୀ ପ୍ରାଣୀ ଯେତେଦିନ ପର୍ଯ୍ୟନ୍ତ ବଞ୍ଚି ରହିଥାଏ, ସେତେଦିନ ପର୍ଯ୍ୟନ୍ତ ଛାମୁ ଦନ୍ତର ଅଭିବୃଦ୍ଧି ଘଟିଥାଏ । ତେଣୁ ଛାମୁଦନ୍ତ ଭାଙ୍ଗିଗଲେ, ଏମାନଙ୍କର ଭୟ ନଥାଏ । କାରଣ ଏହା ପୁଣି ବାହାରେ । ଏହି ଦାନ୍ତ ବେଶ ତୀକ୍ଷ୍ଣ, ନିହାଣ ସଦୃଶ । ଫଳରେ ଦାନ୍ତରେ କୁଟୁକୁଟୁ କରି କାଟିବା, ଗୁଣ୍ଡିବା କାର୍ଯ୍ୟ ଅତି ସହଜରେ କରିପାରେ । କୃନ୍ତ ସଦୃଶ ହୋଇଥିବାରୁ ଓ କାର୍ଯ୍ୟ ସମାପନ କରି ପାରୁଥିବାରୁ ଏ ଜାତୀୟ ପ୍ରାଣୀମାନଙ୍କର ନାମ କରଣ, କୃନ୍ତନକାରୀ ରଖାଯାଇଛି । ଏମାନଙ୍କର ମୁଖ ଗହ୍ୱରକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମ ଅଂଶରେ ଛାମୁଦନ୍ତ ଓ ପଛପଟ ଅଂଶରେ କଳଦନ୍ତ ଥାଏ । ଉପର ଓଠ ସାହାଯ୍ୟରେ ପାଟି ବନ୍ଦକରେ । ପାଟି ବନ୍ଦ କଲେ ମଧ୍ୟ ଛାମୁଦାନ୍ତ ବାହାରକୁ ପ୍ରତୀୟମାନ ହୁଏ ।

ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ତୁଳନାରେ ଏମାନେ କ୍ଷୁଦ୍ରକାୟ । ଏମାନେ ୧୦ ସେ.ମି.ରୁ ୧୦୦ ସେ.ମି. ପର୍ଯ୍ୟନ୍ତ ଲମ୍ବ ହୋଇଥାଆନ୍ତି ଆଉ ଓଜନ ୪ ଗ୍ରାମରୁ ୫୦ କିଲୋଗ୍ରାମ ପର୍ଯ୍ୟନ୍ତ ।

ଆମ ଓଡ଼ିଶାରେ ତିନି ଜାତିର କୃନ୍ତନକାରୀ ପ୍ରାଣୀ ଦେଖା ଯାଆନ୍ତି । ଯଥା– ମୂଷା, ଗୁଣ୍ଡୁଚିମୂଷା ଓ ଝିଙ୍କ ।

ମୂଷା ଓ ମଣିଷଙ୍କ ଭିତରେ ଶତ୍ରୁତା ବୋଧହୁଏ ପୃଥିବୀରେ ମଣିଷର ଆବିର୍ଭାବ ଦିନୁ ଘଟିଛି । ସତେଯେପରି ମଣିଷର ପରିବେଶରେ ଏମାନେ ହେଉଛନ୍ତି ଏକ ଅଂଶୀଦାର । ଏମାନେ ମଣିଷଙ୍କ ସହିତ ବାସଗୃହରେ ରହନ୍ତି । ଘରର ଯାବତୀୟ ଜିନିଷପତ୍ର କାଟି ନଷ୍ଟ କରି ଦିଅନ୍ତି । ଏମାନେ ଉଭୟ ଘରେ ଓ ବଣରେ ବାସ କରନ୍ତି । ଗାତୁଆମୂଷା, ଘୁଙ୍ଗୁଆ ମୂଷା, ବିଲମୂଷା, ପାହାଡ଼ିମୂଷା, ଚୁଟିଆମୂଷା, ଗଛମୂଷା ନାମରେ ପରିଚିତ ।

ଗୁଣ୍ଡୁଚିମୂଷାର ପୃଷ୍ଠ ଦେଶରେ ଗାର ଗାର ଚିହ୍ନଥାଏ । ତିନିଗାର ବିଶିଷ୍ଟ ଓ ପାଞ୍ଚଗାର ବିଶିଷ୍ଟ ଗୁଣ୍ଡୁଚିମୂଷା ଓଡ଼ିଶାରେ ଦେଖିବାକୁ ମିଳେ । ତା ଛଡ଼ା ଉଡ଼ନ୍ତା ଗୁଣ୍ଡୁଚିମୂଷା ଓ ବେଲାଗୀମୂଷା ଏହି ଜାତିର । ବେଲାଗୀମୂଷାକୁ ମଧ୍ୟ ନେପାଳୀମୂଷା କୁହାଯାଏ । ଅନ୍ୟଟି ହେଲା ଝିଙ୍କ ।

ମୂଷାମାନଙ୍କ ପ୍ରାଦୁର୍ଭାବ ପ୍ରକୃତରେ ମଣିଷ ପକ୍ଷେ ଅସହନୀୟ । ଏମାନଙ୍କ ଭିତରୁ ଅନେକ ରୋଗ ବାହକ ରୂପେ ପରିଚିତ । ପ୍ଲେଗ୍ ବା ମହାମାରୀ ଏମାନଙ୍କ ଦ୍ୱାରା ହୋଇଥାଏ ।

ପାହାଡ଼ି ମୂଷା ୨ ପ୍ରକାର । ଏମାନେ ଉଭୟ ଘରେ ଓ ବଣ ଜଙ୍ଗଲରେ ଦେଖାଯାଆନ୍ତି । ବିଲରେ ଫସଲ ନଷ୍ଟ କରନ୍ତି । ଏମାନେ ଗର୍ତ୍ତ କରନ୍ତି । ଏହା ସୁଡ଼ଙ୍ଗ ସଦୃଶ । ସୁଡ଼ଙ୍ଗର ବିଭିନ୍ନ ସ୍ଥାନରେ ଖାଦ୍ୟ ସାଇତି ରଖିବା ପାଇଁ, ରହିବା ପାଇଁ, ପିଲା ଜନ୍ମ କରିବା ପାଇଁ, ଅଲଗା ଅଲଗା କୋଠରୀ ପ୍ରସ୍ତୁତ କରିଥାଆନ୍ତି । ଫସଲ ଅମଳ ସମୟରେ ଫସଲ କାଟି ନେଇ ଏହି ସୁଡ଼ଙ୍ଗରେ ଜମା କରି ରଖନ୍ତି । ଉଭୟ ପାହାଡ଼ିମୂଷା ଓ ବିଲମୂଷା ଏ ପ୍ରକାର କାର୍ଯ୍ୟରେ ସିଦ୍ଧହସ୍ତ । ଆମର ଲୋକମାନେ ଏହି ଗାତକୁ ଖୋଳି ଧାନ, ବିରି, ମୁଗ ପ୍ରଭୃତି ସଂଗ୍ରହ କରି ନେଇଯାଆନ୍ତି । ବିଚରା ମୂଷା ସଞ୍ଚିତ ଖାଦ୍ୟ ହରାଇ ବସେ । ବଗିଚାରେ ଗର୍ତ୍ତ କରି ଗଛ ଚେର କାଟି ପକାଏ । କୁକୁଡ଼ା ପାଳନ କେନ୍ଦ୍ରରେ କୁକୁଡ଼ାମାନଙ୍କୁ କାମୁଡ଼ିବା, ସେମାନଙ୍କ ଖାଦ୍ୟ ନଷ୍ଟ କରିବା ଦୈନନ୍ଦିନ କାର୍ଯ୍ୟ । ବଡ଼ ବଡ଼ ଖାଦ୍ୟ ଭଣ୍ଡାରରୁ ଧାନ, ଗହମ ଖାଇ ନଷ୍ଟ କରିବା, ଚଟାଣରେ ଗର୍ତ୍ତ କରି ଗୃହକ୍ଷୟ କରିବା ଦ୍ୱାରା ଖାଦ୍ୟ ନିଗମ ସଂସ୍ଥା ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । କିନ୍ତୁ ଘରେ ବାସ କରୁଥିବା ମୂଷା ଓ ଚୁଟିଆମୂଷା ଖାଦ୍ୟ ସଞ୍ଚୟ କରି ରଖନ୍ତି ନାହିଁ । କାରଣ ଏମାନଙ୍କୁ ତ ସହଜରେ ଖାଦ୍ୟ ଘରୁ ମିଳିଯାଉଛି ।

ଗଛରେ ବାସ କରୁଥିବା ମୂଷାମାନେ ଗଛର ଫଳ ନଷ୍ଟ କରି ଦିଅନ୍ତି, ଗଛର ଚେର, ଚଁଅର କେଣ୍ଡା ପ୍ରଭୃତି କାଟି ବୃକ୍ଷମାନଙ୍କର ଅଦ୍ଭୁତ କ୍ଷତି ଘଟାଇ ଥାଆନ୍ତି ।

# ଗୁଣ୍ଡୁଚିମୂଷା



ଗୁଣ୍ଡୁଚିମୂଷାର କାର୍ଯ୍ୟକଳାପ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଏମାନେ ଖାଦ୍ୟ ହିସାବରେ କମ୍ ଖାଆନ୍ତି କିନ୍ତୁ ନଷ୍ଟ କରନ୍ତି ବହୁତ । ଏମାନେ ଗଛ ଉପରେ ଚଢ଼ି ଗଛର ଅଗ୍ରଭାଗର ସରୁ ଡାଳରେ ପହଞ୍ଚି ପଛ ଗୋଡ଼କୁ ଛନ୍ଦି ଝୁଲି ପଡ଼ନ୍ତି । ଆଗ ଗୋଡ଼ ୨ଟିରେ ଫୁଲ, ଫଳ ଛିଣ୍ଡାଇ ଗିଳନ୍ତି । ଘଣ୍ଟା ଘଣ୍ଟା ଧରି ଏଭଳି ଛିଣ୍ଡାଇ ଗିଳିଥାଏ । ଟିକିଏ ବି କ୍ଳାନ୍ତ ଅନୁଭବ କରେ ନାହିଁ । ତେଣୁ ବାଡ଼ି ବଗିଚାରେ ଫସଲ ନଷ୍ଟ କରିଦିଏ ।

ଉଡନ୍ତା ଗୁଣ୍ଡୁଚିମୂଷା ଓ ବେଲାରୀମୂଷା ବଣ ଜଙ୍ଗଲରେ ଦେଖାଯାଆନ୍ତି । ଯଦିଓ ପ୍ରକୃତରେ ଉଡନ୍ତା ଗୁଣ୍ଡୁଚିମୂଷା ନାମକରଣ କରାଯାଇଛି, ପ୍ରକୃତରେ ସେ ଉଡ଼ି ପାରେନାହିଁ । କେବଳ ଉଚ୍ଚ ବୃକ୍ଷରୁ ତଳ ଆଡ଼କୁ ଖସି ଆସେ । ସେହି ସମୟରେ ସେ ତାର ଗୋଡ଼ ୪ଟିକୁ ମେଲା କରିଦିଏ । ଆଗ ଓ ପଛ ଗୋଡ଼କୁ ସଂଯୁକ୍ତ କରୁଥିବା ପକ୍ଷ ସଦୃଶ ଚମଡ଼ା ଖୋଲି ହୋଇଯାଏ । ଏମାନେ ନିଶାଚର । ଦିନବେଳେ ଗଛର କୋରଡ଼, ଉଚ୍ଚ ଶାଖା ମାନଙ୍କରେ ବିଶ୍ରାମ ନିଅନ୍ତି ।

ବେଲାରୀମୂଷା ଦେଖିବାକୁ ବେଶ୍ ସୁନ୍ଦର । ଅନେକ ଘରେ ଏହାକୁ ପୋଷନ୍ତି । ସକାଳ ସନ୍ଧ୍ୟାରେ ଗୁଣ୍ଡୁଚିମୂଷା ଭଳି ଏ ଗଛରୁ ସେ ଗଛକୁ ଡେଇଁ ଫଳ ଫୁଲ ଖାଆନ୍ତି ଓ ଖେଳନ୍ତି ।




ଉଡନ୍ତା ଗୁଣ୍ଡୁଚି ମୂଷା

ବେଲାରୀ ମୂଷା

ଝିଙ୍କକୁ ଚିହ୍ନିବା ସହଜ । କୁନ୍ତନକାରୀ ପ୍ରାଣୀଙ୍କର ଲୋମର ପରିବର୍ତ୍ତିତ ପରିସ୍ଥିତି ଝିଙ୍କଠାରେ ବେଶ ସୁସ୍ପଷ୍ଟ । ଲୋମ ଗୋଳିଆ କାଠିଭଳି ହୋଇଥାଏ ଓ କଳା, ଧଳାର ଗୋଲ ଗୋଲ ଚିହ୍ନ ରହିଥାଏ । ବେକ ଓ କାନ୍ଧରେ ପ୍ରାୟ ୬ ଇଞ୍ଚରୁ ଏକ ଫୁଟ ପର୍ଯ୍ୟନ୍ତ ଲମ୍ବା ଲମ୍ବା କେଶ ମୁକୁଟ ସଦୃଶ ଠିଆ ହୋଇ ରହିଥାଏ । ବିପଦ ବେଳେ ଶତ୍ରୁକୁ ପଛ କରି ଠିଆ ହୁଏ । ତୂଣୀରରୁ ତୀର ଛାଡ଼ିଲା ଭଳି ସେ ଖଡଖଡ ଶବ୍ଦ କରି ତା ଦେହରୁ ଏହି ଗୋଳିଆ କାଠିସଦୃଶ ଲୋମକୁ ଛାଡେ । ଠିକ ତୀର ଭଳି ଶତ୍ରୁର ଦେହରେ ଏହା ଗଳିଯାଏ । ଏପରିକି ଚିତାବାଘ ମଧ୍ୟ ଝିଙ୍କର ଛାଟି କଳାପରେ ଡରିଯାଏ ।

ଏହିମାନଙ୍କ ସମ୍ବନ୍ଧରେ ପୁରାଣ, କାବ୍ୟ, କାହାଣୀମାନଙ୍କରେ କବି ଓ ଲେଖକମାନେ ବର୍ଣ୍ଣନା କରିବାକୁ ଭୁଲି ନାହାନ୍ତି । ମୂଷା ଗଣେଶଙ୍କ ବାହନ ବୋଲି ପୁରାଣରେ ଲିପିବଦ୍ଧ । ଶିବ ପୁରାଣରେ ମୂଷା କାହିଁକି ଗଣେଶଙ୍କ ବାହନ ହୋଇଛି ତାହା ଅବତାରଣା କରାଯାଇଛି । ପ୍ରକୃତରେ ଯଦି ମୂଷା



# ଝିଙ୍କା

ବୋଲି ଶିବ ପୁରାଣରେ ଦେଖିବାକୁ ମିଳେ । କଥା ସରିତ ସାଗର ଓ ପଞ୍ଚତନ୍ତ୍ରରେ ମୂଷାଙ୍କ ଉପରେ ବେଶ୍ ଶିକ୍ଷଣୀୟ କାହାଣୀମାନ ଅବତାରଣା କରାଯାଇଛି । ଯେପରି ପୁନଃ ମୂଷିକ ଭବ, ଗୃହି ମିତ୍ର, ମୂଷିକ ବଣିକ ଭଳି ଗଳ୍ପ ଲୋକମାନଙ୍କ ଦ୍ବାରା ଆଦୃତ ।

ରାମାୟଣରେ ବର୍ଣ୍ଣିତ ଗୁଣ୍ଡୁଚିମୂଷାର କାର୍ଯ୍ୟକଳାପରେ ମୁଗ୍ଧ ହୋଇ ରାମଚନ୍ଦ୍ର ସ୍ନେହରେ ଆଉଁସି ଦେବାରୁ ତାର ପୃଷ୍ଠ ଦେଶରେ ରାମଚନ୍ଦ୍ରଙ୍କ ଅଙ୍ଗୁଳିର ଗାର ରହିଯାଇଛି । ସେ ସ୍ମୃତି ଆଜିବି ଗୁଣ୍ଡୁଚିମୂଷା ବହନ କରିଛି ।

ଆଉ କେତେକଙ୍କ ମତରେ ଗଙ୍ଗା ପାରିବେଳେ ହନୁମାନ ଗୁଣ୍ଡୁଚିମୂଷାର କାର୍ଯ୍ୟରେ ମୁଗ୍ଧହୋଇ ତା ପିଠିରେ ଅଙ୍ଗୁଳିର ଚିହ୍ନ ରଖିଯାଇଛନ୍ତି ।

ଆଜିବି ବିକାନିର୍ ଗଲେ ଦେଖିବାକୁ ମିଳେ ମୂଷାମାନଙ୍କ ପାଇଁ ମନ୍ଦିର ଅଛି । ଯେଉଁଠାରେ ପ୍ରତିଦିନ ମୂଷାମାନଙ୍କୁ ପୂଜା କରାଯାଏ ଓ ଖାଦ୍ୟ ଦିଆଯାଏ ।

ଓଡ଼ିଶାର ମନ୍ଦିର ଗାତ୍ରରେ ମୂଷାମାନଙ୍କର ମୂର୍ତ୍ତି ଦେଖାଯାଏ । ଯେଉଁଠି ଗଣେଶଙ୍କ ମୂର୍ତ୍ତି ସେଠାରେ ମୂଷା ଖୋଦିତ ହୋଇଥିବା ପରିଲକ୍ଷିତ ହୁଏ । ସୁନ୍ଦର ସୁନ୍ଦର ମୂଷା ଖୋଦିତ ହୋଇଥିବା ମନ୍ଦିରମାନଙ୍କ ଭିତରେ ସଠଳପୁର, ପୁରୀର ମାର୍କଣ୍ଡେଶ୍ବର, ଯାଜପୁରର ଦଶାଶ୍ବମେଧ ଘାଟ, କୋଣଳେଶ୍ବର, ଦକ୍ଷପ୍ରଜାପତି ମନ୍ଦିର, ସେରଗଡ ପାଟଳ ପଡା,ଚଉରାଶୀ, ଲିଙ୍ଗରାଜ, ବାଲୁକେଶ୍ବର ପ୍ରଧାନ । ତେଣୁ କଳା ଭାସ୍କର୍ଯ୍ୟରେ ଏମାନଙ୍କର ସ୍ଥାନ ବଜାୟ ରଖିଛନ୍ତି ।

ଏ ଜାତୀୟ ପ୍ରାଣୀ ମଣିଷର ଶତ୍ରୁ ହେଲେ ମଧ୍ୟ ମଣିଷର ଉନ୍ନତି ପଥରେ ସହାୟକ ହୋଇଥାଏ । ବୈଜ୍ଞାନିକମାନେ ଏମାନଙ୍କ ଉପରେ ବିଭିନ୍ନ ପ୍ରକାର ଗବେଷଣା କରିଥାଆନ୍ତି । ମୂଷା ଗବେଷଣାଗାରର ଏକ ମୌଳିକ ଜୀବ । ନୂତନ ଔଷଧ ପ୍ରତିକ୍ରିୟା ପ୍ରଥମେ ମୂଷା ମାନଙ୍କ ଉପରେହିଁ ପରୀକ୍ଷା କରାଯାଏ । ଜନ୍ମ ସମ୍ବନ୍ଧୀୟ ଯେ କୌଣସି ପରୀକ୍ଷା ଡାକ୍ତରମାନେ ଏମାନଙ୍କ ଉପରେହିଁ ନିର୍ଭର କରନ୍ତି । ମୂଷାମାନଙ୍କ ଚମଡା ଓ ମାଂସରେ ବିଭିନ୍ନ ପ୍ରକାର ଔଷଧ ପ୍ରସ୍ତୁତ କରାଯାଏ । କବିରାଜ-ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ ତାଙ୍କର "ଦ୍ରବ୍ୟଗୁଣ-କଳ୍ପଦ୍ରୁମ"ରେ ଲେଖିଛନ୍ତି– "ମୂଷାର ମାଂସ ମଧୁର, ସ୍ନିଗ୍ଧ ରୋଚକ, ବୀର୍ଯ୍ୟ ବର୍ଦ୍ଧକ, ଧାତୁ ପୁଷ୍ଟିକର ଓ ବିରୋଚକ । ଏହା ଖାଇଲେ କୃମି, କଫ, ବାତ, ପିତ୍ତ ଓ ଅର୍ଶରୋଗ ନିବାରିତ ହୁଏ ।" ଏହା ଛଡା ଏ ସମ୍ବନ୍ଧରେ ଅନେକ କିଛି ଲେଖିଛନ୍ତି ବିଶେଷତଃ ସ୍ତ୍ରୀଲୋକଙ୍କ ରୋଗ ଉପଶମ ପାଇଁ ଉପଦେଶମାନ ଦେଇଛନ୍ତି ।

ଏବେବି ରୋମ୍‌ର ସ୍ତ୍ରୀଲୋକଙ୍କର ବିଶ୍ବାସ ଯେ ମୂଷା ଲଣ୍ଡିକୁ ଯଦି ସେମାନଙ୍କ ସ୍ବାମୀଙ୍କୁ ଶୁଙ୍ଘାଇ ଦିଆଯାଏ, ତା ହେଲେ ସେମାନଙ୍କ ସ୍ବାମୀ ଅନ୍ୟ ସ୍ତ୍ରୀଙ୍କ ପାଖକୁ ଯିବେ ନାହିଁ ।

ମୂଷା ମାରି, ତାକୁ ଚୂର୍ଣ୍ଣ କରି ଯଦି ବହୁମୂତ୍ର ରୋଗୀକୁ ଖାଇବାକୁ ଦିଆଯାଏ ତାହେଲେ ସେ ଭଲ ହୋଇଯିବ ।

କେତେକ ଆଦିବାସୀ ଶ୍ରେଣୀର ଲୋକମାନେ ମୂଷାକୁ ମାରି ଖାଇବା ଗୋଟେ ସାଧାରଣ କଥା ।

---

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ,
ଭୁବନେଶ୍ବର ।

# ନବଗୁଞ୍ଜର ଓ ପ୍ରାଣୀ ସଂରକ୍ଷଣ

ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି

ପରିବେଶ ସୁରକ୍ଷା ଓ ପ୍ରାଣୀ ସଂରକ୍ଷଣ ବର୍ତ୍ତମାନ ପରିସ୍ଥିତିରେ ଗୋଟିଏ ମୁଖ୍ୟ ଆଭିମୁଖ୍ୟ । ଭାରତବର୍ଷର ପ୍ରତ୍ୟେକ ସ୍ଥାନରେ ସରକାର ବିଧିବଦ୍ଧ ଯୋଜନା କରି ପରିବେଶ ସୁରକ୍ଷା ଦିଗରେ ପଦକ୍ଷେପ ନେଉଅଛନ୍ତି । କଥାହେଉଛି ଏସବୁ ଦିଗରେ ବର୍ତ୍ତମାନ ଯେ କେବଳ ଧ୍ୟାନ ଦିଆଯାଉଛି ତାହାନୁହେଁ, ମନୁଷ୍ୟ ଆଗରୁ ବି ଦେଇ ଆସୁଥିଲା । ଗୋଟିଏ କଥା କୁହାଯାଇପାରେ ଯେ ପୁରାକାଳରେ ମନୁଷ୍ୟ ଯାହାଠାରୁ ଉପକାର ପାଇ ଆସୁଥିଲା ତାକୁ ହିଁ ପୂଜା କରିବା ଥିଲା ତା'ର ଉପାସନା । ସୂର୍ଯ୍ୟ ଚନ୍ଦ୍ରଠାରୁ ଆରମ୍ଭ କରି ଉଦ୍ଭିଦ ଓ ପ୍ରାଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଥିଲେ ମନୁଷ୍ୟର ରକ୍ଷାକାରୀ । ଯାହାହେଲେ ବି ସେତେବେଳେ ମନୁଷ୍ୟ ଉଦ୍ଭିଦ ବା ଅନ୍ୟମାନଙ୍କ ତୁଳନାରେ ପ୍ରାଣୀମାନଙ୍କୁ ଯଥେଷ୍ଟ ସମ୍ମାନ ଦେଉଥିଲା । ନବଗୁଞ୍ଜର ତାର ଏକ ଉଦାହରଣ ।

ଓଡ଼ିଆ ମହାଭାରତର ରଚୟିତା ଆଦିକବି ସାରଳାଦାସ ମହାଭାରତରେ ନବଗୁଞ୍ଜର ବିଷୟ ବର୍ଣ୍ଣନା କରିଛନ୍ତି । ସଂକ୍ଷେପରେ ନବଗୁଞ୍ଜର ହିଁ ନଅଟି (୯ଟି) ଗୁଞ୍ଜରର ସମାହାର । ଅର୍ଥାତ୍ ନଅଟି ଗୁଞ୍ଜରର ସମିଶ୍ରଣରେ ହୋଇଥିବା କାଳ୍ପନିକ ପ୍ରାଣୀଟି ନବଗୁଞ୍ଜର । ଯେଉଁ ନଅଟି ପ୍ରାଣୀ ଶରୀରର ଅଂଶ ବିଶେଷ ରୂପେ ତାହା ନିଆଯାଇଥିଲା, ସେଗୁଡ଼ିକ ହେଲା– ମୟୂରର ମୁଣ୍ଡ, ବାଘ ଦେହର ଗାର, ଘୋଡ଼ାର ଶରୀର, ଘୋଡ଼ାର ଗୋଡ଼, ମନୁଷ୍ୟର ହାତ, ହାତୀର ଗୋଡ଼, ବାଘର ଗୋଡ଼, ବୃଷଭର କୁଜ ଓ ସାପର ଲାଞ୍ଜ । ଏହି ନଅଟି ପ୍ରାଣୀର ଶରୀର ମାନଙ୍କର ଅଂଶ ବିଶେଷ ହିଁ ବିଭିନ୍ନ ପ୍ରକାର ଗୁଣର ନିର୍ଦ୍ଦେଶକ । ମୟୂର ସୌନ୍ଦର୍ଯ୍ୟ, ଶାନ୍ତି– ଘୋଡ଼ା ଶକ୍ତି– ହାତୀ ସ୍ଥିରତା ଓ ଆନୁଗତ୍ୟ– ସାପ ବିଷାକ୍ତ– ବ୍ୟାଘ୍ର ହିଂସ୍ର ଓ ଶେଷରେ ମନୁଷ୍ୟ ବୁଦ୍ଧି ଓ ବିବେକ ଇତ୍ୟାଦି ସବୁ ଗୁଣର ପରିଚୟ ଦିଅନ୍ତି । ତେଣୁ ଐଶ୍ୱରିକ ଶକ୍ତି କହିଲେ ସେ ସବୁ ଗୁଣର ଗୁଣଗ୍ରାହୀ ବା ଅଧିକାରୀ ଏବଂ ପ୍ରତ୍ୟେକ ଗୁଣର କହିବା କିଛି ପ୍ରାଧାନ୍ୟ ରହିଛି । ତେଣୁ ପ୍ରତ୍ୟେକ ଗୁଣକୁ ସଂକେତ ରୂପେ ହିଁ ସୂଚନା ଦିଏ ନବଗୁଞ୍ଜର । ବାସ୍ତବରେ ଏପରି ଏକ ପ୍ରାଣୀ ନଥିଲା । ମାତ୍ର ଏହାର ଉଦ୍ଦେଶ୍ୟ ଥିଲା ଭଗବାନ ବା ଭଗବତ୍ ଶକ୍ତି କହିଲେ ବସ୍ତୁରହିଥିବା ପ୍ରାଣୀମାନେ । ପ୍ରତ୍ୟେକ ଜୀବ ହିଁ ଐଶ୍ୱରିକ ଶକ୍ତିର ଏକ ନମୁନା ବା ଆକାର । ଭଗବାନ ସର୍ବବିଦ୍ୟମାନ ଓ ସର୍ବଶକ୍ତିମାନ ବୋଲି ପୁରାଣରେ ବର୍ଣ୍ଣିତ । ନବଗୁଞ୍ଜର ହିଁ ଏହି ଉକ୍ତିର ନିଦର୍ଶନ ତଥା ଉକ୍ତିଟିକୁ ଯଥାର୍ଥ ରୂପେ ପ୍ରତିପାଦିତ କରେ; ଅର୍ଥାତ୍ ଭଗବାନ ପ୍ରକୃତିର ବିଭିନ୍ନ ରୂପର ସମଷ୍ଟିର ସୂଚନା ଦିଏ ।

ତେଣୁ ପ୍ରାଣୀ ପୂଜା ପୁରାକାଳରୁ ଚିରାଚରିତ ପ୍ରଥା ଭାବରେ ପ୍ରଚଳିତ । ନାଗପୂଜା, ନାଗଲ ଚତୁର୍ଦ୍ଦଶୀ ଓ ନାଗପଞ୍ଚମୀ ଇତ୍ୟାଦିରେ ନାଗସାପ ପୂଜା । ଚିତଉ ଅମାବାସ୍ୟାରେ ଗେଣ୍ଡା, ଶାମୁକା, ମାଛ ଓ କାଟ ଇତ୍ୟାଦି ଜଳଚର ପ୍ରାଣୀ ପୂଜା । ଗହ୍ମା ପୂର୍ଣ୍ଣିମା ବା ରକ୍ଷାବନ୍ଧନରେ ଗୋ, ମହିଷ ଇତ୍ୟାଦି ପୂଜା ଅଦ୍ୟାବଧି ପ୍ରଚଳିତ । ବିଭିନ୍ନ ପୂଜା ଦିବସରେ ଯଥାବିଧି ଜୀବଜନ୍ତୁ ଗୁଡ଼ିକ ପୂଜା କରିବା ହିଁ ଏ ଦିବସଗୁଡ଼ିକର ଲକ୍ଷ୍ୟ । ଏଥିରୁ ଏହା ପ୍ରତିପାଦିତ ଯେ ପୁରାକାଳରୁ ମନୁଷ୍ୟ ଉପଲବ୍ଧି କରି ଆସିଥିଲା ଯେ ପ୍ରତ୍ୟେକ ପ୍ରାଣୀ ପ୍ରକୃତିର ଗୋଟିଏ ଗୋଟିଏ ଅଂଶ ବିଶେଷ । ପରିବେଶ ସଂତୁଳନ (ଇକୋଲୋଜିକାଲ ବାଲାନ୍ସ)ରେ ପ୍ରତ୍ୟେକରେ ଭୂମିକା ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ । ଗୋଟିକୁ ବାଦଦେଲେ ବା ନଷ୍ଟ କଲେ ଯେ ସଂପୂର୍ଣ୍ଣ ସଂତୁଳନ ବାଧାପ୍ରାପ୍ତ ହେବ ଏଥିରେ ସନ୍ଦେହ ନାହିଁ । ଏପରିକି ଦୈନନ୍ଦିନ ଜୀବନରେ ମଧ୍ୟ ପ୍ରାଣୀମାନଙ୍କର ପ୍ରାଧାନ୍ୟ ମନୁଷ୍ୟ ମଧ୍ୟ ଉପଲବ୍ଧି କରିପାରୁଥିଲା । ଉଦାହରଣ ସ୍ୱରୂପ କଥା ପ୍ରସଙ୍ଗରେ ମନୁଷ୍ୟ କହିଯାଏ– "କଙ୍କି ଧରଣ ମା ମରଣ", "ବେଙ୍ଗ ମାରିଲେ କାଳ ହେବ", "ବିରାଡ଼ି ମାରିଲେ ମଙ୍ଗଳ ଦୋଷ" ଇତ୍ୟାଦି ଇତ୍ୟାଦି ଅନେକ । ବାସ୍ତବରେ ଏ ଉକ୍ତିର ମହତ୍ତ୍ୱ ହିଁ ଜୀବମାନଙ୍କୁ ରକ୍ଷା କରିବା ବା ସେମାନଙ୍କୁ ଦୟାଭାବ ଦେଖାଇବା ।

ଆଶ୍ଚର୍ଯ୍ୟର ବିଷୟ ଯେ ଜୀବମାନଙ୍କ ପ୍ରତି ମନୁଷ୍ୟର ଦୟା ଏତେ ଥିଲା ଯେ ତାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଠାକୁର ଠାକୁରାଣୀଙ୍କ ବାହାନ ରୂପେ ସ୍ଥାପିତ କରିଥିଲା । ଆଜିବି ଦେବାଳୟ, ମନ୍ଦିର ଓ ଧର୍ମପୀଠମାନଙ୍କୁ ଗଲେ ଦେଖାଯାଏ ଯେ କି ରୂପେ ମନୁଷ୍ୟ ସେ ସମୟରେ ପ୍ରାଣୀମାନଙ୍କୁ ପୂଜା କରି ଆସୁଥିଲା । ଉଦାହରଣ ସ୍ୱରୂପ– କାର୍ତ୍ତିକେୟଙ୍କର ମୟୂର, ଗଣେଶଙ୍କର ମୂଷା, ଦୁର୍ଗାଙ୍କର ସିଂହ, ଶିବଙ୍କର ବୃଷ, ଲକ୍ଷ୍ମୀଙ୍କର ପେଚା, ସରସ୍ୱତୀଙ୍କର ହଂସ, ଇନ୍ଦ୍ରଙ୍କର ଐରାବତ, ବିଷ୍ଣୁଙ୍କର ଗରୁଡ଼, ଯମଙ୍କର ମହିଷ ଇତ୍ୟାଦି ବାହନ ଗୁଡ଼ିକ ଆଜି ଆଖିରେ ପଡ଼ିବା ସାଧାରଣ କଥା । ତା ବ୍ୟତୀତ ବିଛା, ମୀନ, ସିଂହ, ମେଷ, ବୃଷ ଓ କର୍କଟ ଇତ୍ୟାଦି ପ୍ରାଣୀମାନଙ୍କୁ ରାଶିଚକ୍ରରେ ସ୍ଥାନ ଦିଆଯାଇଛି । ଏପରିକି କେତେକଙ୍କୁ ମଧ୍ୟ ଗୋତ୍ର ରୂପେ ନାମିତ କରାଯାଇଛି । ସେଗୁଡ଼ିକ ହେଲା– ଅତ୍ରେୟ (କୃଷ୍ଣସାର), ଭରଦ୍ୱାଜ (ଇଣ୍ଡିଆନ୍ ରୋଲର୍ ବାର୍ଡ଼), ନାଗେଶ (ନାଗ) ଓ କାଶ୍ୟପ (ଗରୁଡ଼ ବା ଈଗଲ) ।

ଏ ସବୁ ତଥ୍ୟରୁ ଅନୁମିତ ହୁଏ ଯେ ମନୁଷ୍ୟ ବର୍ତ୍ତମାନ ଯେ ପ୍ରାଣୀ ସଂରକ୍ଷଣ ଦିଗରେ ଚେଷ୍ଟିତ ବା ସଚେତନଶୀଳ ତାହା ନୁହେଁ, ଅନେକ

ପୂର୍ବରୁ ଥିଲା । ସେଥିପାଇଁ ପ୍ରକୃତିର ପ୍ରାକୃତିକ ସଂପଦ ତଥା ପ୍ରାଣୀ ଓ ଉଦ୍ଭିଦ ଗୁଡ଼ିକୁ ଅନେକ ରୂପରେ ଏପରି ସ୍ଥାପିତ କରିଥିଲା ଯେ ସେମାନଙ୍କୁ ନଷ୍ଟ କରିବା ବା ମୂଳପାଟନ କରିବା ପାଇଁ ମନୁଷ୍ୟ ସାହସ କରୁନଥିଲା —ଭାବୁଥିଲା ଏହା ଏକ ପାପ । ଏହାହିଁ ପ୍ରାଣୀ ତଥା ପ୍ରକୃତି ସଂରକ୍ଷଣର ଉପଯୁକ୍ତ ପରିଚୟ । ମନୁଷ୍ୟ ପ୍ରାଣୀମାନଙ୍କୁ ବର୍ତ୍ତମାନ ନିୟମ ପ୍ରଣୟନ କରି ସଂରକ୍ଷଣ କରିବା ସ୍ଥଳେ ପୂର୍ବରୁ କାଗଜ ପତ୍ରରେ ନିୟମ ପରିବର୍ତ୍ତେ ଭିନ୍ନ ରୂପରେ ସଂରକ୍ଷଣ କରି ଆସୁଥିଲା । ତେଣୁ ନବଗୁଞ୍ଜର ମହାଭାରତରେ ସ୍ଥାନ ପାଇବା ସଂପୂର୍ଣ୍ଣ ଯୁକ୍ତିଯୁକ୍ତ । ଧନ୍ୟ ଆମର ସେ ପୂର୍ବପୁରୁଷ ! ଧନ୍ୟ ତାଙ୍କର ଚିନ୍ତାଧାରା !!!

ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ , ବାଣୀବିହାର, ଭୁବନେଶ୍ୱର



# ପ୍ରତ୍ୟାହୃତ ମାନହାନି ଚିଠା ବିଧାନ ଓ ଗଣ ମାଧ୍ୟମ

ଶ୍ରୀମତୀ ସ୍ମିତା ମିଶ୍ର

ଭାରତୀୟ ଲୋକସଭାରେ ଦୁଇ ଦିନ ଧରି ତିନିଗୋଟି ବୈଠକରେ ଦୀର୍ଘ ଆଠ ଘଣ୍ଟା କାଳ ଆଲୋଚନା କରିବା ପରେ ଅଗଷ୍ଟ ୩୦, ୧୯୮୮ ଦିନ ଯେଉଁ ମାନହାନି ବିଧାନ, ୧୯୮୮ର ଚିଠା ଗୃହୀତ ହୋଇ ରାଜ୍ୟସଭାରେ ଉପସ୍ଥାପନା କରାଯାଇଥିଲା, ସେହି ଚିଠା ଆଇନ୍‌ଟିକୁ ଦେଶର ସାମ୍ବାଦିକ, ବିରୋଧୀ ରାଜନୈତିକ ଦଳ ତଥା ଅନ୍ୟାନ୍ୟ ବୁଦ୍ଧିଜୀବିଙ୍କର ପ୍ରବଳ ବିରୋଧ ଓ ପ୍ରତିବାଦକୁ ସମ୍ମାନ ଦେଇ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ସେପ୍ଟେମ୍ବର ୨୨, ୧୯୮୮ ଦିନ ରାଜ୍ୟସଭାର ବିଚାର ପରିସର ଭିତରୁ ପ୍ରତ୍ୟାହାର କରିନେଇ ନିଜର ଗଣତାନ୍ତ୍ରିକ ଚିନ୍ତାଧାରା ଏବଂ ଲୋକମତକୁ ସମ୍ମାନ ଦେବା ବିଚାର ଧାରାର ଅଭିନନ୍ଦନୀୟ ପରିଚୟ ଦେଇଛନ୍ତି ।

ସମ୍ବିଧାନର ମୌଳିକ ଅଧିକାର ପରିସରଭୁକ୍ତ ବ୍ୟକ୍ତି-ସ୍ୱାଧୀନତା, ବାକ୍-ସ୍ୱାଧୀନତା ଓ ସମ୍ବାଦପତ୍ରମାନଙ୍କର ପ୍ରକାଶନ ସ୍ୱାଧୀନତା ସହ ପ୍ରତ୍ୟେକ ନାଗରିକର ନିଜ ବ୍ୟକ୍ତିଗତ ସୁନାମ ତଥା ସମ୍ମାନର ସୁରକ୍ଷା ନିମନ୍ତେ ଅବିଭକ୍ତ ଏବଂ ସମ୍ପୂର୍ଣ୍ଣ ଅଧିକାର ମଧ୍ୟରେ ଏକ ସୂକ୍ଷ୍ମାତିସୂକ୍ଷ୍ମ ଭାରସାମ୍ୟ ରକ୍ଷା କରିବା ଦାୟିତ୍ୱ ପ୍ରତ୍ୟେକ ଶାସନର ରହିଅଛି । ସେହି ଦାୟିତ୍ୱ ତୁଲାଇବା ନିମନ୍ତେ ଏହି ଚିଠା ଆଇନ୍ ଆଗତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଏବଂ ଭାରତ ସରକାର କହୁଥିବା ବେଳେ ଅପରପକ୍ଷରୁ ଭାରତୀୟ ସମ୍ବାଦପତ୍ରଗୁଡ଼ିକୁ କଠୋର ଦଣ୍ଡର ଭୟ ପ୍ରଦର୍ଶନ କରି ଦୂରଦର୍ଶନ ଏବଂ ଆକାଶବାଣୀ ପରି ସରକାରୀ ନିୟନ୍ତ୍ରଣ ଭିତରେ ରଖିବାକୁ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ରଖି ଏହି ବିଧାନ ପ୍ରସ୍ତାବ ଆଗତ କରା ଯାଉଅଛି । ଏହିପରି ପରସ୍ପର ବିପରୀତମୁଖୀ ଉପସଂହାର ମୂଳକ ମନ୍ତବ୍ୟ ଓ ପ୍ରତିମନ୍ତବ୍ୟ ଭିତରେ ସତ୍ୟର ସ୍ଥିତି ସନ୍ଧାନ କରିବା ସାଧାରଣ ନାଗରିକ ପକ୍ଷରେ ଅସମ୍ଭବ ମନେ ହେଉଥିଲେ ମଧ୍ୟ ଏହି ସମସ୍ୟାର ଏକ ନିର୍ଭୀକ, ନିରପେକ୍ଷ ଓ ନିର୍ଦ୍ଦୋଷ ଆଲୋଚନା ହେବା ଆବଶ୍ୟକ ।

ମାନହାନି ମାନବ ସମାଜରେ କିଛି ନୂତନ ନୁହେଁ । ପ୍ରାକ୍ ଐତିହାସିକ ଯୁଗରୁ, ଏପରିକି ମଣିଷ ପ୍ରଥମେ ଗୋଷ୍ଠୀଗତ ଭାବରେ ସମାଜରେ ଅବସ୍ଥାନ କରିବା ବେଳେ ପରସ୍ପର ମଧ୍ୟରେ କୁତ୍ସାରଟନା, ଗାଳି ଗୁଲଜ ଓ ନିନ୍ଦା ଅପଯଶ ଆରୋପ କରିବା ପ୍ରଚଳିତ ଥିଲା । ସେହି ସହଜାତ ପ୍ରବୃତ୍ତିକୁ ଦମନ କରିବା ନିମନ୍ତେ ବିଭିନ୍ନ ସମାଜ ଅନେକ ନୀତି ନିୟମ, ଆଇନ୍ କାନୁନ ତଥା ଦଣ୍ଡ ପ୍ରଦାନ ବ୍ୟବସ୍ଥା କରିଥିଲେ । ଭାରତୀୟ ପିଙ୍ଗଲ କୋର୍ଡରେ ୪୯୯ରୁ ୫୦୨ ପର୍ଯ୍ୟନ୍ତ ଧାରାଗୁଡ଼ିକରେ ଏହି ମାନହାନି ଅପରାଧର ଫୌଜଦାରୀ ବିଚାର ଏବଂ ଦଣ୍ଡ ବିଧାନ ସମ୍ପର୍କରେ ଆଲୋଚନା କରା ଯାଇଅଛି । ଭାରତୀୟ ସିଭିଲ୍ କୋର୍ଡରେ ମାନହାନି ଜନିତ ଅପରାଧର ଦେବାନୀ ବିଚାର ଏବଂ ଦଣ୍ଡ ବିଧାନ ସମ୍ପର୍କରେ ଆଲୋଚନା କରାଯାଇଅଛି । ପ୍ରସ୍ତାବିତ ବିଧାନର ମୂଳ ଉଦ୍ଦେଶ୍ୟ ଥିଲା ଭାରତୀୟ ନାଗରିକମାନଙ୍କର ବ୍ୟକ୍ତିଗତ ସୁନାମ ରକ୍ଷା କରିବା ନିମନ୍ତେ ମାନହାନି ସୂଚକ ବକ୍ତବ୍ୟ, ଲେଖା ଏବଂ ଅଙ୍ଗଭଙ୍ଗୀ ବିରୁଦ୍ଧରେ ଆଇନଗତ ପ୍ରତିବନ୍ଧକ ସୃଷ୍ଟି କରିବା । ମାନହାନୀ କରୁଥିବା ବକ୍ତବ୍ୟ, ଲେଖା ଏବଂ ଅଙ୍ଗଭଙ୍ଗୀମାନଙ୍କଠାରୁ ସୁରକ୍ଷା ନିମନ୍ତେ ଭାରତୀୟ ନାଗରିକମାନଙ୍କର ଯେଉଁ ସ୍ୱାଭାବିକ ତଥା ନୈସର୍ଗିକ ଅଧିକାର ରହିଅଛି, ସେହି ଅଧିକାରକୁ ଯଥା ସମ୍ଭବ ଏବଂ ସମୟୋଚିତ ଭାବରେ ରକ୍ଷା କରିବା ନିମନ୍ତେ ଦୁର୍ଭାଗ୍ୟବଶତଃ ପ୍ରଚଳିତ ଆଇନ୍‌ରେ ଯଥେଷ୍ଟ ଅଥବା ନିର୍ଦ୍ଦିଷ୍ଟ ସମୟ-ଭିତ୍ତିକ ବ୍ୟବସ୍ଥା ନାହିଁ । ତେଣୁ ଏହି ପ୍ରସ୍ତାବିତ ବିଧାନରେ ବର୍ତ୍ତମାନ ପ୍ରଚଳିତ ସମ୍ପୃକ୍ତ ଆଇନ୍‌ରେ ରହିଥିବା ନିୟମଗୁଡ଼ିକର ବ୍ୟବସ୍ଥିତ ଏବଂ ଏକତ୍ର ଅବସ୍ଥାନ ବ୍ୟତୀତ କେତେକ ବିଶେଷ କ୍ଷେତ୍ରରେ ଲୋକ ବିଚାରକୁ ଦୃଷ୍ଟି ରଖି ଅଗ୍ରଗତି କରାଯାଇଥିଲା ।

ଏହି ପ୍ରସ୍ତାବିତ ବିଧାନରେ ମାନହାନିର ଯେଉଁ ସଂଜ୍ଞା ନିରୂପଣ କରାଯାଇଥିଲା ତାହା ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ, କ୍ଷତିଗ୍ରସ୍ତ ବ୍ୟକ୍ତି ଏବଂ କ୍ଷତିକାରକ ବ୍ୟକ୍ତି ଭିତରେ ସୀମିତ ଥିଲେ ମଧ୍ୟ ଟାଣି ଓଟାରି ଏହା ସରକାର ଏବଂ ସମ୍ବାଦ ମାଧ୍ୟମ ଭିତରକୁ ପୂରା ଯାଇଥିଲା ଏବଂ ସେଇଥିପାଇଁ ଏହା ଏକ ବିବାଦୀୟ ବିଷୟ ହୋଇ ଯାଇଥିଲା । ପ୍ରତ୍ୟେକ ବ୍ୟକ୍ତିର ନିଜର ସୁନାମ ଏବଂ ସମ୍ମାନ ରକ୍ଷା କରିବା ନିମନ୍ତେ ରହିଥିବା ନ୍ୟାୟ ସଙ୍ଗତ ତଥା ମୌଳିକ ଅଧିକାର ସହ ଅନ୍ୟ ଜଣେ ବ୍ୟକ୍ତିର ବାକ୍-ସ୍ୱାଧୀନତା ନିମନ୍ତେ ରହିଥିବା ସାମ୍ବିଧାନିକ ଅଧିକାର ଭିତରେ ଯେଉଁ ଦ୍ୱନ୍ଦ୍ୱ ଅନ୍ତର୍ନିହିତ ଏବଂ ପରିସ୍ଫୁଟ, ସେହି ଦ୍ୱନ୍ଦ୍ୱର ଏକ ସମାଧାନ କରିବାକୁ ଏହି ପ୍ରସ୍ତାବିତ ବିଧାନ ଉଦ୍ଦିଷ୍ଟ ଥିଲା ।

ସମ୍ବାଦପତ୍ରର ସ୍ୱାଧୀନତା ବାଞ୍ଛନୀୟ ଏବଂ କାମ୍ୟ ହେଲେ ମଧ୍ୟ ବ୍ୟକ୍ତିର ସ୍ୱାଧୀନତା ତଥା ଅଧିକାର ତା ଅପେକ୍ଷା କୌଣସି ଗୁଣରେ କମ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ନିଜର ସୁନାମ ଏବଂ ସମ୍ମାନ ରକ୍ଷା କରିବା ନିମନ୍ତେ ଯେଉଁ ଅଧିକାର ରହିଅଛି ତାହା ଅବାଧ, ନିର୍ଦ୍ଦ୍ୱନ୍ଦ୍ୱ ଏବଂ ନିଶ୍ଚିନ୍ତ ରହିବା ନିମନ୍ତେ ଦେଶ ଏବଂ ସମାଜ ନିୟମ, ଶୃଙ୍ଖଳା ଏବଂ ଆଇନ କରିବା ଉଚିତ ଏବଂ ସମ୍ବାଦପତ୍ରର ସ୍ୱାଧୀନତା ଅପେକ୍ଷା ଏହି ସ୍ୱାଧୀନତା ଆହୁରି ଶ୍ଲାଘ୍ୟ, ଆହୁରି ଗରୀୟାନ । ଅନ୍ୟ ବ୍ୟକ୍ତିର ସମ୍ବିଧାନ...

ବାକ୍-ସ୍ୱାଧୀନତାର ଅଧିକାର ଯେପରି କୌଣସି ଭାବରେ କୌଣସି ବ୍ୟକ୍ତିର ସେହି ଅଧିକାରକୁ କ୍ଷୁର୍ଣ୍ଣ ନକରେ, ତାହା ଦେଖିବାର ଦାୟିତ୍ୱ ଦେଶରେ ପ୍ରଚଳିତ ଆଇନ୍, ବିଚାରକ ଆଇନଜ୍ଞ ଓ ଆଇନଜୀବିମାନଙ୍କର ରହିଅଛି । ସମ୍ଭବତଃ ସେହି ଦାୟିତ୍ୱ ପାଳନ କରିବାହିଁ ଏହି ପ୍ରସ୍ତାବିତ ବିଧାନର ଉଦ୍ଦେଶ୍ୟ ରହିଥିଲା । ମାନହାନି ବିଧାନ ୧୯୮୮ ପ୍ରତ୍ୟାହୃତ ହୋଇ ଯାଇଅଛି କିନ୍ତୁ ଏହାର ବିଚାର୍ଯ୍ୟ ବିଷୟ ଏବେବି ଜୀବନ୍ତ ।

କୌତୁହଳର ବିଷୟ ହେଉଛି ଯେ ପ୍ରସ୍ତାବିତ ବିଧାନଟି ଲୋକସଭାରେ ଗୃହୀତ ହୋଇଯିବାର ମାତ୍ର ଦୁଇଦିନ ପରେ ସମ୍ବାଦ ପ୍ରକାଶ ପାଇଛି ଯେ, ଦଶ ବର୍ଷ ପୂର୍ବେ ୧୯୭୮ରେ ପ୍ରକାଶିତ ଗୋଟିଏ ପ୍ରବନ୍ଧରେ ଗୋଆରେ ଜଣେ ଚିତ୍ରକରଙ୍କର ମାନହାନି କରିବାଭଳି କେତେକ କଠୋର ମନ୍ତବ୍ୟ ପ୍ରକାଶ କରିଥିବା ଅପରାଧରେ ଗୋଆର ଗୋଟିଏ ବିଚାରାଳୟ ଭାରତର ଅନ୍ୟତମ ବିଶିଷ୍ଟ ସମ୍ବାଦପତ୍ର ଟାଇମ୍ସ ଅଫ୍ ଇଣ୍ଡିଆର ସମ୍ମାନାସ୍ପଦ ସମ୍ପାଦକ ଶ୍ରୀ ଗିରିଲାଲ୍ ଜୈନ୍‌ଙ୍କୁ ସାତ ଦିନ କାରାଦଣ୍ଡ ଏବଂ ଦୁଇଶତ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଏହି ବିଚାରରୁ ସ୍ପଷ୍ଟ ଜଣା ଯାଉଅଛି ଯେ ଆମର ପ୍ରଚଳିତ ଆଇନ୍‌ରେ ଏହି ପରି କେତେକ ଶୂନ୍ୟସ୍ଥାନ ରହିଅଛି ଯେ ମାନହାନି ସମ୍ପର୍କିତ ମୋକଦ୍ଦମାର ବିଚାର ଅତ୍ୟନ୍ତ ସମୟ ସାପେକ୍ଷ ହୋଇ ଯାଉଅଛି । ଯଦି ସର୍ବନିମ୍ନ ବିଚାରାଳୟ ମାନହାନି ସୂଚକ ଲେଖା ପ୍ରକାଶ ପାଇବାର ଦଶମ ବର୍ଷରେ ଦଣ୍ଡ ବିଧାନ କରିବାକୁ ସକ୍ଷମ ହୁଅନ୍ତି ତାହା ହେଲେ ନ୍ୟାୟ ରହିଲା କେଉଁଠି ? କଥାରେ ଅଛି ବିଳମ୍ବିତ ନ୍ୟାୟ ଏବଂ ଉପେକ୍ଷିତ ନ୍ୟାୟ ଭିତରେ ପ୍ରଭେଦ ନାହିଁ । ବର୍ତ୍ତମାନ ଏହି ନିଷ୍ପତ୍ତି ବିରୁଦ୍ଧରେ ପୁନର୍ବିଚାର ନିମନ୍ତେ ପ୍ରାର୍ଥନା କରି ତାର ପରବର୍ତ୍ତୀ ଉଚ୍ଚତର ବିଚାରାଳୟରେ ଦରଖାସ୍ତ କରାଯାଇ ପାରିବ ଏବଂ କ୍ରମେ ଆଇନାନୁମୋଦିତ ବିଚାରର ପାହାଚରୁ ପାହାଚ ହୋଇ ସର୍ବଶେଷରେ ସୁପ୍ରିମ୍‌କୋର୍ଟରେ ଯଦି ଏହି ନିଷ୍ପତ୍ତିର ଶେଷ ସିଦ୍ଧାନ୍ତ ହେବ, ତା ହେଲେ ବିଚାର ଗୋଟିଏ ପୁରୁଷରେ ସରିପାରିବା ଆଶା କ୍ଷୀଣ । ଏହିଭଳି ଅବସ୍ଥାର ପ୍ରତିକାର ପ୍ରସ୍ତାବିତ ବିଧାନରେ ରଖା ଯାଇଥିଲା ଏବଂ ଏହି ବିଚାର ଦୌରା ବିଚାରାଳୟରେ ଆରମ୍ଭ କରାଯିବ ଏବଂ ବିଚାରର ସମୟସୀମା ରଖାଯାଇଥିଲା ତିନିମାସ ।

ଦ୍ୱିତୀୟତଃ, ମନେକରନ୍ତୁ କୌଣସି ବ୍ୟକ୍ତି ଆକ୍ରୋଶମୂଳକ ଭାବରେ ଜଣେ ସାଧାରଣ ନାଗରିକଙ୍କ ନାମରେ ମିଥ୍ୟାରେ ଏକ ମନଗଢ଼ା ସମ୍ବାଦ ସମ୍ବାଦପତ୍ର ମାଧ୍ୟମରେ ବା ପ୍ରଚାର ପତ୍ର ମାଧ୍ୟମରେ ବା ପ୍ରାଚୀରପତ୍ର ଦ୍ୱାରା ଅଥବା ସର୍ବସାଧାରଣ କୌଣସି ସ୍ଥାନରେ ଲେଖି ପ୍ରକାଶ କରିଦେଲେ । ଏହିପରି ଘଟଣା ବ୍ୟକ୍ତିଗତ ଅସୂୟା ବା ରାଜନୈତିକ କଳହର ପରିଣତି ହୋଇପାରେ ଏବଂ ଭାରତରେ ପ୍ରତିଦିନ ଏହା ଘଟୁଛି । ଏବେ ନିକଟ ଅତୀତରେ କଲିକତାର ଏକ ପ୍ରତିଷ୍ଠିତ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ହଠାତ୍ ଇହଲୋକ ତ୍ୟାଗ କଲେ ବୋଲି କଲିକତାର ଷ୍ଟେଟସମ୍ୟାନ ପରି ଏକ ଦାୟିତ୍ୱ ସମ୍ପନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇବା ପରେ ସେହି ଭଦ୍ର ମହିଳାଙ୍କୁ ଏକ ଅପମାନ ଜନକ ପରିସ୍ଥିତିରେ ପଡ଼ିବାକୁ ହୋଇଥିଲା । ସେ କଲିକତା ହାଇକୋର୍ଟରେ ଏକ କୋଟି ଟଙ୍କାର କ୍ଷତି ପୂରଣ ମାମଲା ଦାଏର କରିଛନ୍ତି । ଗାଁ ଗହଳରେ ଦେଉଳ କାନ୍ଥଠାରୁ ଆରମ୍ଭ କରି ବମ୍ବେ, କଲିକତା ଭଳି ନଗରୀମାନଙ୍କ ସୁଦୃଶ୍ୟ ଅଟ୍ଟାଳିକାମାନଙ୍କର ଧବଳ ପ୍ରାଚୀର ଉପରେ ଦୃଷ୍ଟି ପଡୁଥିବା ପ୍ରତ୍ୟେକ ଭଦ୍ର ବ୍ୟକ୍ତିଙ୍କ ପକ୍ଷରେ ଅନେକ ଲଜ୍ଜାଜନକ ଘଟଣାର ପୁନରାଲୋଚନା କରିବା ଏଠାରେ ଆବଶ୍ୟକ ହେବ ନାହିଁ । ନିକଟ ଅତୀତରେ ଭାରତର ଅନ୍ୟତମ ଖ୍ୟାତିସମ୍ପନ୍ନ ସାପ୍ତାହିକରେ ଗୋଟିଏ ରାଜ୍ୟର ସମ୍ମାନାସ୍ପଦ ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ଚରିତ୍ରର ଯେପରି ନିମ୍ନ ରୁଚି ସହ ଆଲୋଚନା ଓ ଚିତ୍ରଣ କରାଯାଇଅଛି ତାହା ପ୍ରତ୍ୟେକ ବିବେକୀକୁ ଦଂଶନ କରୁଥିବ ଅହର୍ନିଶି— ଏହାହିଁ କ'ଣ ପ୍ରକାଶ କରିବା ନିମନ୍ତେ ସ୍ୱାଧୀନତା, ଏହାହିଁ କ'ଣ ସମ୍ବାଦପତ୍ରର ସମ୍ବିଧାନ ପ୍ରଦତ୍ତ ବାକ୍-ସ୍ୱାଧୀନତା ?

ଏହିପରି ବିଭିନ୍ନ ମାନହାନି ମୋକଦ୍ଦମାର ବିଚାର କରାଯିବା ସମୟରେ ନିନ୍ଦାରୋପ କରୁଥିବା ବର୍ଣ୍ଣିତ ଘଟଣା ବା ତଥ୍ୟର ସତ୍ୟତା ଏବଂ ଏହି ନିନ୍ଦନୀୟ ଘଟଣାର ପରିପ୍ରକାଶ ଲୋକହିତ ଉଦ୍ଦେଶ୍ୟରେ କରାଯାଇଅଛି ବୋଲି ସିଦ୍ଧ ଓ ପ୍ରମାଣିତ କରିବା ଦାୟିତ୍ୱ ଓ ଭାର କାହା ଉପରେ ନ୍ୟସ୍ତ କରାଯିବ ? ଏହିପରି ଲେଖା ଯେ ପ୍ରକାଶ କରିଛନ୍ତି, ସେ ଏବଂ କେବଳ ସେହିଁ ଏହାର ସତ୍ୟତା ପ୍ରମାଣ କରିପାରିବେ ଏବଂ ମାନହାନି ମକଦ୍ଦମା ବିଚାରବେଳେ ସେ ହୋଇଥିବେ ଅଭିଯୁକ୍ତ ବ୍ୟକ୍ତି । ତେଣୁ ନିନ୍ଦାରୋପ କରୁଥିବା ବର୍ଣ୍ଣିତ ଘଟଣା ଏବଂ ତଥ୍ୟର ସତ୍ୟତା ତଥା ଏହି ନିନ୍ଦନୀୟ ଘଟଣା ପ୍ରକାଶ ଜନସାଧାରଣଙ୍କ ହିତ ସାଧନ କରିବ ବୋଲି ସିଦ୍ଧ କରିବା ଦାୟିତ୍ୱ ଅଭିଯୁକ୍ତ ବ୍ୟକ୍ତିଙ୍କ ଉପରେ ହିଁ ନ୍ୟସ୍ତ ହେବା ସ୍ୱାଭାବିକ ଏବଂ ଆବଶ୍ୟକ । ଅନ୍ୟପକ୍ଷରେ ଯେଉଁ ଭଦ୍ରବ୍ୟକ୍ତିଙ୍କର ବ୍ୟକ୍ତିଗତ ବା ଗୋଷ୍ଠୀଗତ ବା ସମ୍ପ୍ରଦାୟଗତ ମାନହାନି ହୋଇଛି ବୋଲି ଅଭିଯୋଗ କରାଯାଇ ମକଦ୍ଦମା ଦାଏର ହୋଇଛି ତାଙ୍କର ବା ତାଙ୍କ ପକ୍ଷର ଅଖଣ୍ଡ ଅଧିକାର ରହିବା ଆବଶ୍ୟକ ଯେ ନିନ୍ଦାରୋପ କରୁଥିବା ଘଟଣା ଏବଂ ତଥ୍ୟର ସତ୍ୟତା ଖଣ୍ଡନ କରିବା ନିମନ୍ତେ ସେ ସାକ୍ଷ୍ୟ ପ୍ରମାଣ ଦେଇ ପାରିବେ । ଏହା ସାଧାରଣତଃ ସ୍ୱୀକାର୍ଯ୍ୟ ।

କିନ୍ତୁ ନ୍ୟାୟ ବିଚାରର ଧାରା ଏବଂ ପ୍ରକୃତି ଏହାଠାରୁ ଭିନ୍ନ ଅଟେ । ଭାରତୀୟ ବିଚାରଧାରା ଅନୁସାରେ ଚିରାଚରିତ ଭାବରେ ଗ୍ରହଣ କରାଯାଇଅଛି ଯେ ଅଭିଯୁକ୍ତ ବ୍ୟକ୍ତି ଦୋଷୀ ବୋଲି ପ୍ରମାଣିତ ନହେବା ପର୍ଯ୍ୟନ୍ତ, ଦୋଷୀ ବୋଲି ନିଃସନ୍ଦେହ ଏବଂ ସଂଶୟହୀନ ଭାବରେ ନିର୍ଦ୍ଦିଷ୍ଟ ରୂପେ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ, ନିର୍ଦ୍ଦୋଷ ଅଟନ୍ତି ଏବଂ ତାଙ୍କୁ କୌଣସି ଦଣ୍ଡରେ ଦଣ୍ଡିତ କରିବା ଅନ୍ୟାୟ, ଅନୁଚିତ ଏବଂ ନିୟମ ବିରୁଦ୍ଧ । ତେଣୁ ମାନହାନି ବିଚାରରେ ମଧ୍ୟ ମାନହାନି ଘଟାଇଥିବା ବ୍ୟକ୍ତି, ଅଭିଯୁକ୍ତ ହୋଇଥିବା ବ୍ୟକ୍ତି ତାଙ୍କୁ ବିଚାରଧାରାର ସମସ୍ତ ସୁବିଧା ଓ ସୁଯୋଗ ଦିଆଯିବ । ଅର୍ଥାତ୍ ମାନହାନି ଘଟାଇବା ବ୍ୟକ୍ତି ଯେଉଁ ତଥ୍ୟ ଏବଂ ଘଟଣା ପ୍ରକାଶ କରିଥିବେ, ସେହି ତଥ୍ୟ ଏବଂ ଘଟଣା ସତ୍ୟ ଅଟେ ବୋଲି ପ୍ରମାଣ ଯୋଗାଇବେ ସେହି ବ୍ୟକ୍ତି, ଯେ ତାଙ୍କର ମାନହାନି ହୋଇଛି ବୋଲି ଅଭିଯୋଗ ବିଚାରାଳୟ ସମ୍ମୁଖରେ ଆଣିବେ । ବିଚିତ୍ର ବିଚାର !

କିନ୍ତୁ ଜଣେ ବ୍ୟକ୍ତିଙ୍କୁ ବା ଗୋଟିଏ ଗୋଷ୍ଠୀ ବା ଏକ ସମ୍ପ୍ରଦାୟକୁ ନିନ୍ଦା ଏବଂ ଅପଯଶର କଳଙ୍କରେ କଳଙ୍କିତ କରି ଦେଇଥିବାରୁ ମାନହାନି ଘଟାଇଥିବା ବ୍ୟକ୍ତିହିଁ ଜନସାଧାରଣଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତି ଏବଂ ତାଙ୍କୁ ଏହି ବିଚାରରେ ଅଭିଯୁକ୍ତ ନୁହେଁ, ଅଭିଯୋଗକାରୀ ହିସାବରେ ଗ୍ରହଣ କରାଯିବା ଅଧିକ ଉଚିତ ହେବ । ନିନ୍ଦିତ ବ୍ୟକ୍ତି ସମାଜ ଦରବାରରେ ଅଭିଯୁକ୍ତ ହୋଇ ଯାଇଥିବାରୁ, ସେହି ନିନ୍ଦା ଓ କଳଙ୍କର ଦାଗରୁ ମୁକ୍ତ ହେବା ନିମନ୍ତେ, ଭାରତୀୟ ସମ୍ବିଧାନ ଅନୁମୋଦିତ ବିଚାରାଳୟ ସମ୍ମୁଖରେ ଅଭିଯୋଗକାରୀ ରୂପେ ଆଜି ଉପସ୍ଥିତ । ଅପର ପକ୍ଷରେ ପ୍ରକାଶ୍ୟ ଭାବରେ ନିନ୍ଦାରୋପ କରିଥିବା ପ୍ରକୃତ ଅଭିଯୋଗକାରୀ ଏବେ ବିଚାରାଳୟ ସମ୍ମୁଖରେ ବିଧିବଶତଃ ଆଜି ଅଭିଯୁକ୍ତ ବ୍ୟକ୍ତି । ତେଣୁ ନ୍ୟାୟତଃ ବିଚାରାଳୟରେ ଅଭିଯୁକ୍ତ ବ୍ୟକ୍ତିଙ୍କ ଉପରେ ହିଁ ସେ ଲୋକଲୋଚନକୁ ଆଣିଥିବା ଅଭିଯୋଗସବୁ ସତ୍ୟ ବୋଲି ପ୍ରମାଣିତ କରିବାର ସମ୍ପୂର୍ଣ୍ଣ ଭାର ନ୍ୟସ୍ତ ହେବା ଉଚିତ ଏବଂ ଅପରପକ୍ଷରେ ନିନ୍ଦାରୋପ କରୁଥିବା ଘଟଣା ଏବଂ ତଥ୍ୟର ସତ୍ୟତା ଖଣ୍ଡନ କରିବା ଅଧିକାର ଜନସାଧାରଣ ଆଗରେ ଆଗରୁ ଅଭିଯୁକ୍ତ ଏବଂ ପରେ ବିଚାରାଳୟ ସମ୍ମୁଖରେ ଅଭିଯୋଗ ଆଗତ କରିଥିବା ବ୍ୟକ୍ତିର ହିଁ ରହିବା ଯଥାର୍ଥ ।

ମାନହାନି ମାକଦ୍ଦମା ବିଚାର କରାଗଲା ସମୟରେ ଏହି ଗୋଲକଧନ୍ଦା ସମସ୍ୟାର ସମାଧାନ କରିବା ନିମନ୍ତେ ପ୍ରସ୍ତାବିତ ମାନହାନି ବିଧାନର ଦ୍ୱାଦଶ ଧାରାରେ ଉଲ୍ଲେଖ ରହିଅଛି ଯେ,

For the removal of doubts, it is hereby declared that where a person accused of any offence under this chapter claims that the inputation made or published

by him is excepted under Section 4, or as the case may be, under Section 11, the onus of proving such claim shall be on him and the prosecution shall have the right to lead evidence in rebuttal.

କିନ୍ତୁ ଏହ ଦ୍ବାଦଶ ଧାରା ହିଁ ସାମ୍ବାଦିକ ଓ ଆଇନଜ୍ଞ ମାନଙ୍କର ବିବାଦର ମୁଖ୍ୟ ବିଷୟବସ୍ତୁ ହୋଇ ଠିଆ ହୋଇଛି । ନ୍ୟାୟ ବିଚାର ପ୍ରଣାଳୀରେ ଏହି ଚିନ୍ତାଧାରା, ଯାହା ଦ୍ବାଦଶ ଧାରାରେ ଲିଖିତ ହୋଇଅଛି, ଗୋଟିଏ ବିପ୍ଲବ ଆଣି ଦେଉଛି ବୋଲି ସେମାନେ ଅଭିଯୋଗ କରନ୍ତି । ଏହି ଧାରାରେ ଲିଖିତ ହୋଇଥିବା ବିଚାରର ପଦ୍ଧତି ଭାରତୀୟ ବିଧାନର ପରିପନ୍ଥୀ ବୋଲି ସେମାନେ ଅଭିଯୋଗ କରିଛନ୍ତି ।

କିନ୍ତୁ ପ୍ରକୃତ ବିଚାର ଦୃଷ୍ଟିରୁ ନିରପେକ୍ଷ ଭାବରେ ଦେଖିବାକୁ ଗଲେ ମାନହାନି ମକଦମାରେ ଅଭିଯୁକ୍ତ ବ୍ୟକ୍ତିଙ୍କର ହିଁ ଦାୟିତ୍ବ ରହିବା ଏକାନ୍ତ ଉଚିତ ଏବଂ ଆବଶ୍ୟକ ଯେ ସେ ପ୍ରକାଶ କରିଥିବା ଅଭିଯୋଗ, ଘଟଣା ଏବଂ ତଥ୍ୟ ଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ସତ୍ୟ ଏବଂ ନିଦାରୁଣ ଭାବରେ ବାସ୍ତବ, ଯେଉଁଥିରେ କଳ୍ପନାର ସତ୍ତା ମଧ୍ୟ ଅନୁପସ୍ଥିତ । କାରଣ କପୋଳକଳ୍ପିତ ଘଟଣା ବା ତଥ୍ୟ ସାହାଯ୍ୟରେ କୌଣସି ନାଗରିକଙ୍କର ସୁନାମ ଓ ସମ୍ମାନ ନଷ୍ଟ କରିବା ଅଧିକାର କାହାରି ନାହିଁ । ଥରେ ଲୋକର ସମାଜରେ ସମ୍ମାନ ନଷ୍ଟ ହୋଇଗଲେ ବହୁ ଜନ୍ମ ଧରି ଶତଚେଷ୍ଟା କଲେ ମଧ୍ୟ ସେହି ସମ୍ମାନ ଆଉଥରେ ଲାଭ ହୋଇପାରିବ ନାହିଁ । ସେ ଭଳି ବ୍ୟକ୍ତି ଜୀବିତ ରହି ମଧ୍ୟ ମୃତ, ମରଣ ପରେ ମଧ୍ୟ ତାର ସ୍ମୃତି ଅସମ୍ମାନିତ ।

ସମ୍ମାନ ପ୍ରଦର୍ଶନ ନ କରିବା ଓ ମାନହାନି କରିବା ଏକ ନୁହେଁ । ଯଥୋଚିତ ସମ୍ମାନ ବା ଏପରିକି କୌଣସି ସମ୍ମାନ ପ୍ରଦର୍ଶନ କରିବା ନକରିବାର ଅଧିକାର ସମସ୍ତଙ୍କର ସବୁ ସମୟରେ ରହି ଆସିଛି । କିନ୍ତୁ ମାନହାନି କରିବା ଅଧିକାର ଏପରି ବ୍ୟାପକ ଏବଂ ସାର୍ବଜନୀନ ନୁହେଁ । ଯାହାର ଚାରିତ୍ରିକ ବା ଅନ୍ୟ ଦୋଷ ରହିଛି ଏବଂ ସେହି ଦୋଷ ଯଦି ଆଇନ ବିରୋଧୀ ଅଟେ ଏବଂ ଆଇନ ଦ୍ବାରା ଦଣ୍ଡନୀୟ ଅଟେ, ତାହାହେଲେ ସେଭଳି ଦୋଷକୁ ଲୋକ ଲୋଚନରେ ପ୍ରକାଶ କରି ଦେବାର ଅଧିକାର ଏବଂ ଦାୟିତ୍ବ ପ୍ରତ୍ୟେକ ନାଗରିକର ରହିଅଛି । କିନ୍ତୁ ମିଥ୍ୟା ଓ ପ୍ରବଞ୍ଚନାର ଆଶ୍ରୟ ନେଇ ଯେ କୌଣସି ଜୀବିତ ବା ମୃତ ବ୍ୟକ୍ତିଙ୍କର ଚରିତ୍ର ସଂହାର କରିବା ଜଘନ୍ୟ ପାପ ଅଟେ ଏବଂ ସେହିଭଳି ପାପର ପରଲୋକରେ ତ ନିଶ୍ଚୟ ଶାସ୍ତି ରହିଛି, କିନ୍ତୁ ଇହଲୋକରେ ମଧ୍ୟ ସେହି ପାପର ଉପଯୁକ୍ତ ବିଚାର କରାଯାଇ ଉଚିତ ଶାସ୍ତି ପ୍ରଦାନ କରାଯିବା ଆବଶ୍ୟକ ନୁହେଁ କି ? ଦଳେ ସୁବିଧାବାଦୀ ଲୋକ ପୃଥିବୀର ଆବହମାନ ଯୁଗରୁ ଏହିପରି ବହୁ ଅସହାୟ ଏବଂ ଦୁର୍ବଳମନା ବ୍ୟକ୍ତିମାନଙ୍କର ମାନହାନି କରିବା ଭୟ ପ୍ରଦର୍ଶନ କରାଇ ବା ମାନହାନି କରି ଅର୍ଥ ବା ଅନ୍ୟ ସୁବିଧା ହାସଲ କରି ଆସିଛନ୍ତି । ମାନହାନି ପରି କୃଷ୍ଣକାୟ ଅସୁନ୍ଦର ଦୈତ୍ୟ ବିରୁଦ୍ଧରେ ସାହସର ସହିତ ଯୁଦ୍ଧ କରି ସର୍ବସାଧାରଣଙ୍କର ସମ୍ମୁଖରେ ନ୍ୟାୟ ପାଇବା ନିମନ୍ତେ ବିଚାରାଳୟର ଆଶ୍ରୟ ନେଇଥିବା ବ୍ୟକ୍ତିଙ୍କ ସଂଖ୍ୟା ଅତ୍ୟନ୍ତ ଅଳ୍ପ ଏବଂ ନଗଣ୍ୟ ଏବଂ ମାନହାନି କରାଉଥିବା ବ୍ଲାକମେଲମାନଙ୍କ ସହିତ ଅବଶେଷରେ ଆପୋଷ ମିଳାମିଶା ନକରି ବିଚାରର ଶେଷ ପର୍ଯ୍ୟନ୍ତ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥିବା ମହନୀୟ ବ୍ୟକ୍ତିଙ୍କ ସଂଖ୍ୟାତ ଆହୁରି ଅଳ୍ପ, ଆହୁରି ନଗଣ୍ୟ ଏବଂ ସେମାନ ସମାଜର ଅଭିନନ୍ଦନୀୟ ।

ଏବେ ପ୍ରସ୍ତାବିତ ମାନହାନି ବିଧାନ ସମ୍ପର୍କରେ ସମ୍ବାଦପତ୍ର ତଥା ଗଣମାଧ୍ୟମରେ ଯେପରି ପ୍ରଖର ଆଲୋଚନା ଓ ପ୍ରବଳ ବିତର୍କର ସ୍ରୋତ ଖୁଲିରହିଛି, ସେଥିରୁ ମନେ ହେବ ସତେ ଯେପରି ଭାରତର ଜନସାଧାରଣ ମାତ୍ର ଦୁଇଟି ଗୋଷ୍ଠୀ ସହ ହିଁ ଜଡ଼ିତ, ପ୍ରଥମ ଗୋଷ୍ଠୀଟି ସମ୍ପାଦକ, ସାମ୍ବାଦିକ ଏବଂ ଗଣମାଧ୍ୟମସହ ସଂଶ୍ଳିଷ୍ଟ ଏବଂ ଦ୍ବିତୀୟଟି ସରକାରରେ ରହିଥିବା ମନ୍ତ୍ରୀ, କର୍ମଚାରୀ ଏବଂ ସରକାରୀ କଳ ସହ ପ୍ରତ୍ୟକ୍ଷ ସଂପର୍କ ରହିଥିବା ପ୍ରତ୍ୟେକ ବ୍ୟକ୍ତି । ମନେହୁଏ ଏ ପ୍ରଥମ ଦଳର ଦାବୀ ହେଉଛି ଯେ ସବୁବେଳେ, କାରଣ ଅକାରଣରେ ପ୍ରକାଶିତ ଲେଖାଦ୍ବାରା ଦ୍ବିତୀୟ ଦଳ ବିରୁଦ୍ଧରେ ଅଭିଯୋଗ ଆଣିବା ଅଧିକାରରୁ ସେମାନଙ୍କୁ ବଂଚିତ କରାନଯାଉ ଏବଂ ଦ୍ବିତୀୟ ଦଳ ଯେହେତୁ ଦେଶର ଶାସନ ପରିଚାଳନା ସମ୍ପର୍କରେ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ତେଣୁ ସେମାନଙ୍କର ତ୍ରୁଟି ବିଚ୍ୟୁତିକୁ ସାଧାରଣରେ ବିଶଦ ଆଲୋଚନା କରାଯାଇ ଜନମତ ସଂଗଠନ କରାଯାଇ ପାରିବ । କାରଣ ଏହାହିଁ ଗଣତନ୍ତ୍ର ଏବଂ ଏହି ଅଧିକାରକୁ ସୀମିତ ବା ସଂକୁଚିତ କରାଗଲା ବେଳେ ଗଣତନ୍ତ୍ରର ଶ୍ବାସରୋଧ କରାଯାଇ ସ୍ବୈରାଚାରକୁ ପ୍ରଶ୍ରୟ ଦିଆଯିବ । ଏଭଳି ବିଚାରଧାରା କ'ଣ ଉଚିତ ବା ନ୍ୟାୟପୂର୍ଣ୍ଣ ? ସରକାରଙ୍କ ସହିତ ସଂପୃକ୍ତ ନଥିବା କ'ଣ ଏପରି କୌଣସି ବ୍ୟକ୍ତି, ସଂଗଠନ ବା ଅନୁଷ୍ଠାନ ନାହାନ୍ତି ଯାହାର ମାନହାନି କରାଯାଇ ପାରେ ?

ପ୍ରତ୍ୟେକ ନାଗରିକର ମତ ପୋଷଣ କରିବା ସ୍ବାଧୀନତା ରହିଛି ଏବଂ ସେହି ସ୍ବାଧୀନମତକୁ ବିନା ବାଧାରେ ସ୍ବାଧୀନ ଭାବରେ ପ୍ରକାଶ କରିବା ଅଧିକାର ମଧ୍ୟ ସମ୍ପୂର୍ଣ୍ଣ ଭାବରେ ରହିଛି । ଏହି ଅଧିକାରକୁ ପାଇବା ନିମନ୍ତେ ସମାଜକୁ ବହୁ ସଂଘର୍ଷ ଭିତରେ ଦେଇ ଯିବାକୁ ପଡ଼ିଛି ଏବଂ ପ୍ରତ୍ୟେକ ସ୍ତରରେ ସମାଜର ଶୃଙ୍ଖଳା ଏବଂ ନୀତି ନିୟମକୁ ଦୃଷ୍ଟି ଦେଇ ଗଭୀର ଆତ୍ମସମୀକ୍ଷା କରାଯାଇଅଛି । ସାଧାରଣ ବ୍ୟକ୍ତି ସ୍ବାଧୀନ ଭାବରେ ଚିନ୍ତାକରି ନିର୍ଭୟରେ ତାହା ପ୍ରକାଶ କରିବା ନିମନ୍ତେ ହୋଇଥିବା ବୌଦ୍ଧିକ ସଂଘର୍ଷର ଇତିହାସର ଅଧ୍ୟମାରମ୍ଭ ଆଜକୁ ଅଢେଇ ହଜାର ବର୍ଷ ପୂର୍ବେ ଏଥେନ୍ସ ନଗରୀ ଗଣତାନ୍ତ୍ରିକ ବିଚାରଧାରାରୁ ମିଳିଥାଏ । ପରବର୍ତ୍ତୀ ଯୁଗରେ ୟୁରୋପୀୟ ସଭ୍ୟତାର ଗ୍ରୀକ୍ ଏବଂ ରୋମାନ କାଳରେ ମଧ୍ୟ ଏହି ଚିନ୍ତା ଓ ବଚନର ସ୍ବାଧୀନତା ପରିପୁଷ୍ଟ ହୋଇଥିଲା । କିନ୍ତୁ ତାପରେ କ୍ଷମତାର କେନ୍ଦ୍ରବିନ୍ଦୁ ଏବଂ ଏକମାତ୍ର ଉତ୍ସ କେବଳ ଦେଶର ରାଜା ଅଟନ୍ତି ବୋଲି ପ୍ରଚାରିତ ମତବାଦ ବାକ୍‌ସ୍ବାଧୀନତାର କଣ୍ଠରୋଧ କରି ଗଣତାନ୍ତ୍ରିକ ବ୍ୟବସ୍ଥାର ବିଲୋପ କରି ଦେବାର ପ୍ରାୟ ପନ୍ଦର ଶହ ବର୍ଷ ପରେ ସପ୍ତଦଶ ଶତାବ୍ଦୀରେ ସମାଜ ଆଉ ଥରେ ବାକ୍‌ସ୍ବାଧୀନତାର ଦାବୀକୁ ଅତି ମନ୍ଥର ଗତିରେ ଦ୍ବିଧାର ସହିତ ଗ୍ରହଣ କରିବାକୁ ଆରମ୍ଭ କରିଥିଲା । ଜାତିସଂଘ ଡ଼ିସେମ୍ବର ୧୦, ୧୯୪୮ ଦିନ ପ୍ୟାରିସ୍ ଠାରେ ଏକ ସାଧାରଣ ଅଧିବେଶନରେ ମାନବ ଅଧିକାରର ସାର୍ବଜନୀନ ଘୋଷଣାର ୧୯ତମ ଧାରାରେ ମୁକ୍ତ କଣ୍ଠକଣ୍ଠରେ ଘୋଷଣା କରିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ସ୍ବତନ୍ତ୍ର ମତ ପୋଷଣ କରିବା ଅଧିକାର ରହିଛି ଏବଂ ସେହି ମତକୁ ନିର୍ଭୟ ଭବାରେ ପ୍ରକାଶ କରିବା ସ୍ବାଧୀନତା ମଧ୍ୟ ରହିଛି, ଆଉ ସେହି ସ୍ବାଧୀନତା ମତ ପ୍ରକାଶ ନିମନ୍ତେ ଯେ କୌଣସି ମାଧ୍ୟମକୁ ବ୍ୟବହାର କରାଯିବ ଅଧିକାର ମଧ୍ୟ ପ୍ରତ୍ୟେକ ବ୍ୟକ୍ତିର ରହିଛି । ସ୍ବାଧୀନ ଭାରତରେ ସମ୍ବିଧାନ ମଧ୍ୟ ପ୍ରତ୍ୟେକ ନାଗରିକକୁ ସେହି ଅଧିକାର ଗୋଟିଏ ମୌଳିକ ଅଧିକାର ରୂପେ ପ୍ରଦାନ କରିଅଛି । କିନ୍ତୁ ଏପରି ପବିତ୍ର ଅଧିକାର ତ ସ୍ବେଚ୍ଛାଚାର ଏବଂ ଉଚ୍ଛୃଙ୍ଖଳତାର କ୍ରୀତଦାସ ହୋଇ ପାରିବ ନାହିଁ ଏବଂ ତେଣୁ ସେହି ଅଧିକାରର ଯଥାଯୋଗ୍ୟ ବିନିଯୋଗ ଏବଂ ବ୍ୟବହାର ନିମନ୍ତେ ସମାଜ କେତେକ ପ୍ରତିବନ୍ଧକ ସୃଷ୍ଟି କରିବା ଆବଶ୍ୟକ ।

ଏହି ଆବଶ୍ୟକତା ଅନେକ ଦିନ ପୂର୍ବରୁ ଅନୁଭୂତ ହୋଇଥିଲା । ଆଇନ୍ କମିଶନ ତାଙ୍କର ୪୨ ତମ ରିପୋର୍ଟରେ ଭାରତୀୟ ପିଙ୍ଗଳ କୋଡ଼ର କେତେକ ସଂଶୋଧନ କରି ଏହି ପ୍ରତିବନ୍ଧକ ସୃଷ୍ଟି କରିବାକୁ ଉପଦେଶ ଦେଇଥିଲେ ଏବଂ ତଦନୁସାରେ ଭାରତରେ ଜନତା ଦଳ ଶାସନ କରୁଥିବା ସମୟରେ ଭାରତୀୟ ପିଙ୍ଗଳ କୋର୍ଡ (ସଂଶୋଧନ) ବିଧାନ, ୧୯୭୮ ଆଗତ ହୋଇଥିଲା ଏବଂ ଏହି ବିଧାନଟି ୧୯୭୯ରେ ଲୋକସଭା ରାଜ୍ୟସଭାରେ ଗୃହୀତ ହୋଇଯାଇଥିଲା । ୧୯୭୯ରେ ଲୋକସଭା ଅକାଳରେ ଭାଙ୍ଗି ଯିବାରୁ ଏହି ପ୍ରସ୍ତାବିତ ବିଧାନଟି ଆଇନରେ ପରିଣତ ହୋଇ ପାରିଲାନଥିଲା । ଦ୍ବିତୀୟ ପ୍ରେସ କମିଶନ ମଧ୍ୟ ୧୯୮୪ ରେ ତାଙ୍କର ରିପୋର୍ଟରେ ମାନହାନି ଆଇନର କେତେକ ସଂଶୋଧନ ଆଣିବା ନିମନ୍ତେ ଉପଦେଶ ଦେଇଥିଲେ ।

ଏତଦ୍‌ବ୍ୟତୀତ ଯେ କୌଣସି ନାଗରିକ ଅପରାଧ କରିଛନ୍ତି ବୋଲି ମିଥ୍ୟା ଦୋଷାରୋପ କରି ଅଭିଯୋଗ ଉପସ୍ଥାପନା କରି ତା'ର ବହୁଳ ପ୍ରଚାର ନିମନ୍ତେ ସେହି ଅଭିଯୋଗଗୁଡ଼ିକୁ ଗଣମାଧ୍ୟମରେ ପ୍ରକାଶ କରିବା ମଧ୍ୟ ଏକ ଅପରାଧ ବୋଲି ଧରିବାକୁ ବହୁଦିନରୁ ଦାବୀ ହୋଇ ଆସୁଥିଲା । ଏଭଳି ଅଭିଯୋଗ ଆଗତ କରୁଥିବା ବ୍ୟକ୍ତିମାନେ ଅଧିକାଂଶ କ୍ଷେତ୍ରରେ ଏହି ତଥ୍ୟଗୁଡ଼ିକର ସଂପୂର୍ଣ୍ଣ ଏବଂ ପୁଂଖାନୁପୁଂଖ ଅନୁସନ୍ଧାନ କରାଯାଇ ଅଭିଯୋଗ କରାଯାଇଥିବା ଅପରାଧଗୁଡ଼ିକର ସତ୍ୟତା ପ୍ରମାଣିତ ହେବା ଚାହାନ୍ତି ନାହିଁ । ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା ଅଭିଯୁକ୍ତ ବ୍ୟକ୍ତିଙ୍କର ଚରିତ୍ର ସଂହାର ଏବଂ ତାଙ୍କର ମାନ ସମ୍ମାନକୁ ସମାଜ ଆଗରେ ହ୍ରାସ କରି ଚିତ୍ରଣ କରିବା । ଏହି ଉଦ୍ଦେଶ୍ୟ ସାଧିତ ହେବା ପରେ ସେମାନେ ଏହି ଅଭିଯୋଗ ଗୁଡ଼ିକରେ ଯୁକ୍ତିଯୁକ୍ତ ପରିସମାପ୍ତି ଘଟାଇବାକୁ ଚାହାନ୍ତି ନାହିଁ କାରଣ ଅଭିଯୋଗୁଡ଼ିକର ସତ୍ୟତା ସମ୍ପର୍କରେ ସେମାନେ ମଧ୍ୟ ସନ୍ଦିହାନ । ସମାଜର ଏହି ଦୁଷ୍ଟ ଶ୍ରେଣୀର ଲୋକମାନଙ୍କର ଏଭଳି ପ୍ରବୃତ୍ତିର ନିରୋଧ ନିଃସନ୍ଦେହ ଭାବରେ ଆବଶ୍ୟକ । ଗଣତନ୍ତ୍ରର ଆଧାର ପବିତ୍ର ବାକ୍‌-ସ୍ୱାଧୀନତାକୁ ଏଭଳି ଅପରାଧୀମାନଙ୍କର ଉଚ୍ଛୃଙ୍ଖଳତା ଏବଂ ସ୍ୱୈରାଚାରର ଖେଳନା ସାମଗ୍ରୀ କରିବାକୁ ସୁସ୍ଥ ସମାଜ କେବେ ଅନୁମତି ଦେଇ ପାରିବ ନାହିଁ ।

କିନ୍ତୁ ଆଇନର ପରିସର ମଧ୍ୟକୁ ଦୋଷୀ ହୋଇ ଆସିବାକୁ ହେଲେ ଏହି ମିଥ୍ୟା ଦୋଷାରୋପ ଦ୍ୱାରା ଅନ୍ୟମାନଙ୍କ ଦୃଷ୍ଟିରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିନ୍ଦିତ ବ୍ୟକ୍ତିଙ୍କର ନୈତିକ ବା ବୌଦ୍ଧିକ ଚରିତ୍ରକୁ ଅଧଃପତନ କରାଇବା ସମ୍ଭାବନା ରହିବା ଆବଶ୍ୟକ ଏବଂ ଏହା ତାଙ୍କର ଜାତି ବା ବୃତ୍ତିକୁ ଆକ୍ଷେପ କରୁଥିବା ବା ସେହି ବ୍ୟକ୍ତିଙ୍କ ସମ୍ମାନ କ୍ଷୁଣ୍ଣ କରୁଥିବା ବା ତାଙ୍କ ଦେହର ଲଜ୍ଜାଜନକ ବା ଘୃଣ୍ୟ ଅବସ୍ଥା ସମ୍ପର୍କରେ ସୂଚନା ଦେଉଥିବା ଯଦି ଏହି ମିଥ୍ୟା ଦୋଷାରୋପ ନିନ୍ଦିତ ବ୍ୟକ୍ତିଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଅନ୍ୟମାନଙ୍କର ଘୃଣା, ଅବଜ୍ଞା ବା ଉପେକ୍ଷାର ପାତ୍ର କରୁଥିବା ଅଥବା ସେହି ବ୍ୟକ୍ତିଙ୍କର ବ୍ୟବସାୟ, ବୃତ୍ତି, ଜୀବିକାରେ କ୍ଷତି ଘଟାଉଥିବ ତେବେ ସେଭଳି ମିଥ୍ୟା ଦୋଷାରୋପକୁ ମାନହାନି ବୋଲି ଗ୍ରହଣ କରାଯାଇପାରିବ, କିନ୍ତୁ ଯଦି ସେଭଳି ଦୋଷାରୋପ ମିଥ୍ୟା ନହୋଇ ସତ୍ୟ ହୋଇଥାଏ ତେବେ ତାହା ମାନହାନିର ସଂଜ୍ଞା ଭିତରେ ଆସିବ ନାହିଁ ଏବଂ ସେଭଳି ଦୋଷାରୋପ ଦୋଷାବହ ହେବନାହିଁ ।

ଏହି ମାନହାନି ଅପରାଧରେ ଦୋଷୀକୁ ଦୁଇବର୍ଷ ନିମନ୍ତେ କାରାଦଣ୍ଡ ବା ଦୁଇହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିପାରେ, କିନ୍ତୁ ଏଭଳି ଅପରାଧ ଦ୍ୱିତୀୟ ଥର ନିମନ୍ତେ ବା ତା'ର ପରେ କରିଲେ ଦଣ୍ଡର ପରିମାଣ ବୃଦ୍ଧି କରାଯାଇ ପାରିବାର ବ୍ୟବସ୍ଥା ଏହି ପ୍ରସ୍ତାବିତ ବିଧାନରେ ରହିଅଛି । କିନ୍ତୁ ଯଦି ଅଜ୍ଞତାବଶତଃ ବା କୌଣସି ଅଭିସନ୍ଧି ନରଖି ଏପରି ଲେଖା ପ୍ରକାଶ ପାଇଥାଏ ଏବଂ ଯଦି ମାନହାନି ସୂଚକ ଲେଖାର ସଂଶୋଧନ ଲିଖିତ ଭାବରେ ଅଭିଯୋଗକାରୀଙ୍କର ଗ୍ରହଣଯୋଗ୍ୟ ହେଲାଭଳି କରାଯାଏ ତା ହେଲେ ଦୋଷୀ ଅଭିଯୁକ୍ତ ବ୍ୟକ୍ତିଙ୍କୁ ନିରପରାଧ ବୋଲି ଧରାଯିବ ।

ପ୍ରସ୍ତାବିତ ବିଧାନର ୪ର୍ଥ, ୫ମ, ୬ଷ୍ଠ, ୭ମ, ୧୦ମ ଓ ୧୧ଶ ଧାରା ଭାରତୀୟ ପିଙ୍ଗଳ କୋର୍ଡର ୪୯୯ ରୁ ୫୦୨ ପର୍ଯ୍ୟନ୍ତ ଧାରାଗୁଡ଼ିକର ପୁନରାବୃତ୍ତି ମାତ୍ର ଏବଂ ତେଣୁ ଏହି ଧାରାମାନଙ୍କର ବିଶେଷ ଆଲୋଚନା ଆବଶ୍ୟକ ହେବ ନାହିଁ ।

କିନ୍ତୁ ପ୍ରସ୍ତାବିତ ବିଧାନର ୧୨ଶ ଧାରାଟି ସମ୍ପୂର୍ଣ୍ଣ ନୂତନ ଏବଂ ବିଚାର ଶୈଳୀରେ ଏହା ଏକ ନୂତନ ଚିନ୍ତାଧାରା ପ୍ରବର୍ତ୍ତନ କରିବାକୁ ଚେଷ୍ଟା କରୁଅଛି । ଏହି ଧାରାରେ ଅଭିଯୁକ୍ତ ବ୍ୟକ୍ତିଙ୍କ ଉପରେ ଅଭିଯୋଗର ସତ୍ୟତା ପ୍ରମାଣ କରିବା ଦାୟିତ୍ୱ ନ୍ୟସ୍ତ ହୋଇଛି ଏବଂ ପ୍ରକାଶିତ ବକ୍ତବ୍ୟ ଯେ ସାଧାରଣ ମଙ୍ଗଳ ଏବଂ ହିତ ଦୃଷ୍ଟିରୁ କରାଯାଇଅଛି, ତାହା ମଧ୍ୟ ଅଭିଯୁକ୍ତ ବ୍ୟକ୍ତି ହିଁ ପ୍ରମାଣ କରିବାକୁ ପଡ଼ିବ । ସମାଜର ମଙ୍ଗଳ ବା ହିତ ଦୃଷ୍ଟିରୁ ହିଁ ଏହିଭଳି ବକ୍ତବ୍ୟ ପ୍ରକାଶିତ ହୋଇପାରେ ଯାହାଦ୍ୱାରା ଅନ୍ୟର ସମ୍ମାନ ବା ସମ୍ମାନରେ ଆଞ୍ଚ ଆସିବ; କେବଳ ମୁଖରୋଚକ ବା ଶ୍ରୁତି ମଧୁର କୌଣସି ଅପଯଶର କାହାଣୀ ସତ୍ୟ ହେଲେ ମଧ୍ୟ ପ୍ରଚାର ଯୋଗ୍ୟ ହେବ ନାହିଁ । ଏଠାରେ ହିଁ ବ୍ୟକ୍ତି ଏବଂ ବ୍ୟକ୍ତି ମଧ୍ୟରେ ଓ ସରକାର ଏବଂ ସମ୍ବାଦପତ୍ର ମଧ୍ୟରେ ଥିବା ପ୍ରଭେଦକୁ ସ୍ପଷ୍ଟ ଗୁରୁତ୍ୱ ଦିଆଯାଇଅଛି । ଶାସନ ଦାୟିତ୍ୱ ରହିଥିବା ଯେ କୌଣସି ବ୍ୟକ୍ତିଙ୍କର ସମାଲୋଚନା କରିବା ଅଧିକାର, ଯେହେତୁ ତାହା ସମାଜର ମଙ୍ଗଳ ନିମନ୍ତେ କରାଯାଉଅଛି ତେଣୁ ନିଶ୍ଚୟ କରିହେବ । ଭାରତୀୟ ସାକ୍ଷ୍ୟ ବିଧାନ ର ୧୦୫ ଧାରା ମଧ୍ୟ ସେହି ଚିନ୍ତାଧାରାକୁ ପରିପୁଷ୍ଟ କରୁଛି । ଭାରତୀୟ ପିଙ୍ଗଳ କୋର୍ଡ଼ ଏବଂ ଭାରତୀୟ ସାକ୍ଷ୍ୟ ବିଧାନର ସାମଗ୍ରିକ ବିଚାର କଲେ ଜଣାପଡ଼ିବ ଯେ ପ୍ରସ୍ତାବିତ ବିଧାନରେ ନୂତନତ୍ୱର ସ୍ୱାଦ ଅନେକ କମ ।

ପ୍ରସ୍ତାବିତ ବିଧାନର ୧୩ଶ, ୧୫ଶ ଓ ୧୮ଶ ଧାରାର ପ୍ରଣିଧାନ କଲେ ଜଣାଯିବ ଯେ ସମ୍ବାଦପତ୍ର ମାନଙ୍କରେ ସ୍ୱାଧୀନତା କ୍ଷୁଣ୍ଣ ହେବା ଆଶଙ୍କା ଅମୂଳକ ନୁହେଁ । କୌଣସି ସମ୍ବାଦ ପ୍ରକାଶ କରିବା ବେଳେ ସମ୍ପୃକ୍ତ ସମ୍ବାଦପତ୍ରର ମୁଦ୍ରକ ବା ପ୍ରକାଶକ ବା ସମ୍ପାଦକ, ସମ୍ବାଦରେ ପ୍ରକାଶ ପାଉଥିବା ତଥ୍ୟର ସତ୍ୟତା ସମ୍ପର୍କରେ ନିଃସନ୍ଦେହ ହେବା ଅସ୍ୱାଭାବିକ ବୋଲି ମନେହୁଏ । ସମ୍ବାଦପତ୍ରରେ ସମ୍ବାଦ ମୂଲ୍ୟ ଦୃଷ୍ଟିରୁ ସମ୍ବାଦ ପ୍ରକାଶ କରିବାକୁ ହୋଇଥାଏ । ତେଣୁ ପ୍ରକାଶିତ ସମ୍ବାଦରେ ଅଭିସନ୍ଧି ବା ଉଦ୍ଦେଶ୍ୟ ନଥିଲା ବେଳେ ମୁଦ୍ରକ ବା ପ୍ରକାଶକ ବା ସମ୍ପାଦକଙ୍କୁ ଅପରାଧୀ ବୋଲି ବିଚାର କରାଯିବା ଅନୁଚିତ ।

ପ୍ରସ୍ତାବିତ ବିଧାନରେ ଉଲ୍ଲେଖ ଅଛି ଯେ ମାନହାନି ମୋକଦ୍ଦମାର ବିଚାର ଦିନ ପରେ ଦିନ, ଏପରି ପ୍ରତିଦିନ କରାଯିବ ଏବଂ ଅଭିଯୁକ୍ତ ବ୍ୟକ୍ତି ବିଚାରାଳୟରେ ପ୍ରତିଦିନ ଉପସ୍ଥିତ ରହିବାକୁ ବାଧ୍ୟ ହେବେ । ଏହି ପଦ୍ଧତି ସର୍ବସାଧାରଣଙ୍କ ନିମନ୍ତେ ପ୍ରଯୁଜ୍ୟ ହେଲେ ମଧ୍ୟ ସମ୍ବାଦପତ୍ରର ସମ୍ପାଦକ, ପ୍ରକାଶକ ଏବଂ ମୁଦ୍ରକଙ୍କ ପ୍ରତି ପ୍ରଯୁଜ୍ୟ ହେବା ଅନୁଚିତ । କାରଣ ମନେ କରନ୍ତୁ କଟକରେ ପ୍ରକାଶିତ ଗୋଟିଏ ସମ୍ବାଦପତ୍ର ବିରୁଦ୍ଧରେ ଜୟପୁର, ବଲାଙ୍ଗିର ଏବଂ ରାଉରକେଲାରେ ତିନିଗୋଟି ମାନହାନି ମୋକଦ୍ଦମା ବିଚାର କରାଯାଉଛି, ତାହାହେଲେ ସମ୍ପାଦକ ସମ୍ବାଦପତ୍ର ସମ୍ପାଦନା କରିବେ ନା ତିନି ଜାଗାରେ ଏକ ସମୟରେ ଉପସ୍ଥିତ ରହିବେ ?

ପ୍ରସ୍ତାବିତ ବିଧାନରେ ଅନ୍ୟତ୍ର ବ୍ୟବସ୍ଥା ରହିଛି ଯେ ବିଚାରପତି ଇଚ୍ଛାକଲେ ବିଚାରଟିକୁ ସର୍ବସାଧାରଣରେ ନକରି ଗୋପନୀୟ ଭାବରେ ବିଚାର କରିପାରିବେ । ଏହା କେତେକ ସ୍ଥଳରେ ବାଞ୍ଛନୀୟ ହେଲେ ମଧ୍ୟ, ସୁସ୍ଥ ବିଚାରଧାରା ପରିପନ୍ଥୀ । ନିରପେକ୍ଷ ବିଚାରର ଗୋଟିଏ ଲକ୍ଷଣ ହେଉଛି ଯେ ଏହା ଖୋଲା ଭାବରେ ସର୍ବସାଧାରଣଙ୍କ ସମକ୍ଷରେ ହିଁ କରାଯିବ । ତେଣୁ ଏହି ବ୍ୟବସ୍ଥାର ବ୍ୟାପକତ୍ୱ ହ୍ରାସ ଏବଂ ସଂକୁଚିତ କରାଯିବା ଆବଶ୍ୟକ ।

ଏହି ପରିପ୍ରେକ୍ଷୀରେ ପ୍ରସ୍ତାବିତ ବିଧାନରେ ଉଠିଥିବା ସମସ୍ୟା ଏବଂ ପ୍ରଶ୍ନମାନଙ୍କର ପୁଙ୍ଖାନୁପୁଙ୍ଖ ଏବଂ ଆମୂଳଚୂଳ ଆଲୋଚନା ଜାତୀୟ ସ୍ତରରେ, ପତ୍ରପତ୍ରିକା ମାଧ୍ୟମରେ, ସଭାସମିତିମାନଙ୍କରେ, ଅଭିଜ୍ଞ ଅବସରପ୍ରାପ୍ତ ବିଚାରପତି ଓ ଆଇନଜ୍ଞଙ୍କ ଦ୍ୱାରା ଘରୋଇ ଭାବରେ ଆଲୋଚନା କରାଯାଉ । ଏହି ଆଲୋଚନା ଭାରତର ଜାତି-ଧର୍ମ-ବର୍ଣ୍ଣ-ଗୋଷ୍ଠୀ ନିର୍ବିଶେଷରେ, ବିଶେଷତଃ ମହିଳାମାନଙ୍କ ଦ୍ୱାରା ହେବା ଉଚିତ କାରଣ ସାମାଜିକ ନ୍ୟାୟରୁ ସେମାନେ ବଞ୍ଚିତ । ଏହି ବିଧାନ ଭାରତୀୟ ସମ୍ବିଧାନର ଗୋଟିଏ ଅମୂଲ୍ୟ ଦାନକୁ ସଙ୍କୁଚିତ କରି ଦେଉଥିବା ଆଶଙ୍କା ରହିଥିବା ବେଳେ ସ୍ୱାଧୀନତା ଏବଂ ଉଚ୍ଛୃଙ୍ଖଳତା ମଧ୍ୟରେ ଗୋଟିଏ ସୀମାରେଖା ନିରୂପଣ କରିବା ଦାୟିତ୍ୱ ସମ୍ବନ୍ଧରେ ସଚେତନତା ଆଣି ଦେଇ ପାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଯେଉଁଭଳି ଆନ୍ତରିକତା ଏବଂ ସହୃଦୟତାର ସହ ଏହି ପ୍ରସ୍ତାବିତ ବିଧାନ ସମ୍ପର୍କିତ ପ୍ରଶ୍ନଗୁଡ଼ିକ ଉପରେ ଏକ ଜାତୀୟ ଆଲୋଚନାର ଆହ୍ୱାନ ଦେଇଛନ୍ତି ସେହି ଆହ୍ୱାନ ଭ୍ରାନ୍ତ ସଂସ୍କାର ବଶବର୍ତ୍ତୀ ପକ୍ଷପାତ ଅବିଚାର ଦ୍ୱାରା ଆଚ୍ଛାଦିତ ହୋଇ ନ ଯାଉ । ନିରପେକ୍ଷ ବିଚାର କେବେହେଲେ ବିବେକର ନିର୍ମଳ ସ୍ରୋତସ୍ୱିନୀ ଧାରାକୁ ଶୁଷ୍କ କରି ନପାରେ । ବାସ୍ତବିକ ଗଣତନ୍ତ୍ର ହେଉଛି ଆଲୋଚନା ମାଧ୍ୟମରେ ପ୍ରକୃଷ୍ଟ ପନ୍ଥା ନିରୂପଣ କରିବା ।

*With best compliments of :*

# ORISSA CONSTRUCTION CORPORATION LIMITED

## ( A GOVT. OF ORISSA UNDERTAKING )

## BHUBANESWAR

Post Box No. 82
Phone-BBS-52246
PBX—52020 52118 52068

Regd. Office
Unit-VIII
Bhubaneswar

Gram : ORICON
Telex : 675239 OCCL.

*Specialists in construction of :*

P. S. C. Bridges, Concrete-*cum*-Masonry Dams, Earth Dams, Tunnels, Power House, Barrages, Aerodromes, Harbour, Irrigation Works, Factory Buildings, Townships, Quarry Operation, etc. & Design. Fabrication and Erection of High Head Hydraulic Gates, Penstocks, Heavy Structural, etc.

## OURMOTTO

**SERVICE TO STATE WITH QUALITY WORKS**

# ସଂସ୍କୃତ ସାହିତ୍ୟରେ ବୃକ୍ଷ

ଅଧ୍ୟାପକ ସୁଶାନ୍ତ କୁମାର ପଣ୍ଡା

ପୁରାତନ ପ୍ରସ୍ତର ଯୁଗରେ ମନୁଷ୍ୟ ବଣରୁ ଫଳମୂଳ ସଂଗ୍ରହ କରି ନିଜର ଜୀବନ ଧାରଣ କରୁଥିଲା । କାଳକ୍ରମେ ବୌଦ୍ଧିକତାର ବିକାଶ ସହିତ ଖାଦ୍ୟ, ବାସଗୃହ, ବସ୍ତ୍ର ଇତ୍ୟାଦି ବୃକ୍ଷ ଉପରେ ନିର୍ଭର କରିବାକୁ ଲାଗିଲା । ସୁତରାଂ ସ୍ୱଭାବତଃ କୁହାଯାଇପାରେ ମନୁଷ୍ୟ ଆଦିମ କାଳରେ ବୃକ୍ଷ ଉପରେ ବହୁ ପରିମାଣରେ ନିର୍ଭରଶୀଳ ଥିଲା ।

ଅରଣ୍ୟ ଯୋଗୁଁ ବଣ୍ୟ ଜୀବମାନେ ଓ ବୃକ୍ଷ ଶାଖାରେ ବିହଗକୁଳ ନୀଡ଼ ରଚନା କରି ରହୁଥିଲେ । ମନୁଷ୍ୟ ଓ ଇତର ପ୍ରାଣୀମାନେ ବଣ ଉପରେ ନିର୍ଭର କରି ବଂଚି ରହିଥିଲେ । କାଳକ୍ରମେ ବୌଦ୍ଧିକତାର ବିକାଶ ଦ୍ୱାରା କେଉଁ ବୃକ୍ଷ ଗୁଡ଼ିକ ତା'ପାଇଁ କିପ୍ରକାର କର୍ମରେ ବିନିଯୁକ୍ତ କରାଯାଇ ପାରିବ ତାହା ସ୍ଥିରକଲା ।

ଅରଣ୍ୟର ବିଭିନ୍ନ ସ୍ଥାନରେ ମୁନିମାନେ ଆଶ୍ରମମାନ ସ୍ଥାପନ କରି ବିଦ୍ୟାଚର୍ଚ୍ଚା କରୁଥିଲେ । ଉପନିଷଦ ମାନଙ୍କ ମଧ୍ୟରୁ ଗୋଟିଏ ବିଖ୍ୟାତ ଉପନିଷଦର ନାମ ବୃହଦାରଣ୍ୟକ (ଉପନିଷଦ) । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଶାନ୍ତି-ନିକେତନ ଓ ସତ୍ୟବାଦୀ ବନ ବିଦ୍ୟାଳୟକୁ ପରିଦର୍ଶକମାନେ ପ୍ରାଚୀନ ଗୁରୁକୁଳ ସହିତ ତୁଳନା କରିଥାନ୍ତି ।

ରାମାୟଣ ଯୁଗରେ ଶବରୀ ରାମଚନ୍ଦ୍ରଙ୍କୁ ଯେଉଁ ଫଳ ପ୍ରଦାନ କରିଥିଲା ପ୍ରଥମେ ସେ ଫଳର ସ୍ୱାଦୁ ଜାଣି ସେ ସବୁ ମଧ୍ୟରୁ ସୁସ୍ୱାଦୁ ଓ ସୁମିଷ୍ଟ ଫଳଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଥିଲା । ହୁଏତ ଅନୁମାନ କରାଯାଇ ପାରେ ଯେ ସେ ସମୟକୁ ବଣ୍ୟ ଫଳ ଗୁଡ଼ିକୁ ଉତ୍ତମ ରୂପେ ଚିହ୍ନିତ କରାଯାଉଥିଲା ।

ରାମାୟଣରେ ଭାରତବର୍ଷର ବହୁସ୍ଥଳରେ ନାନା ଫଳପୁଷ୍ପ ପରିପୂର୍ଣ୍ଣ ଅରଣ୍ୟ ସମୂହକୁ ଲକ୍ଷ୍ୟ କରାଯାଇ ପାରେ ।

ଦାକ୍ଷିଣାତ୍ୟରେ ଥିବା ଗୋଦାବରୀର ଉପକଣ୍ଠସ୍ଥ ପଞ୍ଚବଟୀକୁ ଦେଖାଯାଉ ।

ଇୟଂ ଗୋଦାବରୀ ରମ୍ୟା ପୁଷ୍ପିତୈସ୍ତରୁଭିର୍ବୃତା-୧୨
ଶାଲୈ ସ୍ତାଳୈ ତମାଳୈଂ ଶ୍ଚ ଖର୍ଜୁରୈଃ ପନସ ଦ୍ରୁମୈଃ
ନିବାରୈ ସ୍ତିନିଶେ ଶ୍ଚୈବ ପୁନାଗୈ ଶ୍ଚୋପଶୋଭିତାଃ । ୧୬
ଚୂତୈରଶୋକ ସ୍ତିଳକୈଃ କେତକୈରପିଚମ୍ପକୈଃ
ପୁଷ୍ପ ଗୁଳ୍ମ ଲତା ପେତୈ ସ୍ତୈ ସ୍ତରୁଭି ରାବୃତାଃ । ୧୭
ସ୍ୟନ୍ଦନୈ ଶ୍ଚନ୍ଦନୈ ନୀପୈଃ ପନସୈର୍ଲକୁଚୈରପି
ଅଶ୍ୱ କର୍ଣ୍ଣ ଖଦିରୈଃ ଶମୀ କିଂଶୁକପାଟଳୈଃ । ୧୮

(ରାମାୟଣ-ଅରଣ୍ୟ କାଣ୍ଡ-ଷୋଡ଼ଶ ସର୍ଗଃ

ଅର୍ଥାତ୍ ପଞ୍ଚବଟୀ ବନ ଶାଳ, ତମାଳ, ତାଳ, ଖର୍ଜୁର, ପନସ, ନିବାର, ତିନିଶ, ପୁନାଗ, ଚୂତ, ଅଶୋକ, ତିଳକ, କେତକୀ, ଚମ୍ପକ ସ୍ୟନ୍ଦନ ଚନ୍ଦନ, ନୀପ, ଲକୁଚ, ଧବ, ଅଶ୍ୱକର୍ଣ୍ଣ, ଖଦିର, ଶମୀ, କିଂଶୁକ ପ୍ରଭୃତି ଗୁଳ୍ମ ପରିବୃତ ଓ ଲତା ସଂକୁଳିତ ପୁଷ୍ପିତ ବୃକ୍ଷ ସମାବିଷ୍ଟ ।

ରାମାୟଣ ବିଷୟ ବସ୍ତୁର ବହୁଅଂଶ ଅରଣ୍ୟରେ ଅତିବାହିତ ସୁତରାଂ ବହୁସ୍ଥଳରେ ଅରଣ୍ୟର ନାନା ସୁଷମା, ଭୀମକାନ୍ତ ଓ କମନୀୟ ରୂପ ବର୍ଣ୍ଣନାରେ ପରମ ସୁନ୍ଦର ଓ ରୁଚିପୂର୍ଣ୍ଣ ହୋଇ ଉଠିଛି । ଚିତ୍ରକୂଟ, ମଧ୍ୟ ଭାରତର ଦଣ୍ଡକାରଣ୍ୟ, ଦାକ୍ଷିଣାତ୍ୟର ପଞ୍ଚବଟୀ, ଦକ୍ଷିଣ ଭାରତର ପମ୍ପା ସରୋବର ନିକଟବର୍ତ୍ତୀ ଅଞ୍ଚଳ ଓ ଲଙ୍କାର ପ୍ରତ୍ୟେକ ସ୍ଥାନର ବିଶିଷ୍ଟ ଫୁଲ ଫଳ ଓ ତରୁ ଇତ୍ୟାଦିର ସୂଚନା ମିଳିଥାଏ । ଅଯୋଧ୍ୟା କାଣ୍ଡର ଚତୁର୍ନବତିତମ ଅରଣ୍ୟ କାଣ୍ଡର ତ୍ରିସପ୍ତତିତମ ସର୍ଗଃ । ଲଙ୍କା କାଣ୍ଡର ଏକୋନ ଚତ୍ୱାରିଂଶ ସର୍ଗଃ ଗୁଡ଼ିକ ପ୍ରାକୃତିକ ଶୋଭାରେ ମହିମାନ୍ୱିତ ।

ମହାଭାରତରେ ମହାକବି ଭଗବାନ କୃଷ୍ଣ ଦ୍ୱୈପାୟନ ବ୍ୟାସ ପାଣ୍ଡବମାନଙ୍କୁ ଭାରତର ବହୁ ନଦ, ନଦୀ, କାନନ, କାନ୍ତାର ପର୍ବତ, ଅରଣ୍ୟ ପ୍ରଭୃତି ଭ୍ରମଣ କରାଇ ଅଛନ୍ତି ।

ଅର୍ଜୁନ ଦ୍ରୌପଦୀଙ୍କ ଗୃହକୁ ଯିବା ସଂପର୍କରେ ପୂର୍ବସର୍ତ୍ତ ରକ୍ଷାକରି ପାରି ନଥିବାରୁ ସେ ବାରବର୍ଷ ବନବାସ କରିଥିଲେ । ସେ ସମୟ ମଧ୍ୟରେ ଭାରତର ବହୁ ଅରଣ୍ୟ ପରିଭ୍ରମଣ କରିଥିଲେ । ସେହି ପରିପ୍ରେକ୍ଷୀରେ ନାନା ବୃକ୍ଷ ସଂପଦର ଅବତାରଣା କରାଯାଇଛି । କବିଙ୍କ ବର୍ଣ୍ଣନା ଦେଖାଯାଉ ।

ଶାଳ ବେଣୁ ଧବାଶ୍ୱତ୍ଥ ତିନ୍ଦୁକଂ ଗୁଦ କିଂଶୁକୈଃ
ଅର୍ଜୁନା ରିଷ୍ଟ ସଞ୍ଛନ୍ନଂ ସ୍ୟନ୍ଦନୈଶ୍ଚ ସ ଶାଲ୍ମଳୈଃ-୩ ।
ଜମ୍ବାମ୍ର-ଲୋଧ୍ର-ଖଦିର-ଶାଳବେତ୍ର ସମାକୁଳମ୍
ପଦ୍ମ କମଳକ ପ୍ଲକ୍ଷ କଦମ୍ବୋଦୁମ୍ବରାବୃତମ୍-୪
ବଦରୀ ବିଲ୍ୱ ସଂଛନ୍ନନ୍ୟଗ୍ରୋଧୈଶ୍ଚ ସମାକୁଳମ୍-
ପ୍ରିୟାଳ ତାଳ ଖର୍ଜୁର- ହରିତକ ବିଭୀତକୈଃ-୫

(ମହାଭାରତ, ବନପର୍ବ, ତ୍ରିପଞ୍ଚାଶତମ ଅଧ୍ୟାୟ)

ଦମୟନ୍ତୀ ନଳ ପରିତ୍ୟକ୍ତା ହୋଇ ବିନ୍ଧ୍ୟ ପର୍ବତରେ ପରିଭ୍ରମଣ କରୁଥିବା କାଳରେ ଶାଳ, ବଂଶ, ଧବ, ଅଶ୍ୱତ୍ଥ, ତିନ୍ଦୁକ, ଇଂଗୁଦ, କିଂଶୁକ, ଅର୍ଜୁନ, ନିମ୍ବ, ତିନିଶ, ଶାଲ୍ମଳୀ, ଜମ୍ବୁ, ଆମ୍ର, ଲୋଧ୍ର, ଖଦିର, ଶାକ, ବେତ୍ର, ପଦ୍ମକ, ଆମଳକୀ, ତାର୍କତି, କଦମ୍ବ, ଉଦୁମ୍ବର, ବଦରୀ, ବିଲ୍ୱ, ବଟ, ପିଆଳ, ତାଳ, ଖର୍ଜୁର ଓ ବିଭୀତକୀ ସୁଶୋଭିତ ଆଶ୍ର-ମରେ

ପହଞ୍ଚୁଥିଲେ । ସୁତରାଂ ସେ କାଳରେ ବସ୍ତୁତଃ ମୁନି ଆଶ୍ରମ ଗୋଟିଏ ବୃକ୍ଷାକୀର୍ଣ୍ଣ ଉଦ୍ୟାନ ସ୍ଥଳ ଥିଲା । କେବଳ ବୃକ୍ଷ ନୁହେଁ ପ୍ରାଣୀମାନଙ୍କୁ ସବୁମତେ ସୁରକ୍ଷା କରା ଯାଉଥିଲା ଏବଂ ଅଭୟ ପ୍ରଦାନ କରାଯାଉଥିଲା । ପଶୁପକ୍ଷୀମାନେ ଆଶ୍ରମବାସୀଙ୍କ ଦ୍ୱାରା ସସ୍ନେହରେ ପୁତ୍ରବତ୍ ଲାଳିତ ପାଳିତ ହେଉଥିଲେ ।

ପ୍ରକୃତି ମନୁଷ୍ୟର ହର୍ଷ ବିଷାଦ ସମୟରେ ହର୍ଷୋତ୍‌ଫୁଲ୍ଲ ହୋଇ ଉଠିଛି ବା ବିଷାଦ ରାଗିଣୀ ମୁଖରିତ ହୋଇଛି ।

ମରୁତ୍ ପ୍ରଯୁକ୍ତାଶ୍ଚ ମରୁତ୍ ସଖାଭଂ
ତମର୍ଚ୍ଚ୍ୟ ମାରା ଦଭି ବର୍ତ୍ତି ମାନମ୍
ଅବାକିରନ୍ ବାଲା ଲତାଃ ପ୍ରସୁନୈ
ସ୍ତ୍ରୀଚାର ଲାଜୈ ରିବ ପୌର କନ୍ୟାଃ ।
(ରଘୁବଂଶ-୨/୧୦)

ରାଜା ଦିଲ୍ଲୀପଙ୍କ ମସ୍ତକରେ ସେହି ବନସ୍ଥଳୀରେ ସମୀରଣ ଦ୍ୱାରା ଇଷତ୍ ଆନ୍ଦୋଳିତ ବନଲତାଗୁଡ଼ିକ ପୌରକନ୍ୟାମାନଙ୍କ ପରି ଶୁଭ ପ୍ରସୂନର ଲାଜାଞ୍ଜଳି ଢାଳି ଦେଉଥିଲେ । ମନ୍ଦ ବାୟୁର ସଂସ୍ପର୍ଶ ଏଠାରେ ତାଙ୍କଦର୍ଶନରେ ଅରଣ୍ୟ ପ୍ରକୃତିର ଆନନ୍ଦର ଶିହରଣ ମାତ୍ର । ଉଲ୍ଲସିତ ଆନନ୍ଦର ଏ ସଂବର୍ଦ୍ଧନା ।

କେବଳ ବୃକ୍ଷଲତା (ବନଭୂମି) ଯେ ମନୁଷ୍ୟର ଆନନ୍ଦରେ ମୁଖରିତ ତାହା ନୁହେଁ, ଦୁଃଖରେ ମଧ୍ୟ ମ୍ରିୟମାଣ ଓ ସମଭାଗୀ ହୋଇ ଅଶ୍ରୁ ବର୍ଷଣ କରିବାର ଚିତ୍ର ଅପ୍ରତୁଳ ନୁହେଁ ।

ବିପଳନିତ କୋଶଳାଧିପଃ କରୁଣାର୍ଥ ଗ୍ରଥିତଂ ପ୍ରିୟାଂପ୍ରତି
ଅକରୋତ୍ ପୃଥିବୀରୁହାନପିସ୍ରୁତ ଶାଖାରସ ବାଷ୍ପ ଦୂଷିତନ୍ ।
(ରଘୁବଂଶ-୮ମ-୭୦)

ଇନ୍ଦୁମତୀଙ୍କ ବିରହରେ ଅଜ କରୁଣ ବିଳାପରେ ଫାଟି ପଡ଼ୁଛନ୍ତି । ପ୍ରକୃତିରେ ଅନୁରୂପ ଚିତ୍ର ଆମେ ଦେଖିବାକୁ ପାଉଁ । ତାଙ୍କ ଶୋକରେ ବେଦନାର୍ତ୍ତ ତରୁରାଜି ଶାଖାରୁ ରସ କ୍ଷରଣ ପୂର୍ବକ ଅଶ୍ରୁ ବିମୋଚନ କରୁଥିଲେ ।

କେବଳ ସେତିକି ନୁହେଁ ନିର୍ବାସିତା ସୀତାଦେବୀ ବନଭୂମିରେ ଅସହାୟ ଭାବେ ରୋରୁଦ୍ୟମାନା ଅବସ୍ଥାରେ ନିପତିତା ହୋଇ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି । ସେହି କାରୁଣ୍ୟମୟ ମୁହୂର୍ତ୍ତରେ କବିଙ୍କ ବର୍ଣ୍ଣନା ଲକ୍ଷ୍ୟଣୀୟ ।

ନୃତ୍ୟ ମୟୂରାଃ କୁସୁମାନିବୃକ୍ଷାଃ ଦର୍ଭାନୁପାଉନ୍ ବିଜହୁର୍ହରିଣ୍ୟଃ
ତସ୍ୟା ପ୍ରପନ୍ନେ ସମଦୁଃଖଭାବମ୍, ଅତ୍ୟନ୍ତ ମାମୀ ରୁଦିତଂ ବନେଽପି ।
(ରଘୁବଂଶ-୧୪/୬୯)

ମୟୂର କୁଳ ନୃତ୍ୟ ରହିତ ହେଲେ । ତରୁରାଜି ଅଙ୍ଗର ଆଭୂଷଣ-ପୁଷ୍ପ ରାଜିକୁ ପରିହାର କରିବାକୁ ଲାଗିଲେ । ହରିଣ କୁଳ କୁଶକବଳ ପରିତ୍ୟାଗ କଲେ । ଏହିପରି ସମଗ୍ର ବନଭୂମି ସୀତା ଦୁଃଖରେ ସମଭାଗୀ ହେଲା । ସର୍ବତ୍ର କାରୁଣ୍ୟର ବିଷାଦିତ ଛାୟା ପରିପ୍ଲାବିତ ହେଲା ।

ବନ ଉପବନ କ୍ରମଶଃ ରାଷ୍ଟ୍ରର ସମ୍ପଦ ଭାବେ ଗୃହୀତ ହୋଇଥିଲା । ସେ ସକଳର ରକ୍ଷଣାବେକ୍ଷଣ ଓ ପରିଚାଳନା ରାଜାଙ୍କର ଦାୟିତ୍ୱ ହୋଇଉଠିଲା । ମହାମନା କୌଟିଲ୍ୟ ତଦୀୟ ଅର୍ଥଶାସ୍ତ୍ରରେ ଉପବନ, ବନ ଓ ରାଜପଥ ପାର୍ଶ୍ୱସ୍ଥ ବୃକ୍ଷ ସମୂହକୁ 'ଆରାମାଧିପ'ଙ୍କ ତତ୍ତ୍ୱାବଧାନରେ ରହୁଥିବା ଉଲ୍ଲେଖ କରିଅଛନ୍ତି ।

ଖ୍ରୀ: ସଂଭବ ସେହିକାଳରୁ କିମ୍ବା ପୂର୍ବରୁ ବୃକ୍ଷାୟୁର୍ବେଦ ରଚିତ ହୋଇଥିଲା । ଉପକାରୀ ଓ ଦରକାରୀ ବୃକ୍ଷଗୁଡ଼ିକର ଅକାଳରେ ନଷ୍ଟ; ରୋଗପୋକ ଦାଉରୁ ରକ୍ଷା କରିବା ପାଇଁ ଗବେଷଣା ହୋଇଥିଲା । ବୃକ୍ଷଗୁଡ଼ିକ କିପରି ଅଧିକ ପରିମାଣରେ ଫଳପୁଷ୍ପରେ ବିମଣ୍ଡିତ ହେବେ ସେଥିପାଇଁ ଅନୁଧ୍ୟାନ ଓ ଅନୁଶୀଳନ ମଧ୍ୟ କରା ଯାଉଥିଲା ।

ଗୃହର କେଉଁ ଦିଗରେ କେଉଁ ବୃକ୍ଷ ରୋପଣ କଲେ ଗୃହସ୍ଥ ନୀରୋଗ ଦୀର୍ଘଜୀବୀ ଓ ସୁଖୀ ହୋଇପାରିବ ତଥା ଜୀବନ ଯାତ୍ରା ସଫଳ ହୋଇ ପାରିବ ସେଥିପାଇଁ ଗବେଷଣା କରାଯାଇଥିଲା ।

ଆଶ୍ରମେ ନାରିକେଳଶ୍ଚ ଗୃହିଣୀଲ୍ଧନପ୍ରଦଃ
ଶିବିରସ୍ୟ ଯଦୀଶାନେ ପୁତ୍ରପ୍ରଦ ପ୍ରରୁଃ
ସର୍ବତ୍ର ମଙ୍ଗଳାର୍ହଶ୍ଚ ତରୁରାଜୋମନୋହରଃ
ରସାଳ ବୃକ୍ଷଃ ପୂର୍ବସ୍ମିନ୍ ନୃଣାଂ ସମ୍ପଦପ୍ରଦସ୍ତଥା
* * *

ବିଶ୍ୱଶ୍ଚ ପନସ ଶ୍ଚୈବ ଜମ୍ବୀରୀ ବଦରୀତଥା
ଅନ୍ୟ ପକ୍ଷରେ କେଉଁ ବୃକ୍ଷ କେଉଁଠାରେ ନିଷିଦ୍ଧ ତାହାମଧ୍ୟ ଚିହ୍ନଟ କରାଯାଇଥିଲା ।

ନିର୍ଦ୍ଦିଷ୍ଟ ବୃକ୍ଷ ରୋପଣ ଦ୍ୱାରା ପୁତ୍ରବାନ ଓ ନୀରୋଗ ହେବା ବିଷୟ ମଧ୍ୟ ଉଲ୍ଲିଖିତ ଅଛି ।

ସତେ ପୁତ୍ର ସହସ୍ରାଣାଂ କାର୍ଯ୍ୟ ମେକଃ କରିଷ୍ୟତି
ଧନୀଗ୍ୱଶ୍ୱତ୍ଥ ବୃକ୍ଷେଣ ଅଶୋକଃ ଶୋକନାଶନଃ
ପ୍ଲକ୍ଷୋ ଯଜ୍ଞ ପ୍ରଦଃ ପ୍ରୋକ୍ତୋ ନିମ୍ବଶ୍ୱ ସୁପ୍ରଦଃସ୍ମୃତଃ
ଜମ୍ବୁକୀ ନାକଦାପୋକ୍ତା ଭାର୍ଯ୍ୟାଦା ଦାଡ଼ିମ୍ବୀ ତଥା ॥

ବୃକ୍ଷମାନଙ୍କୁ ଦେବତା ଭାବେ ପରିକଳ୍ପନା କରାଯିବା କେବଳ ଆର୍ଯ୍ୟ ସଂସ୍କୃତିରେ ନୁହେଁ ଆର୍ଯ୍ୟେତର ସଂସ୍କୃତିରେ ମଧ୍ୟ ଏହା ଦେଖାଯାଏ । (ଏହାର ପରିପୂର୍ଣ୍ଣ ଉଦାହରଣ ଭାବେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରାଯାଇ ପାରେ) । ଏହାଦ୍ୱାରା ବୃକ୍ଷ ରୋପଣକୁ ପ୍ରୋତ୍ସାହିତ କରାଯିବା ସଙ୍ଗେସଙ୍ଗେ ବୃକ୍ଷ ଅନିଷ୍ଟକୁ ମଧ୍ୟ ପ୍ରକାରାନ୍ତରେ ନିଷେଧ କରାଯିବା ଜଣାଯାଏ ।

ଶ୍ରୀବୃକ୍ଷଃ ଶଙ୍କରୋଦେବଃ ପାଟଳାୟନ୍ତୁ ପାର୍ବତୀ
ଶିଂଶପାୟା ମପସରସଃ କୁନ୍ଦେ ଗନ୍ଧର୍ବ ସତ୍ତମଃ ॥

ଶ୍ରୀମଦ୍ ଭଗବତ୍ ଗୀତାରେ ଉକ୍ତ ପ୍ରସଙ୍ଗରେ କୁହାଯାଇଛି 'ଅଶ୍ୱତ୍ଥଃ ସର୍ବ ବୃକ୍ଷାଣାଂ' ବୃକ୍ଷମାନଙ୍କ ମଧ୍ୟରେ ଅଶ୍ୱତ୍ଥ ହେଉଛି ସର୍ବ ପ୍ରଧାନ ।

ବୃକ୍ଷ ରୋପଣର ସମୟ, ମୃତ୍ତିକା ଓ ବିଧି ପ୍ରଭୃତି ପାଇଁ ପ୍ରାଚୀନ କାଳରେ ବହୁ ଉପାଦେୟ ଗ୍ରନ୍ଥ ରଚିତ ହୋଇଥିଲା । ବୃହତ୍ ସଂହିତାରେ ଫଳ ଗଛ ରୋପଣ ପାଇଁ ନିର୍ଦ୍ଦିଷ୍ଟ କ୍ଷେତ୍ର ନିର୍ଦ୍ଧାରିତ ହୋଇଅଛି ।

କୌଟିଲ୍ୟ ବୃକ୍ଷ ଛେଦନ ନିମିତ୍ତ ରାଜଦଣ୍ଡର ନିର୍ଦ୍ଦେଶ ପ୍ରଦାନ କରିଅଛନ୍ତି । (ଅର୍ଥ ଶାସ୍ତ୍ର ପ୍ରଥମ ଖଣ୍ଡ) ବୃକ୍ଷର ଶାଖା, ପ୍ରଶାଖା ଓ ଗଛ ଛେଦନ କଲେ ବିଭିନ୍ନ ପ୍ରକାର ଦଣ୍ଡ ବିଧାନର ବିଧି ନିର୍ଦ୍ଦିଷ୍ଟ ହୋଇଛି । ବୃହତ ସଂହିତାରେ ମଧ୍ୟ ବୃକ୍ଷାଦି ଛେଦନକୁ ନିଷେଧ କରାଯାଇଅଛି ।

ତସ୍ମାନ୍ ଛେଦୟେତ୍ ବୃକ୍ଷାନ୍ ସୁପୁଷ୍ପଫଳିତାନ୍‌କଦା
ଯଦିଚ୍ଛେତ୍ କୁଳବୃଦ୍ଧିଞ୍ଚ ଧନ ବୃଦ୍ଧିଞ୍ଚ ଶାଶ୍ୱତମ୍ (୧)

ଅର୍ଥାତ୍ ମନୁଷ୍ୟ ଚିରକାଳ ନିଜର ବଂଶ ଓ ଧନର ବୃଦ୍ଧି କାମନାରେ ବୃକ୍ଷ ଛେଦନ କରିବା ନିଷେଦ୍ଧ ।

ସେହି ପ୍ରସଙ୍ଗରେ ସୁଶୀତଳ ଛାୟାପ୍ରଦ ବୃକ୍ଷମାନଙ୍କୁ ଓ ନଗର ସମୀପ ତରୁଛେଦନକୁ ନିଷିଦ୍ଧ କରାଯାଇଛି । ରାଜା ଦେଶ, କାଳ ଓ ପାତ୍ର ଅନୁସାରେ ବୃକ୍ଷର ଗୁରୁତ୍ୱ ଅନୁସାରେ ଦଣ୍ଡ ବିଧାନ କରିବା ପାଇଁ ନିର୍ଦ୍ଦେଶ ଅଛି ।

ବୈଦିକ କାଳରୁ ପୁଷ୍ପର ଆଦର ଦେଖିବାକୁ ମିଳିଥାଏ । ପୁଷ୍ପ 'ସୁମନସ' ଭାବରେ ବୈଦିକ ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଛି । ଯାହାର ଦର୍ଶନ, ସ୍ପର୍ଶ ଓ ଆଘ୍ରାଣରେ ମନ ଆନନ୍ଦିତ ହୁଏ ତାହାକୁ ସୁମନସ କୁହାଯାଏ । ସାମ୍ପ୍ରତିକ କାଳରେ ସରକାରୀ ଓ ବେସରକାରୀ ଉଦ୍ୟାନ ପାର୍କମାନ ଗଠିତ ହେବାପରି ସେ କାଳରେ ନଗର ଉପକଣ୍ଠମାନଙ୍କରେ ପ୍ରମୋଦ ଉଦ୍ୟାନମାନ ନିର୍ମିତ ହେଉଥିଲା ।

ମହାଭାରତରେ ପୁଷ୍ପତତ୍ତ୍ୱର ବିନିଯୋଗ ସମ୍ପର୍କରେ କୁହାଯାଇଛି—

ପୁଷ୍ପ ପୁଷ୍ପଂ ବିଚିନ୍ୱିତ ମୂଳଚ୍ଛେଦଂ ନକାରୟେତ୍
ମାଳାକାର ଇବାରାମେ ନ ଯଥାଙ୍ଗାର କାରକଃ ।

(ମହାଭାରତ ଉଦ୍ୟୋଗ ପର୍ବ-୩୪ଅ. ୧୮-ଶ୍ଳୋ.)

ପୁଷ୍ପ ଚୟନ କରି ଉପଯୋଗ କରାଯିବା ବିଧେୟ, ମାତ୍ର ବାଟୀକା ନଷ୍ଟ କରାଯିବା ସର୍ବାଦୌ ଅନୁଚିତ ।

ରାମାୟଣ ଯୁଗରେ ପୁଷ୍ପ ଓ ପୁଷ୍ପ ଉପବନର ସୁସ୍ପଷ୍ଟ ବର୍ଣ୍ଣନା ଦେଖିବାକୁ ମିଳିଥାଏ । ସୀତା ଦେବୀ ନିଜର ଦୋହଦ ପାଇଁ ରାମଚନ୍ଦ୍ରଙ୍କୁ କହୁଛନ୍ତି—

ତପୋବନାନି ପୁଣ୍ୟାନି ଦ୍ରଷ୍ଟୁମିଚ୍ଛାମି ରାଘବ
ଗଙ୍ଗା ତୀରେ ପବିଷ୍ଟାନାମୃଷିଣା ମୁଗ୍ର ତେଜସାମ୍ ।୩୩।

(ରାମାୟଣ ଉତ୍ତରାକାଣ୍ଡ ଚତୁଃପଞ୍ଚାଶସର୍ଗ)

ବିଭିନ୍ନ ଋତୁରେ ଧରା ପୃଷ୍ଠରେ ନାନା ପୁଷ୍ପରାଜି ବିକଶିତ ହୋଇଥାନ୍ତି । ବିଭିନ୍ନ ପୁଷ୍ପ ଭିନ୍ନଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ନିବେଦିତ ହୋଇଥାଏ ।

ଏ ପ୍ରସଙ୍ଗରେ ପୁରାଣର ଉକ୍ତି ଦେଖାଯାଉ—

ବିଶେଷତଃ ପ୍ରବକ୍ଷାମି ପୁଷ୍ପାନି ତିଥିଭିଃସହ
ଦାନାନୀୟ ପ୍ରସସ୍ତାନି ମାଧବ ପ୍ରିଣନାୟତୁ ।୧୫. ୧୧।
ଜାତି ଶାତାହ୍ୱ ସୁମନାଃ କୁନ୍ଦଂ ବହୁ ପୁଟଂ ତଥା
ବାଣଂଚ ଚମ୍ପକା ଶୋକଂ କର କରବୀରଂଚ ଯୁଥିକା

୧୫।୧୨

ପାରିଭଦ୍ରଂ ପାଟଳାଚ ବକୁଳଂ ଗିରିଶାଳିନୀ
ତିଳକଂଚ ଜପା ପୁଷ୍ପଂ ପୀତକ ତୁଗରତାପି ୧୫।୧୭

(ବାମନ ପୁରାଣ)

ଏହି ପରିପ୍ରେକ୍ଷୀରେ ବାଲ୍ମିକୀ, ବ୍ୟାସ, ଭାସ, କାଳିଦାସ, ଭବଭୂତି ପ୍ରମୁଖ କବିମାନଙ୍କ କୃତିରେ ସେ ସମସ୍ତର ସୁସ୍ପଷ୍ଟ ଦୃଷ୍ଟାନ୍ତମାନ ଦେଖିବାକୁ ମିଳିଥାଏ ।

କବି କାଳିଦାସଙ୍କ ଜନପ୍ରିୟ କୃତି ଋତୁ ସଂହାରରେ ଷଡଋତୁ କ୍ରମରେ ନାନା ପୁଷ୍ପର ସମାରୋହ ସମ୍ପର୍କରେ ଆଲୋକପାତ କରିଅଛନ୍ତି ।

କମଳ ବନ ଚିତାମ୍ବୁଃ ପାଟଳ ମୋଦରମ୍ୟଃ
ସୁଖ ସଲିଳ ନିଷେକଃ ସେବ୍ୟ ଚନ୍ଦ୍ରାଂଶୁହାରଃ ।୨୮।

(ଋତୁ ସଂହାର)

ଗ୍ରୀଷ୍ମ କାଳରେ ଜଳରାଶି ପଦ୍ମ ପରିପୂର୍ଣ୍ଣ ହୋଇଅଛି । ପାଟଳର ମନୋହର ରଙ୍ଗ ପ୍ରାଣକୁ ଆବିଷ୍ଟ କରୁଅଛି । ଏହି ସମୟରେ ଶୀତଳ ଜଳରେ ଅବଗାହନ ଚନ୍ଦ୍ର କୌମୁଦୀ ଏବଂ କୁସୁମର ମାଳା ସମସ୍ତଙ୍କର ସେବ୍ୟ ।

ନୀଳା କଦମ୍ବ-ନବକେଶର କେତକୀଭିଃ
ରଚୋଜିତା ଶିରସି ବିଭ୍ରତି ଯୋଷିତୋଽଦ୍ୟ
କର୍ଣ୍ଣାନ୍ତରେଷୁ କକୁଭଦ୍ରୁମ ମଞ୍ଜରୀଭିଃ
ଇଚ୍ଛାନୁକୂଳ ରଚିତା ନବତଂ ସକାଂଶ୍ଚ-୨୦

(ଋ. ସଂ. ୨ୟ ସର୍ଗ)

ସୁନ୍ଦରୀଗଣ ପ୍ରସ୍ଫୁଟିତ କଦମ୍ବ, ଅଚିରୋଦ୍‌ଗମ ବକୁଳ ଓ କେତକୀ କୁସୁମର ସମାହାରରେ ମାଳା କରି ଶିର ମଣ୍ଡନ କରି ଅଛନ୍ତି । ନିଜ ଇଚ୍ଛା ଅନୁସାରେ କୁଟଜ କୁସୁମର ଅବତଂସ କର୍ଣ୍ଣରେ ପିନ୍ଧିଛନ୍ତି ।

ବସନ୍ତ କାଳରେ ପୃଥିବୀ ରାଣୀ ପୁଷ୍ପର ପସରା ମେଲାଇ ଅପୂର୍ବ ଶ୍ରୀ ଧାରଣ କରେ ।

କର୍ଣ୍ଣେଷୁ ଯୋଗ୍ୟଂ ନବକର୍ଣ୍ଣିକାରଂ
ଚଳେଷୁ ନୀଳେଷ୍ୱଳ କେଶେଷ୍ୱଶୋକମ୍
ପୁଷ୍ପଞ୍ଚ ଫୁଲ୍ଲ ନବମଲ୍ଲି କାୟାଃ
ପ୍ରଯାତି କାନ୍ତି ପ୍ରମଦା ଜନସ୍ୟ ।୫।

ପ୍ରମଦାମାନଙ୍କର କେଶ ପାଶରେ କର୍ଣ୍ଣିକାର ଓ ଘନକୃଷ୍ଣ କୁନ୍ତଳରେ ଅଶୋକ ଓ ନବମଲ୍ଲିକା କିପରି ଶୋଭା ପାଉଛି ।

ବୃକ୍ଷର ବିଭିନ୍ନ ଅଂଶ ବିଶେଷତଃ ପୁଷ୍ପ ସହିତ ନାୟିକାମାନଙ୍କର ଭିନ୍ନଭିନ୍ନ ଅଙ୍ଗର ସାମ୍ୟ ରକ୍ଷା କରାଯାଇଅଛି, ଦୃଷ୍ଟାନ୍ତତଃ—

ଅଧର କିସଳୟ ରାଗଃ କୋମଳ ବିଟପାନୁ କାରିଣୀ ବାହୁ
କୁସୁମ ମିବ ଲୋଭନୀୟ ଯୌବନ ମଙ୍ଗେଷୁ ସନ୍ନଦ୍ଧସମ୍

(ଅଭିଜ୍ଞାନ ଶାକୁନ୍ତଳମ୍-ପ୍ର.ଅ.ଶ୍ଳୋ. ୧୯)

ଶକୁନ୍ତଳାର ଅଧର ବାସ୍ତବିକ ନବ ପଲ୍ଲବ ପରି ରକ୍ତ ବର୍ଣ୍ଣ, ବାହୁ ଯୁଗଳ କୋମଳ ଶାଖା ତୁଲ୍ୟ । ଅଙ୍ଗରେ ପ୍ରସ୍ଫୁଟିତ ନବ ଯୌବନ ପୁଷ୍ପ ପରି ଲୋଭନୀୟ । କେବଳ ଫଳ ବା ପୁଷ୍ପ ନୁହେଁ ବୃକ୍ଷର ପତ୍ର ମଧ୍ୟ ନାନା ଦେବ ଦେବୀଙ୍କ ପୂଜା ଉପକରଣ ଓ ପ୍ରିୟ ଭାବେ କଥିତ ଅଛି

ବିଲ୍ୱ ପତ୍ରଂ ଶମୀ ପତ୍ରଂ ପତ୍ରୁ ଭୃଙ୍ଗ ମୃଗାଙ୍କୟୋଃ
ତମାଳ ମାଳତୀ ପତ୍ରଂ ଶସ୍ତଂଚ ହରି ପୂଜନେ ।

(ବାମନ ପୁରାଣ ୧୫।୧୫)

ବୃକ୍ଷ ରୋପଣ ଏକ ପବିତ୍ର କାର୍ଯ୍ୟ ଭାବରେ ପୁରା କାଳରୁ ସ୍ୱୀକୃତ । ବଟ, ଅଶ୍ୱତ୍ଥ ବୃକ୍ଷ ରୋପଣ କରି ବିବାହ କରିବାର ପରମ୍ପରା ଆଜି ମଧ୍ୟ ସମାଜରେ ପ୍ରଚଳିତ, ପଞ୍ଚ ବୃକ୍ଷ ରୋପଣ ଅନ୍ୟତମ ପୁଣ୍ୟକର୍ମ ।

ପୁଷ୍ପୈଃ ସୁରଗଣାନ୍ ବୃକ୍ଷାଃ ଫଳୈଶ୍ଚାପିତଥା ପିତୃନ୍
ଛାୟୟା ଚାତିଥିସାତ ପୂଜୟନ୍ତି ମହୀରୁହାଃ ।

ବୃକ୍ଷ ନିଜର ପୁଷ୍ପ ଦ୍ୱାରା ଦେବତାଙ୍କର ଫଳ ଦ୍ୱାରା ପିତୃଲୋକଙ୍କର ଓ ଛାୟା ଦ୍ୱାରା ଅତିଥିମାନଙ୍କର ପୂଜନ କରିଥାଏ । ନୀତି ଶ୍ଳୋକରେ ଏହି ପରିପ୍ରେକ୍ଷୀରେ କୁହାଯାଇଅଛି—

ସେବିତବ୍ୟୋ ମହା ବୃକ୍ଷୋ ଫଳ ଛାୟା ଭବିଷ୍ୟତି
ଯଦି ଦୈବାତ୍ ଫଳ ନାସ୍ତି ଛାୟା କେନ ନିବାର୍ଯ୍ୟତେ ।

ବୃକ୍ଷ ରୋପଣ ପୃଥିବୀରେ ସବୁଠାରୁ ଅଧିକ ପୁଣ୍ୟପ୍ରଦ କାର୍ଯ୍ୟକ୍ରମ । ମତ୍ସ୍ୟ ପୁରାଣରେ କଥିତ ଅଛି—

ଦଶକୂପ ସମାବାପୀ ଦଶବାପୀ ସମୋ ହ୍ରଦଃ
ଦଶ ହ୍ରଦ ସମଃ ପୁତ୍ରୋ ଦଶ ପୁତ୍ର ସମୋ ବୃକ୍ଷଃ ।

(ମତ୍ସ୍ୟ ପୁରାଣ-୧୫୪ଅ. ୫.୧୨ଶ୍ଳୋ)

ଏତତ୍ ସହିତ ବହୁ ପଶୁ ପକ୍ଷୀ ଶରୀସୃପମାନଙ୍କର ନିବାସ ସ୍ଥଳ ବୋଲି ପୂର୍ବରୁ ଉଲ୍ଲିଖିତ ହୋଇଛି । ବୃକ୍ଷ ସମ୍ପଦର ବିନାଶ ଦ୍ୱାରା ବୃଷ୍ଟି ହୀନତା ମୃତ୍ତିକା କ୍ଷୟ, ଆଶ୍ରିତ ପ୍ରାଣୀମାନଙ୍କର ବିନାଶ ଓ ଆନୁଷଙ୍ଗିକ ବହୁ ଅସୁବିଧା ସୃଷ୍ଟି ହୋଇଥାଏ ।

ସମ୍ପ୍ରତି ସରକାର ବୃକ୍ଷ ରୋପଣ, ସାମାଜିକ ବନୀକରଣ, ପଥପ୍ରାନ୍ତ ବନୀକରଣ, ଜଙ୍ଗଲ ସଂରକ୍ଷଣ ପ୍ରଭୃତିକୁ ଗୋଟିଏ ଗୋଟିଏ ପ୍ରଧାନ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରି ଅଛନ୍ତି । ସରକାରୀ ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିଗତ ଭାବେ ବୃକ୍ଷ ରୋପଣକୁ ଉତ୍ସାହିତ କରାଯାଇ ଉକ୍ତ ଲକ୍ଷ୍ୟର ପରିପୂର୍ତ୍ତି ପାଇଁ ଉଦ୍ୟମ କରାଯାଉଛି । ସମସ୍ତ ଜନସାଧାରଣ ସେହି ମହତ୍ କର୍ମରେ ନିଜକୁ ସମ୍ପୃକ୍ତ କରିବା ଯେ ଦୂରଦୃଷ୍ଟିର ପରିଚାୟକ ହେବ ଏହା କହିବା ନିଷ୍ପ୍ରୟୋଜନ ।

ମଧୁପୁର କଲେଜ
ପୋ.ଅ.ଜଲଣ, ଭାୟା-ଧର୍ମଶାଳା
ଜି. କଟକ, ପିନ୍-୭୫୫୦୦୮

# ଆମ ମୌଖିକ ପ୍ରବଚନରେ ପଶୁପକ୍ଷୀ

ଡକ୍ଟର୍ ଅଜୟ କୁମାର ମିଶ୍ର

ସାହିତ୍ୟ ସ୍ରଷ୍ଟାର ଚେତନାର ବଳୟରେ ଯେତେବେଳେ ଯାହା ଦେଖା ଦେଇଛି, ସେ ତାକୁ ନିଜ ଅନୁଭବର ମୁକ୍ତି ପାଇଁ ପରିବେଷଣ କରି ଚାଲିଛି । ଗ୍ରାମୀଣ ପରିବେଶର ଝାଟି ମାଟିର କୁଡ଼ିଆଠାରୁ ସହରୀ ସଭ୍ୟତାର ବିଶାଳ ସୌଧ, ଦରିଦ୍ରର ଯନ୍ତ୍ରଣା ନିଷ୍ପେଷିତ ପ୍ରାଣଠାରୁ ଧନୀକର ବିଳାସମୟ ସାନ୍ନିଧ୍ୟ, ମାନବ ଜୀବନଠାରୁ ଆରମ୍ଭ କରି ମାନବେତର ଜୀବନର ବିଚିତ୍ରତା, ସ୍ରଷ୍ଟାର ଦୃଷ୍ଟି ପରିଧିରୁ ବାଦ ପଡ଼ି ନାହିଁ । ପୁଣି ମନୁଷ୍ୟ ଇତର ପଶୁ ପକ୍ଷୀ ଜୀବନର ବହୁ ବର୍ଣ୍ଣ ବିଚିତ୍ରତାକୁ କୌତୂହଳପ୍ରିୟ ସ୍ରଷ୍ଟା ନିରୀକ୍ଷଣ କରିଛି ଓ ପଶୁ ପକ୍ଷୀମାନଙ୍କ ଜୀବନ, ମଣିଷ ଜୀବନ ପାଇଁ କେତେ ଉପଯୋଗୀ ତାହା ମଧ୍ୟ ଉପଲବ୍ଧି କରିଛି । ସମାଜ ଜୀବନର ପରମ୍ପରାକୁ ସୁଦୃଢ଼ କରି, ମାନବୀୟ ନିର୍ମଳତା ରକ୍ଷା କରିବା ପାଇଁ ଓ ଅଭ୍ରାନ୍ତ ଦିଗ୍‌ଦର୍ଶନ ଦେବା ପାଇଁ, ଅଶିକ୍ଷିତ ଇତର ପଶୁ ପକ୍ଷୀଙ୍କ ଆଚରଣକୁ ଶିକ୍ଷଣୀୟ ତଥା ସାମାଜିକ ଜୀବନ ଚର୍ଯ୍ୟାର ଏକ ସଫଳ ଅଙ୍ଗ ଭାବରେ, ନ୍ୟାୟ ଅନ୍ୟାୟର ତୁଳା ଦଣ୍ଡରେ ତଉଲିବାରେ ସ୍ରଷ୍ଟା କ୍ଷମ ହୋଇଛି । ଏଥିପାଇଁ ସ୍ରଷ୍ଟା, ସାମାଜିକ ପରିପ୍ରେକ୍ଷୀରୁ ବହୁ ଦୂରକୁ ପଳାୟନ କରି ବନ୍ୟ ପଶୁ ପକ୍ଷୀଙ୍କ ବିଭିନ୍ନ ଗୁଣାବଳୀକୁ ସାଉଁଟି ଆଣିଛି । ମାନବ ସମାଜର ବହୁବିଧ ତ୍ରୁଟି ବିଚ୍ୟୁତିକୁ ସୁଧାରିବା ପାଇଁ ପଶୁ ପକ୍ଷୀର ରୂପ ଭିତରେ ମାନବୀୟ ଗୁଣାବଳୀର ଅନୁସନ୍ଧାନ କରିଛି । ପଶୁ ପକ୍ଷୀଙ୍କଠାରେ ଦେଖାଯାଉଥିବା ପ୍ରକୃତି, ପ୍ରବୃତ୍ତି, ଆଚରଣାଦିରେ କେତେତୁର ତ୍ରୁଟି ସଙ୍ଗତ ଓ ଗ୍ରହଣଯୋଗ୍ୟ ତାହାର ରାଶି ରାଶି ଉଦାହରଣ ଆମର ମୌଖିକ ଲୋକ ସାହିତ୍ୟରେ ବିକ୍ଷିପ୍ତ ଭାବରେ ରହିଛି । ଏ ସବୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏ ସବୁର ସାମାଜିକ ଆବେଦନ ଖୁବ୍ ସୁଦୃଢ଼ ।

ମଣିଷ ଜୀବନ ଭାଗ୍ୟଚକ୍ର ସହିତ ଗତିଶୀଳ, କେତେବେଳେ ଏହା ସୌଭାଗ୍ୟର ସାନୁମାନ ଆରୋହଣ କରେ ତ କେତେବେଳେ ଦୁର୍ଭାଗ୍ୟର ଘନଘଟାରେ ହୁଏ ଭାଗ୍ୟହୀନ । ଭଗ୍ନାନୁଗ୍ରସ୍ତ ଦୁର୍ଭାଗ୍ୟ ପ୍ରପୀଡ଼ିତ ମଣିଷ ଯନ୍ତ୍ରଣାରେ ପଡ଼ି କହେ–"ମୋ ମୁଣ୍ଡକୁ ଚିରୁଳିଆ ବିଛା କାମୁଡ଼ିଛି । କୁମ୍ଭୀର ନେଇ ମଧ୍ୟ ନଈରେ ଚାଲିଣି" ଇତ୍ୟାଦି ବହୁ ପ୍ରଚଳିତ ପ୍ରବଚନ । ବିଛା ଦଂଶନର ଜ୍ୱାଳା ମଣିଷକୁ କରେ ଯନ୍ତ୍ରଣାସିକ୍ତ, ତାହାର ଯନ୍ତ୍ରଣାରେ ଛଟପଟ ହୋଇ ସେ ହୋଇ ଉଠେ ଉପାୟଶୂନ୍ୟ । କୁମ୍ଭୀର ମୁହାଁରୋହୀ ସନ୍ତରଣ ଅପଟୁ ବୃକ୍ଷବାସୀ ବାନର ନଦୀ ମଧ୍ୟସ୍ଥ ଭୟଙ୍କର ଜଳ ସ୍ରୋତରେ ନିଜର ଆସନ୍ନ ମୃତ୍ୟୁରେ ନିଶ୍ଚିତ ହୋଇ ପ୍ରକାଶ କରୁଥିବା ଅସହାୟତା ହେଉଛି ଉପାୟହୀନ ମନୁଷ୍ୟର ନୈତିକ ପ୍ରତିକ୍ରିୟା ।

ସମାଜ ଶ୍ରେଣୀହୀନ ନୁହେଁ, କ୍ଷମତା ପରାକ୍ରମ ଓ ବିଭଶାଳୀ ବ୍ୟକ୍ତିମାନଙ୍କ ସହିତ ଦରିଦ୍ର ଅସହାୟ ବ୍ୟକ୍ତିମାନଙ୍କ ସମଷ୍ଟିରେ ସମାଜ ପ୍ରତିଷ୍ଠିତ । ସମାଜରେ ଉତ୍କୃଷ୍ଟତର ବ୍ୟକ୍ତିର ମୃତ୍ୟୁ ପରେ ଅପେକ୍ଷାକୃତ କମ୍ ଉତ୍କୃଷ୍ଟ ବ୍ୟକ୍ତିମାନେ ଶାସକ ସାଜିବା ଘଟଣାଟାକୁ ସୂଚିତ କରେ–"ବାଘ ମଲେ ବିଲୁଆ ରାଜା" । ସୁପ୍ରତିଷ୍ଠିତ ଶାସକଙ୍କର ଦେହାବସାନରେ ଆପାତତଃ ନିକୃଷ୍ଟ ଶାସକ ଯେତେବେଳେ ଆସନ୍ତି, ସେତେବେଳେ କୁହାଯାଏ–"ବାଘ ଘରେ ମିରିଗ ନାଚ" । ଶାସକର ଅପାରଗତାରେ ଶାସିତମାନଙ୍କର ଶାସକ ଉପରେ କର୍ତ୍ତୃତ୍ୱ ଜାହିର କରିବା ଘଟଣା ସମ୍ବନ୍ଧରେ ମଧ୍ୟ ଏହି ପ୍ରବଚନଟି ସୂଚନା ଦେଇଥାଏ । ଲୋକ ଅପବାଦକୁ ଭୟ କରି କ୍ଷମତାବାନ୍ ବ୍ୟକ୍ତି, ସବୁରି ଅଲକ୍ଷ୍ୟରେ ସର୍ବସାଧାରଣ ସମ୍ପତ୍ତିକୁ ନିଜସ୍ୱ କରିବାର କଦର୍ଯ୍ୟ ସ୍ୱାର୍ଥପରତା କରିବା ଛଦ୍ମତା ସମ୍ବନ୍ଧରେ ସ୍ପଷ୍ଟ ଧାରଣା ପ୍ରଦାନ କରେ "ବାଘ ପରା କଣ୍ଟ ଉପରେ ଥାଏ" ପ୍ରବଚନଟି ।

କାନୁନ୍‌ର ପରିସର ବ୍ୟାପକ ଓ ଆଇନ୍‌ର ହାତ ଖୁବ୍ ଲମ୍ବା । ଏହାଦ୍ୱାରା "ବାଘ ଛେଳି ଗୋଟାଏ ତୁଠରେ ପାଣି ପିଅନ୍ତି" । ବାଘ ଓ ଛେଳି ଖାଦକ ଓ ଖାଦ୍ୟ ହେଲେ ମଧ୍ୟ ଆଇନ୍ ବଳରେ ଛନ୍ଦି ହୋଇ ବାଘ ଛେଳିର କୌଣସି ଅନିଷ୍ଟ କରିପାରେ ନାହିଁ । ଆଇନ୍ କୋହଳ ହେଲେ ଶାସିତମାନେ ବିଶୃଙ୍ଖଳିତ ହୁଅନ୍ତି ଓ ଏଥିପାଇଁ କୁହାଯାଏ–"ଶୁଙ୍ଗ ଭୁଷେ ଘୋଡ଼ା ହୁଦେ" । ହିଂସ୍ର ବ୍ୟାଘ୍ର ସ୍ଥାନରେ ଆସି ଦେଖା ଦିଅନ୍ତି ବିରାଡ଼ିମାନେ ତ ଏଥିପାଇଁ କୁହାଯାଏ–"ବାଘ ନ ଦେଖିଲେ ବିରାଡ଼ି ମନେ ଦେଖ" । "ବିରାଡ଼ି ଆଖି ବୁଜି ଦୁଧ ପିଏ" । ନିଜକୁ ନିରାପଦ ମନେ କରି ଏଇ ବିରାଡ଼ିମାନେ ଦୁଗ୍ଧ ପାନ କରୁ କରୁ ନିଜର ଅପରାଧକୁ ଅଦୂରଦର୍ଶିତା ହେତୁ ସବୁରି ଆଗରେ ପ୍ରକାଶ କରିଥାଆନ୍ତି ।

ଅପରିଣାମଦର୍ଶୀ, ସ୍ୱଳ୍ପଧୀ, ଗର୍ବିତ ଓ ଉଦ୍ଧତ ସ୍ୱଭାବର ବ୍ୟକ୍ତିଙ୍କର ପକ୍ଷେ ସୁଲଭ ବିବେକହୀନତା ଏ ସମାଜରେ ଅନେକ ପରିମାଣରେ ରହିଛି । ଏମାନେ ପ୍ରତିଯୁଗର ସମାଜ ବ୍ୟବସ୍ଥାରେ ବିଫଳ ସ୍ୱର ଉତ୍ତୋଳନ କରନ୍ତି । ଏମାନଙ୍କ ସ୍ୱରର କୌଣସି ମୂଲ୍ୟ ନଥାଏ । ତେଣୁ କୁହାଯାଏ–"ଭୁକିଲା କୁକୁର କାମୁଡ଼େ ନାହିଁ ।" ଏମାନେ ତେଣୁ ଚରମ ନିଷ୍ଠୁରତାର ଶିକାର ହୁଅନ୍ତି ଓ ଏମାନଙ୍କ ଜୀବନ ହୁଏ ଚିରଦିନ 'ବିଷ ବାପୁଡ଼ାର ଜୀବନ' । ଜୀବନ ଓ ଜୀବିକାର ଦୁର୍ବିସହ ସ୍ରୋତରେ ଏହି ବଳିବର୍ଦ୍ଦମାନେ 'କାକସ୍ନାନ', 'ଗଧ ଭୋଜନ' ଓ 'କୁକୁର ଧ

କରିଥାଆନ୍ତି । କାରଣ ଏମାନେ 'ଗଜମୂର୍ଖ' । କୌଣସି ପ୍ରକାର ସଂସ୍କାରବୋଧ ଓ ନୂତନତାକୁ ଏମାନେ ଗ୍ରହଣ କରି ପାରନ୍ତି ନାହିଁ । କାରଣ ଏମାନଙ୍କ ପ୍ରକୃତି ହେଉଛି—''ପ୍ରସୂତି ପ୍ରକୃତି ପଙ୍କରେ ଲୋଟେ'' । ଯୁଗରୁଚି ସହିତ ଏମାନେ ସମତାଳରେ ଆଗେଇ ପାରନ୍ତି ନାହିଁ ଓ କୌଣସି ନୂତନତ୍ୱକୁ ସ୍ୱୀକାର କରନ୍ତି ନାହିଁ । ଏମାନଙ୍କୁ ଯେତେ ଶିକ୍ଷା ଦେଲେ ମଧ୍ୟ ଏହା ବିଫଳ ହୁଏ । 'କୁକୁର ଲାଙ୍ଗୁଡ଼ ବଙ୍କା' ହେଉଛି ଏମାନଙ୍କର ସ୍ୱଭାବ । ସୁତରାଂ ଏମାନଙ୍କର ମାର୍ଜିତ ଭାବ ଆସି ପାରେ ନାହିଁ ।

ଆଚରଣ ଦ୍ୱାରା ଶତ୍ରୁତା ଓ ମିତ୍ରତା ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ସ୍ଥାୟୀ ଶତ୍ରୁତା ଦେଖାଯାଏ । 'ଅହି ନକୁଳ ସମ୍ପର୍କ' ପ୍ରବଚନଟି ଚିର ଶତ୍ରୁତାର ସାର୍ଥକ ଦୃଷ୍ଟାନ୍ତ । ସମାଜରେ ବହୁ କୃପଣ ବ୍ୟକ୍ତି ପରସ୍ୱ ପ୍ରତି ଆଶାୟୀ, ଅଥଚ ଏମାନେ କେବେ କାହାରିକୁ କିଛି ଦିଅନ୍ତି ନାହିଁ । ଏହାର ଏକ ସୁନ୍ଦର ଦୃଷ୍ଟାନ୍ତ ହେଉଛି—''ଶାଗୁଣା ସବୁରି ମାଂସ ଖାଏ, ଶାଗୁଣା ମାଂସ କେହି ଖାଆନ୍ତି ନାହିଁ'' ପ୍ରବଚନଟି । ଅଳ୍ପ ବିତ୍ତସମ୍ପନ୍ନ ବହୁ ଗର୍ବୋଦ୍ଧତ ବ୍ୟକ୍ତିଙ୍କର ସ୍ୱଭାବ ସମ୍ବନ୍ଧରେ ଅବଗତ କରାଏ ପରିଚିତ ସଂସ୍କୃତ ଶ୍ଳୋକ—

''ଅଗାଧ ଜଳ ସଞ୍ଚାରୀ ରୋହିତଃ ନୈବ ଗର୍ବିତଃ ।
ଗଣ୍ଡୁଷ ଜଳମାତ୍ରେଣ ସଫରୀ ଫର୍ଫରାୟତେ ॥''

'ପିମ୍ପୁଡ଼ି ରୁଖାକୁ ସ୍ୱର୍ଗ ମନେ କରୁଛି' ପ୍ରବଚନଟି ଏସମ୍ବନ୍ଧରେ ମଧ୍ୟ ଧାରଣା ଦିଏ । ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ନିକଟରେ ବ୍ୟକ୍ତିଗତ ସହକାରୀମାନେ ରହିଥାଆନ୍ତି ଓ ଏମାନଙ୍କୁ 'ମହାଦେବଙ୍କ ଷଣ୍ଢ' ବୋଲି କୁହାଯାଏ । ଶିବଙ୍କ ଦର୍ଶନ ପୂର୍ବରୁ ବୃଷଭକୁ ସନ୍ତୁଷ୍ଟ କରିବା ଭଳି ଆଗେ ଏଇ ସହକାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ସମାଜରେ ଏମିତି ଦଳେ ମଣିଷ ଅଛନ୍ତି ଯେଉଁମାନେ 'ରାମାୟ ସ୍ୱାହା ଓ ରାବଣାୟ ସ୍ୱାହା' କରନ୍ତି । ଏମାନଙ୍କୁ କୁହାଯାଏ—''କଳକପାଟିଆ ଭଦ୍ରଲୋକ'' । ଏମାନଙ୍କ ଆଚରଣ ଯେପରି ମୂଲ୍ୟହୀନ ସେପରି ମଧ୍ୟ ହାସ୍ୟାସ୍ପଦ । ଏମାନେ ମଧ୍ୟ କପଟ କାନ୍ଦଣା ଆରମ୍ଭ କରନ୍ତି ଯାହାକୁ କୁମ୍ଭୀର କାନ୍ଦଣା କୁହାଯାଇପାରେ ।

ଜ୍ଞାନ ଗରିମା ଆଲୋଚନା ଓ ପର୍ଯ୍ୟାଲୋଚନା କ୍ଷେତ୍ରରେ କୁହାଯାଏ—'ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତାହାର ବେଭାର'—ଭାଗବତର ଏହି ସୁନ୍ଦର ପଦଟି ଜ୍ଞାନର ପରିସୀମା ସମ୍ବନ୍ଧରେ ଧାରଣା ଦିଏ । ଏହାର ଠିକ୍ ବିପରୀତ ରୀତିହିଁ ହେଉଛି 'କୂପ ମଣ୍ଡୁକତ୍ୱ', ଯାହା ସ୍ୱଳ୍ପଜ୍ଞ ବ୍ୟକ୍ତିର ବୃତ୍ତାନ୍ତ ପ୍ରମାଣ ହୋଇପାରେ ।

ପଶୁପକ୍ଷୀଙ୍କର ଗୁଣ ଓ ରୂପଗତ କେତେକ ଅଙ୍ଗର ସୌନ୍ଦର୍ଯ୍ୟ ମଣିଷକୁ ଆମୋଦିତ କରିଥାଏ । ତେଣୁ ବୋଧହୁଏ ମଧ୍ୟଯୁଗୀୟ କାବ୍ୟ ପରମ୍ପରାରେ ସୌନ୍ଦର୍ଯ୍ୟ ବର୍ଣ୍ଣନା କ୍ଷେତ୍ରରେ କବିର ସୌନ୍ଦର୍ଯ୍ୟ ସନ୍ଧାନୀ ଦୃଷ୍ଟି ପଶୁପକ୍ଷୀଙ୍କ ଆଡ଼କୁ ପ୍ରସାରିତ ହୋଇଛି । ଉପମା ବହୁଳ ନାରୀ ଲାବଣ୍ୟ ବର୍ଣ୍ଣନାର ଚମତ୍କାରିତା ପ୍ରଦର୍ଶନର ପୁରୋଭାଗରେ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି ଏହି ପଶୁପକ୍ଷୀଙ୍କ ରୂପ ଓ ଗୁଣ । ତେଣୁ ମଧ୍ୟଯୁଗୀୟ କବିମାନଙ୍କ ବର୍ଣ୍ଣନାରେ ସ୍ଥାନ ପାଇଛି—'ପିକ ବଚନା, ଗଜ ଗମନା, ଗର୍ବିଳସୀ ହଂସୀ ଗମନା, ସିଂହକଟୀ, ମରାଳ ଗାମିନୀ, ଖଞ୍ଜନ ନୟନା, ମୀନ ନୟନା, କୁରଙ୍ଗୀ ଲୋଚନା ଇତ୍ୟାଦି ବହୁବିଧ ଆଳଙ୍କାରିକ ଶବ୍ଦ ।

ଶାସନତନ୍ତ୍ରରେ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ନିଷ୍ଫଳ ସ୍ୱର ଉତ୍ତୋଳନ କରୁଥିବା ଜନସାଧାରଣଙ୍କର ଚିନ୍ତାଧାରାକୁ 'ଚିଲୁଆ ବିପ୍ଳବ' ବୋଲି କୁହାଯାଇ ପାରେ । ସବୁ କ୍ଷୁଦ୍ର ଜୀବ ଶାସକର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ 'ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ' ।ଏମାନଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ; ଏଥିପାଇଁ କୁହାଯାଏ—'ଛେଳି ଗୋଡ଼ରେ କ'ଣ ଧାନ ମଳି ହୁଏ ।' ବ୍ୟକ୍ତିର ସମଷ୍ଟି ହେଉଛି ସମାଜ ଓ ସମାଜର ସର୍ବନିମ୍ନ ଅଂଶ ହେଉଛି ବ୍ୟକ୍ତି । ସାମୁହିକ ସ୍ୱାର୍ଥ ଲାଗି ବ୍ୟକ୍ତିଗତ ଆକ୍ରୋଶ ଓ ହିଂସାସ୍ପୃହାକୁ ପରିତ୍ୟାଗ କରାଯାଏ । ଏଇ ସାମୁହିକ ଏକତାର ଏକ ସୁନ୍ଦର ଦୃଷ୍ଟାନ୍ତ ହେଉଛି—'ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ।'

'ସମାନ ଜନେ ମିତ୍ର ପଣ—ଏଇଟି ଉତ୍ତମ ଲକ୍ଷଣ'—ଭାଗବତର ଏହି ବାଣୀ ସମରୁଚି, ସମଜାତି ଓ ସମଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିଙ୍କର ବନ୍ଧୁତ୍ୱର ସମ୍ବନ୍ଧକୁ ପ୍ରକାଶ କରେ । ଏହାର ସ୍ପଷ୍ଟ ଦୃଷ୍ଟାନ୍ତ ହେଉଛି 'ଓଧ ସାଙ୍ଗକୁ ବଣଲୁଆ ବାଇ'—ଯାହା ସମ ବନ୍ଧୁତାର ପରିଚୟ ପ୍ରଦାନ କରେ ଅବିଶ୍ୱାସର ବିଷ ବାଷ୍ପରେ ବନ୍ଧୁତା ହୁଏ ବିଷମୟ । କଳ୍ପତାଳ ମଧ୍ୟ ସବୁ ଆତ୍ମସାତ୍ କରେ । 'ବିରାଡ଼ି ହାତରେ ଶୁଖୁଆ ପୋଡ଼ା'—ଏହାର ସ୍ପଷ୍ଟ ଉଦାହରଣ ।

କ୍ଷମତାରେ ଥିବା କେତେକ ବ୍ୟକ୍ତି ଗାଦିଚ୍ୟୁତ ହେଲେ ମଧ୍ୟ ପୂର୍ବ ଭଳି ଆଚରଣ କରନ୍ତି ଓ ଗର୍ବୋଦ୍ଧତାର ପରିଚୟ ଦିଅନ୍ତି । ସମାଜରେ ଏହାକୁ କର୍ତ୍ତୃତ୍ୱବିହୀନ କ୍ଷମତା ବୋଲି କୁହାଯାଏ । 'ବାଘ ହୋଇ ନଖ ନାହିଁ' କିମ୍ବା 'ଘୋଡ଼ାର ଶିଙ୍ଗ ନାହିଁ' କଥାଟା ଏଠି ପ୍ରଯୁଜ୍ୟ । କେତେକ ବ୍ୟକ୍ତି ମଧ୍ୟ ସାଧାରଣ କଥା ନଜାଣି ନିଜର ପରିସର ବହିର୍ଭୂତ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି, ଏଇମାନଙ୍କୁ କୁହାଯାଏ—'ବିଛା ମନ୍ତ୍ର ନଜାଣି ସାପ ଗାତରେ ହାତ ପୂରାଉଛି' । ଅପଟୁ ବ୍ୟକ୍ତିର ଅଯଥା ପଟୁତା ପ୍ରଦର୍ଶନ କରି ହାସ୍ୟାସ୍ପଦ ହେବା ଘଟଣା ଏଥିରୁ ସୂଚିତ ।

ଶଠତା ଓ କପଟାଚାର ସମ୍ବନ୍ଧରେ 'ଭାଲୁ ଧରେଇବା' ଏକ ସୁନ୍ଦର ପ୍ରବଚନ । ଖଳ ଲୋକକୁ ଅତି ଖଳ ଲୋକ ନିୟନ୍ତ୍ରଣ କରେ । ସେଥିପାଇଁ କୁହାଯାଏ—'ଭାଲୁ ମୁହଁକୁ ଲୁହା ଠେଙ୍ଗା ।' ରୋଗ ପାଇଁ ଏହା ହେଉଛି ଉପଯୁକ୍ତ ପ୍ରତିଷେଧକର ଉଦାହରଣ । ଜଣକର କ୍ଷତି ସାଧନ କରି ଅନ୍ୟର ଉପକାର କରିବା ସମ୍ବନ୍ଧରେ ଧାରଣା ଦିଏ—'ହିଁଶିକା ମାରି ବଣି ପୋଷିବା' ପ୍ରବଚନଟି । ସମାଜରେ ଭାଗ୍ୟବାନ ପ୍ରତି ଭାଗ୍ୟଲକ୍ଷ୍ମୀଙ୍କ ପ୍ରସନ୍ନତା ସମ୍ବନ୍ଧୀୟ ଭାବ ପ୍ରକାଶ କରିଥାଏ—'ବିରାଡ଼ି କପାଳକୁ ଶିକା ଛିଡ଼ିଛି' । ସବଳ ଯୁଗଯୁଗ ଧରି ନିର୍ବଳ ଉପରେ ରାଜତ୍ୱ କରେ, ଏହାକୁ ସ୍ପଷ୍ଟ ଭାବେ ସୂଚେଇ ଦିଏ—'କୁଜି ଅସରପା ଉପରେ କାଣୀ ବିରାଡ଼ି ରାଜା' ।

ପଶୁପକ୍ଷୀଙ୍କ ବିଚିତ୍ର ଜୀବନଧାରା ଓ ଆଚରଣାଦି ବହୁ କପୋଳ କଳ୍ପିତ ଗଳ୍ପ ମାଧ୍ୟମରେ ପ୍ରକାଶ ପାଇଛି । ପଶୁପକ୍ଷୀଙ୍କ ଜୀବନ ଉପରେ ଆଧାରିତ ଏହି ପ୍ରବଚନଗୁଡ଼ିକର ପରମ୍ପରା 'ପଞ୍ଚତନ୍ତ୍ର', 'ହିତୋପଦେଶ', 'ବୌଦ୍ଧଜାତକ' ଇତ୍ୟାଦିରୁ ଉତ୍ପତ୍ତି ଲାଭ କରିଛି । ଉପଦେଶ ଛଳରେ ପଶୁପକ୍ଷୀଙ୍କୁ ନେଇ କଳ୍ପନାଶ୍ରିତ ଛବିରେ ବାସ୍ତବତାର ଅନୁରଙ୍ଗ ଦିଆଯାଇ ଜୀବନ୍ତ ରୂପ ପ୍ରଦାନ କରାଯାଇଅଛି । କେତେକ କ୍ଷେତ୍ରରେ ଶିଶୁ ଉପଯୋଗୀ ପାଠ୍ୟଭାବରେ ମଧ୍ୟ ଏହା ବେଶ୍ ମନୋବିଜ୍ଞାନ ସମ୍ମତ ହୋଇ ପାରିଛି । ଓଡ଼ିଆ ଲୋକ ଗଳ୍ପର ଧାରାକୁ ଏହା ସଞ୍ଜୀବିତ କରି ରଖିଛି । ଚିତ୍ତାକର୍ଷକ, କୌତୁକପ୍ରଦ କଥନଶୈଳୀ ଓ ଉପଦେଶାତ୍ମକତା ଏହାର ବିଶିଷ୍ଟ ଦିଗ । ଏଥିରେ ଯେପରି ନୀତି ଶିକ୍ଷା ପାଇଁ ଉପାଦାନ ରହିଛି, ସେହିପରି ମଧ୍ୟ ପଶୁପକ୍ଷୀ ଜୀବନ ଓ ଆଚରଣ ପଦ୍ଧତିର ବିଚିତ୍ରତା ରହିଛି ।

ସାମାଜିକତା ଦୃଷ୍ଟିରୁ ପ୍ରବଚନଗୁଡ଼ିକର ଉପଯୋଗିତାଯଥାର୍ଥ । ବାସ୍ତବାଶ୍ରୟୀ ଧାରାରେ ରୂପକ, ଉପମା ଓ ପ୍ରତୀକ ଅତ୍ୟାଦି ବିଭିନ୍ନ ସାହିତ୍ୟିକବାଦର ପ୍ରୟୋଗ ଏଇ ପ୍ରବଚନଗୁଡ଼ିକର ସାର୍ବିକ ମୂଲ୍ୟ ନିର୍ଦ୍ଧାରଣ କରିବାରେ କ୍ଷମ ହୋଇ ପାରିଛି । ଆଚରଣ ଅନୁଯାୟୀ ପଶୁ ଓ ପକ୍ଷୀମାନେ ସ୍ଥଳ ବିଶେଷରେ ସମାଜର ବିଭିନ୍ନ ସ୍ତରର ମଣିଷମାନଙ୍କର ପ୍ରତିନିଧିତ୍ୱ କରିଥାଆନ୍ତି ।

ପ୍ରବଚନଗୁଡ଼ିକର ମୌଖିକ ପ୍ରୟୋଗ ବକ୍ତବ୍ୟକୁ ରସାଳ ଓ ଅଭିବ୍ୟକ୍ତିକୁ ସହଜ ବୋଧଗମ୍ୟ କରିଥାଏ । ବ୍ୟଙ୍ଗ, ପରିହାସ ଓ ସମାଲୋଚନା ଭଙ୍ଗୀରେ ପ୍ରକାଶ ପାଉଥିବା ହେତୁ ଏହା ପରିବେଶିକ

# ଆମ ମୌଖିକ ପ୍ରବଚନରେ ପଶୁପକ୍ଷୀ

ଡକ୍ଟର୍ ଅଜୟ କୁମାର ମିଶ୍ର

ସାହିତ୍ୟ ସ୍ରଷ୍ଟାର ଚେତନାର ବଳୟରେ ଯେତେବେଳେ ଯାହା ଦେଖା ଦେଇଛି, ସେ ତାକୁ ନିଜ ଅନୁଭବର ମୁକ୍ତି ପାଇଁ ପରିବେଷଣ କରି ଚାଲିଛି । ଗ୍ରାମୀଣ ପରିବେଶର ଖାଣ୍ଟି ମାଟିର କୁଡ଼ିଆଠାରୁ ସହରୀ ସଭ୍ୟତାର ବିଶାଳ ସୌଧ, ଦରିଦ୍ରର ଯନ୍ତ୍ରଣା ନିଷ୍ପିଡ଼ିତ ପ୍ରାଣଠାରୁ ଧନୀକର ବିଳାସମୟ ପ୍ରାଚୁର୍ଯ୍ୟ, ମାନବ ଜୀବନଠାରୁ ଆରମ୍ଭ କରି ମାନବେତର ଜୀବନର ବିଚିତ୍ରତା, ସ୍ରଷ୍ଟାର ଦୃଷ୍ଟି ପରିଧିରୁ ବାଦ ପଡ଼ି ନାହିଁ । ପୁଣି ମନୁଷ୍ୟ ଇତର ପଶୁ ପକ୍ଷୀ ଜୀବନର ବହୁ ବର୍ଣ୍ଣ ବିଚିତ୍ରତାକୁ କୌତୂହଳପ୍ରିୟ ସ୍ରଷ୍ଟା ନିରୀକ୍ଷଣ କରିଛି ଓ ପଶୁ ପକ୍ଷୀମାନଙ୍କ ଜୀବନ, ମଣିଷ ଜୀବନ ପାଇଁ କେତେ ଉପଯୋଗୀ ତାହା ମଧ୍ୟ ଉପଲବ୍ଧି କରିଛି । ସମାଜ ଜୀବନର ପରମ୍ପରାକୁ ସୁଦୃଢ଼ କରି, ମାନବୀୟ ନିର୍ମଳତା ରକ୍ଷା କରିବା ପାଇଁ ଓ ଅଭ୍ରାନ୍ତ ଦିଗ୍‌ଦର୍ଶନ ଦେବା ପାଇଁ, ଅଶିକ୍ଷିତ ଇତର ପଶୁ ପକ୍ଷୀଙ୍କ ଆଚରଣକୁ ଶିକ୍ଷଣୀୟ ତଥା ସାମାଜିକ ଜୀବନ ଚର୍ଯ୍ୟାର ଏକ ସଫଳ ଅଙ୍ଗ ଭାବରେ, ନ୍ୟାୟ ଅନ୍ୟାୟର ତୁଳା ଦଣ୍ଡରେ ତଉଲିବାରେ ସ୍ରଷ୍ଟା କ୍ଷମ ହୋଇଛି । ଏଥିପାଇଁ ସ୍ରଷ୍ଟା, ସାମାଜିକ ପରିପ୍ରେକ୍ଷୀରୁ ବହୁ ଦୂରକୁ ପଳାୟନ କରି ବନ୍ୟ ପଶୁ ପକ୍ଷୀଙ୍କ ବିଭିନ୍ନ ଗୁଣାବଳୀକୁ ସାଉଁଟି ଆଣିଛି । ମାନବ ସମାଜର ବହୁବିଧ ତ୍ରୁଟି ବିଚ୍ୟୁତିକୁ ସୁଧାରିବା ପାଇଁ ପଶୁ ପକ୍ଷୀର ରୂପ ଭିତରେ ମାନବୀୟ ଗୁଣାବଳୀର ଅନୁସନ୍ଧାନ କରିଛି । ପଶୁ ପକ୍ଷୀଙ୍କଠାରେ ଦେଖାଯାଉଥିବା ପ୍ରକୃତି, ପ୍ରବୃତ୍ତି, ଆଚରଣାବଳୀ କେତେଦୂର ତ୍ରୁଟି ସଙ୍ଗତ ଓ ଗ୍ରହଣଯୋଗ୍ୟ ତାହାର ରାଶି ରାଶି ଉଦାହରଣ ଆମର ମୌଖିକ ଲୋକ ସାହିତ୍ୟରେ ବିକ୍ଷିପ୍ତ ଭାବରେ ରହିଛି । ଏ ସବୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏ ସବୁର ସାମାଜିକ ଆବେଦନ ଖୁବ୍ ସୁଦୃଢ଼ ।

ମଣିଷ ଜୀବନ ଭାଗ୍ୟଚକ୍ର ସହିତ ଗତିଶୀଳ, କେତେବେଳେ ଏହା ସୌଭାଗ୍ୟର ସୋପାନ ଆରୋହଣ କରେ ତ କେତେବେଳେ ଦୁର୍ଭାଗ୍ୟର ଘନଘଟାରେ ହୁଏ ଭାଗ୍ୟହୀନ । କଷ୍ଟାନଗ୍ରସ୍ତ ଦୁର୍ଭାଗ୍ୟ ପ୍ରପୀଡ଼ିତ ମଣିଷ ଯନ୍ତ୍ରଣାରେ ପଡ଼ି କହେ—''ମୋ ମୁଣ୍ଡକୁ ଡିଙ୍ଗୁଳିଆ ବିଛା କାମୁଡ଼ିଛି । କୁମ୍ଭୀର ନେଇ ମତେ ନଈରେ କଲାଣି'' ଇତ୍ୟାଦି ବହୁ ପ୍ରଚଳିତ ପ୍ରବଚନ । ବିଛା ଦଂଶନର ଜ୍ୱାଳା ମଣିଷକୁ କରେ ଯନ୍ତ୍ରଣାସିକ୍ତ, ଶରୀର ଯନ୍ତ୍ରଣାରେ ଛଟପଟ ହୋଇ ସେ ହୋଇ ଉଠେ ଉପାୟଶୂନ୍ୟ । କୁମ୍ଭୀର ପୃଷ୍ଠାରୋହୀ ସନ୍ତରଣ ଅପଟୁ ବୃକ୍ଷବାସୀ ବାନର ନଦୀ ମଧ୍ୟସ୍ଥ ଭୟଙ୍କର ଜଳ ସ୍ରୋତରେ ନିଜର ଆସନ୍ନ ମୃତ୍ୟୁରେ ନିଶ୍ଚିତ ହୋଇ ପ୍ରକାଶ କରୁଥିବା ଅସହାୟତା ହେଉଛି ଉପାୟହୀନ ମନୁଷ୍ୟର ନୈତିକ ପ୍ରତିକ୍ରିୟା ।

ସମାଜ ଶ୍ରେଣୀହୀନ ନୁହେଁ, କ୍ଷମତା ପରାକ୍ରମ ଓ ବିତ୍ତଶା
ବ୍ୟକ୍ତିମାନଙ୍କ ସହିତ ଦରିଦ୍ର ଅସହାୟ ବ୍ୟକ୍ତିମାନଙ୍କ ସମକ୍ଷରେ ସମ
ପ୍ରତିଷ୍ଠିତ । ସମାଜରେ ଉତ୍କୃଷ୍ଟତର ବ୍ୟକ୍ତିର ମୃତ୍ୟୁ ପରେ ଅପେକ୍ଷାକୃ
କମ୍ ଉତ୍କୃଷ୍ଟ ବ୍ୟକ୍ତିମାନେ ଶାସକ ସାଜିବା ଘଟଣାକୁ ବ
କରେ—''ବାଘ ମଲେ ବିଲୁଆ ରାଜା'' । ସୁପ୍ରତିଷ୍ଠିତ ଶାସକ
ଦେହାବସାନରେ ଆପାତତଃ ନିକୃଷ୍ଟ ଶାସକ ଯେତେବେଳେ ଅଧି
ସେତେବେଳେ କୁହାଯାଏ—''ବାଘ ଘରେ ମିରିଗ ନାଟ'' । ଶାସ
ଅପାରଗତାରେ ଶାସିତମାନଙ୍କର ଶାସକ ଉପରେ କର୍ତ୍ତୃତ୍ୱ ଜାହିର କରି
ଘଟଣା ସମ୍ବନ୍ଧରେ ମଧ୍ୟ ଏହି ପ୍ରବଚନଟି ସୂଚନା ଦେଇଥାଏ । ଲୋ
ଅପବାଦକୁ ଭୟ କରି କ୍ଷମତାବାନ୍ ବ୍ୟକ୍ତି, ସବୁରି ଅଲକ୍ଷ୍ୟ
ସର୍ବସାଧାରଣ ସମ୍ପତ୍ତିକୁ ନିଜସ୍ୱ କରିବାର କଦର୍ଯ୍ୟ ସ୍ୱାର୍ଥପରତା କ
ଛଦ୍ମତା ସମ୍ବନ୍ଧରେ ସ୍ପଷ୍ଟ ଧାରଣା ପ୍ରଦାନ କରେ ''ବାଘ ପରା କହୁ ଛ
ଥାଏ'' ପ୍ରବଚନଟି ।

କାନୁନ୍‌ର ପରିସର ବ୍ୟାପକ ଓ ଆଇନ୍‌ର ହାତ ଖୁବ୍ ଲ
ଏହାଦ୍ୱାରା ''ବାଘ ଛେଳି ଗୋଟାଏ ଘାଟରେ ପାଣି ପିଅନ୍ତି'' । ବାଘ
ଛେଳି ଖାଦକ ଓ ଖାଦ୍ୟ ହେଲେ ମଧ୍ୟ ଆଇନ୍ ବଳରେ ଛନ୍ଦି ହୋଇ
ଛେଳିର କୌଣସି ଅନିଷ୍ଟ କରିପାରେ ନାହିଁ । ଆଇନ୍ ବୋହନ ହେ
ଶାସିତମାନେ ବିଶୃଙ୍ଖଳିତ ହୁଅନ୍ତି ଓ ଏଥିପାଇଁ କୁହାଯାଏ—''କ୍ଷୁଦ୍ର ବ
ଘୋଡ଼ା କୁଦେ'' । ହିଂସ୍ର ବ୍ୟାଘ୍ର ସ୍ଥାନରେ ପାସି ଦେଖା ଦି
ବିରାଡ଼ିମାନେ ତ ଏଥିପାଇଁ କୁହାଯାଏ—''ବାଘ ନ ଦେଖିଲେ ବି
ଦେଖ'' । ''ବିରାଡ଼ି ଆଖି ବୁଜି ଦୁଧ ପିଏ'' । ନିଜକୁ ନିରାପଦ
କରି ଏଇ ବିରାଡ଼ିମାନେ ଦୁଗ୍ଧ ପାନ କରୁ କରୁ
ଅପରାଧକୁ ଅଦୂରଦର୍ଶିତା ହେତୁ ସବୁରି ଆଗରେ ପ୍ରକାଶ କରିଥାନ୍ତି

ଅପରିଣାମଦର୍ଶୀ, ସ୍ୱଳ୍ପବୁଦ୍ଧି, ଗର୍ବିତ ଓ ଉଦ୍ଧତ ସ୍ୱଭାବର ବ୍ୟକ୍ତିଙ୍କ
ସୁଲଭ ବିବେକହୀନତା ଏ ସମାଜରେ ଅନେକ ପରିମାଣରେ ଉ
ଏମାନେ ପ୍ରତିଯୁଗର ସମାଜ ବ୍ୟବସ୍ଥାରେ ବିଫଳ ସ୍ୱର ଉ
ବରନ୍ତି । ଏମାନଙ୍କ ସ୍ୱରର କୌଣସି ମୂଲ୍ୟ ନଥାଏ ।
କୁହାଯାଏ—''ବୁକିଲା କୁକୁର କାମୁଡ଼େ ନାହିଁ ।'' ଏମାନେ ତେଣୁ
ନିଷ୍ପରତାର ଶିକାର ହୁଅନ୍ତି ଓ ଏମାନଙ୍କ ଜୀବନ ହୁଏ ବିରକ୍ତ
ବାପୁଡ଼ାର ଜୀବନ' । ଜୀବନ ଓ ଜୀବିକାର ଦୁର୍ବିସହ ପ୍ରପୀଡ଼
ବଳିବର୍ଦ୍ଦମାନେ 'କାକସ୍ନାନ', 'ଗଧ ଭୋଜନ' ଓ 'କୁକୁର

କରିଥାଆନ୍ତି । କାରଣ ଏମାନେ 'ଗଜମୂର୍ଖ' । କୌଣସି ପ୍ରକାର ସଂସ୍କାରବୋଧ ଓ ନୂତନତାକୁ ଏମାନେ ଗ୍ରହଣ କରି ପାରନ୍ତି ନାହିଁ । କାରଣ ଏମାନଙ୍କ ପ୍ରବୃତ୍ତି ହେଉଛି—''ଘୁଷୁରି ପ୍ରକୃତି ପଙ୍କରେ ଲୋଟେ'' । ଯୁଗରୁଚି ସହିତ ଏମାନେ ସମତାଳରେ ଆଗେଇ ପାରନ୍ତି ନାହିଁ ଓ କୌଣସି ନୂତନତ୍ୱକୁ ସ୍ୱୀକାର କରନ୍ତି ନାହିଁ । ଏମାନଙ୍କୁ ଯେତେ ଶିକ୍ଷା ଦେଲେ ମଧ୍ୟ ଏହା ବିଫଳ ହୁଏ । 'କୁକୁର ଲାଙ୍ଗୁଡ଼ ବଙ୍କା' ହେଉଛି ଏମାନଙ୍କର ସ୍ୱଭାବ । ସୁତରାଂ ଏମାନଙ୍କର ମାର୍ଜିତ ଭାବ ଆସି ପାରେ ନାହିଁ ।

ଆଚରଣ ଦ୍ୱାରା ଶତ୍ରୁତା ଓ ମିତ୍ରତା ରହିଥିଲେ ମଧ୍ୟ କେତେକ କ୍ଷେତ୍ରରେ ସ୍ଥାୟୀ ଶତ୍ରୁତା ଦେଖାଯାଏ । 'ଅହି ନକୁଳ ସମ୍ପର୍କ' ପ୍ରବଚନଟି ଚିର ଶତ୍ରୁତାର ସାର୍ଥକ ଦୃଷ୍ଟାନ୍ତ । ସମାଜରେ ବହୁ କୃପଣ ବ୍ୟକ୍ତି ପରସ୍ପ ପ୍ରତି ଆଶାୟୀ, ଅଥଚ ଏମାନେ କେବେ କାହାରିକୁ କିଛି ଦିଅନ୍ତି ନାହିଁ । ଏହାର ଏକ ସୁନ୍ଦର ଦୃଷ୍ଟାନ୍ତ ହେଉଛି—''ଶାଗୁଣା ସବୁରି ମାଂସ ଖାଏ, ଶାଗୁଣା ମାଂସ କେହି ଖାଆନ୍ତି ନାହିଁ'' ପ୍ରବଚନଟି । ଅଳ୍ପ ବିଦ୍ୟାସମ୍ପନ୍ନ ବହୁ ଗର୍ବୋଦ୍ଧତ ବ୍ୟକ୍ତିଙ୍କର ସ୍ୱଭାବ ସମ୍ବନ୍ଧରେ ଅବଗତ କରାଏ ପରିଚିତ ସଂସ୍କୃତ ଶ୍ଳୋକ—

''ଅଗାଧ ଜଳ ସଞ୍ଚାରୀ ରୋହିତଃ ନୈବ ଗର୍ବିତଃ ।
ଗଣ୍ଡୁଷ ଜଳମାତ୍ରେଣ ସଫରୀ ଫର୍ଫରାୟତେ ॥''

'ପିମ୍ପୁଡ଼ି ଭୁଖାକୁ ସ୍ୱର୍ଗ ମନେ କରୁଛି' ପ୍ରବଚନଟି ଏସମ୍ବନ୍ଧରେ ମଧ୍ୟ ଧାରଣା ଦିଏ । ଉଚ୍ଚ ପଦସ୍ଥ କର୍ମଚାରୀଙ୍କ ନିକଟରେ ବ୍ୟକ୍ତିଗତ ସହକାରୀମାନେ ରହିଥାନ୍ତି ଓ ଏମାନଙ୍କୁ 'ମହାଦେବଙ୍କ ଷଣ୍ଢ' ବୋଲି କୁହାଯାଏ । ଶିବଙ୍କ ଦର୍ଶନ ପୂର୍ବରୁ ବୃଷଭକୁ ସନ୍ତୁଷ୍ଟ କରିବା ଭଳି ଆଗେ ଏଇ ସହକାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ସମାଜରେ ଏମିତି ଦଳେ ମଣିଷ ଅଛନ୍ତି ଯେଉଁମାନେ 'ରାମାୟ ସ୍ୱାହା ଓ ରାବଣାୟ ସ୍ୱାହା' କରନ୍ତି । ଏମାନଙ୍କୁ କୁହାଯାଏ—''କଇଁଚପାଟିଆ ଭଦ୍ରଲୋକ'' । ଏମାନଙ୍କ ଆଚରଣ ଯେପରି ମୂଲ୍ୟହୀନ ସେପରି ମଧ୍ୟ ହାସ୍ୟାସ୍ପଦ । ଏମାନେ ମଧ୍ୟ କପଟ କାନ୍ଦଣା ଆରମ୍ଭ କରନ୍ତି ଯାହାକୁ କୁମ୍ଭୀର କାନ୍ଦଣା କୁହାଯାଇପାରେ ।

ଜ୍ଞାନ ଗାରିମା ଆଲୋଚନା ଓ ପର୍ଯ୍ୟାଲୋଚନା କ୍ଷେତ୍ରରେ କୁହାଯାଏ—'ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତାହାର ବେଭାର'—ଭାଗବତର ଏହି ସୁନ୍ଦର ପଦଟି ଜ୍ଞାନର ପରିସୀମା ସମ୍ବନ୍ଧରେ ଧାରଣା ଦିଏ । ଏହାର ଠିକ୍ ବିପରୀତ ରୀତିହିଁ ହେଉଛି 'କୂପ ମଣ୍ଡୁକତ୍ୱ', ଯାହା ସ୍ୱଳ୍ପଜ୍ଞ ବ୍ୟକ୍ତିର ବୃତ୍ତାନ୍ତ ପ୍ରମାଣ ହୋଇପାରେ ।

ପଶୁପକ୍ଷୀଙ୍କର ଗୁଣ ଓ ରୂପଗତ କେତେକ ଅଙ୍ଗର ସୌନ୍ଦର୍ଯ୍ୟ ମଣିଷକୁ ଆମୋଦିତ କରିଥାଏ । ତେଣୁ ବୋଧହୁଏ ମଧ୍ୟଯୁଗୀୟ କାବ୍ୟ ପରମ୍ପରାରେ ସୌନ୍ଦର୍ଯ୍ୟ ବର୍ଣ୍ଣନା କ୍ଷେତ୍ରରେ କବିର ସୌନ୍ଦର୍ଯ୍ୟ ସନ୍ଧାନୀ ଦୃଷ୍ଟି ପଶୁପକ୍ଷୀଙ୍କ ଆଡ଼କୁ ପ୍ରସାରିତ ହୋଇଛି । ଉପମା ବହୁଳ ନାରୀ ଲାବଣ୍ୟ ବର୍ଣ୍ଣନାର ଚମତ୍କାରିତା ପ୍ରଦର୍ଶନର ପୁରୋଭାଗରେ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି ଏହି ପଶୁପକ୍ଷୀଙ୍କ ରୂପ ଓ ଗୁଣ । ତେଣୁ ମଧ୍ୟଯୁଗୀୟ କବିମାନଙ୍କ ବର୍ଣ୍ଣନାରେ ସ୍ଥାନ ପାଇଛି—'ପିକ ବଚନା, ଗଜ ଗମନା, ଗର୍ବୀନସୀ ହଂସୀ ଗମନା, ସିଂହକଟୀ, ମରାଳ ଗାମିନୀ, ଖଞ୍ଜନ ନୟନା, ମୀନ ନୟନା, କୁରଙ୍ଗୀ ଲୋଚନା ଇତ୍ୟାଦି ବହୁବିଧ ଆଳଙ୍କାରିକ ଶବ୍ଦ ।

ଶାସନତନ୍ତ୍ରରେ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ନିଷ୍ଫଳ ସ୍ୱର ଉତ୍ତୋଳନ କରୁଥିବା ଜନସାଧାରଣଙ୍କର ଚିନ୍ତାଧାରାକୁ 'ବିଲୁଆ ବିସ୍ୱର' ବୋଲି କୁହାଯାଇ ପାରେ । ସବୁ କ୍ଷୁଦ୍ର ଜୀବ ଶାସକର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ 'ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ' । ଏମାନଙ୍କ ଦ୍ୱାରା କାର୍ଯ୍ୟ ସିଦ୍ଧ ହୁଏ ନାହିଁ; ଏଥିପାଇଁ କୁହାଯାଏ—'ଛେଳି ଗୋଡ଼ରେ କ'ଣ ଧାନ ମଳି ହୁଏ ।' ବ୍ୟକ୍ତିର ସମଷ୍ଟି ହେଉଛି ସମାଜ ଓ ସମାଜର ସର୍ବନିମ୍ନ ବ୍ୟଷ୍ଟି ହେଉଛି ବ୍ୟକ୍ତି । ସାମୁହିକ ସ୍ୱାର୍ଥ ଲାଗି ବ୍ୟକ୍ତିଗତ ଆକ୍ରୋଶ ଓ ହିଂସାସ୍ପୃହାକୁ ପରିତ୍ୟାଗ କରାଯାଏ । ଏଇ ସାମୁହିକ ଏକତାର ଏକ ସୁନ୍ଦର ଦୃଷ୍ଟାନ୍ତ ହେଉଛି—'ମଇଁଷି ଶିଙ୍ଗ ଫଟା, ଯୁଝିଲା ବେଳକୁ ଗୋଟା ।'

'ସମାନ ଜନେ ମିତ୍ର ପଣ—ଏଇଟି ଉତ୍ତମ ଲକ୍ଷଣ'—ଭାଗବତର ଏହି ବାଣୀ ସମରୁଚି, ସମନୀତି ଓ ସମଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତିଙ୍କର ବନ୍ଧୁତ୍ୱର ସମ୍ବନ୍ଧକୁ ପ୍ରକାଶ କରେ । ଏହାର ସ୍ପଷ୍ଟ ଦୃଷ୍ଟାନ୍ତ ହେଉଛି 'ଓଧ ସଙ୍ଗକୁ ବଣବୁଆ ବାଇ'—ଯାହା ସମ ବନ୍ଧୁତାର ପରିଚୟ ପ୍ରଦାନ କରେ ଅବିଶ୍ୱାସର ବିଷ ବାଷ୍ପରେ ବନ୍ଧୁତା ହୁଏ ବିଷମୟ । ଜହ୍ନୁଆଳ ମଧ୍ୟ ସବୁ ଆତ୍ମସାତ୍ କରେ । 'ବିରାଡ଼ି ହାତରେ ଶୁଖୁଆ ପୋଡ଼ା'—ଏହାର ସ୍ପଷ୍ଟ ଉଦାହରଣ ।

କ୍ଷମତାରେ ଥିବା କେତେକ ବ୍ୟକ୍ତି ଗାଦିଚ୍ୟୁତ ହେଲେ ମଧ୍ୟ ପୂର୍ବ ଭଳି ଆଚରଣ କରନ୍ତି ଓ ଗର୍ବୋଦ୍ଧତାର ପରିଚୟ ଦିଅନ୍ତି । ସମାଜରେ ଏହାକୁ କର୍ତ୍ତୃତ୍ୱବିହୀନ କ୍ଷମତା ବୋଲି କୁହାଯାଏ । 'ବାଘ ହୋଇ ନଖ ନାହିଁ' କିମ୍ବା 'ଘୋଡ଼ାର ଶିଙ୍ଗ ନାହିଁ' କଥାଟା ଏଇଠି ପ୍ରଯୁଜ୍ୟ । କେତେକ ବ୍ୟକ୍ତି ମଧ୍ୟ ସାଧାରଣ କଥା ନଜାଣି ନିଜର ପରିସର ବହିର୍ଭୂତ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତି, ଏଇମାନଙ୍କୁ କୁହାଯାଏ—'ବିଛା ମନ୍ତ୍ର ନଜାଣି ସାପ ଗାତରେ ହାତ ପୂରାଉଛି' । ଅପଟୁ ବ୍ୟକ୍ତିର ଅଯଥା ପଟୁତା ପ୍ରଦର୍ଶନ କରି ହାସ୍ୟାସ୍ପଦ ହେବା ଘଟଣା ଏଥିରୁ ସୂଚିତ ।

ଶଠତା ଓ କପଟାଚାର ସମ୍ବନ୍ଧରେ 'ଭାଲୁ ଧରେଇବା' ଏକ ସୁନ୍ଦର ପ୍ରବଚନ । ଖଳ ଲୋକକୁ ଅତି ଖଳ ଲୋକ ନିୟନ୍ତ୍ରଣ କରେ । ସେଥିପାଇଁ କୁହାଯାଏ—'ଭାଲୁ ମୁହଁକୁ ଲୁହା ଠେଙ୍ଗା ।' ରୋଗ ପାଇଁ ଏହା ହେଉଛି ଉପଯୁକ୍ତ ପ୍ରତିଷେଧକର ଉଦାହରଣ । ଜଣକର କ୍ଷତି ସାଧନ କରି ଅନ୍ୟର ଉପକାର କରିବା ସମ୍ବନ୍ଧରେ ଧାରଣା ଦିଏ—'ହିଁସିକା ମାରି ବଣି ପୋଷିବା' ପ୍ରବଚନଟି । ସମାଜରେ ଭାଗ୍ୟବାନ ପ୍ରତି ଭାଗ୍ୟଲକ୍ଷ୍ମୀଙ୍କ ପ୍ରସନ୍ନତା ସମ୍ବନ୍ଧୀୟ ଭାବ ପ୍ରକାଶ କରିଥାଏ—'ବିରାଡ଼ି କପାଳକୁ ଶିକା ଛିଡ଼ିଛି' । ସବଳ ଯୁଗଯୁଗ ଧରି ନିର୍ବଳ ଉପରେ ରାଜତ୍ୱ କରେ, ଏହାକୁ ସ୍ପଷ୍ଟ ଭାବେ ସୂଚେଇ ଦିଏ—'ଲୁଚି ଅସରପା ଉପରେ କାଣୀ ବିରାଡ଼ି ରାଜା' ।


ପଶୁପକ୍ଷୀଙ୍କ ବିଚିତ୍ର ଜୀବନଧାରା ଓ ଆଚରଣାଦି ବହୁ କପୋଳ କଳ୍ପିତ ଗଳ୍ପ ମାଧ୍ୟମରେ ପ୍ରକାଶ ପାଇଛି । ପଶୁପକ୍ଷୀଙ୍କ ଜୀବନ ଉପରେ ଆଧାରିତ ଏହି ପ୍ରବଚନଗୁଡ଼ିକର ପରମ୍ପରା 'ପଞ୍ଚତନ୍ତ୍ର', 'ହିତୋପଦେଶ', 'ବୌଦ୍ଧଜାତକ' ଇତ୍ୟାଦିରୁ ଉତ୍ପତ୍ତି ଲାଭ କରିଛି । ଉପଦେଶ ଛଳରେ ପଶୁପକ୍ଷୀଙ୍କୁ ନେଇ କଳ୍ପନାଶ୍ରିତ ଛବିରେ ବାସ୍ତବତାର ଅନୁରଙ୍ଗ ଦିଆଯାଇ ଜୀବନ୍ତ ରୂପ ପ୍ରଦାନ କରାଯାଇଅଛି । କେତେକ କ୍ଷେତ୍ରରେ ଶିଶୁ ଉପଯୋଗୀ ପାଠ୍ୟଭାବରେ ମଧ୍ୟ ଏହା ବେଶ୍ ମନୋବିଜ୍ଞାନ ସମ୍ମତ ହୋଇ ପାରିଛି । ଓଡ଼ିଆ ଲୋକ ଗଳ୍ପର ଧାରାକୁ ଏହା ସଞ୍ଜୀବିତ କରି ରଖିଛି । ଚିତ୍ତାକର୍ଷକ, କୌତୁକପ୍ରଦ କଥନଶୈଳୀ ଓ ଉପଦେଶାତ୍ମକତା ଏହାର ବିଶିଷ୍ଟ ଦିଗ । ଏଥିରେ ଯେପରି ନୀତି ଶିକ୍ଷା ପାଇଁ ଉପାଦାନ ରହିଛି, ସେହିପରି ମଧ୍ୟ ପଶୁପକ୍ଷୀ ଜୀବନ ଓ ଆଚରଣ ପଦ୍ଧତିର ବିଚିତ୍ରତା ରହିଛି ।

ସାମାଜିକତା ଦୃଷ୍ଟିରୁ ପ୍ରବଚନଗୁଡ଼ିକର ଉପଯୋଗିତାଯଥାର୍ଥ । ବାସ୍ତବାଶ୍ରୟୀ ଧାରାରେ ରୂପକ, ଉପମା ଓ ପ୍ରତୀକ ଇତ୍ୟାଦି ବିଭିନ୍ନ ସାହିତ୍ୟିକବାଦର ପ୍ରୟୋଗ ଏଇ ପ୍ରବଚନଗୁଡ଼ିକର ସାର୍ବିକ ମୂଲ୍ୟ ନିର୍ଦ୍ଧାରଣ କରିବାରେ କ୍ଷମ ହୋଇ ପାରିଛି । ଆଚରଣ ଅନୁଯାୟୀ ପଶୁ ଓ ପକ୍ଷୀମାନେ ସ୍ଥଳ ବିଶେଷରେ ସମାଜର ବିଭିନ୍ନ ସ୍ତରର ମଣିଷମାନଙ୍କର ପ୍ରତିନିଧିତ୍ୱ କରିଥାଆନ୍ତି ।

ପ୍ରବଚନଗୁଡ଼ିକର ମୌଖିକ ପ୍ରୟୋଗ ବକ୍ତବ୍ୟକୁ ରସାଳ ଓ ଅଭିବ୍ୟକ୍ତିକୁ ସହଜ ବୋଧଗମ୍ୟ କରିଥାଏ । ବ୍ୟଙ୍ଗ, ପରିହାସ ଓ ଅଭିବ୍ୟକ୍ତିକୁ ... ସମାଲୋଚନା ଭଙ୍ଗୀରେ ପ୍ରକାଶ ପାଉଥିବା ହେତୁ ଏହା ପାରିବେଶିକ

ଲଘୁତା ପ୍ରକାଶ କରିବା ସହିତ ହାସ୍ୟ ରସର ନିର୍ମଳ ଝରଣା ସୃଷ୍ଟି କରେ । ସଂସ୍କାରମୂଳକତା ହେଉଛି ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ । ଆମ ସମାଜରେ ବାସ କରୁଥିବା ମଣିଷମାନଙ୍କର ପାଶବିକ ବୃତ୍ତି, ଆରଣ୍ୟକ ପଶୁମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହେଁ । ତେଣୁ ହିଂସ୍ରତର ମଣିଷର ସ୍ୱରୂପ ପ୍ରକାଶ କରି ଏହାର ସଂସ୍କାର ଆଣିବା କ୍ଷେତ୍ରରେ ଏଉଳି ପ୍ରବଚନଗୁଡ଼ିକର ଗୁରୁତ୍ୱ ଯଥେଷ୍ଟ । ସାମାଜିକ ମଣିଷର ବ୍ୟକ୍ତିତ୍ୱ ନିର୍ଦ୍ଧାରଣ ଓ ଏମାନଙ୍କ ଉପଦ୍ରବରୁ ସମାଜକୁ ରକ୍ଷା କରିବାକୁ ଏସବୁ ହେଉଛି ଉଦ୍ଦେଶ୍ୟ ପ୍ରଣୋଦିତ ସ୍ୱୟଂସମ୍ପୂର୍ଣ୍ଣ ରଚନା । ବାହ୍ୟ ବା ଅଭିଧାର୍ଥ ଅପେକ୍ଷା ଲକ୍ଷଣା ଓ ବ୍ୟଞ୍ଜନା ହେଉଛି ଏହାର ଅନ୍ତଶ୍ଚେତନା । ସକାଳ ସୂର୍ଯ୍ୟର କୋମଳ କିରଣ ପ୍ରତିଫଳିତ ଶିଶିର ବିନ୍ଦୁ ଭଳି ଏଗୁଡ଼ିକ ସ୍ୱଚ୍ଛ, ସୁନ୍ଦର ଓ ନିର୍ମଳ । ଏ ଗୁଡ଼ିକର ସଂଗ୍ରହ, ସମ୍ପାଦନ ଓ ସଂରକ୍ଷଣ ଦ୍ୱାରା ଲୋକସାହିତ୍ୟର ସମୃଦ୍ଧି ସମ୍ଭବ ହେବ ।

ଅଧ୍ୟାପକ, ଓଡ଼ିଆ ବିଭାଗ
ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ
ନାଉଗାଁ ହାଟ, କଟକ ।



Gandhiji's message to the People of Orissa.

# ବନ ଶ୍ରମିକ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ

ଶ୍ରୀ ଗୌରୀ ଶଙ୍କର ପାଢ଼ୀ

ଓଡ଼ିଶାର ସମଗ୍ର ସ୍ଥଳଭାଗର ଶତକଡ଼ା ପ୍ରାୟ ୩୯ ଭାଗ ବନ-ଜଙ୍ଗଲ ପୂର୍ଣ୍ଣ । ପ୍ରାକୃତିକ ବନ ଅନେକାଂଶରେ ନଷ୍ଟ ହୋଇ ଆସିଲାଣି । ଏକଦା ବନ ଜଙ୍ଗଲରୁ କିପରି ବହୁମାତ୍ରାରେ ରାଜସ୍ୱ ଆଦାୟ କରାଯାଇ ପାରିବ ତାହାହିଁ ସ୍ଥିର କରାଯାଉଥିଲା । ଅଣ ଟିକସ ରାଜସ୍ୱ ଆୟ କ୍ଷେତ୍ରରେ ବନ ଜାତ ପଦାର୍ଥ-ବିକ୍ରୀ-ରାଜସ୍ୱ ପ୍ରଥମ ସ୍ଥାନ ଅଧିକାର କରିଥିଲା । କିନ୍ତୁ ଅଳ୍ପ ଦିନ ମଧ୍ୟରେ ସେ ଅବସ୍ଥା ସଂପୂର୍ଣ୍ଣ ବଦଳି ଯାଇଛି । କେବଳ ଯେ ଆମ ରାଜ୍ୟରେ ଏହା ଘଟିଛି ତାହା ନୁହେଁ ସାମୂହିକ ଭାବରେ ବିଚାର କଲେ ସମଗ୍ର ଭାରତ ବର୍ଷର ଅବସ୍ଥା ଏହିପରି ।

ବନଜଙ୍ଗଲର ପରିମାଣ ଓ ମାନ ଦ୍ରୁତ ହ୍ରାସ ପାଇବା ସଙ୍ଗେସଙ୍ଗେ ପ୍ରାକୃତିକ ପରିବେଶର ଯଥେଷ୍ଟ ଅବନତି ଘଟିଛି ଓ ତଦ୍ୱାରା ମାନବ ସମାଜ ବହୁ ଉତ୍କଟ ସମସ୍ୟାର ସମ୍ମୁଖୀନ ହେଉଛି । ଜନସଂଖ୍ୟା ବୃଦ୍ଧିସହ ବିଭିନ୍ନ ଶିଳ୍ପର ସଂପ୍ରସାରଣ, ଜଳ ବିଦ୍ୟୁତ ଓ ଜଳ ସେଚନ ପ୍ରକଳ୍ପ, ଖଣିଜ ପଦାର୍ଥ ଉତ୍ତୋଳନ, କୃଷି ସଂପ୍ରସାରଣ ଇତ୍ୟାଦି.................. ପାଇଁ ବହୁପରିମାଣରେ ବନ ଜଙ୍ଗଲ ପ୍ରତିଦିନ ନଷ୍ଟ ହେବାରେ ଲାଗିଛି । ଗୋଟିଏ ସମୀକ୍ଷାରୁ ଜଣା ଯାଉଛି ଯେ ବିଭିନ୍ନ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ପ୍ରତିବର୍ଷ ପ୍ରାୟ ଶତକଡ଼ା ୨ ଭାଗ ଉତ୍ପାଦନ କ୍ଷମ ବନ ଅନୁତ୍ପାଦକ ଓ (degraded) ଅବସ୍ଥାକୁ ଆସି ଯାଉଛି । ଆମେ ଦେଶରେ ପ୍ରାୟ ପ୍ରତିବର୍ଷ ୧୦ ଲକ୍ଷ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେଉଅଛି, ପ୍ରାକୃତିକ ବନର କ୍ଷୟ ଯଦି ଏହିପରି ଭାବରେ ଚାଲେ ତେବେ ବନ ଜଙ୍ଗଲ ସଂପୂର୍ଣ୍ଣ ନଷ୍ଟ ହୋଇଯିବ । ତେଣୁ ବର୍ତ୍ତମାନ ବୃକ୍ଷରୋପଣ କାର୍ଯ୍ୟ କରିଆରେ କୃତ୍ରିମ ବନ ସୃଷ୍ଟିପାଇଁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । ଓଡ଼ିଶାରେ ସ୍ୱିଡେନ ସରକାରଙ୍କ ଆର୍ଥିକ ଓ ବୈଷୟିକ ସହାୟତାରେ ସାମାଜିକ ବନ ପ୍ରକଳ୍ପ ଓ ଓଡ଼ିଶା ବୃକ୍ଷରୋପଣ ବିକାଶ ନିଗମ ଏ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ ଚଳିତ ପଞ୍ଚବାର୍ଷିକ ଯୋଜନା ଅନୁଯାୟୀ ଭାରତ ସରକାରଙ୍କର ଆର୍ଥିକ ଅନୁଦାନରେ ଓଡ଼ିଶା ବନ ବିଭାଗ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟ ହାତକୁ ନେଇଛନ୍ତି । ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯଥା ଜାତୀୟ ଗ୍ରାମାଞ୍ଚଳ କର୍ମ ଯୋଗାଣ କାର୍ଯ୍ୟକ୍ରମ (N. R. E. P.) ଓ ଗ୍ରାମାଞ୍ଚଳ ଶ୍ରମିକ କର୍ମ ଯୋଗାଣ ବିଶେଷ କାର୍ଯ୍ୟକ୍ରମ (R. L. E. G. P.) ମାଧ୍ୟମରେ ମଧ୍ୟ ବୃକ୍ଷରୋପଣ କରାଯାଉଛି । ଓଡ଼ିଶା ବନନିଗମ ଓ ଶିମିଳି ପାହାଡ଼ ବନ ଉନ୍ନୟନ ନିଗମ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟ ହାତକୁ ନେଇଛନ୍ତି । ଅତଏବ ବୃକ୍ଷରୋପଣ ବନବିକାଶ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ଅଗ୍ରାଧିକାର ଲାଭ କରିଛି । ଆମର ପ୍ରଧାନମନ୍ତ୍ରୀ ସମଗ୍ର ଦେଶରେ ବର୍ଷକୁ ପ୍ରାୟ ୫୦ ଲକ୍ଷ ହେକ୍ଟର ପତିତ ଜମିରେ ବୃକ୍ଷରୋପଣ କରାଯିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ।

ବନ ପରିଚାଳନା କ୍ଷେତ୍ରରେ ବୃକ୍ଷରୋପଣ ବ୍ୟତୀତ ଅନ୍ୟାନ୍ୟ ଅନେକ ପ୍ରକାର କାର୍ଯ୍ୟ ରହିଛି । ସେହିସବୁ ଭିତରେ ରାସ୍ତାଘାଟ ତିଆରି, ମରାମତି କରିବା, ଲଘୁ ବନଜାତ ଦ୍ରବ୍ୟର ବିକାଶ, ଆବାଦ, ବନ୍ୟ ଜନ୍ତୁ ସଂରକ୍ଷଣ ବିଷୟକ ବିବିଧ କାର୍ଯ୍ୟକ୍ରମ ଓ ପୁରାତନ ବନ୍ୟ ସଂପଦର ଉପଯୁକ୍ତ ରକ୍ଷଣା ବେକ୍ଷଣ, କଡ଼ିକାଠ, ଜାଳେଣୀକାଠ ଓ ବାଉଁଶ ଉତ୍ପାଦନ ଇତ୍ୟାଦି ପ୍ରଧାନ । ବୃକ୍ଷରୋପଣ ପରି ଏହି ଅନ୍ୟ ସମସ୍ତ କାର୍ଯ୍ୟକ୍ରମମାନଙ୍କରେ ବହୁମାତ୍ରାରେ ଗ୍ରାମୀଣ ଅକୁଶଳୀ ଶ୍ରମିକ ( Unskilled ) ବର୍ଷରେ ଅନେକ ଦିନ ନିଯୁକ୍ତି ପାଉଥାନ୍ତି । ଏହି ଶ୍ରମିକମାନଙ୍କୁ କେବଳ ଶ୍ରମ ବାବଦକୁ ମଜୁରୀ ଦେବା ଛଡ଼ା ସେମାନଙ୍କର ଉନ୍ନତି ପାଇଁ ଅନ୍ୟ କିଛି କରାଯାଇ ପାରୁନାହିଁ । ଶିଳ୍ପ ଓ କୃଷିଭିତ୍ତିକ କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନଙ୍କ ତୁଳନାରେ

ବନଭିତ୍ତିକ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କର ଅଭାବ ଅସୁବିଧା ବେଶୀ । ବନ-ଶ୍ରମିକମାନେ ସହରଠାରୁ ବହୁ ଦୂରରେ, ଗମନା ଗମନ ସୁବିଧା ସହିତ ଓ ସର୍ବନିମ୍ନ ଆବଶ୍ୟକତା ମିଳୁ ନ ଥିବା ସ୍ଥାନରେ ରହି କାମ କରୁଛନ୍ତି । କାର୍ଯ୍ୟ କ୍ଷେତ୍ରରେ ପ୍ରତିକୂଳ ପରିବେଶ ଯୋଗୁ ସର୍ବନିମ୍ନ ମଜୁରୀଠାରୁ ଅଧିକ ଉପାର୍ଜନ କରିବା ସୁବିଧା ପ୍ରାୟ ସେମାନଙ୍କ ଭାଗ୍ୟରେ ଯୁଟେ ନାହିଁ । ସୁତରାଂ ଏ ସବୁକୁ ଆଖିଆଗରେ ରଖି ବନ ବିକାଶ କାର୍ଯ୍ୟରେ ନିଯୁକ୍ତଥିବା ଶ୍ରମିକମାନଙ୍କର ପରୋକ୍ଷ ଭାବରେ ଉପକାର ସାଧନ କରିବା ନିମିତ୍ତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ( World Food Programme ) ଏକ ଯୋଜନା କରୁଛନ୍ତି । ଏହା ଏକ ସ୍ୱେଚ୍ଛାକୃତ ବ୍ୟବସ୍ଥା; ଏହି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଶ୍ରମିକମାନେ ବାଧ୍ୟ ନୁହନ୍ତି । ଏହି କାର୍ଯ୍ୟକ୍ରମ ବିଷୟରେ ଅତି ସଂକ୍ଷେପରେ କହିବାକୁ ଗଲେ-ଯେଉଁ ଶ୍ରମିକମାନେ ଏଥିରେ ସାମିଲ ହୁଅନ୍ତି, ସେମାନଙ୍କର ଦୈନିକ ମଜୁରୀ ପ୍ରକାରାନ୍ତରେ ଦ୍ୱିଗୁଣିତ ହୋଇଯାଏ ଓ ସେମାନେ ଦ୍ୱିଗୁଣ ମଜୁରୀ ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସୁବିଧା ଯଥା—ପାନୀୟ ଜଳ, ଜଳସେଚନ ପାଇଁ ପୋଖରୀ, ସ୍ୱାସ୍ଥ୍ୟରକ୍ଷା ପାଇଁ ଭ୍ରାମ୍ୟମାଣ, ଡାକ୍ତରୀସେବା, ପିଲମାନେ ପଢିବାପାଇଁ ସ୍କୁଲ ଓ ଆମୋଦ ପ୍ରମୋଦ ପାଇଁ କୋଠାଘର ଇତ୍ୟାଦି ସୁବିଧା ମଧ୍ୟ ପାଇଥାନ୍ତି । ତାହା କିପରି ସମ୍ଭବପର ହୋଇପାରୁଛି ତାହା ନିମ୍ନରେ ଦିଆଗଲା ।

ସହାୟତା କରିଥାଏ । ଖାଦ୍ୟ କହିଲେ କେବଳ ଗହମ, ଚାଉଳ ନୁହେଁ । ଅନ୍ୟ ଅନେକ ପ୍ରକାର ଖାଦ୍ୟ ଅନ୍ତର୍ଭୁକ୍ତ ଯଥା ; ଗହମ, ଚାଉଳ, ଡାଲି, ଚଣା, ବନସ୍ପତି ତେଲ, ଦୁଗ୍ଧଗୁଣ୍ଡ, ଶୁଖୁଆ, ଘିଅ, କଫି, ଚିନି ଇତ୍ୟାଦି ପ୍ରାୟ ପଚାଶ ରକମର ଖାଦ୍ୟ ଅନ୍ତର୍ଭୁକ୍ତ । ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସଭ୍ୟ ଦେଶମାନେ ଯେ ଯାହାର ଶକ୍ତି ଅନୁଯାୟୀ ଦେଶରେ ଯେଉଁ ଖାଦ୍ୟ ବଳକା ଉତ୍ପାଦନ ହେଉଛି ତାହା ଦିଅନ୍ତି ଓ ଯାହା ସେମାନଙ୍କର ଦରକାର ତାହା ଗ୍ରହଣ କରନ୍ତି । ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଏପରି ଦେଶ ବି ଅଛନ୍ତି ଯେଉଁମାନେ ଖାଦ୍ୟ ଆକାରରେ କିଛି ଦିଅନ୍ତି ନାହିଁ ବା ନିଅନ୍ତି ନାହିଁ । ସେହି ଦେଶମାନେ ଅନ୍ୟ ରକମର ଦାନ କାର୍ଯ୍ୟକ୍ରମକୁ ଦେଇଥାଆନ୍ତି । ସେହିଦାନ ମଧ୍ୟରେ ଅର୍ଥ, ଖାଦ୍ୟ, ପରିବହନ ପାଇଁ ଜାହାଜ ଇତ୍ୟାଦି ଅନ୍ତର୍ଭୁକ୍ତ । ଗତ ବିଶ୍ୱମହାଯୁଦ୍ଧ ପରେ ପରେ ବିକଶିତ ଓ ସମୃଦ୍ଧ ଦେଶମାନେ ସେମାନଙ୍କର ଦେଶର ଉଦ୍‌ବୃତ୍ତ କୃଷିଜାତ ଦ୍ରବ୍ୟ ଖାଦ୍ୟାଭାବ ଗ୍ରସ୍ତ ବିକାଶଶୀଳ ଦେଶମାନଙ୍କରେ ବଣ୍ଟନ ପାଇଁ ଦ୍ୱିପାକ୍ଷିକ କଥାବାର୍ତ୍ତା ଓ ଦେଶଦେଶରେ ବିଶେଷ କୃତକାର୍ଯ୍ୟ ନ ହେବାରୁ ଜାତିସଂଘ ଆନୁକୂଲ୍ୟରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମପରି ଏକ ସଂସ୍ଥା ଗଠନ କରାଯିବାର ଆବଶ୍ୟକତା ଅନୁଭବ କଲେ । ୧୯୬୩ ମସିହାର ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ (World Food Programme) ସଂସ୍ଥା ଗଠିତ ହୋଇ ପରୀକ୍ଷା ମୂଳକ ଭାବରେ କିଛିଦିନ ସଫଳତାର ସହିତ କାର୍ଯ୍ୟ କରିବା ପରେ ଏହି ଅନୁଷ୍ଠାନର



ଏହି ପରିପ୍ରେକ୍ଷୀରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ କଣ, ସେ ବିଷୟରେ କିଞ୍ଚିତ୍ ସୂଚନା ଦେବା ଉଚିତ୍ ହେବ । ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଜାତିସଂଘର ଏକ ଅନୁଷ୍ଠାନ ଯେ ଏଥି ସହିତ ସଂପୃକ୍ତ ପୃଥିବୀର ବିଭିନ୍ନ ଦେଶମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବଳକା ଖାଦ୍ୟ ଉତ୍ପାଦନ କରୁଥିବା ଦେଶମାନଙ୍କରୁ ଖାଦ୍ୟ ଚାଲଣ କରି ନିଅଣ୍ଟିଆ ଦେଶମାନଙ୍କରେ ତାହା ପହଞ୍ଚାଇବା ଓ ବିଭିନ୍ନ ଶ୍ରମ ବହୁଳ କାର୍ଯ୍ୟକ୍ରମ ମାଧ୍ୟମରେ ଖାଦ୍ୟ ବଣ୍ଟନ କରି ଶ୍ରମିକ ମାନଙ୍କର କଲ୍ୟାଣ ସାଧନ କରିବାରେ

ସ୍ଥାୟୀତ୍ୱ ଅଧିକରୁ ଅଧିକତର ଅନୁଭୂତ ହେଲା । ତେଣୁ ଏହାର କାର୍ଯ୍ୟ ପରିସର ବଢ଼ିବା ସଙ୍ଗେସଙ୍ଗେ ଏହା ଏକ ସ୍ଥାୟୀ ସଂସ୍ଥାରେ ପରିଣତ ହୋଇଅଛି । ଚଳିତ ବର୍ଷ ଏହା ରୌପ୍ୟ ଜୟନ୍ତୀ ପାଳନ କରୁଛି । ଏହି ସଂସ୍ଥାର ଆବଶ୍ୟକତା କୌଣସି ଦେଶରେ ପ୍ରାକୃତିକ ବିପର୍ଯ୍ୟୟ ପଡ଼ିବା ସମୟରେ ବିଶେଷ ଭାବରେ ଦେଖାଯାଇଥାଏ । ବର୍ତ୍ତମାନ ଏହି ସଂସ୍ଥାରେ ୧୦୩ ଗୋଟି ଦେଶ ସଭ୍ୟ ଅଛନ୍ତି । ଭାରତ ଦେଶ ଏହି ସଂସ୍ଥାର ସଭ୍ୟ ( Member )

ଭାରତ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମକୁ ଗହମ, ଚିନି, ଶୁଖୁଆ ଇତ୍ୟାଦି ଖାଦ୍ୟ ପଦାର୍ଥ ଦେଇଥାଏ ଓ ନିଜ ବ୍ୟବହାର ନିମିତ୍ତ ଚାଉଳ, ଗହମ, ବନସ୍ପତି ତେଲ, ଡାଲି ଜାତୀୟ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଗୁଣ୍ଡଦୁଗ୍ଧ ଇତ୍ୟାଦି ଆମଦାନୀ କରିଥାଏ ।

ଭାରତ ବର୍ଷର ବିଭିନ୍ନ ପ୍ରଦେଶରେ ବହୁ ବର୍ଷ ଧରି ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ଆସୁଥିଲେହେଁ ଆମ ଓଡ଼ିଶା ପ୍ରଦେଶରେ ପ୍ରଥମ କରି ୧୯୮୬ ମସିହାରେ ଏହା ଆରମ୍ଭ ହୋଇଅଛି । ବନଭିତ୍ତିକ କାର୍ଯ୍ୟକଳାପ ଜରିଆରେ ଓଡ଼ିଶାର ଶ୍ରମିକମାନଙ୍କର ସାମାଜିକ ଓ ଆର୍ଥିକ ବିକାଶ ପାଇଁ (ଭାରତ) ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ପ୍ରକଳ୍ପ—୨୬୮୫, ଓଡ଼ିଶା, ଭାରତରେ କାର୍ଯ୍ୟକାରୀ ହେଉଥିବା ସାତଗୋଟି ପ୍ରକଳ୍ପ ମଧ୍ୟରୁ ଅନ୍ୟତମ । ଆଉ ଛଟି ପ୍ରକଳ୍ପ ହେଲା ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, କେରଳ ଓ ଆସାମରେ ଗୋଟିଏ ଗୋଟିଏ କରି । ଇତି ପୂର୍ବରୁ ଏହି ପ୍ରକଳ୍ପ ଅନ୍ୟ କେତୋଟି ରାଜ୍ୟରେ କାର୍ଯ୍ୟକାରୀ ହୋଇସାରିଛି । ସେମାନଙ୍କ ମଧ୍ୟରେ ରାଜସ୍ଥାନ ଓ ମହାରାଷ୍ଟ୍ର ନାମ ବିଶେଷ ଉଲ୍ଲେଖ ଯୋଗ୍ୟ । ରାଜସ୍ଥାନର ଇନ୍ଦିରା ଗାନ୍ଧୀ ନଗର (କେନାଲ) ଖୋଳା ଯୋଜନାରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଖାଦ୍ୟ ସାହାଯ୍ୟ ବହୁ ପରିମାଣରେ ବ୍ୟବହାର କରାଯାଉଛି । ମହାରାଷ୍ଟ୍ର ପ୍ରଦେଶରେ ପ୍ରଥମେ ୧୯୭୨ ମସିହାରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମହାରାଷ୍ଟ୍ର ବନ ଉନ୍ନୟନ ନିଗମ (Forest Development Corporation of Maharastra ବା ସଂକ୍ଷେପରେ F. D. C. M.) ମାଧ୍ୟମରେ ଆରମ୍ଭ ହୋଇଥିଲା । ଗତ ୧୬ ବର୍ଷ ଧରି ସେଠାରେ ଏହି ପ୍ରକଳ୍ପ ଖୁବ୍ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇ ପାରିଛି । ମହାରାଷ୍ଟ୍ର ବନ ଉନ୍ନୟନ ନିଗମ ଏହି ଖାଦ୍ୟ ସାହାଯ୍ୟକୁ ଭାରତରେ ଏକ ଅତି ଅଗମ୍ୟ ଓ ଅବହେଳିତ ଆଦିବାସୀ ଅଧ୍ୟୁଷିତ ବନାଂଚଳରେ (ଚନ୍ଦ୍ରପୁର ଜିଲ୍ଲା) କାର୍ଯ୍ୟକାରୀ କରି ବିଶେଷ କରି ଆଦିବାସୀ ଓ ହରିଜନ ଶ୍ରେଣୀଭୁକ୍ତ, ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଶ୍ରମିକମାନଙ୍କର ଅଶେଷ କଲ୍ୟାଣ ସାଧନ କରିଛନ୍ତି । ଯେଉଁମାନେ ସ୍ୱଚକ୍ଷୁରେ ମହାରାଷ୍ଟ୍ର ବନ ଉନ୍ନୟନ ନିଗମର କାର୍ଯ୍ୟ ଦେଖି ନାହାଁନ୍ତି ସେମାନେ ସେ ବିଷୟରେ ଯେତେ ବର୍ଣ୍ଣନା କଲେ ମଧ୍ୟ ବିଶ୍ୱାସ କରି ପାରିବେ ନାହିଁ । ପ୍ରକଳ୍ପରୁ ଆୟ ଧନରେ ମହାରାଷ୍ଟ୍ର ବନ ନିଗମ ଶ୍ରମିକମାନଙ୍କ ରହିବା ପାଇଁ ବାସଗୃହ, ପିଲାମାନେ ପଢ଼ିବା ପାଇଁ ସ୍କୁଲ, ବିଭିନ୍ନ କାମ ତାଲିମ ପାଇଁ ବୈଷୟିକ ସ୍କୁଲ, ଅଧିକ ମାତ୍ରାରେ କର୍ମସଂସ୍ଥାନ ପାଇଁ ହାତ ତିଆରି କାଗଜ କଳ ଓ ସେହି କଳରୁ ଉତ୍ପାଦିତ କାଗଜ ବିନିଯୋଗ କରି ଅଫିସରେ ବ୍ୟବହୃତ ହେଉଥିବା ନଥି ମଲଟ, ନଥି ବୋର୍ଡ, ବିଭିନ୍ନ ଫର୍ମ ଇତ୍ୟାଦି ତିଆରି କରୁଛନ୍ତି । ଘଞ୍ଚବନ ମଧ୍ୟରେ ମୁକ୍ତ କାରାଗାର (Open Jail) ତିଆରି କରିଛନ୍ତି । ବିଭିନ୍ନ ଅପରାଧରେ ଦଣ୍ଡିତ ହୋଇ କାରାଦଣ୍ଡ ଭୋଗ କରୁଥିବା ଆସାମୀମାନେ ନିଜର ପରିବାର ସହ ସେଠାରେ ରହି ବନବିଭାଗର ବିଭିନ୍ନ କାର୍ଯ୍ୟରେ ଖଟି ମଜୁରି ପାଇ ଜୀବିକା ନିର୍ବାହ କରୁଛନ୍ତି ।

ଆମ ରାଜ୍ୟରେ ପ୍ରଥମେ ୧୯୮୩ ମସିହାରେ ବନ ବିଭାଗ ଜରିଆରେ ଏହିପରି ଏକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଚିନ୍ତା କରାଗଲା । ମହାରାଷ୍ଟ୍ରର ଅଭିଜ୍ଞତାକୁ ଆଖିଆଗରେ ରଖି ଏହା କାର୍ଯ୍ୟକାରୀ କରାଯିବା ସ୍ଥିର ହେଲା । ଏହି ଯୋଜନା ୧୯୮୪ ମସିହା ଅକ୍ଟୋବର ମାସରେ ଭାରତ ସରକାରଙ୍କର ଓ ଜାତିସଂଘ ତରଫରୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଅନୁମୋଦନ ଲାଭକଲା । ଏହା କିପରି ଭାବରେ କାର୍ଯ୍ୟକାରୀ କରାଯିବ, ତାହା ସ୍ଥିର କରିବାକୁ ଓ ମହାରାଷ୍ଟ୍ର ପ୍ରଦେଶରେ କିପରି ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ତାହା ଅନୁଧ୍ୟାନ କରି ସେ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତି ଅର୍ଜନ କରିବା ପାଇଁ ଏକ ଚାରିଜଣିଆ ଉଚ୍ଚକର୍ମଚାରୀ ଦଳକୁ ବନବିଭାଗ ତରଫରୁ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ସଂସ୍ଥା ଆନୁକୂଲ୍ୟରେ ୧୦ ଦିନିଆ ମହାରାଷ୍ଟ୍ର ଗସ୍ତ ଓ ପରେ ନୂଆଦିଲ୍ଲୀ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟାଳୟରେ କଥାବାର୍ତ୍ତା ପାଇଁ ଓଡ଼ିଶା ସରକାର ପଠାଇ ଥିଲେ । ସେହି ଦଳର ଜଣେ ସଦସ୍ୟ ଭାବରେ ଲେଖକ ମହାରାଷ୍ଟ୍ର ଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦେଖିବା ଓ ତତ୍‌ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ । ଏହି କମିଟିର ରିପୋର୍ଟ ଅନୁଯାୟୀ ପରେପରେ ୧୯୮୬ ମସିହା ଏପ୍ରିଲ ମାସଠାରୁ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ପ୍ରକଳ୍ପ ୨୬୮୫ ଓଡ଼ିଶାରେ କାର୍ଯ୍ୟକାରୀ ହୋଇ ଆସୁଛି ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରଥମେ ଯେଉଁ ରିପୋର୍ଟ ପ୍ରସ୍ତୁତ ହୋଇଥିଲା ଏହା ସମଗ୍ର ପ୍ରଦେଶରେ ଦୁଇ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ଥିଲା । ପ୍ରଥମ ପର୍ଯ୍ୟାୟରେ ଆଠଟି ଆଦିବାସୀ ବହୁଳ ଜିଲ୍ଲାରେ ଯଥା, କଳାହାଣ୍ଡି, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ଫୁଲବାଣୀ, ସମ୍ବଲପୁର, ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବା ପାଇଁ ବ୍ୟବସ୍ଥା ହୋଇଥିଲା । ଦୁଇବର୍ଷ ପରେ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟାରମ୍ଭ ହେଲେ ବଳକା ପାଞ୍ଚଟି ଜିଲ୍ଲା ଯେଉଁଥିରେ ହରିଜନ ଓ ଅନ୍ୟାନ୍ୟ ଅନୁସୂଚୀତ ଜାତିର ଲୋକଙ୍କ ସଂଖ୍ୟା ଅଧିକ, ସେଠାରେ କାର୍ଯ୍ୟକାରୀ ହୋଇଥାଆନ୍ତା । କିନ୍ତୁ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ପ୍ରକଳ୍ପ ଯେତେବେଳେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅନୁମୋଦନ ନିମିତ୍ତ ପହଞ୍ଚିଲା ଓ ତାହାଙ୍କ ନିକଟରେ ଏହି ପ୍ରକଳ୍ପ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଗଲା ; ସେହି ସ୍ତରରେ ପ୍ରକଳ୍ପ ଶ୍ରମିକ କଲ୍ୟାଣକାରୀ ଦିଗପ୍ରତି ଗୁରୁତ୍ୱ ଆରୋପ କରି ଓ ଓଡ଼ିଶାର ଗ୍ରାମାଞ୍ଚଳ ଶ୍ରମିକମାନଙ୍କର ଦୁସ୍ଥ ଆର୍ଥିକ ପରିସ୍ଥିତିକୁ ବିଚାରକୁ ନେଇ ମୁଖ୍ୟମନ୍ତ୍ରୀ ଏହି ଯୋଜନାକୁ ପ୍ରଥମରୁହିଁ ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ପ୍ରକଳ୍ପ ରିପୋର୍ଟରେ କେତେକ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ଏହା ସବୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଅଛି । ପୁନଶ୍ଚ ଓଡ଼ିଶାର ୧୩ଟି ଜିଲ୍ଲାରେ ଯେଉଁ ଅଞ୍ଚଳଗୁଡ଼ିକ ସାଧାରଣତଃ ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି ସେହି ଅଞ୍ଚଳଗୁଡ଼ିକ ଚିହ୍ନଟ କରି ଅଗ୍ରାଧିକାର ଭିତ୍ତିରେ ସେଠାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା କରାଯାଇଛି । ସେଗୁଡ଼ିକ ହେଲା—

| ଜିଲ୍ଲାର ନାମ | ଅଭାବଗ୍ରସ୍ତ ଅଞ୍ଚଳ, ଯେଉଁଠି ଅଗ୍ରାଧିକାର ଭିତ୍ତିରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା କରାଯାଇଛି । |
|---|---|
| (୧) | (୨) |
| ୧ । କଳାହାଣ୍ଡି | .. ସମଗ୍ର ଜିଲ୍ଲା |
| ୨ । ବଲାଙ୍ଗୀର | .. ଟିଟିଲାଗଡ଼ ଓ ପାଟଣାଗଡ଼ |
| ୩ । ଫୁଲବାଣୀ | .. ସଦର ଓ ବାଲିଗୁଡ଼ା |
| ୪ । ଗଞ୍ଜାମ | .. ଚିକିଟି ଓ ଗଞ୍ଜାମ ଏଜେନ୍‌ସି |
| ୫ । କୋରାପୁଟ | .. ନବରଙ୍ଗପୁର ଓ କାଶୀପୁର |
| ୬ । ପୁରୀ | .. ଦଶପଲ୍ଲା ଓ ଗଣିଆ |
| ୭ । କଟକ | .. ନରସିଂହପୁର |
| ୮ । ଢେଙ୍କାନାଳ | .. ପାଲଲହଡ଼ା, ହିନ୍ଦୋଳ ଓ ଆଠମଲ୍ଲିକ |
| ୯ । ବାଲେଶ୍ୱର | .. ନିଳଗିରି ଓ ରାଇବଣିଆ |
| ୧୦ । ମୟୂରଭଞ୍ଜ | .. ଠାକୁରମୁଣ୍ଡା |
| ୧୧ । କେନ୍ଦୁଝର | .. ଭୂୟାଁ ପୀଢ଼ ଓ ଜୁଆଙ୍ଗ ପୀଢ଼ |
| ୧୨ । ସମ୍ବଲପୁର | .. ନାକଟି ଦେଉଳ, ପଦ୍ମପୁର, ପାଇକମାଲ |
| ୧୩ । ସୁନ୍ଦରଗଡ଼ | .. ହିମଗିରି |

ବନବିଭାଗ ପରିସର ମଧ୍ୟରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ପାଞ୍ଚଟି ସଂସ୍ଥା କାର୍ଯ୍ୟକାରୀ କରୁଛନ୍ତି । ସେମାନେ ହେଲେ—

(କ) ବନବିଭାଗ

(ଖ) ବନ ବିଭାଗ (କେନ୍ଦୁ ପତ୍ର)

(ଗ) ଓଡ଼ିଶା ବନ ନିଗମ

(ଘ) ଓଡ଼ିଶା ସିମିଳି ପାହାଡ଼ ବନ ଉନ୍ନୟନ ନିଗମ ଓ


(ଙ) ଓଡ଼ିଶା ବୃକ୍ଷରୋପଣ ଉନ୍ନୟନ ନିଗମ ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାପାଇଁ ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟ (ଆନ୍ତର୍ଜାତିକ-ସହଯୋଗ ବିଭାଗ) ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଏକ ଚୁକ୍ତି ୧୯୮୪ ମସିହା ଅକ୍‌ଟୋବର ମାସ ୨୩ ତାରିଖରେ ଦିଲ୍ଲୀଠାରେ ସଂପାଦିତ ହୋଇଅଛି । ଓଡ଼ିଶା ସରକାର ଏହି ପ୍ରକଳ୍ପ ବନ ବିଭାଗରେ ଉପରୋକ୍ତ ଅଂଶୀଦାର କର୍ତ୍ତୃକ କାର୍ଯ୍ୟକାରୀ କରାଇବା ପାଇଁ ସମସ୍ତ ସୁବିଧା ସୁଯୋଗ ଓ ସାଧନ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତିବଦ୍ଧ, ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଆବଶ୍ୟକ ମାତ୍ରାରେ ଖାଦ୍ୟ ସାମଗ୍ରୀ ଯଥା— ଚାଉଳ, ଗହମ, ଡାଲି ଓ ବନସ୍ପତି ତେଲ ଯୋଗାଇ ଦେବେ । ଏହି ପ୍ରକଳ୍ପର ଜଣେ ନିର୍ଦ୍ଦେଶକ ତଥା ସମନ୍ୱୟ ରକ୍ଷକ ( Director-*cum*-Coordinator ) ଅଛନ୍ତି ।

ସେ ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି ଖାଦ୍ୟ ସାମଗ୍ରୀ ବଣ୍ଟନ କରିବେ ଓ ତାହାର ଉପଯୁକ୍ତ ତଦାରଖ କରିବା ସଙ୍ଗେସଙ୍ଗେ ପ୍ରକଳ୍ପର ବିଭିନ୍ନ ସମୟରେ ମୂଲ୍ୟାୟନ, ତଥ୍ୟସଂଗ୍ରହ ଓ ତାହାର ରିପୋର୍ଟ ଓଡ଼ିଶା ସରକାର, ଭାରତ ସରକାର ଓ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବେ । ପ୍ରକଳ୍ପ ନିର୍ଦ୍ଦେଶକ ଓ ସମନ୍ୱୟ ରକ୍ଷକଙ୍କର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ହେଉଛି ପ୍ରକଳ୍ପରୁ ମିଳୁଥିବା ଅର୍ଥ ଶ୍ରମିକ କଲ୍ୟାଣକର ବିଭିନ୍ନ କାର୍ଯ୍ୟରେ ସଦୁପଯୋଗ କରାଯିବା ପ୍ରତି ଦୃଷ୍ଟି ଦେବା ।

## ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରକଳ୍ପ କ'ଣ ଓ ଏହା କିପରି ଶ୍ରମିକ କଲ୍ୟାଣକାରୀ

ଏ ବିଷୟରେ ପାଠକମାନଙ୍କ ମନରେ ପ୍ରଶ୍ନ ଜାତ ହେବା ସ୍ୱାଭାବିକ । ସଂକ୍ଷେପରେ କହିବାକୁ ଗଲେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ବସ୍ତୁତଃ ଏକ "କାମ ବଦଳରେ ଖାଦ୍ୟ" (Food for work) କାର୍ଯ୍ୟକ୍ରମ । ଏହା ଅନ୍ୟାନ୍ୟ ଖାଦ୍ୟ ପ୍ରଦାନକାରୀ କାର୍ଯ୍ୟକ୍ରମଠାରୁ ଅନେକାଂଶରେ ପୃଥକ, ଯଥା— N. R. E. P. ଓ R. L. E. G. P. କାର୍ଯ୍ୟକ୍ରମ ମଧ୍ୟ ଏକ କାମ ବଦଳରେ ଖାଦ୍ୟ କାର୍ଯ୍ୟକ୍ରମ । କିନ୍ତୁ ମଜୁରୀରୁ କିଛି ପରିମାଣରେ ନଗଦ ଟଙ୍କା ଓ ବଳକା ଟଙ୍କା ପରିବର୍ତ୍ତରେ ଦେବକ ଶସ୍ୟ । ଚାଉଳ ବା ଗହମ ବଜାର ଦରଠାରୁ କିଛି ମାତ୍ରାରେ




ଦରରେ ଶ୍ରମିକମାନଙ୍କୁ ଦେବାଛଡ଼ା ଏଥିରେ ଆଉ କିଛି ବୈଶିଷ୍ଟ୍ୟ ନାହିଁ । ପୁନଶ୍ଚ ଯେଉଁ ଶ୍ରମିକମାନେ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ କରନ୍ତି ସେମାନେ ମଜୁରୀ ବାବଦକୁ ନଗଦ ଟଙ୍କା ଓ ଖାଦ୍ୟ ଶସ୍ୟ ଉଭୟ ନେବା ପାଇଁ ବାଧ୍ୟ । କିନ୍ତୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ଶ୍ରମିକମାନେ ବାଧ୍ୟ ନୁହଁନ୍ତି । ସେମାନେ ଏଥିରେ ସ୍ୱେଚ୍ଛାକୃତ ଭାବରେ ଯୋଗ ଦିଅନ୍ତି । ଜଣେ ଶ୍ରମିକ ଦିନକୁ ମଜୁରୀ ସହ ଯେଉଁ ଖାଦ୍ୟ ସାମଗ୍ରୀ ପାଏ, ତାହା ତାର (ପାଞ୍ଚଜଣ ବିଶିଷ୍ଟ) ପରିବାରର ଦିନକର ସୁଷମ ଖାଦ୍ୟ ପାଇଁ ଯଥେଷ୍ଟ ଓ ସର୍ବୋପରି ଖାଦ୍ୟ ସାମଗ୍ରୀ ପ୍ରାପ୍ତିର ପ୍ରତିଦାନ ସ୍ୱରୂପ ସେ ଯେଉଁ ଅର୍ଥ ସ୍ୱେଚ୍ଛାକୃତ ଭାବରେ ପ୍ରକଳ୍ପକୁ ଦିଏ (Voluntary Contribution) ତଦ୍ୱାରା ତାହାର ମାଗଣାରେ ଖାଦ୍ୟ ସାମଗ୍ରୀ ପାଇଲା ପରି ଆତ୍ମଗ୍ଲାନି ରହେ ନାହିଁ । ପୁନଶ୍ଚ ସେହି ଅର୍ଥ ବିନିଯୋଗରେ ଶ୍ରମିକ କଲ୍ୟାଣ କାରୀ କାର୍ଯ୍ୟହିଁ କରାଯାଇଥାଏ, ଯଥା—ପିଇବା ପାଣି ପାଇଁ କୂଅ ଖୋଳିବା, ପୋଖରୀ ଖୋଳିବା, ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଭ୍ରାମ୍ୟମାଣ କେନ୍ଦ୍ର, ଆମୋଦ ପ୍ରମୋଦ ପାଇଁ କୋଠଘର, ପିଲମାନେ ପଢ଼ିବାପାଇଁ ସ୍କୁଲ ଇତ୍ୟାଦି । ଉଦାହରଣ ସ୍ୱରୂପ ୧୦ ଟଙ୍କା ଯଦି ସର୍ବନିମ୍ନ ମଜୁରୀ ଧରାଯାଏ, ତେବେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣେ ଶ୍ରମିକ ତାର ମଜୁରୀ ବାବଦକୁ ୭ ଟଙ୍କା ନଗଦ ଆକାରରେ ପାଇବ । ବଳକା ୩ ଟଙ୍କା ସେ ବନ ବିଭାଗକୁ (W. F. P. Welfare fund)କୁ ସ୍ୱେଚ୍ଛାକୃତ ଦେଣ ଭାବରେ ଦେଇ ପ୍ରତି ବଦଳରେ ୨ ଟଙ୍କା କିଲୋ ଚାଉଳ/ଗହମ, ୨୦୦ ଗ୍ରାମ ଡ଼ାଲି ବା ଚଣା ଓ ୨୦୦ ଗ୍ରାମ ଖାଇବା ବନସ୍ପତି ତେଲ ପାଇବ । ଏହି ଖାଦ୍ୟ ପରିମାଣକୁ ଗୋଟିଏ ଖାଦ୍ୟ ଏକକ ବା ୟୁନିଟ୍ କୁହାଯାଏ । ବର୍ତ୍ତମାନର ବଜାର ଦରରେ ଏହାର ମୂଲ୍ୟ



ଅନ୍ୟୁନ୍ୟ ୧୪ ଟଙ୍କା ହେବ । ଯେହେତୁ ସେ (ଶ୍ରମିକ) ୩ ଟଙ୍କା ପ୍ରତି ବଦଳରେ ୧୪ ଟଙ୍କା ଖାଦ୍ୟ ସାମଗ୍ରୀ ପାଉଛି ତାହାର ମଜୁରୀ ପ୍ରକାରାନ୍ତରେ ୧୪–୩–୧୧ଟଙ୍କା ବଢ଼ିଯାଇଛି ବୋଲି ଧରାଯାଇ ପାରିବ । ଅର୍ଥାତ୍ ତାହାର ଦୈନିକ ମଜୁରୀ ଦ୍ୱିଗୁଣିତ ହୋଇ ଯାଉଛି । ଏଠାରେ ଲକ୍ଷ୍ୟ କରିବା କଥା ଯେ ଏହି କାର୍ଯ୍ୟକ୍ରମ ଦ୍ୱାରା ମଜୁରୀ ବଢ଼ିବା ପ୍ରକ୍ରିୟା ସଙ୍ଗେସଙ୍ଗେ କମ୍ ଦରରେ କୁଟୁମ୍ବ ପାଇଁ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ମଧ୍ୟ ମିଳିପାରିଲା । ଏହି ଯେଉଁ ୩ ଟଙ୍କା ସ୍ୱେଚ୍ଛାକୃତ ଦେୟ ଭାବେ ପ୍ରକଳ୍ପରେ ଗଚ୍ଛିତ ହେଉଛି ତାହାର ପରିମାଣ ପ୍ରକଳ୍ପ ମଧ୍ୟରେ ପ୍ରାୟ ଆଠକୋଟି ଟଙ୍କା ହେବ ଓ ସେଥିରେ ବହୁବିଧ ଶ୍ରମିକ କଲ୍ୟାଣକର କାର୍ଯ୍ୟ କରାଯାଇ ପାରିବ ବୋଲି ବ୍ୟବସ୍ଥା ରହିଛି ।

ପ୍ରକଳ୍ପ ରିପୋର୍ଟରେ ସବୁ ବିଷୟ ଅତି ସାଙ୍ଗକ ଭାବରେ ନିର୍ଦ୍ଧାରଣ କରାଯାଇଛି । ଶ୍ରମିକମାନଙ୍କୁ ପ୍ରକ୍ଷମ ଖାଦ୍ୟ ଆବଶ୍ୟକ ପରିମାଣରେ ଯୋଗାଇ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ଓ କାର୍ଯ୍ୟକାରୀତା କ୍ଷମତା ବଢ଼ାଇବା ଓ ସେମାନଙ୍କର ସର୍ବନିମ୍ନ ଆବଶ୍ୟକତା ମେଣ୍ଟାଇବା ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହା ସଙ୍ଗେସଙ୍ଗେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ସାମଗ୍ରୀ ଯେପରି ଶ୍ରମିକମାନଙ୍କ ହାତକୁ ନ ଯାଏ ଓ ତଦ୍ୱାରା ବଳକା ଖାଦ୍ୟ ସାମଗ୍ରୀ ଯେପରି କଳାବଜାରରେ ବିକ୍ରିହେବା ଅବକାଶ ନରହେ ସେଥିପାଇଁ ମଧ୍ୟ କେତେକ କଟକଣା ଓ ପ୍ରତିବନ୍ଧକର ବ୍ୟବସ୍ଥା ରହିଛି । ମୋଟ ଉପରେ କହିବାକୁ ଗଲେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପୂର୍ଣ୍ଣ ମାତ୍ରାରେ ଏକ ଶ୍ରମିକ ମଙ୍ଗଳକର କାର୍ଯ୍ୟକ୍ରମ ।

ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ପ୍ରକଳ୍ପ ୨୬୮୫ ଓଡ଼ିଶା ସମ୍ବନ୍ଧରେ କେତେକ ଜ୍ଞାତବ୍ୟ ବିଷୟ—


## ମୋଟା ମୋଟି ଭାବେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରକଳ୍ପ 2685, ଓଡ଼ିଶା

| | | |
|---|---|---|
| ପ୍ରକଳ୍ପ ସମୟ | | ୫ ବର୍ଷ ଆରମ୍ଭ–୧୯୮୬ ମସିହା ଏପ୍ରିଲମାସ |
| କେଉଁମାନେ ପ୍ରକଳ୍ପ କାର୍ଯ୍ୟ କରିବେ | | (କ) ଓଡ଼ିଶା ବନ ବିଭାଗ ଟେରିଟୋରିଅଲ ଓ ବନ୍ୟପ୍ରାଣୀ ବନ ଖଣ୍ଡ<br>(ଖ) ଓଡ଼ିଶା ବନ ବିଭାଗ କେନ୍ଦୁପତ୍ର<br>(ଗ) ଓଡ଼ିଶା ବନ ନିଗମ ବନଖଣ୍ଡ<br>(ଘ) ଓଡ଼ିଶା ବୃକ୍ଷରୋପଣ ଉନ୍ନୟନ ନିଗମ<br>(ଙ) ସିମିଳି ପାହାଡ଼ ବନ ଉନ୍ନୟନ ନିଗମ |
| ପ୍ରକଳ୍ପ ଖର୍ଚ୍ଚ | ଟ. ୧୩,୫୭୪ କୋଟି | ମଜୁରୀ ଟ. ୩୨·୪୭୧ କୋଟି<br>ଖାଦ୍ୟ ସାମଗ୍ରୀ ଟ. ୨୬·୮୯୪ କୋଟି<br>Handing Charges ଟ. ୩·୭୯୪ କୋଟି<br>Staff ଟ. ୦·୪୧୫ କୋଟି |
| ମୋଟ ଶ୍ରମ ଦିବସ .. | ୪·୩୩୦ କୋଟି | |
| ମୋଟ ଖାଦ୍ୟ ଦିବସ .. | ୨·୬୩୫ କୋଟି | |
| ମୋଟ ମିଳିବାକୁ ଥିବା ଖାଦ୍ୟ ସାମଗ୍ରୀ | ୬୩,୨୪୦ M.T | ୫୨,୭୦୦.୦୦ M.T ଗହମ + ଚାଉଳ<br>୫,୨୭୦·୦୦ M.T ଡାଲି<br>୫,୨୭୦·୦୦ M.T ବନସ୍ପତି ତେଲ |
| ପ୍ରତି କୁଟୁମ୍ବକୁ ଦୈନିକ ମିଳିବା ଖାଦ୍ୟଦ୍ରବ୍ୟ .. | | ୨,୦୦କିଲୋ ଚାଉଳ+ଗହମ |

| | |
|---|---|
| (Ration) ର ପରିମାଣ | ୦'୨୦୦ ଗ୍ରାମ ଡାଲି ୦'୨୦୦ଗ୍ରାମ ବନସ୍ପତି ତେଲ |
| ସ୍ୱେଚ୍ଛାକୃତ ଭାବେ (Ration) ପ୍ରତି ଶ୍ରମିକମାନଙ୍କ ଦେଣ | ଟ ୩ ଙ୍କା |
| ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଶ୍ରମିକ ମଙ୍ଗଳ ପାଇଁ ଅର୍ଜିତ ପାଣ୍ଠିର ପରିମାଣ | ୭'୯୦୫ କୋଟି ଟଙ୍କା |

ଓଡ଼ିଶାରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଆରମ୍ଭ ହେବାର ଦୁଇବର୍ଷ ବିତି ତୃତୀୟ ବର୍ଷ ଚାଲିଛି । କିନ୍ତୁ କେତେକ ଅସୁବିଧା ବଶତଃ ଏହି ସମୟ ମଧ୍ୟରେ ଆଶାନୁରୂପ ଭାବେ ଖାଦ୍ୟ ସାମଗ୍ରୀ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟମାନଙ୍କରେ ବ୍ୟବହୃତ ହୋଇ ପାରିନାହିଁ । ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ଏକ ପଞ୍ଚମାଂଶ ମଧ୍ୟରେ ସୀମିତ ରହିଛି ।ଏହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ପ୍ରଣିଧାନର ବିଷୟ । ଆଶା କରାଯାଉଛି ଯେ ନିକଟ ଭବିଷ୍ୟତରେ କେତେକ ଅଭାବ ଅସୁବିଧା ଯେଉଁଥିପାଇଁ ପ୍ରକଳ୍ପର ଅଗ୍ରଗତିରେ ବାଧା ଉପୁଜୁଛି, ତାହା ଦୂର କରାଯିବ ଓ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ । ଆମ ପଡ଼ୋଶୀ ରାଜ୍ୟ ମଧ୍ୟପ୍ରଦେଶ ଏହି କାର୍ଯ୍ୟକ୍ରମରେ ବହୁଦୂର ଆଗେଇଛନ୍ତି । ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଓ ଭାରତ ସରକାରଙ୍କୁ ନିବେଦନ କରି ମଧ୍ୟପ୍ରଦେଶ, ଖାଦ୍ୟ ସାମଗ୍ରୀ ପ୍ରାପ୍ତକୁ ଦ୍ୱିଗୁଣିତ କରିପାରିଛନ୍ତି । ରାଜସ୍ଥାନ ପ୍ରଦେଶରେ ମଧ୍ୟ ଏହି କାର୍ଯ୍ୟକ୍ରମ ଖୁବ୍ ସଫଳତାର ସହିତ କାର୍ଯ୍ୟକାରୀ ହେଉଛି । ଆଶା କରାଯାଉଛି ଯେ ବିଳମ୍ବରେ ହେଲେ ମଧ୍ୟ ଓଡ଼ିଶାରେ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ପ୍ରତି ସଂପୃକ୍ତ କର୍ମକର୍ତ୍ତାମାନେ ସଚେତନ ହୋଇ ଯଥେଷ୍ଟ ଆଗ୍ରହ ପ୍ରଦର୍ଶନ କରିବେ ଓ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସାହାଯ୍ୟ କରିବେ । କାରଣ ଓଡ଼ିଶାପରି ଏକ ଅନଗ୍ରସର, ଦରିଦ୍ର ଓ ମରୁଡ଼ି, ବନ୍ୟା ପ୍ରପୀଡ଼ିତ ରାଜ୍ୟ ପାଇଁ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ ଭଗବାନଙ୍କର ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ନିର୍ଦ୍ଦେଶକ ଓ ସଂଯୋଜକ, ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ
ପ୍ରକଳ୍ପ (୨୬୮୫), ଓଡ଼ିଶା, କଟକ ।





# ଓଡ଼ିଶାର ଲୁଣା ଜଙ୍ଗଲ

ଶ୍ରୀ ରାଜୀବ ଲୋଚନ ରଥ

ସାଧାରଣତଃ ଲୋକେ ଶାଳ, ବାଉଁଶ ଓ ସାଗୁଆନ ଜଙ୍ଗଲ ବିଷୟରେ ସହଜରେ ବୁଝିଥାନ୍ତି । ତେଣୁ ଲୁଣା ଜଙ୍ଗଲ ବିଷୟରେ କିଛି ଉପାଦେୟ ତଥ୍ୟ ନ ଦେଲେ ସାଧାରଣ ଲୋକଙ୍କ ପକ୍ଷରେ ଏ ବିଷୟରେ କିଛି ବୁଝିବା କଷ୍ଟକର ।

ମୁଖ୍ୟତଃ ଲୁଣା ଜଙ୍ଗଲ ନଦୀ ଓ ସମୁଦ୍ରର ସଙ୍ଗମ ସ୍ଥଳରେ ବଢିଥାଏ । ଏ ପ୍ରକାର ଜଙ୍ଗଲ ପାଇଁ ଦୈନିକ, ସାପ୍ତାହିକ କିମ୍ବା ପାକ୍ଷିକ ଲୁଣା ପାଣି ମାଡ଼ିବା ନିହାତି ଆବଶ୍ୟକ କିମ୍ବା ପାଣି ନ ମାଡ଼ି ପାରିଲେ ଅନ୍ତତଃ ଜମିରେ କିଛି ଲବଣାଂଶ ଏ ପ୍ରକାର ଜଙ୍ଗଲର ଅଭିବୃଦ୍ଧି ପାଇଁ ନିହାତି ଆବଶ୍ୟକ ।

ଭାରତ ବର୍ଷରେ ଏ ପ୍ରକାର ଲୁଣା ଜଙ୍ଗଲ ପଶ୍ଚିମବଙ୍ଗର ସୁନ୍ଦରବନ (ହୁଗୁଳି ମୁହାଣ) ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ, ବୈତରଣୀ ମୁହାଣ (ଭିତର କନିକା ଓ ହୁକଙ୍ଗ), ଆନ୍ଧ୍ର ପ୍ରଦେଶର ନଦୀ ମୁହାଣ (ଶ୍ରୀ ହରିକୋଟା ପାଖାପାଖି), ଗୁଜୁରାଟ ନଦୀ ମୁହାଣ ଇତ୍ୟାଦିରେ ଦେଖାଯାଇଥାଏ । ଏହା ମଧ୍ୟରେ ଓଡ଼ିଶାର ଉପକୂଳ ଲୁଣା ଜଙ୍ଗଲ ସୁନ୍ଦରବନ ଅପେକ୍ଷା ଆକାରରେ ଛୋଟ ହେଲେ ମଧ୍ୟ ଉଦ୍‌ଭିଦରାଜିର ପ୍ରକାର, ଭେଦ ଓ ବୈଶିଷ୍ଟ୍ୟତା ଦୃଷ୍ଟିରୁ ବୋଧହୁଏ ଭାରତର ଅନ୍ୟତମ । ଦୁର୍ଭାଗ୍ୟବଶତଃ, ଏହି ଜଙ୍ଗଲର ଉପକାରିତା ଓ ବିଶିଷ୍ଟତା ବିଷୟରେ ଲୋକେ ଅନଭିଜ୍ଞ ଥିବା ଦୃଷ୍ଟିରୁ ଏହାର ବିଲୋପ ସାଧନ ଆଗେଇ ଚାଲିଛି । ଏଣୁ ଆଶା କରାଯାଏ ଯେ ନିମ୍ନରେ ଦିଆଯାଇଥିବା ତଥ୍ୟ ଗୁଡ଼ିକ ଲୋକଙ୍କୁ ଏ ବିଷୟରେ ଜ୍ଞାନ ଆହରଣ ପାଇଁ କିଛିଟା ସାହାଯ୍ୟ କରିବ ।

## ଲୁଣା ଜଙ୍ଗଲର ବୈଶିଷ୍ଟ୍ୟତା

ଲୁଣା ଜଙ୍ଗଲରେ ସାଧାରଣତଃ ନିମ୍ନରେ ଦିଆଯାଇଥିବା ଗଛଗୁଡ଼ିକ ଦେଖାଯାଏ । ଯଥା :– ରାଇ, ବନୀ, ଗୁଆ , କେରୁଆଁ ସୁନ୍ଦରୀ ଓ ପିତାମାରି ଇତ୍ୟାଦି । ଏହି ଗଛଗୁଡ଼ିକର କେତେକ ବିଶିଷ୍ଟତା ଥାଏ ।

## Stilt Root ଠେସ ଚେର

ଏହା ପ୍ରକୃତିର ଏକ ସୁନ୍ଦର ବ୍ୟବସ୍ଥା ଯାହାଦ୍ୱାରା ମଝିରେ ମଝିରେ ଦ୍ରୁତ ଗତିରେ ହେଉଥିବା ବାତ୍ୟା ଓ ସମୁଦ୍ର କୁଆରରୁ ଏହି ଗଛଗୁଡ଼ିକ ଉପୁଡ଼ିଯିବାରୁ ରକ୍ଷା ପାଇଥାନ୍ତି । ଭାରତ ଓଡ଼ିଶା ଉପକୂଳବର୍ତ୍ତୀ ସମୁଦ୍ର କୂଳରେ ଘଣ୍ଟାପ୍ରତି ଦୁଇଶହ କିଲୋମିଟର ବେଗରେ ଘୂର୍ଣ୍ଣିବାତ୍ୟା ଓ କୁଆର ହେବାର ଉଲ୍ଲେଖ ଅଛି । ଏହି କୁଆରଗୁଡ଼ିକ କେବେ କେବେ ଆଠ ମିଟର ଉଚ୍ଚରେ କୂଳଲଂଘନ କରିଥାନ୍ତି । ଏହି ଘୂର୍ଣ୍ଣିବାତ୍ୟାରୁ ସାଧାରଣ ଗଛକୁ ରକ୍ଷା କରିବାକୁ ପ୍ରଧାନ ଚେର (Tap Root) ସାହାଯ୍ୟରେ ରକ୍ଷା କରିବା ଅସମ୍ଭବ । ତେଣୁ ପ୍ରକୃତି ଦତ୍ତ ଏହି ଅସଂଖ୍ୟ ଠେସ ଚେର (Stilt Root) ଏହି ପ୍ରକାର ଗଛକୁ ବାତ୍ୟା ହାତରୁ ରକ୍ଷା କରେ । ବାତ୍ୟାଜନିତ ପରି-ସ୍ଥିତିରେ ଏହି ଠେସ ଚେର ଦ୍ୱାରା ଗଛଗୁଡ଼ିକ ନଇଁ ଯାଆନ୍ତି କିନ୍ତୁ ଭାଙ୍ଗି ଯାଆନ୍ତି ନାହିଁ । ଅନ୍ୟ ଭାଷାରେ କହିଲେ, ଲୁଣା ଜଙ୍ଗଲ ହେଉଛି ପ୍ରକୃତର ଉଦ୍‌ଭିଦ ଜଗତର ଏକ ନମନୀୟତାର ଉଦାହରଣ ।

୨ । ସମୁଦ୍ର ଜୁଆରର ନିୟମିତତା ଦୃଷ୍ଟିରୁ କେତେଗୁଡ଼ିଏ ସ୍ଥଳଭାଗ ଉପରେ ଦୈନିକ, ସାପ୍ତାହିକ କିମ୍ବା ପାକ୍ଷିକ ଜୁଆର ମାଡ଼ିଥାଏ ।

ତେଣୁ କରି ଲୁଣା ଜୁଆର ପାଣିରେ ବୁଡ଼ି ରହୁଥିବା ଚେର-ଗୁଡ଼ିକ ଅମ୍ଳଜାନ ଅଭାବରେ ମରିଯିବାର ସମ୍ଭାବନା ଥାଏ । ଅମ୍ଳଜାନ ଆହରଣ କରିବା ପାଇଁ ଚେରଗୁଡ଼ିକ ଜୁଆର ଉଚ୍ଚତା ଟପି ପାଣିଉପରେ ମୁଣ୍ଡ ଟେକି ଥାନ୍ତି । ଏହି ଚେର ଗୁଡ଼ିକୁ ଶ୍ୱାସ ନଳୀ କହିଲେ ଅତ୍ୟୁକ୍ତି ହେବନାହିଁ ।

## 3. ଶ୍ୱସନ ମୂଳ (Pneumat Aphore)

ଏ ପ୍ରକାରର ଚେର କେବଳ ଲୁଣା ଜଙ୍ଗଲରେ ଥିବା ଗଛର ବିଶିଷ୍ଟତା । ସାଧାରଣତଃ ଲୁଣା ଜଙ୍ଗଲର ଗଛଗୁଡ଼ିକ ବେଶୀ ଉଚ୍ଚ ହୋଇ ନ ଥାନ୍ତି । ଏହାର କାରଣ ହୋଇପାରେ ଯେ, ସମୁଦ୍ର କୂଳରେ ହେଉଥିବା ଘୂର୍ଣ୍ଣିବାତ୍ୟା ଦୃଷ୍ଟିରୁ ବେଶୀ ଉଚ୍ଚ ଗଛଗୁଡ଼ିକ ସମ୍ଭାଳିବା କଷ୍ଟକର । ତେଣୁ କରି ପ୍ରାୟ ସମସ୍ତ ଗଛ ମଧ୍ୟମ କିମ୍ବା ଅଳ୍ପ ଉଚ୍ଚତା ବିଶିଷ୍ଟ ହୋଇଥାନ୍ତି ।

୪ । ଏହି ଗଛଗୁଡ଼ିକ ସବୁ ସମୟରେ ଲୁଣା ପାଣିରେ ବୁଡ଼ି ରହୁଥିବାରୁ କିମ୍ବା ତା ସଂସ୍ପର୍ଶରେ ଆସୁଥିବାରୁ ସେଥିରୁ ଲୁଣି ଅଂଶ ନିର୍ଗତ କରିବାର କେତେକ ଗ୍ରନ୍ଥି ଦେଖିବାକୁ ମିଳିଥାଏ ।

୫ । ସମୁଦ୍ର କୂଳିଆ ଯାଗା ସବୁବେଳେ ସନ୍ତସନ୍ତିଆ ରହୁଥିବାରୁ ଓ ଜୁଆର ମାଡ଼ିଯାଉଥିବାରୁ ଗୁରା ଗଛ ଉଧେଇବା କଷ୍ଟକର । ତେଣୁ ପ୍ରକୃତିର ଏକ ସୁନ୍ଦର ବ୍ୟବସ୍ଥା ଅନୁଯାୟୀ ମଞ୍ଜିଗଡ଼ିକ ଫଳରୁ ପଡ଼ିବା ଆଗରୁ ଅଙ୍କୁରୋଦ୍‌ଗମ ହୋଇ ତଳେ ପଡ଼େ । (Vivipary) ଓ ସଙ୍ଗେସଙ୍ଗେ ଗୁରା ଗଛରେ ପରିଣତ ହୁଏ । ଏହି ପ୍ରକାର ପ୍ରକୃତିର ସୃଜନା ବୋଧହୁଏ ଆଉ କୌଣସି ପରିସ୍ଥିତିରେ ଦେଖାଯାଇ ନ ଥାଏ । ଏହା ଲୁଣା ଜଙ୍ଗଲର ଏକ ବୈଶିଷ୍ଟ୍ୟ ।

ଉପରୋକ୍ତ ବୈଶିଷ୍ଟ୍ୟତାରୁ ଏହା ଅକ୍ଳେଶରେ ଅନୁମାନ କରାଯାଇ ପାରେ ଯେ ଲୁଣା ଜଙ୍ଗଲ ପ୍ରକୃତିର ଏକ ବିଶିଷ୍ଟ ଅବଦାନ । ଏହା କେବଳ କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବର୍ଦ୍ଧି-ପାରେ । ତେଣୁ ଥରେ ଏହାର ବିଲୋପ ସାଧନ ହେଲେ ଏହାକୁ ଫେରି ପାଇବା କଷ୍ଟକର ।

## ଲୁଣା ଜଙ୍ଗଲର ଉପାଦେୟତା

୧ । ଏହା ଏକ ପ୍ରକାର ଜଂଗଲ, ଯାହାକି କେବଳ ନୂତନ ବେଳାଭୂମି ସୃଷ୍ଟି କରିବାରେ ସହାୟକ ହୋଇଥାଏ । କାରଣ ନଦୀର ଉପର ମୁଣ୍ଡରୁ ଆସୁଥିବା ପଟୁମାଟି ଲୁଣା ଜଂଗଲର ସଂସ୍ପ ଚେରମୂଳ ଦ୍ୱାରା ଛାଣିହୋଇ ନୂତନ ସ୍ଥଳଭାଗ ସୃଷ୍ଟି କରିଥାଏ । ଅପର ପକ୍ଷରେ ସାମୁଦ୍ରିକ ସ୍ରୋତରେ ଜଂଗଲରେ ଆସୁଥିବା ବାଲୁକାରାଶି ଏହି ଗଛର ଚେରମୂଳ ଦ୍ୱାରା ବାଧାପ୍ରାପ୍ତ ହୋଇ ନୂତନ ବେଳାଭୂମି ସୃଷ୍ଟି କରିଥାଏ । ଉପରୋକ୍ତ ବିଷୟରେ ସବିଶେଷ ଅନୁଧ୍ୟାନ କରିଥିବା ପୂର୍ବତନ କନିକା ମହାରାଜ, ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜଦେଓ ଉଲ୍ଲେଖ କରିଛନ୍ତି ଯେ ଏହି ଲୁଣା ଜଂଗଲଦ୍ୱାରା ଆମର ସ୍ମୃତି କାଳରେ ଅନ୍ୟୁନ ୧୦,୦୦୦ ଏକର ଓଡ଼ିଶା ଭୂଖଣ୍ଡରେ ମିଶି ପାରିବାରେ ସାହାଯ୍ୟ କରିଛି । ନୂତନ ଜମି ସୃଷ୍ଟି କରିପାରିବା କ୍ଷମତା ବୋଧହୁଏ ଆଉ କୌଣସି ପ୍ରାକୃତିକ ଉପାୟରେ ସମ୍ଭବ ନୁହେଁ ।

ପରେପରେ ପ୍ରକୃତିର ବିଚିତ୍ର ବ୍ୟବସ୍ଥା ଦ୍ୱାରା କେତେଗୁଡ଼ିଏ ଗଛର ମଂଜି (ଯଥା: ଗରି, ବଂଦରୀ ପ୍ରଭୃତି) ଯାହାକି ଫଳରୁ ଅଲଗାହେବା ଆଗରୁ ଅଂକୁରୋଦ୍‌ଗମ ହୋଇଥାଏ, ତାହା ଆପେ ଆପେ ପଡ଼ି ଏହି ନୂତନ ଭୂମିଖଣ୍ଡରେ ନୂତନ ଜଂଗଲ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ଏମାନଂକୁ ପ୍ରାଥମିକ ବୃକ୍ଷୋପନିବେଶ (Primary Colonization) କୁହାଯାଏ । ସେଗୁଡ଼ିକ ହେଲେ କେରୁଆଁ, ଗରି ଓ ବନୀ ଇତ୍ୟାଦି । ଉପରୋକ୍ତ ବିଷୟରୁ ସହଜରେ ଅନୁମେୟ ଯେ ଏହିପ୍ରକାର ପ୍ରକୃତି ଦତ୍ତ ସଂଘଟନ (Phenomena) ବୋଧହୁଏ ଅନ୍ୟ କୌଣସି ଜଂଗଲ କିମ୍ବା ଉଦ୍‌ଭିଦ ଜଗତରେ ସମ୍ଭବନୁହେଁ । କିନ୍ତୁ ଏହା ଦୟନୀୟ ଯେ ପ୍ରକୃତିର ଏହି ବିରାଟ ଅବଦାନକୁ ମାନବ ସମାଜ ବ୍ୟବହାର କରିବା ପରିବର୍ତ୍ତେ ତାକୁ ଅବିଚାରିତ ଭାବେ ନଷ୍ଟ କରିବାରେ ଲାଗିଛନ୍ତି ।

## ଲୁଣା ଜଙ୍ଗଲର ବାତ୍ୟା ପ୍ରକୋପରୁ ରକ୍ଷା କରିବାର ଉପକାରିତା

୧୯୭୧ ମସିହା ଅକ୍ଟୋବର ଶେଷ ସପ୍ତାହରେ ଓଡ଼ିଶା ଉପକୂଳରେ ଏକ ବିରାଟ ପ୍ରଳୟଂକରୀ ଘୂର୍ଣ୍ଣିବାତ୍ୟା ପ୍ରାୟ ଏକ ଶହ ଅଶୀ କିଲୋମିଟର ବେଗରେ କୂଳ ଲଂଘନ କରିଥିଲା । ଏହାର ବିଭିଷୀକାରେ ଅନ୍ୟ କ୍ଷୟକ୍ଷତି ସଂଗେ ସରକାରୀ କଳନାରେ ୧୦,୦୦୦ (ଯେଦିଓ ପ୍ରକୃତ ସଂଖ୍ୟା ଯଥେଷ୍ଟ ବେଶୀ) ଲୋକ ପ୍ରାଣ ହରାଇଥିଲେ । ପ୍ରକୃତରେ କିନ୍ତୁ ମୋଟାମୋଟି ଭାବରେ ଯେତେବେଳେ ଦେଖାଯାଇଥିଲା ଯେ ଯେଉଁ ଅଂଚଳରେ କିଛି ଲୁଣା ଜଂଗଲ ରହିଥିଲା (ଯଥା: ଧାମରାର ଉତ୍ତରରେ ଥିବା ବନପାହି, କୁଜଂଗର ଖରନାସି, କନିକାର ଭିତରକନିକା ଇତ୍ୟାଦି) ଓ ତା ଅନୁପାତରେ ଘୂର୍ଣ୍ଣିବାତ୍ୟାର ଗତିର ବିପରୀତ ଦିଗରେ (Leeward side) ମୃତ୍ୟୁ ସଂଖ୍ୟା ଯଥେଷ୍ଟ କମ୍‌ଥିଲା । ଏହାର ଏକମାତ୍ର କାରଣ ଲୁଣାଜଂଗଲ, ଯାହାକି ଘୂର୍ଣ୍ଣିବାତ୍ୟାର ଅନିଷ୍ଟକାରୀ ପ୍ରଭବକୁ ଯଥେଷ୍ଟ ଲାଘବ କରିପାରେ ଏବଂ ସେହି -ସମୟ ଭିତରେ ଲୋକମାନେ ବିପଦର ଆଶଂକା ଅବଗତହୋଇ ଉଚ୍ଚ ସ୍ଥାନକୁ ଯାଇପାରନ୍ତି ।

ଲୁଣା ଜଂଗଲର ଉପରୋକ୍ତ ଉପକାରିତା ଉପଲବ୍‌ଧିକରି ସେତେବେଳେ ଓଡ଼ିଶା ସରକାର ନିତୀଗତ ଭାବରେ ସ୍ଥିର କରିଥିଲେ ଯେ ସମୁଦ୍ର ଉପକୂଳରେ ଏକ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଲୁଣା ଜଂଗଲ ଲଗାଇବା ହେଉଛି ଏକମାତ୍ର ଉପାଦେୟ ବ୍ୟବସ୍ଥା ।

କିନ୍ତୁ ତା'ପରେ ପରେ ଜଂଗଲ ଲଗାହେଲା ସତ, କିନ୍ତୁ ଲୁଣାଜଂଗଲ ଲଗେଇବାରେ ବିଶେଷ ଅଗ୍ରଗତି ହୋଇପାରିଲନାହିଁ,

ଦ୍ରୁତଗାମୀ ବାତ୍ୟାର ପ୍ରକୋପକୁ ସାମନା କରିବାରେ ଲୁଣା ଜଙ୍ଗଲର ଯେତେ ଉପାଦେୟତା ରହିଛି ଅନ୍ୟ ଜଙ୍ଗଲ, ତଥା : ଝାଉଁ, କାଜୁବାଦାମ ଇତ୍ୟାଦିର ସେ କ୍ଷମତା ନାହିଁ, କାରଣ, ଝାଉଁ, କାଜୁବାଦାମ ଆଦି ଲୁଣାପାଣିରେ ମୋଟେ ବଂଚି ପାରନ୍ତି ନାହିଁ । ତେଣୁ ବାତ୍ୟା ଓ ଜୁଆରରେ ପ୍ରକୋପକୁ କମାଇବା ଦିଗରେ ଏମାନେ ସହାୟକ ହେବା ଅସମ୍ଭବ । ଏସବୁ ଦୃଷ୍ଟିରୁ ଏହା ସହଜରେ ଅନୁମେୟ ଯେ ଲୁଣାଜଂଗଲକୁ ରକ୍ଷାକରିବା ଓ କଟି ଯାଇଥିବା ଜଂଗଲକୁ ପୁନରୁଦ୍ଧାର କରିବା ସର୍ବତୋଭାବେ ବିଧେୟ ।

ଲୁଣାଜଂଗଲରେ ବିବିଧ ଉଦ୍ଭିଦ ଜୀବନ ଓ ଅଣୁ ଏବଂ ଜୀବାଣୁ ଏକପ୍ରକାର ସୁରକ୍ଷିତ ଜୀବାଗାର (Zoo Plankton) ତିଆରି କରିଥାନ୍ତି, ଯାହାକି ଚିଂଗୁଡ଼ିର ଖାଦ୍ୟରୂପେ ବ୍ୟବହାର ହୋଇଥାଏ । ତେଣୁ ଲୁଣାଜଂଗଲ ମଧ୍ୟ ଚିଂଗୁଡ଼ିପାଇଁ ଖାଦ୍ୟର ସହାୟକ ହୋଇଥାଏ । ପୁଣି ଏହା ମତ୍ସ୍ୟ ଜୀବନ ଉପରେ ନିର୍ଭର କରୁଥିବା ଲୁଣା କୁମ୍ଭୀରର ଖାଦ୍ୟରୂପେ କାମ କରିଥାଏ, ଯାହାକି ଭାରତର କେବଳ ସୁନ୍ଦରବନ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ଛାଡ଼ିଦେଲେ ଅନ୍ୟ କୌଣସିଠାରେ ଦେଖାଯାଆନ୍ତି ନାହିଁ । ଏହା ଭିତରକନିକାର ନଦୀରେ ଓ ଅସଂଖ୍ୟ ପାଣି ନାଳୀରେ ରହିଥାନ୍ତି ।

ସମୁଦ୍ର ଉପକୂଳରେ ନଦୀ ମୁହାଣରେଥିବା ବିସ୍ତୃତ ଜଂଗଲ ଜାଳେଣିକାଠ ଓ ଗୃହତିଆରି ଉପକରଣ ପାଇଁ ସ୍ଥାନୀୟ ଲୋକେ ବ୍ୟବହାର କରିଆନ୍ତି । ଏହାର ନିରାକରଣ ପାଇଁ ଅନ୍ୟ କୌଣସି ବ୍ୟବସ୍ଥା କରାଯାଇପାରିବ ନାହିଁ । ତେଣୁ ସ୍ଥାନୀୟ ଲୋକେ ଏହାଉପରେ ନିର୍ଭର କରିବା ଅପରିହାର୍ଯ୍ୟ ।

ଲୁଣା ଜଂଗଲରେ ଅନେକ ଉପାଦେୟ ବସ୍ତୁର ସଂଧାନ ରହିଛି ଯାହାକି ଗୋଟି ଗୋଟିକରି କଳନା କରିବା ଏହି ପ୍ରବଂଧର ଉଦ୍ଦେଶ୍ୟ ନୁହେଁ । ଏହି ଜଂଗଲରୁ ବିଭିନ୍ନ ଫଳ, ପଶୁ ଚମଡ଼ା କସିବା ଉପକରଣ (Tranning Material) ଗୁଳୁଇତା ଇତ୍ୟାଦି ମିଳିଥାଏ । ନାନାପ୍ରକାର ମହୌଷଧି, ଜାଲ ତିଆରି କରିବା ତନ୍ତୁ, ଦିଆସିଲି କାଠି ପାଇଁ ଲାଗୁଥିବା ଗୁଆଗଛ ମଧ୍ୟ ଏଠାରେ ଦେଖାଯାଇଥାଏ । ପ୍ରଚଣ୍ଡ ବିଷଧର ସର୍ପ, ଯଥା: ଅହିରାଜ ଏହି ଜଂଗଲରେ ଦେଖାଯାଆନ୍ତି । ଏହାର ବିଷ, ଜୀବବିଷ ପ୍ରତିରୋଧକାରୀ ଅନ୍ତଃକ୍ଷେପ (Antivenom Injection) ତିଆରିରେ ଲାଗିଥାଏ ।

ଉପରବର୍ଣ୍ଣିତ ତଥ୍ୟରୁ ସହଜରେ ଅନୁମେୟ ଯେ ଲୁଣା ଜଙ୍ଗଲର ଉପାଦେୟତା ଅନ୍ୟ ଯେ କୌଣସି ଜଙ୍ଗଲ ଅପେକ୍ଷା ଯଥେଷ୍ଟ ବେଶୀ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯେ ବିଗତ ତିନି ବା ଚାରି ଦଶନ୍ଧି ହେଲା ଏହି ଜଙ୍ଗଲକୁ ସମୂଳେ ବିନାଶ କରିବାକୁ କେହି ପଛାଉ ନାହାନ୍ତି । ଏହାର ଏକମାତ୍ର କାରଣ ହେଲା ଯେ ଲୁଣା ଜଙ୍ଗଲର ମାଟି ଅତ୍ୟନ୍ତ ଉର୍ବର ହୋଇଥିବାରୁ ବିନା ପରିଶ୍ରମରେ ପ୍ରଚୁର ଖାଦ୍ୟ ଶସ୍ୟ ମିଳିପାରେ । ଲୁଣା ଜମିରେ ବଞ୍ଚି ପାରୁଥିବା ଧାନ କିସମର ବ୍ୟବହାର ପଶ୍ଚିମ ବଙ୍ଗର ଅଧିବାସୀମାନଙ୍କୁ ଜଣା ।

## ଲୁଣା ଜଙ୍ଗଲର ଅଧୋଗତି

ପ୍ରଚଳିତ ପ୍ରଥା ଅନୁସାରେ, ଏ ଜମିରେ ହଳ କରିବା କିମ୍ବା ଧାନ ରୋଇବା ପ୍ରଣାଳୀ ମୋଟେ ଦରକାର ନ ଥିବାରୁ ବହୁ ସଂଖ୍ୟାରେ ଲୋକ ପଶ୍ଚିମ ବଙ୍ଗରୁ ଆସି ଜମିଦାରମାନଙ୍କଠାରୁ ଲିଜ୍ ସୂତ୍ରରେ ଜଙ୍ଗଲ ସଫା କରି ଧାନ ଚାଷ କରିଥାନ୍ତି । ଲୁଣା ଜଙ୍ଗଲକୁ ସମୂଳେ ବିଲୋପ ସାଧନର ଅତି ସହଜ ପନ୍ଥା ହେଉଛି ଯେ ଏହା ମଧ୍ୟକୁ ଲୁଣା ପାଣି ପ୍ରବେଶ ବନ୍ଦ କରିବା । ଏହି ଚାଷ କରିବା ଦ୍ୱାରା ଲୁଣା ବନ୍ଦ ହୋଇଯାଇ ଏହା ପରେ ପରେ ଲୁଣା ଜଙ୍ଗଲ ଆପେ ଆପେ ମରିଯାଏ ଏବଂ ଉପରୋକ୍ତ ପ୍ରଣାଳୀରେ ପ୍ରଚୁର ଧାନ ଚାଷର ସୁବିଧା ହୋଇଥାଏ । ଗୋଟିଏ କଥା ଆହୁରି ଦୁଃଖଦାୟକ ଯେ ଏ ଜବରଦଖଲକାରୀ ପଶ୍ଚିମ ବଙ୍ଗୀୟ ଚାଷୀମାନେ ବିନା ଖଜଣାରେ ବର୍ଷ ପରେ ବର୍ଷ ପ୍ରଚୁର ଧାନ ଉତ୍ପାଦନ କରି ସୁବିଧା ଉପାୟରେ ଅର୍ଥ ଉପାର୍ଜନ କରିଥାନ୍ତି । ଉପରୋକ୍ତ ପ୍ରଣାଳୀରେ ହ୍ରାସ ପାଇଥିବା ଲୁଣା ଜଙ୍ଗଲର ପରିମାଣ ୭୬ ବର୍ଗ କିଲୋମିଟର (୧୯,୦୦୦ ଏକର) । ତେଣୁ କରି ଅନ୍ତତଃ ପକ୍ଷରେ ଯାହା କିଛି ଲୁଣା ଜଙ୍ଗଲ ରହିଯାଇଛି ଅନ୍ତତଃ ତା'ର ରକ୍ଷା ହେଉଛି ସମସ୍ତଙ୍କର କର୍ତ୍ତବ୍ୟ । କାରଣ ଥରେ ଏ ପ୍ରକୃତି ଦତ୍ତ ବନାନୀ ନଷ୍ଟ ହେଲେ ତାହାକୁ କୃତ୍ରିମ ଉପାୟରେ ଆଉ ଥରେ ପୁନରୁଦ୍ଧାର କରିବା ଆମର ସାମର୍ଥ୍ୟର ବାହାରେ ।

ଆଶା କରାଯାଏ ବିଶେଷ କରି ଉପକୂଳବର୍ତ୍ତୀ ଓଡ଼ିଶାବାସୀ ଏହାର ଉପକାରିତା ଉପଲବ୍ଧି କରିବେ ଏବଂ ପ୍ରକୃତିର ଏହି ମହାନ୍ ଅବଦାନକୁ ରକ୍ଷା କରିବାରେ ସହାୟକ ହେବେ ।


ଅତିରିକ୍ତ ମୁଖ୍ୟ ବନ ସଂରକ୍ଷକ
(ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ
ତତ୍ତ୍ୱାବଧାରକ, ଓଡ଼ିଶା, ଭୁବନେଶ୍ୱର

"ମାନବିକ କ୍ରମ ବିକାଶର ଉଚ୍ଚ ସୋପାନକୁ ଉଠିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମନ୍ଦ ପ୍ରବୃତ୍ତିକୁ ଜୟ କରିବ । ପ୍ରେମ ଓ ଅହିଂସା ମାଧ୍ୟମରେ ସତ୍ୟର ସନ୍ଧାନ କରିବ ଏବଂ ସତ୍ୟ ଉପରେ ଆଧାରିତ ଜୀବନଯାପନ କରିବ । ପ୍ରେମ-ସେବା-ତ୍ୟାଗ ଓ ଗଠନମୂଳକ କାର୍ଯ୍ୟରେ ଅର୍ପିତ ଜୀବନହିଁ କାମନୀୟ । ଆପଣ ଯେଉଁ ସତ୍ୟକୁ ଦେଖି ପାରୁଛନ୍ତି, କାଳେ ଅନ୍ୟ ଲୋକ ସେହି ସତ୍ୟକୁ ଦେଖି ପାରୁ ନ ଥିବେ, ସେଥିପାଇଁ ଆପଣ ପ୍ରେମ, ସେବା ଓ ତ୍ୟାଗ ଦ୍ୱାରା ତାଙ୍କ ମନରେ ଆପଣଙ୍କର ସତ୍ୟକୁ ସାବ୍ୟସ୍ତ କରାଇ ତାଙ୍କୁ ନିଜ ମତକୁ ଆଣିବେ । ତାଙ୍କ ଉପରେ ଚାପ ବା ହିଂସା ପ୍ରୟୋଗ କରି ଆପଣଙ୍କ ସତ୍ୟକୁ ତାଙ୍କ ଉପରେ ଲଦି ଦେବେ ନାହିଁ ।

ମହାତ୍ମା

OGP—MP-VI (I. & P. R.) 28—10,000—1-10-1988







O-05/88
Licence No. C. R. N. P. 5—Licensed to post without Pre-Payment



# ଉତ୍କଳ ପ୍ରସଙ୍ଗ

